Digitized by srujanika@gmail.com

ଲେଖକଙ୍କର ଜନ୍ମ ପୁରୀରେ ୧୯୨୮ ମସିହାରେ । ପୁରୀ ଜିଲ୍ଲାସ୍କୁଲ ଓ ପୁରୀ କଲେଜରେ ପଢ଼ିବା ପରେ, ସେ କଲିକତା ବିଶ୍ୱବିଦ୍ୟାଳୟରେ ମନସ୍ତତ୍ତ୍ୱବିଜ୍ଞାନ ଅଧ୍ୟୟନ କରିଥିଲେ । ତା'ପରେ କେନ୍ଦ୍ରୀୟ ରାଜସ୍ୱ ସେବାରେ ଯୋଗ ଦେଇ, ଯେଉଁ ବିପୁଳ ଅଭିଜ୍ଞତା ଅର୍ଜନ କରିଥିଲେ ତାହାର ଫଳଶ୍ରୁତି ହେଉଛି 'ମୁଖର ଅତୀତ' ।

ସ୍କୁଲରେ ପଢ଼ିବା ସମୟରୁ ତାଙ୍କର ସାହିତ୍ୟିକ ଲେଖାପ୍ରତି ଅନୁରାଗ ଥିଲା । "ଶଙ୍ଖ" ପ୍ରଭୃତି ପତ୍ରିକାରେ ତାଙ୍କର ଲେଖା ସ୍ଥାନ ପାଇଥିଲା । ସେବାନିବୃତ୍ତ ହେବା ପରେ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇଛି । ସେ ଗୌରୀଶଙ୍କର ସ୍ମୃତିସଂସଦର ସଭାପତି ଓ ରାମକୃଷ୍ଣ ମିଶନର ପରିଚାଳନା ସମିତିର ସଭ୍ୟ ଅଛନ୍ତି । ଏହା ଛଡ଼ା କେତେକ ଜନହିତକର ସଂସ୍ଥା ସହିତ ସଂପୃକ୍ତ ।

Digitized by srujanika@gmail.com

ମୁଖର ଅତୀତ

ଶ୍ରୀ କାର୍ତ୍ତିକ ଚନ୍ଦ୍ର ଗନ୍ଧ

Digitized by srujanika@gmail.com

ମୁଖର ଅତୀତ

ଲେଖକ :

ଶ୍ରୀ କାର୍ତ୍ତିକ ଚନ୍ଦ୍ର ଗୁଡ

୧୯୭, ବାପୁଜୀନଗର

ଭୁବନେଶ୍ୱର-୯

ପ୍ରକାଶକ :

ନନ୍ଦନୀ ପ୍ରକାଶନ

୧୯୭, ବାପୁଜୀନଗର

ଭୁବନେଶ୍ୱର-୯

ପ୍ରଚ୍ଛଦ ଶିଳ୍ପୀ :

ଶ୍ରୀ ଅସିତ୍ ମୁଖାର୍ଜୀ

ମୁଦ୍ରଣ :

ନବଜୀବନ ପ୍ରେସ

ବୁଦ୍ଧନଚୌକ, କଟକ-୨

ମୂଲ୍ୟ :

ଟ ୪୦.୦୦

Digitized by srujanika@gmail.com

ଉତ୍ସର୍ଗ

ସ୍ନେହର ଉତ୍ସ ମୋର ପିତାମାତାଙ୍କର
ଚରଣକମଳରେ ମୋର ବିନୀତ ନୈବେଦ୍ୟ—
ଏହି "ମୁଖର ଅତୀତ" ।

କାର୍ତ୍ତିକ

Digitized by srujanika@gmail.com

ଲେଖକ

Digitized by srujanika@gmail.com

—ଅବତରଣିକା—

ହେ ଅଶାନ୍ତ ! କଥା କହ, କଥା କହ····· ଧ୍ୱନି ଅନ୍ତରର ଗହ୍ୱରତମ ପ୍ରଦେଶରୁ ଅହରହ ଉଠୁଥିଲା । କର୍ମରୁ ଅବସର ଗ୍ରହଣ ପରେ, ମଣିଷ ବୃଥା ଭାଳି ଭାଳି ଅଶାନ୍ତକୁ ଉଦ୍‌ବୋଧନ ହିଁ ଦେଇଥାଏ । ମୋ କ୍ଷେତ୍ରରେ ମଧ୍ୟ ସେଥିରୁ କୌଣସି ବ୍ୟତିକ୍ରମ ହେଲା ନାହିଁ । ଖାଲି ଭାବି ଭାବି ସମୟ କଟୁଥାଏ । ଏତିକିବେଳେ ମୋ ପାଖରେ ଆସି ପହଞ୍ଚିଲେ ଖ୍ୟାତିମାନ୍ ଅଧ୍ୟାପକ ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) । ବହୁଦିନ ପରେ ଦେଖା ହେବାରୁ ମନରେ ଏକ ଆନନ୍ଦର ଜୁଆର ଆସିଲା । ଆମ୍ଭେମାନେ ବାଳସାହି ସ୍କୁଲ, ପୁରୀ ଜିଲା ସ୍କୁଲରେ ଛାତ୍ର ଥିଲୁ । ସେ କାଳର ଅନେକ ସ୍ମୃତିଚାରଣ କରିବାକୁ ଲାଗିଲୁ । ଦୋ ପରର ଘଣ୍ଟା ଚାଲିଯାଏ । ମାତ୍ର ଆମ କଥା ଶେଷ ହୁଏ ନାହିଁ ।

ଦିନେ କହିଲେ, ଆପଣ ଲେଖୁନାହାନ୍ତି କାହିଁକି ? ମୁଁ ତ ଆପଣଙ୍କର କବିତା ପଢ଼ିଛୁ "ମହୋଦଧି"ରେ, ଆମ ସ୍କୁଲ ପତ୍ରିକାରେ ପିଲାଦିନେ । ମୁଁ ଡରିଗଲି, କହିଲି, ଆପଣମାନେ ପଣ୍ଡିତ ଲୋକ । କେତେ ଜ୍ଞାନ ଆହରଣ କରିଛନ୍ତି । ଲୋକେ ଆପଣଙ୍କ କଥା ଆଗ୍ରହରେ ଶୁଣୁଛନ୍ତି । ଆଉ ମୋପରି ଦରପାଠୁଆ କିଛି ଲେଖିଲେ ତାକୁ କିଏ କାହିଁକି ପଢ଼ିବ ? ଜାନକୀବାବୁ କିନ୍ତୁ ତାଙ୍କ କଥାରେ ଅଟଳ । ଯେତେବେଳେ ଦେଖାହୁଏ ସେହି ଏକା କଥା । "କ'ଣ ଲେଖା ଆରମ୍ଭ କଲେ ?"

ଆଉ ଯାଏ କୁଆଡ଼େ । ଦିନେ ଡରି ଡରି ସତକୁ ସତ ଲେଖିବାକୁ ଆରମ୍ଭ କଲି । ପ୍ରାୟ ପନ୍ଦର ପୃଷ୍ଠା ଲେଖିଗଲି । ସେ ଆସି ପହଞ୍ଚିଲେ । ତାଙ୍କୁ ଶୁଣାଇଲି । ସେ ମୋତେ ଉତ୍ସାହ ଦେଇ କଟକ ଚାଲିଗଲେ ପୁଅ ପାଖକୁ । ପ୍ରାୟ ପନ୍ଦର କୋଡ଼ିଏ ଦିନ ପରେ ଫେରିଲେ । ପୁଣି ଆସି ପହଞ୍ଚିଲେ । ସେତେବେଳକୁ ମୋର କ୍ଷୁଦ୍ରବୁଦ୍ଧିରୁ କ୍ଷୁଦ୍ରତର ଲେଖାଟି ଶେଷ ହୋଇଯାଇଥିଲା, ପ୍ରାୟ ଦୁଇଶହ ପୃଷ୍ଠାର ।

Digitized by srujanika@gmail.com

* *

ତାଙ୍କୁ ଶୁଣାଇଲି । ସେ ଅତି ସାରଗର୍ଭକ ସୂଚନା ଦେଲେ ସଂଶୋଧନର । ମନକୁ ସାହସ ଆସିଲା । ତାଙ୍କ ଅନୁପ୍ରେରଣାରେ ରଚିତ ହେଲା —"ମୂଖର ଅତୀତ" ।

ଏହା ମୋର ଅତି ନଗଣ୍ୟ ଜୀବନର ଅଭିଜ୍ଞତା ସଂକଳିତ ଏକ ଧ୍ୟାନମୟ ଆଲେଖ୍ୟ । ଧର୍ମମୂର୍ତ୍ତି-ସତ୍ୟ ଉପରେ ପ୍ରତିଷ୍ଠିତ । ଅନ୍ତରାଳ ସୃଷ୍ଟି ପାଇଁ ମାତ୍ର କେତୋଟି ନାମ ବଦଳାଇ ଦେଇଛି । ସାମାନ୍ୟ ଅଳଙ୍କରଣ ବର୍ଣ୍ଣନା ସମ୍ଭୂତ । କୌଣସି ବାହୁଲ୍ୟ-ବର୍ଜ୍ଜିତ ସାଧାରଣ ଲେଖାଟିଏ ।

ମାତ୍ର ଏଥିରେ ଜଡ଼ିତ ଅଛି ମୋ ପ୍ରାଣର ସ୍ପନ୍ଦନ ; ଏହା ବହୁଳ ବିକ୍ଷିପ୍ତ ଚିନ୍ତାବୀଜର ଏକତ୍ର ସମାବେଶ ; ସମାଜର ବିଶେଷ ସମସ୍ୟା, ସଂକଟ ଓ ମୂଲ୍ୟବୋଧକୁ ନେଇ ବହୁ ସଂଳାପ ; କେତେକଙ୍କୁ ତାହା ବିଳାପ ବା ପ୍ରଳାପ ମଧ୍ୟ ମନେ ହୋଇପାରେ । ମାତ୍ର ସେଗୁଡ଼ିକ ମୋର ଜୀବନ-ଦର୍ଶନର ପ୍ରତିବିମ୍ବ ; ଅନ୍ତରତମ ହୃଦୟରୁ ଉଠିଥିବା ଆବର୍ତ୍ତର ତରଙ୍ଗ ରାଶି ।

ଏହାଛଡ଼ା ପାଠକମାନଙ୍କୁ ଅର୍ଘ୍ୟରୂପେ ଅର୍ପଣ କରିବାର କୌଣସି ବହୁମୂଲ୍ୟ ଉପହାର ମୋ ପାଖରେ ଅବଶିଷ୍ଟ ନାହିଁ ; ନାହିଁ ଜ୍ଞାନ-ସାଗରର ପ୍ରଭାବରେ ବିକଶିତ ପାଣ୍ଡିତ୍ୟ ବା ଗଭୀର ଅବଗାହି ଶକ୍ତି ପ୍ରକାଶର ଧୃଷ୍ଟତା । ଅଛି କେବଳ ସହଜ, ସରଳ ଅନୁଭୂତିର ସିଧାସଳଖ ବର୍ଣ୍ଣନା । ଯଦି ଏହି ସାଧାରଣ ବସ୍ତୁ ପାଠକମାନଙ୍କର ଗ୍ରହଣ ଯୋଗ୍ୟ ହୁଏ ତେବେ ନିଜକୁ ଧନ୍ୟ ମନେ କରିବି ।

ବହୁ ସାଧୁ, ସନ୍ଥ, ଅଧ୍ୟାପକ, ଶିକ୍ଷକ, ବନ୍ଧୁ, ଶୁଭଚିନ୍ତକମାନଙ୍କଠାରୁ ଆଶୀର୍ବାଦ, ସ୍ନେହ, ସହାନୁଭୂତି ପାଇ ଜୀବନରେ କିଛିଦୂର ଆଗେଇ ପାରିଛି । ସେମାନଙ୍କ ପାଖରେ ମୁଁ ଚିରଋଣୀ । ସେ ଋଣ ପରିଶୋଧ କରିବାର କ୍ଷମତା ମୋର ନାହିଁ । ସେମାନଙ୍କ ବିଷୟରେ କିଛି ଆଭାସ ମାତ୍ର ଦେଇପାରି ମୋତେ ଟିକିଏ ହାଲୁକା ଲାଗୁଛି । ସେମାନଙ୍କର ମହାନୁଭବତା ଯଦି ଅନ୍ୟମାନଙ୍କର ପ୍ରାଣ ସ୍ପର୍ଶ କରିପାରେ ତେବେ ମୋର ଉଦ୍ୟମ ସାର୍ଥକ ହେବ ।

Digitized by srujanika@gmail.com

* * *

ପ୍ରସିଦ୍ଧ ଲେଖକ ଶ୍ରୀ ଦୁର୍ଗାମାଧବ ମିଶ୍ର ମୋତେ ଅନେକ ଅନୁପ୍ରେରଣା ଦେଇଛନ୍ତି ଲେଖିବାପାଇଁ । ମୁଁ ଶ୍ରୀ ଜାନକୀବଲ୍ଲଭ ମହାନ୍ତି ଓ ଶ୍ରୀ ଦୁର୍ଗାମାଧବ ମିଶ୍ରଙ୍କ ନିକଟରେ ଚିରଋଣୀ ହୋଇ ରହିଲି ।

ମୋର ସହପାଠୀ ବନ୍ଧୁ ଶ୍ରୀ ଅମଲକୃଷ୍ଣ ବାସୁ ଦିଗ୍‌ଦର୍ଶନ ଦେଇ ପାଣ୍ଡୁଲିପିଟିକୁ ପଠନଯୋଗ୍ୟ କରିବାରେ ଯେଉଁ ସାହାଯ୍ୟ ଓ ସହଯୋଗ ଦେଇଛନ୍ତି ସେଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଶ୍ରୀ ଜଗବନ୍ଧୁ ଚରଣ ଘୋଷ ଓ ଶ୍ରୀ ମାଧବ ଚରଣ ଘୋଷ ମୁଦ୍ରଣରେ ସହାୟତା କରିଥିବାରୁ ସେମାନଙ୍କୁ ବିଶେଷ ଧନ୍ୟବାଦ ଦେଉଛି । ଶ୍ରୀ କୃଷ୍ଣମୋହନ ମିଶ୍ର ପ୍ରୁଫଟିକୁ ଅତି ସାବଧାନତାର ସହିତ ସମ୍ପାଦନା କରିଥିବାରୁ ତାଙ୍କପାଖରେ ମୋର କୃତଜ୍ଞତା ଜଣାଉଛି ।

କାର୍ତ୍ତିକ ଚନ୍ଦ୍ର

Digitized by srujanika@gmail.com

ସୂଚିପତ୍ର

୧ ।	ପୁରୁଷୋତ୍ତମ	୧
୨ ।	ନାଦବ୍ରହ୍ମ	୭୩
୩ ।	ଅଧ୍ୟାୟ ମଗଧ	୧୨୨
୪ ।	ରାଜଧାନୀରେ ରାଜାରାଜୁଡ଼ା	୧୫୩
୫ ।	ଦୁର୍ଗ ବାରବାଟି	୧୯୧
୬ ।	ଗୁର୍ଜର ମର୍ମର	୨୧୦
୭ ।	ପୁନର୍ଦର୍ଶନାୟ ଚ	୨୪୫

Digitized by srujanika@gmail.com

(୧)

ପୁରୁଷୋତ୍ତମ

ମହୋଦଧିର ସୁନୀଳ ବାରିଧାରାରେ ଧୌତ ନୀଳାଚଳର ବେଳାଭୂମି । କେଉଁ ଅନନ୍ତକାଳରୁ ଲହରୀମାଳାର କଲ୍ଲୋଳରେ ଶବ୍ଦାୟମାନ ପୁରୁଷୋତ୍ତମ କ୍ଷେତ୍ର ନୀଳମାଧବଙ୍କର ଆବାସ । ହଜାର ହଜାର ବର୍ଷ ଧରି ସାଧୁ, ସନ୍ଥ, ଭକ୍ତ, ଯୋଗୀ, ବୈରାଗୀ ଓ ଜ୍ଞାନୀ-ଗୁଣୀଙ୍କର ପଦରେଣୁରେ ପବିତ୍ରୀକୃତ ଶ୍ରୀକ୍ଷେତ୍ର । ଯାତ୍ରିମାନଙ୍କର ନାମଗାନରେ ସଦା ମୁଖରିତ ପୁଣ୍ୟ ଜଗନ୍ନାଥପୁରୀ ।

"ଠାକୁର ଭଲେ ବିରାଜେ ହୋ
ଓଡ଼ିଶା ଜଗନ୍ନାଥ ପୁରୀ ଯେ,
ଓଡ଼ିଆ ମାନେ ଖିରି ଖେଚୁଡ଼ି
ବଙ୍ଗାଳି ମାନେ ଭାତ,
ସାଧୁ ମାନେ ଦରଶନ ପରଶନ
ମହାପରସାଦ—ଠାକୁର ଭଲେ
ବିରାଜେ ହୋ ଓଡ଼ିଶା ଜଗନ୍ନାଥପୁରୀମେ ।"

କଅଣ ସେହି ରହସ୍ୟ ଯାହା ମହାପୁରୁଷମାନଙ୍କୁ ଦୂରଦୂରାନ୍ତରୁ ଟାଣି ଆଣିଛି ! ଆଦିଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଚୈତନ୍ୟ, ନାନକ ପ୍ରଭୃତି ବହୁ ଆଚାର୍ଯ୍ୟ ଏଠାକୁ ଆସିଛନ୍ତି ଶ୍ରୀଜଗନ୍ନାଥଙ୍କର ଆକର୍ଷଣରେ । ଏହି ଦାରୁମୂର୍ତ୍ତିମଧ୍ୟରେ କି ବିଚିତ୍ରତା ରହିଛି; କି ଗୋପନ ତଥ୍ୟ ସନ୍ନିବେଶିତ ରହିଛି ଯାହାର ଅନୁଧାବନରେ ଏହି ସାଧୁ ମହାତ୍ମା-ମାନଙ୍କର ଆଗମନ ? ସେମାନେ ଭିନ୍ନ ମତାବଲମ୍ବୀ ହେଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଦର୍ଶନ ପାଇଁ ଲାଳାୟିତ କାହିଁକି ? ସେଥିମଧ୍ୟରେ କଣ ସେମାନେ ସର୍ବ-ଧର୍ମ-ସମନ୍ୱୟ ଦେଖିବାକୁ ପାଆନ୍ତି ?

Digitized by srujanika@gmail.com

ଦାର୍ଶନିକ ସତ୍ୟ ବିଶ୍ଳେଷଣରେ ଅଭିପ୍ରାୟ ମୋର ନାହିଁ । କେବଳ ଅନ୍ତରରେ ଜାଗିଛି ଅନେକ ଜିଜ୍ଞାସା ପିଲାଦିନରୁ ମୋର ଜନ୍ମସ୍ଥାନ ପବିତ୍ର ପୁରୀଧାମ ବିଷୟରେ । ପିଲାଦିନରୁ ବହୁ ସାଧୁ ସନ୍ଥଙ୍କର ଦର୍ଶନର ସୌଭାଗ୍ୟ ମିଳିଛି । ଅନ୍ୟ ମହାପୁରୁଷମାନଙ୍କ ବିଷୟରେ ଶୁଣିବାର ସୁଯୋଗ ମଧ୍ୟ ମିଳିଛି । ସେକାଳର ଏକ ଅଦ୍ଭୁତ ବାତାବରଣରେ ଲାଳିତ ଓ ପାଳିତ ମୋର ଶରୀର ଓ ଆତ୍ମା । ଅନେକ ବୁଭୁକ୍ଷା ଥିଲେ ମଧ୍ୟ, ଏହି ବିଷୟରେ ଆହାର ମିଳିଛି ସ୍ୱଳ୍ପ । କିନ୍ତୁ ମନ ଭିତରେ ଆଲୋଡ଼ନ ଅପରିସୀମ । ଏହିସବୁ କାହାଣୀ, ଆଖ୍ୟାୟିକା, ଗଳ୍ପର ସତ୍ୟାସତ୍ୟ ବିଷୟରେ ଅନୁସନ୍ଧିତ୍ସା ସଦା ଜାଗ୍ରତ । ସାମାନ୍ୟ କେତୋଟି ଅଙ୍ଗରେ ଲଭେଇଥିବା ଅଭିଜ୍ଞତାର ଅବତାରଣା କରିବା ହେଉଛି ଏହି ସନ୍ଦର୍ଭର ଉଦ୍ଦେଶ୍ୟ ।

ଲେଙ୍ଗୁଳା ବାବା ବା ନଙ୍ଗା ବାବା ଆମ ପିଲାଦିନରେ ହଠାତ୍ ଆବିର୍ଭୂତ ହେଲେ ଗୋଟିଏ ବାଲିବନ୍ତରେ । ଆମେ ତାଙ୍କୁ ଜାଣିଥିଲୁ ଗିରିନାରିବନ୍ତ ବାବା ବୋଲି । ପ୍ରାଇମେରି ସ୍କୁଲରେ ପଢ଼ିଲାବେଳେ ଲଙ୍କାଆମ୍ବ ଖାଇବାକୁ ଯାଉଥିଲୁ ସେଠାକୁ । ଅନେକ ଗଛ, କେହି ମନା କରିବାକୁ ନାହାନ୍ତି । ଯେତେ ଇଚ୍ଛା ଖାଅ । କିନ୍ତୁ ଶୋଷ ହେଲେ ପାଣି ମଗାଏ ଦେବାକୁ ସେଠାରେ କେହି ନାହାନ୍ତି ।

ଦିନକର ଘଟଣା । ଆମେ ଦୁଇଜଣ ବାଲିସାହି ସ୍କୁଲର ଛାତ୍ର ସ୍କୁଲରୁ ଯାଇଥିଲୁ ଲଙ୍କାଆମ୍ବ ଖାଇବା ପାଇଁ । ଶୋଷ ହେଲା, ବାଲିବନ୍ତ ଉପରକୁ ଉଠିଲୁ ଯଦି ଟିକିଏ ପାଣି ମିଳିପାରେ । ଦେଖିଲୁ ଜଣେ ଲଙ୍ଗଳା ସନ୍ନ୍ୟାସୀ ବସିଛନ୍ତି ପୂର୍ବାସ୍ୟ ହୋଇ । ବିରାଟ ଶରୀର । ଉଜ୍ଜ୍ୱଳ ଆଖି ଓ ମୁଖ । ତାଙ୍କୁ ଦର୍ଶନ କରି ସ୍ତବ୍ଧ ହୋଇ ରହିଗଲୁ । ହଠାତ୍ ପ୍ରଶ୍ନ ହେଲା—"ତୁମ୍ଭେମାନେ କଣ ଚାହଁ ?" ଆମେ କହିଲୁ—"ଶୋଷ ହେଉଛି ଟୋପାଏ ପାଣି ଦରକାର ।" ହୁଙ୍କାର ଦେଲେ ଶିଷ୍ୟଙ୍କୁ—ଏଇ ପିଲା-ମାନଙ୍କୁ ପାଣି ଦେଇଯାଅ ବୋଲି । ଆମ୍ଭେମାନେ ପାଣି ପିଇଲୁ । ଟିକିଏ ବସିଲୁ । ସାଧୁବାବା ପଚାରିଲେ ହିନ୍ଦୀରେ—"ତୁମ୍ଭେମାନେ କେଉଁ କ୍ଲାସରେ ପଢ଼ୁଛ ?" ଆମେ ଉତ୍ତର ଦେଲୁ । ପଚାରିଲେ—"ମାଷ୍ଟରଙ୍କୁ ଓ ପିତାମାତାଙ୍କ କଥା ମାନିଛ ?" ଆମ୍ଭେମାନେ ହଁ ଭରିଲୁ । କହିଲେ—"ଭଲ କଥା । ସବୁବେଳେ ଭଲ ରାସ୍ତାରେ ଚାଲିବ । ପିତାମାତାଙ୍କ

Digitized by srujanika@gmail.com

ବିଶେଷ ଶ୍ରଦ୍ଧା କରିବ ।'' ଏହିସବୁ ଉପଦେଶ ଦେଇ ବିଦାୟ ଦେଲେ । ଆମେ ଅତି ଛୋଟ ପିଲା । ସାଧୁଙ୍କ ମହତ୍ତ୍ୱ ବିଷୟ ବୁଝିବା ଆମର ବୁଦ୍ଧିର ଅଗମ୍ୟ ଥିଲା । ଫେରି ଆସିଲୁ ।

ମୁଁ ଘରେ ଆସି ବାପାଙ୍କୁ କହିଲି, ''ବାପା ସେ ଗିରିନାରିବଣରେ ଜଣେ ସାଧୁ ବସିଥିଲେ । ଆମ୍ଭେମାନେ ତାଙ୍କୁ ଦେଖିଲୁ, ତାଙ୍କ ସହିତ କଥାଭାଷା ହେଲୁ ।'' ବାପା ଭାରି ଖୁସି ହେଲେ । କହିଲେ, ''ସେ ଅତି ଉଚ୍ଚ ସ୍ତରର ସାଧୁ । ତାଙ୍କର ଦର୍ଶନ ଭାଗ୍ୟରେ ଥିଲେ ମିଳେ ।'' ମୁଁ ପଚାରିଲି, ''ଆପଣ କପରି ଜାଣିଲେ ?'' ସେ ଅନେକ ଘଟଣା ମୋତେ କହିଲେ । ଆମ ନିଜ ଘର କଥା । ସତ୍ୟାସତ୍ୟ ପରୀକ୍ଷିତ ।

ଆମର ଦୁଇଜଣ ସମ୍ପର୍କୀୟଙ୍କ ମଧ୍ୟରେ ଘୋର ବିବାଦ ଲାଗିଥାଏ । ଛୋଟଜଣକ ବଡ଼ ଜଣକୁ ଘରୁ ତଡ଼ି ଦେବାପାଇଁ ବହୁ ଅତ୍ୟାଚାର କରି ଚାଲିଥାଏ ! ଯଥା: ପ୍ରତି ପଦକ୍ଷେପରେ ଅପମାନ କରିବା ; ଘରଚ ଉପରେ ଶବ୍ଦ କରିବା ; ସେପଟରେ ତଳେ ଥିବା ଲୋକର ନିଦରେ ବ୍ୟାଘାତ ହୁଏ ଇତ୍ୟାଦି । ବଡ଼ଭାଇ ଅତ୍ୟନ୍ତ ମର୍ମାହତ ହୋଇ ବନେ ଯାଇ ନଙ୍ଗାବାବାଙ୍କୁ ଜଣାଇଲେ, ''ବାବା ! ମୁଁ ତ ଆଉ ଘରେ ରହି ପାରୁନାହିଁ । ବ୍ୟତିବ୍ୟସ୍ତ ହୋଇଗଲଣି । ଭଗବାନ କଣ ମୋ ଭାଗ୍ୟରେ ଶାନ୍ତି ଆଦୌ ଲେଖି ନାହାନ୍ତି ? ମୁଁ ତ ପ୍ରତିଦିନ ଆପଣଙ୍କର ପଦତଳେ ନିବେଦନ କରୁଛି । କିନ୍ତୁ ଆପଣ କିଛି କହୁନାହାନ୍ତି ।''

ନଙ୍ଗାବାବା ସ୍ୱଳ୍ପଭାଷୀ ଥିଲେ । ସେଦିନ ଟିକିଏ କୃପା କଲେ । ହସି ହସି କହିଲେ—''ଥୋଡ଼ାଦିନ୍ ସବୁର କରୋ, ସବ ଶାନ୍ତ୍ ହୋ ଯାୟଗା ।''

ସେ ଏକଥା ଶୁଣି ମହାଖୁସି ହେଲେ । ଆସି ବାପାଙ୍କୁ ସବୁକଥା କହିଲେ । ଜଣାଇଲେ ଏଥର ଛୋଟଭାଇ ନିଶ୍ଚୟ ଠିକଣା ଜବାବ ପାଇବ । ମହାପୁରୁଷଙ୍କ କଥା କେବେହେଲେ ମିଥ୍ୟା ହେବ ନାହିଁ । ବାପା ମଧ୍ୟ ତାଙ୍କୁ ଭରସା ଦେଲେ । କହିଲେ—''ଚିନ୍ତା କରନାହିଁ । ସବୁ ଠିକ୍ ହୋଇଯିବ ।'' କିଛିଦିନ ଗଲା, କୌଣସି ଉନ୍ନତି ପରିଲକ୍ଷିତ ହେଲା-ନାହିଁ । ଦୀର୍ଘ ଚାରିମାସ ଯାଇଛି କି ନାହିଁ—ବଡ଼ଭାଇଙ୍କ ଦେହରେ କେତୋଟି

Digitized by srujanika@gmail.com

ଘ' ବାହାରିଲା । ଆସ୍ତେ ଆସ୍ତେ ସମସ୍ତ ଶରୀରକୁ ବ୍ୟାପିଗଲା । ଅନେକ ଚିକିତ୍ସା ହେଲା । ଉପଶମ ହେଲାନାହିଁ । ଛ'ମାସ ପରେ ସବୁ ଶେଷ । ସେ ଶେଷନିଃଶ୍ୱାସ ପରିତ୍ୟାଗ କରି ମହାପ୍ରୟାଣ କଲେ । ନଙ୍ଗାବାବାଙ୍କର ବାକ୍ୟ ଫଳିଲା, ମାତ୍ର ଆଶ୍ଚର୍ଯ୍ୟ ଭାବରେ, ବିପରୀତ ଅର୍ଥରେ । ଆମେ ସମସ୍ତେ ସ୍ତମ୍ଭିତ ହୋଇ ରହିଗଲୁ । ସାଧୁମାନଙ୍କର ବାକ୍ୟର ଅନ୍ୟଥା ହୁଏନାହିଁ—ଏହି ସତ୍ୟ ଉପଲବ୍ଧି କଲୁ ।

ଆଉ ଗୋଟିଏ ଘଟଣା ମୋର ଜଣେ ଗାଁବାଲା ବନ୍ଧୁଙ୍କଠାରୁ ଶୁଣିଲି । ସେ ପୁରୀ ମ୍ୟୁନିସିପାଲିଟିରେ ଚାକିରି କରୁଥାଆନ୍ତି । ତାଙ୍କ ସ୍ତ୍ରୀ ସହିତ ଆର୍ମିଷ୍ଟ୍ରଙ୍ଗ ରୋଡ଼ରେ ରହନ୍ତି । ସେଠାରେ ରହୁ ରହୁ ଗୋଟିଏ ବ୍ୟାଙ୍କ କର୍ମଚାରୀଙ୍କ ସହିତ ଜଣାଶୁଣା ହେଲା । ସେଥିରୁ କର୍ମଚାରୀଙ୍କର ଘରକୁ ଯା ଆସ ମଧ୍ୟ ହେଲା । ଖିଆପିଆ ଚାଲିଲା । ଦେଖୁ ଦେଖୁ ଅନ୍ତରଙ୍ଗତା ବଢ଼ିଗଲା । କିଛିଦିନ ପରେ ସେ ଦେଖିଲେ ଯେ ତାଙ୍କ ସ୍ତ୍ରୀ ସେହି ବନ୍ଧୁଙ୍କ ପ୍ରତି ଅନୁରକ୍ତ ହୋଇ ପଡ଼ିଛନ୍ତି । ସେ ବିରକ୍ତ ହୋଇ ପ୍ରତିବାଦ କଲେ । ସ୍ତ୍ରୀଙ୍କୁ ଧମକ ମଧ୍ୟ ଦେଲେ । କିନ୍ତୁ ସେମାନେ ଶୁଣିଲେ ନାହିଁ । ବାଧାପ୍ରାପ୍ତ ହେବାରୁ ତାଙ୍କ ସ୍ତ୍ରୀ ସେହି ବ୍ୟାଙ୍କକର୍ମଚାରୀଙ୍କ ସହିତ ଘରଛାଡ଼ି ଚାଲିଗଲେ । ଏଥିରେ ଦୁଃଖିତ ହୋଇ ମୋ ବନ୍ଧୁ ସେମାନଙ୍କ ବିରୁଦ୍ଧରେ ମକଦ୍ଦମା କଲେ । ମାନସିକ ଚାଞ୍ଚଲ୍ୟ ଓ ଅର୍ଥବ୍ୟୟରେ ଅତ୍ୟନ୍ତ ବିଚଳିତ ହୋଇ ଭାବିଲେ ନଙ୍ଗାବାବାଙ୍କର ଶରଣ ନେବେ ।

ଦିନେ ସକାଳେ ଗିରିନାରିବନ୍ତ ଯାଇ, ଅବ୍ୟବସ୍ଥିତଚିତ୍ତତା ହେତୁ ବାବାଙ୍କର ପୂଜା ଘରେ ପଶିଗଲେ । ସେତେବେଳେ ବାବା ଧୂନି ଜଳାଇ ପ୍ରାତଃ ପୂଜା ଆରମ୍ଭ କରି ଦେଇଛନ୍ତି । ତାଙ୍କ ପୂଜା ସମୟରେ ସମସ୍ତଙ୍କ ପ୍ରବେଶ ନିଷେଧ । ଏହାଙ୍କୁ ତ କିଛି ଜଣାନାହିଁ । ଅସ୍ଥିର ମନ । ଭାବିଲେ ତାଙ୍କୁ ସବୁକଥା କହିଦେଲେ କିଛି ବାଟ ମିଳିଯିବ । ଯେମିତି ତାଙ୍କର ପାଦ ସ୍ପର୍ଶ କରିଛନ୍ତି, ଲଙ୍ଗୁଳିବାବା ଅଗ୍ନିଶର୍ମା ହୋଇଉଠିଲେ । ତାଙ୍କୁ ତତ୍‌କ୍ଷଣାତ୍ ଚାଲିଯିବା ପାଇଁ କହିଲେ । ହଠାତ୍ ମୁହଁକୁ ଚାହିଁଲା ପରେ ବାବାଙ୍କର ଦୟା ଆସିଲା । ବୁଝିପାରିଲେ ସବୁ କଥା । କହିଲେ—"ତୁମର ସ୍ତ୍ରୀ ନଷ୍ଟ ହୋଇଯାଇଛି; ଭ୍ରଷ୍ଟା ହୋଇଯାଇଛି । ତାକୁ ଛାଡ଼ିଦିଅ । ତା' ନ ହେଲେ ସେ ତୁମକୁ ପ୍ରାଣରେ ମାରିଦେବ ।"

Digitized by srujanika@gmail.com

ମୋର ବନ୍ଧୁ କଚେରୁ ମକଦ୍ଦମା ଜିତିଲେ ଆଣିଲେ । ବର୍ତ୍ତମାନ ଜଣେ ଶିକ୍ଷୟିତ୍ରୀଙ୍କୁ ବିବାହ କରି ଶାନ୍ତିରେ ଅଛନ୍ତି । ଏହି ଦୁଇଟି ଘଟଣା ମୋ ଆଖି ଆଗରେ ଘଟିଛି । ଏହାର ସତ୍ୟତା ମୋତେ ଆନ୍ତରିକଭାବେ ଜଣା । ସନ୍ଦେହର ଅବକାଶ ଏକାବେଳକେ ନାହିଁ ।

ତାଙ୍କ ବିଷୟରେ ଜାଣିବା ଇଚ୍ଛା ହେଲା । ପଚରାଉଚରା କଲି । କେତେକ କହିଲେ ସେ ଶ୍ରୀରାମକୃଷ୍ଣ ପରମହଂସଙ୍କର ଗୁରୁ ଶ୍ରୀତୋତାପୁରୀ ମହାରାଜ । ସେ ନର୍ମଦା କୂଳରେ ତପସ୍ୟା କରି ସିଦ୍ଧ ହୋଇଥିଲେ । ସେ ନିର୍ଗୁଣ ପରଂବ୍ରହ୍ମଙ୍କର ଉପାସନା କରୁଥିଲେ । ଶ୍ରୀଶ୍ରୀ ରାମକୃଷ୍ଣ ପରମହଂସଙ୍କୁ ନିର୍ଗୁଣ ପରଂବ୍ରହ୍ମରେ ଲୀନ ହେବାର ଦୀକ୍ଷା ଦେବାପାଇଁ ତାଙ୍କୁ ମା କାଳୀ (ଭବତାରିଣୀ) ନର୍ମଦାରୁ ଦକ୍ଷିଣେଶ୍ୱର ଅଣାଇଥିଲେ । ସେଠାରେ ରହି ସେ ଶ୍ରୀରାମକୃଷ୍ଣଙ୍କୁ ଶିକ୍ଷା ଦେଇଥିଲେ । ଅବଶ୍ୟ ଶ୍ରୀରାମକୃଷ୍ଣ ସିଦ୍ଧପୁରୁଷ ଥିବାରୁ ତାଙ୍କୁ ସମୟ ଲାଗି ନ ଥିଲା ସିଦ୍ଧିଲାଭ କରିବା ପାଇଁ । ଯେମିତି ତାଙ୍କୁ ଶିକ୍ଷା ଦେଇ ଉପଯୁକ୍ତ ଆସନରେ ବସାଇ ଦେଇଗଲେ, ସେମିତି ଶ୍ରୀରାମକୃଷ୍ଣ ନିର୍ଗୁଣ ବ୍ରହ୍ମରେ ଲୀନ ହୋଇଗଲେ । ତୋତାପୁରୀ ମହାରାଜ ଦିନକ ପରେ ଆସି ଦେଖନ୍ତି ତ ତାଙ୍କ ଶିଷ୍ୟଙ୍କର ଚେତା ନାହିଁ । ବହୁ କଷ୍ଟରେ ତାଙ୍କର ଚେତା ଆସିଲା । ତା'ପରେ ମଧ୍ୟ ତୋତାପୁରୀ ମହାରାଜ ବେଶ୍ କିଛିଦିନ ଦକ୍ଷିଣେଶ୍ୱରରେ ରହିଲେ ।

ମୁଁ ପଚାରିଲି, "ଆପଣମାନେ କପରି ଜାଣିଲେ ଯେ ଗିରିନାରିବାଲା ବାବା ହେଉଛନ୍ତି ତୋତାପୁରୀ ବୋଲି ?" ସେ ଭକ୍ତମାନେ କହିଲେ ଯେ, ଦିନେ ଶ୍ରୀରାମକୃଷ୍ଣଙ୍କର ବିଷୟରେ ଭକ୍ତମାନେ କଥାଭାଷା ହେବା ସମୟରେ ନଙ୍ଗାବାବା ସେମାନଙ୍କୁ ପଚାରିଲେ "କ୍ୟା ଗଦାଧରକା ବାତ୍ ହୋ ରହା ହୈ ?"—କଣ ଗଦାଧରଙ୍କ ବିଷୟରେ କଥା ହେଉଛି ? ଭକ୍ତମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀରାମକୃଷ୍ଣଙ୍କୁ ଗଦାଧର ବୋଲି ସମ୍ବୋଧନ କରୁଥିବା ଏ ଲୋକ ନିଶ୍ଚୟ ତୋତାପୁରୀ ମହାରାଜ ହୋଇଥିବେ । ତତ୍‌କ୍ଷଣାତ୍ ପଚାରିଲେ –"ଆପଣ କଣ ତୋତାପୁରୀ ମହାରାଜ ?" ମହାରାଜ ଏକାବେଳେ ଚୁପ୍ ହୋଇଗଲେ । ଆଉ କୌଣସି ଉତ୍ତର କେହି କେବେ ପାଇନାହାନ୍ତି । ତେଣୁ କେତେକ ଲୋକଙ୍କର ବିଶ୍ୱାସ ଗିରିନାରିବାଲା ବାବା ନିଶ୍ଚୟ ତୋତାପୁରୀ ମହାରାଜ ।

Digitized by srujanika@gmail.com

ଏସବୁ ବିଷୟ ଜାଣି ମୋର ଅନୁସନ୍ଧିତ୍ସା ଖୁବ୍ ବଢ଼ିବାରେ ଲାଗିଲା । କିନ୍ତୁ ପାଠପଢ଼ା ଇତ୍ୟାଦିରେ ବ୍ୟସ୍ତ ରହି ଭୁଲିଗଲି । ପରେ ଶୁଣିଲି ଯେ ବାବା ଆଶ୍ରମ ତ୍ୟାଗ କରି କେଉଁଆଡ଼େ ଚାଲିଯାଇଛନ୍ତି । କେହି ଜାଣନ୍ତି ନାହିଁ । ବଡ଼ ଦୁଃଖ ହେଲା । ଏତେ ପାଖରେ ଥିଲେ, ଦିନେ ହେଲେ ତାଙ୍କର ଆଶୀର୍ବାଦ ନେଲି ନାହିଁ । ଏତେ ବଡ଼ ମହାପୁରୁଷଙ୍କର ସାନ୍ନିଧ୍ୟ ଲାଭ କରିବାରୁ ମଧ୍ୟ ବଞ୍ଚିତ ହେଲି । ଜୀବନର ପ୍ରବାହରେ ସବୁ ଭୁଲିଗଲି ।

୧୯୬୧ରେ କର୍ମକ୍ଷେତ୍ର ପାଟନାରୁ ଛୁଟି ନେଇ ପୁରୀ ଆସିଥାଏ ମାସେ ପାଇଁ । ଆମ ଘର ପାଖରେ ଜଣେ ସାଧୁ ଥାଆନ୍ତି ଆମ ସାହିର । ଶାମନନା ବୋଲି ଆମେ ପିଲାଦିନରୁ ତାଙ୍କୁ ଜାଣୁ । ସେ ମୋତେ ଅନେକ ଦିନ ପରେ ଦେଖି ଖୁବ୍ ଆନନ୍ଦିତ ହେଲେ । କହିଲେ, "ଗିର୍‌ନାରିବନ୍ତ ବାବା ଫେରି ଆସିଛନ୍ତି— ଜାଣିଛୁ ?" ମୋର ଆଗ୍ରହ ପ୍ରଜ୍ୱଳିତ ହୋଇ ଉଠିଲା । ଏହି ତ ସୁବର୍ଣ୍ଣ ସୁଯୋଗ । ନ ଦେଖା କଲେ ଆଉ ଭାଗ୍ୟରେ ଦେଖା ହେବ ନାହିଁ । ମୁଁ କହିଲି, "ଶାମନନା ତମେ ଟିକିଏ କେମିତି ମୋର ଦର୍ଶନ କରାଇ ଦିଅନ୍ତ ।" ସେ କହିଲେ, "ଅପରାହ୍ନ ଚାରିଟା ବେଳେ ଗଲେ ଦେଖା ହୋଇପାରିବ । ତେବେ ସେ ବର୍ତ୍ତମାନ ମୌନ ଅଛନ୍ତି । ତୁ କଥା କହି ପାରିବୁନି । କେବଳ ଦର୍ଶନ କରିବୁ ।" ମୁଁ ହଁ ଭରିଲି । ଆମେ ଚାରିଟାରେ ଯାଇ ପହଞ୍ଚିଲୁ । ବାବା ଗୋଟିଏ ଖଟ ଉପରେ ଆସୀନ । ମୌନ ଭାବରେ ବସିଛନ୍ତି । ମୁଁ ଗୋଟିଏ କୋଣରୁ ତାଙ୍କୁ ଅବଲୋକନ କଲି । ଭଗବାନଙ୍କର ନାମ ଜପ କରୁଥାଏ । ଏହିପରି ଅଧଘଣ୍ଟାଏ ଗଲା । ସେ ମଧ୍ୟ ମୋତେ ଅତି ତୀକ୍ଷ୍ଣ ଦୃଷ୍ଟିରେ ଦେଖିଲେବେଳେ ଅନେଇ ଦେଉଥାଆନ୍ତି । ମୁଁ ମନେ ମନେ ପ୍ରାର୍ଥନା କଲି, ଯଦି ସଦୟ ହୋଇ ସେ କିଛି କହନ୍ତେ । କିଛି ସମୟ ପରେ ତାଙ୍କ ଶିଷ୍ୟଙ୍କୁ କହିଲେ ମୋତେ ପାଖକୁ ଆସିବା ପାଇଁ । ତାଙ୍କ ଶିଷ୍ୟ କହିଲେ ଗୁରୁଦେବଙ୍କୁ ଆପଣ ଯେ କୌଣସି ପ୍ରଶ୍ନ ପଚାରି ପାରନ୍ତି । ସେ ତାର ଉତ୍ତର ଦେବେ ଅବଶ୍ୟ ହିନ୍ଦୀରେ । ଅପ୍ରତ୍ୟାଶିତ ସୁଯୋଗ । କ'ଣ ପ୍ରଶ୍ନ କରିବି ତାହା ଆଗରୁ ଭାବି ନାହିଁ । ହଠାତ୍ ମନେ ପଡ଼ିଲା ଲୋକେ ସବୁ କହୁଛନ୍ତି ଅଷ୍ଟଗ୍ରହକୂଟ ଅଛି । ପୃଥିବୀ ଧ୍ୱଂସ ହେବ । ସେଇ କଥା ହିଁ ପଚାରିଲି—

Digitized by srujanika@gmail.com

"ମହାରାଜ ! ପୃଥିବୀ ଧ୍ୱଂସ ହେବ ଏହା କଣ ସତ୍ୟ ? ଗୁରୁଆଜ୍ଞେ ମହା ଚିନ୍ତା ପଡ଼ିଯାଇଛି । ଯଦି ଏ ବିଷୟରେ ଆପଣ କିଛି କହନ୍ତେ !"

ବାବା ଜବାବ ଦେଲେ—"ସେସବୁ କିଛି ମୋତେ ଜଣା ନାହିଁ । ମୁଁ ତୋତେ ମାତ୍ର ଗୋଟିଏ କଥା କହିବି । ସେଇଟା ସବୁବେଳେ ମନେ ରଖିବୁ । ମଣିଷ ମନରେ ପ୍ରତି ମୁହୂର୍ତ୍ତରେ ବିଷ ଓ ଅମୃତର ଭାବରାଜି ଘନ ଘନ ଉଦୟ ହେଉଛନ୍ତି, ଅବିଶ୍ରାନ୍ତ ଭାବରେ । ତୁ ବିଷମୟ ଚିନ୍ତା ପରିତ୍ୟାଗ କରି ଅମୃତର ଅନୁଧାବନ କରିବୁ । ପୁଅ ! ତୋର ନିଶ୍ଚୟ ଆନନ୍ଦ ହେବ । (ବେଟା ତେରା ଜରୁର୍ ଆନନ୍ଦ ହୋଗା) ।" ଏହା କହି ହାତ ଉଠାଇ ମୋତେ ଆଶୀର୍ବାଦ କଲେ । ମୋର ମନେହେଲା ଯେପରି ଜୀବନଟା ମୋର ସାର୍ଥକ ହୋଇଗଲା । ସେ ଯାହା କହିଥିଲେ ତାହା ମୁଁ ମୋର ଜୀବନରେ ସାର୍ଥକ ଭାବରେ ଅନୁଧ୍ୟାନ କରିପାରିନାହିଁ । ଭାବବିହ୍ୱଳତାରେ ଭାସିଯାଇଛି । କିନ୍ତୁ ତାଙ୍କର ବାଣୀ ମୋ ମନରେ ସତତ ଅନୁରଣିତ ହୋଇ ରହିଅଛି । ଆଉ ମନେଅଛି ତାଙ୍କର ତୀବ୍ର ଦୃଷ୍ଟି । ସେ ଦୃଷ୍ଟିରୁ କିଛି ଗୋଟିଏ ଆଲୋକମାଳା ଭଳି କିନିଷ ସତେ-ଯେପରି ମୋର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ପ୍ରବେଶ କରିଥିଲା । ମୁଁ କେତେଥର ଥରି ଉଠି ପୁଣି ଶାନ୍ତ ହୋଇଯାଇଥିଲି । ସେ ଅଭିଜ୍ଞତା ଅନିର୍ବଚନୀୟ । ଯେତେବେଳେ ମନେ ପଡ଼େ ସେତେବେଳେ ମନଟା ଭୂମାର ଆନନ୍ଦରେ କିଛି ସମୟ ପାଇଁ ଲୀନ ହୋଇଯାଏ ।

ପରେ ଶୁଣିଲି ଯେ ସେ ପୁରୀରେ ଦେହରକ୍ଷା କରିବାକୁ ଆସିଥିଲେ । ତାଙ୍କର ଆଶ୍ରମ ବର୍ତ୍ତମାନ ଜାଜ୍ୱଲ୍ୟମାନ ଅବସ୍ଥାରେ ଲୋକନାଥ ମଠର ପାଖରେ ଅବସ୍ଥିତ । ତାଙ୍କ ବିଷୟରେ ବହୁ ବହି ମଧ୍ୟ ଲେଖା ହୋଇଛି । କିନ୍ତୁ ମୋର ସେହି ଅପୂର୍ବ ଅଭିଜ୍ଞତା ଟିକକ ନିଜର ଅତ୍ୟନ୍ତ ଆପଣାର ଧନ ବୋଲି ମନରେ ସାଇତି ରଖିଛି । ମହାପୁରୁଷଙ୍କର ମୋ ପ୍ରତି କି ଅପାର କରୁଣା । ସେହି ଦେଖା ମୋ ଜୀବନରେ ଏକ ଅତ୍ୟନ୍ତ ଅମୂଲ୍ୟ ସମ୍ପଦ ।

Digitized by srujanika@gmail.com

ଜଗଦ୍‌ଗୁରୁ ଭାରତୀକୃଷ୍ଣ ତୀର୍ଥସ୍ୱାମୀ—ପୁରୀ ଶଙ୍କରାଚାର୍ଯ୍ୟ ମଠର ଅଧ୍ୟକ୍ଷ ଥିଲେ । ତାଙ୍କ ବିଷୟରେ ଅନେକେ ଜାଣନ୍ତି ସେ ମହାପଣ୍ଡିତ ବୋଲି । ବେଦ ଉପରେ ତାଙ୍କର ଅସାମାନ୍ୟ ବ୍ୟୁତ୍ପତ୍ତି । ତାଙ୍କ ସହିତ ଘନିଷ୍ଠ ଭାବରେ ମିଶିବାର ସୁଯୋଗ ହୋଇଥିଲା ପୁରୀରେ ପିଲାଦିନେ । ଶ୍ରୀ ଲୋକନାଥ ମିଶ୍ର ଯାହାଙ୍କୁ ସମସ୍ତେ ପଙ୍କ ବାବୁ ବୋଲି ଜାଣନ୍ତି ସେ ମୋର ପ୍ରାଣର ବନ୍ଧୁ ବିନାୟକ ମିଶ୍ରଙ୍କ ପିତା । ସେ ବଡ଼ କଂଗ୍ରେସୀ ନେତା, ବକ୍ତା, ଅଧିବକ୍ତା (advocate) ମଧ୍ୟ ଥିଲେ । ସୁପରିଚିତ ଖ୍ୟାତନାମା ନେତା । ବର୍ତ୍ତମାନ ଆଉ ଇହ ଜଗତରେ ନାହାନ୍ତି । ଆମର ମାଟ୍ରିକ ପରୀକ୍ଷା ସରିଯାଇଥାଏ । ଘରେ ବସିଥାଉ । ପଙ୍କବାବୁ କହିଲେ, “ବିଣା (ବିନାୟକ) ତୁ ତୋ ସାଙ୍ଗସାଥି ନେଇ ଚାଲ ଜଗଦ୍‌ଗୁରୁ ଭାରତୀକୃଷ୍ଣଙ୍କ ପାଖକୁ । ତୁମେମାନେ ସେଠାକୁ ଗଲେ ଅନେକ କିଛି ଶିଖିପାରିବ ।”

ଅତି ଉତ୍ତମ କଥା । ଏଭଳି ସାଧୁଙ୍କର ସାନ୍ନିଧ୍ୟ ଲାଭ ଜୀବନର ପରମ ସୌଭାଗ୍ୟ । ଆମେମାନେ ପଙ୍କବାବୁଙ୍କ ସହିତ ପ୍ରତିଦିନ ପାଞ୍ଚଟା ବେଳେ ଶଙ୍କରାଚାର୍ଯ୍ୟ ମଠକୁ ଯାଉ । ଶ୍ରୀଶ୍ରୀ ଭାରତୀକୃଷ୍ଣଙ୍କର କଥା ଅତ୍ୟନ୍ତ ମନୋଯୋଗ ସହିତ ଶୁଣୁ ; ଉଦ୍‌ବୁଦ୍ଧ ହେଉ । ସବୁ ଯେମିତି ନୂଆ ଆଲୋକ ଭଳି ପ୍ରଶ୍ନପୁଞ୍ଜମାନ ହୁଏ ଆମର ଅନ୍ଧକାର ମନରେ । ଆମର ଦଉଡ଼ ତ କେତୋଟା ପାଠ୍ୟପୁସ୍ତକ ମାନ । ତା’ ବାହାରେ କେତେ କଣ ଜାଣିବାର ଶୁଣିବାର ଅଛି । ସେଥିପାଇଁ ମନଟା ସବୁବେଳେ ପିପାସିତ । ଯାହା ପାଖକୁ ଯାଉଛୁ ସେ ଯେ ଜ୍ଞାନର ବାରିଧି ! ଆମେ କଣ ଏତେ ପାଣି ପିଇପାରିବୁ । ଯେତେ ଶୁଣୁ ସେତେ ଆଶ୍ଚର୍ଯ୍ୟ ଲାଗେ । ଜ୍ଞାନର ବଳୟ ସୁଦୂର ପ୍ରସାରିତ । ବହୁ ବର୍ତ୍ତିକଟା ଓ ଆଲୋକମାଳାରେ ଉଦ୍‌ଭାସିତ । ଆମର ପିଲାମନ ସେଥିରେ ଏକାବେଳକେ ହଜିଯାଏ । ଯେତେ ଶୁଣୁ ସେତେ ଶୁଣିବାକୁ ଇଚ୍ଛା ହୁଏ । ଏହାଙ୍କ ମସ୍ତିଷ୍କରେ ଏତେ ଜ୍ଞାନ ଆସିଲା କେଉଁଠୁ ?

ତାଙ୍କ ଜୀବନର ସାମାନ୍ୟ ଇଙ୍ଗିତ ସେ ଦେଇଥିଲେ । ଗଣିତ ଶାସ୍ତ୍ରରେ ଉଚ୍ଚଶିକ୍ଷା ଲାଭ କରି ସେ ବରୋଦା କଲେଜରେ ଅଧ୍ୟାପକ ଥିଲେ । ତା’ପରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ କାରାବରଣ

Digitized by srujanika@gmail.com

ମଧ୍ୟ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧ ଘନିଷ୍ଠ ହୋଇଥିଲେ । ପରବର୍ତ୍ତୀ ଜୀବନରେ ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ଶେଷରେ ଶଙ୍କରାଚାର୍ଯ୍ୟ ମଠର ଅଧ୍ୟକ୍ଷ ହୋଇଥିଲେ । ବେଦ ଉପରେ ତାଙ୍କର ଅସାମାନ୍ୟ ପାଣ୍ଡିତ୍ୟ । ସେଥିରୁ କିଛି କିଛି ବ୍ୟାଖ୍ୟା କରି ଆମ୍ଭ-ମାନଙ୍କୁ ଶୁଣାଉଥିଲେ । ଆମର କ୍ଷୁଦ୍ର ବୁଦ୍ଧିରେ ସେ ମହାପୁରୁଷଙ୍କ ଜ୍ଞାନର କଳନା କରିବା ଅସମ୍ଭବ ଥିଲା । କିନ୍ତୁ କେତେକ ଘଟଣାର ବିବୃତ୍ତି ମାନସପଟରେ ଅକ୍ଷୟ ଛାପ ରଖିଦେଇ ଯାଇଅଛି ।

ଶ୍ରୀଶ୍ରୀ ଭାରତୀକୃଷ୍ଣ ବମ୍ବେରେ ଅବସ୍ଥାନ କଲାବେଳେ ବିଲାତରୁ ଜଣେ ବିଦଗ୍ଧ ପଣ୍ଡିତ 'ନାଟକ' ଉପରେ ଭାଷଣ ଦେବାପାଇଁ ନିମନ୍ତ୍ରିତ ହୋଇ ଆସିଥିଲେ । ସେ ଇଂରେଜ ନାଟ୍ୟକାର ପୃଥିବୀପ୍ରସିଦ୍ଧ ଲେଖକ ସେକ୍ସପିଅରଙ୍କ ଉପରେ ଗବେଷଣା କରି ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କର ଭାଷଣ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାନ୍ତି । ହଠାତ୍ ସେ ନିଜ ବିଷୟ ଉପରେ କିଛି କିଛି ଭାରତୀୟ ନାଟକ ଉପରେ ଟିପ୍ପଣୀ କାଟିଦେଲେ ଯେ ଭାରତରେ ନାଟକ ଆଦୌ ନ ଥିଲା । ଭାରତୀୟମାନେ ନାଟକର ଉପାଦାନ ବିଲାତରୁ ଗ୍ରହଣ କରି ନିଜ ସାହିତ୍ୟର ସମୃଦ୍ଧି ସାଧନ କରିଛନ୍ତି । ନାଟକର ଧାରଣା ପାଶ୍ଚାତ୍ୟରୁ ପ୍ରାଚ୍ୟକୁ ପ୍ରବହମାନ ହୋଇଅଛି ।

ପ୍ରଥମ ଧାଡ଼ିରେ ବସିଥାନ୍ତି ଶ୍ରୀଶ୍ରୀ ଭାରତୀକୃଷ୍ଣ । ହଠାତ୍ ଛିଡ଼ା ହୋଇ ଏହି ଉକ୍ତିର ପ୍ରତିବାଦ କରି କହିଲେ, "ମାନନୀୟ ଅଧ୍ୟାପକ, ଆପଣଙ୍କ ଭାଷା ହିଁ ଆପଣଙ୍କ ଉକ୍ତିର ଅନ୍ତଃସାରଶୂନ୍ୟତା ପ୍ରମାଣ କରୁ-ଅଛି ।" ଅଧ୍ୟାପକ ପଚାରିଲେ—"କିପରି ?" ଜଗଦ୍‌ଗୁରୁ ଜବାବ ଦେଲେ ଯେ ଆପଣଙ୍କ ଇଂରାଜୀ ଭାଷାରେ ଗୋଟିଏ ଶବ୍ଦ ଅଛି "Reorientation" ବୋଲି । ଅଧ୍ୟାପକ ଉତ୍ତର ଦେଲେ—"ହଁ ଅଛି । ମାତ୍ର ସେଥିରୁ କଣ ପ୍ରମାଣିତ ହେଲା ?" ଜଗଦ୍‌ଗୁରୁ କହିଲେ—"ତା'ର ଅର୍ଥ କଣ ?" ଅଧ୍ୟାପକ ଉତ୍ତର ଦେଲେ ଯଦି କୌଣସି ଭାବଧାରା କଳୁଷିତ ହୋଇଯାଏ ବା ନିମ୍ନଗାମୀ ହୁଏ ତାକୁ ବଦଳାଇ ସେଥିରେ ନୂତନତ୍ୱ ପ୍ରବର୍ତ୍ତନ କରାଇବାର ଧାରାକୁ "reorientation" କୁହା-ଯାଇଥାଏ । ଶ୍ରୀଶ୍ରୀ ଭାରତୀକୃଷ୍ଣ କହିଲେ—"ଏକାବେଳକେ ଠିକ୍

Digitized by srujanika@gmail.com

କହୁଛନ୍ତି । କିନ୍ତୁ ଶବ୍ଦଟି reorientation ନ ହୋଇ 'reoccidentation' ହେଲା ନାହିଁ କାହିଁକି ଜାଣନ୍ତି ? ଇଂରେଜ ଅଧ୍ୟାପକ ଏକାବେଳକେ ସ୍ତମ୍ଭିତ ହୋଇ ବସିପଡ଼ିଲେ । ଏପରି ଅର୍ଥର ଧାରଣା ତାଙ୍କର ଚିନ୍ତାଧାରାରେ ପ୍ରବେଶ କରି ନ ଥିଲା । ଏହା ଏକ ନୂତନ ଦୃଷ୍ଟିକ୍ଷେପ । ତାଙ୍କ ପକ୍ଷରେ ଏକ ନବଦିଗନ୍ତ । ସେ ଚିନ୍ତାମଗ୍ନ ହୋଇ ପଡ଼ିଲେ । ବିଦ୍ୟୁଟିର ପରିସମାପ୍ତି କରିବାକୁ ଯାଇ ଶ୍ରୀ ଶ୍ରୀ ଭାରତୀକୃଷ୍ଣ କହିଲେ ଯେ ଆପଣଙ୍କର ଭାଷାରେ ଶବ୍ଦବିନ୍ୟାସ ଓ ତାର ଅର୍ଥ ଯଥାର୍ଥ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଧାରଣା ମଧ୍ୟ ଅମୂଳକ ନୁହେଁ । କାରଣ ସୂର୍ଯ୍ୟଦେବ ପୂର୍ବରୁ ଉଦୟ ହୁଅନ୍ତି । ପୂର୍ବରୁ ଆଲୋକଧାରା ପଶ୍ଚିମକୁ ପ୍ରବାହିତ ହୋଇଥାଏ । ଜ୍ଞାନର ପ୍ରବର୍ତ୍ତନ ଓ ପରିବର୍ଦ୍ଧନ କ୍ଷେତ୍ରରେ ମଧ୍ୟ ସେକଥା ସତ୍ୟ । ନାଟକ କ୍ଷେତ୍ରରେ ସର୍ବାଦୌ ସତ୍ୟ । ଭାରତରେ ନାଟକର ଅବତାରଣା ଇଂରେଜୀ ନାଟକ ଅପେକ୍ଷା ଅନେକ ପ୍ରାଚୀନ କାଳର । ଅଧ୍ୟାପକ, ଭାରତୀକୃଷ୍ଣଙ୍କ ଜ୍ଞାନର ପରିଧି ଦେଖି ବିସ୍ମିତ ହେଲେ, ଆନନ୍ଦିତ ମଧ୍ୟ । ତାଙ୍କର ରହଣିକାଳ ବୃଦ୍ଧି କରି ପ୍ରତିଦିନ ଶ୍ରୀ ଶ୍ରୀ ଭାରତୀ-କୃଷ୍ଣଙ୍କ ପାଖକୁ ଯାଇ 'ବେଦ' ବିଷୟରେ ଶିକ୍ଷା ଗ୍ରହଣ କରିଥିଲେ ଏକ ପକ୍ଷାଧିକ କାଳ । ତା'ପରେ ସ୍ୱଦେଶକୁ ଫେରିଗଲେ ନୂଆ ଦିଗ୍‌ବଳୟର ସନ୍ଧାନ ପାଇ ।

ଏପରି ବିସ୍ମୟକର ପ୍ରତିଭା ଭୂଭାରତରେ ବିରଳ ପ୍ରାପ୍ୟ । ଦିନେ ଯିଶୁଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ଯାଇ ଶ୍ରୀ ଶ୍ରୀ ଭାରତୀକୃଷ୍ଣ କହିଲେ ଯେ ତାଙ୍କ ନାମ ଇଂରେଜୀରେ ଠିକ୍ ଭାବରେ ଉଚ୍ଚାରିତ ହୁଏ ନାହିଁ । ପ୍ରକୃତରେ ତାଙ୍କ ନାମ ଥିଲା—"କ୍ରିଷ୍ଟ୍"– ଯା'ର ଅର୍ଥ କୃଷ୍ଣ । ସେ କୃଷ୍ଣଙ୍କର ଅବତାର ଥିଲେ । ଯେତେବେଳେ ସେ ବେଥେଲହାମରେ ଜନ୍ମ ଗ୍ରହଣ କଲେ, ସେତେବେଳେ ଆର୍ଯ୍ୟ ଋଷି ତିନିଜଣ ଜାଣିପାରିଲେ ଯେ ଭଗବାନ ଅବତାର ଗ୍ରହଣ କରୁଅଛନ୍ତି । ସେମାନେ ତାଙ୍କ ଜନ୍ମସ୍ଥାନକୁ ଯାଇ ନବଜାତ ଶିଶୁକୁ ଆଶୀର୍ବାଦ କରିଥିଲେ । ବାଇବେଲ୍‌ରେ "Three Wisemen of the East". ବିଷୟରେ ବିଶେଷ ଉଲ୍ଲେଖ ରହିଛି । ଶ୍ରୀ ଶ୍ରୀ ଭାରତୀକୃଷ୍ଣ କହିଲେ ଯେ ଯିଶୁଖ୍ରୀଷ୍ଟ ତାଙ୍କର ପରବର୍ତ୍ତୀ ଜୀବନରେ ସେହି ଋଷିମାନଙ୍କ ଗହଣରେ ଅନେକ ଦିନ ରହି ଜ୍ଞାନ ଆହରଣ କରି

Digitized by srujanika@gmail.com

ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତାପରେ ସେ ଦେଶବାସୀଙ୍କ ମଧ୍ୟରେ ନବଚେତନାର ଉନ୍ମେଷ ଆଣିଥିଲେ । ସେକାଳର ଅନ୍ଧକାରାଚ୍ଛନ୍ନ ଅବଦମିତ ମନୁଷ୍ୟର ନିମ୍ନାଭିମୁଖୀ ପ୍ରବୃତ୍ତିକୁ ଈଶ୍ୱରଙ୍କ ଆଲୋକ ଆଡ଼କୁ ଫେରାଇ ଦେଇଥିବାର ପ୍ରଚେଷ୍ଟାକୁ ସେକାଳର ଶାସକ ଭୁଲ ବୁଝି ସେହି ମହାପ୍ରାଣକୁ ବଳି ଦେଇଥିଲେ, କିନ୍ତୁ ଖ୍ରୀଷ୍ଟଙ୍କର ମହାକ୍ଷମା, ଅହିଂସା ଓ ମୈତ୍ରୀର ବାଣୀ ମନୁଷ୍ୟ ମନରେ ଗଭୀର ରେଖାପାତ କରି ସମଗ୍ର ମାନବ ଜାତିକୁ ଉନ୍ନତ ଭାବଧାରା ଆଡ଼କୁ ଆକୃଷ୍ଟ କରିଥିଲା । ବହୁ ଶତାବ୍ଦୀ ଧରି ଖ୍ରୀଷ୍ଟଙ୍କର ବାଣୀ ମନୁଷ୍ୟ ମନରେ ନବଚେତନା ଆଣି ଦେଇଥିଲା । ଶ୍ରୀ ଶ୍ରୀ ଭାରତୀକୃଷ୍ଣ କହିଥିଲେ ଯେ କୃଷ୍ଣ ଓ ଖ୍ରୀଷ୍ଟଙ୍କ ମଧ୍ୟରେ କୌଣସି ଭେଦ ନାହିଁ । କେବଳ ମହାନ୍ ସତ୍ୟର ଦେଶକାଳଜନିତ ନୂତନ ପରିପ୍ରେକ୍ଷୀରେ ଭିନ୍ନ ପରିପ୍ରକାଶ ମାତ୍ର । ଲୋକମାନେ ପରିପ୍ରେକ୍ଷୀକୁ ବୁଝି ନ ପାରି ନିଜର ଧର୍ମାନ୍ଧତା ଯୋଗୁ ବିଭିନ୍ନତାର ସୃଷ୍ଟି କରି ଥାଆନ୍ତି । ନିଜର କ୍ଷୁଦ୍ରତ୍ୱରେ ଆବଦ୍ଧ ହୋଇ, ସ୍ୱକୃତ ଗଣ୍ଡିମଧ୍ୟରେ ଥାଇ, ଭୂମାର ଧାରଣାକୁ ଭୁଲିଯାଆନ୍ତି । ଫଳରେ ହିଂସା, ଦ୍ୱେଷ, ବିଭେଦ ଓ କଳହ ମାନବଜାତି ମଧ୍ୟରେ ଅହରହ ଲାଗି ରହିଥାଏ । କ୍ଷୁଦ୍ରତ୍ୱର ଗଣ୍ଡିକୁ ଭେଦ କରିବାର ଏକମାତ୍ର ରାସ୍ତା ମହତ୍ତ୍ୱ । ମନୁଷ୍ୟ ମନରେ ଭଗବାନଙ୍କର ବିଶାଳତାର ଅବତାରଣା କଲେ, ତାର ମାନସିକ ଦିଗ୍‌ବଳୟର ଅଭିବୃଦ୍ଧି ହୋଇ କ୍ଷୁଦ୍ରତ୍ୱର ବିଲୟ ହେବ । ତାର ନୀଚତାର ଅବସାନ ଘଟି ମହାଜୀବନର ସୂତ୍ରପାତ ହେବ । ଏହାଛଡ଼ା ଆଉ କୌଣସି ପନ୍ଥା ନାହିଁ ।

ସନ୍ଧ୍ୟା ହେଲା, ଶ୍ରୀ ଶ୍ରୀ ଭାରତୀକୃଷ୍ଣ ନିଜେ ଉପାସନା କରିବା ପାଇଁ ଉଠିଲେ । ଆମେ ସବୁ ତାଙ୍କଠାରୁ ବିଦାୟ ନେଲୁ । ଫେରିବା ବେଳେ ତାଙ୍କର ବାଣୀ ଆମମାନଙ୍କର ମନକୁ ପରିପୂର୍ଣ୍ଣ କରି ରଖିଥିଲା । ତାଙ୍କର ପ୍ରଦର୍ଶିତ ଦିଗ୍‌ଦର୍ଶନରେ ଆମ୍ଭେମାନେ ଏକାବେଳକେ ମୁଗ୍ଧ, ହତବାକ୍ । ନିଜ ନିଜ ମଧ୍ୟରେ ଗଳ୍ପ କରିବାର ଇଚ୍ଛା ବିଲୁପ୍ତ ପ୍ରାୟ । ସତେ, ଏହି ବିଶାଳ ବିଶ୍ୱର ପରିଧି କେତେ ବଡ଼ । ଆଉ ତା'ଠାରୁ କେତେ ଉଚ୍ଚରେ ଅଛନ୍ତି ବିଶ୍ୱପିତା ଯେ ସମଗ୍ର ବିଶ୍ୱକୁ ନିୟନ୍ତ୍ରଣ କରୁଅଛନ୍ତି ; ତାର ନିୟାମକ ହୋଇ ରହିଛନ୍ତି । ଆମ୍ଭେମାନେ କେବଳ ନିଜର ସ୍ୱାର୍ଥନେଇ ବ୍ୟସ୍ତ । ନିଜ ବିଷୟ ଛଡ଼ା ଅନ୍ୟ ବିଷୟରେ ଭାବିବାର ଇଚ୍ଛା ନାହିଁ, ନିଜକୁ ବଡ଼ ହୀନ ମନେ ହେଲା ।

Digitized by srujanika@gmail.com

ଅଫିମଖିଆ ଲୋକ ଯଦି କେଉଁଠାରୁ ଥରେ ଅଫିମ ପାଇଛି, ତାହାହେଲେ ତା ନିଶା ପାଇଁ ଯାଇ ଠିକ୍ ସମୟରେ ସେଠାରେ ହାଜର ହୋଇଯିବ । ଆମ୍ଭମାନଙ୍କର ମଧ୍ୟ ସେଇଆ । କପର ପାଞ୍ଚଟା ବାଜିଲେ ଯାଇ ଧର୍ମଙ୍କରାଚାର୍ଯ୍ୟ ମଠରେ ହାଜର ହେବୁ । ମନ ସବୁବେଳେ ଚଞ୍ଚଳ । କେମିତି ଯାଇ ତାଙ୍କ ପାଖରେ ପହଞ୍ଚିବୁ । ଶ୍ରୀ ଶ୍ରୀ ଭାରତୀକୃଷ୍ଣଙ୍କର ବଚନ-ଅମୃତ ପାନ କରିବୁ ଏ ଚିନ୍ତା ଦିନସାରା । ନୂଆ ଜିନିଷ ଜାଣିବାର ନିଶା ଦୁର୍ବାର ହୋଇ ଉଠିଛି ଆମ ପାଇଁ । ବିଶେଷ କରି ଶ୍ରୀଣାର ଓ ମୋର । ପଙ୍କ ବାବୁ ତ ପଣ୍ଡିତ ଲୋକ, ସେ ଯିବା ଅନେକ କଥା ଆଗରୁ ଜାଣନ୍ତି, ମାତ୍ର ଆମକୁ ଯିବୁ ଅମୃତ ପ୍ରାପ୍ତ ଲାଗେ, ପହଞ୍ଚିଗଲେ ତାଙ୍କର ପାଦତଳେ ବସି କି ଶାନ୍ତି ଅନୁଭବ କରୁ ତାହା କେବଳ ଆମକୁ ହିଁ ଜଣା । କି ସୌମ୍ୟଦର୍ଶନ ପୁରୁଷ ! ମୁଖମଣ୍ଡଳ ପ୍ରଶାନ୍ତିରେ ଭରି । ଉଜ୍ଜ୍ୱଳ ଗୌର ବର୍ଣ୍ଣ । ଲଲାଟରେ ଚନ୍ଦନ ବୋଳା । ଗୋଟିଏ ସ୍ଲେଟ ଖଟ ଉପରେ ସେ ବସନ୍ତି । ଆମେ ସବୁ ତଳେ ବସୁ । କଥାବାର୍ତ୍ତା ଆରମ୍ଭ ହୁଏ ।

ସେଦିନ ମଧ୍ୟ ସେହିପରି ଆରମ୍ଭ ହେଲା । "ଆରେ ପିଲାଏ, ତୁମେମାନେ ଅଲ୍‌ଜେବ୍ରା (algebra) ପଢ଼ୁଛ ତ ? କ୍ୱାଡ୍ରାଟିକ୍ ଇକୁଏସନ୍ କଣ ଜାଣ ?" ଆମ୍ଭମାନଙ୍କୁ ପଚାରିଲେ ଜଗଦ୍‌ଗୁରୁ । ଆମ୍ଭେମାନେ କହିଲୁ —ଆଜ୍ଞା ହିଁ । K. P. Basu ବହିରେ ପଢ଼ିଛୁ । କ୍ଲାସରେ କରିଛୁ ମଧ୍ୟ । ସେ କହିଲେ କାଲି ବହି ନେଇ ଆସିବ । ଏଠାରେ ଅଙ୍କ କଷା ହେବ । ଆମ୍ଭେମାନେ ଭାବିଲୁ ପରୀକ୍ଷା ଦେଇ ନିଷ୍କୃତି ହେବା ପରେ ଏହା ଏକ ବିପଦ । ଏତେବଡ଼ ଗାଣିତିକଙ୍କ ପାଖରେ ଆମେ କଣ ଅଙ୍କ କଷିବୁ ! ବଡ଼ ହଇରାଣରେ ପଡ଼ିଲୁ । ଆମର ଇଲମ ତ ବାହାର ପଡ଼ିବ ପରୀକ୍ଷାରେ ଫେଲ ହେଲେ । ଡରି ଡରି ତା ପରଦିନ ଆଲ୍‌ଜେବ୍ରା ବହି ନେଇ ପହଞ୍ଚିଲୁ । ଗୋଟିଏ ଦଇଟା ଅଙ୍କ କଷି ଦେଖାଇଲୁ । ଫଳ ମଧ୍ୟ ଠିକ୍ ଆସିଲା । ସେ କହିଲେ ଅନେକଗୁଡ଼ିଏ ସୋପାନ (Steps) ଯିବା ପରେ ତୁମ୍ଭେମାନେ ଫଳ ବାହାର କରି ପାରୁଛ । ମାତ୍ର ଅଥର୍ବ ବେଦର ସୂତ୍ର ଅନୁସାରେ ଗୁରିପାଞ୍ଚଟି ଅକ୍ଷରର ସୂତ୍ରରୁ ଫଳ ସାଙ୍ଗେ ସାଙ୍ଗେ ବାହାର କରି ହେବ । ସୋପାନ କରି ଫଳରେ ପହଞ୍ଚିବାର ଆବଶ୍ୟକତା ନାହିଁ । ସେ ସୂତ୍ରଟି ବୁଝେଇ ଦେଇ ଫଳ ବାହାର କରି

Digitized by srujanika@gmail.com

ଦେଲେ । ଆମ୍ଭେମାନେ ଉତ୍ତରମାଳାରୁ ଦେଖିଲୁ ଫଳ ଏକାବେଳକେ ଠିକ୍ । ଏତେ ସହଜରେ ପ୍ରାପ୍ୟ ! ଅଥଚ ଆମେ ଏତେ ପରିଶ୍ରମ କରି ଉତ୍ତର କଷି ବାହାର କରୁଛୁ । ତାଙ୍କୁ ପଚାରିଲୁ ବେଦରେ କଣ ଗଣିତ ମଧ୍ୟ ଅଛି । ସେ କହିଲେ 'ବେଦ' ମାନେ ଜ୍ଞାନ । ସେଥିରେ ବ୍ୟାବହାରିକ ଜ୍ଞାନ ମଧ୍ୟ ପୂର୍ଣ୍ଣମାତ୍ରାରେ ରହିଛି । ଯଥା: ଜ୍ୟାମିତି, ତ୍ରିକୋଣମିତି, ପରିସଙ୍ଖ୍ୟାନ ବିଦ୍ୟା ଇତ୍ୟାଦି । କେତେକ ଉଦାହରଣ ଦେଇ ବୁଝାଇଲେ । କହିଲେ, ଅଥର୍ବ ବେଦରେ ବ୍ୟାବହାରିକ ଜ୍ଞାନ ବିଶେଷ ସ୍ଥାନ ପାଇଛି । ତାଙ୍କଠାରୁ ସେଦିନ ବେଦର ବିଭିନ୍ନ ପର୍ଯ୍ୟାୟର ବିବରଣ ଶୁଣିବାକୁ ମିଳିଲା । ସେ କହିଲେ ଯେ ବେଦର ବିଶେଷ ଚର୍ଚ୍ଚାର ପାଇଁ ସେ ଉଦ୍ୟମ କରିବେ । ତାଙ୍କର ପ୍ରଚେଷ୍ଟା ଅବ୍ୟାହତ ଥିଲା ।

ଆଉ ଦିନକର ଘଟଣା । କହିଲେ, "ଭାରତବର୍ଷର ପୃଥିବୀକୁ ଅବଦାନ କଣ ଜାଣ ? ଶରୀରକୁ ହୃଦୟର ଯାହା ଅବଦାନ ତାହାହିଁ ।" ଆମ୍ଭେମାନେ ତାଙ୍କୁ ବିଷୟଟି ବୁଝାଇ କହିବାକୁ ଅନୁରୋଧ କଲୁ । ସେ କହିଲେ ଯଦି ପୃଥିବୀର ମାନଚିତ୍ର ଉପରେ (ଦୁଇ ଆମେରିକାସ୍ଥ ଅଂଶ ବ୍ୟତୀତ) ମନୁଷ୍ୟର ଶାରୀରିକ ଛବି ମିଳାଇ ସ୍ଥାପନ କରାଯାଏ ତେବେ ଦେଖାଯିବ ଭାରତବର୍ଷ ଶରୀରର ହୃଦୟର ସ୍ଥାନରେ ନିପତିତ ହୋଇ- ଅଛି । ଭାରତବର୍ଷ ପ୍ରକୃତ ପକ୍ଷରେ ହୃଦୟର କାର୍ଯ୍ୟ କରୁଅଛି । ରକ୍ତବାହୀ ଶିରାପ୍ରଶିରାରେ ଶରୀରର ସବୁ ରକ୍ତ ଆସି ହୃଦୟରେ ପ୍ରବେଶ କରେ । ଦୂଷିତ ରକ୍ତ ପରିଷ୍କୃତ ହୋଇ ହୃଦୟରୁ ପୁଣି ଶରୀରରେ ପ୍ରବାହିତ ହୁଏ । ଏହି ପରିଷ୍କରଣ ପ୍ରକ୍ରିୟା ହୃଦୟର ବିଶେଷ କର୍ତ୍ତବ୍ୟ । ସେହି- ପରି ପୃଥିବୀର ଚିନ୍ତାରାଜ୍ୟରେ ଯେତେବେଳେ ଦୂଷିତ ଭାବନା ପ୍ରବେଶ କରି ଜୀବନକୁ କଳୁଷିତ କରେ ଏବଂ ମାନବ ସମାଜର ନୈତିକ, ସାମାଜିକ ଓ ସାମୂହିକ ଜୀବନର ଅଧଃପତନ ଆଣେ ସେତେବେଳେ ଭାରତର ମହୀୟାନ ଚିନ୍ତାଧାରା ମାନବ ଜୀବନକୁ ପୁଣି ତାର ଉନ୍ନତ ସ୍ତରକୁ ନେଇଯାଏ । ନୈରାଶ୍ୟ ଜର୍ଜରିତ ପାଶ୍ଚାତ୍ତ୍ୟ ସବୁବେଳେ ଭାରତ ପ୍ରତି ଦୃଷ୍ଟି ନିକ୍ଷେପ କରେ ନୂଆ ପ୍ରେରଣା ପାଇଁ । କାରଣ ଜଡ଼ବାଦରେ ମାନବ ଆତ୍ମା ନିଷ୍ପେଷିତ ହୋଇ ବିଦ୍ରୋହ କରେ । ଜଡ଼ବାଦ ସହିତ ଆସେ ମନୁଷ୍ୟର ସାର୍ବିକ ଧ୍ୱଂସ । ଏହିପରି ସମୟରେ ଭାରତର ଅମର

Digitized by srujanika@gmail.com

ବାଣୀ, ଆତ୍ମାକୁ ଉଦ୍‌ବୁଦ୍ଧ କରି ଜଡ଼ତାର କ୍ଷୁଦ୍ରଗଣ୍ଡିରୁ ଚେତନାର ଅସୀମତା ଆଡ଼କୁ ଟାଣିନିଏ ମାନବକୁ । ତାକୁ କହେ—ହେ ଅମୃତର ପୁତ୍ରମାନେ ! ଶୁଣ ! ମୁଁ ସେହି ଆଦିତ୍ୟବର୍ଣ୍ଣ ମହାନ୍ ପୁରୁଷଙ୍କୁ ଅନ୍ଧକାରର ପରପାରରେ ଦେଖିଛି । ତାଙ୍କ ଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ । ସର୍ବଥା, ସର୍ବଦା ତାଙ୍କୁହିଁ ସ୍ମରଣ, ମନନ, ଚିନ୍ତନ କର । ତୁମର ଆତ୍ମାର ବିଲୟ ନାହିଁ ।

ଭାରତର ମୁନି ଋଷିଙ୍କ ପ୍ରଦତ୍ତ ଜ୍ଞାନର ମହିମା କିୟଦଂଶରେ ଅନୁଭବ କଲି । କିନ୍ତୁ ଭାବିଲି ତେବେ ଆମେ ଭାରତୀୟମାନେ ପାଶ୍ଚାତ୍ୟ ପଛରେ ଧାଉଁଛୁ କିଆଁ ? ଆମର ତ ପ୍ରବଳ ଅର୍ଥ ଲୋଲୁପତା ରହିଛି । ଅନ୍ତର୍ଦ୍ୱନ୍ଦ, କଳହ, ବିବାଦର ସୀମା ପରିସୀମା ନାହିଁ । ଆମେ କଣ ପ୍ରକୃତରେ ଭାରତୀୟ ପଦବାଚ୍ୟ ! ଆମର କଣ ଗର୍ବ କରିବାର ଅଧିକାର ଅଛି ଭାରତୀୟ ସଂସ୍କୃତିକୁ ନେଇ ! ପରେ ଭାବିଲି ବୋଧହୁଏ ଆମର ଐତିହ୍ୟ ଆମ୍ଭେମାନେ ହରାଇ ବସିଛୁ । ଆମର ପ୍ରାଚୀନ ଜ୍ଞାନ ଆମଠାରୁ ବହୁଦୂରକୁ ଅପସରି ଯାଇଛି । ପାଶ୍ଚାତ୍ୟ ସଭ୍ୟତାର ବୈଷୟିକ ଉନ୍ନତି ଆମକୁ ଚେଳକ ଲଗାଇ ଦେଇଛି । ସ୍ୱାର୍ଥ ପୂରଣ ପାଇଁ ଆମ୍ଭେମାନେ ଅତ୍ୟନ୍ତ ବ୍ୟଗ୍ର ହୋଇ ପରାର୍ଥ ଓ ପରମାର୍ଥ ବିଷୟରେ ଏକାବେଳକେ ଉଦାସୀନ ହୋଇ କିଂକର୍ତ୍ତବ୍ୟ ଅବସ୍ଥାରେ ଦିନ ଯାପନ କରୁଛୁ । ଯଦି ଆମର ସନ୍ତ୍ୟଚାର ଗରିମା ନ ଥାଆନ୍ତା ତେବେ ଅନ୍ୟ ଦେଶବାସୀ ଆମର ପ୍ରାଚୀନ ମୁନି ଋଷିଙ୍କ ପ୍ରଣୀତ ପୁସ୍ତକପ୍ରତି ଏତେ ଧ୍ୟାନ ଦିଅନ୍ତେ ବା କାହିଁକି ? ଆଜି ଆମ ଦେଶର ମହାନ୍ ଗୁରୁମାନଙ୍କର ଶିଷ୍ୟତ୍ୱ ଗ୍ରହଣ କରନ୍ତେ ବା କାହିଁକି ? ସେପରି ହେଲେ ବୁଦ୍ଧଦେବଙ୍କ ପ୍ରଚାରିତ ଧର୍ମ ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ଲାଭ କରି ନ ଥାନ୍ତା ।

ମୋର ଅତ୍ୟନ୍ତ ସୀମିତ ବୁଦ୍ଧି ଓ ଜ୍ଞାନ ଜଗଦ୍‌ଗୁରୁଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇ ନାନା ଚିନ୍ତା ରାଜ୍ୟରେ ବିଚରଣ କଲା । ଭାବିଲି ଏହାହିଁ ତାଙ୍କର ଦାନ । କାରଣ ଏପରିସବୁ ଚିନ୍ତା ଆଗରୁ କେବେହେଲେ ମାନସପଟରେ ଉଦୟ ହୋଇ ନ ଥିଲା । ଯାହାହେଉ ଦିନକୁ ଦିନ ନାନାରକମର ନୂଆ ଅଭିଜ୍ଞତା ହେବାକୁ ଲାଗିଲା ।

ଆଜି ଦିନେ କହିଲେ, "ବିନାୟକ, ତୁମେ ରବିବାର ସକାଳେ ମୋ ସହିତ ଦେଖାକର ।" ରବିବାରଦିନ ସକାଳବେଳା ସେ ବୈଦିକ

Digitized by srujanika@gmail.com

ଔଷଧ ଦେଇଥାନ୍ତି ରୋଗୀମାନଙ୍କୁ । କିନ୍ତୁ ବିନାୟକ ସବଳ, ସୁଶ୍ରୀ, ଦୀପ୍ତିମାନ ଯୁବକ । ଜୀବନୀ ଶକ୍ତିର ପ୍ରେରଣାରେ ପ୍ରବାହିତ । କୌଣସି ରକମର ଜଡ଼ତା ତାହା ଭିତରେ କେତେବେଳେ ହେଲେ ଲକ୍ଷ୍ୟ କରିନାହିଁ । ଭାବିଲି ସେ କୌଣସି ରୋଗର ଶିକାର ହୋଇନାହିଁ । ତେବେ ତାହା ପକ୍ଷରେ ଔଷଧର ଉପକାରିତାର ଉପଲକ୍ଷ୍ୟ କଣ ହୋଇପାରେ ? ଭାବିଲି ତାକୁ ହୁଏତ କିଛି ଗୋପନ ଶିକ୍ଷା ଦେଇପାରନ୍ତି । ସେଥିପାଇଁ ତାକୁ ମନୋନୀତ କରିଛନ୍ତି । ଟିକିଏ ଈର୍ଷା ମଧ୍ୟ ହେଲା । ଭାବିଲି ଦେଖାଯାଉ କଣ ହେଉଛି ।

ପ୍ରତିଦିନ ବୀଣା ସାଙ୍ଗରେ ଭେଟ । ତା'ପରଦିନ ପଚାରିଲି— "କିରେ, ଜଗଦ୍‌ଗୁରୁ କାହିଁକି ତୋତେ ଡାକିଥିଲେ ?" ସେ ଉତ୍ତର ଦେଲା— "ମୋତେ ଔଷଧ ଦେବାପାଇଁ, କାରଣ ମୋର କୁଆଡ଼େ ଜୀବନୀ ଶକ୍ତିର ଅଭାବ ଅଛି । ନିୟମିତ କେତେଗୁଡ଼ାଏ ଜଡ଼ିବୁଟି ଖାଇବାକୁ ଦେଇଛନ୍ତି । ସେଗୁଡ଼ାକ ମୋର କଣ ହେବ ? ମୁଁ ତ ବେଶ୍ ଭଲ ଅଛି । ସେଥିପାଇଁ ସେ ଚେରମୂଳ ଫୋପାଡ଼ି ଦେଇଛି ।" ପ୍ରକୃତରେ ତାର ବଳିଷ୍ଠ ଶରୀର । ଫୁଟବଲ ଖେଳରେ ଖୁବ୍ ପାରଙ୍ଗମ । ତାର ପୁଣି ଚିକିତ୍ସାର କଣ ଦରକାର । ଗୁରୁଙ୍କୁ ନ ଦେବାହିଁ ଯଥାର୍ଥ ।

ତାପରର ଘଟଣା ସଂକ୍ଷିପ୍ତ । ପରୀକ୍ଷା ଫଳ ବାହାରିଲା । ଆମେ ଦୁହେଁ ପାଶ୍ କରିଛୁ । ବୀଣା ବିଜ୍ଞାନ ପଢ଼ିବାକୁ ଚାହେଁ । ମୁଁ "କଳା" ନେଇ ପୁରୀ କଲେଜରେ ପଢ଼ିଲି । ସେ ରେଭେନ୍ସା କଲେଜରେ ବିଜ୍ଞାନ ପଢ଼ିବାକୁ ଗଲା । ସେଠାରେ ଭଲ ଥାଏ, ପୁରୀ ଆସିଲେ ବରାବର ଦେଖା କରେ । ହଷ୍ଟେଲରେ ଥାଏ । ଏତିକିବେଳେ ପ୍ରବଳ ବନ୍ୟା ଆସିଲା । କଟକସହର ବୁଡ଼ିଯିବା ଉପରେ । ଛାତ୍ରମାନେ କାଠଯୋଡ଼ି ବନ୍ଧରେ ଦିନରାତି ପହରା ଦେଲେ । ବାଲିବସ୍ତା ବୁହାହେଲା । ବୀଣା ରାତିଦିନ ଡିଉଟି ଦେଉଥାଏ । ଅସରା ଅସରା ବର୍ଷାମାଡ଼ ବି ଖାଉଥାଏ । ତାପରେ ତାକୁ ଜ୍ୱର ହେଲା । ଖୁବ୍ ବଢ଼ିଲା । କେଇଟା ଦିନରେ ସବୁ ଶେଷ । ଅତ୍ୟନ୍ତ ଅବିଶ୍ୱାସ୍ୟ ହେଲେ ମଧ୍ୟ ନିରାଟ ସତ । ବୀଣା ନାହିଁ ମୁଁ ଭାବିପାରିଲି ନାହିଁ । ତା ନନା, ବୋଉ ଗଭୀର ଆଘାତ ପାଇଲେ ।

Digitized by srujanika@gmail.com

ହେଲେ, ଉପାୟ କଣ ? ବାଣା ତ ଆଉ ଫେରି ଆସିବ ନାହିଁ । ସବୁ ସହିଲେ ଭାଗ୍ୟକୁ ଆଦରି ।

ମୁଁ ଖାଲି ଭାବୁଥାଏ—ଆହା, ଯଦି ଭାରତୀକୃଷ୍ଣଙ୍କର ପ୍ରଦତ୍ତ ଔଷଧ ଖାଇଥାନ୍ତା ତାହାହେଲେ ଅକାଳ ବିୟୋଗ ହୁଅନ୍ତା ନାହିଁ । ମୁଁ ମୋର ପ୍ରାଣର ବନ୍ଧୁକୁ ହରାଇ ନ ଥାନ୍ତି । ମନ ସବୁବେଳେ ଘାରି ହେଉଥାଏ । କେତେଥର ବାଣାକୁ ସ୍ୱପ୍ନ ମଧ୍ୟ ଦେଖିଛି । ଶେଷକୁ ଭାବିଲି ଧନ୍ୟ ଭାରତୀକୃଷ୍ଣ, ଧନ୍ୟ ତୁମର ଦିବ୍ୟଦୃଷ୍ଟି, ଧନ୍ୟ ତୁମର ଉପଲବ୍ଧି । ତୁମେ ଆମକୁ ଯଦି ଏହି ଉପଲବ୍ଧିର ଏକ କଣା ଦେଇଥାନ୍ତ, ତେବେ ଆମର ଜୀବନ ମଧ୍ୟ ଧନ୍ୟ ହୋଇଥାନ୍ତା ।

ଆଜି ଜୀବନର ସାୟାହ୍ନରେ ବସି ସେହି ମହାମନୀଷୀଙ୍କର କଥା ବହୁବାର ମନେପଡ଼େ । ସ୍ମୃତିର ଛାୟା ଖେଳିଯାଏ । ବିସ୍ମୃତିର ମେଘ ମଧ୍ୟ ମନରେ ଲୁଚକାଳି ଖେଳେ । କିଛି ମନେ ପଡ଼େ, କିଛି ମନେ ପଡ଼େ ନାହିଁ । ତଥାପି ଯାହା ମନେ ରହିଛି ତାହାହିଁ ବାକି ଜୀବନର ପାଥେୟ ସଦୃଶ । ସେମାନେ ନାହାନ୍ତି—ଶ୍ରୀ ଶ୍ରୀ ଭାରତୀକୃଷ୍ଣ, ପଙ୍କ ବାବୁ, ତାଙ୍କ ପୁଅ ବାଣା—କେହି ନାହାନ୍ତି । ଅଛି ସମୁଦ୍ରକୂଳ ଯେଉଁ ରାସ୍ତା ଦେଇ ଆମେ ସବୁ ଯାଉଥିଲୁ ଶଙ୍କରାଚାର୍ଯ୍ୟ ମଠକୁ । କିନ୍ତୁ ବାଲିବନ୍ତ ଆଉ ନାହିଁ । ସେମାନେ ସବୁ କାଳସ୍ରୋତରେ ହଜିଗଲେ ମଧ୍ୟ ମନର ଦର୍ପଣରେ ସଦା ପରିସ୍ଫୁଟ । ମନେହୁଏ ସତେ ଯେପରି ଆମେ ଆଗଭଳି ଆଲୋଚନାରେ ବସିଛୁ । ଅନର୍ଗଳ ବକ୍ତବ୍ୟ ଶୁଣୁଛୁ ଜଗଦ୍‌ଗୁରୁ ଭାରତୀକୃଷ୍ଣଙ୍କର । ଉତ୍ତର ଜୀବନରେ ଅନେକ ପଣ୍ଡିତଙ୍କର ବକ୍ତୃତା ଶୁଣିବାର ସୌଭାଗ୍ୟ ମୋର ହୋଇଥିଲା । କିନ୍ତୁ ସେହି ଚିତ୍ତାକର୍ଷକ, ପରମ ରମଣୀୟ ପୁରୁଷଙ୍କର ବାଣୀ ମୋ ମନରେ ଅମର ହୋଇ ରହିଅଛି ।

Digitized by srujanika@gmail.com

ପ୍ରବଳ ସଂଗ୍ରାମ ଚାଲିଛି ଭାରତର ସ୍ୱାଧୀନତା ପାଇଁ । ଦେଶଭକ୍ତ ଛାତ୍ରମାନେ ସେଥିରେ ଆଗଭର ହୋଇ ନାନା ପ୍ରୟାସରେ ବ୍ୟସ୍ତ । ସେପରି କେତେକ ସଂଗ୍ରାମୀ ଯୁବକ ଥାଆନ୍ତି ମଙ୍ଗୁମଠରେ । ସିଂହଦ୍ୱାରର ଅତ୍ୟନ୍ତ ନିକଟରେ । ଆମର କେତେକ ସହପାଠୀ ମଧ୍ୟ ସେଠାରେ ରହନ୍ତି । ଓଡ଼ିଶାର ଅନେକ ପ୍ରଥମ ଶ୍ରେଣୀର ନେତାଙ୍କ ସହିତ ସେମାନେ ଯୁକ୍ତ । ମଙ୍ଗୁମଠର ବାତାବରଣ ସବୁବେଳେ ସରଗରମ । ଅନେକ ବାକବିତଣ୍ଡା ଭବିଷ୍ୟତ ପଦକ୍ଷେପ ବିଷୟରେ, ସଂଗ୍ରାମର ସୋପାନ ସମ୍ବନ୍ଧରେ । ମୁଁ ମଧ୍ୟ ସେଠାକୁ ଯାଏ । ସେମାନଙ୍କର କଥା ଶୁଣିବାକୁ ଖୁବ୍ ଭଲ ଲାଗେ । ଆମ ସାଙ୍ଗର କୃଷ୍ଣଚନ୍ଦ୍ର ରଥ, ସତ୍ୟବାଦୀ ମିଶ୍ର, ବାସୁଦେବ ହୋତା ଇତ୍ୟାଦି ସେଠାରେ ରହନ୍ତି ।

ଦିନେ ଦେଖିଲି ଜଣେ ଅତି ଅମାୟିକ ସାଧୁ ବସିଛନ୍ତି । ସମସ୍ତଙ୍କ ସହିତ ହସି ହସି କଥାଭାଷା କରୁଛନ୍ତି । ମୋତେ ଦେଖିବା ମାତ୍ରେ ମୋର ନାମ ପଚାରିଲେ । ଉତ୍ତର ଦେଲି । ସେ ସମସ୍ତଙ୍କ ନାମ ପୂର୍ବରୁ "ଶ୍ରୀ" ବ୍ୟବହାର କରୁଥାଆନ୍ତି । ଭଦ୍ରତାର ଅବତାର ସ୍ୱରୂପ । କାହା ପ୍ରତି ହେୟଜ୍ଞାନ ବା ତୁଚ୍ଛଜ୍ଞାନ ନାହିଁ । ସମସ୍ତଙ୍କ ପ୍ରତି ସ୍ନେହ, ସମ୍ମାନ ଓ ଭଦ୍ରତା । ବୟସରେ ଆମ୍ଭମାନଙ୍କଠାରୁ ଅନେକ ବଡ଼ ହେଲେ ମଧ୍ୟ ବ୍ୟବହାରରେ ସମତା ଲକ୍ଷ୍ୟଣୀୟ ଥିଲା । ତାଙ୍କୁ ଦେଖିବା ମାତ୍ରେ ଅତି ଆପଣାର ମନେ ହେଲା । ପଚାରିଲେ ମୁଁ ସଂସ୍କୃତ ପଢ଼ୁଛି କି ନାହିଁ । ମୁଁ 'ନା' କରିବାରୁ କହିଲେ ଯେ ଭାରତୀୟ ମାତ୍ରେ ସଂସ୍କୃତ ଜ୍ଞାନର ଅଧିକାରୀ ହେବା ଉଚିତ, ଆମ ଦେଶର ପୁରାତନ ସଂସ୍କୃତି ବିଷୟରେ ସମ୍ୟକ ଜ୍ଞାନ ଆହରଣ ନିମନ୍ତେ । ସେ ନିଜେ ସଂସ୍କୃତଜ୍ଞ ପଣ୍ଡିତ । ହିନ୍ଦୀରେ ମଧ୍ୟ ବ୍ୟୁତ୍ପତ୍ତିର ଅଧିକାରୀ । ଜଣେ ପଣ୍ଡିତଙ୍କଠାରୁ ପଢ଼ିବାର ସୁଯୋଗ ମୋ ଜୀବନରେ ପ୍ରଥମ । ତତ୍‌କ୍ଷଣାତ୍ ରାଜି ହୋଇଗଲି ତାଙ୍କଠାରୁ ପଢ଼ିବା ପାଇଁ । କହିଲେ ସେ ବଡ଼ଛତାମଠରେ ଥାଆନ୍ତି । ସେଠାରେ ଗୋଟିଏ ସଂଲଗ୍ନ କୋଠରୀରେ ପଢ଼ାଶୁଣା କରନ୍ତି । ସେଠାକୁ ପ୍ରତିଦିନ ଆସିବାକୁ କହିଲେ । ସେଇ ଦିନର ଶୁଭଲଗ୍ନରେ ମୋର ଶିକ୍ଷାଗୁରୁ ବିଖ୍ୟାତ "ରାମଦୟା ପରିଷଦ"ର ପ୍ରତିଷ୍ଠାତା ଶ୍ରୀ ରାମରତନ ଦାସଙ୍କ ସହିତ ପରିଚୟର ସୌଭାଗ୍ୟ ହୋଇଥିଲା । ଏହି ପରିଚୟ ପରବର୍ତ୍ତୀ କାଳରେ

Digitized by srujanika@gmail.com

ଅତ୍ୟନ୍ତ ଘନିଷ୍ଠ ଶିଷ୍ୟରୂପରେ ପରିଣତ ହୋଇ ମୋର ସାମାନ୍ୟ ସାଧାରଣ ଜୀବନକୁ ବହୁଧା ସମୃଦ୍ଧ କରିଥିଲି ।

ସେ ପ୍ରତିଦିନ ଆମ୍ଭମାନଙ୍କୁ ସନ୍ଥ ତୁଳସୀ ଦାସଙ୍କ ପ୍ରସିଦ୍ଧ ରାମାୟଣ "ରାମଚରିତ ମାନସ" ପାଠକରି ଶୁଣାଉଥିଲେ । ଦୋହାଗୁଡ଼ିକର ଅର୍ଥ ମଧ୍ୟ ପ୍ରାଞ୍ଜଳଭାବରେ ବୁଝାଇ ଦେଉଥିଲେ । କ୍ରମେ କ୍ରମେ ଯେଉଁ ପିଲା-ମାନେ ତାଙ୍କ ପାଖକୁ ଯାଉଥିଲେ ସେମାନଙ୍କର ରାମାୟଣସ୍ପୃହା ବଢ଼ିଲା । ଆମ୍ଭେମାନେ ମଧ୍ୟ ଦୋହା ନିଜେ ନିଜେ ପଢ଼ିବାକୁ ଲାଗିଲୁ । ସେ ବୁଝାଇ ଦେଉ ଥାଆନ୍ତି । ଏପରି ଭାବରେ ତୁଳସୀ ରାମାୟଣ ଆମ ଶିକ୍ଷାର ଅଙ୍ଗ-ବିଶେଷରେ ପରିଣତ ହେଲା । ଆମ୍ଭେମାନେ ହିନ୍ଦୀ ଶିଖିଗଲୁ । ମୋର ସଂସ୍କୃତ ପଢ଼ା ଆରମ୍ଭ ହେଲା । "ପ୍ରଥମା" ପରୀକ୍ଷା ଦେବାପାଇଁ ପାଣିନୀ ବ୍ୟାକରଣ ତାଙ୍କଠାରୁ ଶିଖିବାକୁ ଲାଗିଲି । ଅତି ଯତ୍ନ ସହକାରେ ମୋତେ ପଢ଼ାଇବାକୁ ଲାଗିଲେ । କହିଲେ ଯଦି ମନଦେଇ ପଢ଼ ତେବେ ପରୀକ୍ଷାରେ ନିଶ୍ଚୟ ପ୍ରଥମ ହେବ । ଆମ ସ୍କୁଲ ପଢ଼ାରେ ସଂସ୍କୃତ ପାଠ୍ୟ ବିଷୟ ନ ଥିଲା । ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ହେଲା ଶ୍ରୀ ରାମରତନ ଦାସଙ୍କ ପ୍ରେରଣାରେ । ତାଙ୍କର ସମ୍ମାନ ରଖିବାକୁ ହେବ ତ ! ମନଦେଇ ପଢ଼ିଲି । ବ୍ୟାକରଣ ବଡ଼ କଠିନ ମନେ ହେଲା । ଖୁବ୍ ପରିଶ୍ରମ କରିବାରୁ ତାଙ୍କର ସମ୍ମାନ ରକ୍ଷା ହେଲା । ଫଳ ବାହାରିଲା । ତାଙ୍କ ଉଦ୍ୟମ ସଫଳ ହୋଇଛି । ଖୁବ୍ ଖୁସି । ସତେ ଯେପରି ସେ ନିଜେ ପ୍ରଥମ ହୋଇଛନ୍ତି । ତାଙ୍କର ସ୍ନେହ ଥିଲା ନିଜର ପିତାଭଳି । ମୁଁ ଏକାବେଳକେ ମୁଗ୍ଧ ହୋଇଗଲି । ଅନୁଗତ ହୋଇଗଲି ପୂରାପୂରି ଭାବରେ ।

ବଡ଼ଚଢ଼ାମଠ ଶ୍ରୀମନ୍ଦିର ବେଢ଼ା ସଂଲଗ୍ନ । ସେଠାରେ ରାମ ଲକ୍ଷ୍ମଣ ସୀତାଙ୍କର ପୂଜା ହୁଏ । ପୂଜା କରନ୍ତି ଶ୍ରୀ ରାମ ରତନ ଦାସ । ଭୋଗ ହୁଏ ଖଇ, ଛେନା ଓ ଅନେକ ରକମର ମିଷ୍ଟାନ୍ନ । ଭୋଗ ଦେଇସାରି, ସେଥିରୁ ଅଧିକାଂଶ ନେଇ ଆସନ୍ତି ଛାତ୍ରମାନଙ୍କ ପାଇଁ । ଅନେକ ଛାତ୍ର ରୁଣ୍ଡ ହୋଇଥାନ୍ତି ସେଠାରେ । ପ୍ରତାପଚନ୍ଦ୍ର ଦାସ, ବାମଦେବ ମିଶ୍ର (ଓକିଲ), ଦେବେଶ୍ୱର ପ୍ରଧାନ, ବାସୁଦେବ ହୋତା, ହରପ୍ରସାଦ ପ୍ରଭୃତି । ଛେନା ମିଶ୍ରିତ ଚିନିଖଇ ଅତି ଉପାଦେୟ ଭୋଜନ ସାମଗ୍ରୀ । ସମସ୍ତଙ୍କୁ ସମାନ ଭାବରେ ଭାଗକରି ଦିଆହୁଏ । ଆମ୍ଭେମାନେ ସେ ଭୋଗ ଖାଇ କୃତକୃତ୍ୟ

Digitized by srujanika@gmail.com

ହେଉ । ଏହା ପ୍ରତିଦିନର ଦିନପଞ୍ଜିରେ ପରିଣତ ହୋଇଥିଲା । ନିଜର ଭୋଜ୍ୟବସ୍ତୁ ଅପରକୁ ବିତରଣ କରି ଆନନ୍ଦ ସଂଗ୍ରହ କରିବା ତାଙ୍କ ଜୀବନର ଏକ ମହାନତା ଥିଲା ।

ଏହାଛଡ଼ା କେତେବେଳେ କେତେବେଳେ ନିଜେ ରାନ୍ଧି ପିଲା-ମାନଙ୍କୁ ଖାଇବାକୁ ଦେବା ତାଙ୍କର ଗୋଟିଏ ଆନ୍ତରିକତାର ପ୍ରକାଶ ଥିଲା । ଦିନକର ଘଟଣା । ଜଗନ୍ନାଥବଲ୍ଲଭ ମଠ ପାଖରେ ଗୋଟିଏ ଘରେ ରନ୍ଧାବଢ଼ା ଚାଲିଛି । ପ୍ରାୟ ତିରିଶଜଣ ଛାତ୍ର ଆମନ୍ତ୍ରିତ । ସେଥିରେ ବ୍ରଜ ମୋହାନ୍ତି (ଏବର ରାଜମନ୍ତ୍ରୀଙ୍କ) ମଧ୍ୟ ଥାଆନ୍ତି । ଖିଆପିଆ ସରିବାର ଅନେକ ପରେ ପୁଲିସ ଆସି ରାମରତନଜୀଙ୍କୁ ଥାନାକୁ ଧରି ନେଇଗଲେ । ସମସ୍ତଙ୍କ ବିଷୟରେ ପଚରା ଉଚରା କଲେ । କୌଣସି ଆନ୍ଦୋଳନର ସୂତ୍ରପାତ ହେବ କି ନାହିଁ ପଚାରିଲେ । ସେମାନେ ତାଙ୍କୁ ଖୁବ୍ ସନ୍ଦେହ କରୁଥିଲେ । ଭାବୁଥିଲେ ଏଇ ପିଲାମାନଙ୍କୁ ମତାଉଛି ବୋଲି । ରାମରତନଜୀ କିନ୍ତୁ ନିର୍ବିକାର । କହିଲେ ମୁଁ ପିଲାମାନଙ୍କୁ ସ୍ନେହ କରେ ଆପଣାର ଭାବେ । ସେଥିପାଇଁ ମଝିରେ ମଝିରେ ଖାଇବାକୁ ଦିଏ । ମୋର କୌଣସି ଉଦ୍ଦେଶ୍ୟ ନାହିଁ । କିନ୍ତୁ ପୁଲିସ ସେ କଥା ବିଶ୍ୱାସ କଲେ ନାହିଁ । କହିଲେ—"ବାବା, ସେମାନଙ୍କ ସହିତ ଯୁକ୍ତ ହେଲେ ଆପଣ ମଧ୍ୟ ବିପଦରେ ପଡ଼ିବେ । ଶାସନକଳ ଆପଣଙ୍କୁ କ୍ଷମା ଦେବନାହିଁ ।" ହୁସିଆର କରି ଛାଡ଼ିଦେଲେ । ପରେ ସବୁକଥା ଶୁଣି ନିଜକୁ ବଡ଼ ଦୋଷୀ ମନେ ହେଲା । ଆମ୍ଭମାନଙ୍କ ପାଇଁ ମହାରାଜଙ୍କୁ ଥାନା ପର୍ଯ୍ୟନ୍ତ ଦଉଡ଼ିବାକୁ ପଡ଼ିଲା । ବଡ଼ ଦୁଃଖର କଥା । ସେ ଆଗଭଳି ହସି ହସି କହିଲେ, "କାହିଁକି ଚିନ୍ତା କରୁଛ ? ମୁଁ ତ ରୂରିଦଉଡ଼ କଠା । ମୋର କେଉଁ ଘରଦୁଆର ଅଛି ଯେ ଚିନ୍ତା କରିବି । ଶ୍ରୀରାମ ମୋତେ ମନ୍ଦିରରେ ରଖିଛନ୍ତି; ଯଦି ଜେଲରେ ରଖନ୍ତି ସେଠାରେ ମଧ୍ୟ ଆନନ୍ଦରେ ରହିବି । କିନ୍ତୁ ଛାତ୍ର-ସଂସର୍ଗ ତ୍ୟାଗ କରି ପାରିବି ନାହିଁ ।"

ପୁଲିସବାଲା କିନ୍ତୁ ଖବର ଯୋଗାଡ଼ କରିଥିଲେ ଆଗରୁ ଆନ୍ଦୋଳନ ହେବ ବୋଲି । ଠିକ୍ ତାହାହିଁ ହେଲା । ପରଦିନ ସ୍କୁଲ ଯାଇ ଦେଖିଲି ଯେ କ୍ଲାସ ବର୍ଜନ କରି ପିଲାମାନେ ଚାଲିଯାଉଛନ୍ତି । ମାଷ୍ଟରମାନେ ମନା କଲେ ମଧ୍ୟ କେହି ଶୁଣୁନାହାନ୍ତି । ଦୁଆର ଝରକା ପିଟାପିଟି ମଧ୍ୟ ଚାଲିଥାଏ । ଭାରି ଗଣ୍ଡଗୋଳ । ଅବସ୍ଥା ଅସମ୍ଭାଳ ଦେଖି, ପୁଲିସ ଖବର

Digitized by srujanika@gmail.com

ଯାଇ ଭ୍ୟାନ ନେଇ ଆସି ପହଞ୍ଚିଗଲେ । ପ୍ରାକ୍ତନ ଛାତ୍ରନେତା ବ୍ରଜମୋହନ ମହାନ୍ତିଙ୍କୁ ଓ ଅନ୍ୟ ଅନେକଙ୍କୁ ଆରେଷ୍ଟ କଲେ । ଗୋଳମାଳରେ ବ୍ରଜ-ବାବୁଙ୍କର ମୁଣ୍ଡ ଫାଟି ରକ୍ତ ବୋହୁଥାଏ । ସେହି ଅବସ୍ଥାରେ ତାଙ୍କୁ ଠେଲି ଠେଲି ଭ୍ୟାନ୍ ଭିତରକୁ ନେଇଗଲେ ବ୍ୟାଟନ୍‌ରେ ମାରି ମାରି । ଭିତରୁ ବଜ୍ର କଣ୍ଠୋଷରେ ଆହ୍ୱାନ ଶୁଣାଯାଉ ଥାଏ—"ବନ୍ଦେ ମାତରମ୍, ରକ୍ତ ଦିଅ, ନେତେଙ୍ଗେ ସ୍ୱା ମରେଙ୍ଗେ ।" ବ୍ରଜବାବୁ କହୁଥାନ୍ତି—"ରକ୍ତ ଦିଅ ସ୍ୱାଧୀନତା ପାଇଁ ।" ସମାଧୋଟିଆ ପରିସ୍ଥିତି—ମନରେ ଗ୍ରୁପ ରହି ଯାଇଛି ।

ଶ୍ରୀରାମରତନଜୀ କନ୍ତୁ ଜାଣ୍ଡିକ । ଆନ୍ତରିକଭାବେ ସ୍ୱାଧୀନତା-ପ୍ରେମୀ । ପିଲାମାନଙ୍କ ସହିତ ମିଶନ୍ତି ବୋଲି ଅନ୍ୟ ସାଧୁମାନେ ବିରକ୍ତ । କହନ୍ତି, ବାବା ! କାହିଁକି ଆପଣ ଏଗୁଡ଼ାଙ୍କ ସାଙ୍ଗରେ ମିଶୁଛନ୍ତି ? ସେଗୁଡ଼ାକ ପାରି ଭଳି । ଆଜି ଏଠାରେ ଅଛନ୍ତି, ଅନ୍ୟତ୍ର ଉଡ଼ି ଚାଲିଯିବେ । ଆପଣଙ୍କୁ କେହି କେବେହେଲେ ପଚାରିବେ ନାହିଁ । ଖାଲି ପରିଶ୍ରମ କରୁଛନ୍ତି ଏକା । ରାମରତନଜୀଙ୍କର ଅନ୍ୟର କଥା ପ୍ରତି ଭ୍ରୂକ୍ଷେପ ନାହିଁ । ସେ କହନ୍ତି ଯେ ଶ୍ରୀରାମ ମୋତେ ଏମାନଙ୍କ ସହିତ ମିଶିବାର ସୁଯୋଗ ଦେଇଛନ୍ତି । ଯେତେଦିନ ଯେତେ ଲୋକ ଆସନ୍ତୁ ମୋର ସାଧ ଅନୁସାରେ ସେମାନଙ୍କର ସେବା କରିଯିବି । ସବୁବେଳେ ହସ ହସ ମୁହଁ । କାହା ସହିତ ଯୁକ୍ତି ତର୍କରେ ମିଶନ୍ତି ନାହିଁ । ସବୁବେଳେ ଈଶ୍ୱରଙ୍କର କଥା, ଈଶ୍ୱରଙ୍କ ନାମ ତୁଣ୍ଡରେ । ନ ହେଲେ ରାମାୟଣ ପାଠ । କହନ୍ତି କାହାର ଅଇଗୁଣ (ଦୋଷ) ଦର୍ଶାଅ ନାହିଁ । ନିଜର କାର୍ଯ୍ୟ କରିଯାଅ । ଅନ୍ୟର ଗୁଣ କୀର୍ତ୍ତନ କର । ଭଗବାନଙ୍କର ନାମ ନେଇ ଜୀବନ ସାର୍ଥକ କର । ଶରୀରକୁ ସୁସ୍ଥ ରଖ । ନ ହେଲେ କାମ କରିପାରିବ ନାହିଁ । ସେଥିପାଇଁ ବ୍ୟାୟାମର ଆବଶ୍ୟକତା ଅଛି । କୁସ୍ତି କସରତ୍ କରି ଶରୀରକୁ ସୁସ୍ଥ ରଖିଲେ ମନ ମଧ୍ୟ ପ୍ରଫୁଲ୍ଲ ରହିବ । ଗୋଟିଏ ଗୋଡ଼ ଟ୍ରେନ ଥିଲେ ମଧ୍ୟ ନିଜେ ପ୍ରତିଦିନ ଜଗନ୍ନାଥ-ବଲ୍ଲଭ ଯାଇ ଦଙ୍ଗଲ କୁସ୍ତି ଲଢ଼ୁଥିଲେ । ଦିନେ ମୋତେ ପଚାରିଲେ—ତମେ କଣ ବ୍ୟାୟାମ କରୁଛ ?" ମୁଁ ହଁ ଭଣିଲି । କେବଳ ଦଣ୍ଡ ବୈଠକ କରୁଥିଲି । ସେ କହିଲେ—"କୁସ୍ତି ନ କଲେ ବ୍ୟାୟାମର ପ୍ରକୃତ ଆନନ୍ଦ ପାଇବ ନାହିଁ । ତୁମେ ଜଗନ୍ନାଥବଲ୍ଲଭର ଆଖଡ଼ାକୁ ଆସ । ମୁଁ ତୁମକୁ କୁସ୍ତି ଶିଖାଇ ଦେବି ।"

Digitized by srujanika@gmail.com

ମୁଁ ଆଖଡ଼ାକୁ ଗଲି ଦୂର ହେଲେ ମଧ୍ୟ । ସେଠାର ଅଧ୍ୟକ୍ଷ ଦୁବ୍‌ବେଜୀ । ପୁରୀର ଶ୍ରେଷ୍ଠ ପହଲମାନ । ସୁନ୍ଦର ସ୍ୱାସ୍ଥ୍ୟ । ମୋତେ ବାବାଜୀ ମହାରାଜ ତାଙ୍କ ସହିତ ପରିଚୟ କରାଇ ଦେଲେ । ଶିକ୍ଷା ପାଇଁ । ସେ ମୋତେ କେଇଟା ଧକ୍‌କା ମାରିବା ପରେ, ମୁଁ ଆଉ ମାଟିରୁ ଉଠିପାରିଲି ନାହିଁ । ଦୁବ୍‌ବେଜୀ ବଡ଼ ନିରାଶ ହୋଇ କହିଲେ—"ଇନ୍‌ମେ ଦମ୍ ନେହିଁ ହୈ ।" ସତକଥା । ମୁଁ ଗୋଟିଏ ନିର୍ଜୀବ ପ୍ରାଣୀ । ମୋ ପକ୍ଷରେ ଦଙ୍ଗଲ ଲଢ଼ିବା କାଠିକର ପାଠ । ଭାବିଲି ଛାଡ଼ ଦେବି, କିନ୍ତୁ ରାମଚନ୍ଦ୍ରଜୀ ନିର୍ଦ୍ଦେଶ ଦେଲେ । ନିଶ୍ଚୟ ଶିଖିବାକୁ ପଡ଼ିବ । ମୁଁ ତୁମକୁ ଶିଖାଇବି । ଗୁରୁବାକ୍ୟ ଅମୋଘ । ପୁଣି ଚେଷ୍ଟା କଲି । ସେ ମୋତେ ଗୋଟିଏ ଦାଉଁ ଶିଖାଇଲେ । ନାମ କାଲାଜଙ୍ଗ । କୁସ୍ତି ଲଢ଼ିଲାବେଳେ ପ୍ରତିପକ୍ଷର ଜଙ୍ଘକୁ କାନ୍ଧ ଉପରେ ରଖି ହଠାତ୍ ହାତଧରି ବଳିଷ୍ଠ ଗତିରେ ତଳକୁ ଟାଣି-ଦେଲେ ସେ କାତ୍ ହୋଇଯିବ । ଥରେ ଦୁଇଥର ଦେଖି ମନ ସ୍ଥିର କଲି— ନିଶ୍ଚୟ ପାରିବି । ରାମଚନ୍ଦ୍ରଜୀ ଶିଖାଇ ଦେଇ ପରୀକ୍ଷା ନେଉ ଥାଆନ୍ତି ନିର୍ବିକାର ଭାବରେ । ମୁଁ କିନ୍ତୁ କ୍ଷିପ୍ରଗତିରେ ଦାଉଁର ପ୍ରୟୋଗ କଲି ତାଙ୍କ ପ୍ରତି ଅତି ସନ୍ତର୍ପଣରେ । ସେ ବିଶ୍ୱାସ କରି ନାହାନ୍ତି ଏ ନୂଆ ପିଲା କିଛି କରିପାରିବ ବୋଲି । କିନ୍ତୁ 'ଦାଉଁ' ତାର କାମ କଲା । ରାମଚନ୍ଦ୍ରଜୀ ମହାରାଜ ତଳେ କାତ୍ ହୋଇ ପଡ଼ିଗଲେ ; ମାତ୍ର ସାଙ୍ଗେ ସାଙ୍ଗେ ମୁଁ ମଧ୍ୟ ତାଙ୍କ ଛାତି ଉପରେ । ଛାତିରେ ଖୁବ୍ ଆଘାତ ଲାଗିଲା । ଦୁବ୍‌ବେଜୀ ଦଉଡ଼ି ଆସି ମୋତେ ଧକ୍‌କା ମାରି ବାହାରକୁ ଫିଙ୍ଗିଦେଇ ତାଙ୍କ ଛାତିରେ ମାଲିସ୍ କରିବାକୁ ଲାଗିଲେ । ଅନେକ ସମୟ ପରେ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ସହଜ ହେଲା । ଦୁବ୍‌ବେଜୀ କହିଲେ—"ଅନାଡ଼ିକୋ ମତ୍ ଶିଖାଓ ।" ମୁଁ ବିଶେଷଭାବରେ ଲଜ୍ଜିତ ହେଲି । ସେ ଯେତେ କହିଲେ ମଧ୍ୟ ମୋର ଦଙ୍ଗଲ ଲଢ଼ିବାର ପ୍ରୟାସ ସେଇଠିକରେ ଶେଷ ହେଲା ।

ରାମଚନ୍ଦ୍ରଜୀ ମହାରାଜ ବହୁ ବୟସ ପର୍ଯ୍ୟନ୍ତ ବ୍ୟାୟାମ କରି ଶରୀରକୁ ଅତ୍ୟନ୍ତ ସୁସ୍ଥ ଓ ସବଳ କରି ରଖିପାରିଥିଲେ । ନବେବର୍ଷ ବୟସରେ ମଧ୍ୟ ତାଙ୍କର ମାଂସପେଶୀ ସବୁ ସୁଦୃଢ଼ ଥିଲା । ସେତେବେଳକୁ ତାଙ୍କର ଶିଷ୍ୟମାନେ ବୃଦ୍ଧାବସ୍ଥାରେ ପରିଣତ ହୋଇଗଲେଣି ।

ତାଙ୍କର ଆଉ ଗୋଟିଏ ସ୍ନେହମୟ ନିଦର୍ଶନ ମୁଁ କେବେହେଲେ ଭୁଲିପାରି ନାହିଁ । ବଡ଼ଛତାମଠ ଜଗନ୍ନାଥଙ୍କର ଗୋଟିଏ "ବେଶ"

Digitized by srujanika@gmail.com

ବର୍ଷକୁ ଥରେ ଘର ନେଇଥାଏ । ସେଦିନ ବିଶିଷ୍ଟ ଭୋଗରାଗ ହୁଏ । କେବଳ ଅନ୍ନ, ଡାଲି, ତରକାରି ଛଡ଼ା ଅମାଲୁ, ଚାଡ଼ୁଆ ଓ ଖିରି ମଧ୍ୟ ହୁଏ । "ବେଶ" ସବୁ ସବୁ ବେଶ୍ ରାତି ହୁଏ । ମୋତେ ରାମରତନଜୀ କହିଲେ, "ତୁମେ ବସିଥାଅ ମୋ ଘରେ । ମୁଁ ଦେଉଳରୁ ଦେଖିଆସେ କେତେଦୂର ହେଲା । ଏଠାରେ ପ୍ରସାଦ ଖାଇ ଘରକୁ ଯିବ ।" ମୁଁ ବସି ବସି ହାଲିଆ । ରାତି ଦଶଟାରେ ଘରକୁ ଫେରି ଖାଇପିଇ ଶୋଇ-ପଡ଼ିଲି । ରାତି ପ୍ରାୟ ଗୋଟାଏ ହେବ କିଏ ଜଣେ ରାସ୍ତାରୁ ମୋ ନାଁ ଧରି ଡାକୁଛି । ବାପା କହିଲେ—"ଦେଖ ତ କିଏ ଡାକୁଛି ?" ମୁଁ ଦୁଆର ଫିଟାଇ ହତଭମ୍ବ । ସ୍ୱୟଂ ଶ୍ରୀ ରାମରତନଜୀ ମହାରାଜ । ଗୋଟିଏ ବଡ଼ ଥାଳ ବାଁ ହାତରେ । ଆଉ ଡାହାଣହାତରେ ଚାଡ଼ୁଆ ପସରା । କହିଲେ ଅନେକ ରାତି ହୋଇଗଲା, ତୁମେ ଫେରିଆସିଲ । ସେଥିପାଇଁ ମୁଁ ନିଜେ ନେଇ ଆସିଛି । ମୁଁ କୃତକୃତ୍ୟ ହୋଇଗଲି । ମଣିଷର ପୁଣି ଏତେ ସ୍ନେହ ଥାଏ । କାଲି ସକାଳେ ତ ମୋତେ ଡାକପାରି ଥାଆନ୍ତେ । ତାଙ୍କର ପାଦଛୁଇଁ ନମସ୍କାର କଲି, ସେ ଚାଲିଗଲେ । ଚାଡ଼ୁଆ ମହକୁଥାଏ । କାରଣ ବିଶୁଦ୍ଧ ଘିଅରେ ତିଆରି । ସହରର ଉପକଣ୍ଠରେ ବଡ଼ ମହାରାଜ ବଡ଼ଛତାମଠରେ ମହନ୍ତ ରହନ୍ତି । ସେଠାରେ ଖେତବାଡ଼ି ଦେଖନ୍ତି । ଗୋରୁ ରଖିଥାଆନ୍ତି । ଦୁଧ ପ୍ରଚୁର ହୁଏ । ସରୁଧାନ (କଳାଜିରା) ଚାଷ ହୁଏ । ସବୁ ନିଜେ ଦେଖନ୍ତି । ସେଇ ଗୋରୁ ଦୁଧରୁ ପାୟସ କରନ୍ତି ଜଗନ୍ନାଥ ଦେବଙ୍କ 'ବେଶ'ରେ ଭୋଗ ଦେବାପାଇଁ । ଏ କ୍ଷୀରିର ନାମ "ତସ୍ମି", କି ସୁସ୍ୱାଦୁ ତା ନ ଖାଇଲେ ବିଶ୍ୱାସ ହେବ ନାହିଁ । ଆଜି ଛେନାଚାଡ଼ୁଆ କଥା ବର୍ଣ୍ଣନାର ଅଗୋଚର । ଘରଭିତରକୁ ନେଇଗଲି । ସେ ସୁଗନ୍ଧରେ ଘର ମହକୁ ଥାଏ । ବାପା ଖଟ ଉପରୁ ଆସ୍ତେ ଆସ୍ତେ ଓହ୍ଲାଇଲେ । କହିଲେ—"ଆରେ ବାବାଜି ମହାରାଜ ଆଣିଛନ୍ତି କି ? ବଡ଼ଛତାମଠର ଭୋଗର ତୁଳନା ନାହିଁ, ଦେଖେ ଦେଖେ କଣସବୁ ।" ବାପା ପୁରୀର ପୁରୁଣା ଖାନେବାଲା । ଉପାଦେୟ ପଦାର୍ଥର ବିଶିଷ୍ଟ ଗୁଣଗ୍ରାହୀ । ପ୍ରାୟ ଦଶ ଖଣ୍ଡ ଛେନାଚାଡ଼ୁଆ ଓ ଅଧଥାଳ ତସ୍ମି ଗଳାଧଃକରଣ କଲାପରେ ମନେ ପଡ଼ିଲା ଘରେ ଅନ୍ୟ ଖାଇବାଲୋକ ଅଛନ୍ତି । କୁଣ୍ଠିତ ହୋଇ ଉଠିଲେ । କହିଲେ—"ଢାଙ୍କି ରଖାକେ ଅନ୍ୟ ସମସ୍ତଙ୍କୁ ଦେବୁ, ରଖିଦେ ।"

Digitized by srujanika@gmail.com

ଯେଉଁ ସ୍ନେହର ତରଙ୍ଗ ସେଦିନ ଗାତ୍ରରେ ମୋର ମର୍ମସ୍ପର୍ଶ କରିଥିଲା ତାହାର ଲହରୀ ଅଦ୍ୟାବଧି ଘୂର୍ଣ୍ଣାୟମାନ ହୋଇ ରହିଛି ମନର ଅତଳ ଗହ୍ୱରରେ । ଏପରି ନିସ୍ୱାର୍ଥ ପ୍ରେମ ଦେବଦୁର୍ଲଭ—ଏ ମର ଜଗତରେ ଆଉ ଅଛି କି ନାହିଁ ମୋତେ ଜଣାନାହିଁ । ଭାବବିହ୍ୱଳ ହୋଇପଡ଼େ ସେହି ସ୍ମୃତିରେ ।

ପଡ଼ାଶୁଣା ସରିଲା । ଚାକିରି ପାଇଲି କଲିକତାରେ । ଚିଠିପତ୍ର ଦେଉଥାଏ ନିୟମିତଭାବରେ । କୁମ୍ଭମେଳା ହେବ ଆଲ୍ଲାହାବାଦରେ । ରାମରତନଜୀ ଯିବେ ଯୋଗଦେବାପାଇଁ ଅନ୍ୟ ଏକ ସାଧୁ ବାଳକରାମଙ୍କ ସହିତ । ଆମନ୍ତ୍ରଣ କଲି ଆମ ଘରେ ରହିବାପାଇଁ । ସଶିଷ୍ୟ ଆସି ପହଞ୍ଚିଲେ । ଆନନ୍ଦରେ ଭରପୂର । କଠୋର ଅଧିଷ୍ଠାନ କଲେ । ଶୁଦ୍ଧପୂତ ସନ୍ନ୍ୟାସୀ । ସେମାନେ ନିଜେ ରାନ୍ଧି ନିଜେ ଖାଆନ୍ତି । ଆମେ କେବଳ ଜିନିଷ ଯୋଗାଇ ଦେଉ । ଚିଡ଼ିଆଖାନା, ଯାଦୁଘର, ଦକ୍ଷିଣେଶ୍ୱର ସବୁ ବୁଲି ଦେଖିଲେ । ଚିଡ଼ିଆଖାନାରେ ପଶୁ, ପକ୍ଷୀ, ଜୀବଜନ୍ତୁ ଦେଖି ଶିଶୁପରି ଆନନ୍ଦ ପ୍ରକାଶ କଲେ । ଆମେ ବାଘଯନ୍ତା ପାଖରେ ପହଞ୍ଚି ଦେଖିଲୁ ପ୍ରକାଣ୍ଡ ମହାବଳ ବାଘ ଯନ୍ତା ଭିତରେ ଅସ୍ଥିର ଭାବରେ କ୍ଷିପ୍ର ପଦଚାରଣା କରୁଛି । ଏତିକ ଛୋଟିଏ ଜାଗାରେ ଆବଦ୍ଧ ହେବାକୁ ନାରାଜ । ମଝିରେ ମଝିରେ ଗର୍ଜନ କରୁଛି ପ୍ରଚଣ୍ଡଭାବରେ । ରାମରତନଜୀ ସେ ଦୃଶ୍ୟ ବଡ଼ ଉପଭୋଗ କରୁଥାଆନ୍ତି । ଏତିକିବେଳେ ବାଘର ମୂତ୍ରତ୍ୟାଗର ଆବଶ୍ୟକତା ହେଲା । ସେ ଦୂରକୁ ଗୋଟିଏ କଣକୁ ଯାଇ ଅତି ସନ୍ତର୍ପଣରେ ନିଭୃତରେ ମୂତ୍ରତ୍ୟାଗ କଲା । ରାମରତନଜୀ ତାର ବ୍ୟବହାରରେ ମୁଗ୍ଧ ହୋଇ କହିଲେ—"ଦେଖିଲତ ପଶୁରାଜଙ୍କ ବ୍ୟବହାରରେ କି ରାଜକୀୟତା ଅଛି ।" ଏକଥା ପରେ ବାରମ୍ବାର ଆମ୍ଭମାନଙ୍କୁ ମନେକରେଇ ଦେଉଥାଆନ୍ତି, ଯେଉଁ ବ୍ୟବହାର ପଶୁର ହେଲେହେଁ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଯାହା ସୁନ୍ଦର, ଯାହା ସୌଷ୍ଠବ ସମ୍ପନ୍ନ, ଯାହା ମହନୀୟ ତାହା ତାଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । କାହାର ନିନ୍ଦା ଶୁଣିଲେ ସେ ଯାଙ୍ଗେ ସାଙ୍ଗେ କଥୋପକଥନ ବନ୍ଦ କରିଦେଉଥିଲେ । ପରର ଦୋଷଗୁଣ ଶୁଣିବାକୁ ସବୁବେଳେ ନାରାଜ । ଅଗକୁ ମଧ୍ୟ ସେଇ ସ୍ୱଭାବ ଶିଖାଇଦେବାକୁ ଅହରହ ଚେଷ୍ଟା କରୁଥିଲେ ।

Digitized by srujanika@gmail.com

ମୋତେ ଅନେକ ଧର୍ମକଥା ଶୁଣାଇ ରାମରତନଜୀ କୁମ୍ଭମେଳା ଗଲେ । ତାଙ୍କର ଟିକଟ ରିଜର୍ଭେସନ ଆଗରୁ ହୋଇଥିଲା । ଫେରିଗଲେ ସିଧାସଳଖ ପୁରୀ । ସେଠାରୁ ଲେଖିଲେ ଯେ ତାଙ୍କର ମେଳାରେ ଯୋଗଦାନ ଖୁବ୍ ଆନନ୍ଦଦାୟକ ହୋଇଥିଲା ବୋଲି । ତାର କିଛିଦିନ ପରେ ଶୁଣିବାକୁ ପାଇଲି ସେ ଶ୍ରୀରାମଙ୍କ ନାମରେ "ରାମଦୟା ପରିଷଦ" ଗଠନ କରିବାର ପ୍ରୟାସ କରୁଛନ୍ତି । ମୋର ଅଭିନ୍ନହୃଦୟ ବନ୍ଧୁ ଶ୍ରୀ ବାମଦେବ ମିଶ୍ର (ଓକିଲ) ତାଙ୍କୁ ସର୍ବତୋଭାବେ ସାହାଯ୍ୟ କରୁଛନ୍ତି । ଅନେକ ଭକ୍ତ ତାଙ୍କର ପାଦତଳେ ବସି ଏହି ପ୍ରଚେଷ୍ଟାରେ ଶ୍ରମ, ଅର୍ଥ, ସାହାଯ୍ୟଦାନ କରୁଛନ୍ତି । ଆହୁରି ଦୂରକୁ ବଦଳି ହୋଇଯିବା ଫଳରେ ମୁଁ କୌଣସି ସାହାଯ୍ୟ କରିପାରିଲି ନାହିଁ । ସେଥିପାଇଁ ମୋର ମନରେ ଗଭୀର ଦୁଃଖ ରହିଗଲା ।

ଅବସର ଗ୍ରହଣ ପରେ ତାଙ୍କ ପାଖକୁ ଯାଇ ତାଙ୍କର ସାନ୍ନିଧ୍ୟର ଆନନ୍ଦ ବହୁବାର ଉପଭୋଗ କରିଛି । ତାଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରି ନ ଥିଲି । ମଝିରେ ମଝିରେ ଦେଖାହୁଏ, ଖବର ମଧ୍ୟ ପାଏ, ଭଲ ଅଛନ୍ତି । ହଠାତ୍ ଦିନେ ମନଟା କିପରି ଆନ୍ଦୋଳିତ ହୋଇ ଉଠିଲା । ରାମରତନଜୀଙ୍କୁ ଦେଖିବି । ସେ ବଳରାମକୋଟ ମଠରେ ରହୁଥାଆନ୍ତି ଶ୍ୱେତଗଙ୍ଗା ପୋଖରୀର ଅନ୍ୟପାର୍ଶ୍ୱରେ । ଦକ୍ଷିଣ-କାଳୀ ଦର୍ଶନ କରି ତାଙ୍କ ପାଖରେ ହାଜର ହେଲି । ଦେଖିଲି ଅବସ୍ଥା ଅତି ଗୁରୁତର । ଜ୍ୱର ଛାଡ଼ୁନାହିଁ । ଚେତା ବୁଡ଼ି ଯାଉଛି ବେଳେବେଳେ । ଚଳତ୍‌ଶକ୍ତି ରହିତ । ତାଙ୍କର ସେବାକାରୀ ମୋତେ ସବୁ ଖବର ଦେଉଥାଆନ୍ତି । ତାଙ୍କୁ ଦେଖିବାପାଇଁ ଶହ ଶହ ଶିଷ୍ୟ ରୁଣ୍ଡ ହେଉଥାଆନ୍ତି କିନ୍ତୁ ଡାକ୍ତରଙ୍କର ଦେଖା କରିବାକୁ ମନା । ମୁଁ ପଚାରିଲି ରାତିଅଧରେ ଆପଣ ଡାକ୍ତର ପାଆନ୍ତି କିପରି । ସେବାକାରୀ କହିଲେ—ଏଠାରି ଶିଷ୍ୟମାନେ ପାଳି କରି ଜଗନ୍ତି । ରାତିଅଧରେ ହେଲେ ମଧ୍ୟ କାନ୍ଧରେ ଉଠାଇ ଡାକ୍ତରଙ୍କୁ ଆଣିବାର କ୍ଷମତା ସେମାନଙ୍କର ଅଛି । ଆଶ୍ଚର୍ଯ୍ୟ ହେଲି ।

ରାମରତନଜୀ ପୁରୀ ସହରରେ ରାମନାମର ସ୍ରୋତ ବୁହାଇଦେଇ ଯାଇଛନ୍ତି । ତାଙ୍କର ଅଜସ୍ର ଭକ୍ତ, ଯେ କୌଣସି ସମୟରେ ସେବା କରିବାଲାଗି ପ୍ରସ୍ତୁତ ଅଛନ୍ତି । ଶୁଣି ବଡ଼ ଭଲ ଲାଗିଲା । ଆମେ ସିନା

Digitized by srujanika@gmail.com

ସ୍ୱାର୍ଥପର, କେବଳ ନିଜର ପିଲାପିଲି ନେଇ ବ୍ୟସ୍ତ ; କିନ୍ତୁ ଅନେକ ପରୋପକାରୀ ଭକ୍ତ ଋଣ୍ଣ ହୋଇଛନ୍ତି ତାଙ୍କ ପାଦତଳେ ତାଙ୍କର ସ୍ନେହ-ଧନ୍ୟ ହୋଇ । ହଠାତ୍ ତାଙ୍କର ଶବ୍ଦ ଶୁଣାଗଲା—"କିଏ ଆସିଛନ୍ତି ? ଭିତରକୁ ଆଣ ।" ମୋତେ ଦେଖି ସେହି ପୁରୁଣା ହସ ମୁହଁସାରା ଖେଳିଗଲା । କହିଲେ, ଆରେ କୋଉଠାଏ ଚୌକି ଆଣିଦିଅ ତାଙ୍କୁ ବସିବାକୁ । ଯେତେ ମନାକଲେ ମଧ୍ୟ ଶୁଣିଲେ ନାହିଁ । ମୋତେ ବସିବାକୁ ହେଲା । ମୁଖମଣ୍ଡଳ ଗୋଟିଏ ଜ୍ୟୋତିରେ ଉଦ୍‌ଭାସିତ । ଶାରୀରିକ ଅକ୍ଷମତାର ପ୍ରଭାବ ସେଥିରେ ଟିକିଏ ମାତ୍ର ଦେଖିଲି ନାହିଁ । ଆଶ୍ୱସ୍ତ ହେଲି । ଭଲ ହୋଇଯିବେ ।

ଅନେକ କଥା ଭାଷା ହେଲା । ସବୁ ସେଇ ପୁରୁଣା କଥା । ମୁଁ କହିଲି ଯେ ଆପଣ ମୋ ପ୍ରତି ଯାହା କରିଛନ୍ତି ତାହା ଅବିସ୍ମରଣୀୟ । ଆପଣଙ୍କ ସ୍ନେହ ଅତୁଳନୀୟ । ଏ ଜୀବନରେ ଏହାର ପ୍ରତିଦାନ ଦେଇ ପାରିବିନାହିଁ । ସେ ଯେତେ ପ୍ରତିବାଦ କରୁଥାଆନ୍ତି ମୁଁ ସେତିକି କହୁଥାଏ । ବେଶୀସମୟ ହୋଇଯିବାରୁ ସେବାକାରୀ ମୋତେ ଡାକ୍ତର-ଙ୍କର ପରାମର୍ଶ କଥା ଚେତେଇ ଦେଲେ । ତାଙ୍କ ପାଦସ୍ପର୍ଶ କରି ବିଦାୟ ନେଲି । ତାର ଠିକ୍ ସାତଦିନ ପରେ ଖବର କାଗଜରେ ବାହାରିଲା— ସେ ଆଉ ଇହଜଗତରେ ନାହାନ୍ତି । ମର୍ମାହତ ହେଲି । ତାଙ୍କର ମୁଖ-ମଣ୍ଡଳରେ ତ ବିଦାୟର ଚିହ୍ନ ଏକାବେଳକେ ନ ଥିଲା । ତାହେଲେ ସେ ବର୍ତ୍ତିକଟା କଣ ନିଭିଲା ଦୀପର ଶେଷ ପ୍ରଜ୍ଜ୍ୱଳିତ ଶିଖା ! ହାୟ, ହାୟ, ଜାଣିଥିଲେ ଆଉ କିଛିଦିନ ରହିଯାଇ ଥାଆନ୍ତି । ସେହି ମହାଦୀପ ନିଭିଗଲା । ସବୁଶେଷ । ଆମକୁ ଆଉ କେହି ସ୍ନେହରେ କଥାପଦେ କହିବାକୁ ରହିବେ ନାହିଁ । ସେ ଚାଲିଗଲେ କିନ୍ତୁ ପ୍ରଜ୍ୱଳିତ ରଖିଗଲେ ତାଙ୍କର ଦୀପ—"ରାମଦାସ୍ୟା ପରିଷଦ" । ଶ୍ରୀରାମଙ୍କ ନାମ ଅହରହ ପ୍ରତିଧ୍ୱନିତ ହେଉଅଛି ତାଙ୍କର ପ୍ରେରଣାରେ । ବରାବର ହେଉଥିବ । ଧନ୍ୟ ଶ୍ରୀ ରାମରତନଜୀ ମହାରାଜ । ଧନ୍ୟ ତୁମର କୀର୍ତ୍ତି । "ରାମରନ୍ତୁ ନାମ ହେବନାହିଁ ଲୟ ଶିଷ୍ୟ ଦେନେହ ଥିବ ଯାବତ ହୃଦୟ ।"

Digitized by srujanika@gmail.com

ଆମ ପିଲାଦିନେ ପୁରୀକୁ ପୁରୋତ୍ତମ ବୋଲି ଲୋକେ କହୁଥିଲେ । ପୁରୁଷୋତ୍ତମ ଶବ୍ଦର ଅପଭ୍ରଂଶ । ସେଇ ପୁରୁଷୋତ୍ତମଙ୍କ ଦର୍ଶନପ୍ରାର୍ଥୀ କେତେ ଦୂରଦୂରାନ୍ତରରୁ ଆସୁଥିଲେ ତାର ଇୟତ୍ତା ନାହିଁ । ରାସ୍ତାଘାଟ ନ ଥିଲା । ରେଳଗାଡ଼ି ନ ଥିଲା । କେବଳ ପଦବ୍ରଜରେ ହଜାର ହଜାର ମାଇଲ ଦୂରରୁ ଭକ୍ତଙ୍କ ଧାଡ଼ି ଲାଗିଛି । ସେପରି ଦର୍ଶନପ୍ରାର୍ଥୀଙ୍କ ମଧ୍ୟରେ ମାନବଜାତିର ଉଜ୍ଜ୍ୱଳ ତାରକା ଶ୍ରୀ ଚୈତନ୍ୟ ମହାପ୍ରଭୁ ମଧ୍ୟ । ତାଙ୍କର ଆଗମନ ବିଷୟରେ ଗୋଟିଏ କିମ୍ବଦନ୍ତୀ ଶୁଣିଥିଲି ଜଣେ ଅତି ବିଦଗ୍ଧ ପଣ୍ଡିତଙ୍କଠାରୁ ।

ମଙ୍ଗଳାଳତି ଦେଖିବାକୁ ନିତିଦିନ ଆସନ୍ତି ପରମବୈଷ୍ଣବ ଶ୍ରୀ ଜଗନ୍ନାଥ ଦାଶ । ଦିନେ ଆସି ଦେଖନ୍ତି ତ ଆଉ ଜଣେ ଅପରିଚିତ ସୌମ୍ୟଦର୍ଶନ, ସୁଉଚ୍ଚ, ଗୌରବର୍ଣ୍ଣ, ପରମପୁରୁଷ ତାଙ୍କ ଆଗରେ ଠିଆ ହୋଇଛନ୍ତି । ତାଙ୍କୁ ଦେଖି ତାଙ୍କ ଆଖି ଝଲସିଗଲା । ଏପରି ସୁବର୍ଣ୍ଣକାନ୍ତି ପୁରୁଷ କିଏ ? କେଉଁଠୁ ଆସିଲେ ? ଆଗରୁ ତ ତାଙ୍କୁ କେବେହେଲେ ଦେଖି ନାହାନ୍ତି । ଦେଖିଲେ ଯେ ସେ ପୁରୁଷ ଜଣକ କୌଣସି ଚିନ୍ତାରେ ମଗ୍ନ । ଅନ୍ୟର ଉପସ୍ଥିତି ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ । ସାଙ୍ଗେ ସାଙ୍ଗେ ତାଙ୍କର ଅନ୍ତର୍ନିହିତ ଆତ୍ମା ସହିତ ଯୋଗାଯୋଗ ସ୍ଥାପନ କଲେ ଗୂଢ଼ ପ୍ରକ୍ରିୟାରେ (rapport) । ଦେଖିଲେ ଆଗନ୍ତୁକ ତାଙ୍କ ମନେ ମନେ ଏକ ଉଦ୍ୟାନ ସୃଷ୍ଟି କରିଛନ୍ତି । ସେଥିରେ ଅନେକ ଫୁଲଗଛ, ସେଥିରୁ ଫୁଲ ସଂଗ୍ରହ କରି ଏକ ମାଳା ଗୁନ୍ଥିଛନ୍ତି । ସେ ମାଳାକୁ ନେଇ ଶ୍ରୀ ଜଗନ୍ନାଥଙ୍କୁ ଅର୍ପଣ କରୁଛନ୍ତି । କିନ୍ତୁ ମାଳାଟି ଛୋଟ ହୋଇଥିବାରୁ ଶ୍ରୀଜୀଉଙ୍କ ମୁଣ୍ଡରେ ଗଳୁନାହିଁ । ବଡ଼ ଅସୁବିଧାରେ ପଡ଼ିଛନ୍ତି । କଣ କରିବେ ଭାବିପାରୁ ନାହାନ୍ତି । ଦ୍ୱିଧାଗ୍ରସ୍ତ ଅବସ୍ଥା ଆଗନ୍ତୁକଙ୍କର । ଏହା ଜାଣିପାରି ଶ୍ରୀ ଜଗନ୍ନାଥ ଦାଶ ଆଉ ରହିପାରିଲେ ନାହିଁ । ହଠାତ୍ କହି ଉଠିଲେ, ଦ୍ୱିଧା କାହିଁକି, ଆଉ କିଛି ଫୁଲ ତୋଳି ମାଳାଟିକୁ ବଡ଼ କରିନଅନ୍ତୁ ; ତାପରେ ଶ୍ରୀଜୀଉଙ୍କୁ ଅର୍ପଣ କରନ୍ତୁ । ଏକଥା ଶୁଣିବାମାତ୍ରେ ଆଗନ୍ତୁକ ଚମକି ପଡ଼ିଲେ । ତାଙ୍କ ଅନ୍ତର୍ଗତ ବିଷୟରେ ଆଉ ଜଣେ ଅବଗତ ହୋଇଛନ୍ତି ! ସେ ବାସ୍ତବ ଜଗତକୁ ଫେରି ପଛକୁ ଗୁହାଁଲେ । ଦେଖନ୍ତି ତ ଜଣେ ପରମ ବୈଷ୍ଣବ ତାଙ୍କ ପଛରେ ଦଣ୍ଡାୟମାନ । ସାଙ୍ଗେ ସାଙ୍ଗେ ଯାଇ ତାଙ୍କର ପାଦସ୍ପର୍ଶ କଲେ ।

Digitized by srujanika@gmail.com

ପଚାରିଲେ, "ଭାଇ, ତୁମେ କିପରି ମୋ ମନକଥା ଜାଣିଲ ?" ଜଗନ୍ନାଥ ଦାସ ଉତ୍ତର ଦେଲେ, "ମୁଁ ଜଣେ ସାମାନ୍ୟ ବୈଷ୍ଣବ ମାତ୍ର।" ଆଚାର୍ଯ୍ୟକ କହିଲେ—"କେ କହେ ଆପଣ ସାମାନ୍ୟ ବୋଲି । ଆପଣ ଅତି ବଡ଼ । ଅତି ବଡ଼ । ସେଥିରୁ ଜଗନ୍ନାଥ ଦାସଙ୍କ ନାମ ହେଲା ଅତିବଡ଼ ଜଗନ୍ନାଥ ଦାସ । ତାପରେ ଶ୍ରୀଚୈତନ୍ୟଙ୍କ ସହିତ ଜଗନ୍ନାଥ ଦାସଙ୍କ ସୌଖ୍ୟ ଅତି ଉଚ୍ଚକୋଟିର ହୋଇଥିଲା ।

ଶ୍ରୀଜଗନ୍ନାଥ ଦର୍ଶନରେ ବିଭୋର ହୋଇ ବାମପଟ କାନ୍ଥରେ ହାତ ଦେଇଥିଲେ ଶ୍ରୀଚୈତନ୍ୟ । ପଥର ଗଳିଯାଇଥିଲା । କିମ୍ବଦନ୍ତୀ ଅଛି ପାଦତଳର ପଥର ମଧ୍ୟ ଗଳିଯାଇଥିଲା—ଯାହା ବର୍ତ୍ତମାନ ପାଦପଦ୍ମ ନାମରେ ଖ୍ୟାତ । ଏହା ଅନ୍ୟତ୍ର ପୂଜିତ ହେଉଛି । କି ଆକର୍ଷଣ ଥିଲା ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ଅନ୍ତର୍ନିହିତ ଯାହା ପ୍ରଭୁ ଚୈତନ୍ୟଙ୍କୁ ଅହରହ ଉଚ୍ଚାଟିତ କରୁଥିଲା ? ଜୀବନର ଅଠରବର୍ଷ ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀଧାମରେ ଅତିବାହିତ କରିଥିଲେ । ତାଙ୍କର ମହାପ୍ରୟାଣ ମଧ୍ୟ ଅତ୍ୟନ୍ତ ରହସ୍ୟାବୃତ୍ତ । କାରଣ ତାଙ୍କର ଶରୀର ମିଳିନାହିଁ । ନାନା ପଣ୍ଡିତ ଏ ବିଷୟରେ ନାନାମତ ପୋଷଣ କରନ୍ତି । କେହି କେହି କହନ୍ତି ସେ ବିଗ୍ରହରେ ଲୀନ ହୋଇ ଯାଇଥିଲେ ବା ସେ ମହୋଦଧିରେ ଝାସ ଦେଇଥିଲେ । ଆଉ କେହି କହନ୍ତି ଯେ ତାଙ୍କର ମର ଶରୀରକୁ ନିଭୃତରେ ବେଢ଼ାଭିତରେ ପୋତିଦିଆଯାଇଥିଲା ପୁରୀରାଜାଙ୍କ ନିର୍ଦ୍ଦେଶକ୍ରମେ । ଅନ୍ୟମାନଙ୍କର ମତ ଯେ ଶ୍ରୀଗୁଣ୍ଡିଚା ମନ୍ଦିରରେ ତାଙ୍କର ମର ଶରୀରକୁ ସମାଧି ଦିଆଯାଇଥିଲା । କିନ୍ତୁ ଏଗୁଡ଼ିକ ପୂର୍ଣ୍ଣ-ପ୍ରମାଣ-ସାପେକ୍ଷ ମତ ନୁହେଁ । ବିକ୍ଷିପ୍ତ ଚିନ୍ତାଧାରାର ଅମୂଳକ ପ୍ରକାଶ ମାତ୍ର । ସେ ଯାହାହେଉ, ସତ୍ୟ ହେଲା ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀ ଧାମରେ ଲୀଳାକରି ସେଇଠି ଦେହରକ୍ଷା କରିଛନ୍ତି । ତାଙ୍କର ରଥଯାତ୍ରା ସମୟରେ ଉଦ୍ଦଣ୍ଡ ନୃତ୍ୟ ଅଦ୍ୟାବଧି ଲୋକମାନସରେ ଚିହ୍ନିତ ହୋଇ ରହିଅଛି । ଜଗନ୍ନାଥଭକ୍ତିର ପରାକାଷ୍ଠା ଶ୍ରୀଚୈତନ୍ୟ ଦେଖାଇ ଦେଇ ଯାଇଛନ୍ତି । ପରବର୍ତ୍ତୀକାଳରେ ବୈଷ୍ଣବମାନଙ୍କ ଅପ୍ରତିରୋଧ୍ୟ ସ୍ରୋତ ପୁରୀଧାମ ପ୍ରତି ଧାବମାନ ହୋଇ ରହିଛି । ଅଗଣିତ ସାଧୁ, ଭକ୍ତ, ବୈଷ୍ଣବ ରଥଯାତ୍ରା ସମୟରେ କୀର୍ତ୍ତନ କରି ଅମୃତହରି ହେଉଛନ୍ତି ଏବେ ମଧ୍ୟ । ସେହି ନାମଗାନର ମୂର୍ଚ୍ଛନାରେ ପୁରୀସହର ଅନୁରଣିତ ହେଉଛି ପ୍ରତିବର୍ଷ ସବୁ ଉତ୍ସବ ସମୟରେ ।

Digitized by srujanika@gmail.com

ନାନକ ନିରହଙ୍କାରୀ । ବାବା ନାନକ । ଭାରତର ମହାନ ସିଦ୍ଧ-ପୁରୁଷଙ୍କ ମଧ୍ୟରେ ଅନ୍ୟତମ । ଈଶ୍ୱର ଭକ୍ତିରେ, ସାଧନରେ ସିଦ୍ଧିଲାଭ କରି ସେ ତୀର୍ଥ ଦର୍ଶନରେ ବାହାରିଲେ । ପ୍ରଥମ ଗଲେ ମକ୍କା । ମୁସଲମାନମାନଙ୍କର ପୁଣ୍ୟଭୂମି । ସେଠାରେ କାବା ମସଜିଦ ଦର୍ଶନ କରି ଦେଶକୁ ଫେରୁଛନ୍ତି ଶିଷ୍ୟ ସହିତ । ବହୁକଷ୍ଟରେ ଗିରିବର୍ତ୍ମ ପାରହେବାକୁ ପଡ଼ୁଛି । ଏତିକିବେଳେ ଭାରତ ଆକ୍ରମଣ କରିବାକୁ ଆସୁଛନ୍ତି ସୈନ୍ୟସାମନ୍ତ ନେଇ ବାବର । ରାସ୍ତାରେ ଗ୍ରାମଗଣ୍ଡା ସହର ଯାହା ପଡ଼ୁଛି ସବୁ ଜଳାଇ ଦେଇ, ଜନପଦ ସବୁ ଧ୍ୱଂସ କରି ଅଗ୍ରସର ହେଉଛି ତାଙ୍କର ଦୁର୍ଦ୍ଧର୍ଷ ସୈନ୍ୟବାହିନୀ । ସେଇ ରାସ୍ତାରେ ଗୁରୁଶିଷ୍ୟ ଦୁଇଜଣ ମକ୍କାରୁ ଫେରୁଛନ୍ତି । ନାନକଙ୍କର ଶିଷ୍ୟ ଅତ୍ୟନ୍ତ ଭୀତହୋଇ ଗୁରୁଙ୍କୁ ପଚାରିଲେ, "ଆଜ୍ଞା ! ଭଗବାନଙ୍କର ଏ କି ଲୀଳା ? ନିରୀହ ପ୍ରଜାମାନଙ୍କର ଏ କି ଦୁର୍ଗତି ? ଏହା କ'ଣ ତାଙ୍କର ଅଭିପ୍ରାୟ ?" ନାନକ ତାଙ୍କୁ କହିଲେ ଏ ପ୍ରଶ୍ନର ଉତ୍ତର ଆଜି ରାତି ପାରି ହୋଇଗଲେ ତୋତେ ମିଳିଯିବ । ସେ ରାତିଟା ସେମାନେ ଗୋଟିଏ ଅଙ୍ଗୁରଲତା ତଳେ କଟାଇଲେ । ପୁଣି ସକାଳ ହେଲେ ତାଙ୍କର ଯାତ୍ରା ଆରମ୍ଭ ହେବ । ଶିଷ୍ୟଙ୍କ ମନରୁ ପ୍ରଶ୍ନଟା ଲିଭିଯାଇ ନାହିଁ । ଧ୍ୱଂସ ଲୀଳାର ଉତ୍କଟତାରେ ତାଙ୍କର ଚିତ୍ତ ଏକାନ୍ତ ବିକ୍ଷୁବ୍ଧ । ସକାଳ ହେଲା ପରେ ଗୁରୁଶିଷ୍ୟଙ୍କ ଯାତ୍ରା ପୁଣି ଆରମ୍ଭ ହେଲା । ରାସ୍ତାରେ ପୁଣି ଗୁରୁଙ୍କୁ ଶିଷ୍ୟ ପଚାରିଲେ —"ଗୁରୁଦେବ ! ମୁଁ ତ ମୋର ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ପାଇନାହିଁ । ରାତି ଭୋର ହୋଇଗଲାଣି । ଅଥଚ ପ୍ରଶ୍ନଟି ଅମୀମାଂସିତ ।" ଗୁରୁ କହିଲେ—"ତୁ ଉତ୍ତର ପାଇଯାଇଛୁ । ସେ ଅଙ୍ଗୁର ଗଛ ତଳେ ତୁ କଣ କରିଛୁ ଦେଖି ଫେରିଆ ।" ସେ ଗଲେ ଦେଖିବାକୁ । ସେଠାରେ ଦେଖିଲେ ଯେ ସେ ଯେଉଁଠାରେ ଶୋଇଥିଲେ ସେଠାରେ ଅନେକଗୁଡ଼ିଏ ପିମ୍ପୁଡ଼ି ମରି ପଡ଼ିଛନ୍ତି । ଆସିକରି ଗୁରୁଙ୍କୁ ପଚାରିଲେ— "ସେଠାରେ ତ କୌଣସି ଉତ୍ତର ଲେଖାନାହିଁ । କେବଳ କେତେଗୁଡ଼ିଏ ପିମ୍ପୁଡ଼ି ମରି ପଡ଼ିଛନ୍ତି ।" ଗୁରୁ ପଚାରିଲେ—"ସେ ପିମ୍ପୁଡ଼ିମାନଙ୍କୁ କିଏ ମାରିଲା ?" ଉତ୍ତର ଦେଲେ ଶିଷ୍ୟ—"ମୁଁ ତ ମାରିନାହିଁ, ସେମାନେ ରସ ପିଇବାକୁ ଆସିଥିଲେ ମୋ ଶରୀର ତଳେ ପଡ଼ି ପ୍ରାଣ ହରାଇଛନ୍ତି । ମୋର ଅଜାଣତରେ ।" ନାନକ ଉତ୍ତର ଦେଲେ—"ଅଜଣାରେ ହେଉ ବା ଜାଣିବାରେ ହେଉ ତୁମ ଶରୀରର ଚାପରେ ସେମାନେ ମଲେ । ସେମାନେ

Digitized by srujanika@gmail.com

ତ ନିରୀହ ପ୍ରାଣୀ । କୌଣସି ଦୋଷ କରି ନାହାନ୍ତି । ତାହେଲେ ସେମାନେ ମଲେ କପରି ?" ଶିଷ୍ୟ ହତବାକ୍ । ସତେ ତ ! ଅନେକଗୁଡ଼ିଏ ପ୍ରାଣୀ ତାଙ୍କ ଯୋଗୁ ପ୍ରାଣ ହରାଇଛନ୍ତି । ପ୍ରକୃତରେ ସେ ନିଜେ ସେଥିପାଇଁ ଦୋଷୀ । ବଡ଼ ଅନୁତାପ କଲେ । ଗୁ ରୁ ବୁଝାଇଲେ ଯେ—ସଂସାରରେ ବହୁ ଘଟଣା ଘଟୁଛି । ସବୁ ସେଇ ଲୀଳାମୟଙ୍କ ଲୀଳା । "ଆମର ସବୁ ଲୀଳା ବୁଝିବାର କ୍ଷମତା କ୍ଷୁଦ୍ର ବୁଦ୍ଧିରେ, ସୀମିତ ଜୀବନରେ ଓ ଅଳ୍ପ ଜ୍ଞାନରେ ସମ୍ଭବପର ନୁହେଁ । କେବଳ ତାଙ୍କର ନାମଗାନରେ ସମୟକଟାଇ ଦିଅ । ପ୍ରଭୁ ତୁମର ଭାର ନେଇନେବେ, ମୁକ୍ତ ହୋଇଯିବ ।"

ନାନକ ନିରହଂକାରୀ ଚାଲିଛନ୍ତି ପଦବ୍ରଜରେ, ବହୁ ନଦ, ନଦୀ, ଜନପଦ, ଅରଣ୍ୟ ପାର ହୋଇ ନିର୍ଭୟରେ । ତାଙ୍କର ଯାତ୍ରା ଅବ୍ୟାହତ ରହିଛି । ତାଙ୍କର ଗନ୍ତବ୍ୟସ୍ଥଳ ପୁଣ୍ୟ ନୀଳାଚଳ । ମକ୍କାରୁ ଯାତ୍ରା ଆରମ୍ଭ ହୋଇ ଶେଷ ହେଲା ପବିତ୍ର ଜଗନ୍ନାଥପୁରୀରେ । ଅନେକ ରାତି ହୋଇ-ଯାଇଥାଏ । ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ସଶିଷ୍ୟ ଆଶ୍ରୟ ଗ୍ରହଣ କରିଛନ୍ତି ବାବା ନାନକ । ପଥଶ୍ରାନ୍ତ ବୁଭୁକ୍ଷିତ ଅବସ୍ଥାରେ କ୍ଳାନ୍ତ ହୋଇ ବସି ପଡ଼ିଛନ୍ତି ନାନକଜୀ ।

ପୁରୀର ଗଜପତି ଗୌଡ଼େଶ୍ୱର ଶାରାଧିଶ୍ୱରବର ସୁଖନିଦ୍ରାରେ ପଲଙ୍କରେ ମଗ୍ନ । ହଠାତ୍ ଜଗନ୍ନାଥ ସ୍ୱପ୍ନ ଦେଲେ—"ରାଜା ! ମୋର ଭକ୍ତ ନାନକ ଗୁଣ୍ଡିଚା ମନ୍ଦିର ପାଖରେ ଅଭୁକ୍ତ ଅବସ୍ଥାରେ ବସିଛି । ଆଉ ତୁମେ ଆନନ୍ଦରେ ଶୋଇରି ନିଦ୍ରା ଯାଉଛ ? ଉଠ, ଜାଗ ! ମୋର ଭକ୍ତକୁ ଭୋଗ ପରିବେଷଣ କର ।" ମହାରାଜା ଧଡ଼ପଡ଼ ହୋଇ ଉଠିଲେ । ମହାରାଣୀଙ୍କୁ କହିଲେ—ପ୍ରଭୁ ଜଗନ୍ନାଥ ଏତେ ରାତିରେ ଏ କି ସ୍ୱପ୍ନ ଦେଲେ ? ତାଙ୍କର ଭକ୍ତ ଶ୍ରୀଗୁଣ୍ଡିଚାମନ୍ଦିର ପାଖରେ ଅଖିଆ ଅପିଆ ଅବସ୍ଥାନ କରୁଅଛନ୍ତି । ଚାଲ ତ ଦେଖିବା । ମହାରାଣୀ ଭୋଗ ସଜାଡ଼ି ଥାଳରେ ନେଇ ରଜାଙ୍କ ସହିତ ଯାତ୍ରା କଲେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼କୁ । ଯାଇ ଦେଖନ୍ତି ସତକୁ ସତ ଜଣେ ଅପରିଚିତ ଜ୍ୟୋତିଷ୍ମାନ୍ ସନ୍ନ୍ୟାସୀ ଆଉ ଜଣଙ୍କ ସହିତ ବସିଛନ୍ତି । ରାଜା ତାଙ୍କୁ ସ୍ୱପ୍ନ କଥା କହି ଶ୍ରୀଜଗନ୍ନାଥଙ୍କ ଭୋଗ ଅର୍ପଣ କଲେ । ନାନକ ଅତ୍ୟନ୍ତ ପ୍ରୀତ ହୋଇ ପ୍ରଭୁଙ୍କ କୃପାରେ ଭାବବିହ୍ୱଳ ହୋଇଗଲେ । ସତେ ଶ୍ରୀଜଗନ୍ନାଥ ତାଙ୍କ ଖବର ରଖିଛନ୍ତି !

Digitized by srujanika@gmail.com

ଜୟ ଜଗନ୍ନାଥ, ଜୟ ଶ୍ରୀନୀଳାଚଳ ପ୍ରଭୁ । ତୃପ୍ତି ସହିତ ଭୋଗ ଆହାର କଲେ ଗୁରୁ ଓ ଶିଷ୍ୟ ଉଭୟ । ରାଜା ଉଆସକୁ ଫେରିଗଲେ ତାଙ୍କର ଅନୁମତି ନେଇ ।

ପରଦିନ ସକାଳ ହେବା ଆଗରୁ ମଙ୍ଗଳାରତି ଦେଖିବା ପାଇଁ ମନ୍ଦିରରେ ପହଞ୍ଚିଲେ ବାବା ନାନକ । ଜଗନ୍ନାଥଙ୍କ ଆରତି ଦେଖି ମୁଗ୍ଧ ହୋଇ ତାଙ୍କର ଭାଷାରେ ପ୍ରାର୍ଥନା ରଚନା କଲେ ତତ୍‌କ୍ଷଣାତ୍ । ପ୍ରଭୁ ତୁମେ ହିଁ ଦୀପ । ତୁମେ ହିଁ ଆଲୋକ । ତୁମେ ହିଁ ସବୁ । ବିଭୋର ହୋଇ ଭାବାବିଷ୍ଟ ହୋଇ ରହିଲେ ଅନେକ ସମୟ ଧରି । ତାଙ୍କର ତୀର୍ଥଯାତ୍ରା ସର୍ବତୋଭାବରେ ସଫଳ ହୋଇଅଛି ।

ନାନକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭିତରେ କଣ ଦେଖିଲେ ସେହି କେବଳ ଜାଣନ୍ତି । କେଉଁଠି ମକ୍‌କା ଆଉ କେଉଁଠି ନୀଳାଚଳ ଧାମ ! ସେଠାରୁ କେଉଁ ଆକର୍ଷଣରେ ଶ୍ରୀଜଗନ୍ନାଥଙ୍କ ପାଖକୁ କପରି ଭାବରେ ଆସିଲେ ସେ ରହସ୍ୟ କେବଳ ନୀଳାଦ୍ରି ପତିଙ୍କୁ ଗୋଚର ସିନା ଆମ ନରଚକ୍ଷୁରେ ପ୍ରତୀୟମାନ ନୁହେଁ । ଆମର କ୍ଷୁଦ୍ର ଦୃଷ୍ଟିକୋଣ ବାରମ୍ବାର ପ୍ରତିହତ ହୁଏ, ସେହି ବିଶାଳତାର କଳନା କରିବାକୁ ଯାଇ । ଶ୍ରୀଜଗନ୍ନାଥ ଦୁଇହାତ ପ୍ରସାରଣ କରି ସମସ୍ତଙ୍କୁ ଡାକୁଛନ୍ତି—ଆସ, ମୋ ପାଖକୁ ଆସ । ମୋର ଆଲିଙ୍ଗନ ଗ୍ରହଣ କର । କିନ୍ତୁ ଆମେ ଦାରୁରେ ଅଟକି ଯାଇ ବ୍ରହ୍ମର ଆକର୍ଷଣକୁ ବୁଝିପାରୁ ନାହିଁ ।

ଆଦ୍ୟ ଶଙ୍କରାଚାର୍ଯ୍ୟ କେରଳରେ ଜନ୍ମଗ୍ରହଣ କରି ମାତ୍ର ବତିଶ ବର୍ଷ ବୟସ ମଧ୍ୟରେ ମଠ ସାରି, ଟିକା, ଭାଷ୍ୟ, ସ୍ତୋତ୍ର, ଶ୍ଳୋକସବୁ ରଚନା କରି ଚାରିଧାମରେ ମଠ ପ୍ରତିଷ୍ଠା କରି ହିନ୍ଦୁଧର୍ମକୁ ସୁଦୃଢ଼ କରି ବୌଦ୍ଧ ପଣ୍ଡିତମାନଙ୍କୁ ପରାସ୍ତ କରି ସ୍ୱଧର୍ମର ବିଜୟ ପତାକା ଉଡ଼େଇ-ଥିଲେ । ସେ କାଳରେ ରାସ୍ତାଘାଟ ନ ଥିଲା । ଯାନବାହନ ନ ଥିଲା । ଭାରତର ବିଭିନ୍ନ ଅଂଶ ସହିତ ଯୋଗାଯୋଗ ଅତ୍ୟନ୍ତ ଦୁରୂହ ଥିଲା । ଏତେ ଅଳ୍ପସମୟରେ କ୍ଷୁଦ୍ର ଜୀବନକାଳରେ ତାଙ୍କର କର୍ମ ଅତ୍ୟନ୍ତ

Digitized by srujanika@gmail.com

ବିଷୟକର ବୋଲି ମନେହୁଏ । ପଣ୍ଡିତ ଜବାହରଲାଲ ନେହରୁ ତାଙ୍କର ପୁସ୍ତକ "Discovery of India"ରେ ଏହିପରି ମନ୍ତବ୍ୟ କରିଛନ୍ତି । ଶଙ୍କରଙ୍କ ବିଷୟରେ ଅନେକ କିଂବଦନ୍ତୀ ଅଛି । ସେ ଅତି ଅଳ୍ପବୟସରେ ଦେବୀଙ୍କ ପ୍ରସାଦରୁ ଅଶେଷ ଜ୍ଞାନ ଭଣ୍ଡାରର ଅଧିକାରୀ ହୋଇ ପାରିଥିଲେ । ଷୋଳବର୍ଷ ବୟସରେ ଶିକ୍ଷା ସମାପ୍ତ କରି ସେ ଭାରତ ଭ୍ରମଣରେ ବାହାରି ବଦରିକାଠାରେ ଅନେକ ଦିନ ଅବସ୍ଥାନ କରିଥିଲେ । ସେଠାରେ ସେ ବହୁଗ୍ରନ୍ଥ ରଚନା କରି ଧର୍ମ ସଂସ୍ଥାପନା କର୍ମରେ ଅଗ୍ରସର ହେଲେ । ବୌଦ୍ଧ ପଣ୍ଡିତମାନଙ୍କୁ ଯୁକ୍ତିତର୍କରେ ପରାସ୍ତ କରି ହିନ୍ଦୁଧର୍ମର ପୁନଃପ୍ରତିଷ୍ଠା କରିବା ଦିଗରେ ବ୍ରତୀ ହୋଇଥିଲେ । ଚାରି ପ୍ରାନ୍ତରେ ମଠ ପ୍ରତିଷ୍ଠା କରିଥିଲେ, ଯଥା: ଗୁଜୁରାଟର ଦ୍ୱାରକା (ଦ୍ୱାରକାଧୀଶଙ୍କ ମନ୍ଦିର ପ୍ରାଙ୍ଗଣରେ ଶଙ୍କରାଚାର୍ଯ୍ୟ ମଠ ଅବସ୍ଥିତ), ହିମାଳୟର ବଦ୍ରିନାଥ, ଓଡ଼ିଶାର ପୁରୀ, ମହୀଶୂରର ଶୃଙ୍ଗେରୀ । ଭାରତର ଚାରିକୋଣରେ ଚାରି ମଠ । ତାଙ୍କୁ ସମସ୍ତେ ଜଗଦ୍‌ଗୁରୁ ବୋଲି ଜ୍ଞାନ କରୁଥିଲେ । ଶ୍ରୀମନ୍ଦିରର ପୂଜା ପଦ୍ଧତି ତାଙ୍କର ପ୍ରଭାବରେ ପରିମାର୍ଜିତ ଓ ପରିଶୋଧିତ ହୋଇଥିଲା । ତାଙ୍କର ସମ୍ମାନ ଅବର୍ଣ୍ଣନୀୟ ଥିଲା । ଏବେ ମଧ୍ୟ ଶଙ୍କରାଚାର୍ଯ୍ୟ ସେହି ସମ୍ମାନର ଅଧିକାରୀ । ପୁରୀର ଶଙ୍କରାଚାର୍ଯ୍ୟ ମଠାଧୀଶ ଜଗନ୍ନାଥଙ୍କ ଦର୍ଶନ କରିବାକୁ ଗଲାବେଳେ ତାଙ୍କ ମସ୍ତକ ଉପରେ ଛତା ଧରାଯାଏ । ଆଉ କୌଣସି ସାଧୁ ସନ୍ନ୍ୟାସୀଙ୍କୁ ଏପରି ଅନୁମତି ଦିଆଯାଏ ନାହିଁ ।

ଦ୍ୱାରକା ଓ ପୁରୀରେ ଶଙ୍କରାଚାର୍ଯ୍ୟ ମଠ ସ୍ଥାପନ କରିବାର ରହସ୍ୟ ଅଛି । ପ୍ରବାଦ ଅଛି ଯେ ଜାରାଶବର ଯେତେବେଳେ ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କଲା ସେତେବେଳେ ସେ କୃଷ୍ଣଙ୍କୁ ମୃଗଜ୍ଞାନରେ ଅଜ୍ଞାନତାବଶତଃ ଏପରି କରିଥିଲା । ସେ କାନ୍ଦି କାନ୍ଦି ଶ୍ରୀକୃଷ୍ଣଙ୍କୁ କହିଲା ଯେ ପ୍ରଭୁ, ତୁମେ ମୋତେ ଏପରି ଦୋଷୀ କରି ଦେଇଗଲ ଯେ ସାରା ସଂସାର ମୋତେ ଘୃଣା ଚକ୍ଷୁରେ ଦେଖିବ । ମାତ୍ର ମୁଁ ତ ସେପରି କିଛି ଦୋଷ କରି ନ ଥିଲି ଯେ ତୁମେ ମୋତେ ଏତେ ଦଣ୍ଡ ଦେଲ ? ଏହାର କିଛି ପ୍ରତିକାର କରିଯାଅ । ମୋତେ ପାପରୁ ମୁକ୍ତ କର । ଶ୍ରୀକୃଷ୍ଣ କହିଲେ କ୍ଷୋଭ କରନାହିଁ । ଏହାପରେ ମୁଁ ନୀଳାଚଳରେ ଅବସ୍ଥାନ କରିବି । ତୁମେ ମୋତେ ସେବା କରିବାର ଅଧିକାର ପାଇବ ନିଶ୍ଚୟ । ତୁମର ବଂଶପରମ୍ପରା ଧରି ବଂଶଜ-

Digitized by srujanika@gmail.com

ମାନେ ମୋତେ ସେବା କରିବାର ଅଧିକାର ପାଇବେ । ଶବରରାଜ ବିଶ୍ୱାବସୁ ଜାରାଶବରର ପରଜନ୍ମ ବୋଲି ଅଭିହିତ । ଏହି କମ୍ବଦନ୍ତିରେ ସତ୍ୟ ଥାଉ ବା ନ ଥାଉ ; ଏହି ଦୁଇ ମନ୍ଦିରର ପୂଜାରେ ଅନେକ ସାମଞ୍ଜସ୍ୟ ମିଳେ । ମୁଁ ଦ୍ୱାରକାଧୀଶଙ୍କ ମନ୍ଦିରକୁ ପୂଜା ଦେବାକୁ ଗଲି-ବେଳେ ପୂଜକମାନେ ଜାଣିଲେ ଯେ ମୁଁ ପୁରୀର ଲୋକ । ମୋତେ ବିଶେଷ ସ୍ନେହ ଓ ଆଦର ପ୍ରଦର୍ଶନ କଲେ । ମଗସ୍ ଲଡ୍ଡୁ ଖାଇବାକୁ ଦେଲେ । ପୁରୀର ମଗଜଲଡ୍ଡୁ ଯାହା ଦ୍ୱାରକାର ମଗସ୍ ତାହା । ଅନେକ ମେଳ ଦେଖିବାକୁ ପାଇଲି । ଆମ ପିଲାଦିନେ ପୁରୀରେ ଅନେକ ଗୁଳ୍ପ ଜାଗ୍ରାସ୍ତ ଗଛ ଥିଲା । ଗୃହଆଡ଼େ ଖାଲି ବାଲି ଆଉ ବାଲି । ଦ୍ୱାରକା ଚକ୍ଷୁ-ଗୋଚର ହେଲାବେଳେ ମନେ ହେଲା ଯେପରି ପିଲାଦିନର ପୁରୀ ସହରରେ ମୁଁ ପ୍ରବେଶ କରୁଛି । ଗୋଟିଏ ଅନିର୍ବଚନୀୟ ଆନନ୍ଦରେ ମନ ଭରିଗଲା । ଟ୍ରେଷ୍ଟ ସହରଟିଏ । ମନ୍ଦିରରେ ମଧ୍ୟ ଅନେକ ସାମଞ୍ଜସ୍ୟ ରହିଛି । ସେଠାରେ ରୁକ୍ମିଣୀ ସତ୍ୟଭାମାଙ୍କ ଦେଉଳ । ଏଠାରେ ବିମଳା ଲକ୍ଷ୍ମୀ ଆଦିଙ୍କ ଦେଉଳ ବେଢ଼ା ଭିତରେ । ପୁରୀରେ ମନ୍ଦିର ମଧ୍ୟରେ ପ୍ରବେଶ କଲେ ବାମପାର୍ଶ୍ୱରେ କାଶୀବିଶ୍ୱନାଥ, ଦ୍ୱାରକାରେ ଦକ୍ଷିଣ ପାର୍ଶ୍ୱରେ ମହାଦେବ ଅଛନ୍ତି । କେଜାଣି କାହିଁକି ମନେ ହେଲା ବହୁଦୂରସ୍ଥ ହେଲେ ମଧ୍ୟ ଦୁଇମନ୍ଦିର ମଧ୍ୟରେ କିଛି ଅନ୍ତର୍ନିହିତ ଯୋଗ ରହିଛି ବୋଲି । ଆଦି ଶଙ୍କରାଚାର୍ଯ୍ୟ ଦୁଇସ୍ଥାନରେ ନିଜର ମଠ ସ୍ଥାପନ କରି ଏହି ରହସ୍ୟମୟ ଯୋଗାଯୋଗର ଭିତ୍ତିକୁ ସୁଦୃଢ଼ କରି ଯାଇଛନ୍ତି । ଶ୍ରୀଜଗନ୍ନାଥଙ୍କର ମହିମାକୁ ବଳବତ୍ତର କରି ପ୍ରତିଷ୍ଠା କରିଯାଇଛନ୍ତି । ତାଙ୍କର ମୋହମୁଦ୍‌ଗର ମନୁଷ୍ୟ ମନର ଲଘୁ ବିକ୍ଷେପ ନୁହେଁ ଯାହାକୁ ଇଂରାଜୀରେ କହନ୍ତି loose sally of the mind । ଏହା ମାନବ ଜୀବନର ଚରମ ଓ ପରମ ସତ୍ୟ ।

"ମା କୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳଃ ସର୍ବଂ
ମାୟାମୟମିଦଂ ନିଖିଳଂ ହିତ୍ୱା ବ୍ରହ୍ମପଦଂ ପ୍ରବିଶାସୁ ବିଦିତ୍ୱା ।"

ପ୍ରବାଦ ଅଛି, ଶଙ୍କର ନିଜକୁ ଶିବ ଜ୍ଞାନ କରୁଥିଲେ । କହୁଥିଲେ, "ଶିବୋଽହଂ ଶିବୋଽହଂ" । ଶକ୍ତିରେ ତାଙ୍କର ବିଶ୍ୱାସ ବା ଅନୁଭବ ନ ଥିଲା । ତେଣୁ ମହାମାୟା କପଟ କଲେ । ଦିନେ ଶଙ୍କର ଦୂରସ୍ଥାନକୁ

Digitized by srujanika@gmail.com

ପ୍ରଖର ଗନ୍ତରେ ଜ୍ୱଳନ୍ତ, ପ୍ରଚଣ୍ଡ ଖରା ହେଲା । ସୂର୍ଯ୍ୟଦେବଙ୍କ ପ୍ରତାପରେ ଶଙ୍କର ମ୍ରିୟମାଣ ହୋଇ ପଡ଼ିଲେ । ଶେଷରେ ଶକ୍ତିହୀନ ହୋଇ ଗନ୍ତବ୍ୟ ପଥରେ ପଡ଼ିଗଲେ । ତାଙ୍କର ଆଉ ଉଠିବାର ଶକ୍ତି ରହିଲା ନାହିଁ । କ୍ଷୋଭ ଶୋଷରେ ବ୍ୟାକୁଳ ଶଙ୍କର ଶ୍ରାନ୍ତ ଅବସ୍ଥାରେ ଅନେକ ସମୟ ପର୍ଯ୍ୟନ୍ତ ପଡ଼ି ରହିଲେ । ତା'ପରେ ଦେଖିଲେ ଦୂରରେ ଗୋଟିଏ ଗଉଡ଼ୁଣୀ ମୁଣ୍ଡରେ ଦହି ଭାଣ୍ଡ ନେଇ ତାଙ୍କ ଆଡ଼କୁ ଆସୁଛି । ସେ ଡକାଇଲେ—ଶୀଘ୍ର ଆସ, ଶୋଷରେ ମୋର ତଣ୍ଟି ଶୁଖିଯାଉଛି । ଟିକଏ ଦହି ଖାଇବାକୁ ଦିଅ । ଗଉଡ଼ୁଣୀ ନ ଆସି ପାଟିକରି କହିଲା—"କାହିଁକି ? ତୁମେ ଆସି ଏଠାରେ ଦହି ଖାଉନ ?" ଶଙ୍କର କହିଲେ—"ମୋର ଶକ୍ତି ନାହିଁ ।" ଗଉଡ଼ୁଣୀ କହିଲା—"କଣ କହିଲ, ତୁମର ଶକ୍ତି ନାହିଁ ? ତେବେ ଶିବ ହେଉଥିଲ କାହିଁକି ?" ତତ୍‌କ୍ଷଣାତ୍ ଶଙ୍କରଙ୍କର ଜ୍ଞାନର ଆବଦ୍ଧ କବାଟ ଖୋଲିଗଲା । ସେ ବୁଝିଲେ ଶକ୍ତି ଛଡ଼ା ଶିବ ଅଚଳ । ଏହା ପରମ ସତ୍ୟ । ତାଙ୍କ ମୁଖରୁ ଅନର୍ଗଳ ଛନ୍ଦରେ ଅପାର ଆନନ୍ଦରେ ନିର୍ଗତ ହେଲା "ଆନନ୍ଦ ଲହରୀ" ସ୍ତୋତ୍ରମାଳା । ଏହାର ଭାବ ଯେପରି ଗମ୍ଭୀର, ଛନ୍ଦ ସେହିପରି ମଧୁର । ତାଙ୍କର ରଚନାର ଏକ ଶ୍ରେଷ୍ଠ ଅବଦାନ ।

"ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ,
ନଚେଦେବଂ ଦେବୋ ନଖଲୁ କୁଶଳଃ ସ୍ପନ୍ଦିତୁମପି ।
ଅତସ୍ତ୍ୱାମାରାଧ୍ୟାଂ ହରିହର ବିରଞ୍ଚ୍ୟାଦିଭିରପି,
ପ୍ରଣନ୍ତୁ ସ୍ତୋତୁଂ ବା କଥମକୃତପୁଣ୍ୟଃ ପ୍ରଭବତି ।

× × ×

ସୁଧାସିନ୍ଧୋର୍ମଧ୍ୟେ ସୁରବିଟପିବାଟୀ ପରିବୃତେ
ମଣିଦ୍ୱୀପେ ନୀପୋପବନବତି ଚିନ୍ତାମଣି ଗୃହେ,
ଶିବାକାରେ ମଞ୍ଚେ ପରମଶିବ ପର୍ଯ୍ୟଙ୍କ ନିଳୟାଂ
ଭଜନ୍ତି ତ୍ୱାଂ ଧନ୍ୟାଃ କତିଚନ ଚିଦାନନ୍ଦ ଲହରୀଂ ।"

ସେହି ଉଜ୍ଜ୍ୱଳ ଜ୍ୟୋତିଷ୍କ ପରମାରାଧ୍ୟ ଆଦି ଶଙ୍କରାଚାର୍ଯ୍ୟ ଭାରତର ସନାତନ ଧର୍ମକୁ ପୁନରୁଜ୍ଜୀବିତ କରି ମାତ୍ର ୩୨ବର୍ଷ ବୟସରେ ଧରାଧାମରୁ ବିଦାୟ ନେଲେ । ତାଙ୍କର କର୍ମଧାରା ବିଷୟରେ ଚିନ୍ତା କଲେ ଏହି ବିସ୍ମୟକର ପ୍ରତିଭାର ଆଦିଅନ୍ତ ମିଳେ ନାହିଁ । ଭାରତବର୍ଷ ତାଙ୍କୁ ଚିରକାଳ ନମସ୍ୟ ବୋଲି ପୂଜା କରିବ ।

Digitized by srujanika@gmail.com

ଆଜ ଅନେକ କମ୍ମବନ୍ତ ପୁରୁଷ ପୁଣ୍ୟଧାମକୁ ଆସି ସେମାନଙ୍କର ମଠ ସ୍ଥାପନ କରିଦେଇ ଯାଇଅଛନ୍ତି । ସେଇ ଅଗଣିତ ତାରକାମାନଙ୍କର ବିଷୟ ଉତ୍‌ଥାପନ କଲେ ସୀମାହୀନ ଲେଖାର ପ୍ରସ୍ତୁତ ଦରକାର । ସେମାନେ ଯେଉଁ ଅସୀମ ରାଜ୍ୟରେ ବିଚରଣ କରୁଥିଲେ ତାର ପ୍ରକାଶରେ ସସୀମ ଲେଖନୀ ପରାଭୂତ । ସେହି ମହାପୁରୁଷମାନେ ଥିଲେ ଭାରତର ଗଭୀର ଆଧ୍ୟାତ୍ମିକତାର ପ୍ରାଣପୁରୁଷ ; ଭାରତର ଆଦ୍ୟ ଓ ଅକୃତ୍ରିମ ସଭ୍ୟତାର ସ୍ତମ୍ଭସଦୃଶ ।

କିନ୍ତୁ ମହାକାଳ କାହାର ଅପେକ୍ଷାରେ ବସିନାହିଁ ; ଦୃଢ଼, ବଳିଷ୍ଠ ପଦକ୍ଷେପରେ ଆଗେଇ ଚାଲିଛି । କେତେ ଉତ୍‌ଥାନ ପତନ, କେତେ ଭଙ୍ଗାଗଢ଼ା, କେତେ ଆଶାନିରାଶା ମଧ୍ୟଦେଇ ଗତି କରୁଛି ମାନବ ସମାଜ । ଆଧ୍ୟାତ୍ମିକତାର ସ୍ରୋତ ପରେ ବହିଯାଉଛି ବାସ୍ତବତାର ପ୍ରବଳ ସ୍ରୋତ । ତା'ର ଉପରେ ଘଟିଛି ଚରମ ଅବକ୍ଷୟ ମାନବ ସମାଜର, ଶାଶ୍ୱତ ଚିରନ୍ତନ ମୂଲ୍ୟବୋଧର, ଉର୍ଦ୍ଧ୍ୱଶ୍ୱାସ ଉଠିଛି ଜୀବନ-ମାନର । ସବୁଆଡ଼େ ଚିତ୍କାର—ଗଲା, ଗଲା, ସବୁ ଗଲା, ସବୁ ସରିଲା । ମାନବ ସମାଜର ଦୃଢ଼ ଭିତ୍ତିଭୂମି ଧୂଳିସାତ୍ ହେଲା । ସବୁ ସିବାରେ କିଛି ରହିଯାଏ । ବିଶ୍ୱର ଭଙ୍ଗାଗଢ଼ାରେ ବିଶ୍ୱନିୟନ୍ତାଙ୍କର କିଛି ନିୟମ କାମ କରେ । ଭୂମିକମ୍ପ ହୋଇ ବନରାଜି ଭୂଗର୍ଭସ୍ଥ ହୁଏ । ହଜାର ବର୍ଷ ପରେ ସେଥିରୁ ଉଦ୍‌ଗତ ହୁଏ ଶ୍ରେଷ୍ଠ ଇନ୍ଧନ— ପେଟ୍ରୋଲଜାତ ଦ୍ରବ୍ୟ । ପାହାଡ଼ ପର୍ବତରୁ ପଥର ଭାଙ୍ଗି ଗଡ଼ାଇ ଆଣେ ସ୍ରୋତସ୍ୱିନୀ ନଦୀ । ତାହା ଶେଷରେ ମାଟିରେ ପରିଣତ ହୋଇ ଉର୍ବର କରେ ଭୂମିକୁ । ବିଜ୍ଞାନରେ ଶକ୍ତିର ଏହି ନିୟମକୁ ବୈଜ୍ଞାନିକମାନେ ଆଖ୍ୟା ଦେଇଛନ୍ତି **Law of Conservation of Energy** ବୋଲି ।

ଏହିସବୁ ଭାବିଭାବି ଫେରିଆସେ ମନ ବାସ୍ତବ ଜଗତକୁ । ଭାବ-ରାଜ୍ୟରେ ବିଚରଣ କରିବା ପରେ କ୍ଳାନ୍ତ ହୋଇପଡ଼େ । ଭାବେ, ଆଚ୍ଛା ଦେଖାଯାଉ, ବର୍ତ୍ତମାନ ଜଗତରେ କଣ ଘଟୁଛି । ମୋର ମନରେ ପୁଣି ଅନ୍ୟ କେତେ ଛବି ଖେଳିଯାଏ । ପିଲାଦିନର ସ୍କୁଲ—ମାଷ୍ଟ୍ରେ ପାଠ ପଢ଼ାଉଛନ୍ତି । ମାଇନର ପରୀକ୍ଷା ଆସିଗଲା । କିନ୍ତୁ ପାଠ୍ୟକ୍ରମ ଶେଷ ହୋଇ ନାହିଁ ଇତିହାସର । ଶ୍ରୀ ଗଙ୍ଗାଧର ମହାପାତ୍ର ଇତିହାସ ପଢ଼ାଉଛନ୍ତି ।

Digitized by srujanika@gmail.com

ମାସ ପନ୍ଦର ଟଙ୍କା ମାସକୁ ଦରମା ପାଆନ୍ତି କିନ୍ତୁ କି ପ୍ରଗାଢ଼ ନିଷ୍ଠା ! କହିଲେ, ପିଲେ ଗଙ୍ଗାମାତା ମଠକୁ ଆସିବ ପ୍ରତ୍ୟେକ ଦିନ । ମୁଁ ବାକି ଅଂଶଟା ପଢ଼େଇ ଦେବି । ଫାଇନାଲ ପରୀକ୍ଷା ଆଗରୁ କିଛିଦିନ ଛୁଟି ଥାଏ । ଆମେ ସବୁ ଯାଉ ! ମାଷ୍ଟ୍ରେ ସେଠାରେ ରହନ୍ତି । ମଠର ଭବିଷ୍ୟତର ଅଧ୍ୟକ୍ଷ ଶ୍ରୀ ବୈଦ୍ୟନାଥ ଆମର ସହପାଠୀ । ସେଠାରେ ମାଷ୍ଟ୍ରେ ସବୁ ବାକି ପାଠ ପଢ଼ାଇ ଶେଷ କଲେ । ତା'ପରେ ଯାଇ ନିଶ୍ଚିନ୍ତ ହେଲେ ।

ତାପରେ ପୁରୀ ଜିଲ୍ଲା ସ୍କୁଲ । ବଡ଼ ଐତିହ୍ୟମଣ୍ଡିତ ଏହି ସ୍କୁଲ । ଏଠାରେ ଓଡ଼ିଶାର ସବୁ ମଉଡ଼ମଣି ଶିକ୍ଷାପ୍ରାପ୍ତ ହୋଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାଶ, ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, ହରିହର ଦାଶ, ପ୍ରମୁଖ । ଆମେ ଶୁଣିଛୁ ଯେ ପୁରୀ ଜିଲ୍ଲା ସ୍କୁଲ ଲାଇବ୍ରେରୀର ଅଧିକାଂଶ ପୁସ୍ତକ ଦୁଇଟି ଲୋକ ପଢ଼ିପାରିଥିଲେ ପଣ୍ଡିତ ନୀଳକଣ୍ଠ ଦାଶ ଓ ଅନ୍ନଦାଶଙ୍କର ରାୟ । ଏହି ସ୍କୁଲରୁ ଦୁଇଟି ଆଇ.ସି. ଏସ୍.—ଅନ୍ନଦାଶଙ୍କର ରାୟ ଓ କୃପାସିନ୍ଧୁ ମିଶ୍ର । ପ୍ରଥମ ଓଡ଼ିଆ ଆଇ. ପି. ବ୍ରଜବନ୍ଧୁ ମିଶ୍ର । ଏହି ସ୍କୁଲର magazine "ମହୋଦଧି" ଅତି ଉନ୍ନତ ଧରଣର ଥିଲା । ଆମ ସମୟରେ ସର୍ବଶ୍ରୀ ନରସିଂହ ସ୍ୱାଇଁ, ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ପ୍ରଭୃତି ଏଥିରେ ଉଚ୍ଚକୋଟିର ଲେଖା ଲେଖୁଥିଲେ । ଆମର ପୂର୍ବସୂରୀମାନେ ଉତ୍କଳର ଗୌରବବିଶେଷ ହୋଇ ରହିଛନ୍ତି । ଅଧ୍ୟାପକ ଶ୍ରୀରାମଚନ୍ଦ୍ର ଦାଶ, ଗଣେଶ୍ୱର ମିଶ୍ର, ବଭ୍ରୁଧେନ୍ଦ୍ର ମିଶ୍ର ଇତ୍ୟାଦି । ଏପରି ସ୍କୁଲରେ ପଢ଼ି ମୁଁ ନିଜକୁ ଧନ୍ୟ ମନେକଲି ।

ଖାଲି ପଢ଼ାରେ ନୁହେଁ, ଖେଳରେ ମଧ୍ୟ ଆମ ସ୍କୁଲ ଅଗ୍ରଣୀ ଥିଲା । ରାଜୁ ମହାନ୍ତି ଫୁଟବଲରେ ପ୍ରସିଦ୍ଧ ସେଣ୍ଟର ଫରଓ୍ୱାର୍ଡ଼, ନୀଳ ମହାନ୍ତି ଲୌହ-ରକ୍ଷକ, ତାଙ୍କର ଦୁଇଭାଇ କୁଳ ମହାନ୍ତି ଓ ଯଦୁ ମହାନ୍ତି ଅତି ବିଚକ୍ଷଣ ଗୋଲରକ୍ଷକ, ପୁରୀ ଟାଉନ ଟିମ୍‌ରେ ବଡ଼ ବଡ଼ ଖେଳ ତାରକାମାନେ ଥାଆନ୍ତି । ବରାବର BNR ଟିମ୍ ସହିତ ପ୍ରତି-ଦ୍ୱନ୍ଦିତା ହୁଏ । BNR ର ଖେଳାଳିମାନେ ଭାରତ-ପ୍ରସିଦ୍ଧ । ସେମାନଙ୍କର

Digitized by srujanika@gmail.com

ବୁଟ ବ୍ୟବହାର ; ଆମର ଖାଲି ଗୋଡ଼ରେ ଖେଳୁଥିବା ଖେଳାଳି-ମାନଙ୍କୁ ଅସୁବିଧାରେ ପକାଇଲେ ମଧ୍ୟ ଟାଉନ ଟିମ କେବେହେଲେ ପଶ୍ଚାତ୍‌ପଦ ହେଉ ନ ଥିଲେ । ପ୍ରକୃତରେ BNR ଟିମ୍ ଉପରେ ଉପରେ ଖେଳୁଥିଲେ । ସେ କାଳରେ ଫୁଟବଲର ଆଦର ଶୀର୍ଷରେ ଥିଲା । ଆମେ ସବୁ ଖେଳ ନ ଜାଣିଲେ ମଧ୍ୟ ଦେଖିବାରେ ଅଗ୍ରଣୀ ଥିଲୁ । ପୂର୍ବର ଖେଳାଳିମାନଙ୍କର ଶାରୀରିକ କ୍ଷମତା ସୁଦୃଢ଼ ଥିଲା । ତେଣୁ ସେମାନେ ଅନେକ କ୍ଷେତ୍ରରେ ଜୟୀ ହେଉଥିଲେ । ବଡ଼ ବଡ଼ ଅଫିସର-ମାନେ ମଧ୍ୟ ଆସି ଖେଳାଳିମାନଙ୍କୁ ପ୍ରେରଣା ଯୋଗାଉଥିଲେ । ମୁଁ ଖେଳପଡ଼ିଆରେ ଭୋଳାନାଥ ମଲ୍ଲିକଙ୍କୁ ମଧ୍ୟ ଦେଖିଛି । ସେ ପୁଲିସ ଅଧିକର୍ତ୍ତା ଥିଲେ । ପରେ ନେହରୁଙ୍କ କୃପାଲାଭ କରି ବହୁଦିନ ଭାରତର Intelligence ବିଭାଗର ସର୍ବମୟ ଅଧ୍ୟକ୍ଷ ଥିଲେ ଅନେକ ବର୍ଷ ।

ଆଉ ଦିନକର ଘଟଣା । ଖୁବ୍ ଜୋରରେ ଖେଳ ଚାଲିଛି ମିଲିଟାରି ସୈନିକ ଟିମ୍ ସହିତ ଆମ ସ୍କୁଲ ଟିମ୍‌ର । ଆମେ ସବୁ ଜୋରସୋର ଉତ୍ସାହ ଦେଉଛୁ ଆମ ଖେଳାଳିମାନଙ୍କୁ । ଏତିକିବେଳେ ମୋ ହାତରୁ ମୋର ବହି କିଏ ଜଣେ ଟାଣିନେଲା । ଇଆଡ଼େ ସିଆଡ଼େ ଅନାଉଛି ପଛରୁ ଗୋଟେ ନାଲିମୁହାଁ ଗୋରା ସାହେବ ଓଡ଼ିଆରେ କହିଲା—"କ୍ୱାଡ୍‌ଡେ ଗଲା ?" ଆରେ "ଇଏ ପୁଣି କିଏ ମ ? ମୋ ସାଙ୍ଗରେ ଥଟ୍ଟା କରୁଛି ।" ପଚାରିଲି ସହପାଠିଙ୍କୁ । ସେ କହିଲେ, ତୁ ଚିହ୍ନିନୁ ? ଇଏ ପରା ପୁଲିସ ସାହେବ R.E.R. LESS । ମୁଁ ଲିଜ୍ ସାହେବଙ୍କ ନା ଶୁଣିଥାଏ । ଦେଖିଲି ଜଣେ ଅଳ୍ପବୟସ୍କ ଯୁବକ ହସ ହସ ମୁହଁରେ ମୋର ବହି ଫେରାଇ ଦେଉଛନ୍ତି । ଭାବିଲି ଗୋରାଗୁଡ଼ାକ ପରା ଭାରି ଚର୍ବା ଆଉ ଦାମ୍ଭିକ । ଇଏ ତ ସେପରି ଦେଖାଯାଉନାହାଁ । ସମସ୍ତେ ସମାନ ନୁହନ୍ତି । ସେମାନଙ୍କ ଭିତରେ ଭଲ ଲୋକ ମଧ୍ୟ ଅଛନ୍ତି । ମନଟା ଖୁସିରେ ଭରିଗଲା ।

ଏଥର ପାଠପଢ଼ା କଥା । ବୁଢ଼ାହେଲିଣି ମାଷ୍ଟ୍ରଙ୍କ କଥା ଏବେ ମଧ୍ୟ କାନରେ ବାଜୁଛି । ନଟବର ମହାନ୍ତି ଭୂଗୋଳ ପଢ଼ାନ୍ତି । ପଚାରିଲେ—ପିଲେ କହିଲ, ମରୁଭୂମିରେ ଆରବମାନଙ୍କର ଜୀବନଯାତ୍ରା କିପରି ହୋଇଥିବ ? ଆମେସବୁ ଚୁପ । ସେ କହିଚାଲିଛନ୍ତି । ସେଠାରେ

Digitized by srujanika@gmail.com

ତ ପାଣି ମିଳେ ନାହିଁ । ତଣ୍ଟି ସବୁବେଳେ ଶୁଖିଲା । ଜିଭ ତାଳୁରେ ଲାଗୁଛି । ତେଣୁ ଭାଷା ଓ ଉଚ୍ଚାରଣ ମଧ୍ୟ ତଦ୍ରୂପସଦୃଶ । ଯଥା: ଅଲାଂପ୍, ବେ—ତେ ଇତ୍ୟାଦି—ସବୁ ଅକ୍ଷର କହିଗଲେ । ଆଚ୍ଛା ବିନସାରି ତ କାମଦାମ ନାହିଁ । ରାତିରେ କଣ କରିବେ ତାରା ଗଣିବା ଛଡ଼ା । ତେଣୁ ସେମାନେ ହେବେ କଣ । ଯଥା: ଓମରଖୟାମ, ଦାର୍ଶନିକ, ଗାଣିତ୍ୟିକ, ବା ସୌର ମଣ୍ଡଳର ଅନୁସନ୍ଧିତ୍ସୁ (astronomer) । ଖାଇବେ କଣ ନା ଶୁଖିଲା ଫଳ, ଯାହା ମରୁଦ୍ୟାନରେ ହୁଏ, ଯଥା: ଖଜୁରି କୋଳି ଇତ୍ୟାଦି । କହି ଚାଲିଛନ୍ତି ତ କହି ଚାଲିଛନ୍ତି । ମନରେ ଗୋଟିଏ ଗୋଟିଏ କଥା ଦାଗକାଟି ଚାଲିଛି । ଆଉ ବହି ପଢ଼ିବା ଦରକାର କଣ ? ଆମେ ଛାତ୍ରମାନେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଛୁ ।

ଇତିହାସର ଶିକ୍ଷକ ଅତି ପ୍ରସିଦ୍ଧ ପୁସ୍ତକ ପ୍ରଣେତା ଶିବପ୍ରସାଦ ଦାଶ, ଅଗାଧ ପାଣ୍ଡିତ୍ୟ, କେବଳ ବର୍ଷପଞ୍ଜି ନୁହେଁ । ପ୍ରସିଦ୍ଧ ଘଟଣାବଳୀର ସମୟ ତ ମୁହଁରେ ସର୍ବଦା ରହିଛି, ତା ଛଡ଼ା ସମସାମୟିକ ସାହିତ୍ୟର ପୂର୍ଣ୍ଣାବୟବ ବିଶ୍ଳେଷଣ ମଧ୍ୟ । ସ୍କୁଲଛାତ୍ର ହେଲେହେଁ ଆମକୁ ଭବଭୂତି ମାଘ ପ୍ରଭୃତି କବିଙ୍କର ରଚନାର ଅଂଶ ଅନେକଥର ଶୁଣାଇଛନ୍ତି । ସେ ହଷ୍ଟେଲରେ ରହୁଥିଲେ । ନିଜେ ରାନ୍ଧି ଖାଆନ୍ତି । ଆମେ ତାଙ୍କ ପାଖକୁ ଯାଇ କେତେଥର ସୁମିଷ୍ଟ ମହନଭୋଗ ଖାଇଛୁ । ଅତ୍ୟନ୍ତ ଛାତ୍ର-ବତ୍ସଳ ।

କବି ବୈକୁଣ୍ଠନାଥ ପଟ୍ଟନାୟକ ଇଂଲିଶ୍ ପଢ଼ାନ୍ତି ଅତି ମନୋମୁଗ୍ଧକର ଭାବରେ । ତାପରେ ଜଣେ ଶିକ୍ଷକ ଆସିଲେ ମହେଶ୍ୱର ଦାଶ ବୋଲି । ସବୁ କବିତା ତାଙ୍କର କଣ୍ଠସ୍ଥ । ଟେବୁଲ ଉପରେ ବସି ଆବୃତ୍ତି କରିଗଲେ 'Daffodil' କବିତା ଲଳିତ ଇଂରେଜି ଛନ୍ଦରେ । ଆମ୍ଭେମାନେ ଅଭିଭୂତ ହୋଇ ରହିଗଲୁ । ସେ ଛନ୍ଦ ବର୍ତ୍ତମାନ ସୁଦ୍ଧା ମନରେ ଅନୁରଣିତ ହୋଇ ରହିଛି ।

ଆଉ ଆମର ଡ୍ରଇଂ ସାର୍ ପୂର୍ଣ୍ଣ ସିଂ ଯାହାଙ୍କ ତୁଳିକାମୁନରେ ମୂର୍ତ୍ତି ହୋଇଉଠେ କୋଣାର୍କ, ଭୁବନେଶ୍ୱର ଓ ପୁରୀ ମନ୍ଦିରରାଜି । ଆମ ସ୍କୁଲ ହଲରେ ବିରାଟ ଆକାରରେ ଥାଏ ତାଙ୍କର ଚିତ୍ରାବଳୀ । ଆମେ ମୋହଗ୍ରସ୍ତ ହୋଇ ଅନାଇ ରହୁ, ଚନ୍ଦନରେ ଗୁପର ଦୃଶ୍ୟକୁ,

Digitized by srujanika@gmail.com

ମହୋଦଧିର ଊର୍ମିମାଳାକୁ, ରଥଯାତ୍ରାର ଚହଳକୁ—ଆଜ ଏମିତି କେତେ ଅଗଣିତ ଛବି । ଶିକ୍ଷାଦେବାର କୌଶଳ ମଧ୍ୟ ଅପୂର୍ବ । ତାଙ୍କଠାରୁ ଶିଖି ଆମେ ମଧ୍ୟ ଷ୍ଟେଟ ଷ୍ଟେଟ କୁଡ଼ି ଘରେ ଆଣି ଦେଖାଉ ଭାଇ ଭଉଣୀ-ମାନଙ୍କୁ ।

କେତେ ଅଭିଜ୍ଞତା କେତେ ସ୍ମୃତି ମନକୁ ଘେରି ରହିଛି । ମୋର ଜଣେ କକା ବିମଳାଚରଣ ରାମକୃଷ୍ଣ ମିଶନରେ ଯୋଗ ଦେଇଥିଲେ ସାଧୁ ହୋଇ । ସେ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜଙ୍କର ଶିଷ୍ୟ । ବିଦେଶରୁ ଅନେକ ଜ୍ଞାନୀ ଗୁଣି ଲୋକ ତାଙ୍କ ପାଖକୁ ଆସୁଥିଲେ । ପୁରୀରେ ଥିବା ଆମ ଘରକୁ ମଧ୍ୟ କେତେକ ଆସୁଥିଲେ । ଦିନେ ଜଣେ ଲମ୍ବା ସାହେବ ଆସିଲେ । ତାଙ୍କ ନାଁ Dr. W. Y. Evanswentz. ସେ ଆମେରିକାର ଲୋକ । ବହୁ ବହି ଲେଖି ପୃଥିବୀ ପ୍ରସିଦ୍ଧ ହୋଇଥିଲେ । ସେ ଭାରତୀୟ ଯୋଗ ପଦ୍ଧତିରେ ପଣ୍ଡିତ ଥିଲେ । ତିବ୍ବତୀୟ ପଦବ୍ରଜରେ ଯାଇ ବହୁ ଲାମା-ମାନଙ୍କ ସହିତ ଆଲୋଚନା କରି ଗୋଟିଏ ଅତି ଉପାଦେୟ ପୁସ୍ତକ ରଚନା କରିଥିଲେ । ତା'ର ନାଁ "Tibettan Book of the Dead" ପରମହଂସ ଯୋଗାନନ୍ଦଙ୍କ "ଯୋଗୀ ଆତ୍ମଚରିତ" ବହିରେ ତାଙ୍କର ଅଗ୍ରଲେଖା ଅଛି ।

ତାଙ୍କୁ ଦେଖି ଆମେ ସବୁ ତାଙ୍କ ଗୁଣରପଟେ ଘେରିଗଲୁ । ସେ ନିରାମିଷାଶୀ । ଅଳ୍ପକିଛି ଆହାର କରନ୍ତି । ସମସ୍ତଙ୍କୁ ଦେଇ ନିଜେ ଖାଆନ୍ତି । ଦୋତାଲାରେ ବସି ଖାଉଛନ୍ତି । ସେତେବେଳେ ପୁରୀରେ ବହୁତ ମାଙ୍କଡ଼ ଥିଲେ । ସେଥିରୁ ଦୁଇଟା ଆସି ପହଞ୍ଚିଗଲେ । ଆମ ଘରେ ତ ବିଲେଇ-ମାନଙ୍କ ସଂଖ୍ୟା କମ୍ ନ ଥିଲା । କାଉଙ୍କ କଥା ତ ଛାଡ଼ନ୍ତୁ । ସମସ୍ତଙ୍କୁ ଟିକିଏ ଟିକିଏ ଦେଇ ସେ ନିଜର ଆହାର ସମାପ୍ତ କଲେ । ଖୁବ୍ ସ୍ୱଳ୍ପାହାରୀ । ତାପରେ ମୋ ଆଡ଼କୁ ଚାହିଁଲେ । ପଚାରିଲେ "Are you a boy scout ?" ମୁଁ କହିଲି ନାଁ । କହିଲେ—"No, you must learn to serve humanity." ଆମ ବାପା ମଧ୍ୟ ଛିଡ଼ା ହୋଇ-ଥାଆନ୍ତି । ତାଙ୍କ ଆଡ଼କୁ ଚାହିଁ ଡିନଥର କହିଲେ—

Digitized by srujanika@gmail.com

"Spare the rod, spoil the child"

ଯୋଗୀ ମାନେ ଭୁହଁ ଯେ (free for all) ଯାହା ଇଚ୍ଛା ତା କରଯାଅ । ଯୋଗୀପୁରୁଷ ଖାଲି ତୁମ୍ଭଙ୍କୁ କ୍ଷମା କରିବେ, ଆଉ ଆଶୀର୍ବାଦ କରିବେ । ଦେଖିଲି ତାଙ୍କ ମନରେ କଠୋର ଅନୁଶାସନର ଭାବ । କହିଲେ, ଭାରତରେ ଯୋଗର ପ୍ରଭାବ ଅତି ଅଳ୍ପ । ସ୍ୱୈରାଚାରର ବହୁତ ବେଶୀ । ଭାବଥିଲି କୋଣାର୍କ ପାଖରେ ଜମି ନେଇ ଆଶ୍ରମ କରିବି ବୋଲି । କିନ୍ତୁ ଅବସ୍ଥା ଦେଖି ସାହସ ହେଉନାହିଁ । କମ୍ୟୁନିଷ୍ଟମାନଙ୍କ ପ୍ରଭାବ ବ୍ୟାପିଲା ଭଳି ମନେ ହେଉଛି । ଦେଶକୁ ଫେରିଗଲେ । Sandiegoରେ ଥାଆନ୍ତି । ମୁଁ ବଡ଼ ହୋଇ M. A. ପଢ଼ିବାବେଳେ ତାଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲି । ତାଙ୍କର ଉତ୍ତର ଏବେ ମଧ୍ୟ ସାଇତି ରଖିଛି । ସେ ଆଜି ଇହଧାମରେ ନାହାନ୍ତି । ତାଙ୍କର ବିଶେଷ ବନ୍ଧୁ, ସାଧୁ ବିମଳାଚରଣ, ମୋର ସମ୍ପର୍କୀୟ କକା ମଧ୍ୟ ଗତ ହୋଇଛନ୍ତି ଅନେକ ଦିନ ହେଲା ।

ସେ ମିଶନରେ ଯୋଗଦେବା ପରେ ଆଲମୋଡ଼ା ଆଶ୍ରମରେ ଥିଲେ । ସେଠାରୁ ଆମେରିକା ଯିବେ ବୋଲି ସବୁ ସ୍ଥିର ହୋଇଥିଲା । କିନ୍ତୁ ତାଙ୍କର ପିତା ସାଧୁଚରଣଙ୍କର ଅଭିପ୍ରାୟ ନ ଥିଲା ଯେ ତାଙ୍କ ପୁଅ ଦେଶ ତ୍ୟାଗ କରି ଯାଆନ୍ତୁ । ତାଙ୍କୁ ବହୁତ ଚେଷ୍ଟା କରି ନିବର୍ତ୍ତାଇଲେ । ବିମଳାଚରଣ ଫେରି ଆସିଲେ ପୁରୀକୁ । ମଠ ସହିତ ଯୋଗାଯୋଗ ରଖିଲେ ମଧ୍ୟ ପିତାଙ୍କ ପାଖରେ ରହୁ ଥାଆନ୍ତି । ସେ ଆମ୍ଭମାନଙ୍କୁ ଅନେକ ଶୃଙ୍ଖଳା ଶିକ୍ଷା ଦେଇଥିଲେ । ସନ୍ଧ୍ୟା ହେଲେ ବ୍ରହ୍ମାନନ୍ଦଜୀଙ୍କର କୃତ "ରାମ ନାମ" ଆମ୍ଭେମାନେ ସମସ୍ତେ ମିଶି ଗାଉ, ଯଥା—

"ଶୁଦ୍ଧଂ ବ୍ରହ୍ମ ପରାତ୍ପର ରାମ, କାଳାତ୍ମକ ପରମେଶ୍ୱର ରାମ ॥
ଶେଷତଲ୍ପସୁଖ ନିଦ୍ରିତ ରାମ ବ୍ରହ୍ମାଦ୍ୟପରମାର୍ଥିତ ରାମ" ଇତ୍ୟାଦି

ସେତେବେଳେ ବିଲାତରୁ ଅତି ସୁନ୍ଦର magazine ସବୁ ଆସୁଥାଏ । "Boys' own paper" ଓ "Girls' own paper". ସେଥିରେ ନାନା ପ୍ରସଙ୍ଗରେ ଚିତ୍ରିତ ବିଷୟବସ୍ତୁ ସହିତ ଗବେଷଣାତ୍ମକ ପ୍ରବନ୍ଧମାନ ଥାଏ । ଅତି ସୁଖପାଠ୍ୟ ଓ ଛାତ୍ରମାନଙ୍କ ପ୍ରତି ଜ୍ଞାନୋପଯୋଗୀ । ଆଫ୍ରିକାର ଘନ ଜଙ୍ଗଲରେ କିପରି ରେଳଲାଇନ ତିଆରି ହେଉଥାଏ; ସେଠାରେ

ସିଂହମାନଙ୍କ ଉପଦ୍ରବ୍ୟ ପ୍ରଭୃତି ବହୁ ଜାଣିବାର ବିଷୟ ଥାଏ । ସେଗୁଡ଼ିକ ଅଣାଇ ଆମକୁ କହା ପଢ଼ାନ୍ତି । ସେତେବେଳେ ସିନେମା ତ ନ ଥିଲା ଘରେ ଦେଖିବା ପାଇଁ, ତେଣୁ Magic Lantern ଆଣି ସ୍ଥିର ଚିତ୍ର ସବୁ ଦେଖାନ୍ତି ।

ଜଣେ ଆଫ୍ରିକୀୟ ଯାଦୁକର ଆସି ଆମକୁ ଅନେକ ରକମର ଯାଦୁବିଦ୍ୟା ପ୍ରଦର୍ଶନ କରିଥିଲେ । ମୋର ବୁଢ଼ା ଆଙ୍ଗୁଳିରେ କଳା ମଲମ ବୋଳି ଦେଲେ । କହିଲେ, ତୁମେ ଯେ କୌଣସି ମୃତ ବ୍ୟକ୍ତିଙ୍କୁ ସ୍ମରଣ କରିବ ସେ ଏହି ମଲମ ଉପରେ ଆବିର୍ଭୂତ ହେବେ । ତେବେ ତୁମର ସ୍ଥିର ଚିତ୍ତରେ ସ୍ମରଣ କରିବା ଦରକାର ଧ୍ୟାନମଗ୍ନ ହୋଇ । ମୁଁ ମୋର ଜେଜେଙ୍କୁ ସ୍ମରଣ କଲି । ପ୍ରଥମ ତିରିଶ ମିନଟ୍ କିଛି ଦେଖାଗଲା ନାହିଁ । ସେ ମୋତେ ଅନୁପ୍ରାଣିତ କରୁଥାଆନ୍ତି । ମନ ଦିଅ, ମନ ଦିଅ । ଦେଖିଲି ଧଳା ଧଳା ବିନ୍ଦୁ ଦେଖାଗଲା ପ୍ରଥମେ । ସେଗୁଡ଼ିକ କ୍ରମେ କ୍ରମେ ଜଡ଼ିତ ହୋଇ ଜେଜେଙ୍କ ରୂପ ଧାରଣ କଲା । ଜେଜେ ଅନେକ ସମୟ ଧରି ଠିଆ ହୋଇ ରହିଲେ । ମୁଁ କହିଲି—"ଏଥର ଚାଲି ଯାଅ ।" କିଛି ସମୟ ପରେ ଜେଜେ ଅନ୍ତର୍ହିତ ହୋଇଗଲେ ।

ସେ ସମୟରେ Planchetର ବ୍ୟବହାର ବିଶେଷ ଆକର୍ଷଣୀୟ ଭାବ କରିଥିଲା । ଆଜି ବେଷାନ୍ତଙ୍କର ସେ ବିଷୟରେ ବହୁ ଲେଖା ପ୍ରସ୍ତୁତ ହୋଇ ପ୍ରସିଦ୍ଧି ଲାଭ କରିଥିଲା । ପ୍ଲାନ୍‌ଚେଟ ଗୋଟିଏ କାଠର ତିନି-କୋଣିଆ ବସ୍ତୁ । ଦୁଇଟିରେ ବୁଲିବା ଭଳି ଚକ ଲାଗିଛି । ଆଉ ଗୋଟିକରେ ପେନ୍‌ସିଲ । ଯେ ପ୍ଲାନ୍‌ଚେଟ ଧରିବ ସେ ସ୍ଥିର ହୋଇ ବସି ମୃତବ୍ୟକ୍ତିର ବାହକ ହେବ । ସେ ମୃତବ୍ୟକ୍ତି ବିଷୟରେ ଗମ୍ଭୀରଭାବେ ମନୋନିବେଶ କରିବ । ତା'ପରେ ତାକୁ ଡାକିବ । ତା'ପରେ ପ୍ରଶ୍ନ ପଚାରିବ । ମୃତବ୍ୟକ୍ତିର ଆତ୍ମା ପେନ୍‌ସିଲରେ ନିମ୍ନରେ ଥିବା କାଗଜ ଉପରେ ଉତ୍ତର ଲେଖିଦେବ । ଅତି ଆକର୍ଷଣୀୟ ଯନ୍ତ୍ର । ସନ୍ଧ୍ୟା ହେଲେ ବୁଢ଼ାମାନେ ଆସି ଆମ ଘରେ ଜମି ବସନ୍ତି । ପ୍ଲାନ୍‌ଚେଟ ଡକା ଆରମ୍ଭ ହୁଏ । ବାହକ ହିସାବରେ ସାଧାରଣତଃ ମୋର ଡାକ ପଡ଼େ । ସ୍ଥିର

Digitized by srujanika@gmail.com

ହୋଇ ବସି ମୁଁ ମୃତ ଆତ୍ମା ଉଦ୍ଦେଶ୍ୟରେ ଆହ୍ୱାନ କରେ । ପ୍ରଥମେ ସବୁ ସ୍ଥିର ହୋଇଥାଏ, ହଠାତ୍ କାଠଟି ଘର୍ ଘର୍ ଶବ୍ଦ କରି ଏପଟ ସେପଟ ହେବାକୁ ଆରମ୍ଭ କରେ । ତାପରେ ଉତ୍ତର ଲେଖା ହୋଇଯାଏ । ଅନେକ ମୃତବ୍ୟକ୍ତିଙ୍କୁ ଡକାଯାଉଥିଲା । ଜଣେ ପୁରୁଖା ଲୋକକୁ ଡାକି ପଚରା ଗଲା । ତୁମର କଣ ଦରକାର ? ସେ ଲେଖିଲେ "ଖଣ୍ଡେ ଲୁଗା ।" ମୁଁ ପଚାରିଲି—"କେଉଁଠି ଦିଆଯିବ ?" ସେ ଉତ୍ତରରେ ଲେଖିଲେ ଅମୁକ ଗଛରେ । ଦିନରେ ତାହାହିଁ ସେଠାରେ ଦିଆଗଲା । ପରଦିନ ସକାଳେ ଦେଖାଗଲା ଶତଛିନ୍ନ ହୋଇ ଗଛର ଡାଳମାନଙ୍କରେ ଝୁଲୁଛି । ଆଉ ଜଣଙ୍କୁ ପଚରାଗଲା—ତୁମର କଣ ଅସୁବିଧା ? ସେ ଉତ୍ତର ଦେଲେ—"ଅମୁକ ଲୋକ ମତେ ସବୁବେଳେ ମାରୁଛି ।" ଅନ୍ୟ ଜଣକ ମଧ୍ୟ ମୃତ-ବ୍ୟକ୍ତି ।

ସବୁଠୁ ଆଶ୍ଚର୍ଯ୍ୟ ଜନକ ଘଟଣା ଘଟିଲା ବଡ଼ ଆଖଡ଼ା ମଠରେ । ବଡ଼ ଆଖଡ଼ା ମହନ୍ତ ମହାରାଜ ମୋର ପିତାଙ୍କୁ ବଡ଼ ସ୍ନେହ କରୁଥିଲେ । ସେ ଗତ ହେବାରୁ ତାଙ୍କର ଚେଲା ମହନ୍ତ ହେଲେ । ବାପାଙ୍କୁ କହିଲେ Planchetରେ ବଡ଼ ମହାରାଜଙ୍କୁ ଡାକିବା ପାଇଁ ! ମୋତେ medium କରାଗଲା । ମୁଁ ଡାକିଲି, ପ୍ରେତ ସାଙ୍ଗେ ସାଙ୍ଗେ ଆସିଲା । ନାନା ପ୍ରଶ୍ନର ଉତ୍ତର ଦେଲା । ଜଣଙ୍କ ମୁଣ୍ଡକୁ ଗୋଟିଏ ବୁଦ୍ଧି ଆସିଲା । ଆଚ୍ଛା, ସତରେ ଆସିଛନ୍ତି କି ନାହିଁ ଜାଣିବା କିପରି ? ଆଉ କେହି ମଧ୍ୟ ହୋଇପାରେ । ବଡ଼ ମହାରାଜଙ୍କୁ ପଚାର ସେ ନିଜ ଉପସ୍ଥିତିର ପ୍ରମାଣ ଦିଅନ୍ତୁ । ମୁଁ ତାଙ୍କୁ ଅନୁରୋଧ କଲି ସ୍ପଷ୍ଟ ପ୍ରମାଣ ଦେବାପାଇଁ । ସାଙ୍ଗେ ସାଙ୍ଗେ ମଠର ସବୁ ଆଲୁଅ ନିଭିଗଲା । ଛୋଟମହାରାଜ ଗଲେ ଟର୍ଚ୍ଚ ନେଇ ଅନୁସନ୍ଧାନ କରିବାକୁ ମେନ୍ ସୁଇଚ୍ ପାଖକୁ । ଯାଇ ଦେଖିଲେ ଯେ ମେନ୍ ସୁଇଚ୍ ଡାଉନ୍ । କେହି ଜଣେ ତଳକୁ କରି ଦେଇଛି । ଦେଖିଲେ ଜଣେ ଲୋକ ମାଟିରେ ଶୋଇଛି । ତାକୁ ଉଠାଇଲେ । ପଚାରିଲେ—"ତୁ ଜାଣୁ କିଏ ଏହି ମେନ୍ ସୁଇଚ୍ ତଳକୁ କଲା ?" ସେ କହିଲା—"ଆଜ୍ଞା ହଁ, ବଡ଼ ମହାରାଜ ମୋତେ ସ୍ୱପ୍ନ ଦେଇ କହିଲେ ତୁ ମେନ୍ ସୁଇଚ୍ ଡାଉନ୍ କରି ଦେ । ମୁଁ କରିଦେଲି ଆଜ୍ଞା । ମୋର କୌଣସି ଦୋଷ ନାହିଁ, ମୋତେ କ୍ଷମା କରନ୍ତୁ ।" ପ୍ରମାଣ ମିଳିଗଲା । ପ୍ରେତ ନିଶ୍ଚୟ ଅଛି । ଡାକିଲେ ମଧ୍ୟ ଆସେ ବୋଲି ।

Digitized by srujanika@gmail.com

ଅନ୍ୟ ଅନେକେ କହୁ କହନ୍ତି Planchet ହେଲା—Plain cheat, ସିଧାସଳଖ ଠକାମି । ତାହା ମଧ୍ୟ ସତ ହୋଇପାରେ । କାରଣ ଏହି ପ୍ରେତଙ୍କୁ ଡାକିବା ପରବର୍ତ୍ତୀ କାଳରେ ଆଉ ଆକର୍ଷଣୀୟ ହୋଇ ରହିଲା ନାହିଁ । ଆମ ପିଲାଦିନେ ଏହା ଏକ ଅବସର ବିନୋଦନର ସ୍ଥାନ ଗ୍ରହଣ କରିଥିଲା । ପ୍ରେତ ଥାଆନ୍ତୁ ବା ନ ଥାଆନ୍ତୁ ମନୁଷ୍ୟ ଜୀବନରେ ସେମାନଙ୍କର କାର୍ଯ୍ୟକାରିତା ନାହିଁ । ସେତେବେଳେ ଅବସର ଥିଲା ଅଖଣ୍ଡ । ଜୀବନଯୁଦ୍ଧ ଏତେ ତୀବ୍ର ନ ଥିଲା । ପ୍ରତିଯୋଗିତାର ବାତାବରଣ ଥିଲା ଅତ୍ୟନ୍ତ ସୀମିତ । ଖାଇବା ଗଣ୍ଡାକ ହେଲେ ଲୋକେ ସନ୍ତୁଷ୍ଟ ହୋଇ ରହୁଥିଲେ । ପଶାପିଟି ସମସ୍ତ କଟାଇ ଦେଉଥିଲେ । ସେତେବେଳେ ନ ଥିଲା ଭିଡ଼ିଓ କ୍ୟାସେଟ୍, ଟିଭି ବା ପଇସାର ଖେଳ । ଲୋକେ ଅଳ୍ପକେ ସନ୍ତୁଷ୍ଟ । ଏମିତିକି ବଡ଼ଲୋକଙ୍କର ଜୀବନଧାରଣ ମଧ୍ୟ ଅତି ସାଧାରଣ ଥିଲା । ମୋର ଜେଜେଙ୍କୁ ଦେଖିଛି ଆଣ୍ଠୁ ବଳଲାଭଳ ଖଣ୍ଡିଏ ମୋଟା ଲୁଗା ପିନ୍ଧି ସବୁବେଳେ ବାହାର ପିଣ୍ଡାରେ ବସିଥିବେ । ଯେ ରାସ୍ତାରେ ଯିବ ତାହା ସହିତ କଥା କହିବେ । କୌଣସି ଗର୍ବ ଭାବ ନ ଥିଲା । କିନ୍ତୁ ତାଙ୍କର ଶହ ଶହ ଏକର ଜମି, ଅନେକ କୋଠାବାଡ଼, ଖମାର ଘର, ଲୋକଲସ୍କର ଥିଲେ । ସେତେବେଳର ଜୀବନର ମାନରେ ଏତେ କୃତ୍ରିମତାର ପ୍ରବେଶ କରି ନ ଥିଲା, ବୋଧହୁଏ ।

ରାମକୃଷ୍ଣ ମିଶନ କଥା ପୁଣି ମନେ ପଡ଼ୁଛି । ପୁରୀ ଶାଖାରେ ଗୋଟିଏ ମାତ୍ର ଲାଇବ୍ରେରୀ ଘର ଥିଲା ସେତେବେଳେ । ଅନେକ ଖବର କାଗଜ ଆସେ । ଆମେ ପ୍ରତିଦିନ ପଢ଼ିବାକୁ ଯାଉ । ନାନାରକମର ବହି ମଧ୍ୟ ଥାଏ । ତାକୁ ଆଣି ପଢ଼ୁ । ଶନିବାର ଓ ମଙ୍ଗଳବାର କାଳୀମାଆଙ୍କର ଭଜନ କୀର୍ତ୍ତନ ହୁଏ । ଆମ୍ଭେମାନେ ଚୌକି ବେଞ୍ଚ ଇତ୍ୟାଦି ବାରନ୍ଦାକୁ ନେଇଯାଇ ଶତରଞ୍ଜି ପକେଇ ଦେଉ । ସାଧୁ ବାବାମାନେ ଶ୍ରୀରାମକୃଷ୍ଣଙ୍କର ଫଟୋ ଆଣି ରଖନ୍ତି । ଅନେକ ବୃଦ୍ଧ ଭଜନ ଶୁଣିବାକୁ

Digitized by srujanika@gmail.com

ଆସନ୍ତି । ଦୁଇଜଣ ମହାରାଜ ସେତେବେଳେ ପୁରୀରେ ଥିଲେ । ଅନଘ ମହାରାଜ ଓ ମନ ମହାରାଜ । ଅନଘ ମହାରାଜଙ୍କର ସୁଲଳିତ କଣ୍ଠସ୍ୱର । ସୁନ୍ଦର ଗାଆନ୍ତି । ସେମାନଙ୍କ ସଙ୍ଗରେ ସହାୟତା କରନ୍ତି ପ୍ରସିଦ୍ଧ ସଙ୍ଗୀତଜ୍ଞ ଚନ୍ଦ୍ରକାନ୍ତ ଘୋଷ । ତବଲାରେ ସଙ୍ଗତ କରନ୍ତି ଓଡ଼ିଶାର ଅତି ପ୍ରସିଦ୍ଧ ତବଲାବାଦକ କ୍ଷେତ୍ରମୋହନ କର । ଆଜି ତାଙ୍କର ଶିଷ୍ୟ ମୋର ନଜର ବଡ଼ଭାଇ ଭଗବତି ଚରଣ । ସେ ଭଜନ ଶୁଣିବା-ଭଳି, ସେଥିରେ ମଝିରେ ମଝିରେ ସଙ୍ଗଦାନ କରନ୍ତି ବହୁ ବିଶିଷ୍ଟ ଓକିଲ, ଡାକ୍ତର, ଉଚ୍ଚପଦାଧିକାରୀ ଅଫିସର ବୃନ୍ଦ । ସମୟ ସମୟରେ ଏତେ ମନୋମୁଗ୍ଧକର ହୁଏ ସେ ଗୀତ ଯେ ଆମ୍ଭେମାନେ ଆତ୍ମଭୋଳା ହୋଇଯାଉ । ମୁଁ କେବେହେଲେ ସେହି ଭଜନ ସମୟଟିକୁ ବାଦ ଦିଏ ନାହିଁ । କାରଣ ସେହି ସମୟ ଟିକକ ମୋତେ ନୈସର୍ଗିକ ଆନନ୍ଦ ପ୍ରଦାନ କରେ । ବାହାରୁ ମଧ୍ୟ କେତେବେଳେ କେତେବେଳେ ସୁଗାୟକ ଆସନ୍ତି । ମହାରଥିମାନେ ମଧ୍ୟ ଯୋଗ ଦିଅନ୍ତି । ଯେପରି ସୁପ୍ରସିଦ୍ଧ ସଙ୍ଗୀତଜ୍ଞ ଜ୍ଞାନପ୍ରକାଶ ଘୋଷ ପ୍ରମୁଖ । ଭୋଗ ଦିଆହୁଏ ସାମାନ୍ୟ-ତମ ଚନଖଇ । ଆମ ଭାଗରେ ଦୁଇଟିରୁ ତିନୋଟି ଖଇ ପଡ଼େ । ମୁଖ୍ୟ ହେଲା ଭଜନ ସଙ୍ଗୀତ ; ଗୌଣ ହେଲା ଭୋଗରାଗ । ବର୍ତ୍ତମାନ ମିଶନ୍‌ର ବିଶାଳ ଅଟ୍ଟାଳିକା ଏପଟ୍ଟୁ ସେପଟ ପର୍ଯ୍ୟନ୍ତ ଲାଗିଛି । ଆଖି ପାଏ ନାହିଁ । ମୁଁ ଅବଶ୍ୟ ଜାଣେନାହିଁ ସେହି ରୀତି ବା ଧାରା ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଅଛି କି ନାହିଁ । ଭୁବନେଶ୍ୱର ପ୍ରଧାନ ମଠରେ ମୁଁ ଯୁକ୍ତ ଅଛି । ସେଠାରେ ଏପରି କୌଣସି ବ୍ୟବସ୍ଥା ନାହିଁ । କେବଳ କାଳୀ-ପ୍ରକାଦନ ସାରିବାରି ଭଜନ ହୁଏ । ଓଡ଼ିଶାର ବିଶିଷ୍ଟ ସଙ୍ଗୀତଜ୍ଞ ସବୁ ଯୋଗ ଦେଇ ଥାଆନ୍ତି ।

ଆମେ ବୟସରେ ଅତି ଛୋଟ ହେଲେ ମଧ୍ୟ ସାଧୁବାବାମାନେ ଆମକୁ ଅତ୍ୟନ୍ତ ସ୍ନେହ କରନ୍ତି । ଦେଖିଲେ ଅନେକ କଥା ପଚାରନ୍ତି । ଯେମିତି ନଜର ଲୋକ । ଥରେ ଆମ ଘରେ ମଧ୍ୟ କାଳୀ-କୀର୍ତ୍ତନ ହୋଇ ଥିଲା । ସଭ୍ୟବୃନ୍ଦ ସାଧୁମାନଙ୍କ ସହ ଆସି ମହାପ୍ରସାଦ ସେବନ କରିଥିଲେ । ଆମ ସାହିର ସ୍ତ୍ରୀଲୋକମାନେ ଭଜନ ଶୁଣି କୃତକୃତ୍ୟ ହେଲେ ।

Digitized by srujanika@gmail.com

ପୁରୀ ରାମକୃଷ୍ଣ ମିଶନକୁ ଓଡ଼ିଶା ବାହାରୁ ଅନେକ ପ୍ରସିଦ୍ଧ ଲୋକ ଆସୁଥିଲେ । ଥରେ ସେଠାରେ ପିଲାମାନଙ୍କର ଖେଳକୁଦ ପ୍ରତିଯୋଗିତା (sports) ହୋଇଥିଲା । ପୁରସ୍କାର ବିତରଣ କରିଥିଲେ "ପଥେର ପାଞ୍ଚାଳି"ର ପ୍ରସିଦ୍ଧ ଲେଖକ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ । ଶ୍ରୀରାମକୃଷ୍ଣଙ୍କର ସମସାମୟିକ ଯଦୁଲାଲ ମଲ୍ଲିକଙ୍କ ନାତିମାନେ ମଧ୍ୟ ଉପସ୍ଥିତ ଥାଇ ଖେଳକୁଦର ବ୍ୟବସ୍ଥା ବନ୍ଦୋବସ୍ତ କରିଥିଲେ— ବିଶେଷ ଭାବରେ ଅଂଶଗ୍ରହଣ କରିଥିଲେ ବୃନ୍ଦାବନ ବିହାରୀ ମଲ୍ଲିକ ।

କ୍ଷେତ୍ରମୋହନ କରଙ୍କ କଥା ଖୁବ ମନେ ପଡ଼େ । ଆମ ପିଲାଦିନେ ଏପରି କୌଣସି ସଙ୍ଗୀତ ସଭା ବା ସମାରୋହ ହେଉ ନ ଥିଲା ଯେଉଁଥିରେ ସେ ଉପସ୍ଥିତ ରହୁ ନ ଥିଲେ । ବହୁ ଉଚ୍ଚକୋଟିର ସଙ୍ଗୀତଜ୍ଞ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିଲେ । ଲୋକଙ୍କ ଅନୁରୋଧରେ ସେମାନେ ଗୀତ ଗାଇ ଶୁଣାଉ ଥିଲେ । ଥରେ ପଣ୍ଡିତ ଓଙ୍କାରନାଥ ଠାକୁର ପୁରୀ ଯାଇଥିଲେ । ତାଙ୍କୁ ଅନୁରୋଧ କରାଗଲା ଗାଇବାପାଇଁ । ସେ କହିଲେ, ମୁଁ ପୁରୀରେ ପଇସା ନେଇ ଗାଇବି ନାହିଁ । ଶ୍ରୀ ଜଗନ୍ନାଥଙ୍କ ପାଦତଳେ ବସି ଗାଇବି । ବାଇଶି ପାହାଚରେ ବ୍ୟବସ୍ଥା କରାଗଲା । ସେଠାରେ କିଛି ଭଜନ ଶୁଣାଇଥିଲେ । ସଙ୍ଗତ କରିଥିଲେ ଶ୍ରୀ କ୍ଷେତ୍ରମୋହନ କର । ଏପରି କେତେ ଯେ ବୈଠକରେ ସେ ତବଲା ସଙ୍ଗତ କରିଛନ୍ତି, ତାର ଇୟତ୍ତା ନାହିଁ । ତାଙ୍କର ତବଲାବାଦନ କେବଳ ଯେ ସୁମିଷ୍ଟ ଥିଲା ତାହା ନୁହେଁ, ସବୁଠାରୁ ବଡ଼ କଥା ହେଲା ତାଙ୍କର ଆତ୍ମ-ପ୍ରତ୍ୟୟ (Confidence) । ଯେତେବଡ଼ ଓସ୍ତାଦ ବାହାରୁ ଆସିଥାଉ ତାଙ୍କର ସେଥିପ୍ରତି ଭ୍ରୂକ୍ଷେପ ନ ଥିଲା । ସେ ନିଜ ଆସନରେ ଅଟଳ ରହି ସାଥ-ସଙ୍ଗତ କରିବାକୁ ସବୁବେଳେ ପ୍ରସ୍ତୁତ । ଶ୍ରୁତି ମଧୁର ବୋଲ୍ ସବୁ ତବଲାରେ ବାହାରୁଛି । ଅତି ସୁନ୍ଦର ସେ ସଙ୍ଗତ, ଆଉ ତାଙ୍କର ବ୍ୟକ୍ତିତ୍ୱ ମଧ୍ୟ ମର୍ଯ୍ୟାଦାପୂର୍ଣ୍ଣ । ତାଙ୍କ ଘରକୁ ଗଲେ ମିଠା ନ ଖାଇଲେ ସେ କେବେହେଲେ ଛାଡ଼ନ୍ତି ନାହିଁ । ଭାଇଙ୍କ ସହିତ ପିଲାବେଳେ ତାଙ୍କପାଖକୁ ଅନେକ ଥର ଯାଇଛି । ଅତ୍ୟନ୍ତ ପ୍ରୀତିପୂର୍ଣ୍ଣ ବ୍ୟବହାର ପାଇଛି ।

Digitized by srujanika@gmail.com

ଏବେ ଅବସର ଗ୍ରହଣ ପରେ ସେ ରହୁଥିଲେ ଭୁବନେଶ୍ୱରରେ ତାଙ୍କ ପୁଅ ଉମେଶ ଘରେ । ଏହା ୧୯୯୦ର କଥା । ତାର ପଛପଟ କ୍ୱାର୍ଟରରେ ଥାଏ ଧୀରେନ୍, ମୋର ପୁତୁରା । ମୋତେ ଜଣାଇଲା କ୍ଷେତ୍ରମୋହନ ବାବୁ ସବୁବେଳେ ତମ କଥା କୁହନ୍ତି । ମୁଁ ପଚାରିଲି—"ସେ କେଉଁଠି ରହନ୍ତି ?" "ଏଇ ପଛପଟ କ୍ୱାର୍ଟରରେ" ଉତ୍ତର ମିଳିଲା । ତତ୍‌କ୍ଷଣାତ୍ ତାଙ୍କ ପାଖରେ ପହଞ୍ଚିଲି । ଦେଖି କେତେ ଖୁସି ଯେ ହେଲେ କହିବାର ନୁହେଁ । ଯାଙ୍ଗେ ସାଙ୍ଗେ ସେଇ ପୁରୁଣା "ଅର୍ଡର"—"ଆରେ ଉମେଶ, ଶୀଘ୍ର ଆଣି ଖାଇବାକୁ ଦେ ।" ଅନେକକ୍ଷଣ ଧରି କଥାଭାଷା ହେଲୁ । ମୁଁ ପଚାରିଲି—"ଆଚ୍ଛା ! ପୁରୀରେ ତ କୌଣସି ତବଲଚି ସେ କାଳେ ନ ଥିଲେ । ଆପଣ ଶିଖିଲେ କାହାଠାରୁ ।" ଉତ୍ତର ଦେଲେ—"ଅତି ଉତ୍ତମ ପ୍ରଶ୍ନ । ମୁଁ ବି ଜାଣେନାହିଁ କେଉଁ ଜଣଙ୍କଠାରୁ ଶିଖିଛି ବୋଲି । ସେତେବେଳେ ପୁରୀକୁ ଅନେକ ତବଲାବାଦକ ଜଗନ୍ନାଥ ଦର୍ଶନକୁ ଆସୁଥାଆନ୍ତି । ବିଶେଷତଃ ବାରାଣସୀରୁ । ସେମାନଙ୍କଠାରୁ କିଛି କିଛି ବୋଲ ଶିଖିନିଏ । ମୋ ତବଲାରେ ଅଭ୍ୟାସ କରେ । ପୁଣି କେବେ ଆଉ ଜଣେ ଆସନ୍ତି । ତାଙ୍କ ସାଙ୍ଗରେ ବସିଯାଏ । ଏହିପରି ଅଭ୍ୟାସ କରୁ କରୁ ମୋର ଗୋଟିଏ ନିଜସ୍ୱ ଜିନିଷ (ରିଜ୍) ବାହାରିଗଲା । ସେଥିରେ ଜୀବନଟା କଟାଇଦେଲି । ତାପରେ ଅବଶ୍ୟ ଆସିଲେ ଶ୍ରଦ୍ଧେୟ ଜ୍ଞାନପ୍ରକାଶ ଘୋଷ । ବାପା ମାଙ୍କ ସହିତ ପୁରୀରେ ଅନେକଦିନ ରହିଲେ । ତାଙ୍କ ସହ ପ୍ରତିଦିନ ସନ୍ଧ୍ୟାରେ ବୈଠକ ହୁଏ । ସେ କଣ ନ ଜାଣନ୍ତି ! ତବଲା, ହାର୍‌ମୋନିୟମ୍, ବିଦେଶୀ ବାଦ୍ୟଯନ୍ତ୍ର ଇତ୍ୟାଦି । ତା'ଛଡ଼ା ସୁଗାୟକ ମଧ୍ୟ । ମୁଁ ଆଉ ଭଗବଙ୍କ ତାଙ୍କୁ ପାଇ ବର୍ତ୍ତିଗଲୁ । ସନ୍ଧ୍ୟାଟା ଆମର ବଡ଼ ମଉଜରେ କଟେ । ଗୃହାପାଣି ମଧ୍ୟ ଯଥେଷ୍ଟ ହୁଏ । ଅକାତରରେ ସବୁ ଜିନିଷ ଦାନ କରନ୍ତି । ତାଙ୍କର ସଂଗ୍ରହ ଅସୀମ । ଅନେକ ପଇସା ଖରଚ କରି ଅସଲ ଓସ୍ତାଦମାନଙ୍କଠାରୁ ଆଦାୟ କରିଥିବା ଜିନିଷ ବିନାଦ୍ୱିଧାରେ ଆମକୁ ଦାନ କରନ୍ତି । ହେଲେ କଣ ହେବ ଆମର ନେବାର ବା ଗ୍ରହଣ କରିବାର କ୍ଷମତା ଥିଲେ ତ ! ମୋର ତ ବୟସ ହୋଇଯାଇଥିଲା । ତା ନ ହେଲେ କିଛି କରିପାରି ଥାଆନ୍ତି । ଅବଶୋଷ ରହିଗଲା । ଜ୍ଞାନବାବୁ ପ୍ରକୃତରେ ଗୋଟିଏ ବଡ଼ ଜିନିୟସ୍ (genius) । ସେଭଳି

ପ୍ରତିଭା ସଚରାଚର ଦୃଷ୍ଟ ହୁଏ ନାହିଁ । ତାଙ୍କୁ ଲୋକେ ଠିକ୍ ଭାବରେ ଜାଣିପାରିଲେ ନାହିଁ ।" ମୁଁ କହିଲି ଯେ ଆପଣଙ୍କ କଥା ମଧ୍ୟ ସେ ତାଙ୍କ ବହିରେ ଲେଖିଛନ୍ତି । ଉମେଶ ଯେ ତାଙ୍କଠାରୁ ଶିକ୍ଷା କରୁଥିଲା ସେ କଥା ମଧ୍ୟ ତାଙ୍କର ଜୀବନୀ "ତହଜିବ-ଇ-ମୌସିକି" ନାମକ ଗ୍ରନ୍ଥରେ ଉଲ୍ଲେଖ ଅଛି । ମୁଁ ତାଙ୍କର ବହିଟି ଅନୁଧ୍ୟାନ କରି ପଢ଼ିଥାଏ । ତାଙ୍କୁ ସବୁ ବୁଝାଇ କହିଲି । ଅତି ଆନନ୍ଦିତ ହେଲେ । କହିଲେ, "ମୁଁ ତବଲା ବହୁତ ଦିନ ହେଲା ଛାଡ଼ିଦେଲିଣି । ମୋର ହାର୍ଟ ନୂଆ ଲଗେଇଛି । ତାହା ମଧ୍ୟ କଷ୍ଟ ଦେଉଛି । ଏଇଟାକୁ ଆଉ ଥରେ ବଦଳାଇବା ପାଇଁ ବ୍ୟବସ୍ଥା କରୁଛି । ଦେଖାଯାଉ କଣ ହେଉଛି ।" ଅନେକ କଥାବାର୍ତ୍ତା ପରେ ବିଦାୟ ନେଲି । ଜଣେ ପ୍ରବୀଣ ଶିଳ୍ପୀଙ୍କ ସହିତ କଥାବାର୍ତ୍ତା କରି ମନଟା ଖୁବ୍ ପ୍ରଫୁଲ୍ଲ ହେଲା । ଫେରି ଆସିଲି । ପ୍ରାୟ ମାସେ ହୋଇଥିବ କି ନାହିଁ ଖବର କାଗଜରେ ପଢ଼ିଲି ସେ ଆଉ ଇହଜଗତରେ ନାହାନ୍ତି । ଅପୂରଣୀୟ କ୍ଷତି ହେଲା ସଙ୍ଗୀତ ଜଗତର । ନିଜକୁ ସାନ୍ତ୍ୱନା ଦେଲି—ସେଦିନ ଯଦି ଦେଖା ନ କରିଥାଆନ୍ତି ତେବେ ଜୀବନରେ ଗୋଟିଏ ଘୋର ଅବଶୋଷ କରିବାର ବିଷୟ ରହିଯାଇଥାଆନ୍ତା । କ୍ଷେତ୍ରମୋହନ କର ଚାଲିଗଲେ । କିନ୍ତୁ ମୋ ମନରେ ତାଙ୍କର ବ୍ୟକ୍ତିତ୍ୱର ଛାପ ଚିରଦିନପାଇଁ ଛାଡ଼ିଦେଇଗଲେ ।

ତବଲାରୁ ମନେ ପଡ଼ୁଛି ପଖଜ । ଓଡ଼ିଶାର ସଙ୍ଗୀତ ଜଗତରେ ପଖଜ ଗୋଟିଏ ବିଶେଷ ସ୍ଥାନ ଅଧିକାର କରିଛି । ପୁରୀର ସବୁ ଜେଗା ଘରେ ଶୁଣିଛି ପଖଜ ମାଡ଼ । ତା ସାଙ୍ଗରେ ଓଡ଼ିଶୀ ଗୀତ । "ଆରେ ଆରେ ଝଗଡ଼—ଝଗଡ଼ ମାନକେ ହେଲ ହେ ଶ୍ୟାମ..." ଆଉ "ଜେଗା ଜେଗା"ରେ ତ ଅହରହ ପଖଜ ପିଟୁଛନ୍ତି ସୁଆର ମାନେ । ତାଳରେ ହେଉ ବା ବେତାଳରେ । ସଙ୍ଗୀତ ଚାଲିଛି ଅହରହ । ସୁରରେ ହେଉ ବା ବେସୁରରେ ହେଉ । ତାଳ ବାଦ୍ୟରେ ଆମର କର୍ଣ୍ଣଯନ୍ତ୍ରଟି ଖରାପ ହେବାର ଅବସ୍ଥା । କିନ୍ତୁ ସେଥି ସହିତ ଓଡ଼ିଶୀ ଗୀତର ଅବଧାରିତ ଶିକ୍ଷା ମଧ୍ୟ ହୋଇଯାଇଛି । ମୋ ସାଙ୍ଗ କାଶୀନାଥ ପୂଜାପଣ୍ଡା ହେଉଣି ରଜାଙ୍କଠୁ (ଶ୍ୟାମସୁନ୍ଦର କର) ଶିଖି ଖୁବ୍ ସୁନାମ ଅର୍ଜନ କରିଛନ୍ତି । ଅଜାଡିକୁ ବଣିଜ ଅଡ଼ୁଆ ଭଲ ମୁଁ କିନ୍ତୁ ସେ ରସରୁ କେଜାଣି କାହିଁକି

Digitized by srujanika@gmail.com

ବଞ୍ଚିତ ହୋଇ ରହିଯାଇଛି । ଆମ ବାପା କିନ୍ତୁ ପଖଜ ବାଦ୍ୟରେ ଅତ୍ୟନ୍ତ ପ୍ରବୀଣ । ଘରେ ଗୋଟିଏ ଖାଲି କାଠବେଞ୍ଚ ଉପରେ ଅନେକ ଗୁଡ଼ିଏ ପଖଜ ଧାଡ଼ିକରି ସଜା ହୋଇ ଥାଏ । ମୋର ବଡ଼ବାପା ତାଙ୍କୁ ପ୍ରତିଦିନ ଝାଡ଼ ପରିଷ୍କାର କରି ସଜାଇ ରଖନ୍ତି । କିନ୍ତୁ ସେ ପଖଜ କେବେ ବଜେଇବାର ମୁଁ ଶୁଣିନାହିଁ । ଖାଲି ପରିଷ୍କାର କରି ରଖିବାରେ ବଡ଼ ଶରଧା । ବାପା ଅବଶ୍ୟ କେଉଁଠି ନା କେଉଁଠି ଗାଉଣାବାଜଣାରେ ଉପସ୍ଥିତ ଥିବେ । ନ ହେଲେ ଘର ପାଖରେ ଜଣେ ଶିଳ୍ପୀ ଥିଲେ କେଶବ ଦତ୍ତ (କେଞ୍ଚୁ ବାବୁ) ତାଙ୍କ ଘରେ ବସି ପଖଜ ପିଟିବେ । ଗାୟକ ଓ ବାଦକ ନିଜ ନିଜକୁ ନେଇ ବ୍ୟସ୍ତ । କେହି ଶ୍ରୋତା ଅଛନ୍ତି କି ନାହିଁ ସେମାନଙ୍କର ଖିଆଲ ନ ଥାଏ । ଘରକୁ ଡେରିରେ ଫେରିଲେ ମା ରାଗିଯାଇ କହନ୍ତି ଯେ ଖାଲି ପଖଜ ମାଡ଼ । ଘର ଭାସିଗଲା ତ କଣ ହେଲା । ପିଆଡ଼ିକୁ ଖିଆଲ ଅଛି ? ପଖଜ ବୋଲ୍ ରୁ ମହାଭାରତ ଯୁଦ୍ଧ ଆସନ୍ନ ଜାଣି ମୁଁ ଦୂରକୁ ଅପସରିଯାଏ । କିନ୍ତୁ ବାପାଙ୍କର ସେ ବିଷୟରେ ଭ୍ରୂକ୍ଷେପ ନାହିଁ । ପରିଦିନ ମଧ୍ୟ ସେଇଆ । ତାଙ୍କଠାରୁ ଗୋଟିଏ ସୁନ୍ଦର ଘଟଣାର କଥା ଶୁଣିଥିଲି । ତାହାର ଅବତାରଣା କରିବି ।

ପୁଷ୍ପମନ୍ଦିର ପଛପଟେ ରହୁଥିଲେ ଶ୍ରୀ ସାଧୁ ଆଡ଼ି । ସେ ବଡ଼ ଲୋକର ପୁଅ । କିନ୍ତୁ ଜମିଜମା କଥା ମୋଟେ ବୁଝନ୍ତି ନାହିଁ । କୌଣସି କନ୍ଷରେ ତାଙ୍କର ମନ ନ ଥାଏ । ଦିନେ ତାଙ୍କ ବାପା ତାଙ୍କୁ କହିଲେ "ସାଧୁ, ତୁ ଟିକିଏ ଘର କଥା ବୁଝ । ମୁଁ ତ ବୁଢ଼ା ହେଲିଣି । ଆଉ କେତେଦିନ ବା ବଞ୍ଚିବି ?" ସାଧୁ ସେ କଥା ଶୁଣି ନ ଶୁଣିବା ପରି ରହିଲେ । ତା ପରିଦିନ ସାଧୁଙ୍କର ପତ୍ତା ମିଳିଲା ନାହିଁ । ସିନ୍ଦୁକରୁ ଦଶ ହଜାର ଟଙ୍କା ମଧ୍ୟ ଗାଏବ । ବହୁତ ଖୋଜାଖୋଜି ହେଲା । କୌଣସି ଖବର ମିଳିଲା ନାହିଁ । ବାପା ମନକଷ୍ଟରେ ରହିଲେ । ଅନେକ ଦିନ ପରେ ଚିଠି ଆସିଲା, "ମୁଁ ଗ୍ୱାଲିଅରରେ ଅଛି । ସଙ୍ଗୀତ ଶିକ୍ଷା କରୁଛି । ଚିନ୍ତା କରିବ ନାହିଁ ।" ପ୍ରାୟ ଦଶପନ୍ଦର ବର୍ଷ ପରେ ଗୋଟିଏ ପଖଜ ନେଇ ଘରକୁ ଫେରିଲେ । ଲୋକସବୁ ଛି ଛି କଲେ । ଏତେବଡ଼ ଘରର ପିଲା- କ'ଣ ନା ଗୋଟିଏ ପଖଜ ନେଇ ଆସିଲା ; ତା ମଧ୍ୟ ୧୦ । ୧୫ ବର୍ଷ ପରେ । ଯାହାହେଉ, ଜାଣିବା ଶୁଣିବା ଲୋକ କିନ୍ତୁ

Digitized by srujanika@gmail.com

ତାଙ୍କର ପଖଜ ବାଦନରେ ଅତ୍ୟନ୍ତ ସ୍ପୃହା ଦେଖାଇଲେ । ତାଙ୍କ ମଧ୍ୟରେ ମୋ ବାପା ଅନ୍ତର୍ଗତ । ତାଙ୍କ ପାଖକୁ ଯାଇ କଚ୍ଛୁ କଚ୍ଛୁ ଶିକ୍ଷା କରନ୍ତୁ । ବଡ଼ ସମ୍ମାନ କରନ୍ତୁ ଗୁରୁ ବୋଲି ।

ଏପରି ଅବସ୍ଥାରେ ଦିନେ ଶୁଣାଗଲା ଯେ ଭାରତର ପ୍ରଥମ ପଂକ୍ତିର ଧ୍ରୁପଦୀସ୍ୱ ଶ୍ରୀ ବିଶ୍ୱନାଥ ରାଓ ଜଗନ୍ନାଥ ଦର୍ଶନ ପାଇଁ ବାରାଣସୀରୁ ଆସୁଛନ୍ତି । ସେକାଳରେ ଧ୍ରୁପଦ ସଙ୍ଗୀତର ବିଶେଷ ଆଦର ଥିଲା ତା'ଛଡ଼ା ଭାରତୀୟ ସ୍ତରରେ ସର୍ବୋଚ୍ଚ ସଙ୍ଗୀତଜ୍ଞ ବିଶ୍ୱନାଥ ରାଓଙ୍କ କଥା ସର୍ବଜନ ବିଦିତ । ଗୁଣଗ୍ରାହୀ ଲୋକେ ବିଚାର କଲେ ଯେ ନିଶ୍ଚୟ କୌଣସି ବ୍ୟବସ୍ଥା କରିବାକୁ ହେବ ଶୁଣିବାପାଇଁ । ତା ନ ହେଲେ ଗୋଟିଏ ଅପୂର୍ବ ସୁଯୋଗ ହାତଛଡ଼ା ହୋଇଯିବ । ତେବେ ସାଥ-ସଙ୍ଗତ କରିବା ପାଇଁ ପଖଜିଆ କାହାନ୍ତି ! ବାପା କହିଲେ ଆମ ସାଧୁବାବୁ ନିଶ୍ଚୟ ବଜେଇ ପାରିବେ । ଅନ୍ୟମାନଙ୍କର ଘୋର ସନ୍ଦେହ । ଗାଁ ଜନିଆ ସିଙ୍ଗାଣିନାକ । ଆରେ ସାଧୁଟା କଣ ଶିଖିଛି କି ନାହିଁ ଜଣା ନାହିଁ । କେବେହେଲେ କାହା ସହିତ ସଙ୍ଗତ କରିଛି କି ? ବାପା ଦବିଗଲେ । ହଁ ସତକଥା । କୌଣସି ଗାୟକ ସାଙ୍ଗରେ ସେ ବସନ୍ତି ନାହିଁ । ନିଜେ ନିଜେ ବଜାନ୍ତି ! ହଉ ଦେଖାଯାଉ । ଚେଷ୍ଟା କରିବାରେ ଆପତ୍ତି କଣ ?

ଶ୍ରୀ ବିଶ୍ୱନାଥ ରାଓ ପହଞ୍ଚିଲେ । ତାଙ୍କୁ ଅନୁରୋଧ କରାଗଲା ଗାଇବା ପାଇଁ । ସେ ରାଜିହେଲେ । ତେବେ କହିଲେ ସଙ୍ଗତିଆ କେହି ଅଛନ୍ତି କି ? ସମସ୍ତେ ସାଧୁବାବୁଙ୍କ ନାଁ କହିଲେ । ସେ କେବେହେଲେ ଏପରି ବଜେଇୟା ନାଁ ଶୁଣିନାହାନ୍ତି । ଚୁପ ହୋଇଗଲେ । ସନ୍ଧ୍ୟାବେଳେ ବୈଠକ ବସିଲା । ସାଧୁବାବୁ ତାଙ୍କର ଗୁାଲିଅର ପଖଜଟି ନେଇ ଚୁପ ହୋଇ ବସିଥାଆନ୍ତି । ବିଶ୍ୱନାଥ ରାଓ ତାଙ୍କର ମଧୁର ସଙ୍ଗୀତ ଆରମ୍ଭ କରି ଆଳାପଶୁର କରିବାକୁ ଲାଗିଲେ । ପରେ "ସୋମ୍"ଟାକୁ ଲୁଚାଇ ଦେଉ ଥାଆନ୍ତି ଗୀତମଝିରେ । ସାଧୁବାବୁ ଏକାବେଳକେ ଚୁପ୍ । ଲୋକେ ସ୍ତବ୍ଧ ହୋଇ ଗୁହିଁରହିଲେ ବିଶ୍ୱନାଥ ରାଓଙ୍କ ଆଡ଼କୁ । ଭାବିଲେ ବୃଥା ସାଧୁବାବୁଙ୍କୁ ବସେଇଲେ । ଲୋକଟାର କୌଣସି ଜ୍ଞାନ ନାହିଁ । ଯେମିତି ସୋମ୍ ଆସିଛି ସାଧୁବାବୁ "ଧା" କରିଦେଲେ

Digitized by srujanika@gmail.com

ପଖଜରେ । ବିଶ୍ୱନାଥ ରାଓ କହି ପକାଇଲେ—"ମାଲୁମ ହୋ । ମାଲୁମ ହୋ ।" ତାପରେ ସାଧୁବାବୁ ଆଉ ତାଙ୍କପ୍ରତି ଭ୍ରୂକ୍ଷେପ ନ କରି ଆଡ଼ବୋଲରେ ପରଣ ଚଳେଇ ଅତି କ୍ଷିପ୍ରଗତିରେ ପଖଜ ବଜେଇ ଚାଲିଲେ । ମଝିରେ ଆଉ ତାଳ ପଡ଼ିଲା ନାହିଁ । ଗାୟକପକ୍ଷରେ ବିଷମ ଅସୁବିଧା । କାରଣ ସେ ତାଳ ସାହାଯ୍ୟ ପଖଜରୁ ପାଉନାହାଁନ୍ତି । ତାର ବିସ୍ତାରରେ ବାଧା ହେଉଛି । କେଉଁଠି ଯାଇ ଶେଷ ହେବ କିଏ ଜାଣେ । କିନ୍ତୁ ସାଧୁବାବୁ ତାଙ୍କ ଉଦ୍ଦେଶ୍ୟରେ ଅଟଳ । ଏହାକୁ ପାନେ ଚଖେଇବ ଯେ ସ୍ୱାର ବଡ଼ପଣ ଭାଙ୍ଗିଯିବ । ସାଧୁବାବୁଙ୍କର ପଖଜ ବୋଲ ଶୁଣି ପୁଣି ଶ୍ରୋତାମାନଙ୍କର ଆଶ୍ଚର୍ଯ୍ୟର ସୀମା ପରିସୀମା ରହିଲା ନାହିଁ । କି ମୋହମୟ ଶବ୍ଦ ମୂର୍ଚ୍ଛନା ! ପଖଜର କି ଗୁରୁଗମ୍ଭୀର ନାଦ ! ପରଣର କି ମଧୁମୟ ଛନ୍ଦ ! ଗୋଟାକ ପରେ ଗୋଟାଏ ଲହରୀ ଧ୍ୱନିପରି ଶୁଣା-ଯାଉଛି । ଲୋକେ ଆଉ ଧ୍ରୁପଦ କିଏ ଶୁଣିବେ, ପଖଜ ବୋଲରେ ମୁଗ୍ଧ ହୋଇ ରହିଗଲେ । ବିଶ୍ୱନାଥ ରାଓ ଏପରି ସଙ୍ଗତ ପାଇଁ ପ୍ରସ୍ତୁତ ନ ଥିଲେ । ତାଙ୍କ ଗୀତ ଫିକା ପଡ଼ିଗଲା । ସଙ୍ଗୀତ ଶେଷ ହେଲା । ସେ ଉଠିଯାଇ ସାଧୁବାବୁଙ୍କୁ କୁଣ୍ଢାଇ ପକାଇଲେ । "ସାରା ଭାରତବର୍ଷରେ ଆପଣଙ୍କ ପରି ଶିଳ୍ପୀ ମୁଁ ଆଜପର୍ଯ୍ୟନ୍ତ ଦେଖିନାହିଁ । ଆପଣ ଏଠାରେ ଅଜଣା ଫୁଲ ପରି ମଉଳି ଯାଉଛନ୍ତି । ମୋ ସାଙ୍ଗରେ ବାରଣସୀ ଚାଲନ୍ତୁ । ଯାହା ଚାହିଁବେ ତାହା ଦେବି । ଆପଣ ଭାରତବିଖ୍ୟାତ ହୋଇ ରହିବେ ।" କିନ୍ତୁ ସାଧୁବାବୁ ଉତ୍ତର-ବିମୁଖ । ମୁହଁଁରେ । ସେ କେଉଁ-ଠାକୁ ଯିବେନାହିଁ । କହିଲେ - ଶ୍ରୀଜଗନ୍ନାଥଙ୍କୁ ଛାଡ଼ି ଆଉ କେଉଁଠାକୁ ଯିବିନାହିଁ । ତା ନ ହେଲେ ଗ୍ୱାଳିଅର ଛାଡ଼ି କାହିଁକି ଫେରି ଆସିଥାଆନ୍ତି ! ବହୁତ ଅନୁନୟ ବିନୟ କରି ବିଶ୍ୱନାଥ ରାଓ ନିରସ୍ତ ହେଲେ । ଶେଷରେ ଦୁଃଖ କରି ଫେରିଗଲେ । ସେଦିନ ପୁରୀଲୋକେ ଜାଣିଲେ ସାଧୁବାବୁଙ୍କ ଅସଲ କୀର୍ତ୍ତି ।

ବାପା ମଝିରେ ମଝିରେ ଯାଇ ତାଙ୍କ ସହିତ ବସନ୍ତି । ପଖଜ ବଜା ହୁଏ । ପରେ ସାଧୁବାବୁ ତାଙ୍କର ପଖଜଟିକୁ ବାପାଙ୍କୁ ଦାନ କରିଦେଇ ଇହସଂସାର ତ୍ୟାଗ କଲେ । ସେ ପଖଜ ଖଣ୍ଡିକର କି ଯତ୍ନ କରନ୍ତି ବାପା, ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ସେ ପଖଜର

ଗଲା କଅଣ ହେଲା ସେ ବିଷୟରେ ମୋର ଆଦୌ ମୁଣ୍ଡବ୍ୟଥା ନ ଥିଲା । ଏବେ ହଠାତ୍ ଦେଖାହେଲା ପୁରୀର ସୁନାମଧନ୍ୟ ସଙ୍ଗୀତ ଶିଳ୍ପୀ ନବ ମିଶ୍ରଙ୍କ ସହିତ । ସେହି ପୁରୁଣା କଥା ଉଠିଲା । ସାଧୁ ଆଉ୍‌ଙ୍କର । ନବବାବୁ କହିଲେ ଆମ୍ଭେମାନେ ଆପଣଙ୍କର ବାପାଙ୍କ ପ୍ରତି କୃତଜ୍ଞ । ମୁଁ ପଚାରିଲି କାହିଁକି ? "ଆପଣ କ'ଣ ଜାଣନ୍ତି ନାହିଁ ? ସେ ପରା ସାଧୁବାବୁଙ୍କ ପଖଜ 'ପୁରୀ ସଙ୍ଗୀତ ସଂସଦ'କୁ ଦାନ କରିଯାଇଛନ୍ତି ।" ଶୁଣି ଅତ୍ୟନ୍ତ ଆଶ୍ୱସ୍ତ ହେଲି । ଶେଷରେ ଗ୍ୱାଲିଅର ପଖଜ ତା'ର ଉପଯୁକ୍ତ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଛି ।

"ରାଗିଲେ ଓଡ଼ିଆ ହିନ୍ଦି କହେ । ଅନ୍ତତଃ ରାଗିବାବେଳେ ଶୁଦ୍ଧହିନ୍ଦି କହିବାକୁ ଶିଖ ।" କହିଲେ ଆମର ହିନ୍ଦିମାଷ୍ଟ୍ରେ ଶ୍ରୀ ନରସିଂହ ନନ୍ଦ ଶର୍ମା । ଛ'ଫୁଟ ଉଚ୍ଚ ଗୌରବର୍ଣ୍ଣ, ସବଳ ସୌଷ୍ଠବାନ୍ୱିତ ବଳିଷ୍ଠ ଶରୀର ନରସିଂହ ନନ୍ଦଙ୍କର । ଦେଖିଲେ ଭକ୍ତି ହୁଏ, ଆମ ହିନ୍ଦିସାର୍‌ଙ୍କୁ । କହନ୍ତି, ସବୁବେଳେ ମୋ ସହିତ ହିନ୍ଦି କହିଲେ ତୁମର ହିନ୍ଦିରେ ପାରଙ୍ଗମତା ବଢ଼ିବ । ମୁଁ କହିଲି—ସାର୍, ଆପଣଙ୍କ ପାଖରେ ରହି ଧନଞ୍ଜୟ ଯେଉଁ ହିନ୍ଦି ଶିଖିଛି ଶୁଣିଲେ ହସିହସି ଗଡ଼ିଯିବେ । କହୁଛି— "ପେଡ଼୍ୋପର ଚଢ଼ିଆ ବଇଠତା ହଇ ।" "ଆରେ ନା ନା ସେ ତ ସଂସ୍କୃତ ପଢ଼େ । ମୋ ପାଖରେ ରହେ । କେବଳ ରନ୍ଧାବଢ଼ା କରି ଖାଏ ।" ମୁଁ କହିଲି—"ସାର୍, ସେ କଣ ସଂସ୍କୃତ ପଢ଼ିବ ? ତାକୁ ତ ଅମରକୋଷ ଆସୁନାହିଁ । ତା ଚୁଟିଟା ଦଉଡ଼ିରେ ଉପରକୁ ବାନ୍ଧିଦେଇ ଘଣ୍ଟା ଘଣ୍ଟା ଘୋଷିବାରେ ଲାଗିଛି—

ଅମରା—ନିର୍ଜରା ଦେବା ତ୍ରିଦଶା ବିବୁଧାସୁରା ।

ସୁପର୍ବାଣ ସୁମନସଃ ତ୍ରିଦିବେଶା ଦେବୌକଶଃ ।" ତଥାପି ହେଲା କି ନାହିଁ ଆମେ ଜାଣୁନାହିଁ । ଧନଞ୍ଜୟକୁ ତାଚ୍ଛଲ୍ୟରେ କହିଲି— "ଏତେ ସଂସ୍କୃତାଃ ।" ସେ ବି କମ୍ ନୁହେଁ । ଶୁଣାଇଦେଲା—"ଏତେ ଅସଂସ୍କୃତାଃ ।" ସବୁବେଳେ ଆମର ହସ ଥଟ୍ଟା ଲାଗିଥାଏ ତା ସାଙ୍ଗରେ ।

Digitized by srujanika@gmail.com

ହେଡମାଷ୍ଟ୍ରେ ସବୁବେଳେ ଖଦଡ଼ ପିନ୍ଧନ୍ତି । ତାଳପତ୍ର ଛତା ବ୍ୟବହାର କରନ୍ତି । କଠଉ ଥାଏ ପାଦରେ ସ୍ୱଦେଶୀ ଭାବନାର ଉଜ୍ଜ୍ୱଳ ପ୍ରତିମୂର୍ତ୍ତି । ସେ ମହାତ୍ମା ଗାନ୍ଧିଙ୍କର ସେବାଶ୍ରମରେ ଅନେକ ଦିନ ଥିଲେ । ଓ୍ୱାର୍ଦ୍ଧାରୁ "ସାହିତ୍ୟରତ୍ନ" ହୋଇ ଆସିଥାଆନ୍ତି । ଗାନ୍ଧିଙ୍କ ଆଶ୍ରମର କଥା ତାଙ୍କଠାରୁ ଶୁଣିବାକୁ ଭାରି ଭଲ ଲାଗେ । ଆମ ଦେଶର ମହାନ୍ ଆତ୍ମା ଆମର ଜାତିର ମୁଣ୍ଡକୁ ସବୁବେଳେ ଉପରକୁ ଟେକି ରଖିଛନ୍ତି । ତାଙ୍କର ବାଣୀରେ ସାରାଭାରତ ଜାଗିଉଠେ । ଥରେ କହିଲେ—"ମେରା ଏକ କଦମ୍ ସେ ସାରା ହିନ୍ଦୁସ୍ଥାନ ଉଥାଲ୍ ପଥାଲ୍ ହୋଯାଯୁଗା ।" ତାହାହିଁ ହୋଇଥିଲା । ତାଙ୍କ ବିଷୟରେ ଆମର ଅନେକ ଜିଜ୍ଞାସା । ହେଡମାଷ୍ଟ୍ରଙ୍କ-ଠାରୁ ଯେତେ ଶୁଣୁ ସେତେ ବେଶୀ ଶୁଣିବାକୁ ଇଚ୍ଛା ହୁଏ । ତେଣୁ ତାଙ୍କ ଘରେ ସବୁବେଳେ ପିଲାମାନେ ରୁଣ୍ଡ ହୋଇଥାନ୍ତି । ଦିନକର କଥା ସେ ଶୁଣାଇଲେ—

ଶ୍ରୀ ଜମ୍ନାଲାଲ ବଜାଜ (ବଡ଼ ଶିଳ୍ପପତି) ଗାନ୍ଧିଜୀଙ୍କ ପାଖକୁ ଆସିଥାଆନ୍ତି । ସେ ମଧ୍ୟ ଭାରତର ମୁକ୍ତିଯୁଦ୍ଧରେ ଲିପ୍ତ ଥିଲେ । ସ୍ୱାଧୀନତା ସଂଗ୍ରାମର ଅନ୍ୟ ଜଣ ସୋପାନ ରଚିତ ହେବ ସେ ବିଷୟରେ ଅନେକ ସମୟ ପର୍ଯ୍ୟନ୍ତ ବିସ୍ତୃତ ବିମର୍ଷ ହେଲା । ବାପୁଜୀ ତଳେ ବସି ଗୋଡ଼ରେ କିରାସିନ ମାଲିସ କରୁ ଥାଆନ୍ତି । କଥାବାର୍ତ୍ତା ପରେ ବଜାଜ ପଚାରିଲେ—"ବାପୁଜୀ, କିରାସିନ କାହିଁକି ଦେହରେ ଲଗାଉଛନ୍ତି । ସେଇଟା ଭଲ କଥା ନୁହେଁ ।" ଗାନ୍ଧିଜୀ ଉତ୍ତର ଦେଲେ—"ଏଠାରେ ଖିଷଣ ମଶାଙ୍କର ଉପଦ୍ରବ, ରାତିରେ ଶୋଇବାକୁ ଦେଉନାହାନ୍ତି । ତେଣୁ ଏହା କରିବା ଛଡ଼ା ଆଉ ଉପାୟ କଣ ?" ବଜାଜଙ୍କୁ ବଡ଼ ବାଧିଲା । ବାପୁଙ୍କର ଗୋଟିଏ ବୋଲି ମଶୁରି ନାହିଁ । ଗାନ୍ଧିଜୀ ତାଙ୍କୁ ଛାଡ଼ିବାକୁ ବାହାରକୁ ଆସିଲେ । ବଜାଜ କହିଲେ ଆପଣ ମୋତେ ଅନୁମତି ଦେଲେ ଗୋଟିଏ କଥା କହନ୍ତି । ବାପୁଜୀ କହିଲେ—"ହଁ ହଁ ନିଶ୍ଚୟ କହନ୍ତୁ ।" "ଯଦି ଆଜ୍ଞା କରନ୍ତି ତେବେ ଗୋଟିଏ ମଶୁରି ପଠେଇ ଦିଅନ୍ତି ।" କହିଲେ ଜମ୍ନାଲାଲ ବଜାଜ । ବାପୁଜୀ ତୁରନ୍ତ ଜବାବ ଦେଲେ—"ଆପଣ ପାରିବେନି ।" "କଣ ହେଲା ଗୋଟିଏ ମଶୁରି ପଠାଇବାର କ୍ଷମତା ନାହିଁ ମୋର ?" କହିଲେ ବଜାଜ । ଗାନ୍ଧିଜୀ କହିଲେ—"ଯଦି ତ୍ରିଶକୋଟିଙ୍କୁ ଗୋଟିଏ କରି ମଶୁରି ପଠାଇ ଦିଅନ୍ତି ତାହାହେଲେ ମୋତେ ବି ଖଣ୍ଡିଏ

Digitized by srujanika@gmail.com

ପଠାଇଦେବେ ।" ବଜାଜ ସ୍ତବ୍ଧ ହୋଇଗଲେ । ମୁହଁ ଡଳକୁ ହୋଇଗଲା । ଚୁପକରି ନିଜ ଗାଡ଼ିରେ ଉଠି ଚାଲିଗଲେ ।

ଏହି କଥା ଶୁଣି ଆମ ଛାତ୍ର କୁଣ୍ଢେମୋଟ ହୋଇଗଲା । ଏପରି ନେହେରୁ ଜାତିର ପିତା ହୁଅନ୍ତେ କପରି । ଭାବିଲୁ "ଜିସ୍‌କା ବାପ ଚଢ଼େ ଘୋଡ଼ା, ଉସକା ବେଟା (ମାନେ ଆମେ ସବୁ) ଥୋ···ଡ଼ା ଥୋଡ଼ା ।"

ତୁଳସୀଦାସ ଜୟନ୍ତୀ ହେବ । ହେଡମାଷ୍ଟ୍ରେ ସେଥିରେ ସର୍ବମୟ କର୍ତ୍ତା । ବହୁ ବ୍ୟବସ୍ଥା ବନ୍ଦୋବସ୍ତ ହେଲା । ଶେଷରେ ଜୟନ୍ତୀ ଆରମ୍ଭ ହେଲା । ପ୍ରାରମ୍ଭିକ ସଙ୍ଗୀତ ଶ୍ରୀ ନରସିଂହ ନନ୍ଦ ଶର୍ମାଙ୍କର । ତାଙ୍କର କଣ୍ଠ ଉଦାତ୍ତ । ସ୍ୱର ମଧୁର । ଉଚ୍ଚାରଣ ଶାରର ଉପଯୁକ୍ତ । ନିଜର ରଚିତ କବିତା ଗାଇଲେ—

"କହାଁ ଗୟେ ତୁମ୍ ଆଓ ତୁଳସୀ ଦେଶଧର୍ମ ପ୍ରଚାର,
ବାନରସେନା ଫିର୍ ଜଗାଦୋ, ସୁରୋଁ ସେ ଅସୁରୋଁ କୋ ଭଗାଦୋ,
କହାଁ ଗୟେ ତୁମ ଆଓ ତୁଳସୀ ଦେଶଧର୍ମ ପ୍ରଚାର ।"

ବାନର ସେନା ମାନେ ଭାରତର ଛାତ୍ରବୃନ୍ଦ । ଅସୁର ହେଲେ ଇଂରେଜମାନେ । ଆମେ ଶୁଣି ଆମର ମନବଳ ଖୁବ୍ ବଢ଼ିଗଲା । ଆଉ ଗୋଟିଏ ସଭାରେ ଗାଇଥିଲେ ମୋର ମନେ ପଡ଼ୁଛି—

"ହେ ଆର୍ଯ୍ୟ ଜାତି ତବ କୀର୍ତ୍ତି ଗୀତ ଗାଏ
ହିମାଳୟ ଶୃଙ୍ଗ ଆଜ ।"

ତାଙ୍କ ପ୍ରେରଣାରେ ଆମ୍ଭେମାନେ ରାଷ୍ଟ୍ରଭାଷା ପ୍ରଚାର ସମିତିର ଦୁଇ ତିନୋଟି ପରୀକ୍ଷା ଅଳ୍ପକ୍ଷଣରେ ପାଶ୍ କଲୁ –'ପ୍ରାରମ୍ଭିକ', 'ପ୍ରବେଶ', 'ପରିଚୟ', କେତେଜଣ 'କୋବିଦ' ପର୍ଯ୍ୟନ୍ତ ପାଶ୍ କରିଥିଲେ । ସେତେବେଳେ ରଚନା ପ୍ରତିଯୋଗିତା ହେଉଥିଲା । ପୁରସ୍କାର ବିତରଣ ମଧ୍ୟ । ହିନ୍ଦିର ଜୟ ସର୍ବତ୍ର । ସବୁ ନରସିଂହ ନନ୍ଦଙ୍କର ଅନୁପ୍ରେରଣାରୁ ହିଁ ସମ୍ଭବ ହୋଇପାରିଥିଲା । ଦିନେ କ୍ଲାସରେ କହିଲେ ଯେ ମୁଁ ଭାବିଥିଲି ଭାରତର ଲେଖକମାନେ କେବଳ ସ୍ତ୍ରୀପୁରୁଷଙ୍କର ପ୍ରେମନେଇ ବିଭୋର । ନାଟକ, ନଭେଲରେ ଖାଲି ପ୍ରେମ ଆଉ ପ୍ରେମ । ଦେଶର ଏହି ଦୁର୍ଗତି

Digitized by srujanika@gmail.com

କଥା କଣ ତାହାର ମନେପଡ଼େ ନାହିଁ । କିନ୍ତୁ ମୋର ସେହି ଧାରଣା ଭାଙ୍ଗିଲା ଶରତଚନ୍ଦ୍ରଙ୍କର "ପଥକେ ଦାବେଦାର" ଗ୍ରନ୍ଥ ପଢ଼ି । ସ୍ୱାଧୀନତା-କାମିର କି ଜ୍ୱାଳାମୟୀ ଚେତନା, କି ବିସ୍ମୟକର କର୍ମ । ଅଭିଭୂତ ହୋଇଗଲି ସବ୍ୟସାଚୀର ଚରିତ୍ର ଦେଖି । ଆମକୁ ସେ ବହି ବିଷୟରେ ଧମ୍ୟକ୍ ଜ୍ଞାନ ଦେଇଥିଲେ । ସେଥିରୁ ବୁଝିଲୁ ଯେ ତାଙ୍କର ସମାଜ-ଚେତନା ବିଷୟରେ ଅତି ସତର୍କ ଦୃଷ୍ଟି ଥିଲା ଅନ୍ତଃସ୍ଥଳରୁ । କେବଳ ଲୋକ-ଦେଖାଣିଆ ନୁହେଁ ।

ଆମେ ପଚାରିଲୁ—ସାର୍, ଆପଣଙ୍କୁ ଏହି ପରିଶ୍ରମ ପାଇଁ ରାଷ୍ଟ୍ରଭାଷା ପ୍ରଚାର ସମିତି କେତେ ପଇସା ଦିଏ ? କହିଲେ, ଦିନକୁ ଗୋଟିଏ ଟଙ୍କା ଯାହା କୃଷକର ବା କର୍ମୀର ମଜୁରି । ଆମେ ହିନ୍ଦିରେ କହିଲୁ— "ଇସ୍ ମେଁ ତୋ କୋଇ ଚୂହା ଭି ବର୍ ନହିଁ ସକ୍ତା ।" ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ—"ଇସ୍ ମେ ତୋ କୋଇ ଶକ୍ ନହିଁ କି ହମ୍ ସବ୍ ଚୂହେ ହି ହୈ ।" ନରସିଂହ ନନ୍ଦ ଶର୍ମାଙ୍କୁ ଦେଖିଲେ ମନେହେଉଥିଲା ସେ ଯେପରି ଗୋଟିଏ ପୁରୁଷ-ସିଂହ । ତାଙ୍କ ଭଳି ଶିକ୍ଷକ ମୋର ଆଉ ଦୃଷ୍ଟିଗୋଚର ହୋଇନାହାନ୍ତି ।

୧୯୪୨ । "ବ୍ରିଟିଶ ଭାରତ ଛାଡ଼ । ବ୍ରିଟିଶ ଭାରତ ଛାଡ଼" ଶବ୍ଦରେ ଗଗନ ପବନ ମୁଖରିତ । ଗୋଟିଏ ଅଦ୍ଭୁତ ଉନ୍ମାଦନା ନଗର, ଜନପଦ, ଗ୍ରାମଗଣ୍ଡାକୁ ଗ୍ରାସ କରିଛି । ଦେଶରେ ବୋହିଯାଉଛି ବିଦ୍ୟୁତ୍ ପ୍ରବାହ । ସମସ୍ତଙ୍କର ଆଶା କଣ ଗୋଟାଏ ଘଟିବାକୁ ଯାଉଛି ଆମ ଦେଶରେ । ଶହଶହ ବର୍ଷର ପରାଧୀନତାର ଶୃଙ୍ଖଳ ଝିନ ଝିନ ହୋଇ ବାଜି ଉଠିଛି ହୋଇଯାଉଛି । ଆଶା ନିରାଶାର ମେଘ ପ୍ରତ୍ୟେକ ଭାରତୀୟର ମନରେ । ସତରେ କଣ ଏହି ଶୃଙ୍ଖଳ ଛିଣ୍ଡିଯିବ ! ଆମ ସହରରେ ମଧ୍ୟ ଉନ୍ମାଦନାର ଅନ୍ତ ନାହିଁ । ଛୋଟବଡ଼ ସମସ୍ତେ ପ୍ରସ୍ତୁତି ପର୍ବରେ ବ୍ୟସ୍ତ । Quit India Movement ଯୋଗୁ ସବୁ ବଡ଼ ବଡ଼ ନେତା ଲୌହ କପାଟର ଅନ୍ତରାଳରେ । ସେମାନଙ୍କ ଗୁପ୍ତ ନିର୍ଦ୍ଦେଶରେ ବିପ୍ଳବ ଚାଲିଛି ଦ୍ରୁତ ଗତିରେ । କିନ୍ତୁ ବିପ୍ଳବ ମଝିରେ ମଝିରେ ଦିଗ୍‌ଦର୍ଶନ ହରାଇ ଧକାଉଛି । କେବଳ ହିଂସାଶ୍ରୟୀ ହୋଇ ଉଦ୍‌ଭ୍ରାନ୍ତ ହୋଇପଡୁଛି; ଜନରୋଷର ପ୍ରଚଣ୍ଡତାରେ ବ୍ରିଟିଶ୍ ଶାସକ ଗୋଷ୍ଠୀ ଅସମ୍ମାନ ହୋଇ

Digitized by srujanika@gmail.com

ପଡ଼ୁଛନ୍ତି । ସେ ଏକ ଅତି ଉଦ୍‌ବେଗମୟ ପରସ୍ଥିତି । ରାଷ୍ଟ୍ରର ଜୀବନରେ ଆଶାର ଆଲୋକର କମ୍ପିତ ସଞ୍ଚାର ମଧ୍ୟ ହେଉଛି ।

ଏତିକବେଳେ ପୁରୀରେ ଜଳାପୋଡ଼ା କାର୍ଯ୍ୟ ହଠାତ୍ ବଢ଼ିଗଲା । ପୁରୀରେ ଅଧିକାଂଶ ଚାଳଘର । କେତୋଟି ମାତ୍ର ପକାଘର । ରାତିର ଅନ୍ଧକାରରେ କିଏସବୁ ଆସି ନିଆଁ ଲଗାଇ ଦେଉଥାନ୍ତି ଚାଳଘର-ମାନଙ୍କରେ । ଫଳରେ ସାହାଲା ସାହାଲା ଘର ପୋଡ଼ି ପାଉଁଶ ହୋଇଯାଉଥାଏ । ଅଗ୍ନି ଭୟରେ ଲୋକେ ଅତ୍ୟନ୍ତ ଭୀତତ୍ରସ୍ତ । ଶେଷକୁ ମହଲାରେ "ହୋସିଆରେ ହୁସିଆର" ଶବ୍ଦ ଶୁଣାଗଲା ରାତିରେ, ଗୋଟିଏ ଗୋଟିଏ ସାହିର ପ୍ରତ୍ୟେକ ଘରୁ ଜଣେ କରି ଲୋକ ରାତି ଜଗିବେ, ହିଂସାକାଣ୍ଡର ବିରୋଧ କରିବେ, ସାହି ସମିତିମାନଙ୍କରେ ଏହି ସିଦ୍ଧାନ୍ତ ନିଆଗଲା । ଆମେ ସବୁ ପାଳି କରି ରାତି ଜଗିବାକୁ ଲାଗିଲୁ । ସେଥିରେ ମଧ୍ୟ କମ୍ ଉନ୍ମାଦନା ନ ଥିଲା । ସଂଘବଦ୍ଧ ହୋଇ ହିଂସାର ପ୍ରତିରୋଧ କରିବାରେ ଏକ ବିଶେଷ ଆନନ୍ଦ ଥିଲା । ତା ଛଡ଼ା ଏକତ୍ର ରାତିଜାଗରଣରେ ଗୋଟିଏ ସମୂହ କର୍ମ-ପ୍ରେରଣାର ମଧ୍ୟ ଇଙ୍ଗିତ ଥିଲା । ସାହିର ସବୁ ଯୁବକ ଏକତ୍ର ହୋଇ ବିନାଦ୍ୱିଧାରେ ଏହି କର୍ମରେ ଯୋଗଦାନ କରିଥିଲେ । ଏହା ସହିତ ଆରମ୍ଭ ହୋଇଥିଲା "ନିନାଥମେଳା" । ଅଳ୍ପ ପଇସାରେ ଭୋଗରାଗ କରି ରାତି-ଜାଗରଣର ବ୍ୟବସ୍ଥା ଥିଲା ନିନାଥମେଳା ଗୀତ ପଢ଼ିବାରେ । ପରେ ସେଥି ସହିତ ଗଞ୍ଜିକା ସେବନର ପ୍ରଥା ମଧ୍ୟ ପ୍ରଚଳିତ ହୋଇ ମେଳାର ମହତ୍ତ୍ୱକୁ କମେଇ ଦେଇଥିଲା ।

ଏମିତି ନାନାପ୍ରକାରର ବିବର୍ତ୍ତନ ମଧ୍ୟ ଦେଇ ଚାଲିଥିଲା "ଭାରତ ଛାଡ଼ ଆନ୍ଦୋଳନ" । ବ୍ରିଟିଶ ସରକାର ମିତ୍ରଶକ୍ତି ସହିତ ମିଳି ଅକ୍ଷଶକ୍ତି ସହିତ ଯୁଦ୍ଧକରି କ୍ଷତବିକ୍ଷତ ହୋଇ ପଡ଼ୁଥିଲା । କ୍ରମେ କ୍ରମେ ଦୁର୍ବଳ ମଧ୍ୟ । ପ୍ରତିଦିନର ଖବରକାଗଜ ପଢ଼ିବାରେ ଥିଲା ଅଦମ୍ୟ ଆଗ୍ରହ । ବିଭିନ୍ନ ଯୁଦ୍ଧ କ୍ଷେତ୍ରରେ କଣ ଘଟୁଛି ତାର ବିଶଦ ବିବରଣୀ ବଡ଼ ବଡ଼ ଅକ୍ଷରରେ ଛପା ହେଉଥିଲା । ବିଶେଷ କରି ଲକ୍ଷ୍ୟ ବସ୍ତୁ ଥିଲା ବ୍ରିଟିଶ ସେନାବାହିନୀର ସମ୍ମାନର ସହିତ ପଶ୍ଚାତ୍ ଅପସରଣ । ସେ ବିଷୟରେ ସମସ୍ତେ ବଡ଼ କୌତୁକ ଅନୁଭବ କରୁଥିଲେ । ଅକ୍ଷଶକ୍ତିର ଦୃଢ଼ ପଦକ୍ଷେପ ମିତ୍ରଶକ୍ତିକୁ ସବୁବେଳେ ଦୋହଲାଇ ଦେଉଥାଏ । ବ୍ରିଟେନରେ ବୋମାମାଡ଼ ଫଳରେ

Digitized by srujanika@gmail.com

ଘୋର ଦୁର୍ଦ୍ଦିନ ଘୋଟି ଯାଇଥାଏ । ତଥାପି ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଖୁବ୍ ବାହ୍ୱାସ୍ଫୋଟ କରୁଥାଆନ୍ତି । ଅବଶ୍ୟ ସେହି ଅମାନିଶାର ଅନ୍ଧକାରରେ ଆଲୋକ ମଧ୍ୟ ପ୍ରଦର୍ଶନ କରୁଥାଆନ୍ତି । ତାଙ୍କର ବାଣୀ ଆମ ପୋଷ୍ଟଅଫିସ-ମାନଙ୍କରେ ମଧ୍ୟ ଟଙ୍ଗାଯାଇଥାଏ । "ଆମେ ଆକାଶରୁ ଯୁଦ୍ଧ କରିବୁ, ଆମେ ସମୁଦ୍ରରୁ ଯୁଦ୍ଧ କରିବୁ । ଆମେ ଭୂମି ଉପରେ ମଧ୍ୟ ଯୁଦ୍ଧ କରିବୁ । ମନୁଷ୍ୟର ରକ୍ତ, ଅଶ୍ରୁ ଓ ଘର୍ମ କେବେହେଲେ ନିରର୍ଥକ ହେବ ନାହିଁ । ବିଜୟ ଆମର ସୁନିଶ୍ଚିତ ।"

ଆମେରିକା ଯୁଦ୍ଧରେ ଯୋଗଦେବା ପରେ ଅବସ୍ଥା ଏକାବେଳକେ ବଦଳିଗଲା । ଜର୍ମାନିର ପତନ ହେଲା । ପରମାଣୁବୋମା ହିରୋସିମା ଓ ନାଗାସାକିରେ ପଡ଼ିବା ପରେ ଜାପାନର ପତନ ହେଲା । ଅକ୍ଷଶକ୍ତି ହାରିଗଲେ । ଇଂରେଜମାନଙ୍କର କି ଆନନ୍ଦ ଉଲ୍ଲାସ ! ବିଜୟର ମହା ଉତ୍ସବ ପାଳିତ ହେଲା । ବ୍ରିଟିଶମାନଙ୍କର ଗୋଡ଼ାଣିଆମାନେ ସେମାନଙ୍କ ସହିତ ଯୋଗଦେଇ ଅନେକ ଉପାଧିରେ ଭୂଷିତ ହେଲେ । କିନ୍ତୁ ଆମ୍ଭମାନଙ୍କ ମନରେ ସେମାନଙ୍କ ପ୍ରତି କେବଳ ଘୃଣା ଓ ଅବଜ୍ଞାର ଭାବ ପ୍ରଭାବ ବିସ୍ତାର କରିଥିଲା । Victory Celebrationରେ ଆମ୍ଭେମାନେ ଯୋଗଦେଇ ନ ଥିଲୁ ।

ସେତେବେଳକୁ ପୁଣି କଲେଜ ନୂଆ କରି ଆରମ୍ଭ ହୋଇଥାଏ । ଶ୍ରୀ ଗିରିଜାଶଙ୍କର ରାୟ ଆମ କଲେଜର ଅଧ୍ୟକ୍ଷ ହୋଇ ଆସିଥାନ୍ତି । ନୂଆ ନୂଆ ପ୍ରଫେସରମାନେ ମଧ୍ୟ ଯୋଗଦେଇ ଥାଆନ୍ତି । କ୍ରମେ କ୍ରମେ ଲାଇବ୍ରେରୀ ଓ କ୍ଲାସ ଗଢ଼ି ଉଠୁଥାଏ । ସବୁ ବିଷୟରେ ପ୍ରଫେସର ନ ଥାନ୍ତି । ବାହାରୁ କେତେକ ଅଧ୍ୟାପକଙ୍କୁ ବଦଳି କରି ଦେଇ ସରକାର ଆଣିଥାଆନ୍ତି । ନୂଆ ଅଧ୍ୟାପକମାନେ ଆମକୁ ଅତ୍ୟନ୍ତ ସ୍ନେହର ଚକ୍ଷୁରେ ଦେଖୁଥାଆନ୍ତି । ଛାତ୍ର-ଶିକ୍ଷକ ସମ୍ପର୍କ ଅତି ଉନ୍ନତମାନର ହୋଇଥାଏ । କେତେକ ଅଧ୍ୟାପକଙ୍କ ଘରକୁ ଯାଇ ଆମେ ତାଙ୍କଠାରୁ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରୁ । ସେମାନଙ୍କର ସୁବିଧା ଅସୁବିଧା କଥା ବୁଝୁ । ଉଭୟ ଉଭୟଙ୍କର ସାହାଯ୍ୟ

Digitized by srujanika@gmail.com

ସହାନୁଭୂତିଦ୍ୱାରା ଉତ୍ତମ ସମ୍ପର୍କ ତିଆରି କରି ଥାଆନ୍ତି । ଆଦର୍ଶ ବାତାବରଣ କଲେଜରେ ପ୍ରାଧାନ୍ୟଲାଭ କରିଥାଏ । ଏହି ସୁସମ୍ପର୍କ ଉତ୍ତର ଜୀବନରେ ମଧ୍ୟ ପ୍ରସାରିତ ହୋଇଥିଲା । ଗଣିତ ଅଧ୍ୟାପକ ଶୁକଦେବ ପ୍ରସାଦ ମିଶ୍ର ମୋ ସହିତ ବରାବର ବନ୍ଧୁ ଭାବେ ଚଳି ଆସୁଥିଲେ ମୃତ୍ୟୁ ପର୍ଯ୍ୟନ୍ତ । ଅତି ଅକାଳରେ କର୍କଟ ରୋଗରେ ତାଙ୍କର ମୃତ୍ୟୁ ହୋଇ-ଥିଲା ।

"ନ ତେନ ବୃଦ୍ଧୋଭବତି ଯେନାସ୍ୟ ପଳିତଂ ଶିରଃ,
ଯୋ ବା ଯୁବାପ୍ୟଧିଯ୍ାନଂ ତଂ ଦେବା ସ୍ଥବିରଂ ବିଦୁଃ ।"

ନୁହେଁ ବୃଦ୍ଧ ସେହି ଜନ ଶୁକ୍ଳ କେଶ ଅଛି ଯାର ଶିର,
ଯୌବନେ ଯେ ଜ୍ଞାନେ ରତ ଦେବେ ତାଙ୍କୁ ବୋଲନ୍ତି ସ୍ଥବିର ।

ପୁରୀରେ ଆଗରୁ କେବଳ ହାଇସ୍କୁଲଟିଏ ଥିଲା । ଏବେ କଲେଜ ହୋଇ ଅନେକ ଯୁବକଙ୍କର ଉଚ୍ଚଶିକ୍ଷା ପ୍ରାପ୍ତିରେ ଅନେକ ସୁବିଧା ହୋଇଛି । ସେମାନଙ୍କୁ ଦେବତାମାନେ "ସ୍ଥବିର" କହିଥିଲେ କି ନାହିଁ ମୋତେ ଜଣା ନାହିଁ ; କିନ୍ତୁ ସେଥିମଧ୍ୟରୁ ଅନେକେ ତୀକ୍ଷ୍ଣଧୀ, ମେଧାବୀ ଓ ପରିଶ୍ରମୀ ଥିଲେ । ମୋର ମନେ ପଡ଼ୁଛି କେତେକଙ୍କ କଥା—କୁଳମଣି ରଥ, ରମାକାନ୍ତ ପଟ୍ଟନାୟକ, ଭଗୀରଥି ନାୟକ, ସତ୍ୟାନନ୍ଦ ମିଶ୍ର, ଶଶିଭୂଷଣ ମିଶ୍ର, ଅଖିଳ ପଟ୍ଟନାୟକ ଇତ୍ୟାଦି । ଉତ୍ତର ଜୀବନରେ ଏମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପ୍ରତିଭା ବଳରେ ନିଜର ସ୍ୱାକ୍ଷର ରଖି ଦେଇଯାଇଛନ୍ତି । ଆମର ଜ୍ଞାନର ପରିସର ବଢ଼ାଇବା ପାଇଁ ଆମର ଅଧ୍ୟକ୍ଷ ଗିରିଜାବାବୁ ବଦ୍ଧପରିକର । ଅନେକ ରକମର ନୂଆ ପୁସ୍ତକ ଆଣି କଲେଜ ଗ୍ରନ୍ଥାଗାରରେ ଠୁଳ କରି ଦେଉଥାଆନ୍ତି । ଗ୍ରନ୍ଥାଗାରର ବାହାରେ ମଧ୍ୟ ଖୁବ୍ ଛୋଟ ଛୋଟ ପୁସ୍ତକ (hand book) ସବୁ ରଖିଦେଇ ଥାଆନ୍ତି । ସେଗୁଡ଼ିକ ଅଳ୍ପ ଦାମର । ହଜିଗଲେ ସରକାରଙ୍କର ବିଶେଷ କ୍ଷତି ହେବ ନାହିଁ । କାହାର ଅନୁମତି ନ ନେଇ ଛାତ୍ରମାନେ ସେଗୁଡ଼ିକ ଘରକୁ ନେଇ ପଢ଼ି ପୁଣି ଆଣି ଫେରାଇ ଦେଇଯିବେ । ସେଥିରେ ସେମାନଙ୍କର ସଚ୍ଚୋଟର ପରୀକ୍ଷା ହେବ । ଚରିତ୍ର ଗଠନର ସୁଯୋଗ ପାଇବେ । ଅନ୍ୟ ଅଧ୍ୟାପକ-ମାନେ ମଧ୍ୟ ଆମକୁ ଉଚ୍ଚାଦର୍ଶବାଦୀଙ୍କୁ ଆଡ଼କୁ ନେଇ ଯିବାରେ ବ୍ୟଗ୍ର । ଫଳେ [illegible]

Digitized by srujanika@gmail.com

ହୋଇଥିଲେ) ଇତିହାସର ଅଧ୍ୟାପକ ମୋତେ କହିଲେ "ଶୁମାନଙ୍କର ଦୁଇଖଣ୍ଡ ଅତି ଉଚ୍ଚକୋଟିର ଉପାଦେୟ ପୁସ୍ତକ ଲାଇବ୍ରେରୀକୁ ଆସିଛି । ତୁମେ ନିଶ୍ଚୟ ପଢ଼ିବ । ଯଥା 'Europe on the Eve'ଆଉ 'Night over Europe.' ହୁଏତ ମୁଁ ଇତିହାସର ଛାତ୍ର ନୁହେଁ । ତାଙ୍କ କ୍ଲାସରେ ପଢ଼େ ନାହିଁ । କିନ୍ତୁ କି ଅପରସୀମ ସ୍ନେହ ! ସେହିପରି ସମ୍ମାନନୀୟ ଶ୍ରୀରାମଚନ୍ଦ୍ର ଦାଶ, ଆମ ଘର ପାଖରେ ରହୁଥାଆନ୍ତି । ହଠାତ୍ ଦେଖା ହୋଇଗଲା, "ଆରେ ଆସ ଆସ । ତୁମ କଥା ମୁଁ ଭାବୁଥିଲି । Marshall ବହିଟା ଅର୍ଥନୀତି ଉପରେ ଗୋଟିଏ ପ୍ରାମାଣିକ ଗ୍ରନ୍ଥ । ତୁମେ ନେଇଯାଅ, ପଢ଼ିବ ନିଶ୍ଚୟ । ତୁମର ଅର୍ଥନୀତିରେ ଅନର୍ସ ନେବା ଉଚିତ ।" ମୁଁ ଅର୍ଥନୀତିର ଛାତ୍ର ନୁହେଁ । କିନ୍ତୁ କି ଅଗାଧ ବିଶ୍ୱାସ ମୋ ଉପରେ । ମୁଗ୍ଧ ହୋଇଗଲି ।

ଅଧ୍ୟକ୍ଷ ମହୋଦୟଙ୍କର ତ ମୁଁ ବଡ଼ଗୃହ, ସବୁବେଳେ ଦେଖାଶୁଣା । ତାଙ୍କ ଘର ସମୁଦ୍ରକୁ ଯିବା ରାସ୍ତାରେ ପଡ଼େ । ବୁଲିଯିବା ବେଳେ ଦୁ'ଦଣ୍ଡ ଦେଖାକରି ଯାଏ । ସେ ଗୋଟିଏ ପଟ୍‌ଭର୍ତ୍ତି ଚା' ଓ ସିଙ୍ଗଡ଼ା ନେଇ ବସିଥାଆନ୍ତି । ମୁଁ ଚା' ପିଏନା ସେ ଜାଣନ୍ତି । କିନ୍ତୁ ସବୁଦିନେ କହିବେ "ତୁମେ ଭାବୁଛ କି ମୁଁ ତୁମକୁ ଚା' ଦେବି ବୋଲି, କେବେ ନୁହେଁ । ସେ କଥା ଭୁଲିଯାଅ ।" ପ୍ରତିଦିନର ଚିରନ୍ତନ ଥଟ୍ଟା । ଦିନେ ଦେଖିଲି ଗୋଟିଏ ବଡ଼ ନୂଆ ବହି ନେଇ ବସିଛନ୍ତି । Discovery of India ପଣ୍ଡିତ ଜବାହରଲାଲ ନେହରୁ ଲିଖିତ । ପଢ଼ି ସାରିଛନ୍ତି । ସେ ଇଂରେଜୀର ଅଧ୍ୟାପକ । M. A.ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ପାଇଥିଲେ ସେ କାଳରେ । ସାହିତ୍ୟ କ୍ଷେତ୍ରରେ ଜଣେ ଅତି ବିଦଗ୍ଧ ପଣ୍ଡିତ । ନିଜେ "ଓଡ଼ିଆ ନାଟ୍ୟକଳା" ବୋଲି ପ୍ରସିଦ୍ଧ ଗ୍ରନ୍ଥ ରଚନା କରିଥାନ୍ତି । କିନ୍ତୁ ସେଦିନ ଗିରିଜାଶଙ୍କରଙ୍କୁ ଅତ୍ୟନ୍ତ ଭାବବିହ୍ୱଳ ଦେଖାଯାଉ ଥିଲା ନେହରୁଙ୍କର ପୁସ୍ତକ ପାଠ କଲା ପରେ । କହିଲେ—ପଣ୍ଡିତ ନାମର ସାର୍ଥକତା ଆଉ କେଉଁଠି ଦେଖିନାହିଁ ଯାହା ଜବାହରଲାଲଙ୍କଠାରେ ଦେଖିଲି । ଏପରି ଉଚ୍ଚମାନର ଜ୍ଞାନ, ମନର ବିଶାଳ ପରିଧି, ଐତିହାସିକ ସିଂହାବଲୋକନ ଓ ଲେଖାର ଅପୂର୍ବ ଶୈଳୀ, ଭାବଧାରାର ଦୁର୍ଦ୍ଦମନୀୟ ଉଚ୍ଛ୍ୱାସ, ପ୍ରକାଶର ସ୍ରୋତ, ଭାଷାର ଅଭାବନୀୟ ଛନ୍ଦ ଓ ମୂର୍ଚ୍ଛନା ମୋତେ ଏକାବେଳକେ

Digitized by srujanika@gmail.com

ସ୍ତବ୍ଧ କରିଦେଇଛି । ଏପରି ଲୋକ ମୁଣ୍ଡରେ ଟୋପି ପିନ୍ଧନ୍ତୁ ବା ରାସ୍ତାରେ ନଗ୍ନ ହୋଇ ଯାଆନ୍ତୁ ସମସ୍ତେ କହିବେ—"ମହାପଣ୍ଡିତ ଯାଉଛନ୍ତି ।" ଗିରିଜାବାବୁ ବଡ଼ ସାଂସାରିକ ବ୍ୟକ୍ତି । ବୁଝି ଶୁଣି ପଦେ କହନ୍ତି । ଅନେକ ସମୟରେ ନିଜର ଭାବକୁ ଗୁପ୍ତ ରଖି ତୁନି ହୋଇ ରହିବା ତାଙ୍କର ଚାରିତ୍ରିକ ଗୁଣ । ତାଙ୍କର ବିହ୍ୱଳତା ଅତି ଲକ୍ଷ୍ୟଣୀୟ ଥିଲା ସେଦିନ । ବୁଝିଲି ବରଫ ତରଳି ହୋଇ (avalanche) ତାଙ୍କର ହୃଦୟରେ ବହିଯାଇ-ଥାଏ । ଏ ଗ୍ରନ୍ଥ ନିଶ୍ଚୟ ପଢ଼ିବାକୁ ହେବ । ମାଗିଲି । କହିଲେ ନା, ଅନ୍ୟ ଅଧ୍ୟାପକମାନେ ପଢ଼ି ନାହାନ୍ତି । ତୁମେ ପରେ ଲାଇବ୍ରେରୀରୁ ନେବ । ତାହାହିଁ ହେଲା । ବେଶ କିଛିଦିନ ପରେ ବହିଟି ମିଳିଲା । ମୋର ମନ ଉଦ୍‌ଗ୍ରୀବ ହୋଇ ରହିଛି, ପଢ଼ିଲି । ପ୍ରଥମ ପୃଷ୍ଠାରେ ଲେଖା ହୋଇଛି Shakespeare ବାଣୀ—

"Where to the session of sweet silent thought
I summon up remembrance of things past."

ଜବାହରଲାଲ ଅନ୍ତରାଳରେ ଜଣେ ଭାବୁକ ଓ କବି ଥିଲେ । ଅନେକ ଦିନ ପରେ ତାଙ୍କ ବାସଭବନ ଉନ୍ମୁକ୍ତ କରି ଦିଆଯାଇଥିଲା ଦେଶବାସୀଙ୍କ ପାଇଁ ତାଙ୍କ ମୃତ୍ୟୁ ପରେ । ମୁଁ ଯେତେବେଳେ ଦିଲ୍ଲୀରେ । ମୋର ପରିବାରବର୍ଗଙ୍କୁ ନେଇ ଅତି ଉତ୍ସୁକତାର ସହିତ ଦେଖିବାକୁ ଯାଇଥିଲି । ତାଙ୍କ ଶୋଇବା ଘରେ ଗୋଟିଏ କବିତାର ଉଦ୍ଧୃତାଂଶ ଟଙ୍ଗା ହୋଇଥିଲା ।

"The woods are lovely dark and deep
But I have promises to keep;
and miles to go before I sleep."—[redacted]

ତାଙ୍କ ବହିଟି ଉର୍ଦ୍ଧ୍ୱଶ୍ୱାସରେ ପଢ଼ି ସ୍ତବ୍ଧ ହୋଇ ରହିଗଲି । ଅହମଦନଗର ଦୁର୍ଗର କାରାବନ୍ଧ ଦିନଗୁଡ଼ିକରେ ଗୋଟିଏ ମଣିଷର କି ଦୁଃସାହସିକ ପ୍ରୟାସ ! ଲାଇବ୍ରେରୀ ନାହିଁ, ବହି ପଢ଼ିବାର ସୁଯୋଗ ମଧ୍ୟ ନାହିଁ । ଦେଶରେ ନିଆଁ ଜଳୁଛି । ସେ ବିଷୟରେ କି ଦୁଃଶ୍ଚିନ୍ତା ଜଣେ ପ୍ରଧାନ ଜନନାୟକଙ୍କର । କିନ୍ତୁ ତାଙ୍କ ମଧ୍ୟରେ ଲୁଚି ବସିଛି ଗୋଟିଏ ଚିନ୍ତାଶୀଳ, ଭାବୁକ ଲେଖକର ଦିଗଦର୍ଶନ । ସେଥିରେ ଚିତ୍ରିତ ହେଉଛି ବିଭିନ୍ନ ଘଟଣାର ଐତିହାସିକ ଶୋଭାଯାତ୍ରା; ଭାରତ ଜନଜୀବନର ଉତ୍ଥାନ-

Digitized by srujanika@gmail.com

ଯଡନର ଅବସ୍ମରଣୀୟ କାହାଣୀ । ମୋର ଅବଦମିତ ଆତ୍ମା ଉଜ୍ଜୀବିତ ହୋଇ କହି ଉଠିଲା "ଜୟତୁ ଜବାହରଲାଲ୍" ।

କଲେଜରେ ସାଂସ୍କୃତିକ ସପ୍ତାହ ପାଳିତ ହେବ । ଅଧ୍ୟକ୍ଷଙ୍କର ବାସନା ଅତି ଉଚ୍ଚ ସ୍ତରର । ଅଧ୍ୟାପକ, ଲେଖକ, ବାଗ୍ମୀ ଓ ପ୍ରତିଷ୍ଠାବାନ ପ୍ରାଣପୁରୁଷମାନଙ୍କ ସହିତ ଆମ କଲେଜ ଛାତ୍ରମାନଙ୍କୁ ପରିଚିତ କରାଇବା । ନିମନ୍ତ୍ରିତ ହୋଇଥାନ୍ତି ଡକ୍ଟର ରୁଦ୍ର, ଆଲାହାବାଦ ବିଶ୍ୱବିଦ୍ୟାଳୟର ଅର୍ଥନୀତିର ଅଧ୍ୟାପକ, ଇତିହାସର ପ୍ରବାଦପୁରୁଷ ରାଧାମୁକୁନ୍ଦ ମୁଖାର୍ଜି ଯାହାଙ୍କର ହିନ୍ଦୁସଭ୍ୟତା ଉପରେ ଅସାମାନ୍ୟ ଦଖଲ, ଶ୍ରୀରାମକୃଷ୍ଣ ମିଶନର ସାଧୁ ଓ ବାଗ୍ମୀ ସମ୍ବୁଦ୍ଧାନନ୍ଦଜୀ ମହାରାଜ ପ୍ରମୁଖ । ଛାତ୍ରମାନଙ୍କ ଭିତରେ ଉନ୍ମାଦନା ଖେଳି ଯାଇଥାଏ, ଯାହାଙ୍କ ବହି ପଢ଼ନ୍ତି ତାଙ୍କୁ ଦେଖିବେ, ତାଙ୍କ କଥା ଶୁଣିବେ ବୋଲି । ଅତ୍ୟନ୍ତ ସଫଳ ହୋଇଥିଲା ସେ କାର୍ଯ୍ୟକ୍ରମ । ଏକମାତ୍ର କାରଣ ଗଭୀର ଆନ୍ତରିକତା— ଅଧ୍ୟାପକମାନଙ୍କର ଓ ଛାତ୍ରମାନଙ୍କର ; ଆଉ ଥିଲା ଉତ୍ସାହ ଓ ଉଦ୍ଦୀପନା । ଯେ କୌଣସି କାମରେ ହେଉ ଯୁବକମାନଙ୍କର ଉତ୍ସାହର ଅନ୍ତ ନାହିଁ । ଦିନରାତି ଲାଗି ପଡ଼ିଛନ୍ତି ମଞ୍ଚସଜ୍ଜାରେ; ଅତିଥିମାନଙ୍କୁ ସାଦର ସସମ୍ମାନ ଅଭ୍ୟର୍ଥନା କରି ସେମାନଙ୍କର ରହଣି ସ୍ଥାନରେ ସୁବିଧାରେ ପହଞ୍ଚାଇ ଦେବାରେ । ଅକ୍ଳାନ୍ତ ଭାବରେ ସବୁ କରି ଚାଲିଛନ୍ତି । ଛାତ୍ରମାନେ ନିଜର ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ କଲେଜର କାମ କରି ଯାଉଛନ୍ତି । ସେ ସମୟରେ ଏକ ଅନ୍ୟ ରକମର ବାତାବରଣ ଥିଲା ; ଅଯଥା ସନ୍ଦେହ ବା ଅକାରଣ କଟୁ ମନ୍ତବ୍ୟ କେହି କରୁ ନ ଥିଲେ ଏସବୁ କାମରେ ।

ଯେବେ କେହି ବିଶିଷ୍ଟ ଶିକ୍ଷାବିତ୍ ପୁରୀସହରକୁ ଭ୍ରମଣ ପାଇଁ ଆସୁଥିଲେ, ଆମର ଅଧ୍ୟକ୍ଷ ତାଙ୍କୁ ସାଦର ନିମନ୍ତ୍ରଣ ଜଣାଉ ଥିଲେ । ମୋର ମନେଅଛି ଡକ୍ଟର ସୁରେନ୍ଦ୍ରନାଥ ଦାସଗୁପ୍ତ (ବିଶିଷ୍ଟ ଦାର୍ଶନିକ), ଥରେ ପୁରୀ ଆସିଥିଲେ । ତାଙ୍କର Indian Realism ଓ ଅନ୍ୟାନ୍ୟ ପୁସ୍ତକ ପୃଥିବୀ ବିଖ୍ୟାତ । ସେ ରବୀନ୍ଦ୍ରନାଥଙ୍କର ବିଶିଷ୍ଟ ବନ୍ଧୁ ଥିଲେ । ସେତେବେଳକୁ ଅତି ବୃଦ୍ଧ ହୋଇଯାଇଥାଆନ୍ତି । ତାଙ୍କୁ ଡାକି ଆଣିଲେ ଆମ କଲେଜକୁ କହିବା ପାଇଁ । ଅଧ୍ୟକ୍ଷ ଗୋଟିଏ ପଟେ, ଆଉ ଆମର ଅଧ୍ୟାପକ ଶ୍ୟାମ କୁମାର ଚଟ୍ଟୋପାଧ୍ୟାୟ ଅନ୍ୟପାର୍ଶ୍ୱରେ ବସିଥାଆନ୍ତି ଡକ୍ଟର

Digitized by srujanika@gmail.com

ଦାସଗୁପ୍ତଙ୍କର । ଶାମକୁମାର ତାଙ୍କର ପ୍ରିୟ ଛାତ୍ର । ଏମ୍‌ରେ ଫାଷ୍ଟକ୍ଲାସ୍, ପି.ଆର୍.ଏସ୍. ମଧ୍ୟ । ବୃଦ୍ଧ ଅଧ୍ୟାପକ ଉଠିଲେ କହିବାକୁ । କହିଲେ ମୋଠାରୁ କଣ ଶୁଣିବ । ମୁଁ ତ ଜଣେ ଦ୍ୱିତୀୟ ଶ୍ରେଣୀୟ ଏମ୍. ଏ. । ଆଉ ତୁମର ଅଧ୍ୟାପକ ଓ ଅଧ୍ୟକ୍ଷ ଦୁଇଜଣଯାକ ପ୍ରଥମ ଶ୍ରେଣୀର । ସେମାନଙ୍କଠାରୁ ତ ସବୁବେଳେ ଶୁଣୁଛ । ଆମର ଅଧ୍ୟକ୍ଷ ତତ୍‌କ୍ଷଣାତ୍ ପ୍ରତିବାଦ କରି ଉଠିଲେ । କହିଲେ, ମୁଁ ପଢ଼ିଲା ବେଳେ ଦର୍ଶନ କ୍ଲାସରେ ଏହାଙ୍କର ବକ୍ତବ୍ୟ ଶୁଣିବାକୁ ପଶିଯାଏ । ସେଠାରେ ସ୍ଥାନ ମିଳିବା ଅସମ୍ଭବ । ଏହାଙ୍କର ଗୁଣ ଗରିମାର ସୀମା ନାହିଁ ।

ପୁଣି କହିଲେ ଜଣେ ରାଜା ସାହେବଙ୍କର ଗୋଟିଏ ବିରାଟ ଲାଇବ୍ରେରୀ ଥାଏ କଲିକତାରେ । ସୁରେନ୍ଦ୍ରନାଥ ଏମ୍. ଏ ପାଶ କଲା ପରେ ଚାକିରି ନ ପାଇ ସେଠାକୁ ଯାଆନ୍ତି ପଢ଼ିବା ପାଇଁ ପ୍ରତିଦିନ । ଅନେକ ଜ୍ଞାନ ଆହରଣ କରନ୍ତି । ତାପରେ ସେସବୁ ସଂକଳନ କରି ପିଏଚ୍. ଡି. ପାଇଥିଲେ । ରାଜା ସାହେବ ଦିନେ ଲାଇବ୍ରେରୀଆନଙ୍କୁ ପଚାରିଲେ— "ଆଚ୍ଛା, ମୋ ଲାଇବ୍ରେରୀର ବହି କେହି ପଢ଼ୁଛନ୍ତି କି ନାହିଁ ? ତାର କିଛି ଉପଯୋଗ ହେଉଛି ତ ?" ଲାଇବ୍ରେରୀଆନ କହିଲେ—"ଅନେକ ଆସନ୍ତି ମାତ୍ର ଏଇଆଡ଼ୁ ସିଆଡ଼ୁ ଟିକିଏ କାଗଜ ଦେଖି ଘଣ୍ଟାକ ପରେ ପଳାନ୍ତି । ମାତ୍ର ଗୋଟିଏ ଲୋକ ଦିନସାରା ବସି ପଢ଼ୁଥାଏ । ଅନେକ ଡେରିରେ ଫେରେ । ତା ନାଁ "ସୁରେନ୍ଦ୍ରନାଥ" । ରାଜା ସାହେବ କହିଲେ—"ତାକୁ ଟିକିଏ ମୋ ସହିତ ଦେଖା କରିବାକୁ କହିବ ।" ସୁରେନ୍ଦ୍ରନାଥ ଦେଖା-କଲେ । ରାଜା ପଚାରିଲେ—"ତୁମେ ଦିନସାରା ବସି କଣ ପଢ଼ ?" ଉତ୍ତର ପାଇଲେ—"ଆଜ୍ଞା, ମୁଁ ଦର୍ଶନ ଶାସ୍ତ୍ର ପଢ଼େ ।" "ବହି ଘରକୁ ନେଇଗଲେ ତ ତୁମର ଅନେକ ସୁବିଧା ହୁଅନ୍ତା ।" "ହଁ ଆଜ୍ଞା ।" ସେଦିନଠାରୁ ତାଙ୍କୁ ଅନୁମତି ମିଳିଲା ବହି ନେବାପାଇଁ । ତାପରେ ତାଙ୍କର ରଚିତ ପୁସ୍ତକରାଜିର ବହୁଳ ପ୍ରଚାର ଓ ଆଦର ହେଲା । ରାଜା ତାଙ୍କ ଜ୍ଞାନ ଗରିମାର କଥା ଜାଣି ଲାଇବ୍ରେରୀଟି ତାଙ୍କୁ ଦାନ କରି ଦେଇଥିଲେ ।

ତାପରେ, ଡାକ୍ତର ଦାଶଗୁପ୍ତ ଅଳ୍ପ କିଛି ଆମ୍ଭମାନଙ୍କୁ କହିଲେ । ତାର ସାରାଂଶ ହେଲା ଯେ ନେପୋଲିଅନ୍ କହିଥିଲେ ଇଂରେଜମାନେ

Digitized by srujanika@gmail.com

ବଣିଆ ଜାତି । ସେମାନେ ସଂସ୍କୃତି, ସଭ୍ୟତା ଇତ୍ୟାଦିର କଣ ବୁଝନ୍ତି ! ଦର୍ଶନ ଶାସ୍ତ୍ର ଯଦି ପଢ଼ିବାକୁ ଚାହଁ ତାହାହେଲେ ଭାରତୀୟ ଦର୍ଶନ ପଢ଼ । ତାର ଜ୍ଞାନର ସମ୍ଭାର ଅଶେଷ, ଅପରିକଳ୍ପନୀୟ । ସେଥିରେ ମନ ଏକାବେଳକେ ଲୀନ ହୋଇଯିବ ।

ସେ କଲିକତା ବିଶ୍ୱବିଦ୍ୟାଳୟର **George V Professor of Philosophy** ଆସନ ଅଳଙ୍କୃତ କରିଥିଲେ । ତାଙ୍କ ପରେ **Dr. Radhakrishnan** ସେହି ପଦବୀରେ ଆସୀନ ହେଲେ । ଶ୍ରୀ ଦାସଗୁପ୍ତଙ୍କୁ ଦେଖି ଅନେମସବୁ ଆନନ୍ଦିତ ହେଲୁ । ପୁରୁଣାକାଳର ଜଣେ ବିଜ୍ଞ ଅଧ୍ୟାପକଙ୍କର ବାଣୀ ଶୁଣି ଖୁବ ଭଲ ଲାଗିଲା ।

ସ୍ୱାମୀ ସର୍ବାନନ୍ଦଜୀ ମହାରାଜ ପୁରୀରେ କିଛିଦିନ ଅବସ୍ଥାନ କଲେ ତାଙ୍କ ଶିଷ୍ୟ ପୂର୍ବତନ ପୁରୀ ଜିଲ୍ଲାପାଳ, ମନ୍ମଥନାଥ ବୋଷଙ୍କ ଘରେ । ଆମ କଲେଜରେ ଉଦ୍‌ବୋଧନ ଦେବା ପରେ ଜନସାଧାରଣ ତାଙ୍କ ବକ୍ତୃତା ଶୁଣିବାକୁ ଆଗ୍ରହ ପ୍ରକାଶ କଲେ । ରାମକୃଷ୍ଣ ମିଶନ ପାଖ ପଡ଼ିଆରେ ବିରାଟ ଜନସଭା ହେଲା । ସେ ଜଣେ ଅଦ୍ୱିତୀୟ ବାଗ୍ମୀ । ଧର୍ମଶାସ୍ତ୍ରରେ ତାଙ୍କର ବ୍ୟୁତ୍ପତ୍ତି ଅସାଧାରଣ । ତାଙ୍କର ବକ୍ତୃତା ଶୁଣି ଲୋକେ ତାଙ୍କୁ ଧନ୍ୟ ଧନ୍ୟ କଲେ । ସେ ସ୍ୱାମୀ ବ୍ରହ୍ମାନନ୍ଦ ମହାରାଜଙ୍କ ଶିଷ୍ୟ । ମୋର କକା ବିମଳା ଚରଣଙ୍କର (ଗୁରୁପ୍ରଦତ୍ତ ନାମ ପାର୍ଥ-ଚୈତନ୍ୟ) ଗୁରୁଭାଇ । କକା କହିଲେ ଚାଲ୍ ମୁଁ ତୋତେ ସର୍ବାନନ୍ଦଜୀଙ୍କ ସହିତ ପରିଚୟ କରାଇଦେବି । ବାପା ମଧ୍ୟ ବାହାରିଲେ ଦେଖା କରିବାକୁ । ଆମ୍ଭେମାନେ ସନ୍ଧ୍ୟାବେଳେ ଯାଇ ତାଙ୍କ ପାଖରେ ପହଞ୍ଚିଲୁ । ସେ ଗୋଟିଏ **arm chair** ରେ ବସିଥାଆନ୍ତି । ଉଜ୍ଜ୍ୱଳ ଗୌରବର୍ଣ୍ଣ, ବିରାଟକାୟ ସନ୍ନ୍ୟାସୀ । ଚେୟାରଟା ଭର୍ତ୍ତିହୋଇଯାଇଥାଏ । ସେ ଆଲ୍ଲାହାବାଦର ଲୋକ ବୋଲି ସେଦିନ ଜାଣିଲି । ଆମେ ସବୁ ସତରଞ୍ଜିରେ ତଳେ ବସିଥାଉ । ମୋତେ ପଚାରିଲେ ତୁମର ଯାହା କିଛି ସନ୍ଦେହ ଅଛି ପଚାର ।

Digitized by srujanika@gmail.com

ମୁଁ ପଚାରିଲି, ମହାରାଜ, ସତ୍ୟ ଯଦି ଏକ ଏବଂ ଅବିଭାଜ୍ୟ ହୁଏ, ଆଉ ଦ୍ରଷ୍ଟା ଯଦି ପ୍ରକୃତରେ ସତ୍ୟକୁ ଦର୍ଶନ କରିଥାଆନ୍ତି ତେବେ ଦ୍ରଷ୍ଟା-ମାନଙ୍କ ମଧ୍ୟରେ ଏତେ ରକମର ମତଭେଦ କାହିଁକି ? ବୋଧହୁଏ ସେମାନେ ଠିକ୍ ଦେଖିପାରିନାହାନ୍ତି ବା ଜାଣିପାରିନାହାନ୍ତି । ନ ହେଲେ ସେମାନଙ୍କର ଭ୍ରାନ୍ତ ହୋଇଛି ପ୍ରକାଶ କରିବାରେ, ଅସଲ ତଥ୍ୟକୁ । ଏ ପ୍ରଶ୍ନର ଉତ୍ତର ସେ ସେହି ପୁରୁଣା କାହାଣୀକୁ ଆଶ୍ରୟ କରି ଦେଲେ — ସେ ଅନ୍ଧର ହାତୀଦେଖା ପରି । କେହି କହିଲା ହାତୀ ଗଛପରି, କିଏ କହିଲା ଦଉଡ଼ି ପରି, କେହି କହିଲା କୁଲା ପରି ଇତ୍ୟାଦି । ସେଥିପାଇଁ ଦର୍ଶକମାନଙ୍କର ମତପାର୍ଥକ୍ୟ ହୋଇଛି । ମୁଁ କହିଲି—"ତାହା ହେଲେ ସେମାନେ ବି ଅନ୍ଧ, ଆମେମାନେ ମଧ୍ୟ ଅନ୍ଧ । ତେବେ ଧର୍ମପ୍ରଚାରକ, ମହାପୁରୁଷ, ଦ୍ରଷ୍ଟାଙ୍କ ସହିତ ଆମର ପ୍ରଭେଦ କ'ଣ ?" ସେ କହିଲେ— "ମୋର ଉକ୍ତିର ଯଥାର୍ଥତା ସମୟରେ ବୁଝିପାରିବ ।" ତାଙ୍କର ବିଶ୍ଳେଷଣରେ ମୋର ଆସ୍ଥା ଜନ୍ମିଲା ନାହିଁ । କିନ୍ତୁ ତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ମୋ ମନରେ ଗଭୀର ରେଖାପାତ କରିଥିଲା । ସେ ନିଜେ ଉନ୍ମୁକ୍ତ ମନର ଅଧିକାରୀ ଥିଲେ । ବନ୍ଧନରେ ବିଶ୍ୱାସ କରୁନଥିଲେ, ସେ ବନ୍ଧନ ଗୁରୁଦତ୍ତ ହେଉ ବା ନ ହେଉ । ତେଣୁ ତାଙ୍କର ମିଶନ ସହିତ ମତଭେଦ ହେଲା । ସେ ମିଶନ୍ ପରିତ୍ୟାଗ କରି ନିଜର ଗୋଟିଏ ଆଶ୍ରମ କରି ସେଠାରେ ଜନସେବା କାର୍ଯ୍ୟକ୍ରମରେ ମନୋନିବେଶ କରିଥିଲେ ବୋଲି କକାଙ୍କଠାରୁ ଶୁଣିଲି ।

ଏହିପରି ପାଠପଢ଼ା ସହିତ ଉନ୍ନତମାନର ବିଶିଷ୍ଟ ଲୋକମାନଙ୍କ ସହିତ ପରିଚିତ ହେବାର ସୁଯୋଗ ପୁରୀରେ ପ୍ରଚୁର ମିଳିଥିଲା । ନାନା ବିଜ୍ଞ ପଣ୍ଡିତମାନଙ୍କର ସଂସ୍ପର୍ଶରେ ଆସିବାଯୋଗୁ ମୋର କ୍ଷୁଦ୍ରମନରେ ନବ ଦିଗନ୍ତର ଉଦୟ ହେଉଥାଏ । ନାନାରକମର ଚିନ୍ତା ମନରେ ଘୂର୍ଣ୍ଣାୟମାନ ହୋଇ ବହୁ ବିବର୍ତ୍ତର ସୃଷ୍ଟି କରୁଥାଏ । ଭାବୁଥାଏ କେତେ ମତ କେତେ ପଥ ଏହି ବିଶ୍ୱବ୍ରହ୍ମାଣ୍ଡରେ ଅଛି । ଏସବୁ ସେହି ଲୀଳା-ମୟଙ୍କର କୀର୍ତ୍ତି । 'ଏକୋଽହଂ ବହୁସ୍ୟାମ୍' ଏହି ବହୁତ୍ୱର କଳ୍ପନା କ୍ଷୁଦ୍ର ମନୁଷ୍ୟମନରେ ଆସିବା ଅତ୍ୟନ୍ତ ଦୁରୁହ । କାରଣ ବହୁତ୍ୱ ଯଦି ସୀମିତ ମନରେ ପ୍ରବେଶ କରେ ତାହାହେଲେ ବହୁତ୍ୱର ଅର୍ଥ ନିରର୍ଥକ ବୋଲି ପ୍ରତୀୟମାନ ହେବ ।

Digitized by srujanika@gmail.com

ଆଜି ଗୋଟିଏ କୌତୁକାବହ ଘଟଣା ଅବିସ୍ମରଣୀୟ ହୋଇ ରହିଛି । ବାହାରୁ ଜଣେ କବି ପୁରୀକୁ ଆସିଥାଆନ୍ତି । ତାଙ୍କୁ ସମ୍ବର୍ଦ୍ଧନା ଦେବାପାଇଁ ଉଦ୍ୟୋକ୍ତାମାନଙ୍କର ପ୍ରସ୍ତୁତି ଚାଲିଥାଏ । କାରଣ ତାଙ୍କ କ୍ଲବକୁ ସେ ବେଶ୍‌କିଛି ଦାନ ଦେଇଛନ୍ତି । ଉଦ୍ୟୋକ୍ତାମାନେ ଫୁଲ ସଂଗ୍ରହ କରି ଝୁଡ଼ିରେ ରଖିଛନ୍ତି । ଟେବୁଲ ଉପରେ ସୁସଜ୍ଜିତ ପୁଷ୍ପଗୁଚ୍ଛ । ତଳେ ସତରଞ୍ଜି ପଡ଼ିଛି ଦର୍ଶକମାନଙ୍କ ପାଇଁ । ମୋତେ ଜଣେ ବନ୍ଧୁ ବିଶେଷ ଭାବରେ ନିମନ୍ତ୍ରଣ କରି ନେଇଯାଇ ଥାଆନ୍ତି, ଆଜି ଗୋଟାଏ ଭଲ ସମ୍ବର୍ଦ୍ଧନା ସଭା ଅଛି ବୋଲି । ମୁଁ ଯାଇ ଆସନ ଗ୍ରହଣ କରୁ କରୁ ଉପାସ୍ୟମାନ କବି ଆସି ପହଞ୍ଚିଗଲେ । ତାଙ୍କୁ ବିନୟ ସହିତ ମଞ୍ଚକୁ ନିଆଗଲା । ଉଦ୍ୟୋକ୍ତାମାନଙ୍କର ସମୟ ନ ଥିଲା ମାଳା ତିଆରି କରିବା-ପାଇଁ । କବିଙ୍କ ମୁଣ୍ଡରେ ଫୁଲସବୁ ଝୁଡ଼ିରୁ ଢାଳିଦେଲେ । ଏକ ନୂଆ ଧରଣର ଆଗ୍ରହ ଓ ତାର ଆଧିକ୍ୟରେ କବି ବିଶେଷ ଆନନ୍ଦିତ ହେଲେ । ଆଜି ଜଣେ ମାଇକ ପାଖକୁ ଯାଇ ତାଙ୍କର କବିତାପାଠ କରିବାକୁ ଲାଗିଲେ । କବି ଉତ୍ଫୁଲ୍ଲ ହୋଇ ଶୁଣୁଛନ୍ତି ତାଙ୍କର ସ୍ୱରଚିତ କବିତା ଅନ୍ୟ କଣ୍ଠରେ :—

ଘର ମଗ୍ରମଣ

"ଘର ମଗ୍ରମଣ ମହା ଝାମେଲାରେ ଭାଇ
ଝାଡୁମୁଠା ଚୂନଟିଣ ପଡ଼ିଅଛି ଠାଏ ଠାଏ ।" ତାଙ୍କ ସପକ୍ଷରେ କହିବାକୁ ଯାଇ ବକ୍ତା କହୁଛନ୍ତି—ଅନ୍ୟ କବିମାନଙ୍କ ପରି ଅଳିକ ବସ୍ତୁର ଆଶ୍ରୟ ନ ନେଇ, କବି ଇହଜଗତର ଅସୁବିଧା କଥା, ଯାହା ଆମେ ଦୈନନ୍ଦିନ ଜୀବନରେ ଅନୁଭବ କରୁ, ତାହା ପ୍ରାଞ୍ଜଳ ବୋଧଗମ୍ୟ ଭାଷାରେ ସୁନ୍ଦର ଭାବରେ ପ୍ରକାଶ କରି ଅଛନ୍ତି ।

ମାଇଲା ! ଏଇ ସବୁ ପୁଣି ଶୁଣିବାକୁ ହେବ ନା କଣ ? ସାଙ୍ଗେ ସାଙ୍ଗେ ବନ୍ଧୁକୁ ନେଇ ସମୁଦ୍ର କୂଳରେ । "ଆରେ ତୁ ଆଜି ଲୋକ ପାଇଲୁନି । ମୋତେ ଧରି ନେଇ ଗଲୁ ଏଇ ସବୁ ଶୁଣିବାକୁ" ମୁଁ କହିଲି । ସେ ଉତ୍ତର ଦେଲେ—"ମୁଁ କଣ ଆଗରୁ ତାଙ୍କର ମହତ୍ତ୍ୱ ଉପଲବ୍ଧି କରିଥିଲି । ଶୁଣିଲା ପରେ ସେ ଜ୍ଞାନ ହେଲା ନା··· ।"

Digitized by srujanika@gmail.com

ସମୁଦ୍ରକୂଳର ଶୀତଳ ପବନରେ ମନଟା ଥଣ୍ଡା ହୋଇ ଆସିଲା । ଆଉ କୌଣସି ଅଭିଯୋଗ କାହାର ବିରୁଦ୍ଧରେ ନାହିଁ । ଏହି ସୁନୀଳ ବାରିଧିର ଅବିରାମ ନିର୍ଘୋଷ ମନର ସବୁ ଅଶାନ୍ତିକୁ ଦୂର କରି ଆଣିଦିଏ ଏକ ଅଦ୍ଭୁତ ପ୍ରଶାନ୍ତି । ଲହରୀମାଳାର ଆବେଗପୂର୍ଣ୍ଣ ଉଚ୍ଛ୍ୱାସ ଓ ବେଳାଭୂମି ପ୍ରତି ଅନତିକ୍ରମଣୀୟ ଆକର୍ଷଣ ସୃଷ୍ଟି କରେ ଏକ ମୋହମୟ ଭାବ । କେତେ ଦୂରଦୂରାନ୍ତରୁ ଲୋକେ ଆସନ୍ତି ଏହି ସମୁଦ୍ରର ଆକର୍ଷଣରେ ପୁରୀକୁ । ଏହି ବେଳାଭୂମିରେ ବସି ଘଣ୍ଟା ପରେ ଘଣ୍ଟା କଟାଇ ଦିଅନ୍ତି ଶାନ୍ତିରେ । ମନରେ ଯେତେ କ୍ଷୋଭ, ଯେତେ ଦୁଃଖ, ଯେତେ ଯନ୍ତ୍ରଣା ଥାଉନା କାହିଁକି, କିଛି ସମୟ ପାଇଁ ମନୁଷ୍ୟକୁ ସବୁ କିଛି ଭୁଲାଇ ଦିଏ ଏହି ସମୁଦ୍ର । ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ମନଟା ପ୍ରସାରିତ ହୋଇଯାଏ; କ୍ଷୁଦ୍ରରୁ ବୃହତ୍ତର ସତ୍ତାରେ ନିମଗ୍ନ ହୋଇ ଭୁଲିଯାଏ ଜୀବନର ନୀଚତା, ଜଡ଼ତା, ନିକୃଷ୍ଟତା । ପ୍ରକୃତିର ବିଶେଷ ସମ୍ଭାର ବହନ କରିଆଣେ ଏହି ମହାସମୁଦ୍ର—ଶୀତଳ ସମୀରଣ । ପ୍ରବହମାନ ପ୍ରଭଞ୍ଜନ ହରଣ କରେ ସବୁ ଶ୍ରାନ୍ତି, ସବୁ କ୍ଲାନ୍ତି; ଆଉ ଦିଏ ଶାରୀରିକ ଓ ମାନସିକ ଶାନ୍ତି । କେତେ ଦିନ ଏଠାରେ ରାତି ପର୍ଯ୍ୟନ୍ତ ବସି ଆମର ସାଙ୍ଗମାନଙ୍କ ସହିତ ନାନା ଗଳ୍ପ ଗୁଜବରେ ଅବସର ବିନୋଦନ କରି ଶେଷରେ ଘରକୁ ଫେରିଛୁ ତାଜାମନ ନେଇ ।

Paul Brunton ତାଙ୍କର ପ୍ରସିଦ୍ଧ ପୁସ୍ତକ "In Search of Secret India" ରେ ପୁରୀ ବେଳାଭୂମିର ଭୂୟସୀ ପ୍ରଶଂସା କରି ଯାଇଛନ୍ତି । ସେ ଲେଖିଛନ୍ତି ଯେ ପୃଥିବୀର ସବୁ ଉତ୍କୃଷ୍ଟ ବେଳାଭୂମି ମଧ୍ୟରୁ ପୁରୀ ଅନ୍ୟତମ । ସେତେବେଳେ ଅବଶ୍ୟ ବାଲୁକାରାଶି ଅତି ଉଜ୍ଜ୍ୱଳ ଓ ଶୁଭ୍ର ଥିଲା । ସମୁଦ୍ରର ନିକଟରେ ବୋଧହୁଏ କୌଣସି ଅଟ୍ଟାଳିକା ନ ଥିଲା, କେବଳ ସର୍କିଟ୍‌ହାଉସ ବା ରାଜ୍ୟପାଳଙ୍କ ନିବାସ ଛଡ଼ା । ଅଧୁନା ବେଳାଭୂମି ଆକ୍ରାନ୍ତ ଓ କ୍ଷତବିକ୍ଷତ ମଧ୍ୟ । ଏତେ ହୋଟେଲ, ଷ୍ଟଲ ଇତ୍ୟାଦି ହୋଇଗଲାଣି ଯେ ବାଲି ଖୁବ୍ ମଇଳା ଦେଖାଯାଉଛି । କେତେକ ସ୍ଥାନରେ ମଇଳା ପାଣି ସମୁଦ୍ର ଆଡ଼କୁ ପ୍ରବହମାନ ହେଉଛି । ବାଲି ଉପରେ ହୋଟେଲ ନିର୍ମାଣ ଫଳରେ ବେଳାଭୂମି ଅତ୍ୟନ୍ତ ଆକୁଞ୍ଚିତ ହୋଇ ପଡ଼ୁଛି । ଏହାର ପ୍ରସାରଣ ଏକାବେଳକେ ସୀମିତ । ଫଳରେ ବେଳାଭୂମିରେ ଗୁଳିବାର

Digitized by srujanika@gmail.com

ବୁଲିବାର ସ୍ଥାନ ଅତ୍ୟନ୍ତ ଅପରିସର ଏବଂ ସଂକୀର୍ଣ୍ଣ । ବେଳାଭୂମିର କ୍ରନ୍ଦନ କିଏ ବା ବୁଝିବ ? "ଦେଖିଛୁ ସକଳ ବ୍ୟୋମ ଗମ୍ଭୀର ମୂରତି । ତୋପରି ବୁଝିବ କିଏ ପୃଥିବୀ ବେଦନା ।" କବି ମଧୁସୂଦନ ରାଓ ଲେଖିଛନ୍ତି । ଏହା ବର୍ତ୍ତମାନର ବେଳାଭୂମି ପ୍ରତି ବିଶେଷ ଭାବରେ ପ୍ରଯୁଜ୍ୟ ।

ଅବସ୍ଥା ଯେତେ ଖରାପ ହେଲେ ମଧ୍ୟ ପ୍ରକୃତି ତାର ସମ୍ଭାରରେ କୃପଣତା ପ୍ରକାଶ କରି ନାହିଁ । ସକାଳର ସୂର୍ଯ୍ୟୋଦୟ ଓ ସନ୍ଧ୍ୟାର ସୂର୍ଯ୍ୟାସ୍ତର ଦୃଶ୍ୟ ପରମ ରମଣୀୟ । ବିଶେଷ କରି ସୂର୍ଯ୍ୟ ବୁଡ଼ି ଯିବାବେଳର ବର୍ଣ୍ଣଚ୍ଛଟା ଦୂର ଦିଗ୍‌ବଳୟରେ ତାର ପ୍ରଭାବ ଅନେକ ସମୟ ପର୍ଯ୍ୟନ୍ତ ବିସ୍ତାର କରି ରହେ । ପକ୍ଷୀମାନେ ସେମାନଙ୍କର ବସାକୁ ଫେରିଯିବା ବେଳର ଦୃଶ୍ୟ ମନୁଷ୍ୟ ମନକୁ ଭାବାବିଷ୍ଟ କରି ରଖେ । ସେତେବେଳେ ମନେପଡ଼େ ରବୀନ୍ଦ୍ରନାଥଙ୍କ ରଚନା—

"ଯଦିବା ସନ୍ଧ୍ୟା ଆସୁଛି ମନ୍ଦ ମନ୍ଥରେ
ଇଙ୍ଗିତେ ସବୁ ସଙ୍ଗୀତ ହେଲା ଇତି
ଯଦିବା ବନ୍ଧୁ ନାହିଁ ଅନନ୍ତ ଅମ୍ବରେ
ଯଦିବା ଅଙ୍ଗେ ଭରି ଆସୁଅଛି କ୍ଲାନ୍ତି
ମହା ଆଶଙ୍କା ଜପୁଛି ମୌନ ମନ୍ତରେ
ଅବଗୁଣ୍ଠନେ ଦିଗଦିଗନ୍ତ ଢଙ୍କା
ତେବେ ବିହଙ୍ଗ, ଆରେ ବିହଙ୍ଗ ମୋର,
ଡେଣା ତୋର ଏବେ ବନ୍ଦ କରନା ସଖା ।"

(ବିଶ୍ୱକବିଙ୍କ ରଚନାର ଅନୁପଯୁକ୍ତ ଅନୁବାଦ ହେଲେହେଁ ତାଙ୍କର ମର୍ମସ୍ପର୍ଶୀଭାବ ଉଲ୍ଲେଖନୀୟ)

କୌଣସି ଭାବାବେଶ ଚିରସ୍ଥାୟୀ ନୁହେଁ । ଭାବାବେଶର ଉଚ୍ଚ-ଗ୍ରାମରୁ ନିମ୍ନରେ ଚରମ ବାସ୍ତବତାକୁ ଅବବୋଧନ କରିବାକୁ ହୁଏ ପ୍ରତ୍ୟେକ ମନୁଷ୍ୟକୁ । କିଏ ଜଣେ ଆସି ପାଖରେ ବସିଲା । ଦେଖିଲି ମୋର ବାଲ୍ୟବନ୍ଧୁ ପ୍ରସାଦ । କହିଲା—"ତୁମେ ଏତେ ଭାବୁଛ କଣ ? ପାଖରେ ଜଣେ ବିଶିଷ୍ଟ ବ୍ୟକ୍ତି ବସିଛନ୍ତି ! ତାଙ୍କ ପ୍ରତି ଦୃଷ୍ଟି ନାହିଁ, ଇଏ କେମିତି କଥା ?" ସାଙ୍ଗେ ସାଙ୍ଗେ ଡାହାଣପଟକୁ ଗୁହାଁଲି । ଜଣେ

Digitized by srujanika@gmail.com

ଯୁବକ ସାଧୁ ବସିଛନ୍ତି । ଗୌରବର୍ଣ୍ଣ, ରେଶମବସ୍ତ୍ର-ପରିହିତ, ଆଖିରେ ପ୍ରଚକ୍ଷୁ ; ପାଦରେ ଖଡ଼ମ । ତାଙ୍କର ସୌମ୍ୟମୂର୍ତ୍ତି ଓ ପ୍ରଶାନ୍ତ ମୁଖମଣ୍ଡଳ ଭକ୍ତି ଉଦ୍ରେକ କରେ । ଚିହ୍ନି ପାରିଲି ନାହିଁ । ମୋ ବନ୍ଧୁ କହିଲେ, ସେ ପୁରୀରେ ଅନେକ ଦିନ ହେଲା ଅଛନ୍ତି । ଶ୍ରୀଶ୍ରୀ ମୋହନାନନ୍ଦ ମହାରାଜ । ତାଙ୍କର ଗୁରୁଦେବଙ୍କ ଆଶ୍ରମ ଦେଓଘର, ବିହାରରେ, କିନ୍ତୁ ମଝିରେ ମଝିରେ ପୁରୀ ଆସି ଅନେକ ଦିନ ରହନ୍ତି । ଶ୍ରୀଶ୍ରୀ ବାଲାନନ୍ଦ ଗିରିଙ୍କ ଶିଷ୍ୟ । ଶୁଣି ବଡ଼ ଖୁସି ହେଲି । ବାଲାନନ୍ଦଙ୍କ ନାମ କିଏ ନ ଜାଣେ ? ଏତେ ବଡ଼ ଗୁରୁଙ୍କର ଶିଷ୍ୟ କିନ୍ତୁ କୌଣସି ଦର୍ପ ତ ନାହିଁ । ଅତି ନୀରବ ରହି ପ୍ରକୃତିର ସୌନ୍ଦର୍ଯ୍ୟ ଦର୍ଶନରେ ମୁଗ୍ଧ । ତାଙ୍କ ବିଷୟରେ ପ୍ରସାଦ ମୋତେ ଅନେକ ଖବର ଦେଲେ । ବହୁ ଶିଷ୍ୟ ଶିଷ୍ୟା ପରିବେଷ୍ଟିତ ହୋଇ ରହନ୍ତି, ତାପରେ ମଧ୍ୟ ଅନେକ ଦିନ ସମୁଦ୍ର କୂଳରେ ତାଙ୍କ ସହିତ ଦେଖା ; ମାତ୍ର ତାଙ୍କର ମୌନତାର ବ୍ୟତିକ୍ରମ କେବେହେଲେ ଲକ୍ଷ୍ୟ କରି ନାହିଁ ।

ସାତ ସାହି ବୟାଳିଶି କିଦ ପୁରୀ ସହରରେ । ଅନେକ ଜାଗାଘର । ପ୍ରତ୍ୟେକ ଜାଗାଘରେ ଗୋଟିଏ କସରତ-ସ୍ଥାନ—ଫୁଲ୍‌କା । ସେଠାରେ କୁସ୍ତି ହୁଏ । ଜଣେ ଜଣେ ବଡ଼ ମଲ୍ଲ ଅନ୍ୟମାନଙ୍କୁ ଶିଖାନ୍ତି । ସାହିର ଅଧିକାଂଶ ଯୁବକ ଶାରୀରିକ ବ୍ୟାୟାମ କରିବାକୁ ଆଗେ ଏଠାକୁ ଆସୁଥିଲେ । ବିଭିନ୍ନ ରକମର ଖେଳ ସବୁ ଶିଖୁଥିଲେ । ସେଥିରେ ମୁଦ୍‌ଗର, ଖଣ୍ଡା, ଲାଠି, ଛୁରୀ ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଏହି ଜେଗାଘରଗୁଡ଼ିକ ଅସ୍ତ୍ରଶସ୍ତ୍ର ଶିକ୍ଷାର ପ୍ରଧାନ ସ୍ଥଳ ଥିଲା । ତା'ଛଡ଼ା ଗୀତବାଦ୍ୟର କେନ୍ଦ୍ର ମଧ୍ୟ ଥିଲା । ସେଠାରେ ଓଡ଼ଶୀ ଗୀତର ପ୍ରାଧାନ୍ୟ ବେଶୀ ଥିଲା । ସାହିର ପିଲାମାନେ ଭଲ ଶିକ୍ଷକ ପାଖରୁ ଓଡ଼ଶୀ ଗୀତ ଶିଖୁଥିଲେ । ବାଦ୍ୟଯନ୍ତ୍ର ସବୁବେଳେ ଏଠାରେ ମହଜୁଦ ରହୁଥିଲା । ଯାହାର ଯେତେବେଳେ ଅବସର ହେଉଥିଲା ସେ ଆସି ବଜାଉଥିଲା । ଅଳ୍ପ କଥାରେ କହିବାକୁ ଗଲେ ଏହି ଜାଗାଘର ଗୋଟିଏ ସାହିର ସଂସ୍କୃତିର ବିଶିଷ୍ଟ କେନ୍ଦ୍ର । ସେଠାରେ କେବଳ ଅବସର ବିନୋଦନର ଉପାଦାନ ନ ଥିଲା; ସେଠାରେ ଥିଲା ସଙ୍ଗୀତ, ଶାରୀରିକ ବ୍ୟାୟାମ, ଅସ୍ତ୍ରଶସ୍ତ୍ର ଶିକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା ଅତି ଗଣତାନ୍ତ୍ରିକ ରୀତିରେ । କୌଣସି

Digitized by srujanika@gmail.com

ବ୍ୟକ୍ତିବିଶେଷର ପ୍ରାଧାନ୍ୟ ନ ଥିଲା । ଗୋଷ୍ଠୀର ସଂସ୍କୃତି ଉନ୍ନତର ଥିଲା ପ୍ରକୃଷ୍ଟ ବାତାବରଣ । ଆମ "ଭୋଇଜେଗା"ରେ ଆମ୍ଭେମାନେ ପିଲାଦିନେ ଯାଇ ପଥର ଉଠେଇବା, ଦଣ୍ଡ ବୈଠକ କରିବା, କୁସ୍ତୀ ଲଢ଼ିବା ଇତ୍ୟାଦି ଅଭ୍ୟାସ କରୁଥିଲୁ ନିଜ ନିଜ ଭିତରେ । ମଲ୍ଲମାନେ ଆମକୁ ଉତ୍ସାହ ଦେଉଥାଆନ୍ତି । ମଲ୍ଲମାନେ ନିଜ ନିଜ ମଧ୍ୟରେ ଲଢ଼ନ୍ତି । ସେଗୁଡ଼ିକ ଦେଖିବା ପାଇଁ ଆମେ ରୁଣ୍ଡ ହେଉ । ଅନେକ ସମୟରେ ଉତ୍ତର ଭାରତରୁ ପ୍ରସିଦ୍ଧ ମଲ୍ଲମାନେ ଆସନ୍ତି ମଲ୍ଲଯୁଦ୍ଧର ଆହ୍ୱାନ ନେଇ । ସେତେବେଳେ ସହରରେ ଖୁବ୍ ଉତ୍ତେଜନା ଖେଳିଯାଏ, ଅମୁକ ମଲ୍ଲ ଆସିଛନ୍ତି । ମୁକାବିଲା ହେବ ପୁରୀର ବିଶିଷ୍ଟ ଅମୁକ ମଲ୍ଲଙ୍କ ସହିତ ଜଗନ୍ନାଥ ବଲ୍ଲଭରେ । ସେଠାରେ ଯାଇ ସମସ୍ତେ ରୁଣ୍ଡ ହୁଅନ୍ତି । ଲଢ଼େଇ ଦେଖିବାର କି ଆନନ୍ଦ ଆମ୍ଭମାନଙ୍କର । ସେତେବେଳେ ପଇସା ଦେଇ ଟିକଟ କରିବାର ପ୍ରଥା ନ ଥିଲା । ବିଶିଷ୍ଟ ଲୋକମାନେ ମେଡେଲ ଦେଉଥିଲେ ବିଜେତାଙ୍କୁ । କରତାପଟର ଆନନ୍ଦହିଁ ଥିଲା ପରିଶ୍ରମର ଉପଯୁକ୍ତ ପୁରସ୍କାର । ଅର୍ଥ ନୁହେଁ । ବର୍ତ୍ତମାନ ଯୁଗରେ ଅର୍ଥ ହିଁ ସବୁ । ପୁରସ୍କାର ହେଉ ବା ଯେ କୌଣସି ସାମାଜିକ କର୍ମ ହେଉ ସବୁ ପଇସାରେ ତଉଲ ହେଉଛି ।

ଜାଗାଘରର ଗୋଟିଏ ବାର୍ଷିକ ଉତ୍ସବ ଥିଲା ସାଇଯାତ୍ରା । ପ୍ରତ୍ୟେକ ସାହିରୁ ମଲ୍ଲବୀରମାନେ ସନ୍ଧ୍ୟାବେଳକୁ ସଜବାଜ ହୋଇ ଯେ ଯାହାର ଅସ୍ତ୍ରଶସ୍ତ୍ର ନେଇ ଶୋଭାଯାତ୍ରାରେ ଯୋଗଦେବାକୁ ପ୍ରସ୍ତୁତ ହେଉଥିଲେ । ଶୋଭାଯାତ୍ରାରେ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରୁଥିଲେ ଖେଳଦେଖାଇ । ଯଥା: ଯେ ଖଣ୍ଡାବୁଲାଇ ପାରେ ସେ ଖଣ୍ଡା ବୁଲାଉଛି, ଯେ ଲାଠିଖେଳ ଜାଣେ ସେ ଲାଠି ବୁଲାଉଛି, ଯେ ବନାଟି ଖେଳ ଜାଣେ ସେ ନିଆଁ ଲଗାଇ ବନାଟି ବୁଲାଉଛି । ଏହି ବନାଟି ଖେଳ ଅତ୍ୟନ୍ତ ଆକର୍ଷଣୀୟ ଥିଲା । ସବୁଠାରୁ ବୀରତ୍ୱ ପ୍ରଦର୍ଶନ କରାଯାଉଥିଲା 'ନାଗା' ସାଜିବାରେ । ନାଗାର ବେଶ ଅତ୍ୟନ୍ତ ଭାରି । ତାକୁ ଉଠାଇବା କାଠି କର ପାଠ । ସେ ଭାର ଉତ୍ତୋଳନ କରି ଦୁଇ ହାତରେ ଦୁଇଟା ବନ୍ଧୁକ ନେଇ ତାକୁ ଫୁଟାଇ ଦେବାର କୃତିତ୍ୱ କେବଳ ବଳିଷ୍ଠ ବୀରମାନଙ୍କର ଏକଚାଟିଆ ଥିଲା । "ନାଗା" ସାଜିବା ଲୋକ ସାହିର ସବୁଠାରୁ

Digitized by srujanika@gmail.com

ଖ୍ୟାତିମାନ ବୀର ହିସାବରେ ପରିଗଣିତ ହେଉଥିଲେ । ମାତ୍ର ସାମାନ୍ୟ କେତେ ଜଣ ମଲ୍ଲ ଏହି କର୍ମ କରିବାର ଗୌରବ ଅର୍ଜନ କରୁଥିଲେ । ଏହିପରି ସୁସଜ୍ଜିତ ହୋଇ ସାହିର ବୀରମାନେ ଶୋଭାଯାତ୍ରା କରି ବାହାରି ନିଜ ନିଜର ଖେଳ ପ୍ରଦର୍ଶନ କରି ବଡ଼ଦାଣ୍ଡ ଆଡ଼କୁ ଗତି କରୁଥିଲେ । ସେହିପରି ସବୁ ସାହିର ଶୋଭାଯାତ୍ରା ସେଠାକୁ ଯାଉଥିଲା । ସେଠାରେ ବୀରତ୍ୱର ଏକ ବିରାଟ ପ୍ରତିଯୋଗିତା ହେଉଥିଲା । ବଡ଼ଦାଣ୍ଡ ହୋଇ ଯାଉଥିଲା ଲୋକାରଣ୍ୟ । ଯେଉଁ ସାହିର ଖେଳ ସବୁଠାରୁ ଉତ୍କୃଷ୍ଟ ହେଉଥିଲା, ସେ ସାହିକୁ ପୁରସ୍କାର ଦିଆଯାଉଥିଲା । ସେଥିପାଇଁ ବିଶିଷ୍ଟ ଲୋକଙ୍କର ଏକ ମଣ୍ଡଳ ବିଚାର କରୁଥିଲେ । ସାଇଯାତ୍ରା ହେଲା ସଙ୍ଘବଦ୍ଧ ଜୀବନର ପ୍ରତ୍ୟେକ ସାହିର ବୀରତ୍ୱର ଏକ ବିଶିଷ୍ଟ ପରିପ୍ରକାଶ । ଜୀବନୀ-ଶକ୍ତିର ଏକ ସ୍ପଷ୍ଟ ଝଲକ । ପ୍ରତ୍ୟେକ ସାହିରେ ଶାରୀରିକ ବ୍ୟାୟାମ ଯୋଗୁ ଯୁବକମାନେ ସୁସ୍ୱାସ୍ଥ୍ୟର ଅଧିକାରୀ ଥିଲେ । ସେମାନଙ୍କର ମାଂସପେଶୀ ସୁଦୃଢ଼ ଓ ସୁନ୍ଦର; ସ୍ୱାସ୍ଥ୍ୟ ସୌଷ୍ଠବାନ୍ୱିତ ଓ ସୁଗଠିତ । ସେମାନଙ୍କୁ ଦେଖିଲେ ପ୍ରାଣବନ୍ତ ବୋଲି ମନେ ହେଉଥିଲା । ସେ ପ୍ରାଣର ସ୍ପନ୍ଦନ ଅନେକ ପରିମାଣରେ ସମ୍ପ୍ରତି ମଉଳିଯାଇଛି ବୋଧହୁଏ ନିଶାଦ୍ରବ୍ୟ ସେବନରେ । ଆଗର ଉତ୍ସାହ, ଉଦ୍ଦୀପନା ଏକାବେଳକେ ଅନ୍ତର୍ହିତ । ବର୍ତ୍ତମାନ ଜେଗାଘରରେ ଆଗର ବାତାବରଣ ସମ୍ପୂର୍ଣ୍ଣ ଭାବେ ଅନୁପସ୍ଥିତ ।

ବଡ଼ ବଡ଼ ମଲ୍ଲମାନେ ନିଜର ହାତର ମାଂସପେଶୀରେ ମେଣ୍ଢାମାନଙ୍କର ସବଳ ଆକ୍ରମଣକୁ ପ୍ରତିହତ କରି ପାରୁଥିଲେ । ଆମ ସାହିର ଦୁଖୀସୁଆର ଦୁଇପଟେ ଦୁଇଟା ମେଣ୍ଢାର ପ୍ରହାରକୁ ଅକ୍ଳେଶରେ ଅଟକାଇ ପାରୁଥିଲେ । ସେ ଦୃଶ୍ୟ ଏବେ ମଧ୍ୟ ମାନସପଟରେ ଅକ୍ଷୁଣ୍ଣ ହୋଇ ରହିଛି । ସେ ଥିଲେ ବଳିଷ୍ଠ ଶରୀର ଓ ସୁସ୍ୱାସ୍ଥ୍ୟର ଗୋଟିଏ ଜୀବନ୍ତ ପ୍ରତିମୂର୍ତ୍ତି । କେବଳ ଆମ ସାହିରେ ନୁହେଁ, ସବୁ ସାହିରେ ଏକରୁ ବଳି ଏକ ମହାମଲ୍ଲ ସବୁ ଥିଲେ । ପୁଣି ଶାରୀରିକ ଶିକ୍ଷାର ଗୋଟିଏ ମଧ୍ୟସ୍ଥଳୀ ରୂପେ ପରିଗଣିତ ହେଉଥିଲା । ସେଥିପାଇଁ ଦୂରଦୂରାନ୍ତରୁ ବହୁ ମଲ୍ଲ ଲଢ଼େଇ କରିବା ପାଇଁ ଏଠାକୁ ଆସୁଥିଲେ ।

Digitized by srujanika@gmail.com

ଲଢ଼େଇ ଛଡ଼ା, ସନ୍ଧ୍ୟାବେଳେ କେବେ କେବେ ସଙ୍ଗୀତର ବୈଠକ ମଧ୍ୟ ବସୁଥିଲା । ପ୍ରସିଦ୍ଧ ଶିଳ୍ପୀମାନଙ୍କ ସଙ୍ଗୀତ ଶୁଣିବାର ସୁଯୋଗ ପ୍ରତ୍ୟେକ ସାହିର ଲୋକେ ପାଇପାରୁଥିଲେ । ଅନ୍ୟ କଥାରେ କହିବାକୁ ଗଲେ ଜେଗାଘରମାନେ ହେଉଛନ୍ତି ପୁରୁଣା "କ୍ଲବ୍" । ସେଠାରେ ସବୁ ରକମର ଆନନ୍ଦ ସଂଗ୍ରହର ଉପାଦାନ ଠୁଳ ଥିଲା । ବିଶ୍ଳେଷଣ କଲେ ବୁଝାଯିବ ଯେ କେତେ ପୁରୁଣା କାଳରୁ ଆମର ସଂଗଠିତ ଜୀବନର ପୂର୍ଣ୍ଣାବୟବ ପ୍ରକାଶ ଥିଲା ଏହି 'ଜେଗାଘର' । ଏହାର ସଂଗଠନ ପଛରେ କିପରି ଉଚ୍ଚ ମାନସିକତାର ପ୍ରେରଣା ରହିଅଛି ତାହା ଭାବିଲେ ବର୍ତ୍ତମାନ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପୁରୀ ରାଜାଙ୍କର ବୀର ଯୋଦ୍ଧାମାନେ ଏଠାରେ ଶିକ୍ଷା ଦେଉଥିଲେ ଲୋକଙ୍କୁ । ଯେଉଁମାନେ ଅତି ପାରଙ୍ଗମ ଥିଲେ ନାନା ଶସ୍ତ୍ରବିଦ୍ୟାରେ, ସେମାନଙ୍କୁ ଯୋଦ୍ଧାରୂପେ ସେନାବାହିନୀରେ ନିଯୁକ୍ତ କରାଯାଉଥିଲା । ସେକାଳର ପୁରୀର ରାଜାମାନେ ମଧ୍ୟ ଶାରୀରିକ କ୍ରୀଡ଼ା କୌଶଳରେ ଅତ୍ୟନ୍ତ ଅନୁରକ୍ତ ଥିଲେ । ଦିବ୍ୟସିଂହ ମହାରାଜା ନିଜେ କୁସ୍ତିବିଦ୍ୟାରେ ଅତ୍ୟନ୍ତ ପାରଙ୍ଗମ ଥିଲେ । ବଡ଼ ବଡ଼ ମଲ୍ଲମାନଙ୍କ ସହିତ କୁସ୍ତି ଲଢ଼ୁଥିବାର କଥା ଆମ୍ଭେମାନେ ପିଲାଦିନେ ଶୁଣିଥିଲୁ । ଶାରୀରିକ ଓ ମାନସିକ ବଳିଷ୍ଠତାର ଭିତ୍ତିଭୂମି ଏହି ପୁରୁଣା ଜେଗାଘର । ପୁରୀର ସମାଜବ୍ୟବସ୍ଥାର ଗୋଟିଏ ବିଶିଷ୍ଟ ଅଙ୍ଗ । ଏବେ ମଧ୍ୟ ଏହାର ପ୍ରଭାବ ସମ୍ପୂର୍ଣ୍ଣ ଲୁପ୍ତ ହୋଇ ଯାଇ-ନାହିଁ ।

ବୀରଭୂମି ଉତ୍କଳର ପରବର୍ତ୍ତୀ ସମୟରେ, ଅହିଂସ ମହା-ବୀରମାନଙ୍କର କାହାଣୀ କାହାରି ଅବିଦିତ ନାହିଁ । ଗୋପବନ୍ଧୁ, ନୀଳକଣ୍ଠ, ହରିହର, କୃପାସିନ୍ଧୁ, ଗୋଦାବରୀଶ ପ୍ରଭୃତି ମହାନ୍ ଯୋଦ୍ଧା-ମାନଙ୍କର ତ୍ୟାଗ ଓ କର୍ମବଳରେ ନୂତନ ପିଢ଼ିର ଉନ୍ମେଷ ହେଲା, ସ୍ୱାନ୍ତକୁ ତ୍ୟାଗକରି ଶାନ୍ତିର ପ୍ରଚେଷ୍ଟାରେ । ଜନ୍ମନେଲେ କେତେ ଭକ୍ତ ଆମର ପବିତ୍ର ମାତୃଭୂମିରେ । ନିଜର ସୁଖକୁ ଜଳାଞ୍ଜଳି ଦେଇ, ନିଜର ଶୁଦ୍ଧପୂତ ଜୀବନଦ୍ୱାରା ଗଢ଼ିଲେ ଓଡ଼ିଶାର ନୂତନ ଦିଗନ୍ତ ;

Digitized by srujanika@gmail.com

ଜାଳିଲେ ସ୍ୱାଧୀନତାର ହୋମାନଳ । ସେହି ଅଗ୍ନିକୁ ପ୍ରଜ୍ୱଳିତ କରିବା ପାଇଁ ଆସିଲେ ପରବର୍ତ୍ତୀ ଯୁଗର ବହୁ ଯୋଦ୍ଧା ସେମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ; ମାତୃଭୂମିର ମୁକ୍ତି ସଂଗ୍ରାମରେ ଯୋଗଦେଲେ ବହୁ ସଂଖ୍ୟାରେ । ସେଥିରେ ପୁରୀର ବହୁ ଅଗ୍ରଦୂତ ଥିଲେ— ଲୋକନାଥ ମିଶ୍ର (ପଙ୍କବାବୁ), ସଙ୍କର ମିଶ୍ର, ଜୟକୃଷ୍ଣ ମହାନ୍ତି, ବନମାଳି ପଟ୍ଟନାୟକ, ବିବୁଧେନ୍ଦ୍ର ମିଶ୍ର, ସୁରଜମଲ ସାହା, ଉପେନ୍ଦ୍ର ମହାନ୍ତି, ବ୍ରଜମୋହନ ମହାନ୍ତି ଇତ୍ୟାଦି । ସମୂହ ଚେଷ୍ଟାରେ ମୂକଜାତିର ମୁଖରେ ଭାଷା ଫୁଟିଲା ; ଜୀର୍ଣ୍ଣ ଜାତିର ବୁକୁରେ ଆଶା ଫୁଟିଲା । ମୁକ୍ତିର ମନ୍ଦିର ସୋପାନତଳେ, କେତେ ପ୍ରାଣ ହେଲା ବଳିଦାନ । ତାହାସବୁ ଅଶ୍ରୁଜଳରେ ଲେଖା ଅଛି । ମୁକ୍ତିର ଲେଲିହାନ ଅଗ୍ନିଶିଖା ଜଳିଉଠିଲା ସାରା ଭାରତବର୍ଷରେ । ସବୁ ବୀର ନିର୍ଦ୍ୱନ୍ଦ୍ୱରେ ନିଜକୁ ବଳିଦେଲେ ଭାରତର ମୁକ୍ତିପାଇଁ ବିଦେଶୀଶାସନ ଶୃଙ୍ଖଳରୁ । ନିର୍ଭୀକ ଯୋଦ୍ଧାମାନେ ନିଜପାଇଁ ସ୍ୱର୍ଗ ପ୍ରାର୍ଥନା କରି ନ ଥିଲେ । ସେମାନେ ଜାଣିଥିଲେ ସ୍ୱର୍ଗ ଅପେକ୍ଷା ଜନ୍ମଭୂମି ସେମାନଙ୍କର ବିଶେଷ ପ୍ରିୟ । ଅକାତରରେ, ବିନା-ଦ୍ୱିଧାରେ ନିଜର ଜୀବନ ଉତ୍ସର୍ଗ କରି ସେମାନେ ରଖିଯାଇଛନ୍ତି ଅମର କୀର୍ତ୍ତି । ଜାତି ଆଜି ସେମାନଙ୍କ ପାଦତଳେ ଜଣାଉଛି ସଶ୍ରଦ୍ଧ ପ୍ରଣତି ।

ପୂର୍ବଗାଥାରେ କହିଛି ଯୁଦ୍ଧଜୟର କାହାଣୀ । ଯୁଦ୍ଧ ଜୟ କରି ମଧ୍ୟ ବ୍ରିଟିଶଜାତି ପ୍ରଥମ ଶ୍ରେଣୀର କ୍ଷମତାରୁ ଓହରି ଆସିଲା ତୃତୀୟ ଶ୍ରେଣୀକୁ । ଅର୍ଥନୀତି ବିପର୍ଯ୍ୟସ୍ତ । ଜର୍ମାନିର ଆକ୍ରମଣରେ ବ୍ରିଟେନ ଶତଧା ବିଦୀର୍ଣ୍ଣ, ଧ୍ୱଂସସ୍ତୂପରେ ପରିଣତ । ସର୍ବତ୍ର ସାମ୍ରାଜ୍ୟ ବିରୁଦ୍ଧରେ ପ୍ରବଳ ବିଦ୍ରୋହ । ଅବଦମିତ ଜାତିମାନଙ୍କର ମୁକ୍ତିପାଇଁ ଅହରହ ସଂଗ୍ରାମ ଇଂରେଜ ଶାସନକୁ ବିକଳ କରିଦେଇଥିଲା । ସାମ୍ରାଜ୍ୟବାଦୀ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ କହିଥିଲେ ଯେ ସେ ସାମ୍ରାଜ୍ୟ ହାନିକର ଅବସ୍ଥାରେ ଶେଷ ପ୍ରଧାନମନ୍ତ୍ରୀ ହେବାକୁ ରାଜି ନୁହନ୍ତି । ସାମ୍ରାଜ୍ୟ ଧ୍ୱଂସକୁ ସେ କେବେହେଲେ ବରଦାସ୍ତ କରିପାରିବେ ନାହିଁ । ଯୁଦ୍ଧ ଜିତିବା ସତ୍ତ୍ୱେ ତାଙ୍କର ଦଳ ନିର୍ବାଚନରେ ହାରିଗଲେ । Clement Atlee ହେଲେ ପ୍ରଧାନମନ୍ତ୍ରୀ । ଭାରତର ସ୍ୱାଧୀନତା ଦେବାପାଇଁ ସେ ଇଚ୍ଛୁକ ହେଲେ । ନେତାମାନଙ୍କୁ କାରାରୁ ଅବ୍ୟାହତି ଦିଆଗଲା । ବହୁ ବର୍ଷର ପରେ ଉପସ୍ଥିତ ହେଲା

Digitized by srujanika@gmail.com

ସେହି ଯୁଗ ଯୁଗ ଧରି ଆକାଙ୍‌କ୍ଷିତ ବାଞ୍ଛିତ ମୁହୂର୍ତ୍ତ ଭାରତର ମୁକ୍ତିର, ସ୍ୱାଧୀନତାର । ପରାଧୀନତାର ଶୃଙ୍ଖଳ ଖସିପଡ଼ିଲା ଚିରଦିନପାଇଁ ।

୧୯୪୭ର ଅଗଷ୍ଟ ପନ୍ଦର ନିଶାରେ ଜାତିର ମହାନିଶାର ଅବସାନ ହେଲା । ଆକାଶବାଣୀରୁ ନିର୍ଗତ ହେଲା ରାତି ବାରଟାରେ ସେହି ପ୍ରତୀକ୍ଷିତ ବଜ୍ର ନିର୍ଘୋଷ ଜବାହରଲାଲଙ୍କ କଣ୍ଠରୁ—ସେହି ଅଭୟବାଣୀ "India had a tryst with Destiny………" ଭାରତର ଭାଗ୍ୟାକାଶରେ ଉଦୟ ହେଲା ନୂତନ ସୂର୍ଯ୍ୟ ନବଲବ୍‌ଧ ସ୍ୱାଧୀନତାର । ବହୁ ଶତାବ୍ଦୀ ଧରି ନିଷ୍ପେଷିତ, ଅତ୍ୟାଚାରିତ, ଅବହେଳିତ ଏକ ମହାନ୍ ଜାତି ଜାଗିଉଠିଲା ଏକ ଭୟଙ୍କର ଦୁଃସ୍ୱପ୍ନରୁ । ଭାରତ ସ୍ୱାଧୀନ ହେଲା ।

ସେଦିନର ମହାନନ୍ଦର ସ୍ରୋତ, ଉନ୍ମାଦନାର ପ୍ରବାହ, ନବ ମୁକ୍ତିର ସ୍ୱାଦ ଆମ୍ଭମାନଙ୍କ ଜୀବନରେ ଆଣିଦେଲା ଏକ ନୂତନ ଅନୁଭୂତି ଯାହାକୁ ପ୍ରକାଶ କରିବାର କ୍ଷମତା ସୀମିତ ; ମାତ୍ର ଅନ୍ତରରେ ଉପଲବ୍‌ଧି କରିବାର ଆନନ୍ଦ ଅସୀମ । ଏହା ଏକ ପବିତ୍ର ମୁହୂର୍ତ୍ତ ଇତିହାସର ସନ୍ଧିକ୍ଷଣର, ଏକ ଆଖ୍ୟାୟିକା ନବ ଜାଗରଣର । ଆମ୍ଭେମାନେ ପ୍ରକୃତ ପକ୍ଷେ ଅତ୍ୟନ୍ତ ଭାଗ୍ୟବାନ ଯେ ଇତିହାସର ଏହି ଅଦ୍ଭୁତ ପଦକ୍ଷେପ ଆମ ଆଖି ଆଗରେ ଦେଖିଲୁ । ଦେଖିଲୁ ଇତିହାସ ସାମ୍ରାଜ୍ୟବାଦକୁ ପାଦରେ ଦଳିଦେଇ ଆଗେଇ ଯାଉଛି ଆମର ଜୀବଦ୍ଦଶାରେ ଏକ ନୂତନ ସମାଜ ସୃଷ୍ଟି କରିବାକୁ । ଅଗଷ୍ଟ ଷୋଳ ତାରିଖ ସକାଳେ ନରନାରୀ ଉନ୍ମୁକ୍ତ ମନରେ ରାସ୍ତାଘାଟରେ ବିଚରଣ କରିବାକୁ ଲାଗିଲେ । ସବୁଆଡ଼େ ଶୁଭ ଶଙ୍ଖଧ୍ୱନି ନବଜାତକ ପାଇଁ, ନବଭାରତ ପାଇଁ । ସେମାନଙ୍କ ମନରେ ଜୁଆର ଏକ ନବ ଉପଲବ୍‌ଧ ସ୍ୱାଧୀନତାର । ସାରା ଭାରତବର୍ଷ ଉଦ୍‌ବେଳ । କେତେଦିନର ଆଶାନିରାଶାରେ ଦୋଳାୟିତ ଚିତ୍ତ ଆଜି ଚିରପ୍ରାର୍ଥିତ ବସ୍ତୁ ଲାଭ କରିଅଛି । ଏ ଉନ୍ମାଦନାର ତୁଳନା ନାହିଁ । 'ସ୍ୱାଧୀନତା' ଏହି ଚାରୋଟି ଅକ୍ଷରରେ କି ଯାଦୁ ଅଛି ସେହି ଦିନ ଆମେ ବୁଝିଲୁ । ଭୂଲୁଣ୍ଠିତ ପଡ଼ିଛି ବ୍ରିଟିଶ ଶାସନର ସୁବୃହତ୍ ଅଟ୍ଟାଳିକା, ଇଂରେଜ-ମାନଙ୍କର ସ୍ପର୍ଦ୍ଧାର ତୋରଣ, ଅତ୍ୟାଚାରର କଳୁଷିତ କଳା । ଇଉନିଅନ ଜ୍ୟାକ୍ ଓହ୍ଲେଇ ଯାଇଛି ଚିରଦିନ ପାଇଁ ଭାରତବର୍ଷରୁ । ଗଗନପବନରେ ଉନ୍ମୁକ୍ତ ଆକାଶରେ ଉଡ଼ୁଛି ଫର ଫର ହୋଇ ଭାରତର ତ୍ରିରଙ୍ଗା

ପତାକା—ଭାରତୀୟଙ୍କର ଆଶା ଆକାଙ୍‌କ୍ଷାର ପ୍ରତୀକ । ଜୟତୁ ଭାରତ ବର୍ଷଂ । ବନ୍ଦେମାତରମ୍ ।

ଭାବିଲି ପୁରୁଷୋତ୍ତମ କ୍ଷେତ୍ରର ପ୍ରଥମପାଦ ବୋଧହୁଏ ଶେଷ ହୋଇ ଆସିଲା ସ୍ୱାଧୀନତା ସହିତ, ମୁଁ ସ୍ୱାଧୀନ ହୋଇ କ୍ଷୁଦ୍ର ଗଣ୍ଡୀରେ ଆବଦ୍ଧ ହୋଇ ରହିବି କାହିଁକି ? ନିତ୍ୟନୂତନର ଅନୁସନ୍ଧାନରେ ବାହାରିବାର ସମୟ ଆସିଲା ବୋଧହୁଏ । ମୋର କ୍ଷୁଦ୍ର ମନ ବଡ଼ ଚଞ୍ଚଳ ହୋଇ ଆସିଲା । ଏଇ ଶ୍ରେଷ୍ଠ ସହରଟିରେ ଆଜନ୍ମ ଆବଦ୍ଧ । ନବଦ୍ୱିଗ୍‌ବଳୟ ଦେଖିବାର ପିପାସା ମୋର ବାଲ୍ୟକାଳରୁ । ଯେଉଁଠି ଯାହା ସୁନ୍ଦର, ଯାହା ଅଭିନବ, ଯାହା ମନୋମୁଗ୍‌ଧକର ତାହା ପ୍ରତି ଆଦର ପ୍ରତିନିୟତ ପରିସ୍ଫୁଟ ମୋ ମନରେ ।

ସ୍ନାତକ ଶିକ୍ଷାର ବେଳ ଆସିଲା । ଭାବିଲି ଏଇ ତ ସୁଯୋଗ । ଏଥର ଓଡ଼ିଶାର ବାହାରେ ପଢ଼ିଲେ ଖୁବ୍ ଭଲ ହୁଅନ୍ତା । ସୁଯୋଗ ମିଳିଗଲା ମଧ୍ୟ । ଶ୍ରୀ ଶ୍ରୀ କାଳୀଙ୍କ ମନ୍ଦିରର ନିକଟରେ ରହିବାର ଡାକରା ଆସିଲା କଲିକତାରୁ । ଉଦ୍ଭିଦ ବିଜ୍ଞାନ କଲିକତା ବିଶ୍ୱବିଦ୍ୟାଳୟର ପ୍ରଧାନ ଅଧ୍ୟାପକ ଡକ୍ଟର ଇନ୍ଦୁବନ୍ତ ବାନାର୍ଜିଙ୍କ ଘରେ ରହି ପଢ଼ିପାରିବି ବନାହିଧାରେ । ସେ ମୋ ପିତାଙ୍କର ଘନିଷ୍ଠ ବନ୍ଧୁ । ଚିଠି ଲେଖି ମୋତେ ଡାକିନେଇଥିଲେ । ମୁଁ ପୁରୀରୁ ସାମୟିକ ବିଦାୟ ନେଲି ।

(୨)

ନାଦବ୍ରହ୍ମ

ଖ୍ରୀଷ୍ଟିଆନ୍‌ମାନଙ୍କର ଧର୍ମଗ୍ରନ୍ଥ ବାଇବେଲ୍‌ରେ ସୃଷ୍ଟି ରହସ୍ୟର ବର୍ଣ୍ଣନା ଏହିପରି :—

"First there was word. Word was with God. God said let there be light and there was light." ପ୍ରଥମ ଥିଲା ନାଦ । ନାଦ ଥିଲା ଭଗବାନଙ୍କ ପାଖରେ । ଭଗବାନ କହିଲେ—"ଆଲୋକ ଜାତ ହୁଅ ।" ଆଲୋକର ଜନ୍ମ ହେଲା । ସୃଷ୍ଟିର ରହସ୍ୟ ଆଦିକାଳରୁ ମନୁଷ୍ୟମନକୁ ଆନ୍ଦୋଳିତ କରିଆସୁଛି । ଏ ବିଷୟରେ ବୈଜ୍ଞାନିକ ଚିନ୍ତା ମଧ୍ୟ ଅପରିସୀମ । କେତେକ ଜ୍ୟୋତିର୍ବିଜ୍ଞାନୀଙ୍କ ମତରେ ସୃଷ୍ଟିର ରହସ୍ୟ ବିଶାଳ—ପ୍ରଚଣ୍ଡ-ନାଦ ମଧ୍ୟରେ ସନ୍ନିବେଶିତ । ଏହି ଅଭୂତପୂର୍ବ, ଅଭାବନୀୟ ଶକ୍ତି-ସଂଯୁକ୍ତ ନାଦ ଯେଉଁ ମହାସ୍ପନ୍ଦନ ସୃଷ୍ଟିକଲା ସେଥିରୁ ଜାତହେଲା ବିଶ୍ୱବ୍ରହ୍ମାଣ୍ଡ । ଏହି ସ୍ପନ୍ଦନର ଘୂର୍ଣ୍ଣାୟମାନ ତରଙ୍ଗ ଲୀଳାୟିତ ହୋଇ ସମଗ୍ରବିଶ୍ୱରେ ସଂଚାର କଲା ଦୁର୍ନିବାର ଗତି । ଏହି ଗତି ଜଡ଼ ଓ ଚୈତନ୍ୟମୟ ପିଣ୍ଡମଧ୍ୟରେ ପ୍ରବିଷ୍ଟ ହୋଇ ଗତିଶୀଳ କଲା ସମଗ୍ର ନୀହାରିକାପୁଞ୍ଜ ଓ ଚନ୍ଦ୍ରଧର୍ଷିତ ତାରକା ଓ ଗ୍ରହରାଜିକୁ ; ସମଗ୍ର ଆଲୋକ ମଣ୍ଡଳ ମଧ୍ୟବର୍ତ୍ତୀ ସୃଷ୍ଟି ଗତିଶୀଳ ହୋଇ ଭ୍ରମଣ କରିବାକୁ ଲାଗିଲେ ଏକ ଅଜଣା, ଅଶୁଣା ନୀତିନିୟମକୁ ଅନୁସରଣ କରି । ଏହି ଅଜ୍ଞାତ ବିଶ୍ୱନିୟମର ପଦ୍ଧତି, ରୂପରେଖ ଓ ନୀତିର ଅନୁଧାବନ କରୁଛି ବିଜ୍ଞାନ ତାର ଅପାର ଜିଜ୍ଞାସା ନେଇ । ଏହା କେତେକ ଜ୍ୟୋତି-ର୍ବିଜ୍ଞାନୀଙ୍କର ମତମାତ୍ର । ଏଥିରେ ଅନେକ ମତପାର୍ଥକ୍ୟ ରହିଛି । କିନ୍ତୁ Big Bang Theory ଗୋଟିଏ ବହୁଳ ଚର୍ଚ୍ଚିତ ବୈଜ୍ଞାନିକ ତଥ୍ୟ । ଏହି ତଥ୍ୟର ମେଳ ଅଛି ଉପର୍ଯ୍ୟୁକ୍ତ ଖ୍ରୀଷ୍ଟିୟାନ ଧର୍ମ ପୁସ୍ତକରେ ନିହିତ ବିଶ୍ୱରହସ୍ୟର ବର୍ଣ୍ଣନା ସହିତ ।

Digitized by srujanika@gmail.com

ସେହିପରି ଆମ ଶାସ୍ତ୍ର ବର୍ଣ୍ଣିତ ସୃଷ୍ଟିରହସ୍ୟ ମଧ୍ୟ ଅନେକାଂଶରେ ନାଦବ୍ରହ୍ମସମ୍ପୃକ୍ତ ବୋଲି ମନେ ହୁଏ । ବର୍ଣ୍ଣନା ଅଛି ହିରଣ୍ୟଗର୍ଭଙ୍କର । ପ୍ରଥମେ ହିରଣ୍ୟଗର୍ଭ ମହାନିଦ୍ରାରେ ଶାୟିତ ଥିଲେ । ତାଙ୍କ ଗର୍ଭରୁ ପଦ୍ମଯୋନି ବ୍ରହ୍ମା ଜାତ ହେଲେ । ହିରଣ୍ୟଗର୍ଭଙ୍କଠାରୁ ପଦ୍ମଯୋନି ବ୍ରହ୍ମା ନିର୍ଦ୍ଦେଶ ଚାହିଁଲେ ବିଶ୍ୱ ସୃଷ୍ଟି କରିବାକୁ । ମାତ୍ର ତତ୍କ୍ଷଣାତ୍ ହିରଣ୍ୟ-ଗର୍ଭଙ୍କ କର୍ଣ୍ଣମୂଳରୁ ଜାତ ହେଲେ ଦୁଇ ଅସୁର—ମଧୁ ଓ କୈଟଭ । ସେମାନେ ବ୍ରହ୍ମାଙ୍କୁ ଗ୍ରାସ କରିବାକୁ ଉଦ୍ୟତ ହେଲେ । ଯେତେବେଳେ ହିରଣ୍ୟଗର୍ଭ ଦେଖିଲେ ଯେ ପଦ୍ମଯୋନି ବ୍ରହ୍ମା ଆକ୍ରାନ୍ତ, ସେତେବେଳେ ସେ ମଧୁ ଓ କୈଟଭଙ୍କୁ ଚକ୍ରରେ ଛେଦନ କଲେ । ଅସୁରଦ୍ୱୟ ନିପାତ ହେବା ପରେ, ବ୍ରହ୍ମା ସୃଜନରେ ମନୋନିବେଶ କଲେ । ସମଗ୍ର ବିଶ୍ୱରେ ଓଁକାର ପରିବ୍ୟାପ୍ତ ହେଲା । ଏହି ଗଭୀର ଓଁକାରଧ୍ୱନି ସମଗ୍ର ବିଶ୍ୱକୁ ଅନୁରଣିତ କରି ପ୍ରବାହିତ ହେଲା ଅନାହତ ଧ୍ୱନିରୂପେ । ସେହି ଅନାହତ ଧ୍ୱନି ସହିତ ନୃତ୍ୟ କରିବାକୁ ଲାଗିଲେ ସବୁ ଗ୍ରହ, ନକ୍ଷତ୍ର, ତାରକାପୁଞ୍ଜ ଓ ନୀହାରିକାପୁଞ୍ଜ ।

ସୃଷ୍ଟିରହସ୍ୟ ଭେଦକରିବାର ଧୃଷ୍ଟତା ମୋପରି ପଲ୍ଲବଗ୍ରାହୀ କ୍ଷୁଦ୍ରବୁଦ୍ଧି ପକ୍ଷରେ ଅତ୍ୟନ୍ତ ଅଶୋଭନୀୟ । କିନ୍ତୁ ବିଭିନ୍ନ ସଙ୍ଗୀତର ନାଦ ମୋ ମନଉପରେ ପ୍ରଭାବ ବିସ୍ତାର କରିଛି ପିଲାଦିନରୁ । ବଡ଼ବଡ଼ିଆଙ୍କ-ଠାରୁ ଅନେକ ଗପ ବି ଶୁଣିଛି ଏ ବିଷୟରେ । ଯେପରି ବୃନ୍ଦାବନର ମହାନ୍ ଆଚାର୍ଯ୍ୟ ହରିଦାସ ଠାକୁରଙ୍କ ବିଷୟରେ । ଥରେ ହରିଦାସ ଠାକୁର ବନ ମଧ୍ୟରେ ବିଚରଣ କଲାବେଳେ ଶୁଣିଲେ ଗୋଟିଏ ବାଳକର ପ୍ରଚେଷ୍ଟା—ସିଂହନାଦର ଅନୁକରଣ । ସେ ବୁଝିପାରିଲେ ଏହି ବାଳକ ଅସାମାନ୍ୟ ଶ୍ରୁତିଧର । ଯାହା ଶୁଣୁଛି ତାହା ତା'ର କଣ୍ଠରେ ଅନୁକରଣ କରିପାରୁଛି । ଜାଣିଲେ ଯେ ଏହି ବାଳକ ଅସୀମ-କ୍ଷମତା-ସମ୍ପନ୍ନ । ତାଙ୍କୁ ସଙ୍ଗୀତ ଶିକ୍ଷା ଦେବେ ବୋଲି ନିଜ ଆଶ୍ରମକୁ ନେଇଗଲେ । ତାଙ୍କୁ ସମସ୍ତ ରାଗରାଗିଣୀସମ୍ବଳିତ ଉଚ୍ଚାଙ୍ଗ ସଙ୍ଗୀତ ଶିକ୍ଷାଦାନ କଲେ । ପରେ ସେହି ବାଳକ ଭାରତବର୍ଷର ସର୍ବଶ୍ରେଷ୍ଠ ଗାୟକ ତାନସେନରେ ପରିଣତ ହୋଇଥିଲେ । ପ୍ରବାଦ ଅଛି ଯେ ତାନସେନ ମେଘମଲ୍ଲାର ରାଗିଣୀ ଗାଇଲେ ବର୍ଷା ହେଉଥିଲା; ଦୀପକ ରାଗିଣୀ ଗାଇଲେ ଦୀପସବୁ ଜଳିଉଠୁଥିଲା । ତାଙ୍କର ସରସ ଲହରୀରେ

Digitized by srujanika@gmail.com

ଶ୍ରୋତାମାନେ ଭାବବିହ୍ୱଳ ହୋଇ ମୂର୍ଚ୍ଛିତ ହୋଇ ପଡ଼ୁଥିଲେ । ସଙ୍ଗୀତର କିମ୍ବଦନ୍ତୀ ପୁରୁଷ ମିଆଁ ତାନସେନ ଆକବରଙ୍କ ସଭାରେ ଶ୍ରେଷ୍ଠ ଆସନ ଅଳଙ୍କୃତ କରିଥିଲେ ।

କିମ୍ବଦନ୍ତୀ ଯାହା କହୁନା କାହିଁକି ସଙ୍ଗୀତର ପ୍ରଭାବ ଦୁର୍ଦ୍ଦମନୀୟ । ଏପରିକି ବିଷଧର ସର୍ପ ସଙ୍ଗୀତର ପ୍ରଭାବରେ ଦୋଳାୟମାନ । ବିଜ୍ଞାନ ମଧ୍ୟ ପ୍ରମାଣ କରିଛି ଯେ ସଙ୍ଗୀତ ପରିବେଷଣରେ ଉଦ୍ଭିଦର ବୃଦ୍ଧି ତ୍ୱରାନ୍ୱିତ ହୁଏ । ସଙ୍ଗୀତର ମୋହମୟ ମୂର୍ଚ୍ଛନା ପ୍ରାଣୀକୁ ଦିଏ ଅପାର ଆନନ୍ଦ ଓ ଅମୃତର ସ୍ୱାଦ । ନାଦର ଏତେ ପ୍ରଭାବ କାହିଁକି ? ନିଶ୍ଚୟ ଏଥିମଧ୍ୟରେ କିଛି ଅନ୍ତର୍ନିହିତ ତଥ୍ୟ ରହିଛି । ବ୍ରହ୍ମର ସ୍ୱରୂପ ସତ୍, ଚିତ୍, ଆନନ୍ଦ ବୋଲି ଭରିତ ଉପନିଷଦର ଭାଷାରେ । ସଙ୍ଗୀତର ନାଦ ଆନନ୍ଦ ବହନ କରି ଆଣେ ଶ୍ରୋତାମାନଙ୍କ ପାଇଁ । ତେଣୁ ଯେ ଏହି ନାଦ-ବ୍ରହ୍ମର କିପରି ପ୍ରକାଶ ହୋଇଥିବ ସେଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ଆର୍ଯ୍ୟ ଋଷିମାନଙ୍କର ବେଦପାଠ ହ୍ରସ୍ୱ ଦୀର୍ଘ ଓ ପ୍ଳୁତ ସ୍ୱରରେ ଏକ ଅତି ବିଶିଷ୍ଟ ସଙ୍ଗୀତର ଦ୍ୟୋତକ ଥିଲା । ବେଦପାଠ ଅତି ମନୋମୁଗ୍ଧକର ଓ ଆକର୍ଷଣୀୟ । ସେହି ଅପୂର୍ବ ସ୍ୱରରେ ବେଦପାଠ ଅନ୍ତରାତ୍ମାକୁ ଜାଗରିତ କରୁଥିଲା । ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀରେ ତାଙ୍କର ଏ ବିଷୟରେ ଏକ ଅଭିଜ୍ଞତାର ଉଲ୍ଲେଖ ରହିଛି । ପରିବ୍ରାଜକ ବିବେକାନନ୍ଦ ଯେତେବେଳେ ପଞ୍ଜାବରେ ଥିଲେ ସେ ଅତି ପ୍ରତ୍ୟୁଷରେ ଉଠି "ରାଭି" ନଦୀରେ ସ୍ନାନ କରିବାକୁ ଯାଇ ଏକ ଭିନ୍ନ ସ୍ୱରରେ ବେଦପାଠ ଶୁଣିଲେ ଯାହା ପରିଚିତ ଧ୍ୱନିରୁ ସମ୍ପୂର୍ଣ୍ଣ ଅଲଗା । ଅଦୃଶ୍ୟ କଣ୍ଠସ୍ୱରରୁ ଏହି ବେଦପାଠ ନିନାଦିତ ହେଉଥିଲା । ସେ ମୁଗ୍ଧ ହୋଇ ଶୁଣିଲେ । ଭାବିଲେ ବେଦପାଠର ଉପଯୁକ୍ତ ଧ୍ୱନି କାଳକ୍ରମେ ଅନେକାଂଶରେ ଅପଭ୍ରଂଶ ହୋଇ ଅଧୁନା ଉଚ୍ଚାରିତ ସ୍ୱରରେ ପର୍ଯ୍ୟବସିତ ହୋଇଅଛି । ପୁରାତନ ଧ୍ୱନି ଅନନ୍ୟଗ୍ରାମର ସଙ୍ଗୀତର ମୂର୍ଚ୍ଛନା ଥିଲା ।

ମୁଁ ସଙ୍ଗୀତଜ୍ଞ ନୁହେଁ । ଅତି ସାଧାରଣ ଶ୍ରୋତାମାତ୍ର । କିନ୍ତୁ ମୁଁ କଲିକତାକୁ ଆସିବା ପରେ ବହୁ ସଙ୍ଗୀତଜ୍ଞମାନଙ୍କ ସଂସର୍ଗରେ ଆସିବାର ବିଶେଷ ସୌଭାଗ୍ୟ ମୋର ହୋଇଥିଲା । ସେମାନଙ୍କଠାରୁ ଯାହା ଜାଣିଛି

Digitized by srujanika@gmail.com

ବା ଶୁଣିଛୁ ତାହା ଏଠାରେ ଲିପିବଦ୍ଧ କରୁଛୁ । ମୋର ଜଣେ ବନ୍ଧୁଙ୍କ ପିତା ଥିଲେ ଶ୍ରୀ ସୁରେଶ ଚକ୍ରବର୍ତ୍ତୀ । ସେ ସଙ୍ଗୀତ ବିଜ୍ଞାନୀ ଥିଲେ । All India Radio ର ଉଚ୍ଚପଦରେ ଦିଲ୍ଲୀରେ ଆସୀନ ଥିଲେ । ଦିନେ ସେ ଆସିଲେ ଆମ୍ଭମାନଙ୍କ ନିକଟକୁ ଦିଲ୍ଲୀରୁ । ଆମେସବୁ ଖୁବ୍ ଆନନ୍ଦିତ ହେଲୁ । ମୁଁ ପଚାରିଲି ଆପଣଙ୍କର କୌଣସି ବିଶେଷ ଅଭିଜ୍ଞତା ଥିଲେ ଆମକୁ ଜଣାଇ କୃତାର୍ଥ କରନ୍ତୁ ।

ସେ କହିଲେ ଯେ ପ୍ରଥମ ଜୀବନରେ ସେ ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ ପ୍ରଚେଷ୍ଟାରେ ଯୁକ୍ତ ଥିଲେ । ଯେତେବେଳେ ବ୍ରିଟିଶ ସରକାର ସେମାନଙ୍କର ପଶ୍ଚାଦ୍ଧାବନ କଲେ, ସେତେବେଳେ ସେ ପୂର୍ବବଙ୍ଗର (ବର୍ତ୍ତମାନ ବାଂଲାଦେଶ) ଜଙ୍ଗଲରେ ଲୁଚି ରହିଲେ । ଦିନକର ଘଟଣା । ଗୋଟିଏ ଲୋକକୁ ସାପ କାମୁଡ଼ିଥାଏ । ଜଣେ ଓଝାକୁ ଡକାହେଲା । ସେ ଆସି ମନ୍ତ୍ରପାଠ କଲା । ବେଶ୍ କିଛିସମୟ ମନ୍ତ୍ରପାଠ କଲା ପରେ ସେ ଆହତ ଲୋକଟି ସୁସ୍ଥ ହୋଇ ଉଠିଲା । ସୁରେଶବାବୁ ଲକ୍ଷ୍ୟକଲେ ଯେ ମନ୍ତ୍ରଟି ଆଉ କିଛି ନୁହେଁ—ଗୋଟିଏ ସୁଲଳିତ ସଙ୍ଗୀତର ଧାରା । କିନ୍ତୁ ପ୍ରଚଳିତ ସଙ୍ଗୀତ ସହିତ ତାହାର କୌଣସି ମେଳ ନାହିଁ । ତାହା ଗୋଟିଏ ଅନ୍ୟରୂପର ସଙ୍ଗୀତ । ଅନ୍ୟ 'ଗ୍ରାମ'ର ମଧ୍ୟ ହୋଇପାରେ । ମୁଁ କହିଲି—ତାନସେନଙ୍କର ପ୍ରସିଦ୍ଧ ଧ୍ରୁପଦର ବାଣୀରେ "ସପ୍ତସୁରନ ତିନଗ୍ରାମ ଗାବତ ସବ ମୁନିଜନ, ସୁରେଁକୋ ମିଲାଓ" ବୋଲି ଉଲ୍ଲେଖ ଅଛି । ଏହି ତିନୋଟି ଗ୍ରାମ କଣ ? ସେ କହିଲେ ଆମେ କେବଳ ଗୋଟିଏ ଗ୍ରାମ ସହିତ ପରିଚିତ । ଅନ୍ୟ ଦୁଇଟି ଗ୍ରାମ (style ବା level) କାଳର କରାଳ କବଳରେ ଲୁପ୍ତ ହୋଇ ଯାଇଅଛି ବୋଧହୁଏ । କାରଣ ତାର ଆଉ ଉଲ୍ଲେଖ ମିଳେନାହିଁ । ଏହି ମନ୍ତ୍ରସଙ୍ଗୀତ ସେଇ ଲୁପ୍ତ ଧାରାର ଏକ ଅଂଶବିଶେଷ ହୋଇପାରିଥାଏ । ସେ ଜଣାଇଲେ ଯେ ଓଝାକୁ ସେ ଅନେକ ଅନୁନୟ ବିନୟ କରିଥିଲେ ସଙ୍ଗୀତଟି (ବୋଲିବାର ଶୈଳୀ) ତାଙ୍କୁ ଶିଖାଇ ଦେବାକୁ । ସେ ବିନିମୟରେ ଅର୍ଥ ଦେବାକୁ ମଧ୍ୟ ରାଜି ଥିଲେ । ମାତ୍ର ଓଝା କହିଲା ତାର ଗୁରୁଙ୍କର ମନା ଅଛି ଅନ୍ୟକୁ ଜଣାଇ ଦେବା ବିରୋଧରେ । ତେଣୁ ସେ କୌଣସିମତେ ସୁରେଶବାବୁଙ୍କୁ କହିଲା ନାହିଁ । କିନ୍ତୁ ସୁରେଶବାବୁଙ୍କର ମନରେ ସେହି ସ୍ୱର ଗଭୀର ରେଖାପାତ

Digitized by srujanika@gmail.com

କରିଥିଲ । ସେ ବହୁ ଚେଷ୍ଟା କରି ମଧ୍ୟ ସେ ସଙ୍ଗୀତର ଶୈଳୀର ଅନୁକରଣ କରିପାରି ନ ଥିଲେ ।

ଏହି ଦୃଷ୍ଟାନ୍ତରୁ ପ୍ରଣିଧାନ ହୁଏ ଯେ 'ନାଦ'ର ବହୁ ରୂପ ଅଛି । କେଉଁଠି ବା ନାଦ ଆନନ୍ଦପ୍ରଦାନ କରୁଛି । ଅନ୍ୟତ୍ର ବିଷହରଣ କରିପାରୁଅଛି । ପୁଣି କେଉଁଠି ବା ସାଧନର ଅଙ୍ଗ ହୋଇ ଈଶ୍ୱର ଲାଭରେ ସାହାଯ୍ୟ କରୁଅଛି । ମହାପୁରୁଷମାନେ ଯେଉଁ 'ନାମ'ର ପ୍ରଚାର କରିଯାଇଛନ୍ତି ତାହା ନାଦର ରୂପାନ୍ତର ମାତ୍ର । ଅହରହ ନାମ ନେଇ ବା ସଂକୀର୍ତ୍ତନ କରି ମନୁଷ୍ୟ ତାର ଇଷ୍ଟଲାଭ କରିବାରେ ସମର୍ଥ ହେଉଛି । ଏଥିରୁ ବୁଝାଯାଏ ଯେ 'ମନୁଷ୍ୟ-ଲୋକରେ' ନାଦର ପ୍ରଚଳନ, ବ୍ୟବହାର ଓ ପ୍ରକୃଷ୍ଟ ଉପଯୋଗ ମାନବକୁ ଈଶ୍ୱରଙ୍କ ଆଡ଼କୁ ନେଇଥାଏ ।

ନାଦର ଅଦ୍ଭୁତ କ୍ଷମତା ଏଯୁଗରେ ମଧ୍ୟ ମହାନ୍ ସଙ୍ଗୀତଜ୍ଞମାନେ ପ୍ରମାଣ କରିଦେଇ ଯାଇଅଛନ୍ତି । ଶ୍ରୀ ଜ୍ଞାନପ୍ରକାଶ ଘୋଷ ତାଙ୍କର ଜୀବନୀ ଗ୍ରନ୍ଥ "ତହଜୀବି-ଇ-ମୌସିକି"ରେ ଗୋଟିଏ ବିରଳ ଦୃଷ୍ଟାନ୍ତର ବର୍ଣ୍ଣନା କରିଅଛନ୍ତି । ତାଙ୍କ ଘର କଲିକତାର ଡିକ୍‌ସନ ଲେନରେ । ସେଠାକୁ କେତେ ଯେ ପ୍ରସିଦ୍ଧ ଗାୟକ, ବାଦକ, ଯନ୍ତ୍ରୀ, କଳାବନ୍ତ ଆସିଛନ୍ତି ତାର କଳନା ନାହିଁ । ଥରେ ଓସ୍ତାଦ ବଡ଼େ ଗୁଲାମ୍ ଅଲି ଖାଁ ଆସିଥିଲେ । ସେଦିନ ବିଶେଷ ବ୍ୟବସ୍ଥା ଥିଲା କେବଳ ଗୁଣଗ୍ରାହୀ କଳାକାରମାନଙ୍କର ଶ୍ରବଣ ନିମନ୍ତେ । ଅଳ୍ପ କେତେଜଣ ସଙ୍ଗୀତଜ୍ଞ କଛି "ଖାସ୍ ଚିଜ" ଶୁଣିବାପାଇଁ ଉଦ୍‌ଗ୍ରୀବ ହୋଇଥିଲେ । ଓସ୍ତାଦ ବଡ଼େ ଗୁଲାମ ଅଲି ମଧ୍ୟ ଏପରି ଶ୍ରୋତାମାନଙ୍କୁ ପାଇ ଅନୁପ୍ରାଣିତ ହୋଇଥିଲେ । ସେଦିନ ଅତି ନିଷ୍ଠାର ସହିତ ଆନ୍ତରିକଭାବରେ ସଙ୍ଗୀତ ପରିବେଷଣ କଲେ । ଆସ୍ତେ ଆସ୍ତେ ସଙ୍ଗୀତ ତାର ଧ୍ୱନିରାଜିର ବିସ୍ତାର କରି ମୋହମୟ ସ୍ତରରେ ବିଚରଣ କରିବାକୁ ଲାଗିଲା । ଶ୍ରୋତାମାନେ ମୁଗ୍ଧ ହୋଇ ଶୁଣୁଛନ୍ତି । ହଠାତ୍ ସେମାନଙ୍କୁ ମନେ ହେଲା ଯେପରି ସେମାନେ ଅଶ୍ରୁତପୂର୍ବ ଅନୁଭୂତି ଆଡ଼କୁ ଗତି କରୁଛନ୍ତି । କ୍ରମେ କ୍ରମେ ସେମାନେ ସଂଜ୍ଞା ହରାଇ ପକାଇଲେ । ଏପରି ଅବସ୍ଥାରେ ଜ୍ଞାନବାବୁ କେବଳ ସମ୍ପୂର୍ଣ୍ଣ ମୂର୍ଚ୍ଛିତ ନ ହୋଇ ମୋହଗ୍ରସ୍ତ ଅବସ୍ଥାରେ ଅନ୍ୟମାନଙ୍କୁ ଚାହିଁ ଦେଖନ୍ତି ତ

Digitized by srujanika@gmail.com

ସେମାନେ ଧ୍ୟାନସ୍ତ ହେବାର୍ ହେଉଥିଲେ । ଯେତେବେଳେ ତାଙ୍କର ମନେହେଲା ଯେ ସୁରମୂର୍ଚ୍ଛନା ତାଙ୍କର ସମଗ୍ର ସତ୍ତାକୁ ଗ୍ରାସ କରିପକାଇଛି । ତାଙ୍କର ନିଜର ସତ୍ତା ଏକାବେଳକେ ମୂହ୍ୟମାନ । ତା'ପରେ ଅବଶ୍ୟ ସବୁ ଶ୍ରୋତାମାନେ ସେମାନଙ୍କର ପୂର୍ବ ସତ୍ତା ଫେରି ପାଇ ପୁଣି ଶୁଣିବାକୁ ଆରମ୍ଭ କଲେ । ଜ୍ଞାନବାବୁଙ୍କର ମନେହେଲା ସଙ୍ଗୀତର ପ୍ରକୃଷ୍ଟ ଯାଦୁବିଦ୍ୟା ଓସ୍ତାଦଙ୍କର କଣ୍ଠରେ ସେଦିନ ତାର ଖେଳ ଦେଖାଇଥିଲା । ସଙ୍ଗୀତ ମଧ୍ୟରେ ପ୍ରକାଶିତ ହୋଇଥିଲା ଅନାହତ ନାଦର ଟିକିଏ ଝଲକ ମାତ୍ର । ଏହି ଅଭିଜ୍ଞତା ଯେ ଆଗରୁ ମଧ୍ୟ ଆମ୍ଭମାନଙ୍କ ନିକଟରେ କେତେଥର କହିଅଛନ୍ତି । ଏହି ଘଟଣା ଶୁଣି ମୁଁ ବୁଝିପାରିଥିଲି ଯେ ଯେଉଁ ନାଦରୁ ମହାବିଶ୍ୱର ସୃଷ୍ଟି ହୋଇଅଛି ସେହି ନାଦ ମନୁଷ୍ୟ ମଧ୍ୟରେ ଅହରହ ପ୍ରତିଧ୍ୱନିତ ହେଉଅଛି । କେତେକ ଯୋଗୀ, ସିଦ୍ଧପୁରୁଷ, ମହାନ୍‌ଆତ୍ମା ତାର ଧ୍ୱନି ବିଷୟରେ ଅବହିତ ଅଛନ୍ତି ଏବଂ ସେହି ସୃଷ୍ଟିର ଆଦି ଧ୍ୱନିର ଆବର୍ତ୍ତର କମ୍ପିତ୍ ଅନୁରଣନ ନିଜ ଭିତରେ ଉପଲବ୍ଧି କରି ପାରୁଛନ୍ତି । ଅନ୍ୟମାନେ ସେ ବିଷୟରେ ଉଦାସୀନ ରହି ବହିର୍ନାଦରେ ନିମଜ୍ଜିତ ହୋଇ ଜୀବନ ଅତିବାହିତ କରୁଅଛନ୍ତି । କିନ୍ତୁ ବାହାରର ହେଉ ବା ଅନ୍ତରର ହେଉ ସେହି ଆଦି ଅକୃତ୍ରିମ ପରମ ନାଦର ବିଭିନ୍ନ ପରିପ୍ରକାଶ ମାତ୍ର ଆମ୍ଭମାନଙ୍କୁ ପ୍ରକୃତିର ବିଭିନ୍ନ ଧ୍ୱନିରୂପେ ପ୍ରତିଭାତ ହେଉଅଛି । ନାଦରୁ ମନୁଷ୍ୟ ଜୀବନ ଆରମ୍ଭ । ପିଲା ଜନ୍ମହୋଇ 'କୁଆଁ କୁଆଁ' ରବ କରୁଛି । ପୁଣି ମହାପ୍ରୟାଣରେ ମଧ୍ୟ 'ଘଡ଼ ଘଡ଼' ନାଦକରି ଇହଜୀବନରୁ ବିଦାୟ ଗ୍ରହଣ କରୁଛି । ମନୁଷ୍ୟ ଜୀବନ ନାଦରେ ଆଦି ଓ ସେହି ନାଦରେହିଁ ଅନ୍ତ ହେଉଅଛି । ନାଦଧ୍ୱନିର ପ୍ରାକୃତିକ ପ୍ରକାଶ କବି ମଧୁସୂଦନ ରାଓ ତାଙ୍କ 'ଧ୍ୱନି' କବିତାରେ ଅପୂର୍ବ ଭାବରେ ବର୍ଣ୍ଣନା କରିଯାଇଛନ୍ତି ।

"ଶୁଣୁ ଅଛ ସର୍ବେ ଦିବସ ରଜନୀ ଜଗତର କୋଳାହଳ,
କୋଟି କୋଟି ରବ କୋଟି କୋଟି କଥା
ସମୀରପରଶେ କାନନ ମର୍ମର ପ୍ରଭଞ୍ଜନ ଗରଜନ
କିନ୍ତୁ ଶୁଣିଛକି ସେହି ଆଦିମୂଳ ଅନାଦି ପରମ ଧ୍ୱନି ?"

Digitized by srujanika@gmail.com

ଉପର୍ଯ୍ୟୁକ୍ତ ମର୍ମରେ ଆଉ ଗୋଟିଏ ଘଟଣାର ବିବରଣ ଶୁଣିଥିଲି ପଣ୍ଡିତ ଓଙ୍କାରନାଥ ଠାକୁରଙ୍କ ବିଷୟରେ । ସଙ୍ଗୀତମାର୍ତ୍ତଣ୍ଡ ଓଙ୍କାର-ନାଥ ନିମନ୍ତ୍ରଣ ପାଇ ଯୁକ୍ତରାଷ୍ଟ୍ର ଆମେରିକା ଯାତ୍ରା କରିଥିଲେ ସେଠାରେ ତାଙ୍କର କଣ୍ଠସଙ୍ଗୀତ ଶୁଣାଇବାପାଇଁ । ସେଠାର କଣ୍ଠସଙ୍ଗୀତ ବିଶେଷଜ୍ଞ-ମାନେ ତାଙ୍କର ସ୍ୱର ବୈଜ୍ଞାନିକ ଯନ୍ତ୍ର (tone) ରେ ରେକର୍ଡ଼ କରିବାର ପ୍ରୟାସ କଲେ । ଓଙ୍କାରନାଥ କହିଲେ ମୋ କଣ୍ଠର ନାଦ ଆପଣଙ୍କର ବୈଜ୍ଞାନିକ ଯନ୍ତ୍ର ତାର ଆବଦ୍ଧ ସୋପାନରେ ସୀମିତ କରିପାରିବ ନାହିଁ । କାରଣ ମୋର କଣ୍ଠନାଦର ଗତି ଅସୀମ । ଉଦାରା, ମୁଦାରା, ତାରାରେ ତାର ଅବାଧ ଗତି ଉଚ୍ଚରୁ ଉଚ୍ଚତର କ୍ଷେତ୍ରରେ ଏବଂ ନିମ୍ନରୁ ନିମ୍ନତର କ୍ଷେତ୍ରରେ । ଆମେରିକାର ବିଶେଷଜ୍ଞମାନେ ବିଶ୍ୱାସ କଲେ ନାହିଁ । ସେମାନେ କଣ୍ଠସଙ୍ଗୀତର ମାପ ନିଜର ଉଦ୍ଭାବିତ ଯନ୍ତ୍ରରେ ସବୁବେଳେ କରିଥାଆନ୍ତି । ଭାରତର ସଙ୍ଗୀତଜ୍ଞ ସାଧାରଣ ମନୁଷ୍ୟ ମାତ୍ର । କିନ୍ତୁ ତାଙ୍କର ସ୍ପର୍ଦ୍ଧା ଅସୀମ । ସେମାନେ ପରୀକ୍ଷା କରିବାକୁ ଉଦ୍ୟତ ହେଲେ, ଓଙ୍କାରନାଥ ଗୀତ ଗାଇବାକୁ ଲାଗିଲେ । ସ୍ୱରର ମୂର୍ଚ୍ଛନା ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଗ୍ରାମରେ ଓ ନିମ୍ନରୁ ନିମ୍ନତର ଗ୍ରାମରେ ଅବଲୀଳାକ୍ରମେ ବିଚରଣ କରିବାକୁ ଲାଗିଲା । ପ୍ରକୃତରେ ଆମେରିକାସ୍ଥ ଧ୍ୱନିମାପକାଠି ଯନ୍ତ୍ରରୁ ଏହା ଉଚ୍ଚତର ଓ ନିମ୍ନତର ଧ୍ୱନିରାଜ୍ୟକୁ ବିସ୍ତାରିତ ହେଲା । ପରୀକ୍ଷକମାନେ ବିସ୍ମିତ ହୋଇ ପଚାରିଲେ ଏ ଧ୍ୱନିର ନିଜ ସ୍ୱରୂପ କଣ ? ସେ କେଉଁଠୁ ଏହି ଧ୍ୱନି ଶିକ୍ଷା କରି ତାର ଅବତାରଣା କରୁଛନ୍ତି ? ଓଙ୍କାରନାଥ କହିଲେ ତାଙ୍କର ଧ୍ୱନି ପ୍ରକୃତିର ପ୍ରସାର ସହିତ ସମବ୍ୟାପ୍ତ, ପ୍ରକୃତି ସହିତ ଏକତାବଦ୍ଧ ଓ ପ୍ରକୃତିର ନାଦ ସହିତ ବିଲୀୟମାନ । ଆପଣମାନଙ୍କର ଯନ୍ତ୍ର ପ୍ରକୃତିର ସମବ୍ୟାପ୍ତି ଲାଭ କରିନାହିଁ । ତେଣୁ ତାର ମାପକାଠି ସସୀମ ହୋଇ ରହିଅଛି । ପ୍ରକୃତ କଥା ହେବାରୁ, ସେମାନେ କହିଲେ ଆପଣଙ୍କର ନାଦ ଯେ ପ୍ରକୃତି ସହିତ ଏକାନ୍ତଭାବରେ ମିଳିବ ତାର ନିଦର୍ଶନ ଆମ ଆଗରେ ପ୍ରକାଶ କରନ୍ତୁ ।

ତା'ପରେ ପଣ୍ଡିତ ଓଙ୍କାରନାଥ ମେଘମଲ୍ହାର ରାଗରେ ସଙ୍ଗୀତ ପରିବେଷଣ କଲେ । ଶ୍ରୋତାମାନେ ମୁଗ୍ଧ ହୋଇ ଶୁଣିଲେ । ସେମାନେ ମହା ସୁଖାପ୍ଲୁତ । ସେମାନଙ୍କ ମନରେ ଏକ ଅଶ୍ରୁତପୂର୍ବ ଅନୁଭୂତି

Digitized by srujanika@gmail.com

ସେମାନେ ସମସ୍ତେ ସ୍ଥବିର୍ ହୋଇଛନ୍ତି । ସେତେବେଳେ ତାଙ୍କର ମନେହେଲା ଯେ ସୁରମୂର୍ଚ୍ଛନା ତାଙ୍କର ସମଗ୍ର ସତ୍ତ୍ୱକୁ ଗ୍ରାସ କରି-ପକାଇଛି । ତାଙ୍କର ନିଜର ସତ୍ତ୍ୱା ଏକାବେଳକେ ମୂହ୍ୟମାନ । ତା'ପରେ ଅବଶ୍ୟ ସବୁ ଶ୍ରୋତାମାନେ ସେମାନଙ୍କର ପୂର୍ବ ସତ୍ତ୍ୱା ଫେରି ପାଇ ପୁଣି ଶୁଣିବାକୁ ଆରମ୍ଭ କଲେ । ଜ୍ଞାନବାବୁଙ୍କର ମନେହେଲା ସଙ୍ଗୀତର ପ୍ରକୃଷ୍ଟ ଯାଦୁବିଦ୍ୟା ଓସ୍ତାଦଙ୍କର କଣ୍ଠରେ ସେଦିନ ତାର ଖେଳ ଦେଖାଇଥିଲା । ସଙ୍ଗୀତ ମଧ୍ୟରେ ପ୍ରକାଶିତ ହୋଇଥିଲା ଅନାହତ ନାଦର ଟିକିଏ ଝଲକ ମାତ୍ର । ଏହି ଅଭିଜ୍ଞତା ସେ ଆଗରୁ ମଧ୍ୟ ଆମ୍ଭମାନଙ୍କ ନିକଟରେ କେତେଥର କହିଅଛନ୍ତି । ଏହି ଘଟଣା ଶୁଣି ମୁଁ ବୁଝିପାରିଥିଲି ଯେ ଯେଉଁ ନାଦରୁ ମହାବିଶ୍ୱର ସୃଷ୍ଟି ହୋଇଅଛି ସେହି ନାଦ ମନୁଷ୍ୟ ମଧ୍ୟରେ ଅହରହ ପ୍ରତିଧ୍ୱନିତ ହେଉଅଛି । କେତେକ ଯୋଗୀ, ସିଦ୍ଧପୁରୁଷ, ମହାନ୍ଆତ୍ମା ତାର ଧ୍ୱନି ବିଷୟରେ ଅବହିତ ଅଛନ୍ତି ଏବଂ ସେହି ସୃଷ୍ଟିର ଆଦି ଧ୍ୱନିର ଆବର୍ତ୍ତର କମ୍ପିତ ଅନୁରଣନ ନିଜ ଭିତରେ ଉପଲବ୍ଧି କରି ପାରୁଛନ୍ତି । ଅନ୍ୟମାନେ ସେ ବିଷୟରେ ଉଦାସୀନ ରହି ବହି-ର୍ନାଦରେ ନିମଜ୍ଜିତ ହୋଇ ଜୀବନ ଅତିବାହିତ କରୁଅଛନ୍ତି । କିନ୍ତୁ ବାହାରର ହେଉ ବା ଅନ୍ତରର ହେଉ ସେହି ଆଦି ଅକୃତ୍ରିମ ପରମ ନାଦର ବିଭିନ୍ନ ପରିପ୍ରକାଶ ମାତ୍ର ଆମ୍ଭମାନଙ୍କୁ ପ୍ରକୃତିର ବିଭିନ୍ନ ଧ୍ୱନି-ରୂପେ ପ୍ରତୀୟମାନ ହେଉଅଛି । ନାଦରୁ ମନୁଷ୍ୟ ଜୀବନ ଆରମ୍ଭ । ପିଲା ଜନ୍ମହୋଇ 'କୁଆଁ କୁଆଁ' ରବ କରୁଛି । ପୁଣି ମହାପ୍ରୟାଣରେ ମଧ୍ୟ 'ଘଡ଼ ଘଡ଼' ନାଦକରି ଇହଜୀବନରୁ ବିଦାୟ ଗ୍ରହଣ କରୁଛି । ମନୁଷ୍ୟ ଜୀବନ ନାଦରେ ଆଦି ଓ ସେହି ନାଦରେହିଁ ଅନ୍ତ ହେଉଅଛି । ନାଦଧ୍ୱନିର ପ୍ରାକୃତିକ ପ୍ରକାଶ କବି ମଧୁସୂଦନ ରାଓ ତାଙ୍କ 'ଧ୍ୱନି' କବିତାରେ ଅପୂର୍ବ ଭାବରେ ବର୍ଣ୍ଣନା କରିଯାଇଛନ୍ତି ।

"ଶୁଣୁ ଅଛ ସର୍ବେ ଦିବସ ରଜନୀ ନଗରର କୋଳାହଳ,
କୋଟି କୋଟି ରବ କୋଟି କୋଟି କଥା
ସମୀରପରଶେ କାନନ ମର୍ମର ପ୍ରଭଞ୍ଜନ ଗରଜନ
କିନ୍ତୁ ଶୁଣିଛକି ସେହି ଆଦିମୂଳ ଅନାଦି ପରମ ଧ୍ୱନି ?"

Digitized by srujanika@gmail.com

ଉପର୍ଯ୍ୟୁକ୍ତ ମର୍ମରେ ଆଉ ଗୋଟିଏ ଘଟଣାର ବିବରଣ ଶୁଣିଥିଲି ପଣ୍ଡିତ ଓଙ୍କାରନାଥ ଠାକୁରଙ୍କ ବିଷୟରେ । ସଙ୍ଗୀତମାର୍ତ୍ତଣ୍ଡ ଓଙ୍କାର-ନାଥ ନିମନ୍ତ୍ରଣ ପାଇ ଯୁକ୍ତରାଷ୍ଟ୍ର ଆମେରିକା ଯାତ୍ରା କରିଥିଲେ ସେଠାରେ ତାଙ୍କର କଣ୍ଠସଙ୍ଗୀତ ଶୁଣାଇବାପାଇଁ । ସେଠାର କଣ୍ଠସଙ୍ଗୀତ ବିଶେଷଜ୍ଞ-ମାନେ ତାଙ୍କର ସ୍ୱର ବୈଜ୍ଞାନିକ ଯନ୍ତ୍ର (tone) ରେ ରେକର୍ଡ଼ କରିବାର ପ୍ରୟାସ କଲେ । ଓଙ୍କାରନାଥ କହିଲେ ମୋ କଣ୍ଠର ନାଦ ଆପଣଙ୍କର ବୈଜ୍ଞାନିକ ଯନ୍ତ୍ର ତାର ଆବଦ୍ଧ ସୋପାନରେ ସୀମିତ କରିପାରିବ ନାହିଁ । କାରଣ ମୋର କଣ୍ଠନାଦର ଗତି ଅସୀମ । ଉଦାରା, ମୁଦାରା, ତାରାରେ ତାର ଅବାଧ ଗତି ଉଚ୍ଚରୁ ଉଚ୍ଚତର କ୍ଷେତ୍ରରେ ଏବଂ ନିମ୍ନରୁ ନିମ୍ନତର କ୍ଷେତ୍ରରେ । ଆମେରିକାର ବିଶେଷଜ୍ଞମାନେ ବିଶ୍ୱାସ କଲେ ନାହିଁ । ସେମାନେ କଣ୍ଠସଙ୍ଗୀତର ମାପ ନିଜର ଉଦ୍ଭାବିତ ଯନ୍ତ୍ରରେ ସବୁବେଳେ କରିଥାଆନ୍ତି । ଭାରତର ସଙ୍ଗୀତଜ୍ଞ ସାଧାରଣ ମନୁଷ୍ୟ ମାତ୍ର । କିନ୍ତୁ ତାଙ୍କର ସ୍ପର୍ଦ୍ଧା ଅସୀମ । ସେମାନେ ପରୀକ୍ଷା କରିବାକୁ ଉଦ୍ୟତ ହେଲେ, ଓଙ୍କାରନାଥ ଗୀତ ଗାଇବାକୁ ଲାଗିଲେ । ସ୍ୱରର ମୂର୍ଚ୍ଛନା ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଗ୍ରାମରେ ଓ ନିମ୍ନରୁ ନିମ୍ନତର ଗ୍ରାମରେ ଅବଲୀଳାକ୍ରମେ ବିଚରଣ କରିବାକୁ ଲାଗିଲା । ପ୍ରକୃତରେ ଆମେରିକାର ଧ୍ୱନିମାପକାଠି ଯନ୍ତ୍ରରୁ ଏହା ଉଚ୍ଚତର ଓ ନିମ୍ନତର ଧ୍ୱନିରାଜ୍ୟକୁ ବିସ୍ତାରିତ ହେଲା । ପରୀକ୍ଷକମାନେ ବିସ୍ମିତ ହୋଇ ପଚାରିଲେ ଏ ଧ୍ୱନିର ନିଜ ସ୍ୱରୂପ କଣ ? ସେ କେଉଁଠୁ ଏହି ଧ୍ୱନି ଶିକ୍ଷା କରି ତାର ଅବତାରଣା କରୁଛନ୍ତି ? ଓଙ୍କାରନାଥ କହିଲେ ତାଙ୍କର ଧ୍ୱନି ପ୍ରକୃତିର ପ୍ରସାର ସହିତ ସମବ୍ୟାପ୍ତ, ପ୍ରକୃତି ସହିତ ଏକତାବଦ୍ଧ ଓ ପ୍ରକୃତିର ନାଦ ସହିତ ବିଲୀୟମାନ । ଆପଣମାନଙ୍କର ଯନ୍ତ୍ର ପ୍ରକୃତିର ସମବ୍ୟାପ୍ତି ଲାଭ କରିନାହିଁ । ତେଣୁ ତାର ମାପକାଠି ସସୀମ ହୋଇ ରହିଅଛି । ପ୍ରକୃତ କଥା ହେବାରୁ, ସେମାନେ କହିଲେ ଆପଣଙ୍କର ନାଦ ଯେ ପ୍ରକୃତି ସହିତ ଏକାନ୍ତଭାବରେ ମିଳିବ ତାର ନିଦର୍ଶନ ଆମ ଆଗରେ ପ୍ରକାଶ କରନ୍ତୁ ।

ତା'ପରେ ପଣ୍ଡିତ ଓଙ୍କାରନାଥ ମେଘମଲ୍ଲାର ରାଗରେ ସଙ୍ଗୀତ ପରିବେଷଣ କଲେ । ଶ୍ରୋତାମାନେ ମୁଗ୍ଧ ହୋଇ ଶୁଣିଲେ । ସେମାନେ ମନ୍ତ୍ରା ପୁରାପୂକ । ସେମାନଙ୍କ ମନରେ ଏକ ଅଶ୍ରୁତପୂର୍ବ ଅନୁଭୂତି

Digitized by srujanika@gmail.com

ଆସିଲା । ଓଙ୍କାରନାଥ ପଚାରିଲେ ମୋର ସଙ୍ଗୀତ ଶୁଣି ଆପଣମାନଙ୍କ ମନରେ କପରି ପ୍ରାକୃତିକ ଦୃଶ୍ୟର ରଚନା ଆସୁଛି ? ସେମାନେ କହିଲେ—ମନେହେଉଛି ଯେପରି ଗଗନମଣ୍ଡଳ ମେଘପରିପୂର୍ଣ୍ଣ ଏବଂ ଟିକିଏ ଟିକିଏ ବର୍ଷା ହେଉଅଛି । ଓଙ୍କାରନାଥ କହିଲେ ଆପଣମାନଙ୍କର ଅନୁଭୂତି ଯଥାର୍ଥ । ସେହି ବିଷୟର ଅବତାରଣା ମୁଁ ମୋର ସଙ୍ଗୀତ ମଧ୍ୟଦେଇ ପ୍ରକାଶ କରିଅଛି । ଏହି ଘଟଣାରୁ ଏହା ପ୍ରତିପାଦିତ ହେଲା ଯେ ନାଦର ପ୍ରଭାବ ସର୍ବତ୍ର ସମାନ ଓ ସର୍ବଥା ତାର ପ୍ରକାଶ ସମଭାବାପନ୍ନ—ତାହା ଆମ ଦେଶରେ ହେଉ କିମ୍ବା ଆମେରିକାରେ ହେଉ । ସେଠାର ସଙ୍ଗୀତଜ୍ଞ ଏକ ନୂତନ ଦିଗ୍‌ବଳୟର ସନ୍ଧାନ ପାଇଲେ ।

କଲିକତା ମହାନଗରୀରେ ସଙ୍ଗୀତର ଚର୍ଚ୍ଚା ଅନେକସ୍ଥାନରେ ହୁଏ । ଜଣେ ସଙ୍ଗୀତଜ୍ଞଙ୍କ ସହିତ ମୋର ବିଶେଷ ସମ୍ବନ୍ଧ ସ୍ଥାପିତ ହୋଇଥିଲା । ସେତେବେଳେ ମୁଁ ପାଠ ସାରି କେନ୍ଦ୍ରୀୟ ସେବାରେ ନିଯୁକ୍ତ । ସେ ମୋ ଘର ପାଖରେ ସର୍ଦ୍ଦାର ଶଙ୍କର ରୋଡ଼ରେ ରହୁଥାଆନ୍ତି । ତାଙ୍କ ନାମ କୁମାରେଶ ଘୋଷ । ସେ ଲକ୍ଷ୍ନୌ ସଙ୍ଗୀତ ମହାବିଦ୍ୟାଳୟରୁ ବହୁ କୃତିତ୍ୱ ସହିତ ଉତ୍ତୀର୍ଣ୍ଣ ହୋଇ କଲିକତାରେ ସଙ୍ଗୀତ ଶିକ୍ଷାଦାନ କରୁଥାଆନ୍ତି । ମୋଘରକୁ ପ୍ରାୟ ପ୍ରତିଦିନ ଆସନ୍ତି । ମୁଁ ମଧ୍ୟ ତାଙ୍କ ଘରକୁ ଯାଉଥାଏ । ତାଙ୍କଠାରୁ ଉଚ୍ଚାଙ୍ଗ ସଙ୍ଗୀତ ବିଷୟରେ କିଛି ଜ୍ଞାନ ଆହରଣ କରିବାର ସୁଯୋଗ ମୋର ହୋଇଥିଲା ।

ସେତେବେଳେ "ଝଂକାର ସଙ୍ଗୀତ ସଂଘ" (Jhankar Music Circle) ଖୁବ୍ ପ୍ରସିଦ୍ଧିଲାଭ କରିଥିଲା । ସେଥିରେ ସବୁ ଜଣାଶୁଣା ଶିଳ୍ପୀ ସଭ୍ୟ ଥିଲେ । ରାଧିକାମୋହନ ମୈତ୍ର ଅନେକଥର ପୁଣା ଆସୁଥିଲେ ତାଙ୍କ ସହିତ ମୋର ଖୁବ୍ ପରିଚୟ ଥିଲା । ତାଛଡ଼ା ଜ୍ଞାନବାବୁ, ତାଙ୍କର ପ୍ରଖ୍ୟାତ ଶିଷ୍ୟମାନେ ସେଥିରେ ଯୋଗ ଦେଉଥିଲେ । ପ୍ରାୟ ପ୍ରତି ମାସରେ ଗୋଟିଏ କରି ବୈଠକର ବ୍ୟବସ୍ଥା କରାଯାଉଥିଲା । କେତେବେଳେ କେତେବେଳେ ଯଦୁଲାଲ ମଲ୍ଲିକଙ୍କ ଘରେ ଏହି ବୈଠକ ବସୁଥିଲା । ମୋ ପାଖକୁ ଗୋଟିଏ ନିମନ୍ତ୍ରଣପତ୍ର ତାଙ୍କ ନାତି ବୃନ୍ଦାବନ ବିହାରୀ ଥରେ ଥରେ ପଠାଇ ଦେଉଥିଲେ । ଉଚ୍ଚସଙ୍ଗୀତ

Digitized by srujanika@gmail.com

ଶିଳ୍ପୀଙ୍କୁ ଶୁଣିବାର ବିଶେଷ ସୌଭାଗ୍ୟରୁ ବଞ୍ଚିତ ହେଉ ନ ଥିଲି । ଦିନେ କୁମାରେଶ ବାବୁଙ୍କ ସହିତ କଥା ହେଉଥିଲି । ମୁଁ ଥାଏ ଦକ୍ଷିଣ କଲିକତାରେ । ଉତ୍ତର କଲିକତାକୁ ଶୁଣିବାକୁ ଯାଇ ଫେରୁ ଫେରୁ ଅନେକ ରାତି ହୋଇଯାଉଥାଏ । ତାଙ୍କୁ କହିଲି, "ଦକ୍ଷିଣ କଲିକତାରେ ଗୋଟିଏ ବ୍ୟବସ୍ଥା କଲେ କପରି ହୁଅନ୍ତା !" ତାଙ୍କ ମନକୁ କଥାଟା ଯିବାଲା । ତାଙ୍କର ପ୍ରିୟ ଶିଷ୍ୟା ଶ୍ରୀମତୀ ରେଣୁ ଦେବୀ ଅତି ସୁରୁଚିସମ୍ପନ୍ନା ସଙ୍ଗୀତ ଶିଳ୍ପୀ । ବଡ଼ ବଂଶର ମଧ୍ୟ । ତାଙ୍କର ବେଶ ପ୍ରଭାବ ଥାଏ ଉଚ୍ଚ ମହଲରେ । ସେ ମଧ୍ୟ ଆମ ସହିତ ଏକମତ ହେଲେ । ଜନ୍ମ ହେଲା "ଓଙ୍କାର ସଙ୍ଗୀତ ସଂସଦ"ର । ଆମେ ପ୍ରଥମ ବୈଠକ କଲୁ "ମେନକା' ସିନେମାହଲ୍‌ରେ । ମେନକା ସଦର୍ଣ୍ଣ ଆଭେନ୍ୟୁର ଟିକିଏ ଦୂରରେ 'ଲେକ' ଅଞ୍ଚଳରେ ଅତି ମନୋରମ ପରିବେଶରେ ଅବସ୍ଥିତ । ଆମ୍ଭେମାନେ ନିମନ୍ତ୍ରଣ କଲୁ ପଣ୍ଡିତ ରବିଶଙ୍କରଙ୍କୁ ସିତାରବାଦନ ନିମନ୍ତେ । ତାଙ୍କ ସହିତ ସାଥ ସଙ୍ଗତ କରିବେ ତବଲାରେ ଯାଦୁକର ଶିଳ୍ପୀ ଆଲ୍ଲାରଖା । ଏହି ସମାବେଶରେ ଖୁବ୍ ଗହଳି ହୋଇଥିଲା ସଙ୍ଗୀତପ୍ରେମୀମାନଙ୍କର । ମାଇକ ସାହାଯ୍ୟରେ ବାହାର ଆଡ଼େ ପ୍ରସ୍ବରର ବ୍ୟବସ୍ଥା ହୋଇଥିଲା ଯେପରି ସଙ୍ଗୀତପ୍ରେମୀମାନେ ନିରାଶ ନ ହୁଅନ୍ତି । ଚାରିଆଡ଼େ ଲୋକାରଣ୍ୟ । ଏଭଳି ଦୃଶ୍ୟରେ ଆମେ ଉଦ୍ୟୋକ୍ତାମାନେ ଅତ୍ୟନ୍ତ ଅନୁପ୍ରାଣିତ ବୋଧକଲୁ । ଆମର ଶ୍ରମ ବୋଧହୁଏ ସାର୍ଥକ ହୋଇଛି ।

ମଞ୍ଚରେ ଆସୀନ ବାମ ପାର୍ଶ୍ୱରେ ଆଲ୍ଲାରଖା । ମଝିରେ ଗୋଟିଏ ଅତିସୁନ୍ଦର ଫ୍ରେଷ୍ଟପିଲା—ଆଲ୍ଲାରଖାଙ୍କର ପ୍ରିୟପୁତ୍ର ଜାକିର ହୁସେନ୍ । ସେତେବେଳେ ତାର ବୟସ ବୋଧହୁଏ ଛ କି ସାତ । ତାପରେ ପଣ୍ଡିତ ରବିଶଙ୍କର । ଯନ୍ତ୍ର ସବୁ ମିଳା ହେଉଥାଏ ସ୍ୱରସପ୍ତକ ସହିତ । ପ୍ରାୟ ସଙ୍ଗୀତ ଆରମ୍ଭ ହେବାର ସମୟ । ହଠାତ୍ ଆମ କାନରେ ବାଜିଲା ଗୋଟିଏ ବିଷଦୃଶ ବାକ୍ୟ ଆଲ୍ଲାରଖା-ଙ୍କର । ସେ ବୋଧହୁଏ ପ୍ରବଳ ମାଇକର କ୍ଷମତା କଥା ଭୁଲି ଯାଇଥିଲେ କ୍ଷଣକ ପାଇଁ । ଆମେ ଶୁଣିଲୁ ପଣ୍ଡିତ ରବିଶଙ୍କରଙ୍କୁ କହୁଛନ୍ତି—"ଠିକ୍‌ସେ ବଜାଓ—ନେହିଁ ତୋ ଚୌପଟ୍ ହୋ ଯାଓଗେ ।" କଣ ହେଲା ? ତବଲଆ ପଣ୍ଡିତ ରବିଶଙ୍କରଙ୍କୁ ଧମକ ଦେଉଛନ୍ତି ତାଳଜ୍ଞାନ ବିଷୟରେ ? ଆମର କାନକୁ

Digitized by srujanika@gmail.com

ବିଶ୍ୱାସ ହେଲା ନାହିଁ । ମୋ ଜୀବନରେ ଆଲ୍ଲାରଖାଙ୍କୁ ଶୁଣିବାର ସୁଯୋଗ ସେହି ପ୍ରଥମ । ତାପରେ ରବିଶଙ୍କର ବଜେଇବାକୁ ଆରମ୍ଭ କଲେ । ଯେତେବେଳେ ଆଳାପବୃତ୍ତି ଶେଷ କରି ଗତ୍‌ରେ ପହଞ୍ଚିଲେ ସେତେ-ବେଳେ ତବଲାର ନାଦ କିପରି ଅଶ୍ରୁତପୂର୍ବ ମନେ ହେଲା । ମୁଁ ଇତି-ମଧ୍ୟରେ ଅନେକ ସଙ୍ଗୀତ ଶୁଣି ଶୁଣି ମୋର ଧାରଣା ଟିକିଏ ଉନ୍ନତ ହୋଇଥାଏ । କିନ୍ତୁ ଏ ପ୍ରକାର ତବଲା ବାଦନ ବିସ୍ମୟକର । ସାତର ଛନ୍ଦରେ ଆଡ଼ବୋଲ୍‌ରେ ତବଲା ନିଜ ଇଚ୍ଛାରେ ବାଜି ଚାଲିଛି । ସିତାର ଯନ୍ତ୍ର ଓ ଯନ୍ତ୍ରୀ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ । ଛନ୍ଦର ମାପ ମଧ୍ୟ ଅଜଣା ଧରଣର । ଭାବିଲି, ସ୍ୱରମାତ୍ରା ତ ପଡ଼ୁ ନାହିଁ । ଏ କିଭଳି ତବଲାବାଦନ ? ଦେଖିଲି ଅନନ୍ୟ ରୀତିରେ ଦେଢ଼ ଓ ଅଢ଼େଇ ମାତ୍ରାର ବୋଲ ଚାରି ମାତ୍ରାର ସ୍ଥାନ ପୂରଣ କରୁଛି । ବୁଝିଲି କାହିଁକି ରବିଶଙ୍କରଙ୍କୁ ସାବଧାନ କରାଇ ଦେଇଥିଲେ ଆଲ୍ଲାରଖା । ତବଲାର ଛନ୍ଦ ଲହରୀ ସମଗ୍ର ହଲରେ ପ୍ରତିଧ୍ୱନିତ ହୋଇ ଏକ ଅଭିନବ ପରିବେଶର ସୃଷ୍ଟି କଲା । ରବିଶଙ୍କର ତାଙ୍କର ଅନବଦ୍ୟ ରୀତିରେ ନିର୍ଭୀକ ଭାବରେ ବଜାଉଥାଆନ୍ତି । ଶେଷରେ ଦୁହିଁଙ୍କର ମେଳ ଅଭିନନ୍ଦିତ ହେଲା ଶ୍ରୋତାମାନଙ୍କର ତାଳି ଧ୍ୱନିଦ୍ୱାରା । ତାଳି ଚାଲିଛି ତ ଚାଲିଛି । ମୁଗ୍‌ଧ ଶ୍ରୋତାମାନେ ସେମାନଙ୍କର ଅକୁଣ୍ଠ ଆନନ୍ଦ ପ୍ରକାଶ କରିବାରେ ଲାଗିଛନ୍ତି । ସେ ଅଭିଜ୍ଞତା ମୋର ମୃତ୍ୟୁ ପର୍ଯ୍ୟନ୍ତ ମନେ ରହିବ । ଭାରତୀୟ ସଙ୍ଗୀତର ମହାପ୍ଲାବନ ଧାରାକୁ ଏହି ପ୍ରବାଦ ପୁରୁଷ ରବିଶଙ୍କର ଓ ଆଲ୍ଲାରଖାମାନେ ଅବିଶ୍ରାନ୍ତ ଗତି ଦାନ କରି ଦେଇଛନ୍ତି ନିଜର ନିଷ୍ଠା, ଅଧ୍ୟବସାୟ ଓ ପରିଶ୍ରମ ବଳରେ ।

ଏହା ପରେ "ଓଙ୍କାର ସଙ୍ଗୀତ ସଂସଦ" ବହୁ ବୈଠକ ଆହ୍ୱାନ କରିଥିଲା । ସେଥିରେ ପୃଥିବୀପ୍ରସିଦ୍ଧ ଶିଳ୍ପୀମାନେ ଭାଗ ନେଇଥିଲେ-- ଯଥା: ନିଖିଳ ବ୍ୟାନାର୍ଜି, ଆଲି ଆକବର, ଶାମତା ପ୍ରସାଦ, ଆମିର ଖାଁ ପ୍ରଭୃତି । ବହୁ ଶିଳ୍ପୀମାନଙ୍କ ସହିତ ପରିଚିତ ହେବାର ସୁଯୋଗ ମୋର ହୋଇଥିଲା ଏହି ସଙ୍ଗୀତ ସଂସଦର ଗଢ଼ଣରେ । ସେ ଗୋଟିଏ ସମ୍ପୂର୍ଣ୍ଣ ଅନ୍ୟ ରାଜ୍ୟ । ସେଠାରେ ମନ ଗୃହ ପରିବେଶକୁ ଭୁଲି ସୁର-ରାଜ୍ୟରେ ବିଚରଣ କରେ । କିଣ ଗୋଟିଏ ମହାପ୍ରୟାସୀ ଶକ୍ତିର ପ୍ରଭାବରେ ମନ ଚୁମ୍ବକ ଆକର୍ଷଣରେ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇ ରହେ । ବୈଠକ ପରେ ମଧ୍ୟ ସେହି ସୁରର ଅନୁରଣନ ସବୁବେଳେ ମନ ମଧ୍ୟରେ ଅନୁଭୂତ

Digitized by srujanika@gmail.com

ହୁଏ । ଏହା ଗୋଟିଏ ଅପୂର୍ବ ଅନୁଭୂତି । ସେକଥା କଲମ ମୁନରେ ପ୍ରକାଶ କରିବାର କ୍ଷମତା ମୋର ନାହିଁ ।

ଗ୍ରେଟ୍ ଗ୍ରେଟ୍ ବୈଠକ ଛଡ଼ା ବଡ଼ ବଡ଼ ସଙ୍ଗୀତ ସମାରୋହରେ (Music Conference) ଯୋଗଦେବାକୁ ଲାଗିଲି । ପାଞ୍ଚରାତି ଧରି ଏହି ସମାରୋହ ଚାଲେ । ବିଶେଷତଃ ଶୀତ ଋତୁରେ ସଙ୍ଗୀତ ସମାରୋହ ବହୁ ସ୍ଥାନରେ ପରିଚାଳିତ ହୋଇଥାଏ —ଉତ୍ତର-ମଧ୍ୟ-ଦକ୍ଷିଣ କଲିକତାର ବିଭିନ୍ନ ପ୍ରେକ୍ଷାଗୃହମାନଙ୍କରେ ବା ପାର୍କ ସର୍କସର ମଇଦାନରେ । ଦେଶର ସର୍ବଶ୍ରେଷ୍ଠ ସଙ୍ଗୀତ ଶିଳ୍ପୀମାନଙ୍କର କଲିକତାରେ ସମାବେଶ ଏକ ସୁବର୍ଣ୍ଣ ସୁଯୋଗ ଆଣିଦିଏ ଶ୍ରୋତାମାନଙ୍କ ପାଇଁ ।

ଏହିପରି ଏକ ସଙ୍ଗୀତ ସମାରୋହକୁ ଆସିଥିଲେ ପ୍ରଖ୍ୟାତ ଗାୟକ ଡି.ଭି.ପାଲୁସ୍କର । ଗନ୍ଧର୍ବ-ବିନନ୍ଦିତ କଣ୍ଠସ୍ୱର ପାଇଁ ସେ ଭାରତବିଖ୍ୟାତ । ତାଙ୍କର କଣ୍ଠର ଯାଦୁବିଦ୍ୟା ସେ ପ୍ରଦର୍ଶନ କରିଥିଲେ "ପୂର୍ଣ୍ଣ" ପ୍ରେକ୍ଷାଗୃହରେ । ସେ ଗାଇଥିବା ଖେଆଲ୍ ସଙ୍ଗୀତର ଗୋଟିଏ ପଂକ୍ତି ଥିଲା "ଭ୍ରମର କରତ ଗୁଞ୍ଜ ଗୁଞ୍ଜ, ଗୁଞ୍ଜରେ ଅଲି ବାରବାର ।" ସତରୂପରେ ତାଙ୍କର ଅନବଦ୍ୟ ଶୈଳୀରେ ଏହି ଗୀତଟି ପରିବେଷଣ କଲାବେଳେ ସେ "ଗୁଞ୍ଜ ଗୁଞ୍ଜ" ବୋଲି କହି ସମସ୍ତ ଧରି ଲୀନ ହୋଇ ରହି ଯାଉଥିଲେ । ଆଉ ଗୁଞ୍ଜନ ସମଗ୍ର ପ୍ରେକ୍ଷାଗୃହରେ ପ୍ରତିଧ୍ୱନିତ ହୋଇ ଘୁରି ବୁଲୁଥିଲା ବେଶ୍ କିଛିକ୍ଷଣ ପାଇଁ ସ୍ଥାୟୀ ହୋଇ । ଏପରି ଦୁଇତିନି ଥର କଲା ପରେ ଶେଷଥର ଗୁଞ୍ଜନଟିର ପ୍ରତିଧ୍ୱନି ସୁସ୍ପଷ୍ଟ ହୋଇ ଉଠିଲା ଶ୍ରୋତାମାନଙ୍କ କାନରେ । ପ୍ରେକ୍ଷାଗୃହ ସମ୍ପୂର୍ଣ୍ଣ ଭାବରେ ଉଦ୍‌ବେଳିତ । ତାଳି ଉପରେ ତାଳି । ଆମେ ସମସ୍ତେ ମନ୍ତ୍ରମୁଗ୍ଧ ତାଙ୍କର ବିଶିଷ୍ଟ ଅନୁରଣନ ପ୍ରକ୍ରିୟା ଦେଖି । ସେ ଅଭିଜ୍ଞତା କେବେହେଁ ଭୁଲିବାର ନୁହେଁ ।

ତାଙ୍କ ପରେ ସିତାର ବଜାଇବାର କଥା ପଣ୍ଡିତ ରବିଶଙ୍କରଙ୍କର । ବିଜ୍ଞାପନ ଛପା ହୋଇ ଯାଇଛି । ତାଙ୍କୁ ଶୁଣିବା ପାଇଁ ଶ୍ରୋତାମାନେ ବ୍ୟାକୁଳ, କିନ୍ତୁ କୌଣସି ଅନିବାର୍ଯ୍ୟ କାରଣବଶତଃ ରବିଶଙ୍କର ଆସି ପାରି ନାହାନ୍ତି । ଉଦ୍ୟୋକ୍ତାମାନଙ୍କ ପକ୍ଷରୁ ଏହି କଥା ଶ୍ରୋତାମାନଙ୍କର

Digitized by srujanika@gmail.com

ଗୋଚରୀଭୂତ ହେବାମାନେ ଘୋର ଆପତ୍ତି ହେବାକୁ ଲାଗିଲା । ପ୍ରେକ୍ଷା-ଗୃହରେ ଟିକିଏ ଗୋଳମାଳର ଆଭାଷ ମିଳିଲା । ସାଙ୍ଗେ ସାଙ୍ଗେ ମାଇକରେ ଜଣାଇ ଦିଆଗଲା ଯେ ରବିଶଙ୍କରଙ୍କ ଶିକ୍ଷାଗୁରୁ ଓସ୍ତାଦ ଆଲ୍ଲାଉଦ୍ଦିନ ଖାଁ ସାହେବ ଆସି ପହଞ୍ଚି ଯାଇଛନ୍ତି । ସେ ସରୋଦ୍ ବାଦନ କରିବେ । ସବୁ ଥଣ୍ଡା ପଡ଼ିଗଲା । ଲୋକେ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଲେ । ଶେଷରେ ଆଲ୍ଲାଉଦ୍ଦିନ ଖାଁ ଆସନ ଗ୍ରହଣ କଲେ । ପଟ୍ଟବସ୍ତ୍ରରେ ଅଙ୍କିତ କାଳୀମା'ଙ୍କର ଛବିକୁ ସାମନାରେ ରଖି ପ୍ରଣାମ କଲେ । ତାପରେ ସରୋଦ ଧରିଲେ, ତାଙ୍କ ସହିତ ସାଥ୍‌ସଙ୍ଗତ କରିବେ ତବଲାରେ ବନାରସ୍‌ର ବିଖ୍ୟାତ ତବଲ୍‌ଚି ଅନୋଖିଲାଲ । ସଙ୍ଗୀତ ଆରମ୍ଭ ହେଲା । ଅନୋଖିଲାଲ ବିନ୍ଦୁ-ଘରାନାର ଅତିପ୍ରସିଦ୍ଧ ତବଲାବାଦକ କଣ୍ଠେ ମହାରାଜଙ୍କର ଶିଷ୍ୟ । ତାଙ୍କର ବାଦନ ଶ୍ରୁତିମଧୁର । ତବଲାର ଧ୍ୱନି ଘଣ୍ଟାଭଳି ଶୁଣାଯାଉଥାଏ । କାରଣ ତବଲାର କାନରେ 'ନା'ର ବାଦନ ଅସଂଖ୍ୟ ମଧୁର ଧ୍ୱନିର ସୃଷ୍ଟି କରୁଥାଏ । ଏଇଟା ତାଙ୍କର ବିଶେଷତ୍ୱ, କିନ୍ତୁ ମୂଳରୁ କେଜାଣି କାହିଁକି ଆଲ୍ଲାଉଦ୍ଦିନ ସୁଖୀ ନୁହନ୍ତି । ଅନୋଖିଲାଲଙ୍କ ପ୍ରତି ବିରକ୍ତିର ଦୃଷ୍ଟି ସଙ୍ଗୀତ ଆରମ୍ଭରୁ । ଅବଶ୍ୟ ଆଲ୍ଲାଉଦ୍ଦିନଙ୍କ ସରୋଦ୍ ବାଦନ ଅତ୍ୟନ୍ତ ଅନବଦ୍ୟ । ତାଙ୍କର ଶୈଳୀକୁ ଅନୁଧାବନ କରି ତାଙ୍କ ପୁଅ ଆଲି ଆକବର ଓ ସିତାରରେ ରବିଶଙ୍କର ପୃଥିବୀ-ପ୍ରସିଦ୍ଧ ହୋଇ ଅଛନ୍ତି । ଶ୍ରୋତାମାନେ ଉପଭୋଗ କରୁଥାଆନ୍ତି । ବାଦନର ଗତି ଦ୍ରୁତ ହେଲା । ଉଭୟେ ସମାନ ଗତିରେ ଚାଲିଥାଆନ୍ତି । କିନ୍ତୁ ଆଲ୍ଲାଉଦ୍ଦିନ ସନ୍ତୁଷ୍ଟ ନୁହନ୍ତି ସଙ୍ଗତରେ । ଶେଷରେ ନ ରହିପାରି ସରୋଦ ଉପରେ ବାଦକକୁ ଇଙ୍ଗିତ ଦେଲେ କିପରି ବୋଲ୍ ବଜାଇବା ଦରକାର ତବଲାରେ । ସାଙ୍ଗେ ସାଙ୍ଗେ ଅନୋଖିଲାଲ ବୁଝିଗଲେ । ତବଲା କାନରେ "ଧେରେ ଧେରେ" ଶବ୍ଦ କରି ଅତି ଦ୍ରୁତ ଗତିରେ ସଙ୍ଗତ କରି ଚାଲିଲେ । ଅଧଘଣ୍ଟାଏ ଧେରେ କେତେ ବୋଲ୍ ଚାଲିଛି ; ବନ୍ଦ ହେଉନାହିଁ; ସରୋଦ୍‌ର ସଙ୍ଗୀତ ମଧ୍ୟ ସେହିପରି ଗତିଶୀଳ ଓ ଅନୁରୂପ । ଅଦ୍ଭୁତ ସଙ୍ଗତ । ଶେଷରେ ଦୁଇ ବାଦ୍ୟଯନ୍ତ୍ର ବନ୍ଦ ହେଲା । ଆଲ୍ଲାଉଦ୍ଦିନ ଉଠିଯାଇ ଅନୋଖିଲାଲଙ୍କୁ କୁଣ୍ଢେଇ ପକାଇଲେ । ଆଶୀର୍ବାଦ କଲେ ଅତି ଉତ୍ତମ ସଙ୍ଗତ ପାଇଁ ।

ଆଉ ଥରେ ଶ୍ରୀମତୀ ସୁନନ୍ଦା ପଟ୍ଟନାୟକ ଆସିଲେ ଅନ୍ୟ ଏକ କନ୍‌ଫରେନ୍ସରେ ଗାଇବା ପାଇଁ । ଶ୍ରୀମତୀ ସୁନନ୍ଦା ମୋର ପ୍ରିୟବନ୍ଧୁ

Digitized by srujanika@gmail.com

ଶ୍ରୀ କୁଳମଣି ରଥଙ୍କ ଘରେ ରହିଲେ । ତାଙ୍କର ଶ୍ରୁତିମଧୁର କଣ୍ଠସ୍ୱର ଅନେକଙ୍କର ବହୁ ପ୍ରଶଂସା ଲାଭ କରିଥିଲା । ନବୀନ ଶିଳ୍ପୀ ହେଲେ ମଧ୍ୟ ତାଙ୍କର ରାଗ ଉପରେ ଦଖଲ, ଲୟକାରୀ ଓ ଭଜନ ସଙ୍ଗୀତର ମୂର୍ଚ୍ଛନା ଅତି ଉଚ୍ଚସ୍ତରର ଥିଲା । କଲିକତାର ଶ୍ରୋତୃ ସମାଜ ପ୍ରଥମରୁ ଶ୍ରୀମତୀ ସୁନନ୍ଦାଙ୍କ ଶୈଳୀ ପ୍ରତି ଗଭୀର ଭାବରେ ଆକୃଷ୍ଟ ହେଲେ । ତାଙ୍କର ସୁନାମ ଅଚିରେ ବ୍ୟାପ୍ତ ହୋଇ ପଡ଼ିଲା । ଆମ୍ଭେମାନେ ଗୋଟିଏ ବିଶେଷ ବୈଠକ କରିଥିଲୁ ରାଜା ବସନ୍ତ ରାୟ ରୋଡ଼ରେ ସଚୀନ ବାବୁଙ୍କ ଘରେ (ବର୍ତ୍ତମାନର ନାମୀଲେଖକ ବୁଦ୍ଧଦେବଙ୍କ ବାପା) । ତାଙ୍କର ସୁମଧୁର କଣ୍ଠ ସଙ୍ଗୀତ ଶୁଣି ଆମେ ସବୁ ଧନ୍ୟ ଧନ୍ୟ କଲୁ । ସେହି ଦିନଠାରୁ ତାଙ୍କର ଖ୍ୟାତି ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ହୋଇ ରହିଛି ।

ମୋର ବରିଷ୍ଠ ବନ୍ଧୁ ଶ୍ରୀ ଗଗନବିହାରୀ ସ୍ୱାଇଁଙ୍କୁ କହିଲି ଯେ ଅନେକ ଧରଣର ସଙ୍ଗୀତର ବୈଠକ ହେଉଛି—ସେଥିରେ ଯୋଗଦେବା ପାଇଁ । ସେ ଇତିହାସର ବିଚକ୍ଷଣ ବେତ୍ତା, ତାଙ୍କର ରାଜନୀତି ବିଜ୍ଞାନରେ ଗଭୀର ପ୍ରବେଶ । ଓଡ଼ିଆ ହେଲେ ମଧ୍ୟ ବଙ୍ଗଳା ସାହିତ୍ୟରେ ତାଙ୍କର ଜ୍ଞାନ ପ୍ରଶଂସନୀୟ । ବଙ୍ଗଳାର ସାଂସ୍କୃତିକ, ଐତିହାସିକ ଓ ସାମାଜିକ ବିକାଶ ବିଷୟରେ ଅତ୍ୟନ୍ତ ଅଭିଜ୍ଞ । ସେ କହିଲେ ଯେ ସଙ୍ଗୀତ ସେ କିଛି ବୁଝନ୍ତି ନାହିଁ । ତେଣୁ ସେଥିରେ ତାଙ୍କର ଅନୁରକ୍ତି ନାହିଁ । ମୁଁ କହିଲି ପାଥୁରିଆଘାଟାରେ All Bengal Music Conference ହେଉଛି । ସେଠାରେ ଉଦ୍‌ବୋଧନ ଦେବେ ଶ୍ରୀ ସୌମେନ୍ଦ୍ର ନାଥ ଠାକୁର, ରବୀନ୍ଦ୍ରନାଥଙ୍କର ବଂଶଧର । ଚାଲନ୍ତୁ ଶୁଣିବେ । ସେ ତତ୍‌କ୍ଷଣାତ୍ ରାଜି ହୋଇଗଲେ । ଉତ୍ତର କଲିକତା ଆମ ଘରଠାରୁ ଅନେକ ଦୂର । କିନ୍ତୁ ଆମେ ଦୁହେଁ ଠିକ୍ ସମୟରେ ପହଞ୍ଚିଲୁ । ଦେଖିଲୁ କେତେ ମହାରଜ, ସ୍ୱରନ୍‌ରାଣୀ ମାଥୁର ପ୍ରଭୃତି ଶିଳ୍ପୀମାନେ ଆସି ଯାଇଛନ୍ତି । ସୌମେନ୍ଦ୍ର ନାଥ ଆସି ପହଞ୍ଚିଲେ । ସେ ଜଣେ ଅବିମିଶ୍ର କମ୍ୟୁନିଷ୍ଟ ନେତା, ଭାବିଲି ସେ ପୁଣି ସଙ୍ଗୀତ ବିଷୟରେ କଣ କହିବେ ?

ସୌମେନ୍ଦ୍ର ନାଥ ଆରମ୍ଭ କଲେ । ସେ ତାଙ୍କ ସାଙ୍ଗ ସହିତ ପିଲା ଦିନେ ଫୁଟବଲ ଖେଳୁଥିଲେ । ତାଙ୍କ ସାଙ୍ଗ ମନ୍ମଥନାଥ ଘୋଷ—ଏହି ସମ୍ମିଳନୀର ବର୍ତ୍ତମାନ ସଭାପତି । ଦିନେ ମନ୍ମଥ ସେ ଓ ପାର୍କରୁ ଫୁଟବଲ

Digitized by srujanika@gmail.com

ଖେଙ୍କା ଧିଙ୍କା ଗୋଡ଼ରେ ଆସି ପହଞ୍ଚିଛନ୍ତି ଶୁଣିଲେ ଯେ ବିଷ୍ଣୁ ଦିଗମ୍ବର ପାଲୁସ୍କର ଆସିଛନ୍ତି । ବିଷ୍ଣୁ ଦିଗମ୍ବର ଅତି ସମ୍ମାନାସ୍ପଦ ଗାୟକ ବିନ୍ଦୁଧରିନାର । ତାଙ୍କର ସଙ୍ଗୀତ ଅନବଦ୍ୟ । ସେ ଗୀତ ଆରମ୍ଭ କରି ଦେଇଥାଆନ୍ତି । ସୋମେନ୍ଦ୍ର ଓ ମନ୍ମଥ ତାଙ୍କ ପାଖରେ ବସି ପଡ଼ିଲେ । ଶୁଣୁଛନ୍ତି ତ ଶୁଣୁଛନ୍ତି । କେତେ ରାତି ହେଲାଣି ସେମାନଙ୍କର ଖିଆଲ ନାହିଁ । ଘରୁ ଲୋକ ବାହାରି ସେମାନଙ୍କୁ ଖୋଜି ଖୋଜି ଆସି ଏଠାରେ ପହଞ୍ଚିଲେ । ନେଇଗଲେ । କହିଲେ, ମେ ସଙ୍ଗୀତର ଆକର୍ଷଣ ପ୍ରାଣର ଆକର୍ଷଣ, ସଙ୍ଗୀତର ନୁହେଁ । ତାଙ୍କ କଥା ଆମେ ଉଦ୍‌ଗ୍ରୀବ ହୋଇ ଶୁଣିଲୁ । ସଙ୍ଗୀତ କିପରି ମତବାଦର ପ୍ରାଚୀର (କମ୍ୟୁନିଜମ୍) ଭେଦ କରି ଅନ୍ତରରେ ପ୍ରବେଶ କରିଛି ତାହା ଉପଲବ୍‌ଧି କଲୁ । ଶିଳ୍ପୀମାନଙ୍କୁ ଶୁଣି ଘରକୁ ଫେରିଲୁ ।

ସେଦିନ ଦେଖିଲି ଗଗନ ବାବୁ ସଙ୍ଗୀତ ବିଷୟରେ ବେଶ ଉତ୍ତେଜିତ ହୋଇ ତାଙ୍କର ମତାମତ ବ୍ୟକ୍ତ କରୁଥାଆନ୍ତି । ତାଙ୍କ ମନରେ ମଧ୍ୟ ନବ ଦିଗନ୍ତର ଛୁଆଁ ଲାଗି ଯାଇଥାଏ ।

ଥରେ ଗଗନବାବୁ କହିଲେ ଚାଲନ୍ତୁ ଆମେସବୁ ସପରିବାରରେ ବଣଭୋଜି କରିବାକୁ ଯିବା । କେତେଗୁଡ଼ିଏ ଓଡ଼ିଆ ପରିବାର ବେଶ ଘନିଷ୍ଠ ହୋଇଥାଉ । ସହକର୍ମୀ ନିରଞ୍ଜନ କାନୁନଗୋ, କୁଳମଣି ରଥ, ଗଗନବାବୁ ଓ ପାଢ଼ିବାବୁ ପ୍ରଭୃତି । ସମସ୍ତେ ରାଜିହେଲୁ । କଥା ହେଲା ବ୍ୟବସ୍ଥାପନ ସବୁ ଗଗନବାବୁ କରିବେ । ସ୍ଥାନ ନିରୂପଣ, ଖାଦ୍ୟ ପେୟର ସନ୍ଧାନ ଓ ବିଶ୍ରାମର ଅବକାଶ । ମୋ ଉପରେ ଭାର ପଡ଼ିଲା କେବଳ ଯାନବାହନର । ପ୍ରାୟ ତିରିଶଜଣ ଲୋକ ଯାତ୍ରା କଲେ କଲିକତାର ଉପକଣ୍ଠରେ ଥିବା ଶାହାମାନଙ୍କର ପ୍ରମୋଦ-ଉଦ୍ୟାନ ଭବନକୁ । ସେଠାରେ ଦେଖିଲୁ ପ୍ରାଚୀନ ମୂର୍ତ୍ତି, ପ୍ରତ୍ନତାତ୍ତ୍ୱିକ ଶିଳା ଓ ଅନେକ ଚମକପ୍ରଦ ମନୋହର ପ୍ରାଚୀନ ବସ୍ତୁର ଅପୂର୍ବ ସଂଗ୍ରହ ଓ ସମାବେଶ । ସେ ଉଦ୍ୟାନଟି ବିରାଟ ଓ ଅଟ୍ଟାଳିକାଟି ମନୋରମ ମଧ୍ୟ । ବିଶ୍ରାମର ବ୍ୟବସ୍ଥା ଯଥେଷ୍ଟ । ରନ୍ଧାବଢ଼ା ଖୁବ୍ ଭଲ ହୋଇଥିଲା । ଖୋଲାମେଲା ଜାଗା ପାଇ ପିଲାମାନେ ଦିନସାରା ନାନା ଖେଳରେ ଲିପ୍ତ ରହିଲେ । ଖୁବ୍ ଭଲଲାଗିଲା ସେମାନଙ୍କୁ । ଆମ୍ଭେମାନେ ମଧ୍ୟ ଅବସରରେ

ତାସ୍ ଖେଳିଲୁ । ନିରଞ୍ଜନବାବୁଙ୍କର 'ବ୍ରିଜ୍' ଖେଳରେ ବଡ଼ ନିଶା । ଟିକିଏ ଭଲ ତାସ୍ ଆସିଲେ 'ଟୁ ନୋଟ୍ରମ୍ପ' ଡାକିବାର ଅଭିଳାଷ ସେ ଅବଦମିତ କରି ରଖିପାରନ୍ତି ନାହିଁ । ତାଙ୍କର ଖେଳରେ ଦୋସର ହୁଅନ୍ତି, କୁଳମଣିବାବୁ । ଖେଳ ନ ହେଲେ ସବୁ ଦୋଷ କୁଳମଣିବାବୁଙ୍କର । ଅନେକ ବାକ୍‌ବିତଣ୍ଡା ହୁଏ । ନିରଞ୍ଜନ ବାବୁ ଆମକୁ ସାକ୍ଷୀ ଗଣନ୍ତି । ଗଗନବାବୁ ଚୁପ ହୋଇ ରହନ୍ତି । ମୁଁ ନିରଞ୍ଜନବାବୁଙ୍କୁ ପ୍ରେରଣା ଦିଏ—କହେ "ସାର୍ ଠିକ୍ କହୁଛନ୍ତି ।" ଆଉ କୁଳମଣିବାବୁଙ୍କର ବି ରାଗ ମୋ ଉପରେ ! ଆମର ବାଦାନୁବାଦ ଚିରକାଳର । ଭୁଲ ହୋଇଗଲେ ନିରଞ୍ଜନବାବୁ ଦଶଥର କହିବେ "Sorry Brother" ଆଉ ଜିତିଲେ ଦଶଥର ହ୍ୟାଣ୍ଡସେକ୍ Thank you, Thank you ଚାଲିଛି ତ ଚାଲିଛି, ଇଆଡ଼େ ଲୁଙ୍ଗି ଖସି ପଡ଼ିବା ଉପରେ । ଅତି ସ୍ନେହୀ ଲୋକ । ବହୁଦିନରୁ ଧରାଧାମ ତ୍ୟାଗ କରି ଗଲେଣି । ତାଙ୍କର ସ୍ମୃତି ଆମ ମନରେ ଅଲିଭା ହୋଇ ରହିଛି ଓ ରହିଥିବ ।

ଆଉ ଜଣଙ୍କ କଥା ମନେପଡ଼େ । ସୂର୍ଯ୍ୟମଣି ପଟ୍ଟନାୟକ । ଯେମିତି ଖାଇବାରେ ସେମିତି ଖୁଆଇବାରେ ମଧ୍ୟ । ଦିନେ ପୁରୀରୁ ତାଙ୍କ ଘରକୁ ଧନୁମୁଆଁ ଆସିଛି । ହଠାତ୍ ମୁଁ ଯାଇ ପହଞ୍ଚିଗଲି । ଆଉ ଜଣ ଗୁଡ଼ିବାଲୋକ । ମତେ ସେ ମୁଆଁ ଶେଷକରିବାକୁ ହେବ । ମୁଆଁ ଭାରି ଶକ୍ତ । ଦାନ୍ତରେ କାଟି ହେଉ ନ ଥାଏ । କିନ୍ତୁ ଅନେକ ଖାଇଲିଣି ଆଉ ପାରିବି ନାହିଁ । କିଏ ଶୁଣୁଛି ? ସେ ନାଛୋଡ଼ବନ୍ଧା । "ନା ନା, ଆପଣଙ୍କୁ ପୂରାଟା ଖାଇବାକୁ ହେବ ।" କି ମୁସ୍କିଲରେ ପଡ଼ିଲି । ଅଗତ୍ୟା ଅନେକକ୍ଷଣ ଧରି ଚର୍ବଣ କରି କ୍ଷାନ୍ତ ହେଲି । ସେ ଭାରି ଖୁସୀ ହେଲେ । ତାଙ୍କଭଳି ଆନନ୍ଦ ଲୋକ ବିରଳ । ବହୁତ ଥଟ୍ଟା ତାମସା କରନ୍ତି । ସବୁବେଳେ ହସୁଥିବେ । ସେ ମଧ୍ୟ ଧରାଧାମରୁ ବିଦାୟ ନେଇ ଚାଲି-ଯାଇଛନ୍ତି । ଖାଲି ଆମେ ପଡ଼ିଅଛୁ କେଉଁ ଲୋଭରେ ? ଉତ୍ତର ମୋତେ ଜଣାନାହିଁ ।

ଗଗନବାବୁ ଆନନ୍ଦ ଲୋକ । ସେ କହିଲେ ଦକ୍ଷିଣେଶ୍ୱର କାଳୀଙ୍କ (ମା ଭବତାରିଣୀ) ଭୋଗ ଦିନେ ନିଶ୍ଚୟ ଖାଇବାକୁ ହେବ । ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ମଧ୍ୟ ସେ ଭୋଗ ଖାଉଥିଲେ । ଆଉ

Digitized by srujanika@gmail.com

ଆମ୍ଭେମାନେ କିଆଁ ବାଦ୍ ଯିବା । ତାଙ୍କର ବିଶେଷ ଆଗ୍ରହ ଦେଖି ରାଜି ହେଲି । ସେଠାର ନ୍ୟାସୀଙ୍କୁ ପଚାରି ବୁଝିଲି ସର୍ବସାଧାରଣ ସେହି ଭୋଗ ପାଇପାରିବେ କି ନାହିଁ । ତାଙ୍କ ସହିତ ଚିହ୍ନା ଥିଲା । ସେ ତତ୍‌କ୍ଷଣାତ୍ ସମ୍ମତ ହେଲେ ।

ଦିନେ ସକାଳେ ସ୍ନାନକରି ଅନେକ ଫଳ ଓ ଭୋଗସହିତ ଆମେ ତିନୋଟି ପରିବାର ଦକ୍ଷିଣେଶ୍ୱରରେ ପହଞ୍ଚିଲୁ । ସେଠାରେ ଆରତି ଦେଖି ଭୋଗଦେଇ ଦ୍ୱାଦଶ ଶିବଙ୍କୁ ଦର୍ଶନ କଲୁ । ସେମାନଙ୍କୁ ପୂଜାଦେଇ ପବିତ୍ର ଗଙ୍ଗାଜଳ ସ୍ପର୍ଶକରି ଶ୍ରୀରାମକୃଷ୍ଣଙ୍କ କୁଟୀରରେ ବସି ତାଙ୍କୁ ପ୍ରାର୍ଥନା କଲୁ । କି ପବିତ୍ର ସେହି ସ୍ଥଳଟି । କେତେ ଜ୍ଞାନୀ, ଗୁଣୀ, ସାଧକ ସନ୍ନ୍ୟାସୀ ଓ ଭକ୍ତ ଏହି ଘରଟି ମଧ୍ୟରେ ମହାପୁରୁଷଙ୍କର ସାନ୍ନିଧ୍ୟଲାଭ କରି ତାଙ୍କର ଉପଦେଶାବଳୀ ଶ୍ରବଣ କରି ଧନ୍ୟ ହୋଇ ଥିଲେ । ଭାବିଲି ଏହି ଘରେ ବିବେକାନନ୍ଦ କେତେଥର ଶ୍ରୀରାମକୃଷ୍ଣଙ୍କ ସହିତ ବାଦାନୁବାଦ କରିଥିଲେ ; କେତେଥର ତାଙ୍କର ସୁମଧୁର କଣ୍ଠରେ ଭଜନ କୀର୍ତ୍ତନ କରିଥିଲେ ତାର ଇୟତ୍ତା ନାହିଁ । ଐତିହାସିକ ଦୃଷ୍ଟି ଆମ୍ଭମାନଙ୍କର ମନକୁ ଏକ ଅପୂର୍ବ ଭାବରାଜ୍ୟକୁ ବହନକରି ନେଇଗଲା । ସତେ କି ଏହି ଶ୍ରେଷ୍ଠ ଖଟଟି ଉପରେ ବସି ଶ୍ରୀରାମକୃଷ୍ଣ ଅହରହ ଶିଷ୍ୟମାନଙ୍କ କାନରେ ଅମୃତବର୍ଷଣ କରୁଥିଲେ ! ସେମାନେ କି ଭାଗ୍ୟବାନ ! ଆଜି ଆମ୍ଭେମାନେ ଦିନସାରା କେବଳ ନିଜର ସ୍ୱାର୍ଥ ଚିନ୍ତାରେ ଉନ୍ମତ୍ତ । ଅନ୍ୟ କୌଣସି ବିଷୟରେ ଆମର ଆଗ୍ରହ ନାହିଁ । ସେଇ କ୍ଷୁଦ୍ର ଘରଟିର ବାତାବରଣ ଆମର ମନକୁ ସ୍ୱର୍ଗୀୟ ଆନନ୍ଦ ଦେଇଥିଲା ।

ତାପରେ ବୁଲି ଦେଖିଲୁ ପଞ୍ଚମୁଣ୍ଡି, ଯେଉଁଠାରେ ବସି ଶ୍ରୀରାମକୃଷ୍ଣ ସାଧନା କରି ସିଦ୍ଧି ପାଇଥିଲେ । ପଞ୍ଚବଟି ବୁଲି ଦେଖିଲୁ । ସେହି ବଣ ଅତି ପବିତ୍ର । ଶ୍ରୀରାମକୃଷ୍ଣ ପରମହଂସଙ୍କର ଅକ୍ଷୟ ସ୍ମୃତି ବହନକରି ଅଛନ୍ତି—ଭକ୍ତମାନଙ୍କ ଚିତ୍ତରେ । ତାପରେ ଦେଖିଲୁ କଳକଳ ନାଦିନୀ ସଦା ପ୍ରବହମାନ ଗଙ୍ଗା । ଦୃଶ୍ୟ ପରମ ରମଣୀୟ । ସ୍ଥାନ ଅତି ଉତ୍ତମ ଓ ପରିଷ୍କୃତ । ବୁଲିବୁଲି ଦେଖୁ ଦେଖୁ ପୂଜାର ଘଣ୍ଟା ବାଜିଲା । ଆମେ ସମସ୍ତେ ଭବତାରିଣୀଙ୍କ ମନ୍ଦିରକୁ ଫେରିଲୁ । ଅତି ପ୍ରଶାନ୍ତ ମୂର୍ତ୍ତି ।

Digitized by srujanika@gmail.com

କାଳୀଙ୍କର ସାଧାରଣ ଭୟାବହତା ତାଙ୍କ ମଧ୍ୟରେ ଅନୁପସ୍ଥିତ । ମନେହେଲା ବରାଭୟପ୍ରଦାୟିନୀ ଭଗବତୀରୂପେ ପୂଜା ପାଉଛନ୍ତି ଭବ-ତାରିଣୀ । ସଂସାରରୁ ତାରଣ କରିବାପାଇଁ ତାଙ୍କର ଅବସ୍ଥାନ । ପୁଣ୍ୟଶ୍ଳୋକା ରାଣୀ 'ରାସମଣିଙ୍କର ଏକ ଅପୂର୍ବ କୀର୍ତ୍ତି । ଜଣେ କୈବର୍ତ୍ତ-ବଂଶୀୟା ନିରକ୍ଷର ରମଣୀ ହୋଇ ଏକ ମହାଭାବର ଅଧିକାରିଣୀ ହୋଇ ଥିଲେ ସେ । ଭକ୍ତିର ପ୍ରବାହ ବହୁଛି ଏହି ପବିତ୍ର ଧାମରେ, କେତେ କେତେ ସାଧୁ ସନ୍ନ୍ୟାସୀ ଦର୍ଶନ ଲାଭ କରି ନିଜକୁ ଧନ୍ୟ ମନେକରୁଛନ୍ତି ।

ମନେପଡ଼ିଲା ତୋତାପୁରୀଙ୍କ କଥା । ସେ ନିର୍ଗୁଣ ପରଂବ୍ରହ୍ମରେ ବିଶ୍ୱାସ କରୁଥିଲେ । କେବେହେଲେ ମୃଣ୍ମୟୀ ଭବତାରିଣୀଙ୍କୁ ଦର୍ଶନ କରିବାକୁ ଆସୁ ନ ଥିଲେ । ଶ୍ରୀରାମକୃଷ୍ଣଙ୍କୁ ଶିକ୍ଷାଦାନ କରିବା ପରେ ବେଶି କିଛି ଦିନ ଦକ୍ଷିଣେଶ୍ୱରରେ ଅବସ୍ଥାନ କରିଥିଲେ । ଶ୍ରୀରାମକୃଷ୍ଣ ମା'ଙ୍କୁ ଜଣାଇଲେ "ତୁମେତ ନଙ୍ଗାବାବାଙ୍କୁ ମୋତେ ଶିକ୍ଷାଦେବାପାଇଁ ଆଣିଛ । ମାତ୍ର ସେ ତ ତୁମକୁ ମାନେ ନାହିଁ । କହେ ପଥରର ମୂର୍ତ୍ତିକୁ ସେ ବିଶ୍ୱାସ କରେ ନାହିଁ ।" କିଛି ଦିନ ପରେ ନଙ୍ଗାବାବାଙ୍କର ପେଟ ବ୍ୟଥା ଆରମ୍ଭ ହେଲା । ଯେତେବେଳେ ଧ୍ୟାନରେ ବସନ୍ତି ସେତେବେଳେ ବ୍ୟଥାଟି ଉଗ୍ର ହୋଇଉଠେ, ପେଟ ମୋଡ଼ିହୁଏ, ଶରୀର ଯନ୍ତ୍ରଣା, ସେ ଅସ୍ଥିର ହୋଇ ଧ୍ୟାନରୁ ଉଠିପଡ଼ନ୍ତି । ଧ୍ୟାନଭଙ୍ଗ ହୁଏ । ସେ ବିରକ୍ତ ହୋଇପଡ଼ନ୍ତି । ତାଙ୍କର ଧ୍ୟାନପ୍ରଚେଷ୍ଟା ସବୁବେଳେ ବିଫଳ ହୋଇ-ଯାଏ । ବିବ୍ରତ ହୋଇପଡ଼ନ୍ତି । ଅନେକ ଭାବି ଭାବି ସ୍ଥିର କଲେ ଯେ ଶରୀର ଥିବାଯୋଗୁ ଧ୍ୟାନରେ ବ୍ୟାଘାତ ହେଉଅଛି । ଶରୀରକୁ ନିପାତ କରିଦେଲେ ଆଉ କୌଣସି ବ୍ୟାଘାତର କାରଣ ରହିବ ନାହିଁ । ଏହା ସ୍ଥିରକରି ଦିନେ ଘୋର ରାତିରେ ଗଙ୍ଗାରେ ଶରୀର ତ୍ୟାଗ କରିବାକୁ ମନସ୍ଥ କଲେ । ଯେତେଦୂର ଗଙ୍ଗାନଦୀ ମଧ୍ୟରେ ପ୍ରବେଶ କରନ୍ତି ଗଙ୍ଗାଜଳ ସେତେ ସେତେ କମି ଆସି ତାଙ୍କର ବକ୍ଷ ଲଗ୍ନ ହୋଇ ରହିଯାଏ । ଶରୀର ପତନ କରିବାର ସୁଯୋଗ ତାଙ୍କୁ ଗଙ୍ଗାନଦୀ ଦିଏ ନାହିଁ । ଏପରି ଅତ୍ୟାଶ୍ଚର୍ଯ୍ୟ ଘଟଣାକୁ ସେ ଭାବିଲେ ଏହା ଦେବୀମାୟା-ଦ୍ୱାରା କେବଳ ସମ୍ଭବ ହୋଇପାରେ । ବୁଝିପାରିଲେ ଦେବୀ ତାଙ୍କୁ ଛଳନାକରି ତାଙ୍କର ମହତ୍ତ୍ୱ ପ୍ରତିପାଦନ କରିଅଛନ୍ତି । ଗଙ୍ଗାନଦୀର

Digitized by srujanika@gmail.com

ଘାଟରୁ ଉଠି ଦେଖ ଭବତାରଣୀ ମନ୍ଦିରକୁ ଯାଇ ତାଙ୍କୁ ପ୍ରଣାମ କରି କହିଲେ "ଯୁଦ୍ଧ କ୍ୟା ଦେବମାୟା ?" ତାପରେ ଦକ୍ଷିଣେଶ୍ୱରରୁ ଅନ୍ତର୍ଦ୍ଧାନ ହୋଇଗଲେ । ଆଉ କେହି ତାଙ୍କର ଦେଖା ପାଇନାହାନ୍ତି ବୋଲି ଜନଶ୍ରୁତି ଅଛି ।

ଭବତାରଣୀଙ୍କର ପୂଜା ସରିଲା । ଆମ୍ଭମାନଙ୍କୁ ପ୍ରସାଦ ପାଇବା ପାଇଁ ଆମନ୍ତ୍ରଣ ହେଲା । ଗୋଟିଏ ବଡ଼ ଲମ୍ବା ଘର । ସମସ୍ତେ ତଳେ ବସିଲୁ । ଭୋଗ ପରଷା ହେଲା । ଖାଦ୍ୟ ଅତି ସାଧାରଣ । ଭାତ, ଡାଲି, ଭଜା, ତରକାରି, ଶାଗ ପ୍ରଭୃତି । ଚଟ୍ଟଣିରେ ଟିକିଏ ଖିରି । କିନ୍ତୁ ସ୍ୱାଦ ଅତି ମଧୁର । ଭୋଜ୍ୟପଦାର୍ଥ ଅତି ଉପାଦେୟ । ଯେମିତି ନିଜ ଘରେ ରନ୍ଧାହୁଏ, ସେହିପରି । କିନ୍ତୁ ସବୁଥିରେ ସୁଗନ୍ଧ ଅଛି । ମା'ଭବତାରଣୀଙ୍କର ସ୍ପର୍ଶ ବୋଧହୁଏ । ଅତି ତୃପ୍ତିର ସହିତ ଭୋଜନ କଲୁ । ଆମର ଅନେକ ଦିନର ବାଞ୍ଛା ମା କାଳୀ ପୂରଣ କଲେ । ଅତି ଆନନ୍ଦରେ ସମସ୍ତେ ଘରକୁ ଫେରିଲୁ ।

ପୁଣି କୁମାରେଶ ବାବୁଙ୍କ ସହିତ ଦେଖାହେଲା । ସେ କହିଲେ ଆପଣ କିଛି ଶିଖୁନାହାନ୍ତି କାହିଁକି ? ଏତେ ଶୁଣୁଛନ୍ତି ସେଥିରୁ ତ କିଛି ଧାନଧାରଣା ନିଶ୍ଚୟ ହେଉଥିବ । ଏଥର ଆପଣ ବିଧିବଦ୍ଧ ଭାବରେ ସଙ୍ଗୀତ ଚର୍ଚ୍ଚା କରନ୍ତୁ । ସେଥିରେ ଶୁଣିବା ଅପେକ୍ଷା ଅନେକ ବେଶୀ ଆନନ୍ଦ । ନିର୍ଦ୍ଧାରିତ ସତ୍ୟ । କାରଣ Bertrand Russelଙ୍କ ରଚନାରେ ପଢ଼ିଥିଲି ଯେ ଯେଉଁମାନେ ପଡ଼ିଆରେ ଖେଳନ୍ତି ସେମାନେ ଦର୍ଶକମାନଙ୍କଠାରୁ ବହୁପରିମାଣରେ ବେଶୀ ଆନନ୍ଦ ପାଇଥାଆନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ । କହିଲି ସଙ୍ଗୀତ ବିଷୟରେ କିଛି ଜାଣିବାର ସ୍ପୃହା ମୋର ଅନେକ ଦିନର । ଯଦି କିଛି ପ୍ରାମାଣିକ ଗ୍ରନ୍ଥ ଆପଣଙ୍କ ପାଖରେ ଥାଏ, ମୋତେ ଦେଲେ, କୃତଜ୍ଞ ହେବି । ସେ କେତେଗୁଡ଼ିଏ ପୁସ୍ତକ ମୋତେ ପଢ଼ିବାକୁ ଦେଲେ । ସେଥିରୁ ସଙ୍ଗୀତର ଉତ୍ପତ୍ତି ଓ ବିକାଶ ବିଷୟରେ ମୋର ସାମାନ୍ୟ ଜ୍ଞାନ ହେଲା ଓ ପ୍ରାଥମିକ ସୋପାନର ଧାରଣା କିଛି ହେଲା ବୋଲି ମନେହେଲା । ସେତେବେଳେ ଯାହା ଲିପିବଦ୍ଧ କରି ରଖିଥିଲି, ତାହା ଏହିପରି :—

Digitized by srujanika@gmail.com

ପ୍ରାଣବାୟୁର ବିଭିନ୍ନ ସ୍ପନ୍ଦନରୁ ଜାତ ନାଦ ହେଉଛି ସଙ୍ଗୀତର ମୂଳଦୁଆ । ଏଥିରୁ ସମ୍ଭୂତ ହୁଏ ସ୍ୱର; ଯଥା: ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମା, ପଞ୍ଚମା, ଧୈବତ ଓ ନିଷାଦ । ଏହାର ପାରମ୍ପର୍ଯ୍ୟରେ ହୁଏ ଛନ୍ଦ । ଛନ୍ଦରୁ ସଙ୍ଗୀତର ସୃଷ୍ଟି । ବ୍ରାହ୍ମଣ, ସଂହିତା ଓ ଆରଣ୍ୟକ ସାହିତ୍ୟରୁ ଦେଖାଯାଏ ଯେ ପ୍ରଥମେ ସ୍ତୋତ୍ରର ବହୁଳ ପ୍ରଚୁର ଓ ପ୍ରସାର ଥିଲା । ଏହା ଆବୃତ୍ତିରେ ସନ୍ନିବେଶିତ ଥିଲା । ଦେବଦେବୀମାନଙ୍କ ପ୍ରତି ଭକ୍ତି ଶ୍ରଦ୍ଧା ନିବେଦନର ଓ ପ୍ରାର୍ଥନାର ଏକ ପଦ୍ଧତି ଥିଲା ସଙ୍ଗୀତର ମାଧ୍ୟମରେ । ବୈଦିକ ସଙ୍ଗୀତରେ ସବିତା, ବହ୍ନି, ବରୁଣ, ମିତ୍ର, ଆକାଶ ଇତ୍ୟାଦିଙ୍କ ପାଇଁ ବିଶେଷ ଧରଣର ପ୍ରାର୍ଥନା ଦେଖାଯାଏ । ଏହିସବୁ ସାହିତ୍ୟରୁ ପ୍ରତୀୟମାନ ହୁଏ ଯେ ସରସ୍ୱତୀଙ୍କୁ ଅନାହତ ନାଦ ରୂପେ କଳ୍ପନା କରାଯାଇଥିଲା, ଆହତ ନାଦରୁ ସଙ୍ଗୀତର ଆଗମନ ହୋଇଅଛି ।

ବୈଦିକ ସଙ୍ଗୀତର "ସାମଗାନ" ବହୁ ଆବୃତ୍ତି, ଗାନ ଓ ପରମ୍ପରାରୁ ସୃଷ୍ଟ । ଏଗୁଡ଼ିକର ବିଷୟବସ୍ତୁ ଥିଲା ଗ୍ରାମଗେୟଗାନ, ଅରଣ୍ୟଗେୟଗାନ, ଊହଗାନ, ଊହ୍ୟଗାନ । ଏହି ଗୀତଗୁଡ଼ିକ ବୈଦିକ ସଙ୍ଗୀତର ମୂଳ ସୋପାନ । ଏଗୁଡ଼ିକ ବୈଦିକ ସ୍ୱରରେ ଗୀତ ହୋଇଅଛି; ଯଥା— ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥ, ମନ୍ଦ୍ର, ଅତିସ୍ୱାର୍ଯ୍ୟ ଓ କୃଷ୍ଟ । ଏହା କେବଳ ଆରୋହଣ ପଦ୍ଧତିରେ ଆବଦ୍ଧ ଥିଲା ।

ଭରତଙ୍କର ନାଟ୍ୟ ଶାସ୍ତ୍ରରେ ଲିଖିତ ଅଛି ଯେ ବୈଦିକ ଓ ଗାନ୍ଧର୍ବ ସଙ୍ଗୀତର ସାମଞ୍ଜସ୍ୟ ଥିଲା । ଏହା ସ୍ୱର୍ଗୀୟ ଆନନ୍ଦ ଦେଉଥିଲା । ଯେ କୌଣସି ନାଟକରେ ଏହାର ଅବତାରଣା କରାଯାଉଥିଲା । ଗାନ୍ଧର୍ବ ସଙ୍ଗୀତ ମାର୍ଗସଙ୍ଗୀତ ନାମରେ ମଧ୍ୟ ଖ୍ୟାତ ଥିଲା । ମାର୍ଗ ସଙ୍ଗୀତ ଦେବ-ଦେବୀମାନଙ୍କ ବିଷୟରେ କେବଳ ଆବଦ୍ଧ ନ ଥିଲା । ସେଥିପାଇଁ ଏହାର ଅନ୍ୟ ନାମ ଥିଲା ଲୌକିକ ବା 'ଦେଶୀ' । ବୈଦିକ ଓ ଲୌକିକ ସଙ୍ଗୀତରେ ସପ୍ତଗ୍ରାମ ରାଗର ପରିପ୍ରକାଶ ଲକ୍ଷିତ ହେଉଥିଲା । ସେଥିରେ ସାତଟି ସ୍ୱରରେ ଅବରୋହଣ-ଆରୋହଣ ଯଥା—

ସପ୍ତଗ୍ରାମରାଗ

ଦୀପ୍ତ—ବୀରଭାବ
ଆୟତ—ଶାନ୍ତଭାବ
ମୃଦୁ— ଶୃଙ୍ଗାରରସାଭାବ
ମଧ୍ୟା—ହାସ୍ୟ ଭାବ
କରୁଣା—ସହାନୁଭୂତି ଭାବ

୧-ସାଧବ, ୨-ପଞ୍ଚମା
୩-ଷଡ୍‌ଜଗ୍ରାମ ୪-ସାଧାରିତ
୫-କୌଶିକ ୬-ମଧ୍ୟମଗ୍ରାମ
୭-କୌଶିକ ମଧ୍ୟମା

ଜାତିରାଗଗୁଡ଼ିକ ଶାସ୍ତ୍ରୀୟ (classical) ସଂଗୀତର ପଥପ୍ରଦର୍ଶକ । ସେମାନଙ୍କର ଦଶଟି ପ୍ରକୃତ ବୈଶିଷ୍ଟ୍ୟ ଥିଲା । ଯଥା—ବାଦ୍ୟ, ସାମବାଦ୍ୟ, ଅନୁବାଦ୍ୟ, ମୂର୍ଚ୍ଛନା, ବର୍ଣ୍ଣ, ଗ୍ରହ ଓ ନ୍ୟାସ ପ୍ରଭୃତି । ଗନ୍ଧର୍ବ ସଙ୍ଗୀତ ଭାରତର ସଙ୍ଗୀତ କ୍ଷେତ୍ରରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଦ୍ୱିତୀୟ ଶତାବ୍ଦୀରେ ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ଗଣ, ଲୌକିକ ଗୀତ ଓ ଛନ୍ଦକୁ ନେଇ ସଙ୍ଗୀତର ଅଂଶବିଶେଷ କରିବାର ପ୍ରୟାସ କରିଥିଲେ । ସେ କେତେଗୁଡ଼ିଏ ଯଷ୍ଟିରାଗ ଗୀତି ମଧ୍ୟ ରଚନା କରିଥିଲେ । ଯଥା: ମାଗଧୀ, ଅର୍ଦ୍ଧମାଗଧୀ, ସମ୍ଭାବିତ, ପୃଥୁଳା ଇତ୍ୟାଦି ।

ଏହା ପରେ ଧ୍ରୁବଗୀତି ନାମରେ ଖ୍ୟାତ ହୋଇଥିଲା । ଅନେକ ପରବର୍ତ୍ତୀ ଯୁଗର ସଙ୍କୀର୍ତ୍ତନ ସଙ୍ଗୀତର ଏହା ପଥପ୍ରଦର୍ଶକ । ଏଥିରୁ ପ୍ରମାଣିତ ହୁଏ ଯେ ବୈଦିକ ଯୁଗରେ ଲୋକସଙ୍ଗୀତର ଆଦର, ପ୍ରଭାବ ଓ ପ୍ରତିପତ୍ତି କମ୍ ନ ଥିଲା । ଏହି କାରଣରୁ ନାଟ୍ୟଶାସ୍ତ୍ରକାର ଭରତଙ୍କର ଏପରି ପ୍ରୟାସ ସମ୍ଭବପର ହୋଇଥିଲା ।

ସପ୍ତମ ଶତାବ୍ଦୀ ମଧ୍ୟରେ ବହୁ ନୂତନ ଛନ୍ଦର ଉଦ୍ଭବ ହୋଇଥିଲା । ଭରତ, କୋହଳ, ଦୁର୍ଗାଶକ୍ତି, ମାତଙ୍ଗ ଆଦି ମନୀଷୀମାନେ ଏହି ଅଭିନବ ଛନ୍ଦରାଜିର ନିର୍ମାତା । ଏଥିରେ ବିଭିନ୍ନ ଦେଶର ଓ ଜାତିର ଆନନ୍ଦମୟ ଧାରା ସନ୍ନିବେଶିତ ହୋଇଥିଲା । ଏପରିକି ବିଦେଶୀୟ ସଙ୍ଗୀତର ମୂର୍ଚ୍ଛନା ମଧ୍ୟ ଏଥିରେ ଅନ୍ତର୍ନିହିତ ଥିଲା । ଯଥା: ଶକ, ତୁରସ୍କଗୌଡ଼, ତୁରସ୍କ-ତୋଡ଼ି, ପୁଳିନ୍ଦିକା ଆଦି । ମାତଙ୍ଗ ୭୩ଟି ଭାଷାରାଗର ସ୍ରଷ୍ଟା ଥିଲେ । ସେଗୁଡ଼ିକ ଆଦିବାସୀ ଓ ପ୍ରାଦେଶିକ ସଙ୍ଗୀତ-ପ୍ରସୂତ ।

Digitized by srujanika@gmail.com

ମହାକବି କାଳିଦାସଙ୍କ ସମୟରେ ମଙ୍ଗଳ-ପ୍ରବନ୍ଧକ-ଗାନର ବହୁଳ ପ୍ରଚଳନ ଥିଲା । କେତେକ ଗୀତ ଶ୍ରୋତଦେଶ ଅର୍ଥାତ୍ ତିବତ ଭୁଟାନ ଦେଶର ସଙ୍ଗୀତ ଥିଲା । ଅନ୍ତର୍ଦେଶୀୟ ଓ ବିଦେଶୀୟ ଲୋକ-ଗୀତର ପ୍ରାଧାନ୍ୟ ସଙ୍ଗୀତ ଉପରେ ବିଶେଷ ପରିମାଣରେ ଲକ୍ଷଣୀୟ ଥିଲା । ନାଟକର—ଅଂଶୀଭୂତ ସଙ୍ଗୀତ ଲୋକଗୀତ ନ ହେଲେ ତାହାର ଆବେଦନ ଗଣସମାଜକୁ ଆକର୍ଷିତ କରିପାରୁ ନ ଥିଲା । ନୃତ୍ୟର ଇତିହାସ ମଧ୍ୟ ଏହି ସତ୍ୟକୁ ପ୍ରମାଣିତ କରିଅଛି ।

ମହାକବି କାଳିଦାସଙ୍କ ସମୟରେ ନିମ୍ନଲିଖିତ ଗୀତ ପ୍ରଚଳିତ ଥିଲା । ଦ୍ୱିପାଦିକା, ଜମ୍ଭାଳିକା, ଖଣ୍ଡଧାର । ନୃତ୍ୟ ହେଲା—ଖୁରକ, ଖଣ୍ଡକ, ବଳାନ୍ତିକା ।

ଦକ୍ଷିଣଭାରତର ମନୀଷୀ ଶାର୍ଙ୍ଗଦେବ ତ୍ରୟୋଦଶ ଶତାବ୍ଦୀରେ ଗୋଟିଏ ସମ୍ପୂର୍ଣ୍ଣ ଧାରାର ପ୍ରବର୍ତ୍ତନ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ପ୍ରବନ୍ଧକଗୀତ ଓ ରାଗର ସୃଷ୍ଟି ସମ୍ପାଦନ ସମ୍ଭବ ହୋଇଥିଲା । ଏହି ପ୍ରବନ୍ଧକଗୀତ ତିନିଭାଗରେ ବିଭକ୍ତ ଥିଲା—ଶୁଦ୍ଧ, ଛାୟାଲଗ ଓ କ୍ଷୁଦ୍ର ।

ଏହି ଧ୍ରୁବକ ଜାତୀୟ ସଙ୍ଗୀତରୁ ଧ୍ରୁବପଦ ସଙ୍ଗୀତର ଧାରା ବହି ଥିଲା । ଏଥି ନିମନ୍ତେ ବୈଜୁବାବରା, ଗ୍ୱାଲିଅରର ରାଜାମାନ, ନାୟକ ଗୋପାଳଙ୍କର ପ୍ରଚେଷ୍ଟା ଉଲ୍ଲେଖଯୋଗ୍ୟ । ଆକବରଙ୍କ ପୃଷ୍ଠପୋଷକତାରେ ତାନସେନ ଏହି ସଙ୍ଗୀତର ବିଶେଷ ଉନ୍ନତି ସାଧନ କରି ପାରିଥିଲେ ।

ଏହାର ଅନେକ ପରେ ଖେୟାଲ ସଙ୍ଗୀତର ପ୍ରସାର ହେଲା । ହାସାନସିର୍କେ, ସଦାରଙ୍ଗ ଓ ଅଦାରଙ୍ଗଙ୍କଦ୍ୱାରା । ପରେ ପରେ ଠୁମ୍‌ରି, ଦାଦରା, ସାଦ୍ରା, ଗଜଲ, ଟପ୍‌ପା ଇତ୍ୟାଦିର ସୃଷ୍ଟି ହୋଇଥିଲା ।

ପଞ୍ଚଦଶ ଶତାବ୍ଦୀରେ କୃଷ୍ଣକୀର୍ତ୍ତନ, ଚର୍ଯ୍ୟା, ଗୀତଗୋବିନ୍ଦ, ମଙ୍ଗଳଗୀତ, ପାଞ୍ଚାଳୀ ସଙ୍ଗୀତର ସୃଷ୍ଟି ହେଲା । ଶ୍ରୀ ଚୈତନ୍ୟ-ମହାପ୍ରଭୁ ପଦାବଳୀ କୀର୍ତ୍ତନର ବହୁଳ ପ୍ରସାର କରିଥିଲେ । କୀର୍ତ୍ତନ ଛଡ଼ା ଅନେକ ରକମର ଲୋକଗୀତର ପ୍ରସାର ମଧ୍ୟ ଦେଖିବାକୁ ମିଳେ । ଯଥା—

Digitized by srujanika@gmail.com

ଦାଶକାଠିଆ, ପାଲା, ଯାତ୍ରା, କବିରଗାନ, ଝୁମର, ବାଉଲ, ଘଣ୍ଟିଯ୍ୟାଲି, ଯାରି, ସାରି, ମନସୁଖା ଇତ୍ୟାଦି ।

ଏହା ପରେ ନବଯୁଗର ସଙ୍ଗୀତ ଉଦ୍ଭବ ହେଲା ବିଂଶ ଶତାବ୍ଦୀରେ । ଏହି ମିଶ୍ର ସଙ୍ଗୀତ ଉଚ୍ଚାଙ୍ଗସଙ୍ଗୀତ ଓ ଲୋକଗୀତିର ଏକତ୍ର ସମାବେଶ । ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ନବସଙ୍ଗୀତର ସୃଷ୍ଟି ହେବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ନୂତନ ଯୁଗର ମାନବ ପ୍ରତି, ନୂତନତ୍ୱର ଆନନ୍ଦ ଦେଇଥାଏ ଏହି ମିଶ୍ରସଙ୍ଗୀତ । କାଳେ କାଳେ ପରିବର୍ତ୍ତନର ଧାରା ଧାବମାନ । ମହାକାଳ ଆଗେଇ ଚାଲିଛି । ପଛକୁ ଚାହିଁବାର ବେଳ କାହିଁ ?

ଲୋକେ କହନ୍ତି କାନରେ ପଡ଼ିଲେ ବଜେଇ ଶିଖନ୍ତି । ମୋର କିନ୍ତୁ କାନରେ ନ ପକାଇ କପଡ଼ ଭାବରେ ବଜାଇବା ହେଲା ତାହାର ବିବରଣୀ ବଡ଼ କୌତୁକାବହ । ଅଫିସରେ ବସି କାମ କରୁଛି, ମୋର ସହକର୍ମୀ ଜଣେ ବିଶିଷ୍ଟ ଲୋକଙ୍କୁ ମୋ ଅଫିସ ରୁମକୁ ଆଣିଲେ । ପରିଚୟ କରାଇ ଦେଲେ ପ୍ରଖ୍ୟାତନାମା ତବଲାବାଦକ ଶ୍ରୀ କାନାଇ ଦତ୍ତ । ନାମ ଆଗରୁ ଶୁଣିଥିଲି । ସେ ଜ୍ଞାନବାବୁଙ୍କ ଶିଷ୍ୟ ସେ କଥା ମଧ୍ୟ ଜଣା ଥିଲା । ତାଙ୍କ ଘରାନା ମସିଦ୍ ଖାଁଙ୍କର ବୋଲି ମତେ ଆଗରୁ କିଏ ଜଣେ କହିଥିଲେ । କେବଳ ଚାକ୍ଷୁସ ପରିଚୟ ଆଜି ହେଲା । ଏଇସବୁ କହିବାରୁ ସେ ବଡ଼ ପ୍ରୀତ ହେଲେ । କହିଲେ ଆପଣ ତ ଜାଣିବା ଶୁଣିବା ଲୋକ ତେବେ ତବଲା ଶିଖୁନାହାନ୍ତି କାହିଁକି ? ମୁଁ କହିଲି ନିଜ ବିଷୟରେ ମୁଁ ଖୁବ୍ ସନ୍ଧିହାନ । ମୋର କୌଣସି କ୍ଷମତା ଅଛି ବୋଲି ନିଜସ୍ୱ ଧାରଣା ନାହିଁ । ତେଣୁ ସବୁବେଳେ ପଛଉଛି । ସେ କହିଲେ ସେ କଥା ପରୀକ୍ଷା ଯୋଗ୍ୟ । ଆପଣ ଏଇ ରବିବାର ବଳରାମବସୁ ଘାଟରେ ଅବସ୍ଥିତ ମୋର କୁଟୀରରେ ପଦାର୍ପଣ କରନ୍ତୁ । ପରୀକ୍ଷା ପ୍ରାର୍ଥନୀୟ । ଅନେକ ମନୋବଳ ସଂଗ୍ରହ କରି ରବିବାର ଦିନ ତାଙ୍କ ଘରେ ପହଞ୍ଚିଲି । ଦେଖିଲି ପ୍ରକୃତରେ କୁଟୀରଟିଏ । ମାତ୍ର ଦୁଇଖଣ୍ଡି ଘର । ଗୋଟିକରେ ପିଲାପିଲିଙ୍କ ରହନ୍ତି । ଅନ୍ୟ ଘରଟି ଅତି କ୍ଷୁଦ୍ର । ଯେଉଁଠି ତବଲା ଶିକ୍ଷା ଦିଆ ହୁଏ । ତାଙ୍କର ଛାତ୍ରମାନେ ନିର୍ଦ୍ଧାରିତ ସମୟରେ ଆସି ଶିକ୍ଷା ନେଇ ଯାଆନ୍ତି । ମୋତେ ଦେଖି ଖୁବ୍ ଆନନ୍ଦିତ ହେଲେ । କହିଲେ ମୋର ବଡ଼ ସୌଭାଗ୍ୟ । ଏଥିରେ ଚଳେଇ ନେବାକୁ ହେବ ।

Digitized by srujanika@gmail.com

କହିଲି, ମୁଁ ନିଜେ ତ ମୂର୍ଖ । ଆପଣ ଯାହା ଶିଖାଇବେ ତାହା ହେବ ମୋର ବେଦର ଗାର । ତେବେ ମୋର ଗୋଟିଏ ସର୍ତ୍ତ ଅଛି । କହିଲେ କି ସର୍ତ୍ତ ? ମୁଁ କହିଲି ମୁଁ ପ୍ରଥମ ସୋପାନରୁ ଶିଖି ପାରିବି ନାହିଁ । ସାଧିଧନା କରୁକରୁ ମାସ ମାସ ଗ୍ଳଲିଥିବ । ମୋର ଏତେ ଧୈର୍ଯ୍ୟ ନାହିଁ । ମୋତେ ଅଳଙ୍କାରରୁ ଆରମ୍ଭ କରାଇ ଦିଅନ୍ତୁ । ଯେପରି ସେଗୁଡ଼ିକ ଏକାଠି ହୋଇ ଲହରୀମାଳା ସୃଷ୍ଟି କରିବ । ବଜାଇଲେ ସୁନ୍ଦର ଶୁଭିବ । କେବଳ ମୋତେ ନୁହେଁ, ଅନ୍ୟମାନଙ୍କୁ ମଧ୍ୟ । ସେ କହିଲେ ଅକ୍ଷର ନ ଜାଣି କିଏ ଯୁକ୍ତାକ୍ଷର କେହି ଶିଖି ପାରେ ? ଆପଣ କଣ ଅକ୍ଷର ଶିଖିଛନ୍ତି ? ମୁଁ କହିଲି—"ସେପରି କିଛି ମୁଁ ଜାଣେ ନାହିଁ ।" ସେ କହିଲେ— "ତେବେ ଗୋଟିଏ କାମ କରନ୍ତୁ । ଆପଣଙ୍କୁ ଯାହା ଆସେ, ତାଳରେ ହେଉ ବା ବେତାଳରେ ହେଉ, ବଜେଇ ଯାଆନ୍ତୁ । ମୁଁ ଶୁଣିଲେ ମୋର ରାୟ ଦେବି ।" ମୁଁ ଯାହା ଇଚ୍ଛା ତାହା ବଜେଇ ଗଲି । ଅନ୍ୟମାନଙ୍କୁ ଶୁଣିଶୁଣି କିଛି ଶିଖିଥାଏ । ବିଶେଷ କରି ଭାଇଙ୍କଠାରୁ । ସେ ଶୁଣି ଖୁସି ହେଲେ । ଦେଖିଲି ତାଙ୍କ ଘରିଆର ଜିନିଷ ଅପରିଚ୍ଛନ୍ନ ଭାବରେ ବଜାଉଛି । କହିଲେ—"ଆପଣଙ୍କ ସର୍ତ୍ତ ମଞ୍ଜୁର ହେଲା ।"

କୁଣ୍ଠିତ ମନ ନେଇ ଆରମ୍ଭ କଲି । ରବିବାର ଦିନ ସକାଳେ ଯାଏ । କିଛି ଶିଖିଆସେ । ତା'ପର ରବିବାରରେ ଯାଇ ଶୁଣାଇ ଦିଏ । ସେ ପ୍ରେରଣା ଦେଉଥାନ୍ତି । ମାତ୍ର ଅଭ୍ୟାସ ଆଶାନୁରୂପ ହୋଇପାରୁ ନ ଥାଏ । ଅଫିସ କାମ, ଘରକାମ ସାରି ମନୋନିବେଶ କରିବାରେ ଅନେକ ବାଧା । ତା'ଛଡ଼ା ଆସୁଛନ୍ତି ଯାଉଛନ୍ତି କେତେ କଣ ? ଅବକାଶ କାହିଁ ? ତଥାପି ଶିକ୍ଷା ତା ବାଟରେ ଅଗ୍ରସର ହେଲା । କେତେଦୂର ଆଗେଇ ଯିବା ପରେ କଠିନ ସୋପାନର ମୁହାଁମୁହିଁ ହେଲି । ମୂଳଦୁଆ ତ ଶକ୍ତ ନୁହେଁ, ଘର ଭୁଷୁଡ଼ି ପଡ଼ିବାକୁ କେତେକ୍ଷଣ ? ବଡ଼ ଶକ୍ତ ବୋଲି ହାତରେ ଲେଉଟିଲି ନାହିଁ, ଲଜ୍ଜାରେ ରବିବାର ଦିନ ତାଙ୍କ ପାଖକୁ ଗଲିନାହିଁ ।

ଗୁରୁ ଦେଖିଲେ ଯେ ଶିଷ୍ୟ ଅନୁପସ୍ଥିତ । ତା'ପରଦିନ ସନ୍ଧ୍ୟା-ବେଳେ ଆସି ମୋ ଘରେ ହାଜର । ମୁଁ ତାଙ୍କୁ ଦେଖି ଡରିଗଲି— ଏଥର ମୋ ଇଲମ୍ ପଦାରେ ପଡ଼ିଯିବ ବୋଲି । ପଚାରିଲେ—"କଣ ହେଲା ?

Digitized by srujanika@gmail.com

ଆପଣଙ୍କ ଶିଷ୍ୟା ନେବାକୁ ଆସିଲେ ନାହିଁ ?'' ମୁଁ କହିଲି ହାତରେ ବୋଲ ନେଉନଥିଲି ନାହିଁ । ଚେଷ୍ଟା ଉପରେ ଗଲିନାହିଁ । ଲଜ୍ଜା ମଧ୍ୟ ଲାଗିଲା । କହିଲେ, ଶିକ୍ଷାନବେଳେ ସାଧାରଣତଃ ଏପରି ହୋଇଥାଏ । ସେଥିରେ ଲଜ୍ଜାର କଣ୍ଡ ନାହିଁ । କେଉଁଠି ଅଟକିଲା ? ତବଲା ଆଣନ୍ତୁ । ବସି ଜୋରରେ ବଜାଇବାକୁ ଲାଗିଲେ । ତାଙ୍କ ହାତ ଗରମ । ସେତେବେଳେ ଉଚ୍ଚକୋଟିର "ରେଓ୍ୟାଜ୍" କରୁଥାନ୍ତି । ତବଲା ଲହରର ମୂର୍ଚ୍ଛନା ପଡ଼ୋଶୀମାନଙ୍କର କାନରେ ବାଜିଲା । ସବୁ ଧାଇଁ ଆସିଲେ । କିଏ ଏପରି ସୁନ୍ଦର ଭାବରେ ବଜାଉଛି । ଆସ୍ତେ ଆସ୍ତେ ଆମ ଘର ଭରିଗଲା । କହିଲି, ଏପରି ବଜାଇଲେ ସିନେମାହଲରେ ମୋଘର ପରିଣତ ହେବ । ଶେଷକୁ ଭାଙ୍ଗିପଡ଼ିବ । ସେ କହିଲେ, "କୌଣସି ଭୟ ନାହିଁ । ମୁଁ ଜଣେ ପ୍ରସିଦ୍ଧ ସିତାର ବାଦକ ବଲ୍ଲପୁତ୍ର ଖାଁଙ୍କୁ ଆଣି ଆପଣଙ୍କ ଘରେ ପ୍ରୋଗ୍ରାମ କରିଯିବି । ପ୍ରତିବେଶୀମାନେ ଶୁଣି ଆନନ୍ଦିତ ହେବେ ।''

ତାପରେ ଶିକ୍ଷା ପୁଣି କିଛିଦିନ ଚାଲିଲା ମନ୍ଥରଗତିରେ । ଏତିକିବେଳେ ତାଙ୍କର ଡାକରା ଆସିଲା ପଣ୍ଡିତ ରବିଶଙ୍କରଙ୍କଠାରୁ । ସେ ବିଦେଶ ଗସ୍ତରେ ଯିବେ ୨୨ଟି ଦେଶକୁ । ସେଠାରୁ ଆମନ୍ତ୍ରଣ ଆସିଛି । ଭ୍ରମଣ ସମୟ ଦେଢ଼ ବର୍ଷ । ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରିବେ । ତବଲାପ୍ଲା ହିସାବରେ କାନାଇ ଦତ୍ତଙ୍କୁ ମନୋନୀତ କରିଛନ୍ତି । ଲାଭ୍ୟାଂଶ ପାଇବେ ସମୁଚିତ ଭାବରେ । ଏକ ସୁବର୍ଣ୍ଣ ସୁଯୋଗ । ସେ ସାଙ୍ଗେ ସାଙ୍ଗେ ମତ ଦେଇ ଚିଠି ଲେଖି ଦେଲେ । ତା'ପରେ ବମ୍ବେ ଯାତ୍ରା କଲେ । ମୋର ଶିକ୍ଷା ସେଇଠି ରହିଗଲା । ଆଉ 'ଆଗେଇ ପାରିଲି ନାହିଁ । ଗୁରୁଙ୍କ ସହିତ ଆଉ ଦେଖା ହୋଇ ପାରିଲା ନାହିଁ । ଅନେକ ବର୍ଷ ପରେ ପୁଣି କଲିକତାକୁ ଫେରିଯିବା ପାଇଁ ଆଦେଶ ପାଇଲି । ମନ ଖୁସିରେ ଭରି ଉଠିଲା । ଗୁରୁଦେବଙ୍କ ସହିତ କେବଳ ଦେଖା ନୁହେଁ, ସାଥିସଙ୍ଗତ ମଧ୍ୟ ହେବ । ସେ ବର୍ତ୍ତମାନ ଖ୍ୟାତିର ଶୀର୍ଷଦେଶରେ । କେତେ ଗଣ୍ୟମାନ୍ୟ ସଙ୍ଗୀତଜ୍ଞଙ୍କ ଗହଣରେ ଥିବେ । ସେମାନଙ୍କ ସହିତ ମିଶିବାର ସୁଯୋଗ ମତେ ମିଳିବ । ଗୁଜୁରାଟ୍‌ରୁ ବଦଳି ହେଲି । ଆସି ଶୁଣିଲି ଯେ ଠିକ୍ ସାତଦିନ ଆଗେ ତାଙ୍କର ଅକାଳବିୟୋଗ ହୋଇଛି । ପତ୍ରପତ୍ରିକାରେ ତାଙ୍କ ବିଷୟରେ ଲେଖାମାନ ପଢିଲି । ମନଟା ଏକା-

Digitized by srujanika@gmail.com

ବେଳେବେଳେ ବିଷାଦରେ ଭରିଗଲା । ମୋର କି ଦୁର୍ଭାଗ୍ୟ । ମୋର ବନ୍ଧୁ, ଶିକ୍ଷକ ଓ ଗୁରୁ, କାନାଇ ଦତ୍ତ ମୋତେ ଛାଡ଼ି ଚାଲିଗଲେ । ଜୀବନର ଅନେକ କିଛି ଶୂନ୍ୟ ଭଳି ମନେ ହୋଇଥିଲା ସେଦିନ ।

ଶୂନ୍ୟସ୍ଥାନ କିପରି ପୂରଣ ହୁଏ ତାହା କେବଳ ଈଶ୍ୱରଙ୍କୁ ହିଁ ଗୋଚର । କୁଳମଣିବାବୁ କହିଲେ ଆପଣ ବିନୟ ନାରାୟଣ ଦୁବେଙ୍କୁ ଚିହ୍ନନ୍ତି । ସେ ଜଣେ ଆଧ୍ୟାତ୍ମିକ ଜଗତର ପ୍ରଥପ୍ରଦର୍ଶକ । ଆଜି "କଫିହାଉସ"ରେ ତାଙ୍କ ସହିତ ଦେଖା ହେବ, ଚାଲନ୍ତୁ । ରାଜି ହେଲି । ଜଳଖିଆ ଛୁଟିରେ ଆମେ ଦୁହେଁ କଫିହାଉସରେ ପହଞ୍ଚିଲୁ । ଶ୍ରୀ ବିନୟ-ନାରାୟଣଜୀ ବସିଛନ୍ତି । ଗୌରବର୍ଣ୍ଣ, ଉଜ୍ଜ୍ୱଳ ସୌମ୍ୟମୂର୍ତ୍ତି, ଶାନ୍ତଭାବ । ଦେଖିଲେ ଭକ୍ତି ହେବ । କିନ୍ତୁ କୌଣସି ବାହୁଲ୍ୟ ନାହିଁ । ଆମ୍ଭମାନଙ୍କୁ ହିପଦ କଥାରେ ଆପଣାର କରିନେଲେ । ଅତି ସରଳ, ମଧୁର ତାଙ୍କର ବାଣୀ ।

କହିଲେ—ମନୁଷ୍ୟର ଜୀବନଦର୍ଶନ ଉପରେ ତାର ସଫଳତା ନିର୍ଭର କରେ । ସାମନାରେ ଅଧଗିଲାସ ପାଣି ଥିଲା । ତାପ୍ରତି ଦୃଷ୍ଟି ଆକର୍ଷଣ କରି କହିଲେ—ଦେଖନ୍ତୁ ଏହି ଗିଲାସଟିକୁ କୁହାଯାଇପାରେ ଅଧାଖାଲି ବୋଲି । ଅନ୍ୟଦୃଷ୍ଟିରୁ କୁହାଯାଇପାରେ 'ଅଧାପୂର୍ଣ୍ଣ' ବୋଲି । ଏହା ପ୍ରତ୍ୟେକର ଦୃଷ୍ଟିକୋଣ ଉପରେ ନିର୍ଭର କରେ । ପୂର୍ଣ୍ଣତ୍ୱ କଥା ଭାବିଲେ । ପୂର୍ଣ୍ଣତ୍ୱ ଆଡ଼କୁ ଗତି କଲେ, ପୂର୍ଣ୍ଣତ୍ୱ ପ୍ରାପ୍ତ ହୋଇଥାଏ । "ପୂର୍ଣ୍ଣଅଦଃ ପୂର୍ଣ୍ଣଇଦଂ, ପୂର୍ଣ୍ଣାତ୍ ପୂର୍ଣ୍ଣମ୍ ଉଦଚ୍ୟତେ । ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବ ଅବଶିଷ୍ୟତେ ।" ତାଙ୍କ ଦୃଷ୍ଟିଭଙ୍ଗୀ ମୋତେ ଗମ୍ଭୀରଭାବରେ ସ୍ପର୍ଶକଲା । ପରେ ଜାଣିଲି ସେ "ଦୟାମା"ଙ୍କର ଶିଷ୍ୟ—ଯୋଗଦାସତ୍ସଙ୍ଗର ଜଣେ ଅଧିକର୍ତ୍ତା । ଅନେକଦିନ ଧରି ତାଙ୍କର ସାହଚର୍ଯ୍ୟ ପାଇ ଦିନଗୁଡ଼ିକ ଆନନ୍ଦରେ କଟିଯାଉଥାଏ । 'ଯୋଗଦା'ର ଶିକ୍ଷା ପୃଥିବୀରେ ବହୁ ନରନାରୀଙ୍କର ଜୀବନକୁ ଈଶ୍ୱରାଭିମୁଖୀ କରିପାରିଛି । ସଂଘଜନେନୀ ଶ୍ରୀମତୀ ଦୟାମାତା ହେଉଛନ୍ତି ସାକ୍ଷାତ୍ ଦୟାର ଅବତାର । ସମସ୍ତଙ୍କୁ ନିଜର ପୁତ୍ରଜ୍ଞାନ । ଜାହ୍ନବୀ ଯମୁନା ଭଳି ତାଙ୍କର କରୁଣା ସବୁବେଳେ ବିଗଳିତ । ସେ ଭାରତବର୍ଷରେ ଆସିଲେ ଆମେରିକାରୁ । ପରମହଂସ ଯୋଗାନନ୍ଦଙ୍କର ପ୍ରିୟଶିଷ୍ୟା ।

Digitized by srujanika@gmail.com

ତାଙ୍କୁ ଦେଖାକରିବାକୁ ଆଉଆଦନ୍ଦ, ଦକ୍ଷିଣେଶ୍ୱର ଆଶ୍ରମକୁ ଗଲି । ମାତା ଶ୍ରାନ୍ତ ହୋଇ ବିଶ୍ରାମ କରୁଥାଆନ୍ତି । ମୁଁ ତାଙ୍କ ଶିଷ୍ୟାଙ୍କୁ କହିଲି ଯେ ମାତ୍ର ଗୋଟିଏ ପ୍ରଣାମ କରି ବିଦାୟ ନେବି । ମାତା ରାଜି ହେଲେ । ମୋତେ "ଯୋଗଦା"ର ଉଦ୍ଦେଶ୍ୟ ବିଷୟରେ ସମ୍ୟକ୍‌ଜ୍ଞାନ ଦେଲେ । ମୋର ପରିବାରବର୍ଗଙ୍କୁ ଆଶୀର୍ବାଦ କଲେ । ଆମେ ସବୁ ତାଙ୍କର ବାଣୀ ଶୁଣି ମୁଗ୍ଧ ହେଲୁ । ତାପରେ ମଧ୍ୟ ଅନେକଥର ତାଙ୍କ ସହିତ ଦେଖାକରି ତାଙ୍କର ପାଦଧୂଳି ନେଇଛି । କେବେହେଲେ ଭୁଲିନି ନାହିଁ । ଚିଠି ଲେଖିଲେ ସବୁବେଳେ ଉତ୍ତର ଆସେ ଆମେରିକାରୁ । ସବୁ ବିପଦ ଆପଦରେ ସାହା ହୁଅନ୍ତି ଦୟାମୟୀ ଦୟାମାତା ।

ଏତିକିବେଳେ ପୁଣି ସଙ୍ଗୀତ ସମ୍ମିଳନୀ ହେଲା । ମୋ ମନ ପୁଲକରେ ନାଚିଉଠିଲା । ଏଥର ଆସୁଛନ୍ତି ହାଫିଜଆଲି ଖାଁ ଓ ଅହମଦଜାନ ଥେରକୋଆ । ଶୁଣିଥିଲି ଥେରକୋୟାଙ୍କ ବିଷୟରେ ଆଗରୁ । ପୁରୁଣାକାଳରେ ସଙ୍ଗୀତ ସମ୍ମିଳନୀ ହେଉଥାଏ ଅଲଗା ଅଲଗା ଭାବରେ । ଯନ୍ତ୍ରସଙ୍ଗୀତର ବୈଠକ ସ୍ୱତନ୍ତ୍ର, କଣ୍ଠସଙ୍ଗୀତର ବୈଠକ ସ୍ୱତନ୍ତ୍ର ଭାବେ । ଏପରି ଏକ ତବଲା ସମ୍ମିଳନୀରେ ଭାରତର ଶ୍ରେଷ୍ଠ ବାଦକ-ମାନେ ଉପସ୍ଥିତ । ସେମାନଙ୍କର ସମ୍ରାଟ୍ ମୁନ୍‌ସି ମୁନିର ଖାଁ ସଭାପତି । ସେ ଉଠି କହିଲେ ଯେ ଗୋଟିଏ ଯୁବକକୁ ମୁଁ ସମ୍ୟକ୍ ଶିକ୍ଷା ଦେଇଛି । କିଛି ନୂତନ ବୋଲ୍ ଆଗତ କରିବାକୁ ଚାହେଁ ଆପଣଙ୍କ ସାମନାରେ । ସେ ଯୁବକର ନାମ ଅହମଦ୍‌ଜାନ । ତାର ବୟସ ମାତ୍ର ଅଠର ବର୍ଷ । ସମସ୍ତେ ରାଜି ହେଲେ । ଅହମଦ୍‌ଜାନ ମଞ୍ଚରେ ବସିଲେ ତବଲା ନେଇ । ସମସ୍ତେ ହେୟଜ୍ଞାନ କରୁଛନ୍ତି । ଏ ପିଲାଟା ପୁଣି କଣ ବଜେଇବ । ହଉ ଯେତେବେଳେ ମୁନ୍‌ସି ମୁନିର କହୁଛନ୍ତି ଶୁଣିବା । ତବଲାବାଦନ ଆରମ୍ଭ ହେଲା । ତବଲାରୁ ଏକ ଗମ୍ଭୀର ନିନାଦ ବାହାରୁଥାଏ । ହାତର ଓଜନ ଅସମ୍ଭବ ରକମର ଭାରି । ପ୍ରତ୍ୟେକଟି ବୋଲ୍ ଅତ୍ୟନ୍ତ ସୁସ୍ପଷ୍ଟ ଓ ଓଜନଦାର । ଜଣେ ଅତି ଅଭିଜ୍ଞ ତବଲାବାଦକ କେବଳ ଏପରି ବଜାଇପାରିବ । ବାଦନ ଚାଲିଲା । ହଠାତ୍ ସମସ୍ତେ ଚମତ୍କୃତ ହେଲେ । ତବଲା କାନରେ କଣ ଗୋଟାଏ ଥେର୍‌ଥେର୍ ଶବ୍ଦ ବହୁକ୍ଷଣ ଧରି ଚାଲିଛି ବିରାମବିହୀନ ଭାବରେ । ସେହି ନୂତନ ଶବ୍ଦର ନିନାଦରେ ପ୍ରେକ୍ଷାଗୃହ

ପ୍ରକମ୍ପିତ । ନୂତନତ୍ୱର ସ୍ୱାଦ ଶ୍ରୋତାମାନଙ୍କୁ ମୁଗ୍ଧ କରିଦେଲା । ବାଦନର ବିଚକ୍ଷଣତା ମୁହୂର୍ତ୍ତକେ ସମସ୍ତଙ୍କର ମନ ହରଣ କରିନେଲା । କରତାଳି ଧ୍ୱନିରେ ସମସ୍ତେ ନୂତନ ଶିଳ୍ପୀଙ୍କୁ ଆନ୍ତରିକ ଅଭିବାଦନ ଜଣାଇଲେ । ଏବଂ ତାଙ୍କୁ ନବନାମରେ ନାମିତ ମଧ୍ୟ କଲେ—"ଥେରକୋୟା" ବୋଲି। ସେହି ଦିନଠାରୁ ଅହମଦ୍‌ଜାନ ଥେରକୋୟା ନାମରେ ଖ୍ୟାତ ହେଲେ । ସେ ତାଙ୍କର ପ୍ରଥମ ଶ୍ରେଣୀର କୃତିତ୍ୱ ସର୍ବଜନବିଦିତ । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସମ୍ମାନ ଅକ୍ଷୁଣ୍ଣ ରହିଥିଲା । ସେହି ଅହମଦ୍‌ଜାନ Dover Lane Conferenceକୁ ଆସିଥାଆନ୍ତି । ମୁଁ ଯାଇ ତାଙ୍କର ଓ ହାଫିଜ୍‌ଆଲିଙ୍କ ବାଦନ ଶୁଣିବାକୁ ଲାଗିଲି । ହାଫିଜଆଲି କିଛିକ୍ଷଣ ବଜାଇ, ପରେ ୟୁରୋପୀୟ ଧ୍ୱନି, ନିଜ ଯନ୍ତ୍ରରେ ବଜାଇବାକୁ ଆରମ୍ଭ କଲେ । ସେଥିରେ ତବଲା ନିଷ୍ଫଳ ହୋଇ ରହିଲା । ଲୋକେ ବଡ଼ ଅଶ୍ୱସ୍ତି ଅନୁଭବ କରୁଥାଆନ୍ତି । ମାତ୍ର ଥେରକୋୟା ସାହେବ ଏକାବେଳକେ ଉଦାସୀନ, ଭାବଲେଶ ବିହୀନ । ଯେମିତି ହାଫିଜଆଲି ଭାରତୀୟଧାରାକୁ ଫେରିଲେ, ଥେରକୋୟାଙ୍କ ତବଲା ପୁଣି ଗର୍ଜନ କରି ଉଠିଲା ଅପ୍ରତିଦ୍ୱନ୍ଦୀ ଭାବରେ । କି ସାଥ୍‌ସଙ୍ଗତ ! ତାର ତୁଳନା ନାହିଁ । ରାମପୁର ଘରାନାର ବିଶେଷ ତବଲା ବାଜ୍ ଶୁଣି ଆଶ୍ଚର୍ଯ୍ୟ ହେଲି । ସେତେବେଳେ ମୋର ସଙ୍ଗୀତଜ୍ଞ ବନ୍ଧୁମାନଙ୍କୁ କହିଲି ଯେ ଏପରି ଓଜନଦାର ହାତ ଆଉ କାହାର ନାହିଁ କାହିଁକି ? ସେମାନେ କହିଲେ ତାଙ୍କର ଅଧ୍ୟବସାୟର ସୀମାପରିସୀମା ନାହିଁ । ସେ କେବେହେଲେ ଅଳ୍ପରେ ସନ୍ତୁଷ୍ଟ ନୁହନ୍ତି । ପରିପକ୍ୱତାର ସେ ହେଉଛନ୍ତି ଜୀବନ୍ତ ଉଦାହରଣ ।

ଭାବୁଥାଏ ତାନସେନଙ୍କ କଣ୍ଠସଙ୍ଗୀତ ତ କମ୍ଵଦନ୍ତୀ । କିନ୍ତୁ ତାର ଲକ୍ଷାଂଶରୁ ଏକାଂଶ ଯଦି ଶୁଣିବାକୁ ମିଳନ୍ତା ତାହାହେଲେ ବୁଝନ୍ତି ସଙ୍ଗୀତର ଯାଦୁବିଦ୍ୟାର କାରସାଦି । ପରେ ଭାବିଲି ସେ ସେ ଯାଦୁକୁ କାଳ ହରଣ କରି ନେଇଛି । ଆଉ ଫେରି ଆସିବ କେଉଁଠୁ ? ଏତିକବେଳେ ମହାବୀରଭବନବାସରେ ଏକ ବୈଠକର ସମ୍ବାଦ ପାଇଲି । ପଣ୍ଡିତ ଭୀମସେନ ଯୋଶୀ ଆସୁଛନ୍ତି । ତାଙ୍କ ଛଡ଼ା ଅନ୍ୟ ଅନେକ ଶିଳ୍ପୀ ମଧ୍ୟ ଅଛନ୍ତି । ସାରାରାତି ବୈଠକ ବସିବ । ହାଜରା ରୋଡ଼ ଆମ ଘରଠାରୁ ନିକଟରେ । ଠିକ୍ ସମୟରେ ଯାଇ ଉପସ୍ଥିତ ହେଲି । ପ୍ରାୟ ରାତି ଗୋଟାଏ ବେଳେ

Digitized by srujanika@gmail.com

ଭୀମସେନ ଯୋଶୀଙ୍କର କଣ୍ଠ ସଙ୍ଗୀତ ଆରମ୍ଭ ହେବାର ଥାଏ । ସେ ମଞ୍ଚରେ ଆସି ବସିଲେ । ନବଯୁବକ ଯୋଶୀଙ୍କର ବ୍ୟକ୍ତିତ୍ୱ ବଡ଼ ଚିତ୍ତା-କର୍ଷକ ଥିଲା । ଏବେ ମଧ୍ୟ ଅଛି । ସେତେବେଳେ ତାଙ୍କର କଣ୍ଠ ଉଦାତ୍ତ । ଅଧ୍ୟବସାୟର ସ୍ୱତଃସ୍ଫୂର୍ତ୍ତିରେ ଜାଜ୍ୱଲ୍ୟମାନ । ସେ 'ଦରବାରିକାନାଡ଼ା' ରାଗ ପରିବେଷଣ କଲେ । ପ୍ରଥମେ ପ୍ରାୟ ପାଞ୍ଚମିନଟ ପର୍ଯ୍ୟନ୍ତ ସୁରର ବିସ୍ତାର କଲେ । ତାଙ୍କର ସୁରର ଯାଦୁରେ ଶ୍ରୋତାମାନଙ୍କ ହୃଦୟ ଏକାବେଳେକେ ଦ୍ରବୀଭୂତ । ଶିଳ୍ପୀ ଶ୍ରୋତାମାନଙ୍କୁ ନିଜର କ୍ଷମତା-ବଳୟରେ କୁକ୍ଷୀଗତ କରିନେଲେ । ଆମ୍ଭେମାନେ ଆଗର ଶିଳ୍ପୀମାନଙ୍କର କ୍ଷମତାକୁ ହେୟ ମନେକଲୁ । ବୁଝିଲୁ କଣ୍ଠସଙ୍ଗୀତର ପରିପ୍ରକାଶ କେବଳ ଏଙ୍କୁ ହିଁ ଏକାନ୍ତ ଭାବରେ ଜଣା । ଅପେକ୍ଷା କରିବାକୁ ଲାଗିଲୁ ଆଉ କଣ ପରିବେଷଣ କରିବେ ବୋଲି । ସେ ପ୍ରଥମେ ସୁରର ସମୁଦ୍ର ଭଳି ଗୋଟିଏ ସ୍ତର ରଚନା କଲେ । ସେହି ସ୍ତରରୁ ବହୁ ଲହରୀ ସୃଷ୍ଟି କଲେ । ଛୋଟ, ବଡ଼, ମଧ୍ୟମ ଧରଣର ଲହରୀ । ସେ ସୁରର ଲହରୀମାଳା ବହୁ ଊର୍ଦ୍ଧ୍ୱକୁ ଉଠି ପୁଣି ମୂଳ ଲହରୀରେ ବିଲୀନ ହେଉ ଥାଏ । କିନ୍ତୁ ମୂଳ ଲହରୀ ସଦାଜାଗ୍ରତ ଥାଏ । ମନେହେଉଥାଏ ଯେପରି ଆମେସବୁ ସୁରର ସାଗରରେ ଭାସୁ ଅଛୁ । ଅନେକ ଶବ୍ଦକରି ଯେପରି ସମୁଦ୍ରର ଲହରୀ କୂଳରେ ବାଡ଼େଇ ହୋଇଯାଏ ସେହିପରି ସଙ୍ଗୀତର ଉଦାତ୍ତ ଗମ୍ଭୀରନାଦ ସୁର-ସମୁଦ୍ର କୂଳରେ ଆସି ବିଲୟପ୍ରାପ୍ତ ହେଉଥାଏ । ସେଥି ମଧ୍ୟରେ ସିଂହନାଦ, ଶଙ୍ଖଧ୍ୱନି ପ୍ରଭୃତିର ପ୍ରଭାବ ମଧ୍ୟ କେତେକୋଣରେ ଅନୁଭୂତ ହେଉଥାଏ । ଏହିପରି ଚାଲିଲା ରାତି ସାଢ଼େ ତିନିଟା ପର୍ଯ୍ୟନ୍ତ । ଶ୍ରୋତାମାନେ ଏକାବେଳେକେ ବିଭୋର । ଆମ୍ଭେମାନେ ସମସ୍ତେ କେଉଁ ଅଜଣା ଜଗତକୁ ଚାଲିଯାଇଥିଲୁ ଅଢ଼େଇ ଘଣ୍ଟା ପାଇଁ । କୁଣ୍ଠିତ ହୋଇ ବାସ୍ତବିକତାକୁ ଫେରିଲୁ । ସେଦିନ ମୋତେ ପ୍ରତୀୟମାନ ହେଲା ଯେ ଲକ୍ଷଗୁଣ କୃତିତ୍ୱଶାଳୀ ତାନସେନ କିପରି ଯାଦୁ କ୍ରୀଡ଼ା ପ୍ରଦର୍ଶନ କରୁ ନ ଥିବେ । ସେହି କଳ୍ପରାଜ୍ୟର କାଣିଚାଏ ଆହରଣ କରି ମୋର ମନ କୃତାର୍ଥ ହେଲା । ସଙ୍ଗୀତର କି ସମ୍ମୋହିନୀ ଶକ୍ତି ! ଅନେକଦିନ ପର୍ଯ୍ୟନ୍ତ ଭୀମସେନ ଯୋଶୀଙ୍କର ସୁରର ପ୍ରଭାବ ମନକୁ ଭାବାନ୍ୱିତ କରି ରଖିଥିଲା । ଭୀମସେନ ବର୍ତ୍ତମାନ ସୁଦ୍ଧା ଗାଉଛନ୍ତି । ଅନେକଥର ତାଙ୍କର ଗୀତ ଶୁଣିବାର ସୁଯୋଗ

Digitized by srujanika@gmail.com

ମୁଁ ପାଇଛି । କିନ୍ତୁ ମହାରାଷ୍ଟ୍ର ନିବାସରେ ଶୁଣିଥିବା କଣ୍ଠ ସଙ୍ଗୀତର ଯାଦୁବିଦ୍ୟାର ଝଲକ ଆଉ ପାଇନାହିଁ ।

ଜଣେ ଯାଦୁକରଙ୍କ କଥା ମନେପଡ଼ିଲା । ଏହି ସମୟରେ ମୋ ପାଖକୁ ଦେଖାକରିବାକୁ ଆସିଲେ ପୃଥିବୀର ସର୍ବଶ୍ରେଷ୍ଠ ଯାଦୁକର **"Great Virgil"** । ତାଙ୍କର ସାର୍ଟିଫିକେଟ୍ ଦରକାର ଭାରତରୁ ବାହାରକୁ ଯିବାପାଇଁ । "ନିଉଏମ୍ପାୟାର" ହଲରେ ନିଜର ଯାଦୁ ବିଦ୍ୟା ଦେଖାଉଥାଆନ୍ତି । ଦୁଇଜଣ ସହକାରୀ ଓ ମୋପାଇଁ ତିନୋଟି ପାଶ୍ ଦେଇଗଲେ । ଅନୁରୋଧ କଲେ ନିଶ୍ଚୟ ଆସିବେ । ସେଦିନ ସନ୍ଧ୍ୟାରେ ଯାଇ ଉପସ୍ଥିତ ହେଲୁ ପ୍ରେକ୍ଷାଗୃହରେ । ଅପୂର୍ବ ଭାବେ ସଜ୍ଜିତ ରଙ୍ଗମଞ୍ଚ । ବିଭିନ୍ନ ଦେଶର ଯାଦୁ ଦେଖାଇବାବେଳେ ପୋଷାକ ପରିଚ୍ଛଦ ନିଜର ଓ ସହକାରୀମାନଙ୍କର ସମ୍ପୂର୍ଣ୍ଣ ଭାବରେ ବଦଳିଯାଏ । କେତେ ଯେ ପୋଷାକ ରଖିଛନ୍ତି କେବଳ ତାଙ୍କୁ ହିଁ ଜଣା । ନାନା ଜାତୀୟ ମନୋମୁଗ୍ଧକର ଖେଳ ଦେଖି ଆମ୍ଭେମାନେ ଚମତ୍କୃତ ହେଉଥାଉ । କିନ୍ତୁ ତାଙ୍କର ଝୁଲି ମୁଣାରେ ଆଉ ଅନେକ ଖେଳ ଲୁଚେଇ ରଖିଥାଆନ୍ତି । ଶେଷ ଖେଳ ବେଳକୁ ଆମକୁ ସାବଧାନ କରିଦେଲେ । ଗୋଟିଏ ଯୁବତୀକୁ ମଞ୍ଚଉପରକୁ ଡାକଲେ । ମଞ୍ଚରେ ଗୋଟିଏ ତୋପ ରଖିଥାଆନ୍ତି । ତାହା ଭିତରେ ସେଇ ଯୁବତୀଟିକୁ **(July)** ପଶିଯିବାକୁ କହିଲେ । ଜଣାଇଲେ ଏଥର ତୋପ ଫୁଟିବ । ସାବଧାନ । ପ୍ରବଳ ଓ ପ୍ରଚଣ୍ଡ ଶବ୍ଦରେ ସତକୁ ସତ ତୋପ ଫୁଟିଲା ସମଗ୍ର ରଙ୍ଗମଞ୍ଚ ଥରଥର ହୋଇ କମ୍ପିଲା । ଆମକୁ ଟିକିଏ ଡର ମଧ୍ୟ ଲାଗିଲା । ଭାଙ୍ଗିପଡ଼ିବନା କଣ ? ସେ ଅଭୟ ଦେଲେ । କହିଲେ ଡର ନାହିଁ । ପ୍ରେକ୍ଷାଗୃହର ମଧ୍ୟଭାଗର ଛାତରେ ଝୁଲୁଥାଏ ଗୋଟିଏ ପ୍ରକାଣ୍ଡ ଗୋଲକ । ତାକୁ ଦେଖାଇ କହିଲେ ଜୁଲି ମରିନାହିଁ । ତୋପର ଗୁଳି ତାକୁ ଗୋଲକ ମଧ୍ୟରେ ସ୍ଥାପନ କରିପାରିଛି । ଆଶ୍ଚର୍ଯ୍ୟ କଥା ! ମଣିଷଟା କଣ ଗୁଳି ହୋଇପାରେ ? ଯାଦୁକର ଗୃହମଧ୍ୟରୁ କେତେକ ବିଶିଷ୍ଟ ଲୋକଙ୍କୁ ମଞ୍ଚ ଉପରକୁ ନେଲେ । ସେମାନଙ୍କୁ କହିଲେ ଯେ ଗୋଲକଟି ତଳକୁ ଓହ୍ଲାହେଉଛି । ସେଥିରେ କୌଣସି ଫାଟ ଅଛି

Digitized by srujanika@gmail.com

କି ନାହିଁ ପରୀକ୍ଷା କରନ୍ତୁ । ଗୋଲକଟି ଓଲ୍ଟେଇଲା । ସେମାନେ ପରୀକ୍ଷା କରି ଦେଖିଲେ ସେଇଟି ଅକ୍ଷତ ଅବସ୍ଥାରେ ଅଛି । ପାଖୁଡ଼ାଗୁଡ଼ିକ ଖୋଲି ହେଉଥାଏ । ଅନେକ ପାଖୁଡ଼ା ବାହାରିଲା । ଦେଖୁଛୁ ତ ଦେଖୁଛୁ । ଜୁଲାର ଚନ୍ଦ୍ରବର୍ଣ୍ଣ ମଧ୍ୟ ନାହିଁ । ମରିଗଲା ନା କଣ ? ଦେଖଣାହାରୀମାନେ ଭାରି ବ୍ୟସ୍ତ । ଆମର ସନ୍ଦେହର ନିରସନ ହେଲା । ଜୁଲି ଅକ୍ଷତ ଶରୀରରେ ବାହାରି ଆମ୍ଭମାନଙ୍କୁ ନମସ୍କାର କଲା । ଆମ୍ଭେମାନେ ସମସ୍ତେ ଅଭିଭୂତ । କି କୌଶଳ ପ୍ରୟୋଗ କଲେ ଭର୍ଜିଲ ମୁଁ ବର୍ତ୍ତମାନ ସୁଦ୍ଧା ଭାବେ । ଭର୍ଜିଲଙ୍କର ଚେହେରା ରାଜପୁରୁଷ ଭଳି । ତାଙ୍କର ଭଙ୍ଗୀ ମଧ୍ୟ ରାଜକୀୟ । ପୋଷାକ ପିନ୍ଧିଲେ ସେ ଆମ ମନକୁ ଜିଣିନଅନ୍ତି । ତାଙ୍କର ଖେଳ ଦେଖି ଉଚମାନର ଯାଦୁବିଦ୍ୟା ବିଷୟରେ ଗୋଟିଏ ବିଶେଷ ଧାରଣା ହେଲା ।

ତାର କେତେ ଦିନ ପରେ ଆସିଲେ ଗୋଗିଆପାଶା । ସେ ମଧ୍ୟ ଜଣେ ପ୍ରସିଦ୍ଧ ଯାଦୁକର । **Roxy** ପ୍ରେକ୍ଷାଗୃହରେ ଖେଳ ଦେଖାଉଥାଆନ୍ତି । ତାଙ୍କର ଭୂତପ୍ରେତ ଖେଳ ଆମ୍ଭମାନଙ୍କ ମନରେ ସତକୁସତ ଭୟର ସଞ୍ଚାର କରିଥିଲା । ପ୍ରଥମେ ସେ ଜଣକୁ ମଞ୍ଚଉପରକୁ ନେଇ ଲୁଗା ଘୋଡ଼ାଇ ଦେଇ ଶୂନ୍ୟରେ ସିଧା କରି ରଖି କାଉଁରି କାଠି ବୁଲାଇଲେ । ସେ ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲା । ତାପରେ ଭୂତ ହୋଇ ଦେଖାଦେଲା । ପ୍ରଥମେ ଗୋଟିଏ ଭୂତ । ତାପରେ ଜଣ ଜଣ କରି ପ୍ରାୟ ଦଶଜଣ ମଞ୍ଚ ଅଧିକାର କରିନେଲେ । ଗୋଗିଆ ଅନୁପସ୍ଥିତ । ଆମ୍ଭେମାନେ ଭୂତଙ୍କ ହାବୁଡ଼ରେ ପଡ଼ିଗଲୁ । ସେମାନେ ନାନାରକମର ବିକଟାଳ ଚିତ୍କାର କରି ମଞ୍ଚ ଉପରେ ସଭା ବସାଇ ଥାଆନ୍ତି ! ସେମାନଙ୍କର ଭୀତିପ୍ରଦ ରୂପ ଦର୍ଶକମାନଙ୍କ ମନରେ ଭୟ ଜାତ କଲା । ପିଲାମାନେ ଚିତ୍କାର କରିବାକୁ ଲାଗିଲେ । ତତ୍ରସନ୍ତ୍ରସ୍ତ କେତେକ ସ୍ତ୍ରୀଲୋକଙ୍କର ଚିତ୍କାର ଯୋଗହେଲା । ଭୟାବହ ପରିସ୍ଥିତି ଉପୁଜିଲା । ମୋର ଜଣେ ସହକର୍ମୀ ମୋ ସହିତ ବସିଥାନ୍ତି, ମୋ ହାତ ଧରି ଭୟରେ କହିଲେ—"କ୍ୟା ହୋ ରହାହେ, ଭାଇ ?" ଆଉ ବେଶୀକ୍ଷଣ ହୋଇଥିଲେ ଅନେକେ ମୁର୍ଚ୍ଛା ହୋଇଯାଇ ଥାଆନ୍ତେ । ହଠାତ୍ ମଞ୍ଚଉପରେ ଗୋଗିଆ ଆବିର୍ଭାବ ହୋଇ କହିଲେ—ମୁଁ

Digitized by srujanika@gmail.com

ସମସ୍ତଙ୍କୁ ଉତ୍ତେଇ ଦେଇଛନ୍ତି । ଇଂରେଜୀରେ କହିଲେ—Sometimes I does it. Sometimes I does not does it. ତାଙ୍କର ଇଂରେଜୀ ଶୁଣି ଆମେ ସମସ୍ତେ ହୋ ହୋ ହୋଇ ହସି ଉଠିଲୁ । ଉପସ୍ଥିତ ସମ୍ପୂର୍ଣ୍ଣଭାବେ ମନରୁ ଉତ୍ତେଜିତ ହେଲା । ତାପରେ ସେ ଅନେକରକମର ବୈଦେଶିକ ଖେଳ ଦେଖାଇଥିଲେ । ଯଥା: ମିଶରର ମରୁଭୂମି ଦୃଶ୍ୟଉପରେ ମିଶରୀୟଙ୍କ ବେଶଭୂଷାରେ ଯାଦୁ ବିଦ୍ୟାର ଖେଳ, ଟିକିଏ ଭିନ୍ନ ଧରଣର ଯାଦୁ । ଆମକୁ ଖୁବ ଭଲ ଲାଗିଥିଲା ତାଙ୍କର କଥାବାର୍ତ୍ତାର ଧରଣ ଦେଖି । ଶ୍ରୋତାବର୍ଗଙ୍କୁ ଆପଣାର କରି ନେଉଥିଲେ ହସାଇ ହସେଇ । ଏତେ ରକମର ଖେଳ ଯେ ତାର ବର୍ଣ୍ଣନା କରାଯାଇ ପାରିବ ନାହିଁ । ଆମ୍ଭେମାନେ ଆନନ୍ଦିତ ହୋଇ ଘରକୁ ଫେରିଲୁ ସେଦିନ ।

ଯାଦୁବିଦ୍ୟା ଦେଖି ମୋର ଇଚ୍ଛା ହେଲା ଏହି ବିଦ୍ୟା ବିଷୟରେ ସମ୍ୟକ୍ ଭାବରେ ଜାଣିବା ପାଇଁ । ଅନେକ ଦିନ ପରେ ପରିଚୟ ହେଲା ପୃଥିବୀପ୍ରସିଦ୍ଧ ଯାଦୁକର ପି. ସି. ସରକାରଙ୍କ ସହିତ । ମୁଁ ତାଙ୍କ ବିଦ୍ୟା କଣ ଜାଣିବା ପାଇଁ ପଚାରିଲି, ସତେ କଣ ଯାଦୁବିଦ୍ୟାରେ କୁହୁକ ଅଛି ? ଅନ୍ୟକୁ ଅଜ୍ଞାନ କରିଦିଆଯାଇପାରେ ? ପ୍ରକୃତରେ ଏ ବିଦ୍ୟାର ସ୍ୱରୂପ କଣ ଟିକିଏ ବୁଝେଇ କହନ୍ତୁ । ସେ କହିଲେ, ସବୁ ଖେଳ ହେଉଛି ଲୁଚୁରୀ ପୂର୍ଣ୍ଣ । କିନ୍ତୁ ଲୁଚୁରୀ ଟିକିକ ଆମ ବ୍ୟବସାୟର ମୂଳଧନ । ସେଇଟା ଆପଣଙ୍କୁ ମୁଁ ଜଣାଇବି ନାହିଁ । କିନ୍ତୁ ହାତ ସଫେଇ କାମ କିପରି କରାଯାଏ ତାହା ଆପଣଙ୍କୁ ଦେଖାଇଦେବି । ପ୍ରଥମେ ମୁଁ ଦ୍ୱାନେଇ ଦେଖାଇଲେ । ତାପରେ ତାସ୍‌ଖେଳ ଦେଖାଇଲେ । କହିଲେ ଅସଲରେ ଲୁଚୁରୀର ସୂକ୍ଷ୍ମତା ଏତେ ବେଶୀ ଯେ ଦର୍ଶକମାନେ କେବେହେଲେ ଧରି ପାରିବେ ନାହିଁ । ଏତେ ପରିମାଣରେ ଅଧ୍ୟବସାୟ କରିବାକୁ ପଡ଼େ ଯାହା ଆପଣଙ୍କର ଧାରଣାର ବାହାରେ । କାରଣ ଖେଳରେ ଯଦି ଟିକିଏ ଭୁଲ ହୋଇଯାଏ ତେବେ ଯାଦୁକରର ବ୍ୟବସାୟର ସେହି ଦିନ ମୃତ୍ୟୁ ହୁଏ । ତେଣୁ ଆମର ପୁରା teamକୁ ନେଇ ଆମ୍ଭେମାନେ ନିଜର "ଘରହଲ୍"ରେ ଅଭ୍ୟାସରେ ବ୍ୟସ୍ତ ଥାଉ । ମୋ ଘରେ ଗୋଟିଏ ଛୋଟ ପ୍ରେକ୍ଷାଗୃହ ଅଛି ଏଥି ନିମନ୍ତେ । ପୃଥିବୀ ପର୍ଯ୍ୟଟନରେ ବାହାରିବା ପୂର୍ବରୁ

Digitized by srujanika@gmail.com

ଅକ୍ଳାନ୍ତ ଚେଷ୍ଟା କରି ପ୍ରତିଟି ଖେଳ ଆମ୍ଭେମାନେ ନର୍ଭ୍ୟାଲ ଭାବରେ ଶହ ଶହ ଥର ଅଭ୍ୟାସ କରି ନେଇଥାଉ । ଏହା ଖୁବ୍ ପରିଶ୍ରମସାପେକ୍ଷ । ମୁଁ କହିଲି, ଆପଣ ତ ବିଦେଶରେ ଅନ୍ଧପୂର୍ଟିକା ବାନ୍ଧି ସାଇକେଲ ଚାଳନା କରିଛନ୍ତି ଯାନବାହନପୂର୍ଣ୍ଣ ଅଞ୍ଚଳରେ । ଫ୍ୟାରିସରେ ଏହା କରି ପୃଥିବୀରେ ଖ୍ୟାତି ଅର୍ଜନ କରିଛନ୍ତି । ନିଜ ଅଭିଜ୍ଞତା ବିଷୟରେ ମତେ କିଛି ଜଣାନ୍ତୁ । ସେ କେତୋଟି ଘଟଣା ବର୍ଣ୍ଣନା କରିଥିଲେ । ତାହା ମୋର ମନେ ଅଛି ।

ପ୍ରଥମ ଥର ପାଇଁ ଲଣ୍ଡନ ଯାଇ ଖେଳ ଦେଖାଉଥାଆନ୍ତି । ତାଙ୍କର ଶେଷ ଖେଳଥାଏ କରତକଳରେ ଗୋଟିଏ ଯୁବତୀଙ୍କୁ କାଟିଦେବା ବନାରଲ୍ଡହଲରେ । ଅନେକ ରହସ୍ୟପୂର୍ଣ୍ଣ ଖେଳ ପରେ ସେଠାର ଦର୍ଶକମାନଙ୍କୁ ସେହି ଖେଳଟି ଦେଖାଇଲେ । ଗୋଟିଏ କରତକଳ ଇଲେକ୍ଟ୍ରିକରେ ଚାଲୁଛି । ଖଣ୍ଡେ କାଠ ତା ଭିତରେ ଦେବା ମାତ୍ରେ ଆଖିପିଛୁଳାକେ ଦୁଇ ଖଣ୍ଡ ହୋଇ ଯାଉଛି । ତାପରେ ବାକ୍ସ ଆସିଲା । ସେଥିରେ ଯୁବତୀଟି ପଶିଲା । କରତକଳକୁ ବାକ୍ସ ପାଖକୁ ନିଆଗଲା ଓ ଚାଲୁକରି ଦିଆଗଲା । କାଠ ବାକ୍ସ ଦୁଇଖଣ୍ଡ ହୋଇଗଲା । ସରକାର ଡ୍ରପସିନ୍ (ପରଦା) ପକାଇଦେଲେ । ଶେଷ ଦୃଶ୍ୟରେ ଯୁବତୀଟିକୁ ଦେଖାଇଲେ ନାହିଁ । ଇଂରେଜ ଦର୍ଶକ ତାଳିମାରି ଅଭିନନ୍ଦନ କଲେ । ମାତ୍ର ସମସ୍ତେ ଘରକୁ ଯାଇ ଭାବିଲେ—ଆରେ ସେ ଯୁବତୀଟିର କଣ ହେଲା ? ତାହା ତ ସରକାର ଦେଖାଇଲେ ନାହିଁ । ରାତିସାରା ଏପରି ଭାବି ଭାବି ସକାଳକୁ ସରକାର ରହିଥିବା ହୋଟେଲକୁ ଫୋନ୍ କଲେ । ଶହ ଶହ କଲ୍ ଗୋଟିଏ ଆଡ଼କୁ ଧାବିତ ହେବାରୁ ଟେଲିଫୋନ Exchange ବିଗିଡ଼ି ଗଲା । ସମସ୍ତଙ୍କର ଗୋଟିଏ ପ୍ରଶ୍ନ— Sorcar Girlର କଣ ହେଲା ? ପରଦିନ London Times ସମ୍ବାଦ ପତ୍ରରେ ବାହାରିଲା— "Sorcar Jams Telephone Exchange. Only question asked—What happened to Sorcar Girl ?" ତାଙ୍କ ନାମ ଚାରିଆଡ଼େ ବ୍ୟାପିଗଲା । ପୃଥିବୀର ସବୁ ଦେଶ ଜାଣିଲେ ଏକଥା । ତାଙ୍କୁ ଆଉ ନିଜ ପାଇଁ ବିଜ୍ଞାପନ ଦେବାକୁ ପଡ଼ିଲା ନାହିଁ ।

Digitized by srujanika@gmail.com

ଆମେରିକାରୁ ପ୍ରସ୍ତାବ ଆସିଲା ଆପଣ ଏଦେଶକୁ ଆସି ଖେଳ ଦେଖାନ୍ତୁ । ବହୁ ଟଙ୍କାର ଚୁକ୍ତିର ପ୍ରସ୍ତାବ ଏକ ସାଙ୍ଗରେ ଆସି ପହଞ୍ଚିଲା । ଲଣ୍ଡନର ସମ୍ବାଦପତ୍ର ତାଙ୍କର ବିଶେଷ ଉପକାର କଲେ ।

ଆଉ ଗୋଟିଏ ଅଭିଜ୍ଞତାର କଥା କହିଥିଲେ ସେ । ମାଡ଼ାଗାସ୍କର ଦ୍ୱୀପର ରାଣୀ ତାଙ୍କୁ ସେ ଦେଶକୁ ଯିବାପାଇଁ ଆମନ୍ତ୍ରଣ କଲେ । ସେ ସେଠାକୁ ଯାଇ ନାନା ଜାଗାପୁ ଖେଳ ଦେଖାଇ ଲୋକଙ୍କର ମନୋହରଣ କରିଥିଲେ । ଶେଷ ଖେଳ ଦେଖାଇଥିଲେ ଜିହ୍ୱାଚ୍ଛେଦନର, ଅବଶ୍ୟ ରକ୍ତକ୍ଷରଣ ବିନା । ବ୍ଲାକ୍‌ବୋର୍ଡ଼ରେ ଲେଖିଦେଇଥିଲେ—"Tongue—Cutting—Operation." ତାପରେ ଖେଳ ଆରମ୍ଭ ହେଲା । ସେ ନିର୍ଭୁଲଭାବରେ ଅପରେସନ୍ କରି ଜିହ୍ୱାଚ୍ଛେଦନ କରିଥିଲେ। ପୁଣି ଜୋଡ଼ି ବି ଦେଲେ। ମାତ୍ର ଗୋଟିଏ ମାତ୍ର ଲୋକ ତାଳି ଦେଲେ ନାହିଁ । ସେ ବଡ଼ ନିରାଶ ହେଲେ। ଏତେ ବଡ଼ ଖେଳର କୌଣସି ମୂଲ୍ୟ ରହିଲା ନାହିଁ । ରାଣୀଙ୍କୁ ପରେ ପଚାରିଲେ—"କହନ୍ତୁ ତ ମୋର ଶେଷଖେଳର କୌଣସି ସମଝଦାର କାହିଁକି ନ ଥିଲେ ?" ରାଣୀ ଉତ୍ତର ଦେଲେ, "ଆପଣ ତ ଭାରି ଭୁଲ କରିଥିଲେ । ବ୍ଲାକ୍‌ବୋର୍ଡ଼ରେ ସେପରି ଲେଖିଲେ କାହିଁକି ? ଏଠା ଲୋକଙ୍କର ଅପରେସନକୁ ଭାରି ଡର । ସେମାନେ ମୁଣ୍ଡ ତଳକୁ କରି ରହିଲେ। ଆପଣଙ୍କ ଖେଳ ତ କେହି ହେଲେ ଦେଖି ନାହାନ୍ତି ।"

ଆଉ ଗୋଟିଏ ଅଦ୍ଭୁତ ଅଭିଜ୍ଞତାର କଥା ମୋତେ ଜଣାଇ-ଥିଲେ । ସେ ଥିଲେ ବିଜ୍ଞାନର ଛାତ୍ର, କେମିଷ୍ଟ୍ରି (ରସାୟନଶାସ୍ତ୍ର) ତାଙ୍କୁ ଭଲ ଭାବରେ ଜଣା ଥିଲା । ଯାଦୁବିଦ୍ୟାଶିଖି ଅତି ପାରଙ୍ଗମ ହୋଇଯାଇ ଥାଆନ୍ତି । ତାଙ୍କର ପ୍ରଥମ ପ୍ରଦର୍ଶନୀ "New Empire" ପ୍ରେକ୍ଷାଗୃହରେ ହେବାର ବନ୍ଦୋବସ୍ତ ହୋଇଥାଏ । ଏପରି ସମୟରେ ଜଣେ ବିଦେଶୀ ଲୋକ ଆସି ରହିଲେ "ଗ୍ରାଣ୍ଡ ହୋଟେଲ"ରେ। ବିଜ୍ଞାପନ ବାହାରିଲା, ସେ କୌଣସି ଲୋକ ପ୍ରଶ୍ନ ପଚାରି ପାରନ୍ତି । ତା' ଉତ୍ତର ତତ୍‌କ୍ଷଣାତ୍ ମିଳିଯିବ । ଦର୍ଶନୀ ଦଶଟଙ୍କା ମାତ୍ର । ବହୁ ଅନୁସନ୍ଧିତ୍ସୁ ଯାଇ ପ୍ରଶ୍ନ ପଚାରନ୍ତି, ଉତ୍ତର ରୂପରେ ଗୋଟିଏ କାଗଜ ପ୍ରଶ୍ନକାରୀଙ୍କୁ ମିଳେ । ସେଥିରେ କାଳିରେ ଉତ୍ତରଟି ଆଗରୁ ଲେଖା ହୋଇଥାଏ । ଅନେକେ ଉତ୍ତରରେ ସନ୍ତୁଷ୍ଟ ହୋଇ ଚାଲିଯାଆନ୍ତି । ଏକଥା ଶୁଣି ସରକାର ଦଳେ ଯାଇ ପହଞ୍ଚିଲେ

Digitized by srujanika@gmail.com

ଗ୍ରାଣ୍ଡ ହୋଟେଲରେ ପ୍ରଶ୍ନ ପଚାରିବା ପାଇଁ । ତାଙ୍କର ପ୍ରଶ୍ନ ଗୋଟିଏ ଋଣାତ୍ମକଶାସ୍ତ୍ରର ଫରମୁଲା । ତାର ଉତ୍ତର ଯାହା ବାକ୍ସରୁ ବାହାରିଲା ତାହା ଏକାବେଳେକେ ଅର୍ଥହୀନ ଅପପ୍ରୟୋଗ । ସରକାର ବୁଝିଲେ ଯେ ଲୋକଟା ଗୋଟିଏ ବଡ଼ ଠକ । ଲୋକଙ୍କୁ ଠକେଇ ପଇସା ରୋଜଗାର କରୁଛି ।

ପ୍ରଥମ ଦିନର ପ୍ରଦର୍ଶନୀ ଖେଳ ତାଙ୍କର ଯାଦୁବିଦ୍ୟାର 'New Empire' ହଲ୍‌ରେ । ଦେଖିଲେ ସେହି ଲୋକଟି ପ୍ରଥମ ଧାଡ଼ିରେ ବସିଛି । ତାପରେ ସବୁ ଭୁଲିଗଲେ । ଘରେ ଶିକ୍ଷା ଖେଳ କିପରି ଭଲରେ ଉତୁରିବ ବୋଲି । ସବୁ ଆଶାନୁରୂପ ହେଲା । ମନ ଖୁସି । Green Room କୁ ଗଲେ ଲୁଗାପଟା ଛାଡ଼ିବାକୁ । ବେହେରା ଗୋଟିଏ ଖାମ ଆଣି ଦେଲା । ସେଥିରେ ଥିଲା ଗୋଟିର ଦଶଟଙ୍କିଆ ନୋଟ୍ ଆଉ ଚ୍ଲେଟ ଦିପଦ କଥା ଲେଖା ହୋଇଥିବା ଚିଠି "We belong to the oldset profession of the world."

"ଆମ୍ଭେ ଦୁହେଁ ପୃଥିବୀର ସବୁଠୁ ପୁରୁଣା ବ୍ୟବସାୟର ଅନ୍ତର୍ଭୁକ୍ତ ।" ଆରେ ତା'ହେଲେ ସେ ଲୋକଟା ମଧ୍ୟ ଯାଦୁକର । ତା ସାଙ୍ଗରେ ଦିପଦ କଥା ହୁଅନ୍ତା କି ? ତା'ପରଦିନ ଗ୍ରାଣ୍ଡ ହୋଟେଲରେ ଯାଇ ତାଙ୍କୁ ଖୋଜିଲେ । ଖାଁ ଖାଁ ହେଲେ । ସେ ଲୋକ ହୋଟେଲ ଛାଡ଼ି ଚାଲିଯାଇଛି ସକାଳେ ।

Sorcarଙ୍କର ବୈଚିତ୍ର୍ୟମୟ ଜୀବନ, ବହୁ ଅଭିଜ୍ଞତା । ତାଙ୍କ ସହିତ କଥାଭାଷା ହୋଇ ମନେ ହେଲା ଗୋଟିଏ ଖୋଲାମେଲା ଲୋକ, ସବୁ କଥା ସାଫ ସାଫ କହିଦିଅନ୍ତି । କିଛି ଲୁଚାନ୍ତି ନାହିଁ । ଟିକିଏ ଆଦର୍ଶବାଦୀ ମଧ୍ୟ ଥିଲେ । ମୋତେ କହିଥିଲେ ଗୋଟିଏ 'ଶାଶ୍ୱତମଞ୍ଚ' କରିଦେଇ ଯିବ ଯେଉଁଠାରେ 'ଯାଦୁ' ବିଷୟରେ ଗବେଷଣା କରିବାର ବହୁଳ ସୁଯୋଗ, ଯାଦୁବିଦ୍ୟା ଶିଖୁଥିବା ଲୋକଙ୍କୁ ବରାବର ମିଳିବ । କିନ୍ତୁ ପରେ ଜାଣିଲି ଯେ ଜାପାନ ଗସ୍ତରେ ଯାଇଥିବା ବେଳେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସେ ପ୍ରାଣତ୍ୟାଗ କରିଥିଲେ । ତେବେ ତାଙ୍କର ଯାଦୁବିଦ୍ୟା ତାଙ୍କର ଯୋଗ୍ୟପୁତ୍ର ବର୍ତ୍ତମାନ ସୁଦ୍ଧା ବହନ କରି ଚାଲିଛନ୍ତି । Sorcar ସିନା ଚାଲିଗଲେ ମାତ୍ର ତାଙ୍କର ନାମ ଅମର ହୋଇ ରହିଲା ।

Digitized by srujanika@gmail.com

ମୋ ଜ୍ୟେଷ୍ଠ ଭାଇ ସୁଭାଷ ଦର୍ଶନ ପଢ଼େ କଲିକତା ବିଶ୍ୱ-ବିଦ୍ୟାଳୟରେ । ଦର୍ଶନ ଶାସ୍ତ୍ରର ବଡ଼ ବଡ଼ ବହି ଘରକୁ ଆଣି ପଢ଼ିବା ପାଇଁ । ସେଥିରେ ଶ୍ରୀ ଅରବିନ୍ଦଙ୍କର ବହି ମଧ୍ୟ ଥାଏ । ଗୀତାର ଭାଷ୍ୟ । ମୁଁ ଅବସର ସମୟରେ ସେଥିରୁ କିଛି ପଢ଼େ । ମୋର ଦର୍ଶନ ଶାସ୍ତ୍ରରେ ବିଶେଷ ପ୍ରବେଶ ନ ଥାଏ । ମାତ୍ର ଜିଜ୍ଞାସା ଥାଏ ବହୁଳ । ପିପାସା ଥାଏ ଦୁର୍ଦ୍ଦମନୀୟ । ତା ସହିତ ଅନେକ ସମୟରେ ଆଲୋଚନା ମଧ୍ୟ କରେ । କିନ୍ତୁ ଶେଷ ବାସ୍ତବତା ବିଷୟରେ କିଏ କଣ ଜାଣେ ? କିଏ ବା ସେ ବିଷୟରେ ପ୍ରାମାଣିକ ସତ୍ୟ ପ୍ରତିପାଦନ କରି ପାରିବ ? ପୁସ୍ତକ ଗୁଡ଼ିକରେ ନାନା ପ୍ରକାରର କଳ୍ପନାଜଳ୍ପନା । ମାତ୍ର, ସତ୍ୟ ସାଧନର ପ୍ରୟାସ ଟିକିଏ ମଧ୍ୟ ନ ଥାଏ । ସେ ସବୁ ପଢ଼ି ମନ କ୍ଳାନ୍ତ ହୋଇପଡ଼େ ।

ଆଗରୁ କହିଛି ସର୍ବାନନ୍ଦଜୀଙ୍କ ଉତ୍ତର ମୋ ମନର ପିପାସାକୁ ଦୂର କରି ପାରିନଥିଲା । ସେହି ପ୍ରଶ୍ନ ବାରମ୍ବାର ମନରେ ଉଠୁଥାଏ । ସତ୍ୟ କଣ ? ଏ ବିଶ୍ୱବ୍ରହ୍ମାଣ୍ଡ, ସୂର୍ଯ୍ୟ ଚନ୍ଦ୍ର, ଗ୍ରହ ନକ୍ଷତ୍ର, ତାରା ରାଜି ସବୁ କଣ ମିଥ୍ୟା ? ଗୋଟିଏ ପ୍ରହେଳିକାର ଛାୟାରୂପ ମାତ୍ର ? ସତ୍ୟ କଣ ଏହି ଛାୟାରୂପର ଅନ୍ତରାଳରେ ଲୁଚି ରହିଅଛି ? ଯାହା ସତ୍ୟ, ଯାହା ଶାଶ୍ୱତ, ଯାହା କାଳଜୟୀ ତାହାର ଆବରଣର ପ୍ରୟୋଜନ କଣ ? ସେ ତ ନିଜ ରୂପରେ ଭାସ୍ୱର, ଉଜ୍ଜ୍ୱଳ ହୋଇ ସଦା ପ୍ରକାଶିତ ହେବାର କଥା । ତାହା ସାମନାରେ ପ୍ରହେଳିକାର ଆବରଣ ରହିବାର ଆବଶ୍ୟକତା କଣ ହୋଇପାରେ ? ବ୍ରହ୍ମ ସତ୍ୟ ଜଗନ୍ମିଥ୍ୟା—ଶଙ୍କରଙ୍କର ବାଣୀ । ମାୟାବାଦ କଣ ଭ୍ରମାତ୍ମକ ? ମତବାଦର ବାହୁଲ୍ୟ ଦେଖି ମନ ବିଭ୍ରାନ୍ତ ହୋଇପଡ଼େ । ଜୀବଜଗତରେ ଯେପରି ଧ୍ୱଂସାତ୍ମକ ବିରୋଧ, ମନ ଜଗତରେ ସେପରି ମତାନ୍ଧତା । କେହି ଅନ୍ୟର ମତକୁ ସମ୍ମାନ ଦେବାକୁ ରାଜି ନୁହନ୍ତି । ସବୁ ପଣ୍ଡିତ, ଦାର୍ଶନିକ, ନୈୟାୟିକ, ଜ୍ଞାନୀ ଗୁଣି ମନୁଷ୍ୟ ନିଜ ମତକୁ ସାର ବୋଲି ମନେ କରି ଅପରର ମତକୁ ଖଣ୍ଡନ କରିବାରେ ଅପାର ଆନନ୍ଦ ଲାଭ କରି ଥାଆନ୍ତି ।

ଆଉ ସାଧାରଣ ଲୋକେ ଏହି ମତପାର୍ଥକ୍ୟ ଓ ମତବିରୋଧରେ ବିବ୍ରତ ହୋଇ ପଡ଼ନ୍ତି । ସତ୍ୟର ସନ୍ଧାନ ନ ପାଇ ସବୁବେଳେ ବିଚଳିତ ।

Digitized by srujanika@gmail.com

ଘାବନ୍ତ ରାସ୍ତା କୁଆଡ଼େ ? ଯୁଧିଷ୍ଠିରଙ୍କୁ ଧର୍ମବକ ପ୍ରଶ୍ନ କରିଥିଲେ "କ୍ୱଚ ପନ୍ଥା ?" ଯୁଧିଷ୍ଠିର ଉତ୍ତର ଦେଇଥିଲେ—"ବେଦା ବିଭିନ୍ନା ମୁନୟୋଃ ଭିନ୍ନା । ଧର୍ମସ୍ୟ ତଥ୍ୟଂ ନିହିତଂ ଗୁହାୟାଂ । ମହାଜନୋ ଯେନ ଗତଃ ସ ପନ୍ଥା ।" କିନ୍ତୁ ମହାଜନମାନେ ମଧ୍ୟ ବିଭିନ୍ନ ରାସ୍ତାରେ ଗ୍ଲଲଛନ୍ତି । ସେମାନଙ୍କର ନିଜ ନିଜ ଭିତରେ ଯଥେଷ୍ଟ ମତପାର୍ଥକ୍ୟ ରହିଛି । ତେବେ ସାଧାରଣ ଲୋକେ କେଉଁ ରାସ୍ତା ଅବଲମ୍ବନ କରିବେ ? ମୋର ମନରେ ବଡ଼ କଠିନ ପ୍ରଶ୍ନ । ମୋର କ୍ଷୁଦ୍ର ବୁଦ୍ଧିରେ ଏହାର ସମାଧାନ ଅସମ୍ଭବ । ମନକୁ କହିଲି ଏସବୁ ବିଷୟରେ ଚିନ୍ତା କରିବାର ଦରକାର କଣ ? କୋଟି କୋଟି ଲୋକତ ନିଜ ନିଜର କର୍ମ କରି ଗ୍ଲଲଛନ୍ତି । ସେଥିରେ ବ୍ୟାପୃତ ରହିଲେ ସମୟ କଟିଯିବ । ବୃଥା ଭାବନା କରି ଲାଭ କଣ ?

"ବୃଥା ଭାବନା ଆଉ କରିବି ନାହିଁ ।
ଭାବନାରେ ଆନନ୍ଦ ମିଳଇ କାହିଁ ?" ମଧୁସୂଦନ ରାଓ

ଏକଥା କହିବା ସତ୍ତ୍ୱେ ଭକ୍ତକବି ମଧୁସୂଦନ ପୁଣି ଲେଖିଛନ୍ତି—

କାହିଁ ଶାନ୍ତି, କାହିଁ ନିତ୍ୟସୁଖ,
ଯାହା ଲଭିବାର ଲାଗି, ଅଛୁ ଅବିରତ ଜାଗି,
ଚିତ୍ତଗୃହେ ଆଶାଦୀପ ଉଜ୍ଜ୍ୱଳ ମୟୂଖ,
କାହିଁଗଲେ ପାସୋରିବି ମୃତ୍ୟୁ, ପାପ, ଦୁଃଖ ?

ଏ ପ୍ରଶ୍ନ ମାନବ ମନରେ ଚିରନ୍ତନ ଭାବରେ ଜାଗରିତ, କାରଣ ମୃତ୍ୟୁ ଅନିବାର୍ଯ୍ୟ, ଅବଧାରିତ । ସଂସାରର ଜ୍ୱାଳା, ଯନ୍ତ୍ରଣା, ଦୁଃଖ ମଧ୍ୟ ଅନତିକ୍ରମଣୀୟ । ତେଣୁ ଏହି ପ୍ରଶ୍ନ ମନରେ ବାରମ୍ବାର ଉଠେ । ଏହାର କଣ କିଛି ସମାଧାନ ଅଛି ?

ଏହିପରି ଭାବୁ ଭାବୁ ଦେଖିଲି ଅଚିନ୍ତ୍ୟକୁମାର ସେନଗୁପ୍ତ ଲେଖି-ଗ୍ଲଲଛନ୍ତି ଗୋଟିଏ ବହି "ବସୁମତୀ" ପତ୍ରିକାରେ । ସଂଖ୍ୟା ପରେ ସଂଖ୍ୟା ତାଙ୍କ ଲେଖା ବାହାରୁଥାଏ—"ପରମପୁରୁଷ ଶ୍ରୀରାମକୃଷ୍ଣ" । ମୁଁ ଆଗରୁ ସାମାନ୍ୟ ମାତ୍ର ଜାଣିଥିଲି ତାଙ୍କ ବିଷୟରେ । ଏଥର ପର୍ଯ୍ୟାୟକ୍ରମେ ପଢ଼ିଲି ସେ ଅନନ୍ୟ ସାଧାରଣ ଲେଖା । ଶ୍ରୀରାମକୃଷ୍ଣଙ୍କର

Digitized by srujanika@gmail.com

ଜୀବନର ଆଲେଖ୍ୟ ଅନବଦ୍ୟ ଭାଷା ଓ ପ୍ରକାଶ ଭଙ୍ଗୀରେ ଉଜ୍ଜୀବିତ । ମୋର କେତେଗୁଡ଼ିଏ ଅନ୍ଧକାରମୟ ବଦ୍ଧମୂଳ ଧାରଣାର ପାଦ-ଦେଶରେ କୁଠାରାଘାତ ହେଲାପରି ମନେହେଲା । ଶ୍ରୀରାମକୃଷ୍ଣଙ୍କର ଜୀବନର କେତେଗୁଡ଼ିଏ ଘଟଣା ଅତ୍ୟନ୍ତ ଇଙ୍ଗିତପୂର୍ଣ୍ଣ ଓ ବାଣୀବହ ମନେହେଲା । ସେଥିରୁ ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ ।

ଶ୍ରୀରାମକୃଷ୍ଣ ପଡ଼ିଆ ମଧ୍ୟଦେଇ ଚାଲିଛନ୍ତି । ଆକାଶରେ ଘନ-କୃଷ୍ଣବର୍ଣ୍ଣ ମେଘ ହୋଇଛି । ଦଳେ ଧଳାବଗ ଆକାଶରେ ଉଡ଼ିଯାଉ-ଛନ୍ତି । ସେହି କଳାମେଘର ପରିପ୍ରେକ୍ଷୀରେ ଧଳାବକମାଳା ଅପୂର୍ବ ଶୋଭା ରଚନା କରିଥାଆନ୍ତି । ତାହା ଦେଖି ଶ୍ରୀରାମକୃଷ୍ଣ ଚେତାହରାଇ ରାସ୍ତାରେ ପଡ଼ିଗଲେ । ଏହି ଛବିରେ ସେ କଣ ଦେଖିବାକୁ ପାଇଲେ କେବଳ ତାଙ୍କୁ ହିଁ ଗୋଚର । କିନ୍ତୁ ଅନୁମାନ ହେଲା ଯେ ସେ ପ୍ରକୃତିର ବକ୍ଷରେ ପରମପୁରୁଷଙ୍କର ଝଲକ ଦେଖି ଆତ୍ମହରା ହୋଇ ଯାଇଥିଲେ ।

ଏହି ବିଷୟଟି ବିଶ୍ଳେଷଣ ଯୋଗ୍ୟ । କଳାମେଘର ବକ୍ଷରେ ଧଳାବକମାଳା ପ୍ରକୃତିର ଗୋଟିଏ ଅତି ମନୋରମ ଦୃଶ୍ୟ । ଏହାକୁ କବିମାନେ କବିତାରେ ଉତ୍ଫୁଲ୍ଲ ହୋଇ ବର୍ଣ୍ଣନା କରନ୍ତି ; କାରଣ ଏହା ଏକ ନୈସର୍ଗିକ ଶୋଭା । ଚିତ୍ରକର ମଧ୍ୟ ଚିତ୍ର କରନ୍ତି ଏହି ଦୃଶ୍ୟକୁ ; କାରଣ ଏହା ଏକ ଅତ୍ୟନ୍ତ ମନୋରମ ରୂପ, ପ୍ରକୃତିର । ଏହି ରୂପକୁ ଧରି ରଖିବାପାଇଁ କବି ଓ ଚିତ୍ରକର ବ୍ୟଗ୍ର । ଏହାଛଡ଼ା ସାଧାରଣ ଜନମାନସରେ ମଧ୍ୟ ଏପରି ଶୋଭାପ୍ରତି ଆକର୍ଷଣ ରହିଛି । ଏଥିରେ ଅନ୍ତର୍ନିହିତ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟ । "କ୍ଷଣେ କ୍ଷଣେ ଯନ୍ନ ନବତାମ୍ ଉପୈତି, ତଦେବ ରୂପଂ ରମଣୀୟତାୟାଃ" ମହାକବି କାଳିଦାସଙ୍କ ଉକ୍ତି । ରାଧାନାଥ ତାର ଅନୁବାଦ କରିଛନ୍ତି—"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ । ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।" ସୁନ୍ଦରର ଆକର୍ଷଣ ଶାଶ୍ୱତ । ଏହି ସୌନ୍ଦର୍ଯ୍ୟ ପଛରେ ଆଉ କାହାର ରୂପ ଲୁଚି ରହିଛି କି, ଯାହାକୁ ଦେଖି ଶ୍ରୀରାମକୃଷ୍ଣ ଆତ୍ମହରା ହୋଇ-ଗଲେ ? ନିଶ୍ଚୟ ଅଛି । ନ ହେଲେ ସେ ଅଚେତା ହୁଅନ୍ତେ କାହିଁକି ?

Digitized by srujanika@gmail.com

ପ୍ରଶ୍ନ ହେବା ସ୍ୱାଭାବିକ ଯେ ସେ ରୂପ କାହାର ? ଏହାର ଉତ୍ତର ପରମ ପୁରୁଷଙ୍କର ପ୍ରକୃତ ବର୍ଣ୍ଣନାରେ ପରିସ୍ଫୁଟ । ସେ ହେଉଛନ୍ତି— ସତ୍ୟମ୍, ଶିବମ୍, ସୁନ୍ଦରମ୍ । ତେବେ ତାଙ୍କୁ ଶ୍ରୀରାମକୃଷ୍ଣ ସୁନ୍ଦର ଛବିରେ ଦେଖିପାରିଲେ । କବି ଓ ଶିଳ୍ପକରଙ୍କର ଯଦି ଦୃଷ୍ଟି ଆଉ ଟିକିଏ ପ୍ରଗାଢ଼ ଓ ଅନ୍ତର୍ଭେଦୀ ହୋଇଥାଆନ୍ତା ତାହାହେଲେ ସେମାନେ ମଧ୍ୟ ସେଇ ପରମପୁରୁଷଙ୍କୁ ଦେଖିପାରନ୍ତେ । ଅର୍ଥାତ୍ ସେହି ମହାନ ପୁରୁଷ ଯାହାଙ୍କୁ ଆର୍ଯ୍ୟ ଋଷିମାନେ ଅନ୍ଧକାରର ପର ପାରରେ ଆଦିତ୍ୟବର୍ଣ୍ଣ ରୂପେ ଦେଖିଥିଲେ ସେହି ମହାନ୍ ପୁରୁଷ ପ୍ରକୃତର ଅନ୍ତରାଳରେ ବର୍ତ୍ତମାନ । ସମସ୍ତଙ୍କ ଦୃଷ୍ଟି ସମକ୍ଷରେ ବିଦ୍ୟମାନ । ସେ ଶାଶ୍ୱତଭାବେ ପ୍ରକଟ ହୋଇ ରହିଛନ୍ତି । କେବଳ ଆମର ଦୃଷ୍ଟିର ଗଭୀରତାର ଅଭାବ ; ଶିକ୍ଷଣତାର ସ୍ୱଳ୍ପତା ହେତୁ ଆମେ ତାଙ୍କୁ ଦେଖି ପାରୁନାହୁଁ । ଉପଲବ୍ଧି କରି ପାରୁନାହୁଁ । କିନ୍ତୁ ଶ୍ରୀରାମକୃଷ୍ଣ ପାରୁଛନ୍ତି । ଏହି ବିଶ୍ଳେଷଣ ଫଳରେ ମୋତେ ପ୍ରତୀୟମାନ ହେଲା ଯେ ସେହି ପରମପୁରୁଷ ସତ୍ୟ ଅଛନ୍ତି ; ତାଙ୍କୁ ଉପଯୁକ୍ତ ଦୃଷ୍ଟି ସହାୟତାରେ ଦର୍ଶନ କରାଯାଇପାରିବ, ଜଣେ ମହାପୁରୁଷ ଅଛନ୍ତି ଯେ ତାଙ୍କୁ ଦେଖିଛନ୍ତି ଓ ଅନ୍ୟଙ୍କୁ ଦେଖାଇ ଦେବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି । ଏଥର, ନରେନ୍ଦ୍ରନାଥଙ୍କ ସହିତ ତାଙ୍କର କଥୋପକଥନ ମନେପଡ଼ିଲା । ଶ୍ରୀରାମକୃଷ୍ଣ ଅତି ସହଜରେ ତାଙ୍କୁ କହିଥିଲେ ଯେ ସେ କେବଳ ଈଶ୍ୱରଙ୍କୁ ଦେଖିନାହାନ୍ତି, ତାଙ୍କ ସହିତ କଥାବାର୍ତ୍ତା ମଧ୍ୟ କରିଛନ୍ତି । ନରେନ୍ଦ୍ରନାଥଙ୍କୁ ମଧ୍ୟ ଦେଖାଇଦେଇ ପାରନ୍ତି । ହୃଦୟଙ୍ଗମ ହେଲା ଈଶ୍ୱର ଜ୍ଞାତବ୍ୟ ; ଉପଲବ୍ଧିର ଯୋଗ୍ୟ ବସ୍ତୁ । ଯଦି ତାହାହିଁ ହୋଇଥାଏ ତେବେ ଯେତେ ଲୋକ ତାଙ୍କୁ ଦେଖିଛନ୍ତି ବା ଜାଣିଛନ୍ତି ସେମାନଙ୍କ ମଧ୍ୟରେ ମତଭେଦ କାହିଁକି ? ତାର ଉତ୍ତର ମଧ୍ୟ ପାଇଲି । ସେହି ଈଶ୍ୱରଙ୍କୁ ଜାଣିବାର ବା ତାଙ୍କ ପାଖରେ ପହଞ୍ଚିବାର ବହୁ ରାସ୍ତା ଅଛି । ପ୍ରତ୍ୟେକଟି ମତ ଗୋଟିଏ ପଥ । ପଥ ଅନେକ ହୋଇ-ପାରେ । ଗନ୍ତବ୍ୟ ସ୍ଥଳ କିନ୍ତୁ ଗୋଟିଏ—ଈଶ୍ୱର ପ୍ରାପ୍ତି । ସେ କହିଲେ ଯେ ଯେତୋଟି ମତ ସେତୋଟି ପଥ । ସେଥିରେ ବିଭ୍ରାନ୍ତ ହେବାର କିଛି ନାହିଁ । ମତର ପାର୍ଥକ୍ୟ ବିଭିନ୍ନତା ଯୋଗୁ, ଭ୍ରମଯୋଗୁ ନୁହେଁ । ବିଭିନ୍ନତାର ବିଶେଷ କାରଣ ଅଛି । ଅସୀମର ଦର୍ଶନ ସୀମିତ ଚେତନା

Digitized by srujanika@gmail.com

ପକ୍ଷରେ ସମ୍ଭବ ହୋଇପାରିବ ନାହିଁ । କାରଣ ଅସୀମତ୍ୱର ବ୍ୟାପ୍ତି, ଜୀବର କଳନାର ବହିର୍ଭୂତ । ଜୀବର ଅକ୍ଷମତା ଯୋଗୁ କେବଳ ନୁହେଁ, ଅସୀମର ଅଗ୍ରାହ୍ୟତା ଅପରିକଳ୍ପନୀୟ ପ୍ରକୃତି ଯୋଗୁ । ଅସୀମତ୍ୱର ଅର୍ଥ ହେଲା ସସୀମର ଠିକ ବିପରୀତ । ତେଣୁ ଆମର ସସୀମ କଳ୍ପନା କେବଳ ଏକାଂଶ ଧାରଣା କରିପାରେ । ଭଗବାନ ଗୀତାରେ କହିଛନ୍ତି—"ଏକାଂଶେନ ସ୍ଥିତୋ ଜଗତ୍ ।" ଅର୍ଥାତ୍ ଚଳମାନ ଜଗତ୍ ନିହାରିକାପୁଞ୍ଜ, ଗ୍ରହ-ତାରା-ନକ୍ଷତ୍ର ସହ ତାଙ୍କର ମାତ୍ର ଏକାଂଶରେ ଅବସ୍ଥିତ । ଅନ୍ୟ ଅଂଶରେ କଣ ଅଛି ସେ କହି-ନାହାନ୍ତି । ତେଣୁ କେହି ଜାଣନ୍ତି ନାହିଁ ।

ଶ୍ରୀରାମକୃଷ୍ଣ ବିଦ୍ୟାସାଗରଙ୍କୁ କହିଲେ—ବ୍ରହ୍ମ କେବେହେଲେ ଉଚ୍ଛିଷ୍ଟ ନୁହନ୍ତି । ବିଦ୍ୟାସାଗରଙ୍କ ପରି ପଣ୍ଡିତ ମାନଙ୍କେ ଯେ ଆଜି ଗୋଟିଏ ନୂଆ କଥା ଶିଖିଲି । ବ୍ରହ୍ମ ଉଚ୍ଛିଷ୍ଟ ହୋଇନପାରନ୍ତି । ବ୍ରହ୍ମଙ୍କୁ ବର୍ଣ୍ଣନା କରି ମଧ୍ୟ କେହି ଶେଷ କରିପାରିବ ନାହିଁ । କାରଣ ସେ ଅନାଦି, ଅନନ୍ତ । ଆମର ଆଦି ଓ ଅନ୍ତ ଦୁଇ ଅଛି । ଆମେ କିପରି ବ୍ରହ୍ମବସ୍ତୁର ବର୍ଣ୍ଣନା କରିପାରିବା । ସାମାନ୍ୟ ଟିକିଏ ହୃଦୟଙ୍ଗମ ହେଲା ଯେ ମହାପୁରୁଷମାନଙ୍କର ମତଭେଦର ଯଥେଷ୍ଟ କାରଣ ଅଛି । ଯେ ଯେତେ ଦିଗ ଦେଖିଛି ସେ ସେତିକିମାତ୍ର ବର୍ଣ୍ଣନା କରିପାରେ । ଅନ୍ୟ ଅଂଶର ସ୍ୱରୂପ ତାର ଅଗୋଚର । ଏପରି ଅବସ୍ଥାରେ ବର୍ଣ୍ଣନାରେ ପ୍ରଭେଦ ହେବାର ଯଥାର୍ଥ କାରଣ ରହିଛି । ମନେପଡ଼ିଲା ସଦାନନ୍ଦଜୀ କହିଥିଲେ ସମୟ ହେଲେ ମୁଁ ବୁଝିପାରିବ । ମୋର କଣ ସମୟ ହୋଇଛି ? ମୋର ସେପରି ମନେହେଲା ନାହିଁ । କିନ୍ତୁ ଗୋଟିଏ ପ୍ରଶ୍ନ ଶତବାର ମନରେ ଉଦୟ ହେଲା—ବ୍ରହ୍ମର ସ୍ୱରୂପ କଣ କେହି ଯଦି ମୋତେ ଜଣାନ୍ତେ ତେବେ ମୁଁ କୃତାର୍ଥ ହୁଅନ୍ତି । ସେ ଦେଖିବାକୁ କିପରି ? ତାଙ୍କର ବ୍ୟାପ୍ତି କି ଉପାଦାନ ଉପରେ ପ୍ରତିଷ୍ଠିତ ? ସର୍ବ-ଶେଷରେ ଚରମ ବାସ୍ତବତାର ରୂପରେଖ କଣ ?

ଏହି ପ୍ରଶ୍ନର ଉତ୍ତର ପାଇଁ ମୁଁ ବର୍ଷ ବର୍ଷ ଧରି ଶ୍ରୀରାମକୃଷ୍ଣଙ୍କୁ ମନେ ମନେ ସ୍ମରଣ କରିବାକୁ ଲାଗିଲି । ତାଙ୍କୁ ସବୁବେଳେ ଜଣାଉ-ଥାଏ—"ପ୍ରଭୁ, ମୋତେ ଟିକିଏ କୃପା କରନ୍ତୁ । ଏହି ଜ୍ଞାନହୀନକୁ

Digitized by srujanika@gmail.com

ଶକ୍ତି ଦିଅନ୍ତୁ ସେଇ ଅନାଦି ଅନନ୍ତ ପୁରୁଷଙ୍କର ଟିକିଏ କଣା ମାତ୍ର ଦର୍ଶନ କରିବାପାଇଁ ।” କିନ୍ତୁ କୌଣସି ଉତ୍ତର ପାଇଲି ନାହିଁ । ପ୍ରାର୍ଥନା କରିବା ସମୟରେ ଟିକିଏ ଇଙ୍ଗିତ ମଧ୍ୟ ମିଳିଲା ନାହିଁ । ଏହିପରି ଭାବରେ ଦୁଇ ତିନିବର୍ଷ କଟିଗଲା । ମୋର ଷ୍ଟେନ୍‌ଭାଇ ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୁରୀ ଫେରିଗଲା । ତାକୁ ରାଜ୍ୟ ପ୍ରଶାସନିକ ସେବା ମଧ୍ୟ ମିଳିଗଲା । କିନ୍ତୁ ମୋର ପ୍ରଶ୍ନର ଉତ୍ତର ମିଳିଲା ନାହିଁ । ବଡ଼ ମନସ୍ତାପରେ ସମୟ କଟୁଥାଏ ।

"ସେ କି ସହଜେ ମିଳିବା ଧନରେ ତାକୁ ଅଳପେ ପାରିବୁ ଧରି ?"

ଯେଉଁ ଲୋକେ ମୋ ପାଖକୁ ଆସନ୍ତି ସେମାନଙ୍କୁ ମଧ୍ୟ ସେଇ ବିଷୟରେ ପଚାରେ । ଯଦି କେହି ଅମୃତର ସନ୍ଧାନ ଦିଅନ୍ତେ ତାହା ହେଲେ ମୋର ବିଶେଷ ଉପକାର ହୁଅନ୍ତା । କିନ୍ତୁ ସେମାନେ ଏହି ବିଷୟରେ ଏକାନ୍ତ ଉଦାସୀନ । ଏ ପ୍ରଶ୍ନକୁ ଅବାନ୍ତର ବୋଲି ଭାବନ୍ତି ।

ଏହିପରି ଅନେକଦିନ କଟିଗଲା ମନର ଅସ୍ଥିରତା, ଆବେଗ ଓ ଚଞ୍ଚଳତା ମଧ୍ୟରେ । ହଠାତ୍ ଦିନେ ପ୍ରତ୍ୟୁଷରେ (ସକାଳ ସାଢ଼େ-ଚାରିଟା ସମୟରେ) ଗୋଟିଏ ଅତ୍ୟନ୍ତ ଅଦ୍ଭୁତ ସ୍ୱପ୍ନ ଦେଖିଲି । ମୁଁ ପୁରୀ ଘରେ ମରି ପଡ଼ିଅଛି । ଚାରିଆଡ଼େ ଘୋର ଅନ୍ଧକାର । ମୋ ଶରୀର ମଧ୍ୟରୁ ଗୋଟିଏ ବହ୍ନିଶିଖା ବାହାରିଲା । ଦେଖିବାକୁ ଅନେକ ପରିମାଣରେ ଗୋଟିଏ ଜୁଳୁଜୁଳିଆ ପୋକପରି (fire fly) । ସେହି ଶିଖା ଊର୍ଦ୍ଧ୍ୱକୁ ଗତିକରିବାରେ ଲାଗିଲା । ପ୍ରଥମେ ମଣିଷ ଅନ୍ଧକାରରେ ପ୍ରବେଶ କଲେ ଯେପରି କିଛି ଦେଖିବାକୁ ପାଏ ନାହିଁ, ଟିକିଏ ପରେ କ୍ରମେ କ୍ରମେ ଅଳ୍ପ ଅଳ୍ପ ଦେଖିବାକୁ ପାଏ, ସେହିପରି ଏହି ଶିଖାଟି ଦେଖିଲା ଯେ ଅନ୍ଧକାର ମଧ୍ୟରେ ଯେପରି ଗୋଟିଏ ଶୋଭାଯାତ୍ରା ଚାଲିଛି । ସେ ଦେଖିଲା ଯେ ଶରୀର ମନୁଷ୍ୟଭଳି, ମାତ୍ର ମୁଣ୍ଡ ପଶୁଭଳି, ନାନାପ୍ରକାରର ଜନ୍ତୁମାନେ ଯେପରି ମନୁଷ୍ୟ-ଶରୀର ଧାରଣ କରି ଚାଲିଛନ୍ତି । ଅଗଣିତ ଜନ୍ତୁଙ୍କର ଶୋଭାଯାତ୍ରା ଚାଲିଛି ଅନ୍ଧକାର ରାଜ୍ୟରେ ନୀରବରେ । ବହ୍ନିଶିଖାଟି ସେଥିରେ ବିଚଳିତ ନ ହୋଇ ଆହୁରି ଊର୍ଦ୍ଧ୍ୱକୁ ଗତି କରିବାରେ ଲାଗିଲା । ବେଶ କିଛିକ୍ଷଣ ପରେ ଯାଇ ପହଞ୍ଚିଲା ଗୋଟିଏ ମୁନିଙ୍କ ଆଶ୍ରମ ଭଳି ସ୍ଥାନରେ । ସେଠାରେ ଦେଖିଲା

Digitized by srujanika@gmail.com

ଗୋଟିଏ ଗ୍ରେଟିଆ ଜଳାଧାରରୁ ପାଣି ନିର୍ଗତ ହୋଇ ଆଉ ଗୋଟିଏ ନିମ୍ନ ଜଳାଧାରରେ ପ୍ରବେଶ କରୁଅଛି । ତାପରେ ନଦୀ ହୋଇ ଆହୁରି ତଳକୁ ଗଡ଼ିଯାଉଛି । ଏହି ଶିଖାଟି ଏସବୁର କୌଣସି ଅର୍ଥ ବୁଝିପାରିଲା ନାହିଁ । ନିକଟରେ ଜଟାଜୁଟଧାରୀ ଏକ ସନ୍ନ୍ୟାସୀ ବସିଥିଲେ । ତାଙ୍କୁ ଯାଇ ପଚାରିଲା—"ଆଜ୍ଞା, ଏହି ଜଳାଧାରର ନାମ କଣ ? ଏହା ନିମ୍ନ-ଗାମି ହୋଇ କେଉଁ ଦେଶକୁ ପ୍ରବାହିତ ହେଉଅଛି କହିପାରିବେ କି ?" ସେ ମୁନି କହିଲେ—"ଏସବୁ କଥା ନ ଜାଣି ତୁମେ ଏ ଦେଶରେ ପ୍ରବେଶ କଲ କିପରି ? ଆଶ୍ଚର୍ଯ୍ୟ କଥା । ତୁମେ ଶୀଘ୍ର ଏହି ସ୍ଥାନ ପରିତ୍ୟାଗ କର । ନଚେତ୍ ତୁମର କ୍ଷତି ହୋଇପାରେ ।" ସେ ଗୋଟିଏ କ୍ଷୁଦ୍ର କଣାଭଳି ବହିଃଦ୍ୱାର ଦେଖାଇ ଦେଲେ । ସେହି କଣା ଦେଇ ଆଲୋକବର୍ତ୍ତିକାଟି ଗଲା ଚାଲିଗଲା ଆଉ ଏକ ରାଜ୍ୟକୁ । ସେ ରାଜ୍ୟ ଅତି ସୁନ୍ଦର ହାଲୁକା ନୀଳରଙ୍ଗରେ ଉଦ୍ଭାସିତ । ସେଠାରେ ଅନେକ ତୋରଣ ଅଛି । ସମୁଦ୍ର ମଧ୍ୟ ଅଛି । ସେ ସମୁଦ୍ରରେ ଲହରୀମାଳା ନାହିଁ । ତାହା ଶାନ୍ତ, ଦିଗ୍‌ବଳୟ ପର୍ଯ୍ୟନ୍ତ ବିସ୍ତୃତ । ତାର କୂଳରେ ବହୁ ଋଷିମୁନି ତପସ୍ୟା କରୁଛନ୍ତି । ସେମାନଙ୍କର ରୂପ ଜ୍ୟାମିତିକ ରେଖାଭଳି । କେବଳ ପ୍ରତୀୟମାନ ହେଉଛନ୍ତି ମନୁଷ୍ୟ ଭଳି । ମାତ୍ର ସେମାନଙ୍କର ପୃଥୁଳତ୍ୱ ବା ଶାରୀରିକ ପ୍ରସ୍ଥ ଅନୁପସ୍ଥିତ । କେବଳ ରେଖାରାଜିରେ ପ୍ରସ୍ତୁତ ଶରୀର । ମନେହେଉଥିଲା ସେମାନଙ୍କର ଶ୍ମଶ୍ରୁ ମଧ୍ୟ ଅଛି । ଏକ ଅଦ୍ଭୁତ ରୂପ ସେହି ଲୋକମାନଙ୍କର । ସେମାନେ ଧ୍ୟାନରେ ବସି ସେହି ମହାସମୁଦ୍ର ଆଡ଼କୁ ଚାହିଁରହିଛନ୍ତି । କେହି କଥାବାର୍ତ୍ତା କରୁନାହାନ୍ତି । ସମସ୍ତେ ନିଶ୍ଚଳ, ସ୍ଥିର, ନୀରବ । ଏକ ଅପରୂପ ଦୃଶ୍ୟ ।

ବହ୍ନିଶିଖାଟି ଗୋଟିଏ ମୂର୍ତ୍ତିଆଡ଼କୁ ଅଗ୍ରସର ହେଲା । ପଚାରିଲା—"ଏହି ରାଜ୍ୟର ନାମ କଣ ? ଆପଣମାନେ ଏଠାରେ ବସି କାହାପାଇଁ ଧ୍ୟାନ କରୁଛନ୍ତି ? ମୋତେ ସବୁ ବୁଝାଇ କହନ୍ତୁ ।" ସେ କୌଣସି ଉତ୍ତର ଦେଲେ ନାହିଁ । କେବଳ ତୋରଣଗୁଡ଼ିକ ଆଡ଼କୁ ଦୃଷ୍ଟିନିକ୍ଷେପ କଲେ । ଅଗ୍ନିଶିଖାଟି ବୁଝିଲା ତୋରଣରେ ନିଶ୍ଚୟ କିଛି ସନ୍ଧାନ ମିଳିବ ! ସେ ଯାଇ ଦେଖିଲା ଯେ ତୋରଣରେ କଣ ସବୁ ଲିପିବଦ୍ଧ ହୋଇ ରହିଛି । ମାତ୍ର ଆଲୋକବର୍ତ୍ତିକାଟି ସେହି ଲିପି ପଢ଼ିବାକୁ ଅକ୍ଷମ ।

Digitized by srujanika@gmail.com

କେଉଁ ଭାଷାରେ ତାହା ଲେଖା ହୋଇଛି ତାହା ସେ ଜାଣେ ନାହିଁ । ଅତ୍ୟନ୍ତ ନିରାଶ ହୋଇ ପୁଣିଆଡ଼କୁ ଫେରିବାରେ ଲାଗିଲା । ମାତ୍ର କା କସ୍ୟ ପରିବେଦନା । କେହି କେଉଁଠି ନାହାନ୍ତି । କେବଳ ଧ୍ୟାନରତ ଋଷିମାନଙ୍କ ଛଡ଼ା ସେ ରାଜ୍ୟରେ ଆଉ କେହି ନାହାନ୍ତି । ଅଗତ୍ୟା ସେ ରାଜ୍ୟ ପରିହାର କରି ପୁଣି ଊର୍ଦ୍ଧ୍ୱକୁ ଧାବମାନ ହେଲା ।

ଅନେକ ସମୟ ଗତ କଲା ପରେ ଦେଖିଲା ଯେ ଦୂରରେ ଏକ ଆଲୋକମୟ ରାଜ୍ୟ ଅବସ୍ଥାନ କରୁଛି । ଅନେକ ଆଶା ନେଇ କ୍ଷିପ୍ର-ଗତିରେ ସେ ଆଡ଼କୁ ଧାଇଁଲା । ଦେଖିଲା ସେହି ବହ୍ନିଶିଖା ବା ଆଲୋକବର୍ତ୍ତିକା ପରି ବହୁ ବହ୍ନି ବର୍ତ୍ତିକା ତାଭଳି ଆକାଶରେ ଉଡ଼ି ଚାଲିଛନ୍ତି । ସେମାନଙ୍କୁ ଦେଖି ତା ମନରେ ବଳ ଆସିଲା । ନିଜ ଭଳି ଶିଖା ଏଠାରେ ବହୁପରିମାଣରେ ବିଚରଣ କରୁଛନ୍ତି । ସେମାନେ ନିଶ୍ଚୟ ଏ ରାଜ୍ୟର ସନ୍ଧାନ ଦେଇପାରିବେ । ତାକୁ ଭଲଭାବରେ ବୁଝାଇଦେଇ ପାରିବେ ପ୍ରକୃତ ସତ୍ୟ କଣ ? ଉଡ଼ିଉଡ଼ି ଆସି ଅନ୍ୟ ଏକ ବହ୍ନିକଣା ପାଖରେ ପହଞ୍ଚିଲା । ପଚାରିଲା—"ଭାଇ, ଆମେ ସବୁ କଏ ? ଏ ରାଜ୍ୟର ନାମ କଣ ? ଆଉ ସମସ୍ତେ କେଉଁ ଆଡ଼କୁ ଧାଇଁଛନ୍ତି !" ସେ ବହ୍ନିକଣା ଉତ୍ତର ଦେଲା—"ଏସବୁ ନ ଜାଣି ତୁମେ କିପରି ଏଠାକୁ ଆସିଲ ? ଏ ତ ବଡ଼ ଅସମ୍ଭବ କଥା । ପ୍ରକୃତ ଜ୍ଞାନ ନ ପାଇ କେହି ଏ ରାଜ୍ୟରେ ପ୍ରବେଶ କରିପାରନ୍ତି ନାହିଁ । ଆଚ୍ଛା, ଯେତେବେଳେ ପ୍ରବେଶ କରିପାରିଛ ତେବେ ଶୁଣ, ଆମେ ସମସ୍ତେ 'ବ୍ରହ୍ମରେଣୁ' । ଏହି ଦୂର ଦିଗ୍‌ବଳୟରେ ଯେଉଁ ବହ୍ନିମୟ ମହାସମୁଦ୍ର ବ୍ୟାପ୍ତ ହୋଇ ପ୍ରଚଣ୍ଡ ବେଗରେ ଦାଉ ଦାଉ ହୋଇ ଜଳୁଛି ସେହି ହେଉଛନ୍ତି 'ପରମବ୍ରହ୍ମ' । ଆମ୍ଭେମାନେ ତାଙ୍କର ଅଂଶବିଶେଷ ମାତ୍ର । ସମସ୍ତେ ତାଙ୍କପ୍ରତି ଧାବମାନ । ଶେଷରେ ଯାଇ ସେହି ଦିଗ୍‌ମଣ୍ଡଳରେ ପରି-ସମାପ୍ତି ଲାଭ କରିବୁ । ବହୁ ତପସ୍ୟା ପରେ ଏହି ବ୍ରହ୍ମରେଣୁ ଯାଇ ପରମବ୍ରହ୍ମରେ ଲୀନ ହୋଇଥାଏ । ଆଉ ସମୟ ନାହିଁ । ଯେତେ କ୍ଷିପ୍ର ଗତିରେ ପାର ଉଡ଼ିଚାଲ । ଦେଖୁନାହଁ ସବୁ ରେଣୁମାନେ କିପରି ସମସ୍ତ ବଳପ୍ରୟୋଗ କରି ଗତିମାନ ହୋଇ ସେହି ଦୂର ଦିଗ୍‌ବଳୟ ଆଡ଼କୁ ଧାଇଁ ଚାଲିଛନ୍ତି ! ଆଉ ଡେରି କର ନାହିଁ । ଆଗେଇ ଚାଲ ।" ଏହା କହି ସେହି ବହ୍ନିଶିଖା ଜୋରରେ ଆଗେଇଗଲା ।

Digitized by srujanika@gmail.com

ଦୂରଦିଗ୍‌ବଳୟ ଆଡ଼କୁ ଚାହିଁ ମୁଁ ସ୍ତବ୍ଧ ହୋଇ ରହିଗଲି । ସତେତ ଏ କି ସୁବର୍ଣ୍ଣ ବର୍ତ୍ତି ! କି ଜ୍ୱାଳାମୟୀ ଶିଖା ଦାଉ ଦାଉ ହୋଇ ସମ୍ପୂର୍ଣ୍ଣ ଦିଗମଣ୍ଡଳ ପରିବ୍ୟାପ୍ତ ହୋଇ ଜଳୁଛି । ସେହି ବର୍ତ୍ତିରେ ସେହି ରାଜ୍ୟ ଆଲୋକିତ ହୋଇ ଉଠିଛି । ଅନାଦି ଅନନ୍ତ ସେହି ଲମ୍ବ ସ୍ରୋତ । ଅବର୍ଣ୍ଣନୀୟ ତାର ପ୍ରକାଶ ଓ ବ୍ୟାପ୍ତି । ଲେଲିହାନ ଶିଖା ଆକାଶ ପର୍ଯ୍ୟନ୍ତ ଉଠୁଛି ବିରାମ ବିହୀନ ନିରବଚ୍ଛିନ୍ନ ଭାବରେ । ମୋର ସତ୍ତା କିଛିକ୍ଷଣ ପାଇଁ ସ୍ତମ୍ଭିତ ହୋଇ ରହିଲା ଏହି ଅଭିନବ ଅନୁଭୂତି ଯୋଗୁ । ଏକାବେଳେକେ ସ୍ଥିର, ଅଚଞ୍ଚଳ । ଆଉ ଆଗେଇବ କିପରି ? ସେ ତ ପ୍ରାୟ ସଂଜ୍ଞାହୀନ ଅବସ୍ଥାରେ ସ୍ଥାଣୁରେ ପରିଣତ ହୋଇଛି । ଅନେକ ସମୟପାଇଁ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ରହିବା ପରେ, ଆସ୍ତେ ଆସ୍ତେ ମୋହଗ୍ରସ୍ତ ଭାବ ଟିକିଏ କମିଲା । ଦେଖିଲି ଯେ ବ୍ରହ୍ମରେଣୁର ସ୍ରୋତ ସେହି ସହାସାଗରରେ ଲୀନ ହେବାପାଇଁ ଧାବମାନ । ସେହି ଦୃଶ୍ୟରେ ଅନୁପ୍ରାଣିତ ହୋଇ ମୋର ଆଲୋକବର୍ତ୍ତିକା ଟିକକ ମଧ୍ୟ ଗତି ଲାଭ କଲା । ଟିକିଏ ଟିକିଏ କରି ଆଗେଇ ଯାଉଥାଏ । କିନ୍ତୁ ମନେହେଉଥାଏ ଦୂର ଦିଗ୍‌ବଳୟ ଯେତିକି ଦୂରରେ ଥିଲା, ସେତିକି ଦୂରରେ ରହିଗଲା । ମନରେ କ୍ଷୋଭ ହେଲେ ମଧ୍ୟ ଶିଖାର ଗତି ବଢ଼ିଲା ନାହିଁ ।

ଏପରି ଅବସ୍ଥାରେ ମୋର ନିଦ ଭାଙ୍ଗିଗଲା । ମୋର ଏକ ତୀବ୍ର ଅନୁଭୂତି ହେଲା । ଇଲେକ୍‌ଟ୍ରିକ୍ କରେଣ୍ଟ ଯେପରି ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଜୋର ସୋରରେ ଚାଲିଛି ମୋର ଶରୀରରେ । ମୋତେ ଅତ୍ୟନ୍ତ ମୂହ୍ୟମାନ ଅବସ୍ଥାରେ ପକାଇ ରଖିଛି । ଇଚ୍ଛା କଲେ ମଧ୍ୟ ସେ ସ୍ରୋତ ମୋଟେ କମୁନାହିଁ । ମୁଁ ନିସ୍ପନ୍ଦ ଓ ଅସାଡ଼ ଭାବରେ ପଡ଼ିରହିଲି । ମନେ ମନେ ଲକ୍ଷ୍ୟ କରୁଥାଏ ବିଜୁଳି ଗତିକୁ । ପ୍ରାୟ ଦଣ୍ଡାଏ ଯିବାରୁ ମୋର ଶରୀରର ସାଧାରଣ ସ୍ପନ୍ଦନ ଆରମ୍ଭ ହେଲା । କେହି ଉଠିନାହାନ୍ତି । ଆସ୍ତେ ଆସ୍ତେ ଉଠି ବାହାର ଘରକୁ ଯାଇ ଗୋଟିଏ ଚୌକି ଉପରେ ନିର୍ବାକ୍ ହୋଇ ବସିରହିଲି । ମୋର ସହଜାତ କର୍ମକ୍ଷମତା ଯେପରି ମୁଁ ହରାଇ ବସିଛି । କେଜାଣି କେମିତି ବଦଳି ଯାଇଛି ମୋର ଶାରୀରିକ ବୃତ୍ତି । ମାନସିକବୃତ୍ତି ଜ୍ୟରେ ମଧ୍ୟ କର୍ମପ୍ରେରଣା

Digitized by srujanika@gmail.com

ନାହିଁ । ମନ ଏକ ଅଚଞ୍ଚଳ ରାଜ୍ୟରେ ଅବସନ୍ନ ଭାବରେ ବିଚରଣ କରୁଛି । କାହାକୁ କିଛି କହିଲି ନାହିଁ । କାମ କଲେ ମଧ୍ୟ ସେଥିରେ ପ୍ରାଣ ନ ଥାଏ । ଗୋଟିଏ ନିଶ୍ଚେତକ ଭାବ ପ୍ରାୟ ପନ୍ଦରଦିନ ପର୍ଯ୍ୟନ୍ତ ମୋର ମନକୁ ଘେରି ରହିଲା । ଜାଗତିକ ବିଷୟରେ ପ୍ରେରଣା ପାଇଲି ନାହିଁ । ଯେମିତି ନିଦ ନିଦ ଲାଗୁଛି ସବୁବେଳେ ; ଏପରି ମନେହେଲା । ଗୋଟିଏ ଅବସ୍ଥା ଯାହାକୁ ଇଂରେଜୀରେ 'Coma' କୁହାଯାଏ ପ୍ରାୟ ସେହିଭଳି ଅନୁଭୂତ ହେଲା । ଆସ୍ତେ ଆସ୍ତେ ସେ ଭାବ ମିଳେଇ ଗଲା । ପୂର୍ବପରି ସଂସାର କାର୍ଯ୍ୟରେ ଲିପ୍ତ ହୋଇ ସେହି ଅନୁଭୂତ ଅବସ୍ଥାକୁ କ୍ରମେ କ୍ରମେ ଭୁଲିଗଲି ।

ବାହ୍ୟର ଜ୍ଞାନ ଫେରି ଆସିଲା, ମୁହ୍ୟମାନ ଅବସ୍ଥା ଅପସରି ଗଲା ପରେ । ବୁଝିଲି ଏହା ବର୍ଷ ବର୍ଷ ଧରି ପ୍ରାର୍ଥନାର ଫଳରେ ପରମ-କାରୁଣିକ ଶ୍ରୀରାମକୃଷ୍ଣଙ୍କର ଅହେତୁକ ଦାନ । ମୋର ଅଧ୍ୟବସାୟ ନାହିଁ । ଧ୍ୟାନ ନାହିଁ, ଧାରଣା ମଧ୍ୟ ନାହିଁ । ମୋର ଜପ ନାହିଁ ତପ ନାହିଁ । ଶ୍ରବଣ, ମନନ, ନିଦିଧ୍ୟାସନ କିଛି ନାହିଁ । ମୁଁ ଗୋଟିଏ ଶୁଷ୍କକାଷ୍ଠ ମାତ୍ର । ସେଥିରେ ପ୍ରାଣର ସ୍ପନ୍ଦନ ଭିଆରି କରିବାର ଏକମାତ୍ର କ୍ଷମତା ଦୟାଳୁ ପ୍ରଭୁଙ୍କର ହୋଇଥିବ ସିନା । ତା ନ ହେଲେ ନର ଦେହରେ ଦିବ୍ୟ ଦର୍ଶନ କେବଳ ପ୍ରବଳ ଶକ୍ତିଧାରୀ ମହାପୁରୁଷମାନଙ୍କର କରାୟତ୍ତ ହୋଇଥାଏ ।

ପୁଣି ସନ୍ଦେହ ଜାତ ହେଲା । ସ୍ୱପ୍ନ କଣ ସତ୍ୟ ? ଏହା ଏକ ଅଳୀକ ଆଖ୍ୟାନ ନୁହେଁ ତ । ନିଜେ ପ୍ରଶ୍ନ କରି ନିଜେ ଉତ୍ତର ପାଇବା ଭଳି । ମନର ସ୍ୱକୀୟ ଛଳନା ମାତ୍ର ନୁହେଁ ତ । ମନରେ ତ କେତେ ପ୍ରଶ୍ନ ଉଠେ । ତାର ସ୍ୱପ୍ନିଳ ଉତ୍ତର ମଧ୍ୟ ମିଳିଥାଏ । ମାତ୍ର ସେଗୁଡ଼ିକ ସତ୍ୟ ନ ହୋଇପାରେ । କାରଣ ପାଶ୍ଚାତ୍ୟମନୀଷୀ ଫ୍ରୟେଡ଼୍‌ଙ୍କ ମତ ଅନୁସାରେ ସବୁ ସ୍ୱପ୍ନ ନିଜର ଇଚ୍ଛାପୂରଣ ପ୍ରକ୍ରିୟା ଉପରେ ନିବଦ୍ଧ । ଆପଣଙ୍କର ମିଠା ଖାଇବାକୁ ଇଚ୍ଛା ହେଲା । ରାତିରେ ସ୍ୱପ୍ନ ଦେଖିଲେ ଆପଣଙ୍କ ସାମନାରେ ଥାଳ ଥାଳ ମିଷ୍ଟାନ୍ନ ରହିଛି । ଆପଣ ଆନନ୍ଦରେ ଖାଉଛନ୍ତି । ମୁଁ ମନସ୍ତତ୍ତ୍ୱ ଶାସ୍ତ୍ରର ଛାତ୍ର ଥିଲି । ତେଣୁ ଏପରି ସ୍ୱାଭାବିକ ସନ୍ଦେହ ମୋ ମନରେ ବାରମ୍ବାର ଉଠିଲା ।

Digitized by srujanika@gmail.com

ପୁରୀରେ ସେତେବେଳେ ଅବସ୍ଥାନ କରୁଥାଆନ୍ତି ଶ୍ରୀ ଶ୍ରୀ ବିଜୟ କୃଷ୍ଣ ଗୋସ୍ୱାମୀ (ଜଟିଆ ବାବା)ଙ୍କ ଶିଷ୍ୟା ଶ୍ରୀମତୀ ମା'ମଣି । ସେ ଆଧ୍ୟାତ୍ମିକ ଜଗତରେ ସେତେବେଳେ ଅତି ପ୍ରଗତିଶାଳୀ । ଦୀକ୍ଷା ମଧ୍ୟ ଦେଉଥାନ୍ତି । ତାଙ୍କର ବହୁ ବହୁ ଦିବ୍ୟ ଦର୍ଶନ ହେଉଥାଏ । ମୁଁ ପୁରୀ ଗଲେ ଯନାଶ ଗଛ ପାଖରେ ଥିବା "ବ୍ରଜଧାମ"ରେ ତାଙ୍କ ସହିତ ସବୁବେଳେ ଦେଖାକରେ । ସେ ମୋ ପ୍ରତି ଅତି ସ୍ନେହଶୀଳ । ତାଙ୍କର ଭାବପ୍ରକାଶର ଗ୍ରନ୍ଥ ଯଥା "ସାର ସଂଗ୍ରହ ମାଧୁରିମା" ମୋତେ ପଢ଼ିବାକୁ ଦେଇଥିଲେ । ସେଥିରେ ଦେଖିଥିଲି ବହୁ ପ୍ରଶ୍ନକାରୀମାନଙ୍କର ବିଶଦ ଉତ୍ତର ଛପା ହୋଇଥିଲା । ମା'ମଣି ନଅବର୍ଷ ବୟସରେ ବିବାହ କରିଥିଲେ । ଅଳ୍ପ ଦିନ ପରେ ବିଧବା ହୋଇ ପୁରୀ ଧାମରେ ତପଶ୍ଚର୍ଯ୍ୟା କରି ସିଦ୍ଧିଲାଭ କରିଥିଲେ । ତାଙ୍କୁ କେବଳ ବର୍ଣ୍ଣାକ୍ଷର ଜଣା ଥିଲା । ମାତ୍ର ରାତିସାରା ଆଧ୍ୟାତ୍ମିକ ଅଭିଜ୍ଞତା ଅନେକ ଉଦ୍ଧୃତିସହ (ଉପନିଷଦ ଇତ୍ୟାଦିରୁ) ସେ ଲେଖି ଯାଆନ୍ତି । ତାହା ସାଧାରଣ ବୁଦ୍ଧିର ଅଗମ୍ୟ । ଶ୍ରୀ ସୀତାରାମ ଦାସ ଓଁକାରନାଥ ପୁରୀରେ ରହୁଥାଆନ୍ତି । ତାଙ୍କର ଚିଠି ମଧ୍ୟ ମା'ମଣିଙ୍କ ପ୍ରଶଂସାରେ ପରିପୂର୍ଣ୍ଣ । ତାଙ୍କ ବହିରେ ଛପା ହୋଇଥାଏ । ତାଙ୍କ ଉପରେ ମୋର ଅଗାଧ ବିଶ୍ୱାସ ଥାଏ । ତେଣୁ ତାଙ୍କୁ ଚିଠି ଲେଖି ସବୁ ଅଭିଜ୍ଞତା ଜଣାଇଲି । ପଚାରିଲି ଏହି ସ୍ୱପ୍ନ କଣ ସତ୍ୟ ? ସାଙ୍ଗେ ସାଙ୍ଗେ ଉତ୍ତର ଆସିଲା ନାହିଁ । ପ୍ରାୟ ୪।୫ ମାସ ପରେ ଯାଇ ଜବାବ ଆସିଲା । ଲେଖିଛନ୍ତି —ତୁମ୍ଭର ସ୍ୱପ୍ନର ଯଥାର୍ଥତା କଥା ପଚାରିବା ପାଇଁ ଶ୍ରୀରାମକୃଷ୍ଣଙ୍କର ଭାବ-ରାଜ୍ୟରେ ଉପସ୍ଥିତ ଅପେକ୍ଷାରେ ଥିଲି ।

କାଲି ରାତିରେ ମୋର ଭାବଦର୍ଶନରେ ମୋର ଗୁରୁ ଶ୍ରୀ ଶ୍ରୀ ଜଟିଆ ବାବାଙ୍କ ସହ ସେ ମଧ୍ୟ ଉପସ୍ଥିତ ଥିଲେ । ସୁଯୋଗ ଦେଖି ତୁମ୍ଭର ପ୍ରାର୍ଥିତ ବିଷୟବସ୍ତୁ ତାଙ୍କୁ ଜଣାଇଲି । ସେ କହିଲେ ଅନେକ ଦିନ ଧରି ମୋତେ ଅନୁରୋଧ କରୁଥିଲା ସତ୍ୟସ୍ୱରୂପ ଜାଣିବା ପାଇଁ । ତେଣୁ କିଛି ପରିମାଣରେ ତାହାର ଆକାଙ୍କ୍ଷା ପୂରଣ କରିଛି । ମାତ୍ର ତାର ଶରୀର ସେହି ତତ୍ତ୍ୱ ଧରି ରଖିବା ପାଇଁ ଏବେ ସୁଦ୍ଧା ପ୍ରସ୍ତୁତ ହୋଇନାହିଁ । ତେଣୁ ସେ ଅନୁଭୂତି ଧରି ରଖି ପାରିବ ନାହିଁ । ତାହାର ସମୟ ଆସିନାହିଁ ।

ଉତ୍ତର ପାଇ ମୋ ମନରୁ ସମସ୍ତ ସନ୍ଦେହ ଦୂର ହୋଇଗଲା । ତେବେ ଦୟାର ଅବତାର ଶ୍ରୀରାମକୃଷ୍ଣ ମୋର ଉତ୍ତର ଦେଇଛନ୍ତି । କିନ୍ତୁ ନିରାଶ ମଧ୍ୟ ହେଲି । କାରଣ, ସେ ଅନୁଭୂତି ଧରି ରଖିପାରିବି ନାହିଁ ବୋଲି ଜାଣି । ସତ କଥା, ଅନେକ ବର୍ଷ ତାପରେ ବିତି ଯାଇଥିଲେ ମଧ୍ୟ ମୋର କୌଣସି ଆଧ୍ୟାତ୍ମିକ ଉନ୍ନତି ହୋଇନାହିଁ । ଗୁରୁଲାଭ ହୋଇନାହିଁ । ଜପତପ ମଧ୍ୟ କରି ପାରି ନାହିଁ । ସେଇ ତ୍ରିଶଙ୍କୁ ଅବସ୍ଥାରେ କାଳାତିପାତ କରୁଛି ।

ଏ ବିଷୟରେ ମୁଁ ଥରେ ବେଲୁଡ଼ ମଠର ସ୍ୱାମୀ ଅଭୟାନନ୍ଦଜୀଙ୍କୁ ଜଣାଇ ଥିଲି । ସେ ଭରତ ମହାରାଜ ନାମରେ ସୁବିଖ୍ୟାତ ଥିଲେ । ମୋର ସବୁ କଥା ମନ ଦେଇ ଶୁଣିଲେ । କହିଲେ ଶ୍ରୀରାମକୃଷ୍ଣ ଯାହା କରିବେ ତାହା ଶ୍ରୀ ବୀରେଶ୍ୱରାନନ୍ଦଜୀଙ୍କ ମାଧ୍ୟମରେ କରାଉଛନ୍ତି । ସେ ମଠର ମଠାଧୀଶ । ସେ ଦୀକ୍ଷାଦାନ କରନ୍ତି । ତୁମ୍ଭେ ମନ ସ୍ଥିର କରି କାଲି ତୃତୀୟାରେ ବେଲୁଡ଼ ମଠକୁ ଆସ । ତୁମ୍ଭର ଦୀକ୍ଷାଦାନର ବ୍ୟବସ୍ଥା ମୁଁ ନିଶ୍ଚୟ କରାଇଦେବି । ରାତିସାରା ଭାବିଲି । ଶ୍ରୀରାମକୃଷ୍ଣ ଯଦି ସ୍ୱପ୍ନ ଦେଇ ଦୟା କରିଛନ୍ତି ସେ ନିଶ୍ଚୟ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ । ତାଙ୍କ ଉପରେ ମୋର ପୂର୍ଣ୍ଣ ଭରସା । ସେ ପରମ ଦୟାଳୁ । ମୋର ବଦ୍ଧମୂଳ ବିଶ୍ୱାସ ସେ ମୋତେ ପଥ ପ୍ରଦର୍ଶନ କରିବେ । ଅନ୍ୟ ମାଧ୍ୟମରେ ମୋର ଆନ୍ତରିକ ଦୃଢ଼ତା ଅପସରିଯିବ । କାମ୍ୟଫଳ ପ୍ରାପ୍ତ ହେବନାହିଁ । ତେଣୁ ଶ୍ରୀରାମକୃଷ୍ଣଙ୍କର ନିର୍ଦ୍ଦେଶ ଅପେକ୍ଷାରେ ରହିବା ଶ୍ରେୟସ୍କର ମନେ କଲି । ଦୀକ୍ଷାଗ୍ରହଣ କଲି ନାହିଁ । ଏହିପରି ଅବସ୍ଥାରେ ବୋଧହୁଏ ମୋର ଏହି ମୂଲ୍ୟହୀନ ଜୀବନର ପରିସମାପ୍ତି ଘଟିବ । ତାହା ଘଟୁ । ତେବେ ମଧ୍ୟ ତାଙ୍କର ମହିମ ତ୍ୟାଗ କରିପାରିବି ନାହିଁ । ତାଙ୍କୁ ହିଁ ମୋ ଭଳି କ୍ଷୁଦ୍ରଜୀବକୁ ଉଦ୍ଧାର କରିବାକୁ ପଡ଼ିବ । ସେଥିପାଇଁ ଯେତେ ଜୀବନ ଲାଗୁ ପଛେ ମୋର କ୍ଷୋଭ ନାହିଁ । ସୁଦାମା ଯେପରି ଖୁଦକଣା ଅଣ୍ଟିରେ ବାନ୍ଧି ଶ୍ରୀକୃଷ୍ଣଙ୍କ ପାଇଁ ନେଇ ମଧ୍ୟ ଲୁଚାଇ ରଖିଥିଲେ । ତାକୁ ବାହାର କରିବାକୁ ଅତ୍ୟନ୍ତ ଲଜ୍ଜା ଅନୁଭବ କରୁଥିଲେ । ଶେଷରେ ଶ୍ରୀକୃଷ୍ଣ ଜବର-ଦସ୍ତି ତାକୁ ବାହାର କରି ଖାଇବାକୁ ଲାଗିଲେ ! ସେହିପରି ମୋର ଅନ୍ତର ଲଡ଼ୁ ଏଇ ଅଭିଜ୍ଞତା ଟିକକ ନିଜ ଭିତରେ ସାଇତି ରଖିଥିଲି । ଆଜି ଜୀବନ ସାୟାହ୍ନରେ ବସି ଭାବିଲି ଯେ ଏ କ୍ଷୁଦ୍ର ଜୀବନ ଯଦି ଶେଷ

Digitized by srujanika@gmail.com

ହୋଇଯାଏ ତେବେ କାହାକୁ ସେ କଥା ଜଣାଇ ପାରିବ ନାହିଁ । ଭାବିଲି ବ୍ରହ୍ମ ସ୍ୱରୂପର ଝଲକ ଜଣାଇଲେ କିଛି କ୍ଷତି ନାହିଁ । ପରମବ୍ରହ୍ମ ନିଜେ ବିଭିନ୍ନ ରୂପରେ ବିଭିନ୍ନ ମାଧ୍ୟମରେ ତାଙ୍କର ସ୍ୱରୂପ ପ୍ରକାଶ କରୁଅଛନ୍ତି । ତାଙ୍କ ବିଷୟରେ ଦ୍ୱିଧା କରିବାର ଅବକାଶ ନାହିଁ । ସେ ସବୁବେଳେ ସତ୍ୟର ପ୍ରଭାରେ ପ୍ରଜ୍ଜ୍ୱଳିତ, ଭାସ୍ୱର ଭାବରେ ବିଶ୍ୱବନ୍ଦିତ । ତେଣୁ ଯେ କୌଣସି ରୂପରେ ତାଙ୍କର ବନ୍ଦନା ଜୀବନର ଏକମାତ୍ର କାମ୍ୟ ବସ୍ତୁ । ମନେ ପଡ଼ିଲା ଇଂରେଜ କବି P. B. Shelly ଙ୍କ ବାଣୀ—

"As from an unextinguished hearth
My words amongst mankind ;
If winter comes, can spring be far behind ?"

ମୋ ଜୀବନରେ ଶୀତର ପ୍ରକୋପ ଆସିଥିଲେ ମଧ୍ୟ ବସନ୍ତର ଆଶା ତ ରହିଛି ? ତେଣୁ ଭୟର ବା ନିରାଶାର ସ୍ଥାନ ନାହିଁ । ମନରେ ଆଣ୍ଠାବାନ୍ଧି ପୁଣି ପୁରୁଣା ଜଗତକୁ ଫେରି ଆସିଲି ।

କୁମାରେଶ ବାବୁ କହିଲେ ପୃଥିବୀରେ ଭୟଙ୍କର ଦୁର୍ଦ୍ଦିନ ଆସୁଛି । ଆଫ୍ରିକାରେ ବହୁ ଉତ୍‌ଥାନପତନ ହେବ । ବହୁ ଜାତି ସ୍ୱାଧୀନତା ପାଇଁ ଜାଗି ଉଠିବେ । ସଂଘର୍ଷ ହେବା ସୁନିଶ୍ଚିତ । ତାହା ବିଶ୍ୱ ରାଜନୀତିରେ ମଧ୍ୟ ପ୍ରଭାବ ପକାଇବ । ତା'ଛଡ଼ା ମାନବ ସମାଜର ସଦାଚାର ମାନ ଓହରି ଯିବ । ହିଂସାଦ୍ୱେଷ ମନୁଷ୍ୟଙ୍କୁ କ୍ରମେ କ୍ରମେ ନୀଚତର ସୋପାନକୁ ନେଇଯିବ । ସଭ୍ୟତା ବର୍ତ୍ତମାନ ପତନୋନ୍ମୁଖୀ ଅବସ୍ଥାରେ ପହଞ୍ଚିଛି । ମୁଁ କହିଲି—"ଯାହା ହେବାର ଥିବ ହେବ । ଚିନ୍ତା କରି ଲାଭ କଣ ? ଆପଣ ଯେଉଁ ସଙ୍ଗୀତ-ଚର୍ଚ୍ଚା କରୁଛନ୍ତି ତାହାହିଁ ଶ୍ରେୟସ୍କର, ସେଥିରେ ଅନ୍ତତଃ ମନ ଭୁଲି ରହେ ନିଷ୍ଠୁର ବାସ୍ତବତାରୁ ।" ସେ କହିଲେ— "ସଙ୍ଗୀତ ରାଜ୍ୟରେ ମଧ୍ୟ, ପତନରୁ ନିସ୍ତାର ନାହିଁ । ଦେଖୁନାହାନ୍ତି ପାଶ୍ଚାତ୍ୟ ସଙ୍ଗୀତରେ କପଟ କୋଳାହଳର ମହାରବ ସ୍ଥାନ ପାଇ ସଙ୍ଗୀତର ଶାନ୍ତ ମହିମାମୟ ଆବେଶକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରି-ଦେଇଛି । ଲୋକେ ପରିଶ୍ରମସାପେକ୍ଷ ଉଚ୍ଚାଙ୍ଗ ସଙ୍ଗୀତର ଶିକ୍ଷା ଗ୍ରହଣ କରିବାକୁ ନାରାଜ । ଅତି ସସ୍ତା, ରଙ୍ଗଦାର ସୁରର ସାହାଯ୍ୟ ନେଇ

Digitized by srujanika@gmail.com

ନିଜର ଶ୍ରେଷ୍ଠତ୍ୱ ପ୍ରମାଣ କରିବାକୁ ସର୍ବଥା ପ୍ରୟାସୀ । ସେମାନେ ଶ୍ରୋତାମାନଙ୍କଠାରୁ ପ୍ରଶଂସା ମଧ୍ୟ ଚାହିଁଥାନ୍ତି । ଆମର ଗୀତ ଶୁଣିବାକୁ କିଏ କାହିଁକି ଆସିବ !''

ଏ ବିଷୟରେ ଟିକିଏ ଗଭୀରେଇ ଭାବିବାକୁ ପଡ଼ିଲା । ଅନେକେ ଭାବନ୍ତି ଯେ ଆଜିର ସଙ୍ଗୀତର ଧାରା, ଅବିଜ୍ଞାନସମ୍ମତ ଓ ଚିନ୍ତାରହିତ । କଷ୍ଟସାଧ୍ୟ ଓ ପରିଶ୍ରମ ଲବ୍‌ଧ ସ୍ୱରର ଧାରା ସେଥିରେ ନାହିଁ । ଏଥିରେ ଶାସ୍ତ୍ରୀୟ ସଙ୍ଗୀତର ମାଧୁରିମା ନାହିଁ । ଉଚ୍ଚକୋଟିର ସୂକ୍ଷ୍ମଭାବସମ୍ପନ୍ନ ଆବେଦନ ନାହିଁ । ଏଥିରେ ଅଭିଜ୍ଞତାର ଅବଗାହନ ନାହିଁ । ଅଛି କେବଳ ଉଚ୍ଚଧ୍ୱନିର ପ୍ରକାଶ ଓ ବୈଶିଷ୍ଟ୍ୟହୀନ ସ୍ୱରର କର୍କଶତା । ଏପରି ଧାରଣା ଅମୂଳକ ନ ହେଲେ ମଧ୍ୟ ସୀମିତ ଦୃଷ୍ଟିକୋଣରୁ ଜାତ ବୋଲି ମୋର କେଜାଣି କାହିଁକି ମନେ ହେଲା ।

ଭାବିଲି ଏପରି ଧାରଣାର ମୂଳଦୁଆ ହେଲା ପୁରାତନ ମନ । ପୁରୁଣା ଚିନ୍ତାଧାରା ଗୋଟିଏ ଛୋଟିଆ ଗଣ୍ଡିରେ ଆବଦ୍ଧ । ପ୍ରାମାଣିକ ଶୈଳୀରେ ପର୍ଯ୍ୟବସିତ । କେବଳ ଗୋଟିଏ ପ୍ରକାର ଅଭିଜ୍ଞତା ପ୍ରତି ଆକୃଷ୍ଟ । କିନ୍ତୁ ଅନାଦିକାଳରୁ ସଙ୍ଗୀତର ପ୍ରବାହ ବହୁ ସ୍ରୋତରେ ଧାବମାନ । ଭିନ୍ନ ଦେଶରେ ଏହାର ପ୍ରକାଶ ବିଭିନ୍ନ । ଏହା କୌଣସି ଗୋଷ୍ଠୀର ଅଧୀନସ୍ଥ ହୋଇ ରହିପାରିବ ନାହିଁ । ଏହା ଜନମାନସରେ ବହୁଧା ବିସ୍ତାର ଲାଭ କରି ବହୁଜନହିତ ଓ ବହୁଜନସୁଖ ନିମନ୍ତେ ନୂତନ-ନୂତନ ଆକାର ଧାରଣ କରିବ । ଏ ବିଷୟରେ ସନ୍ଦେହର ଅବକାଶ ନାହିଁ ।

ଆମର ଶାସ୍ତ୍ରୀୟ ସଙ୍ଗୀତର ମୂଳଦୁଆ ହେଲା ଐକ୍ୟତାନ । କିନ୍ତୁ ବିଦେଶୀୟ ସଙ୍ଗୀତରେ ବହୁ ତାନ ମଧ୍ୟରେ ଯେଉଁ harmony ବା ଐକ୍ୟ ଦେଖାଯାଏ ତାହା ମଧ୍ୟ ଗ୍ରହଣଯୋଗ୍ୟ । ସେ ଦେଶର ସଙ୍ଗୀତ ଆନନ୍ଦଦାୟକ ଓ ସୁଖକର । ସେକଥା ପାସୋରିଲେ ଚଳିବ କିପରି ? ଆଜିର ସଙ୍ଗୀତର ଧାରା ସାରା ବିଶ୍ୱକୁ ଏକତ୍ର କରି ଅନୁରଣିତ ହେଉଅଛି । ଏହା ବିଶ୍ୱର ଜନ-ଚେତନା ଓ ଅନୁପ୍ରେରଣାଦ୍ୱାରା ନିର୍ଦ୍ଦିଷ୍ଟ । ଜନସମାଜର ଆଦରରେ ଅନୁପ୍ରାଣିତ । ଏହାର ନୂଆ ରୂପରେଖ ଏକ ନବ ସଙ୍ଗୀତର ଆବାହକ ।

Digitized by srujanika@gmail.com

ପ୍ରକୃତରେ କହିବାକୁ ଗଲେ ବିଭିନ୍ନ ସ୍ୱରର ରୁଚିକର ସମନ୍ୱୟରେ ସଙ୍ଗୀତର ସୃଷ୍ଟି—ଏହାହିଁ ସଙ୍ଗୀତର ମୌଳିକତା । ସଙ୍ଗୀତ ସୁଶ୍ରାବ୍ୟ ଓ ମାଧୁର୍ଯ୍ୟମୟ ହେବା ଉଚିତ । ଉଚ୍ଚାଙ୍ଗ ସଙ୍ଗୀତ କଥାବସ୍ତୁକୁ ପରିହାର କରି ଶୈଳୀରେ ଅଧିକ ଗୁରୁତ୍ୱ ଆରୋପ କରିଥାଏ । ସୁରର ବିରାଟ ବ୍ୟାପକତା ସତ୍ତ୍ୱେ ଏହା ଏ ଯୁଗର ମାନବର ଆକାଙ୍କ୍ଷା ପୂରଣରେ ଅସଫଳ । ଉଦାହରଣ ସ୍ୱରୂପ ଖେଆଲ ସଙ୍ଗୀତରେ ଶବ୍ଦ ବା ଭାଷାମାଧ୍ୟମ ଓ ସ୍ୱରସଙ୍ଗତି ମଧ୍ୟରେ ବିରାଟ ବ୍ୟବଧାନ ରହିଛି । ତେଣୁ ରସପ୍ରାଧାନ୍ୟର ସମସ୍ୟା ଜଟିଳ । ଅନେକ ଉଚ୍ଚଶିକ୍ଷିତ ଲୋକ ମଧ୍ୟ ଏହି ସଙ୍ଗୀତର ଅନୁରାଗୀ ହୋଇ ପାରୁନାହାନ୍ତି । ମୋ ପାଖରେ ସେମାନେ ସ୍ୱୀକାର କରିଛନ୍ତି ଯେ ଗାୟକମାନଙ୍କର ଅଙ୍ଗଭଙ୍ଗୀ (mannerism) ସେମାନଙ୍କର ରସ ଆସ୍ୱାଦନ କରିବାରେ ବାଧା ସୃଷ୍ଟି କରେ ।

ଲଘୁ ସଙ୍ଗୀତର ପ୍ରସାର ଓ ପ୍ରଚୁର ବର୍ତ୍ତମାନ ଯୁଗରେ । ବୋଧଗମ୍ୟ ସ୍ୱରସଙ୍ଗତି ସହିତ ରସ ପ୍ରାଧାନ୍ୟର ସ୍ଥିରତା ରକ୍ଷାକରି ଦ୍ରୁତ ଅଗ୍ରଗତି ନିମନ୍ତେ ଲଘୁସଙ୍ଗୀତ ପ୍ରୟାସଶୀଳ ହୋଇଅଛି । ଲୋକପ୍ରିୟ ଓ ଉପାର୍ଜନକ୍ଷମ ହୋଇଥିବାରୁ ଏହି ସଙ୍ଗୀତ ଶିକ୍ଷା କରିବାର ପ୍ରଚେଷ୍ଟା ମଧ୍ୟ ବହୁଳ ଭାବରେ ପରିଲକ୍ଷିତ ହେଉଛି । ଏହା ଶୈଶବକୁ ଅତିକ୍ରମ କରି ପରିଣତ ଅବସ୍ଥାରେ ପହଞ୍ଚିଲେ ଏହାର ବିଶିଷ୍ଟ ରୂପରେଖର ଛଟା ଜଣାଯିବ ବୋଲି ମୋର ଆଶା । ମୁଁ ସଙ୍ଗୀତଜ୍ଞ ନୁହେଁ । ଉପର୍ଯ୍ୟୁକ୍ତ ଭାବ ମୋର ବିକ୍ଷିପ୍ତ ଚିନ୍ତାର ଫଳମାତ୍ର । ଭୁଲ ମଧ୍ୟ ହୋଇପାରେ । ସମୟ ହିଁ ଏହି ଚିନ୍ତାର ଯଥାର୍ଥତା ବା ନିରର୍ଥକତା ପ୍ରମାଣ କରିବାରେ ସକ୍ଷମ ।

ଜୀବନ ସଂଗ୍ରାମ କଠିନ ହେବା ସଙ୍ଗେ ସଙ୍ଗେ କଲିକତାରେ ରହିବାର ଆନନ୍ଦ ଫିକା ପଡ଼ି ଆସିଲା । ମନ ସବୁବେଳେ ପରିବର୍ତ୍ତନ ଲୋଡ଼େ । ନୂଆ ନୂଆ କ୍ଷେତ୍ର ଖୋଜେ ନୂଆ ନୂଆ ଆନନ୍ଦର ମୋହରେ । ମୋର ବି ସେଇଆ ହେଲା । କଥାରେ କହନ୍ତି ବଦଳି ଲଗେଇଲେ ବଦଳି ହୁଏ, କିନ୍ତୁ ମୋ କ୍ଷେତ୍ରରେ ବଦଳି ନ ଲଗେଇ ବଦଳି ହୋଇଗଲି ।

Digitized by srujanika@gmail.com

(୩)

ଅଧ୍ୟାୟ ମଗଧ

"Of tens and thousands of monarchs that crowd the column of history, Asok alone shines out a luminous star."—H. G. Wells.

ପ୍ରସିଦ୍ଧ ଇଂରେଜ ଲେଖକ ଏଚ୍. ଜି. ୱେଲସ୍ ଲେଖିଛନ୍ତି ଯେ, ଯେଉଁ ଶତସହସ୍ର ରାଜା ମହାରାଜା ଇତିହାସର ତାଲିକାରେ ଭିଡ଼ କରି ରହିଛନ୍ତି, ସେମାନଙ୍କ ମଧ୍ୟରେ କେବଳ ଅଶୋକହିଁ ଉଜ୍ଜ୍ୱଳ ତାରକାର ଜ୍ୟୋତିରେ ଭାସ୍ୱର ।

ପୃଥିବୀ ଇତିହାସରେ ସମ୍ରାଟ ଅଶୋକଙ୍କର ପଟାନ୍ତର ନାହିଁ । ପାଟଳିପୁତ୍ରର ପବିତ୍ର ଭୂମିରେ ତାଙ୍କର କୀର୍ତ୍ତିମାଳା ଅଦ୍ୟାପି ଦୃଶ୍ୟ ହୁଏ । ଗଗନ ପବନରେ ଅଶୋକଙ୍କର ବାର୍ତ୍ତାବହ ସ୍ମୃତି । ଇତିହାସର ଧୂଳିକଣାରେ ତାଙ୍କର ଶୌର୍ଯ୍ୟବୀର୍ଯ୍ୟର କାହାଣି ଅମର ହୋଇ ରହିଛି, ରହିବ ମଧ୍ୟ । ତାଙ୍କର ସାମ୍ରାଜ୍ୟ ଭାରତବର୍ଷର ବାହାରେ ବିସ୍ତୃତ ଥିଲା । କିନ୍ତୁ ତାଙ୍କର ଧର୍ମରାଷ୍ଟ୍ର ପୃଥିବୀ ବ୍ୟାପି । ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ପାଇଁ ନିଜ ପୁତ୍ର ଓ କନ୍ୟାଙ୍କୁ ମଧ୍ୟ ସେ ନିୟୋଜିତ କରି-ଥିଲେ । ଧଉଳିପାହାଡ଼ ତାଙ୍କୁ କି ଶିକ୍ଷା ଦେଲା କେଜାଣି ସେ ଯୁଦ୍ଧ ଜିତି ମଧ୍ୟ ହିଂସା ତ୍ୟାଗ କଲେ ! ସମଗ୍ର ବିଶ୍ୱକୁ ଅହିଂସାର ବାଣୀ ଶୁଣାଇଲେ । ସେହି ବାଣୀ ସୁଦୂର ପ୍ରାଚ୍ୟରେ ପ୍ରାଧାନ୍ୟ ଲଭି କରି ସେଠାର ଜୀବନକୁ ପରିବର୍ତ୍ତନ କରିଦେଲା । ଅଦ୍ୟାବଧି ବୌଦ୍ଧଧର୍ମର ବିଜୟବାନା ସେଠାରେ ଉଡ଼ୁଛି ।

ଇତିହାସର ବହିରେ ଏହିସବୁ କଥା ପଢ଼ିଥିଲି । ପାଟଳିପୁତ୍ର ଦେଖିବାର ଅସାମାନ୍ୟ କୌତୁହଳ ମୋ ମନରେ ଥିଲା । ସେଠାରେ ଅବସ୍ଥାନ କରିବାର ସୁବର୍ଣ୍ଣ ସୁଯୋଗ ମିଳିଗଲା । ଟ୍ରେନରେ ଚାଲିଛି । ସହଯାତ୍ରୀମାନେ ନାନା ଗାଳ୍ପଗୁଜବରେ ମସଗୁଲ ଅଛନ୍ତି । ହଠାତ୍

Digitized by srujanika@gmail.com

ଜଣେ କହିଉଠିଲେ, ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଜଣେ ବିହାରୀ ଥିଲେ । ଭାରତର ଏତେ ପ୍ରାନ୍ତ ଥାଉ ଥାଉ ବିହାରକୁ ପ୍ରଥମ ସମ୍ମାନ ମିଳିଲା ସ୍ୱାଧୀନ ଭାରତବର୍ଷରେ । ଆଶ୍ଚର୍ଯ୍ୟ କଥା, ସହଯାତ୍ରୀଙ୍କ ମଧ୍ୟରେ ଅନେକେ ବିହାରୀ ଥିଲେ । ସେଥିରୁ ଜଣେ କହି ଉଠିଲେ—"କାହିଁକି ? ଆପଣ ଭୁଲିଯାଉଛନ୍ତି ଯେ ବିହାରୀ ରାଜା ଭାରତ ଶାସନ କରିଛନ୍ତି ଅନେକ ଥର । ପାଟଳିପୁତ୍ର ଭାରତର ରାଜଧାନୀ ହେବାର ସମ୍ମାନ ଅନେକ ଆଗରୁ ଲାଭ କରିଛି । ଅଜାତଶତ୍ରୁ, ବିମ୍ବିସାର, ଅଶୋକ ଇତ୍ୟାଦି ମଗଧରାଜ ହେଲେ ମଧ୍ୟ ଭାରତ ଶାସନ କରିଥିଲେ । ଏପରି ଭୂରିଭୂରି ଦୃଷ୍ଟାନ୍ତ ଇତିହାସର ପୃଷ୍ଠାରେ ଅଛି । ପରବର୍ତ୍ତୀ ଯୁଗରେ ଶେରଶାହ ମଧ୍ୟ ସମ୍ରାଟ ହୋଇଥିଲେ ଭାରତ ବର୍ଷର ।"

ଅକାଟ୍ୟ ଯୁକ୍ତି । ପ୍ରାଦେଶିକ ଚିନ୍ତାଧାରାରେ ଇତିହାସର ଝଲକ ମୋତେ ଅନ୍ୟ ଏକ ରାଜ୍ୟକୁ ନେଇଗଲା । ବିହାରର ବୈଶିଷ୍ଟ୍ୟ ଅବିସମ୍ବାଦିତ, ନିର୍ଦ୍ଧାରିତ ସତ୍ୟ । ମନେପଡ଼ିଲା ଅବତାର ବୁଦ୍ଧଙ୍କୁ । କପିଳବାସ୍ତୁରେ ଜନ୍ମ ହେଲେ ମଧ୍ୟ ତାଙ୍କର ଜୀବନର ଅଧିକାଂଶ ସମୟ ବିହାରରେ ଅତିବାହିତ ହୋଇଥିଲା । ସେ ବୁଦ୍ଧଗୟାରେ ତପସ୍ୟା କରି ସିଦ୍ଧିଲାଭ କରିଥିଲେ । ତାପରେ ରାଜଗୃହରେ ମଧ୍ୟ ଅନେକଦିନ ଥିଲେ । ତାଙ୍କର ବାଣୀ ପ୍ରଥମେ ବିହାରରେ ପ୍ରଚାରଲାଭ କରି ପରେ ସମଗ୍ର ବିଶ୍ୱକୁ ବ୍ୟାପିଯାଇଥିଲା । ଶେଷନିଶ୍ୱାସ ମଧ୍ୟ କୁଶୀ ନଗରରେ ଅଶି-ତିପର ବୟସରେ ତ୍ୟାଗ କରିଯାଇଥିଲେ ଗୌତମବୁଦ୍ଧ । ତାଙ୍କର ମହାପରିନିର୍ବାଣ ଘଟିଥିଲା । ଭାବିଲି ତାଙ୍କର ସେହି ସୌମ୍ୟଦର୍ଶନ ବରାଭୟ ରୂପକୁ ଯେଉଁମାନେ ଦେଖିଥିଲେ ସେମାନେ ନିଶ୍ଚୟ ଧନ୍ୟ ହୋଇ ଯାଇଥିବେ । କେତେ କେତେ ହତ୍ୟାକାରୀ, ପାପି, ହିଂସ୍ରମାନବ ଅଙ୍ଗୁଳିମାଳ ଭଳି ତାଙ୍କର ସ୍ନିଗ୍ଧ ଦୃଷ୍ଟିରେ ଅଚଳ ହୋଇ ପଡ଼ିଥିଲେ । ହିଂସା ପରିହାର କରି ତାଙ୍କର ପାଦତଳେ ଶରଣ ନେଇଥିଲେ । ଅହିଂସାର ବାଣୀ ମନୁଷ୍ୟର ମନରେ ଦୁର୍ନିବାର ସ୍ରୋତରେ ପ୍ରବେଶ ଲାଭ କରିଥିଲା । ଭାବିଲି ଆଜିର ହିଂସ୍ର ଦୁନିଆରେ ତାଙ୍କର ଆବିର୍ଭାବ ହେଲେ ମାନବଜାତିର ମହାକଲ୍ୟାଣ ସାଧିତ ହୁଅନ୍ତା ।

Digitized by srujanika@gmail.com

ପାଟଳିପୁତ୍ର ତାଙ୍କର କର୍ମସ୍ଥଳ ଥିଲା । ତାଙ୍କୁ ଧ୍ୱଂସକରିବାକୁ ଅଜାତଶତ୍ରୁ ବହୁ ପ୍ରୟାସ କରିଥିଲେ । ମାତ୍ର ଯେ ବିଶ୍ୱଜୀବନ ସହିତ ଯୋଗସୂତ୍ରରେ ଆବଦ୍ଧ ତାଙ୍କୁ ଗୋଟିଏ ମନୁଷ୍ୟ ସଂହାର କରିବ କିପରି ? କାହାଣୀରେ ବର୍ଣ୍ଣିତ ଅଛି— ଗୋଟିଏ ଗିରିବର୍ତ୍ମରେ ବୁଦ୍ଧଦେବ ସିଡ଼ିଡେଇ ଉପରକୁ ଉଠୁଛନ୍ତି । ହଠାତ୍ ଉପରୁ ବଡ଼ ବଡ଼ ଶିଳାଖଣ୍ଡ ତାଙ୍କ ଉପରକୁ ନିକ୍ଷିପ୍ତ ହେଲା ହତ୍ୟାକାରୀମାନଙ୍କଦ୍ୱାରା । ଗ୍ରେଟ ଗିରିବର୍ତ୍ମର ସୋପାନ ଅତ୍ୟନ୍ତ ଅପରିସର । ଆଡ଼େଇ ଯିବାର କୌଣସି ସୁଯୋଗ ନାହିଁ । ମୃତ୍ୟୁ ଅବଧାରିତ । କିନ୍ତୁ ବୁଦ୍ଧ ଅବିଚଳିତ ଚିତ୍ତରେ ଉପରକୁ ଉଠୁଛନ୍ତି ଆସ୍ତେ ଆସ୍ତେ ଗୋଟିଏ ଗୋଟିଏ ସୋପାନ ଅତିକ୍ରମ କରି । ହଠାତ୍ କିଛି ଦେଖାଗଲା ନାହିଁ । ଧୂଳିକଣାରେ ଗିରି-ବର୍ତ୍ମ ଅନ୍ଧକାର । ଧୂଳିର ମେଘ କିଛିକ୍ଷଣ ପରେ ଅପସରି ଗଲା । ଦେଖାଗଲା ବୁଦ୍ଧଦେବ ପୂର୍ବପରି ଶାନ୍ତ ପଦକ୍ଷେପରେ ସୋପାନ ପରେ ସୋପାନ ପାରହୋଇ ଉପରକୁ ଉଠି ଆସିଲେ । ଅହିଂସାର ଅବ-ତାରଙ୍କୁ ହିଂସା ସ୍ପର୍ଶମାତ୍ର କରିପାରିଲା ନାହିଁ ।

ଗୌତମବୁଦ୍ଧଙ୍କ ପାଦସ୍ପର୍ଶରେ ଧନ୍ୟ ପାଟଳିପୁତ୍ରର ପୁଣ୍ୟଭୂମି । ବହୁ ଶତାବ୍ଦୀ ଧରି ସେହି ଅବତାରଙ୍କ ସ୍ମୃତିଗାଥା ମାନବ ସମାଜର ମନୋରାଜ୍ୟରେ ପ୍ରତିଧ୍ୱନିତ ହୋଇ ଆସୁଛି । ତାଙ୍କର ଉପଦେଶ ସବୁ ସମୟରେ ଶିରୋଧାର୍ଯ୍ୟ । ସଚ୍ଚିନ୍ତା, ସତ୍କର୍ମ, ସତ୍ସଙ୍ଗ ଅବିସ୍ମରଣୀୟ ପନ୍ଥା । ତାଙ୍କର ପ୍ରତିପାଦିତ ସତ୍ୟ—"କାମନାର ବିନାଶରେ ଦୁଃଖର ମଧ୍ୟ ବିନାଶ ହୁଏ"—ଏହା ପ୍ରତ୍ୟେକଙ୍କର ଜୀବନରେ ପରୀକ୍ଷିତ ଏବଂ ଅନୁସରଣୀୟ ମଧ୍ୟ । "ବୁଦ୍ଧଜାତକ"ର କାହାଣିଗୁଡ଼ିକ ମଧ୍ୟ ମନେ ପଡ଼ୁଛି । ତାଙ୍କ ପୂର୍ବ ଗୃଳଶଠି ଜନ୍ମର ପୃଷ୍ଠାବସ୍ତୁ ଇତିହାସ ସେଥିରେ ଲିପିବଦ୍ଧ ହୋଇ ରହିଛି । ମୋର ମନ କ୍ରମେ କ୍ରମେ ଉଚ୍ଚଗ୍ରାମରେ ଆରୋହଣ କଲା । ମୁଁ ଏଇସବୁ ବିଷୟରେ ଚିନ୍ତାମଗ୍ନ ହୋଇ ପଡ଼ିଲି ।

ହଠାତ୍ କିଏ ଜଣେ ମୋତେ ଠେଲିଦେଲା । ମୁଁ ଚାହିଁ ଦେଖେତ ଜଣେ ସହଯାତ୍ରୀ ମୋତେ କହୁଛନ୍ତି—"ଉତ୍ତରନ୍ତୁ, ଉତ୍ତରନ୍ତୁ ପାଟନା ଆସିଗଲା ।" ଦେଖିଲି ଟ୍ରେନ୍ ପାଟନା ଷ୍ଟେସନ ଆଡ଼କୁ ଗତି କରୁଛି । ମାଲପତ୍ର ବାନ୍ଧି ସଜବାଜ ହେଲି ଓହ୍ଲାଇବାକୁ । ଆଗରୁ ଖବର ଦେଇଥିଲି

Digitized by srujanika@gmail.com

ମୋର ପହଞ୍ଚିବା ବିଷୟରେ । ମୋତେ ତ ଏଠାରେ କେହି ଚିହ୍ନନ୍ତି ନାହିଁ । ଦେଖାଯାଉ । ଓହ୍ଲାଇ ପ୍ଲାଟ୍‌ଫର୍ମରେ ଠିଆ ହେବା ପରେ ଦେଖିଲି ଦୂରରୁ ଦୁଇଜଣ ଲୋକ ମୋ ଆଡ଼କୁ ଦଉଡ଼ ଦଉଡ଼ ଆସୁଛନ୍ତି । ମୋ ନାଁ ପଚାରିଲେ । ବୁଝିଲି ଆମର ଅଫିସ୍‌ର ବାବୁ ମାନେ । ସେମାନେ ନିଜର ପରିଚୟ ଦେଲେ – ହରିଶ୍ଚନ୍ଦ୍ର ଝା ଓ କାମେଶ୍ୱର ପ୍ରସାଦ । ମୋତେ ନେଇଯାଇ ଅତିଥି ନିବାସରେ ପହଞ୍ଚାଇ ଦେଲେ ।

ପାଟନାର ରାଜପଥ ପ୍ରସାରିତ ହୋଇଥାଏ ନୂଆ ପ୍ରଚେଷ୍ଟାରେ । ରାସ୍ତାଘାଟ ବେଶ୍ ପରିଷ୍କାର । ନୂଆ ନୂଆ ସବୁ ହୋଟେଲ ଖୋଲିଥାଏ । ଗାନ୍ଧିମୈଦାନ ମଧ୍ୟ ସୁସଜ୍ଜିତ ହୋଇଥାଏ । ଗୋଲେଇ ରୂପରେ ଟ ସିନେମା, ହୋଟେଲରେ ଜନସମାଗମ ଦେଖିଲି ଭଲ । ଖୋଲାମେଲା ସହର । ଜନଗହଳି ତା ତୁଳନାରେ ଅତିବେଶୀ ନୁହେଁ । ବାତାବରଣଟି ମନୋରମ । ବିଶାଳବକ୍ଷ ଗଙ୍ଗାନଦୀର । ଦୁର୍ବାର ସ୍ରୋତରେ ପରିପୂର୍ଣ୍ଣା ଗଙ୍ଗା । ହୁଗଳିନଦୀ ଏହା ତୁଳନାରେ ଗୋଟିଏ ନଳା ବୋଲି ମନେହେଲା, ଭାବିଲି ପୁଣ୍ୟତୋୟା ଗଙ୍ଗାରେ ସ୍ନାନ କରିବା ବିଧେୟ । କିନ୍ତୁ ମୋର ବନ୍ଧୁମାନେ ମନାକଲେ ସ୍ରୋତର ତୀବ୍ରତା ଯୋଗୁ । କେବଳ ଭଲଘାଟ ଦେଖି ସାବଧାନତାର ସହିତ ସ୍ନାନ କରାଯାଇପାରେ । ସମ୍ମତ ହେଲି । ସେଠାରେ ଘାଟରେ ଗାଧୋଇ ନିଜକୁ ବଡ଼ ପବିତ୍ର ମନେ ହେଲା ।

ପ୍ରିନ୍‌ସ ହୋଟେଲର ବିପରୀତ ଦିଗରେ ଡାକବଙ୍ଗଳା ରୋଡ଼ ଉପରେ ରହିବା ପାଇଁ ଘର ମିଳିଗଲା । ଅଫିସ ପଛପଟ ରାସ୍ତା ସିନ୍‌ହା-ଲାଇବ୍ରେରୀ ରୋଡ଼ରେ । ଷ୍ଟେସନ ଖୁବ୍ ପାଖ, ସବୁ ଦିଗରୁ ସୁବିଧା । ନୂଆ-ଜାଗା ହେଲେ ମଧ୍ୟ ମନ ଲାଗିଗଲା । ସେଠାର ବିଶେଷ ଆକର୍ଷଣ ହେଲା ସବୁ ଜିନିଷର ସହଜଲବ୍‌ଧତା ଓ ଶସ୍ତାଦର । ମାଛ, ଦୁଧ, କୋଇଲା ସବୁ ଘରେ ଆସି ବିକାଳିମାନେ ଦେଇଯାଆନ୍ତି । ପନିପରିବା ସେଇମାନେ ଦିଅନ୍ତି । ସବୁଠାରୁ ଶସ୍ତା ଓ ସୁନ୍ଦର ଦେଖିଲି ପାଟନାର ଆଳୁ । ଏପରି ଉପାଦେୟ ସୁମିଷ୍ଟ ଆଳୁ ଆଉ କେଉଁଠାରେ ଦେଖିନାହିଁ । ଅତି ଭଲ ଲାଗିଲା ସହରଟା । ବଡ଼ ସହର ହେଲେ ମଧ୍ୟ ଅଯଥା ବ୍ୟସ୍ତତା ନାହିଁ, ଧାଁ ଧପଡ଼ ନାହିଁ, ମନ ଉପରେ କୌଣସି ଚାପ ନାହିଁ, ଜୀବନ ଧାରଣର ସାମଗ୍ରି ଯୋଗାଡ଼ କରିବାକୁ । ପରିବେଶ ଶାନ୍ତ । ସହକର୍ମୀମାନେ

Digitized by srujanika@gmail.com

ଅତ୍ୟନ୍ତ ସ୍ୱାସ୍ଥ୍ୟକାରୀ ଓ ସହାନୁଭୂତିଶୀଳ । ଟ୍ରକ୍‌ରେ ଜନସପନ ପହଞ୍ଚ ନ ଥାଏ । ମୁଁ ଜ୍ୱରରେ ପଡ଼ିଗଲି । ମୋର ସହକର୍ମୀ ମୋତେ ଦେଖିବାକୁ ଆସିଲେ । ନୂଆ ଲୋକ ଆସି ଜ୍ୱରରେ ପଡ଼ିଛି । ଦେଖି ବୁଝିପାରିଲେ ମୋର କମ୍ବଳ ନାହିଁ । କହିଲେ ମୁଁ ଟିକିଏ ପରେ ଆସୁଛି । ନିଜ ଗାଡ଼ିରେ ଘରକୁ ଫେରିଯାଇ ଦୁଇଟା କମ୍ବଳ ନେଇ ଆସି ହାଜର । ମୋ ଆଖିକୁ ବିଶ୍ୱାସ କରିପାରିଲି ନାହିଁ । ଏ ଯୁଗରେ ପୁଣି ଏତେ ଭଲ ଲୋକ ଅଛନ୍ତି ବୋଲି । ମୋର ସହକର୍ମୀମାନେ ଦଉଡ଼ା ଦଉଡ଼ି କରି ଡାକ୍ତର ଆଣି ମୋତେ ଶୀଘ୍ର ସୁସ୍ଥ କରିଦେଲେ । ସେମାନଙ୍କର ସ୍ନେହ ସହାନୁଭୂତି ଦେଖି ମୋର ମନ ମୁଗ୍ଧ ହୋଇଗଲା । ସ୍ୱାର୍ଥାନ୍ଧତା ମନୁଷ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରାସ କରି ପାରିନାହିଁ । ଏବେ ମଧ୍ୟ ଖୁବ୍ ଭଲ ଲୋକ ଅଛନ୍ତି । ଉନ୍ନତ ସମାଜର ଆଶା ଅଛି ଏଇମାନଙ୍କ ସ୍ନେହ-ପ୍ରୀତି ଯୋଗୁଁ ।

ରବିବାର ଦିନ ବିଶ୍ରାମ । ଅଳସ ଜୀବନ ଯାପନର ଇଚ୍ଛା । ହଠାତ୍ ଦୁଆରରେ ଖଟ୍ ଖଟ୍ ଶବ୍ଦ । କିଏ ଜଣେ ଡାକୁଛି । ବିଶ୍ରାମରେ ବ୍ୟାଘାତ କରିବା ପାଇଁ କେହି ଆସିଲାଣି । ବିରକ୍ତ ହୋଇ ଦୁଆର ଖୋଲି ଦେଖିଲି ହାତରେ ଛତା ଧରି ଗଉଡ଼ ଅବତାର ବେଶରେ ଦଣ୍ଡାୟମାନ ଆମ ଅଫିସର ବଡ଼ବାବୁ, କାମେଶ୍ୱର ପ୍ରସାଦ । "ଆରେ ଆସନ୍ତୁ ଆସନ୍ତୁ ବଡ଼ବାବୁ । କଣ ଜରୁରୀ କାମ ପଡ଼ିଲାକି ?" ସେ ଉତ୍ତର ଦେଲେ— "ହମାରେ ଲାୟକ କୋଇ ସେବା ?" ସେବା ପୁଣି କଣ ? ଆମେ ତ କଲିକତାରେ ଥିବାବେଳେ ସକାଳ ହେଲେ ବଜାରକୁ ଦଉଡ଼ । ତା'ପରେ ସଜବାଜ ହୋଇ ଗଣ୍ଡାଏ ଖାଇ ଧଇଁ ସଇଁ ହୋଇ ବସ୍‌କୁ ଦଉଡ଼ । ଠେଲା ପେଲା ହୋଇ ଅଫିସରେ ପହଞ୍ଚିବାବେଳକୁ ଊର୍ଦ୍ଧ୍ୱଶ୍ୱାସ ଉଠୁଛି । କେବେହେଲେ କାହାର ସେବା ମିଳିନାହିଁ । ସେକଥା ଭାବିବା ଅନ୍ୟାୟ । କାରଣ ବାବୁମାନେ ସେଠାରେ ସବୁବେଳେ ଫଁ ଫଁ, ମୁହଁ ସବୁ ହାଣ୍ଡି ଭଳି, ପଦେକଥାରେ ସେମାନଙ୍କର ମାନ ତଳେ ଖସି ପଡ଼ୁଛି । ସେମାନେ ଭାବନ୍ତି ଯେ ସୁଯୋଗ ଅଭାବରୁ ସେମାନେ ଅଫିସର ହୋଇ ପାରିନାହାନ୍ତି । ନ ହେଲେ ଆମ ଭିତରେ କୌଣସି ପ୍ରଭେଦ ନାହିଁ । ଯଦି ଟିକିଏ ଜୋରରେ କହିଦେଲେ କଥାପଦେ ତାଙ୍କର ଦୋଷ ଦେଖାଇ, ତେବେ ସବୁ ସରିଲା । "ଚଲିବେନା । ଚଲିବେନା । ଘେରାଉ କର ଘେରାଉ ।"

Digitized by srujanika@gmail.com

ଅଫିସରର ହଁସା ଉଡ଼ିଲା । ସେ ମାନ ଜଣେ ଲୋକ । ତାର ଶ୍ରୋତାବକତା କେହି ନାହିଁ । ଆଜ କରଣୀକୁଳ ହଜାର ହଜାର । ମୌକା ମିଳିଗଲା କାମ ଛାଡ଼ିବାକୁ । ସମସ୍ତେ ଏକଜ ହୋଇ ତାଙ୍କର ମାନରକ୍ଷା ନିମନ୍ତେ ଆପଣଙ୍କର ଅଫିସରେ ହାଜର । ଅଫିସର ବିସ୍ମୟ ନାସ୍ତାନାବୁଦ୍, କ୍ଷମାଭିକ୍ଷା କରି ଶେଷରେ ମୁକ୍ତି ପାଇବ । ଏପରି ପରିବେଶରୁ "ସେବା ପରିବେଶ" ପାତାଳରୁ ସ୍ଵର୍ଗ ପ୍ରବେଶ ବୋଲି ମନେ ହେଲା । କିନ୍ତୁ ସେ ସବୁର ଅଭ୍ୟାସ ତ ନାହିଁ । ଲମ୍ବା କଟପ ଦେଇ ବିଦାୟ ଦେଲି । ତାଙ୍କୁ କୌଣସି ସେବା କରିବାକୁ କେବେହେଲେ ପଡ଼ିବ ନାହିଁ ବୋଲି ଜଣାଇଲି । ଦେଖିଲି ବଡ଼ ନିରାଶ ହେଲେ । ପୁଣି ଗଡ଼୍ଡୁ ଅବତାର ହେଲେ । "ପ୍ରଣାମ ସାହେବଜୀ" ବୋଲି କହି ମୋଠାରୁ ଅତି କୁଣ୍ଠିତ ହୋଇ ବିଦାୟ ନେଲେ । ଭାବିଲି ତାଙ୍କର ସେବାର କଦର ନ କରିବାରୁ ସେ ଦୁଃଖିତ, କିନ୍ତୁ ଲୋଭ କଣ ? ଏଠି ତ ସବୁ ଘରେ ଘରେ ମିଳୁଛି । କାହାର ସାହାଯ୍ୟ ନେବାର ଦରକାର କଣ ? ଅନ୍ୟକୁ ବୃଥା ହଇରାଣ କରିବାର ଆବଶ୍ୟକତା ନାହିଁ ।

ଦିନ ଗଡ଼ିଗଲେ । କାମେଶ୍ଵର ବାବୁ ତାଙ୍କ କାମ କୌଣସି ମତେ ଚଳାଇ ନିଅନ୍ତି ଝାଜାଙ୍କୁ ପଚାରି । କିନ୍ତୁ ଝାଜା କାମରେ ବଡ଼ ଚୁସ୍ତ । ଠିକ୍ ସମୟରେ ଆସନ୍ତି । କୌଣସି ହେଳା ନାହିଁ । ସବୁ ରକମର କାମ ଜାଣନ୍ତି । ଦିନେ ମୁଁ ଦେଖିଲି ସେ ସବୁ ହିସାବ ଗୋଳମାଳ । କାମେଶ୍ଵର ବାବୁଙ୍କ ମସ୍ତିଷ୍କରେ ଯାଞ୍ଚ କରିବାର କ୍ଷମତା ଏକାବେଳେକେ ଶୂନ୍ୟ । ଅନେକ ସହ୍ୟ କରିଥିଲି । କେଜାଣି କାହିଁକି ନିଜ ଉପରେ କାବୁ ରଖି- ପାରିଲି ନାହିଁ । ହିସାବ ପଠାଇବାରେ ଅନେକ ଡେରି କରି ପକେଇଛନ୍ତି । ସବୁ ସାନ ହିସାବ ହେବ । ରାଗିଯାଇ କହିଲି —"ଆପ୍ ଗଦ୍ଧା ହେଁ । ଆପକୋ କୁଛଭି ମାଲୁମ୍ ନହିଁ ହୈ ।" ତାଙ୍କୁ ବଡ଼ ଦୁଃଖ ହେଲା । ଯାଇ ଝାଜାଙ୍କ ପାଖରେ ନିଜର ବାଡ଼ଟି ନେଇ ପହଞ୍ଚିଲେ । କହିଲେ "ଝାଜା ମେଁ ଘର ଯାତା ହୁଁ । ମୁଝେ କାମ ଆତା ନହିଁ । ସାହାବ ବୋଲ୍‌ତେ ହେଁ ମୈ ଗଦ୍ଧା ହୁଁ । ଆପଭି କ୍ୟା ଓ୍ଵହି ସମଝତେ ହୈ ?" ଏକ ବଡ଼ ନାଟକୀୟ ଦୃଶ୍ୟ । ଝାଜା ତାଙ୍କୁ ଜାଣନ୍ତି ଯେ ସେ କାମ ଜାଣନ୍ତି ନାହିଁ । ଏବଂ ଏପରି ନାଟକ ତାଙ୍କର ଆଗରୁ ଦେଖା । ସେ ତାଙ୍କୁ ବୁଝେଇ ସୁଝେଇ ତାଙ୍କ ଚୌକିରେ ବସାଇ ଦେଲେ । ହିସାବଟିକକ

Digitized by srujanika@gmail.com

ନଜେ କରଦେଲେ । ମୋତେ କହଲେ କାମେଶ୍ୱର ବାବୁ ଅକ୍ଷମ ଲୋକ । ତାଙ୍କୁ ଗାଳ ଦେଲେ କୌଣସି ଫାଇଦା ନାହିଁ । ବୁଝିଗଲ । ଅନୁତପ୍ତ ହେଲ ।

କଛି ଦନ ପରେ ଗୋଟିଏ ନମନ୍ତ୍ରଣ ପତ୍ର ମୋ ପାଖରେ ପହଞ୍ଚିଲା । Indian Nationର ସମ୍ପାଦକ ମୋତେ ତାଙ୍କ ଘରେ ଖାଇବାକୁ ଡାକଛନ୍ତି । ପାଟନାର ପ୍ରସିଦ୍ଧ ଖବର କାଗଜ । ମୋ ପ୍ରତି ଦୟା କାହିଁକ ? ପଚାରି ବୁଝିଲ ଯେ ଆମ କାମେଶ୍ୱର ବାବୁଙ୍କ ବଡ଼ଭାଇ ହେଉଛନ୍ତି ସେ କାଗଜର ସମ୍ପାଦକ । ଆମନ୍ତ୍ରଣଟା ପରିଷ୍କାର ହୋଇଗଲା । କାମେଶ୍ୱର ବାବୁଙ୍କର ସେବା-ପଟୁତା (talent) ଗ୍ରହଣଯୋଗ୍ୟ ନ ହେବାରୁ ସେ ବଡ଼ ଭାଇଙ୍କୁ ଦେଇ ସେବା କରାଉଛନ୍ତି । ଯାହା ହେଉ, ନମନ୍ତ୍ରଣ ଗ୍ରହଣ କଲ । ତାଙ୍କ ବଡ଼ ଭାଇ ପ୍ରସିଦ୍ଧ ପତ୍ରକାର । ଖୁବ୍ ଜ୍ଞାନୀ ଗୁଣୀଲୋକ । ମୋତେ ଅତି ଉତ୍ତମ ଖାଦ୍ୟପେୟ ଦେଇ ଆପ୍ୟାୟିତ କଲେ । ଅନେକ କଥା ହେଲା । ଶେଷରେ ପଚାରିଲେ—"ହମାରା ନାଲାୟକ ଭାଇସେ ଆପକା ଅଫିସକା କାମ ଚଲତା କୈସା ?" ହସି ଦେଲି ପକାଇଲ । କହଲ, "ଉନ୍‌ସେ ପୁଛିଏ ।" ଅତି ବନମ୍ରଭାବରେ କାମେଶ୍ୱର ବାବୁ ହସି ହସି ମୁହଁ ଫେରାଇ ନେଲେ । ଆଜ ଭାରି ଖୁସୀ । ତାଙ୍କର କୌଣସି ଅଭିଯୋଗ ନାହିଁ । ତାଙ୍କର ଗୁଣର (talent) ସ୍ୱାକ୍ଷର ରଖିପାରିଛନ୍ତି ମୋତେ ଆନନ୍ଦ ଦେଇ । ଆଜ ତାଙ୍କର ରବିବାର ଦନ ହାଜରଟା ବରାବର ବହାଲ ରହଲା ବୋଲ ।

ପ୍ରତ୍ୟେକ ହନ୍ଦୁର ପିତୃପୁରୁଷମାନଙ୍କର ଶ୍ରାଦ୍ଧ ଏକ ଧର୍ମୀୟ ଅବଶ୍ୟ-କର୍ତ୍ତବ୍ୟ ମଧ୍ୟରେ ପଡ଼େ । ବଶ୍ୱାସ ଥାଉ ବା ନ ଥାଉ, ଗୟାରେ ଶ୍ରାଦ୍ଧ କରବା ଓ ପିଣ୍ଡଦାନ କରବା ଗୋଟିଏ ଅତି ବଶିଷ୍ଟ ପ୍ରଥା । ମୋର ସେହି ସୁଯୋଗ ମିଳଗଲା । ଗୟାରେ କାମ ଥାଏ । ପରିବାର ସହିତ ସେଠାକୁ ଯାଇ ଅତି ଭକ୍ତିସହକାରେ ସେହି କର୍ମଟି ସମ୍ପାଦନ କଲ । ପିତୃପୁରୁଷମାନଙ୍କର ତାଲକା ଲେଖି ସାଙ୍ଗରେ ନେଇ ଯାଇଥାଏ ଯେମିତି କେହି ବାଦ ନ ପଡ଼ନ୍ତି । ଫଲ୍‌ଗୁନଦୀରେ ପିଣ୍ଡସାରି ବିଷ୍ଣୁପାଦ-ପଦ୍ମରେ ମନେ ପଡ଼ିଲା ଜଣଙ୍କ କଥା । ତାଙ୍କ ନାମ ରାମଚନ୍ଦ୍ର ; ଶ୍ରୀରାମଚନ୍ଦ୍ର ନୁହନ୍ତି । କନ୍ତୁ ଦୁହିଁଙ୍କ ମଧ୍ୟରେ ଗୋଟିଏ ମେଳ ଅଛି ।

Digitized by srujanika@gmail.com

ପିତୃସତ୍ୟ ପାଳନ ପାଇଁ ଶ୍ରୀରାମଚନ୍ଦ୍ର 'ବନବାସ' ସ୍ୱତଃ ଗ୍ରହଣ କରିଥିଲେ । ମାତ୍ର କଳିଯୁଗର ରାମ ପିତାଙ୍କର ଶତ୍ରୁ ହୋଇ ପଡ଼ିଲେ । ପିତା ଶେଷରେ ମକଦ୍ଦମା କରି ତାଙ୍କୁ ଗୃହରୁ ବହିଷ୍କାର କଲେ । ବାଧ୍ୟ ହୋଇ କଳିଯୁଗର ରାମଚନ୍ଦ୍ରଙ୍କୁ ବନବାସ ନେବାକୁ ପଡ଼ିଲା । ଯାହା ହେଉ ତାଙ୍କର ପିଣ୍ଡ ଦେଇ ବଡ଼ ଶାନ୍ତ ଲାଗିଲା, କାହାକୁ ବାଦ ଦେଇ ନ ଥିବା ଯୋଗୁଁ । ସେଠାରୁ ଫେରିଲା ବେଳେ ଟ୍ରେନ୍‌ରେ ହଲାପଟାରେ ପଡ଼ିଲି । ପ୍ରଥମ ଶ୍ରେଣୀର ଯାତ୍ରୀ ହେଲେ ମଧ୍ୟ ନିସ୍ତାର ନାହିଁ । ପନ୍ଦର ଜଣ ବିନାଟିକଟ ଯାତ୍ରୀ ପଶିଲେ କାମରାରେ ଉଠିଲେ । ଓଡ଼ିଆରେ କଥା ଅଛି, "ଖାଇବାର ଠେଙ୍ଗା ଧର ।" ସେମାନେ ଓଡ଼ିଆ ଢଗ ନ ଜାଣିଲେ ମଧ୍ୟ ସେ କଥାର ତଥ୍ୟଟି ଅନେକ ଆଗରୁ ହୃଦୟଙ୍ଗମ କରିଛନ୍ତି । ସେମାନଙ୍କର ଠେଙ୍ଗା ଦେଖି କୌଣସି ଟି. ଟି. ଆଇ. ସେମାନଙ୍କର ଟିକଟ ମାଗିଲେ ନାହିଁ । କେତେକ ଟି. ଟି. ଆଇ· ଟ୍ରେନରୁ ପଦାକୁ ବହିଷ୍କାର ହୋଇଥିବାର ନଜିର ବିହାରର ଯାତ୍ରୀମାନଙ୍କୁ ବେଶ୍ ଜଣା । ତେଣୁ ସେମାନେ ଅବିଚଳିତ ଚିତ୍ତରେ ପୂର୍ବାର ସହିତ ପାଟନା ପର୍ଯ୍ୟନ୍ତ ନିଜର ଯାତ୍ରାର ଆନନ୍ଦ ଉପଭୋଗ କରି ଆମ ସାଙ୍ଗରେ ଗଲେ । ଏପରି ଦୃଶ୍ୟ ଆଗରୁ କେବେ ଦେଖି ନ ଥିଲି ବୋଲି ମୋତେ ଟିକିଏ ଆଶ୍ଚର୍ଯ୍ୟ ବୋଧ ହେଲା । ପରେ ଶୁଣିଲି ଯେ ବିହାରରେ ଏକଥା ଅଜଣା ନୁହେଁ, ବରଂ ଏହାହିଁ ସ୍ୱାଭାବିକ । ଦେଖିଲେ ଫାଁକ୍, ନଇଲେ ବାଁକ୍ ।

ପିଣ୍ଡଦାନ କଥାରୁ ମନେ ପଡ଼ିଲା ଗୋଟିଏ ବିତର୍କ । କେତେକ କହନ୍ତି ଯେ ଶରୀର ଚାଲିଗଲେ ଆଉ କିଏ ଫେରିଆସିବ ? "ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ?" ତେଣୁ ପିଣ୍ଡଦାନ ଏକ ନିରର୍ଥକ ପ୍ରକ୍ରିୟା । ଏହାର ଭିତ୍ତିଭୂମି ହେଉଛି ଅନ୍ଧବିଶ୍ୱାସ ମାତ୍ର । ଯଦିବା ଆତ୍ମା ଥାଏ ତେବେ ସେ ତ ଶରୀର ତ୍ୟାଗ କରି ଅନ୍ୟ ମଣ୍ଡଳକୁ ପ୍ରସ୍ଥାନ କରେ । ତାର ପୃଥିବୀ ସହିତ ସମ୍ପର୍କ ଏକାବେଳେକେ ଛିନ୍ନ ହୋଇଯାଏ । ସେ ପୁଣି ପିଣ୍ଡ ପ୍ରତି ଆକାଙ୍‌କ୍ଷୀ କାହିଁକି ହେବ ? ତାର ସ୍ଥାନ ସ୍ୱତନ୍ତ୍ର ଜଗତରେ । ଏଠାରେ ନୁହେଁ । ଗ୍ରହଣଯୋଗ୍ୟ ଯୁକ୍ତି ଅବଶ୍ୟ । ଆଲୋଚନା ହେଉଥିଲା "ବାରବାଟି ଲଜ"ରେ କଟକରେ । ସେଠାରେ ଓଡ଼ିଶାର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଆସନ୍ତି । ସେଦିନ ମୋତେ ଶ୍ରୀ ତ୍ରିପାଠୀ

Digitized by srujanika@gmail.com

ଡାକ ଥାଆନ୍ତି ଆଲୋଚନା ନିମନ୍ତେ । ସେଠାର ପଣ୍ଡିତମାନେ କହିଲେ ଯେ ପିଣ୍ଡଦାନର ଯଥାର୍ଥତା କୌଣସି ପ୍ରାମାଣିକ ସତ୍ୟ ଉପରେ ନିର୍ଦ୍ଧାରିତ ନୁହେଁ, ପରମ୍ପରାଗତ ଆସ୍ଥାର ମାତ୍ର । ଯଦି ଏହାର ପୂର୍ଣ୍ଣ ସତ୍ୟତା ଥାଆନ୍ତା ତେବେ ଅନ୍ୟ ଧର୍ମାବଲମ୍ବୀମାନଙ୍କର କିଛି ନା କିଛି ଏହି ଧରଣର ଆଚରଣ ଥାଆନ୍ତା । କିନ୍ତୁ ତାହା ପରିଲକ୍ଷିତ ହୁଏ ନାହିଁ । ତେଣୁ ଆତ୍ମାର ପ୍ରତ୍ୟାବର୍ତ୍ତନ ଓ ପିଣ୍ଡଗ୍ରହଣ ଗୋଟିଏ ଅନ୍ତଃସାରଶୂନ୍ୟ ପ୍ରଥା ଉପରେ ପର୍ଯ୍ୟବସିତ ଧାରଣା ମାତ୍ର ।

ମୋର ଅତି ସୀମିତ ଜ୍ଞାନ । ସେମାନେ ସବୁ ବହୁ ଜ୍ଞାନରେ ବିଶାରଦ । ତଥାପି ମୁଁ କହିଲି—"ଆପଣମାନେ ଗୀତାର ବଚନରେ ବିଶ୍ୱାସ ରଖନ୍ତି ତ ?" ସେମାନେ କହିଲେ—"ଗୀତାରେ ଏ ବିଷୟରେ କୌଣସି ଆଲୋଚନା ନାହିଁ ତ ।" ମୁଁ ଉତ୍ତର ଦେଲି—ପ୍ରଥମ ଅଧ୍ୟାୟରେ ତ ଅଛି !—

× × ×

ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣଶଙ୍କରଃ
ଶଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟଚ ।।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋ ଦକ କ୍ରିୟାଃ ।

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି ଯେ ବର୍ଣ୍ଣଶଙ୍କର ଜାତ ହେଲେ କୁଳ ନଷ୍ଟ ହୁଏ, ସେଥିରୁ ପିଣ୍ଡଦାନ କ୍ରିୟା ମଧ୍ୟ ଲୁପ୍ତ ହୋଇପାଏ । ତାହାର ଅର୍ଥ ହେଲା ଯେ ପିଣ୍ଡଦାନ କ୍ରିୟାର ଯଥେଷ୍ଟ ଆବଶ୍ୟକତା ରହିଛି ଆମର ଧର୍ମରେ । ଏ ବିଷୟରେ ଶ୍ରୀକୃଷ୍ଣ ତ କୌଣସି ଆପତ୍ତିକର ମନ୍ତବ୍ୟ କରି ନାହାନ୍ତି । ତେଣୁ ସେ ଏହି ଉକ୍ତିକୁ ସ୍ୱୀକାର କରିଛନ୍ତି । ମୁଁ କହିଲି ଯେ ସିଦ୍ଧାନ୍ତ ହେଲା—ଏହା ଗୋଟିଏ ପ୍ରାମାଣିକ ପ୍ରକ୍ରିୟା ଓ ଅନୁଧ୍ୟାବନଯୋଗ୍ୟ ମଧ୍ୟ । ପଣ୍ଡିତମାନେ ସମସ୍ତେ ଏବିଷୟରେ ଶେଷରେ ଏକମତ ହେଲେ । ସେଦିନର ତର୍କର ଏହିଠାରେ ପରିସମାପ୍ତି ଘଟିଥିଲା । ମୁଁ ଜଟିଆ ବାବାଙ୍କ ଜୀବନ ଚରିତରେ ପଢ଼ିଥିଲି ଯେ ସେ ହାଣ୍ଡି ବାଢ଼େଇବା ସମୟରେ ପ୍ରେତକୁ ଦେଖିଛନ୍ତି ଆଘ୍ରାଣ କରିବା ଅବସ୍ଥାରେ । ଅବଶ୍ୟ ଆମ୍ଭେମାନେ ସାଧାରଣ ଚକ୍ଷୁରେ ଏହି ଦୃଶ୍ୟ

Digitized by srujanika@gmail.com

କେବେହେଲେ ଦେଖି ପାରିବୁ ନାହିଁ । ଯେଉଁମାନେ ଦ୍ରଷ୍ଟା ସେମାନଙ୍କୁ ସବୁ ଗୋଚର ହୁଏ । ସେ ଯାହାହେଉ ନା କାହିଁକି ଗୟା ପିଣ୍ଡ ଦେବା ପରେ ମୋ ମନରେ ଏକ ପ୍ରକାରର ପ୍ରଶାନ୍ତ ଭରି ଯାଇଥିଲା । "ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁ ଦୂର ।"

ଆଉ ଦିନେ ଦେଖିବାକୁ ଗଲି । ଅଶୋକଙ୍କର ଦରବାର ହଲ୍ ପାଟନା ସହରର ଉପକଣ୍ଠରେ କୁମରାହାର ଅବସ୍ଥିତ । ସେଠାରେ ଧ୍ୱଂସାବଶେଷ ରହିଛି ଅଶୋକଙ୍କର ଦରବାରର । ଅତି ଦର୍ଶନୀୟ ବସ୍ତୁ । ଅଶୋକଙ୍କର ସ୍ତୁପ ସୁସ୍ପଷ୍ଟ । ତାଙ୍କର ସ୍ମୃତି ସମ୍ବନ୍ଧ ସଞ୍ଚରିତ ହୋଇ ରହିଛି ପାଟଳୀପୁତ୍ରରେ । ତାପରେ ଯାଇଥିଲି 'ସାରନାଥ' । ତାଙ୍କର ସ୍ତମ୍ଭର ଶୀର୍ଷ ଅକ୍ଷତ ଅବସ୍ଥାରେ ଅତି ଯତ୍ନରେ ସୁରକ୍ଷିତ । ସବୁଠାରୁ ଲକ୍ଷଣୀୟ ଥିଲା ସେହି ସିଂହମାନଙ୍କର ଉଜ୍ଜ୍ୱଳ ଆଭା । କି ବସ୍ତୁରେ ସେହି ସ୍ତମ୍ଭ ମାର୍ଜିତ ହୋଇଛି ଯେ ତାର ଆଭା ଦୁଇ ହଜାର ବର୍ଷ ପରେ ମଧ୍ୟ ମଉଳି ନାହିଁ । ମନେହୁଏ ଯେମିତି ଏବେ ତିଆରି ହୋଇଛି । ଶିଳାଲିପିଗୁଡ଼ିକ ମଧ୍ୟ ସେହିପରି ଔଜ୍ଜ୍ୱଲ୍ୟ ମଣ୍ଡିତ । ଦେଖିଲେ ଆମ ଦେଶର ଐତିହ୍ୟ ବିଷୟରେ ମନରେ ଗର୍ବ ଅନୁଭୂତ ହୁଏ ।

ଉତ୍ତର ବିହାରକୁ ଯିବାକୁ ପଡ଼ିଲା । ଗଙ୍ଗା ପାର ହେବାକୁ ହେଲା ରେଲବାଇ ଷ୍ଟିମରରେ । ଗଙ୍ଗାର ପ୍ରଚଣ୍ଡ ସ୍ରୋତ । ଖୁବ୍ ବଡ଼ ନୌଯାନ ହେଲେ ମଧ୍ୟ ବେଶ୍ ବାଧାପ୍ରାପ୍ତ ହେଉଥିଲା ବିପରୀତ ସ୍ରୋତ ଯୋଗୁ । ପହଲେଜା ଘାଟରେ ପହଞ୍ଚି ସେଠାରୁ ଉତ୍ତର ବିହାରର ଟ୍ରେନ ଧରିବାକୁ ହୁଏ । ଯାଇ ଦେଖିଲି ମୋ ନାଁରେ ରିଜର୍ଭେସନ ନାହିଁ । ଆଶ୍ଚର୍ଯ୍ୟ କଥା । ଅନେକ ଦିନ ଆଗରୁ କରାହୋଇଛି । ଗୋଟିଏ ପ୍ରଥମ ଶ୍ରେଣୀ କାମରାରେ ଜଣେ Mr. Chandiଙ୍କ ନାମରେ ରିଜର୍ଭେସନ ଥିଲା । ଭାବିଲି ଦେଖାଯାଉ କିଏ ଆସୁଛି । ପଶିଗଲି । ଦେଖିଲି ବର୍ଥ ନାହିଁ ସେ କାମରାରେ ଖାଲି କାଠର ଖୋଳଟିଏ । ସେଦିନ ବୁଝିଲି ଯେ ବର୍ଥ-ମୂଳଦୁଆ କେଉଁଥିରେ ତିଆରି । ଅଗତ୍ୟା ତଳେ ଶୋଇ ରାତିଟା କଟେଇବାକୁ ପଡ଼ିଲା । ପରଦିନ ସକାଳେ ଦରଭଙ୍ଗାରେ ପହଞ୍ଚିଲା ।

Digitized by srujanika@gmail.com

ଡକ୍ଟର କାମାଖ୍ୟାନାରାୟଣ ସିଂହ, କେ.ସି. ଏସ୍. ଆଇ., ମହାରାଜାଧିରାଜ, ଦରଭଙ୍ଗା ଗୋଟିଏ ବିଖ୍ୟାତ ଲୋକର ନାମ ବିହାରର । ସେ ଗୋଟିଏ ଅନୁଷ୍ଠାନ ବିଶେଷ । କେବଳ ଯେ ପ୍ରଭୂତବିତ୍ତଶାଳୀ ତାହା ନୁହେଁ, ତାଙ୍କର ଅଜସ୍ର ଦାନ, ଖଇରାତ ମଧ୍ୟ ଅଛି । ସେ ପ୍ରବଳ-ପ୍ରତାପଶାଳୀ ତାଙ୍କର ଯଶସ୍ୱୀ କୁଳର ଶେଷ ବଂଶଧର । ତାଙ୍କର ଉଆସ ମାଇଲ ମାଇଲ ଧରି ବିସ୍ତୃତ । ରାଜନହର ରାଣୀନହର ସବୁ ଅଲଗା ଅଲଗା ଭାବରେ ନିର୍ମିତ । ତାଙ୍କର ପୁରୁଣା ଗଡ଼ ପାଚେରୀ ଦେଇ ଘେରା । ସେଥିରେ କାଳୀଙ୍କର ମନ୍ଦିର ଅଛି । ରାଜବଂଶର ପୂଜ୍ୟା ଦେବୀ ମହାକାଳୀ । ନନ୍ଦନବନ ସେଠାରେ ମନୋହର ବ୍ୟବସ୍ଥା । ବଡ଼ ବଡ଼ ଜଳାଶୟରେ ମାଛ ଭର୍ତ୍ତି । ରାଜାଙ୍କର ନିର୍ଦ୍ଦେଶ ସେଥିରେ କେହି ହେଲେ ମାଛ ମାରି ପାରିବେ ନାହିଁ । କାରଣ ରାଜା ନିଜେ ସନ୍ଧ୍ୟାବେଳେ ଯାଇ ଜଳାଶୟ କୂଳରେ ବସନ୍ତି । ବଡ଼ ବଡ଼ ସର୍ଚ୍ଚଲାଇଟରେ ପାଣିର ତଳ ପର୍ଯ୍ୟନ୍ତ ଦେଖାଯାଏ । ଖଇ ପକାଇ ଦେଲେ ପଚାଶ ଷାଠିଏଟି ବଡ଼ ବଡ଼ ମାଛ ପାଣି ଉପରକୁ ଉଠି ଆସନ୍ତି ଖଇ ଖାଇବାକୁ । ସେମାନେ ନିର୍ଭୟରେ ଖେଳନ୍ତି । ରାଜା ଦେଖି ଖୁସୀ ହୁଅନ୍ତି । ବ୍ୟବସ୍ଥା-ବନ୍ଦୋବସ୍ତ ଦେଖନ୍ତି ବିଲାତି ସାହାବ ମାନେଜର, ଡାନ୍‌ବି । ସେ ଅଫିସର ସର୍ବମୟ କର୍ତ୍ତା । ତାଙ୍କ ନିର୍ଦ୍ଦେଶରେ ରାଜାଙ୍କର ଅଚଳାଚଳ ସମ୍ପତ୍ତିର ବିନିଯୋଗ ହୁଏ । ଏତେ ଟଙ୍କା ଆୟ ହୁଏ ଯେ ଜଣେ ବିଶେଷ କର୍ମଚାରୀ ଅଛନ୍ତି ପୁଞ୍ଜିଲଗାଣ କରିବା ପାଇଁ, ତାଙ୍କ ନା ଇନ୍‌ଭେଷ୍ଟମେଣ୍ଟ ଅଫିସର ।

ଉଆସ ବାହାରେ ଅତିଥିଶାଳା । ସେଠାରେ ବାହାରୁ ଯେଉଁମାନେ ଆସନ୍ତି ସେମାନଙ୍କର ସ୍ୱାଚ୍ଛନ୍ଦ୍ୟ ସହିତ ରହିବାର ବ୍ୟବସ୍ଥା ଅଛି । ପୁରୁଣାକାଳରେ ଇଂରେଜ ସାହେବମାନେ ମହାରାଜାଙ୍କୁ ଦେଖାକରିବାକୁ ଆସୁଥିଲେ । ସେମାନଙ୍କୁ ସେଠାରେ ଅଭ୍ୟର୍ଥନା କରାଯାଉଥିଲା । ବିଶେଷ ବାବୁର୍ଚ୍ଚି, ବେହେରାମାନେ ସେମାନଙ୍କ ପ୍ରତି ଧ୍ୟାନ ଦେଉଥିଲେ ।

ଦରଭଙ୍ଗା ଶ୍ରେଷ୍ଠ ସହରଟିଏ—ଦେଖିଲେ ମନେ ହେବ ଗୋଟିଏ ଶୈଳାବାସ ; କିନ୍ତୁ ଶୈଳ ଉପରେ ଅବସ୍ଥିତ ନୁହେଁ । ସେଠାରୁ ଜନକ-ପୁରୀ ମାତ୍ର ଚାଳିଶ ମାଇଲ । ଜନକପୁରୀ ସୀତାଙ୍କର ଜନ୍ମସ୍ଥାନ ବୋଲି କୁହାଯାଏ । ସେଠାରୁ ନେପାଳରାଜ୍ୟ ଖୁବ୍ ପାଖରେ । ଦରଭଙ୍ଗାର ଭାଷା ମୈଥିଳୀ । ଏହି ଭାଷାରେ ବହୁ ଉନ୍ନତମାନର ପୁସ୍ତକ ଲେଖା

Digitized by srujanika@gmail.com

ହୋଇଥିଲା ପୁରାକାଳରେ । ପଣ୍ଡିତମାନେ କହନ୍ତି ଚର୍ଯ୍ୟାପଦ ମୈଥିଳି ସାହିତ୍ୟର ଅଙ୍ଗ । ଅବଶ୍ୟ ଚର୍ଯ୍ୟାପଦକୁ ନେଇ ମତ ବିରୋଧ ରହିଛି । ଏଠାରେ ଗୋଟିଏ ସଂଗ୍ରହାଳୟ ଅଛି । ସେଥିରେ ପୁରାତନ ପୋଥିପତ୍ର, ଐତିହାସିକ ଶିଳାମୂର୍ତ୍ତି, ପ୍ରସ୍ତରଖଣ୍ଡ ଓ ଅନ୍ୟାନ୍ୟ ମୂଲ୍ୟବାନ ପ୍ରତ୍ନତାତ୍ତ୍ୱିକ ବସ୍ତୁ ସୁରକ୍ଷିତ । ମୈଥିଳି ଭାଷାରେ ଲିଖିତ ବହୁତ ପୁରାତନ ପୁସ୍ତକ ଅତି ଯତ୍ନରେ ସଜ୍ଜିତ । ମୈଥିଳି ଲିପି ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ । କହିବାର କଥା । କାରଣ ମିଥିଳା ରାଜ୍ୟ ତ୍ରେତାଯୁଗରୁ ଖ୍ୟାତ । ରାମାୟଣରେ ମିଥିଳାର ବର୍ଣ୍ଣନାର ଅଭାବ ନାହିଁ । ଋଷି ଜନକଙ୍କ ଯୋଗୁ ଏହି ରାଜ୍ୟର ସମ୍ମାନ ଅତି ଉଚ୍ଚ ଶିଖରକୁ ଉଠିଥିଲା ।

ଦରଭଙ୍ଗା ରାଜାଙ୍କ ବିଷୟରେ ଆଗରୁ କିଛି ଜାଣିଥିଲି, ତାଙ୍କର କଲିକତାର ଚୌରଙ୍ଗି ରୋଡ଼ରେ ବିଶାଳ ପ୍ରାସାଦ ଥିଲା । ବଡ଼ ପ୍ରାଚୀରର ମଧ୍ୟରେ ମାଛ ଚିହ୍ନ ସାଧାରଣତଃ ଆମକୁ ଆକୃଷ୍ଟ କରୁଥିଲା । ମାଛ ବୋଧହୁଏ ଶୁଭ ବୋଲି ତାର ଚିହ୍ନ ଦରଭଙ୍ଗା ପାଲେସରେ ଦିଆଯାଇ-ଥିଲା । ଶୁଣିଥିଲି ଦରଭଙ୍ଗା ରାଜା ଜଣେ କମୃଦନ୍ତ ପୁରୁଷ । ଯେତେ-ବେଳେ ରେସ୍ ଖେଳିବାକୁ ଯାଆନ୍ତି କଲିକତାରେ, ସେତେବେଳେ ତାଙ୍କ ପାଇଁ "ରେସ୍ ଗାଲେରି"ର ଗୋଟିଏ ବଡ଼ ଅଂଶ ସୁରକ୍ଷିତ ହୁଏ । ସେ ତାଙ୍କର କୁକୁର, ଶୁକର, ମୟୂର ଆଦିଙ୍କ ସହିତ ସେହି ଗାଲେରୀରେ ସାରାଦିନ ବିରାଜମାନ ହୁଅନ୍ତି । ଆମୋଦ ଆହ୍ଲାଦ କରନ୍ତି । ତାଙ୍କର ସମ୍ମାନଟା ହେଲା ପ୍ରଥମ ପର୍ଯ୍ୟାୟର ; ଅର୍ଥ ହିସାବ ପର୍ଯ୍ୟାୟ ପରମ୍ପରା ରକ୍ଷାକରେ । ସେ ଯେଉଁଠାକୁ ଯିବେ ଲୋକେ ତାଙ୍କୁ ପ୍ରଥମ ବୋଲି ଗଣ୍ୟ କରିବା ଦରକାର । ଦାନରେ ମଧ୍ୟ ସେହିପରି । ଯେଉଁମାନେ ପ୍ରାର୍ଥୀ ହୋଇ ଯାଆନ୍ତି ସେମାନେ ଆଶା-ବହିର୍ଭୂତ-ଅଙ୍କ ସାହାଯ୍ୟ ହିସାବରେ ପାଇଥାଆନ୍ତି ।

ଜଣେ ହାଇକୋର୍ଟର ବାରିଷ୍ଟରପତିଙ୍କ ପାଖରୁ ଏ ବିଷୟରେ ଗୋଟିଏ ଘଟଣା ଶୁଣିଥିଲି । ତାଙ୍କ ବାପା ଦରଭଙ୍ଗାର ଏସ୍. ଡି. ଓ. ଥିଲେ ବ୍ରିଟିଶ୍ ଅମଳରେ । ତାଙ୍କର କଲେକ୍ଟର ଇଂରେଜ ଥିଲେ । ଯେତେ-ବେଳେ ଯୁଦ୍ଧ ଲାଗିଥାଏ । **War Week** ବେଳେ ଅର୍ଥ ସାହାଯ୍ୟ ପାଇଁ କଲେକ୍ଟର ଚିଠି ଲେଖିଲେ ରାଜାଙ୍କ ମାନେଜର "Danby"ଙ୍କୁ । ମାନେଜର ରାଜାଙ୍କୁ ଦେଖାଇଲେ । ରାଜା କହିଲେ କଲେକ୍ଟର ଆସିଥିଲେ ?

Digitized by srujanika@gmail.com

ଡାନ୍‌ବି କହିଲେ—"ନା, ସେ ଆସି ନାହାନ୍ତି।" ତାହା ହେଲେ ପଚଶ ହଜାର ଟଙ୍କାର ଚେକ୍ ପଠାଇଦିଅ। ସେ ତାହା ପଠାଇଦେଲେ। କଲେକ୍ଟର ଖୁସୀ ହୋଇ ଏସ୍. ଡି. ଓ.ଙ୍କୁ ଦେଖାଇଲେ। କହିଲେ ରାଜା କେତେ ଉଦାର। କେତେ ଟଙ୍କା ଦେଇଛନ୍ତି। ଏସ୍. ଡି. ଓ. କହିଲେ ଆପଣଙ୍କର ଯିବା ଉଚିତ ଥିଲା। ଆପଣଙ୍କର ବେଶ୍ କ୍ଷତି ହୋଇଯାଇଛି ନ ଯିବା ଯୋଗୁ। ରାଜାଙ୍କ ପକ୍ଷରେ ପାଞ୍ଚଲକ୍ଷ ଦେବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ। ତେବେ ଆପଣ ଗୋଟିଏ କାମ କରନ୍ତୁ। ତାଙ୍କୁ ଧନ୍ୟବାଦ ଦେବାପାଇଁ ଗୋଟିଏ ଦିନ ଦେଖା କରିବାକୁ ଯାଆନ୍ତୁ। ତାହାହିଁ ହେଲା। ରାଜା କଲେକ୍ଟରଙ୍କୁ ଦର୍ଶନ ଦେଲେ। ଧନ୍ୟବାଦ ଦେଲେ ତାଙ୍କୁ କଲେକ୍ଟର ତାଙ୍କର ଅଯାଚିତ ଦାନ ପାଇଁ। ରାଜା ଲଜ୍ଜିତ ହେଲେ। କଣ ଏମିତି ଦେଲି ଯେ। ହିଉ Danby ସାହାବଙ୍କୁ ଡାକ। ମାନେଜର ଆସିଲେ। ତାଙ୍କୁ ରାଜା କହିଲେ କଲେକ୍ଟରଙ୍କୁ ଆଉ ଚାରିଲକ୍ଷ ପଞ୍ଚସ୍ତରି ହଜାର ଟଙ୍କାର ଚେକ୍ ପଠାଇ ଦିଅନ୍ତୁ। କଲେକ୍ଟର ତ ଅବାକ୍। ଅତି ଗଦ ଗଦ ହୋଇ ରାଜାଙ୍କୁ ଧନ୍ୟବାଦ ଦେଲେ। ଏସ୍. ଡି. ଓ.ଙ୍କୁ କହିଲେ ତମକୁ ସବୁ ଉଚିତ ଜଣା। ସତରେ ତୁମେ ନ କହିଥିଲେ ଆମର ସରକାର ଅନେକ ଅର୍ଥ କମ୍ ପାଇଥାଆନ୍ତେ। **War Week** ମହାସମାରୋହରେ ପାଳିତ ହୋଇଥିଲା ଦରଭଙ୍ଗାରେ।

ରାଜାଙ୍କ ଉଆସ ଉପରେ ଟିକସ ବସିଲା। ରାଜା କହିଲେ ମୋର ଉଆସରେ ଧାନ ଭରଣା ହୁଏ। ପାଛୁଡ଼ା ହୁଏ। ଚାଉଳ କୁଠା ହୁଏ। ଏଥିରେ ଯାବତୀୟ କୃଷିକାର୍ଯ୍ୟ ମଧ୍ୟ ହୋଇଥାଏ। ତାଛଡ଼ା ଚାରିଆଡ଼େ ଧାନଜମି। ମାତ୍ର ପଚିଶ ହଜାର ଏକର ଧାନଜମି ପରିବେଷ୍ଟିତ ଏହି ପ୍ରାସାଦ। ସେଥିରେ ଅଫିସ ଅଛି ଜମିଜମା ବ୍ୟବସ୍ଥା କରିବାର। ନାଏବ ତହସିଲଦାରମାନେ ଅଛନ୍ତି ଖଜଣା ଆଦାୟ କରିବା ପାଇଁ। ଜମିଜମା ସଂକ୍ରାନ୍ତ ଯାବତୀୟ ମାମଲା ସେମାନେ ତଦାରଖ କରନ୍ତି। ତେଣୁ କୃଷିଭିତ୍ତିକ ପ୍ରାସାଦ ଉପରେ ପୁଣି ଆୟକର କିପରି ଦେୟ ହେବ ? ଆପତ୍ତି ବିଚାର ହେଲା। ଆୟୁକ୍ତ ସରଜମିନ ତଦନ୍ତରେ ଗଲେ। ଯାଇ ଦେଖିଲେ ରାଜାଙ୍କ ପକ୍ଷରୁ ଯାହା କୁହାଯାଇଛି ତାହା ବାସ୍ତବରେ ସତ୍ୟ। ମାତ୍ର ୨୫ ହଜାର ଏକର ଜମି ପ୍ରାସାଦକୁ ଘେରି ରହିଛି। ରାଜାଙ୍କ

Digitized by srujanika@gmail.com

ଅଭିଯୋଗ ସତ୍ୟ ପ୍ରମାଣିତ ହେବାରୁ କରରେ ସମ୍ପୂର୍ଣ୍ଣ ଶହାତ ମିଳିଲା । ବିଶାଳ ସମ୍ପତ୍ତି । କେତେ ଦୂର ଯେ ବ୍ୟାପିଛି କହିଲେ ନ ସରେ ।

କିନ୍ତୁ ସମୟ ସବୁ ଅପହରଣ କରିନଏ । ଜମିଦାରୀ ଉଠିଗଲା । ରାଜାଙ୍କର ପ୍ରଜା ଆଉ ରହିଲେ ନାହିଁ । ତାଙ୍କୁ ବଡ଼ ବାଧିଲା । ସେ ରାଜ୍ୟ ତ୍ୟାଗ କରି ଯାଇ ଦିଲ୍ଲୀରେ ଘର କରି ରହିଲେ । ସବୁବେଳେ ମନମରା । ଏତେ ବଡ଼ ରାଜଉ କୁଆଡ଼େ ଗଲା । ଦରଭଙ୍ଗା ଗୃହ ଦିଲ୍ଲୀରେ ରହିବାକୁ ମନ ବଳୁ ନ ଥାଏ । ଦରଭଙ୍ଗା ତାଙ୍କର ଜୀବନର ଅନେକାଂଶ ଅଧିକାର କରି ରହିଛି । ଏପରି ସମୟରେ ବୋଝ ଉପରେ ନଳାତାବଡ଼ା ଆସି ପଡ଼ିଲା । ଦେଖିଲେ ତାଙ୍କ ଦୁଆର ମୁହଁରେ ପଣ୍ଡିତ ନେହରୁ ଆସି ପହଞ୍ଚିଛନ୍ତି, ତାଙ୍କୁ ଡାକୁଛନ୍ତି । ସେ ଦଉଡ଼ି ଗଲେ । ନେହରୁ କହିଲେ ଯେ ରାଜାଙ୍କୁ ତାଙ୍କର ଅନୁରୋଧ ସେ ଯେପରି ତାଙ୍କର ଘର ଗୃହ ଦିଅନ୍ତୁ । ବିଦେଶୀ ହାଇକମିଶନ୍ ସବୁ ବସିଛି ଭାରତରେ । ମାତ୍ର ସେମାନଙ୍କ ପାଇଁ ଯଥେଷ୍ଟ ଘରଦ୍ୱାର ନାହିଁ । ଅନେକ ଘର ଲାଗିବ । ଘର ତିଆରି ପାଇଁ ସମୟ ଦରକାର । ମାତ୍ର ସବୁ ବିଦେଶୀ ରାଷ୍ଟ୍ରଦୂତ ପହଞ୍ଚିଗଲେଣି । ସେମାନଙ୍କର ସଂଖ୍ୟା ଅନେକ । ଖୁବ୍ ଶୀଘ୍ର ଘରର ବ୍ୟବସ୍ଥା ଦରକାର । ସରକାରଙ୍କ ପାଖରେ ଭଲ ଘର ନାହିଁ । ତେଣୁ ଆପଣଙ୍କୁ ଅନୁରୋଧ ଆପଣ ଏ ଘରଟି ଗୃହ ଦିଅନ୍ତୁ । ଆପଣଙ୍କର ତ ପିଲା ପିଲା କେହି ନାହାନ୍ତି । ଠିଙ୍ଗା ଲୋକ । କେଉଁଠି ହେଲେ ରହିପାରିବେ, ମାତ୍ର ରାଷ୍ଟ୍ରଦୂତ-ମାନଙ୍କର ନିବାସ ଜରୁରୀ ଦରକାର । ଆପଣଙ୍କର ସମ୍ମାନ କଥା ଭାବି ନିଜେ ହାତରେ ନୋଟିସ୍ ଦେଇଗଲି । ମୋତେ କ୍ଷମା କରିବେ । ଗତ୍ୟନ୍ତର ନ ଥିବା ହେତୁ ଏପରି ନୋଟିସ୍ ଦେବାକୁ ବାଧ୍ୟ ହେଲି ।

ରାଜାଙ୍କ ମୁଣ୍ଡରେ ବଜ୍ରପାତ ହେଲା । ଜମିଦାରି ଉଚ୍ଛେଦ ପରେ ସେ ଘରଛଡ଼ା ହୋଇ ଦିଲ୍ଲୀରେ ବାସକଲେ । ସେଠାରୁ ମଧ୍ୟ ତାଙ୍କୁ ତଡ଼େଇ ଦିଆଯାଉଛି । ଏହା ତ ଘୋର ଅନ୍ୟାୟ ଓ ପରିତାପର ବିଷୟ । ଏହାର ଉଚିତ ବ୍ୟବସ୍ଥା କରିବାକୁ ହିଁ ହେବ ।

ସେ ସାଙ୍ଗେ ସାଙ୍ଗେ ଭାରତର ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ପାଖକୁ ଦଉଡ଼ିଲେ । ତାଙ୍କୁ କହିଲେ—"ରାଜେନ୍ଦ୍ରବାବୁ, ଆପଣଙ୍କର ସ୍ୱାଧୀନତା ଆନ୍ଦୋଳନ ପାଇଁ ମୁଁ ଅନେକ ଟଙ୍କା ସାହାଯ୍ୟ କରିଛି ।

Digitized by srujanika@gmail.com

ତାର ଆପଣ ଖୁବ୍ ଭଲ ପ୍ରତିଦାନ ଦେଲେ । ମୋତେ ଘରୁ ଉଚ୍ଛେଦ କରିବା ପାଇଁ ନେହରୁ ଆସି ନୋଟିସ୍ ଦେଇଗଲେଣି । ଏହା କଣ ନ୍ୟାୟ ବୁଝାମଣା ? ନେହରୁ ପ୍ରକୃତରେ କଣ ସ୍ୱହାନ୍ତ ବୁଦ୍ଧି ଦେଖନ୍ତୁ । କିନ୍ତୁ ମତେ ମୋ'ଘରୁ ବାହାର କରନ୍ତୁ ନାହିଁ ।" ରାଜେନ୍ଦ୍ର ପ୍ରସାଦ ନେହରୁଙ୍କୁ ପଚାରି ବୁଝିଲେ । ମାମଲା ଗମ୍ଭୀର । କିନ୍ତୁ ସେ ଦରଭଙ୍ଗା ରାଜାଙ୍କ ପାଇଁ ନେହରୁଙ୍କୁ ଅନୁରୋଧ କଲେ । ବହୁତ କରି ବୁଝାଇ କହିଲେ । ନେହରୁ କହିଲେ ଯଦି ଛଅମାସ ଭିତରେ ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଏ, ତେବେ ସେ ନୋଟିସ୍‌କୁ ଅଟକାଇ ରଖିବେ । ରାଜା ତାଙ୍କୁ ଅନ୍ୟ ଘର ଦିଅନ୍ତୁ । ରାଜା ଶୁଣିଲେ : ଓ ଏଇ କଥା ଠିକ୍ ଅଛି ମୁଁ ଅନ୍ୟ ଘର ତିଆରି କରିଦେଉଛି । ଅନେକ ଟଙ୍କା ଖର୍ଚ୍ଚ କରି ଅନ୍ୟ ଘର କରାଇଦେଲେ । ତାଙ୍କୁ ଆଉ ନିଜ ଘର ଛାଡ଼ିବାକୁ ପଡ଼ିଲା ନାହିଁ ।

ଆଉ ଗୋଟିଏ ଘଟଣା । ସମସ୍ତଙ୍କୁ ଜଣା । ତାଙ୍କର ଅନେକ ସୁନା ଥିଲା । ଭାରତର ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇ ସୁନା ବଦଳରେ ଗୋଲ୍ଡ ବଣ୍ଡ ଦେବାର ସିଦ୍ଧାନ୍ତ ନେଲେ । ସେ ଦରଭଙ୍ଗା ଗଲେ । ତାଙ୍କୁ ସୁନାରେ ଓଜନ କରାଗଲା । ରାଜା ଭାରତର ରାଜକୋଷକୁ ସେ ସୁନା ଦାନ କଲେ ।

ତାଙ୍କର ଅପତ୍ୟ ନ ଥିଲା । ସେ ବଂଶର ଅଦ୍ଭୁତ ଧାରା । ଯେ ରାଜା ହୁଏ ସେ ନିଃସନ୍ତାନ । ତାର ଜ୍ୟେଷ୍ଠଭାଇର ପୁଅକୁ ଯୁବରାଜ କରିଥାଏ । ସେଇ ଦରଭଙ୍ଗା ରାଜତ୍ୱ ପାଏ ଶେଷରେ । କାମାକ୍ଷାନାରାୟଣ ତାଙ୍କର ଭାଇର ଦୁଇ ପୁଅ ଜୀବେଶ୍ୱର ଓ ଶିବେଶ୍ୱରଙ୍କୁ ନିଜର ପୁଅ ଭଳି ସ୍ନେହ କରୁଥିଲେ । ତାଙ୍କର ସମ୍ପଦରୁ କିଛି କିଛି ସେମାନଙ୍କୁ ଦାନ ମଧ୍ୟ କରିଥିଲେ । କିନ୍ତୁ ପରେ ସେମାନଙ୍କର ବ୍ୟବହାରରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ସେମାନଙ୍କୁ ତାଙ୍କର ସମ୍ପତ୍ତିରୁ କୌଣସି ଅଂଶ ଦେଲେ ନାହିଁ । ଦେହତ୍ୟାଗ କରିବା ପୂର୍ବରୁ ପାଟନା ହାଇକୋର୍ଟର ପ୍ରଧାନ ବିଚାରପତି ଶ୍ରୀ ଲକ୍ଷ୍ମୀକାନ୍ତ ଝାଙ୍କୁ ଡାକି ତାଙ୍କ ସହିତ ପରାମର୍ଶ କରି ଗୋଟିଏ 'ଟ୍ରଷ୍ଟ' ତିଆରି କଲେ । ସେତେବେଳକୁ ଶ୍ରୀ ଲକ୍ଷ୍ମୀକାନ୍ତ ଝା ସୁପ୍ରିମକୋର୍ଟରେ ଓକିଲାତି କରୁଥାଆନ୍ତି । ସେ ଦରଭଙ୍ଗାର ଲୋକ । ତାଙ୍କ ଉପରେ ରାଜାଙ୍କର ଅଗାଧ ବିଶ୍ୱାସ । ମୃତ୍ୟୁ ପୂର୍ବରୁ ତାଙ୍କୁ "ନ୍ୟାସୀ" (ଟ୍ରଷ୍ଟି) ନିଯୁକ୍ତ କଲେ । ସର୍ବସାଧାରଣଙ୍କର ସେବାରେ

Digitized by srujanika@gmail.com

ନିଜର ବିପୁଳ ଐଶ୍ୱର୍ଯ୍ୟ ବିନିଯୋଗ କରି ପ୍ରାଣତ୍ୟାଗ କଲେ । ତାଙ୍କ ସହିତ ଦରଭଙ୍ଗା ରାଜବଂଶର ଧାରା ଏକାବେଳକେ ଲୁପ୍ତ ହୋଇଗଲା । କିନ୍ତୁ ଶେଷ ରାଜାଧିରାଜ ତାଙ୍କର ଅବିସ୍ମରଣୀୟ ଦାନ ବଳରେ ନିଜର ସ୍ୱାର୍ଥହୀନତାର, ତ୍ୟାଗର ଓ ମହାନୁଭବତାର ସ୍ୱାକ୍ଷର ରଖିଗଲେ ।

ଆହୁରି ଅନେକ ଘଟଣା ଶୁଣିଲି ଆମର ସହକର୍ମୀ ହରିଶ୍ଚନ୍ଦ୍ର ଝାଙ୍କଠାରୁ । ସେ ମଧ୍ୟ ଦରଭଙ୍ଗାର ଅଧିବାସୀ । ସେ ମୋତେ ରାଜପ୍ରାସାଦ ବୁଲେଇ ଦେଖାଇଲେ । ଆମେ ପୋଖରୀ କୂଳରେ ବଡ଼ ବଡ଼ ମାଛ-ମାନଙ୍କର ନିର୍ଭୀକ କ୍ରୀଡ଼ା ଦେଖିଲୁ । ମାଛଗୁଡ଼ିକ ୫୦।୬୦ କିଲୋରୁ କମ୍ ହେବେ ନାହିଁ । ମାତ୍ର ସେମାନଙ୍କୁ ଧରିବାକୁ ମନା । ତା'ପରେ ଶ୍ରୀ ଶ୍ରୀ କାଳୀଙ୍କର ମନ୍ଦିର ମଧ୍ୟ ଦେଖିଲୁ । ଆଗ ଭଳି ପୂଜା ଚାଲିଛି । ସବୁ ଅଛି କେବଳ କାମାକ୍ଷାନାରାୟଣ ନାହାନ୍ତି । ନାହାନ୍ତି ତାଙ୍କର ଇଂରେଜ ମାନେଜର ଡାନ୍‌ବି ସାହେବ । ତାଙ୍କ ନାମରେ ନାମିତ "Danby Road" ଦେଇ ଆମେ ପ୍ରାସାଦ ଭିତରକୁ ଗଲୁ । ବହୁମୂଲ୍ୟ ବସ୍ତୁ ସବୁ ସୁସଜ୍ଜିତ ହୋଇ ରହିଛି । କିନ୍ତୁ ଉପଭୋଗ କରିବାକୁ କେହି ନାହିଁ । କାଳର କି ଅଦ୍ଭୁତ ଆଚରଣ । କେତେ ଲୋକଙ୍କର ଏତେ ପିଲାପିଲି ଯେ ସେମାନେ ତାଙ୍କୁ ଖାଇବାକୁ ନ ଦେଇ ଦୁଃଖରେ ଅଭାବରେ ବିକ୍ରି ମଧ୍ୟ କରି ଦେଉଛନ୍ତି । ଆଉ କାହାର ଅତୁଳ ଐଶ୍ୱର୍ଯ୍ୟ ଥାଇ ମଧ୍ୟ ପିଲାଟିଏ ନାହିଁ । ସେ ଅପତ୍ୟ ଅଭାବରେ ନିରାଶ ହୋଇ ତାର ସମ୍ପତ୍ତି ଅକାତରରେ ଦାନକରି ଇହଧାମ ଛାଡ଼ି ଚାଲିଯାଉଛି । ବୁଝିଲି ମହା-ଭାରତରେ ଯୁଧିଷ୍ଠିର କହିଥିବା କଥା ଅବଧାରିତ ସତ୍ୟ । "ପୃଥିବୀରେ ସବୁଠାରୁ ବଳବାନ ହେଲା ସମୟ ।"

ଉତ୍ତର ବିହାରରେ ଅନେକ ସ୍ଥାନ ଭ୍ରମଣ କରି ଭାବିଲି ଏଥର ଦକ୍ଷିଣ ବିହାରର ଦର୍ଶନୀୟ ସ୍ଥାନ ଦେଖିବା ଦରକାର । ପାଟନାରୁ ରାଜଗୀର ବେଶୀଦୂର ନୁହେଁ । ଗାଡ଼ିରେ ଯିବା ଆସିବାର ରାସ୍ତା ଭଲ । ଐତିହାସିକ ନଗର "ରାଜଗୃହ" ମୋତେ ହାତ ଠାରି ଡାକିଲା । କିଛି ଦିନ ପରେ ସେଠାରେ ଯାଇ ପହଞ୍ଚିଲି । ସେଠାର ଉଷ୍ଣ ପ୍ରସ୍ରବଣ ବିଖ୍ୟାତ । ଗରମ ପାଣିରେ ଗାଧୋଇଲେ ଶରୀରର ଅନେକ ରୋଗ ନିରାମୟ ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ । ବର୍ତ୍ତମାନ ସ୍ନାନର

Digitized by srujanika@gmail.com

ବ୍ୟବସ୍ଥା ଅତି ସୁନ୍ଦର । ପୁରୁଷ ଓ ସ୍ତ୍ରୀମାନଙ୍କ ପାଇଁ ବିଭିନ୍ନ ଘର ଅଛି । ସ୍ନାନ ବଡ଼ ଆରାମଦାୟକ ମନେହେଲା । ଶରୀର ତାଜା ହୋଇ ଉଠିଲା । ମନ ମଧ୍ୟ । ତାପରେ ଆମ୍ଭେମାନେ ରାଜଗୀରର ପାହାଡ଼ ଅଞ୍ଚଳ ବୁଲି ଦେଖିଲୁ । ମହାଭାରତରେ ବର୍ଣ୍ଣିତ ଜରାସନ୍ଧଙ୍କର ରାଜଧାନୀ "ରାଜଗୃହ" ଅନେକ ପାହାଡ଼ ବେଷ୍ଟିତ ହୋଇ ରହିଥିଲା । ବର୍ତ୍ତମାନର ରାଜଗୀର ତାହାର ପ୍ରମାଣ ବହନ କରି ଚାଲିଛି । ଆମେ ପାହାଡ଼ ଉପରକୁ ଉଠିଲୁ । ଗୋଟିଏ ଜାଗାରେ ଦେଖିଲୁ ଯେ ପଥର ଉପରେ "ଶଗଡ଼ ଧାରି" ପରି ଦେଡ଼ଶହଫୁଟ ପର୍ଯ୍ୟନ୍ତ ସ୍ଥାନ, ରଥ ଚକରେ ଦବିଗଲା ପରି ହୋଇ, ରହିଯାଇଛି । ବୋଧହୁଏ ତାହା ଆଗରୁ ନରମ ରାସ୍ତା ଥିଲା । ବର୍ତ୍ତମାନ ପ୍ରସ୍ତରୀଭୂତ (Pitrified) ହୋଇ ରହିଛି । ଦେଖି ବଡ଼ ଆଶ୍ଚର୍ଯ୍ୟ ବୋଧ ହେଲା । ଭୂମିଠାରୁ ଏତେ ଉପରେ ରଥ କପରି ଉଠିଲା ? କେଉଁ ଅଶ୍ୱରାଜ ସେ ରଥକୁ ଟାଣୁଥିଲେ ? ମନେପଡ଼ିଲା ପୌରାଣିକ ଯୁଗର ମଲ୍ଲଯୁଦ୍ଧ ଜରାସନ୍ଧଙ୍କ ସହିତ ଭୀମଙ୍କର । ମହାଭାରତରେ ବର୍ଣ୍ଣିତ ଶୈଳଶିଖର ସବୁ ସେମିତି ରହିଛି । ଶିଖରରେ ଘଣ୍ଟା ବାଜୁଥିଲା । ଅତନ୍ଦ୍ର ପ୍ରହରୀ ଶତ୍ରୁକୁ ଦେଖିଲେ ଘଣ୍ଟାନାଦରେ ଅନ୍ୟମାନଙ୍କୁ ସତର୍କ କରି ଦେଉଥିଲେ । କପରି ପ୍ରହରୀମାନଙ୍କୁ ଶ୍ରୀକୃଷ୍ଣ ନିଜ ବୁଦ୍ଧି ପ୍ରଭାବରେ ଅତିକ୍ରମ କରି ଭୀମସେନଙ୍କୁ ଜରାସନ୍ଧଙ୍କ ପାଖରେ ପହଞ୍ଚାଇ ଦେଇଥିଲେ ସେହି କଥା ଭାବିବାକୁ ଲାଗିଲି । "ଜରାସନ୍ଧଙ୍କ ଆଖଡ଼ା" ବୋଲି ପରିଚିତ ସ୍ଥାନ ଗାଇଡ୍ ମୋତେ ଦେଖାଇ ଦେଲେ । ମନଶ୍ଚକ୍ଷୁରେ ଦେଖିଲି ସେ ଅତିମାନୁଷ-ମଲ୍ଲଯୁଦ୍ଧ ଜରାସନ୍ଧଙ୍କର ଭୀମସେନ ସହିତ । ଯେଉଁ ଜରାସନ୍ଧଙ୍କ ଭୟରେ ବୃଷ୍ଣୀବଂଶ ମଥୁରା ତ୍ୟାଗ କରି ଦ୍ୱାରକାରେ ଆଶ୍ରୟ ନେଇଥିଲା ; ଶ୍ରୀକୃଷ୍ଣ ସେଇ ଜରାସନ୍ଧଙ୍କୁ ଭୀମଦ୍ୱାରା ସଂହାର କରାଇଲେ ମଲ୍ଲ ଯୁଦ୍ଧରେ । ବିଚିତ୍ର ଶ୍ରୀକୃଷ୍ଣଙ୍କର ରାଜନୀତି, ଅଦ୍ଭୁତ ତାଙ୍କର ଲୀଳା । ଆଖଡ଼ା ସାମନାରେ ଛିଡ଼ାହୋଇ ଚଳଚ୍ଚିତ୍ର ଭଳି ମହାଭାରତର କାହାଣୀ ମୋର ମନଶ୍ଚକ୍ଷୁରେ ତରଙ୍ଗାୟିତ ହୋଇ ଉଠିଥିଲା ସେଦିନ । ଦେଖି ଦେଖି ମନ ଭରୁ ନ ଥାଏ । ସମୟ ହୋଇଯାଉଛି ଫେରିବା ପାଇଁ । କୁଣ୍ଠିତ ଚିତ୍ତରେ ସେଠାରୁ ବିଦାୟ ନେଇ, ନାଳନ୍ଦା ଦେଖିବାକୁ ଗଲି ।

Digitized by srujanika@gmail.com

ନାଳନ୍ଦା ବିଶ୍ୱବିଦ୍ୟାଳୟ ପୃଥିବୀର ସବୁଠାରୁ ପୁରାତନ ବିଶ୍ୱବିଦ୍ୟାଳୟ । ସେଠାରେ କେବଳ ଭାରତବର୍ଷରୁ ନୁହେଁ, ଦୂର-ଦୂରାନ୍ତରୁ ଚୀନ ଜାପାନ ପ୍ରଭୃତି ଦେଶରୁ ଛାତ୍ରମାନେ ଆସି ପଢ଼ୁଥିଲେ । ଇତିହାସ ବହିରେ ଆଗରୁ ପଢ଼ିଥିଲି ଏହାର ବିସ୍ତାରିତ ବର୍ଣ୍ଣନା । ମାତ୍ର ଆଜି ମୋର କୌତୁହଳର ପ୍ରଶମନ ହେଲା ପ୍ରତ୍ୟକ୍ଷ ଦେଖି । ପ୍ରଥମେ ଆମେ ଯେଉଁ ରାସ୍ତା ଦେଇ ପ୍ରବେଶ କଲୁ ସେଠାରେ ଆଗରୁ ଥିଲା ଛାତ୍ରାବାସ । ପ୍ରତ୍ୟେକ ଛାତ୍ର ପାଇଁ ଗୋଟିଏ କରି ପିଣ୍ଡ (bed) ଓ ତା ଉପରେ ପ୍ରଦୀପ ରଖିବା ପାଇଁ ଦୀପସ୍ତମ୍ଭ । କୋଣ ଆଡ଼କୁ ଅଛି ବହି ରଖିବାର ସ୍ଥାନ (book shelf) । ପ୍ରତ୍ୟେକ ଘରେ ଦୁଇଟିକରି ଛାତ୍ରଙ୍କ ରହିବାପାଇଁ ସୁନ୍ଦର ବ୍ୟବସ୍ଥା ଅତି ସୁପରିକଳ୍ପିତ ଭାବରେ । ହଜାର ବର୍ଷରୁ ଅଧିକ ଏହି ଛାତ୍ରାବାସର ନିର୍ମାଣର ସମୟ । ମାତ୍ର, ତାର ପରିକଳ୍ପନା ଅତି ଚିନ୍ତାଶୀଳ ମନର ପରିଚାୟକ । ପ୍ରବେଶ ପଥରେ ଦେଖିବାକୁ ପାଇଲି ନଳାର ଭଗ୍ନାବଶେଷ । ଦେଖିଲି ଆଜି କାଲିକାର ପାଇଖାନା (septic latrin) ର ପୂର୍ବ ସଂସ୍କରଣ ଭଳି । ଭାବିଲି ସେତେବେଳେ ଏ ସବୁର ଚିନ୍ତାମଧ୍ୟ ଥିଲା । ସବୁଠାରୁ ଆକର୍ଷଣୀୟ ଥିଲା ଇଟାଗୁଡ଼ିକର ଦୈର୍ଘ୍ୟ ଓ ପ୍ରସ୍ଥ । ସେଗୁଡ଼ିକ ଅନେକ ପତଳା ଆଉ କ୍ଷୁଦ୍ର ଆକାରର । କିପରି ଯୋଡ଼ା ହୋଇଛି କେଜାଣି ହଜାର ହଜାର ବର୍ଷଧରି ଅକ୍ଷୁଣ୍ଣ ଅବସ୍ଥାରେ ଅଛି । ମିଶ୍ରଣ କି ବସ୍ତୁରେ ହୋଇଛି ବୁଝି ହେଲା ନାହିଁ । ମାତ୍ର ସେଗୁଡ଼ିକ ଅତ୍ୟନ୍ତ ମଜବୁତ୍ ଓ ସୁନ୍ଦର ଦେଖାଯାଉଥିଲା । ବୁଝିଲି ସେ କାଳର କାରିଗରମାନେ ଅତି ସ୍ଥାପତ୍ୟବିଦ୍ୟାର ଅଧିକାରୀ ଥିଲେ । ଇଟାର ତିଆରି କାନ୍ଥ କାରୁକାର୍ଯ୍ୟ ଭଳି ଦେଖାଯାଉଥିଲା । ସେଠାରେ 'ବିଜ୍ଞାନ' ଓ 'କଳା'ର ବିଭାଗ ସ୍ୱତନ୍ତ୍ର ଥିଲା । ବିଜ୍ଞାନ ବିଭାଗରେ ଛାତ୍ରାବାସର ବାରଣ୍ଡାରେ ବସି ପ୍ରତ୍ୟେକ ଛାତ୍ର ଶିକ୍ଷକଙ୍କର ଭାଷଣ ଶୁଣୁଥିଲେ । ଶିକ୍ଷକ ମଧ୍ୟସ୍ଥାନରେ ବସୁଥିଲେ । ପଡ଼ିଆ ମଝିରେ ଚୁଲି ଜାଳିବାର ବ୍ୟବସ୍ଥା ଥିଲା । ସେଥିରେ ପାଠ୍ୟବିଷୟର ପରୀକ୍ଷା ନିରୀକ୍ଷା କରାଯାଉଥିଲା ନିଆଁ ଜାଳିକରି । ସେ ଚୁଲିର ଅଂଶାବଶେଷ ବର୍ତ୍ତମାନ ସୁଦ୍ଧା ପରିସ୍ଫୁଟ ହୋଇ ରହିଛି ।

ବାହାରେ, ଦେଖିଲୁ ବିରାଟ ସ୍ତମ୍ଭ ଆକାରର ଉଚ୍ଚ ତୋରଣ-ଭୂମି । ସେଠାକୁ ଯିବାପାଇଁ ବହୁ ସୋପାନ ନିର୍ମିତ ହୋଇଥିଲା ।

Digitized by srujanika@gmail.com

ସେଠାରେ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଠୁଳ ହୋଇ ବିଶିଷ୍ଟ ଲୋକଙ୍କର ଭାଷଣ ଶୁଣୁଥିଲେ ; ଓ ଉତ୍ସବ ଇତ୍ୟାଦିରେ ଏହି ମଣ୍ଡପକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଉଥିଲା । ଏହା ଏକ ଖୋଲା ଅଡିଟୋରିୟମ୍ (auditorium) ରୂପେ ପ୍ରତିଭାତ ହେଲା । ଏଥିରୁ ବୁଝାଯାଏ ଯେ ବିଶ୍ୱବିଦ୍ୟାଳୟର ବହୁ ଉଦ୍ଦେଶ୍ୟର (multipurpose) ସାଧନ ନିମନ୍ତେ ଏହି ମଣ୍ଡପ ନିର୍ମିତ ହୋଇଥିଲା ।

ତା'ପରେ ଆମ୍ଭମାନେ ଗଲୁ ବିଶ୍ୱବିଦ୍ୟାଳୟର store room ଦେଖିବାପାଇଁ । ସେଠାରେ ଧାନ ରଖାଯାଉଥିଲା । ଯେତେବେଳେ ବକ୍ତିଆର ଖିଲିଜି ନାଳନ୍ଦା ବିଶ୍ୱବିଦ୍ୟାଳୟ ଧ୍ୱଂସ କରିଦେଲେ ସେତେବେଳେ ଏହି ଗନ୍ତାଘରକୁ ମଧ୍ୟ ପୋଡ଼ି ଦେଇଥିଲେ । ପୋଡ଼ା ଧାନସବୁ ଅକ୍ଷତ ଅବସ୍ଥାରେ ସଂଗ୍ରହାଳୟରେ ରକ୍ଷିତ ଅଛି । ସେଠାରୁ ବାହାରି ଦେଖିଲୁ ଭୂତଳରେ ଅଙ୍କିତ ସମୁଦ୍ରଗୁପ୍ତଙ୍କର ଧନୁ । ସେଥିରେ ଉଜ୍ଜ୍ୱଳ ରସାୟନ ପ୍ରୟୋଗ ହେଉ ତାହା ଭୂତଳରେ ଅଙ୍କିତ ହେଲେ ମଧ୍ୟ କିଛି ଅଂଶରେ ଉଜ୍ଜ୍ୱଳ ରହିଛି । ସମୁଦ୍ରଗୁପ୍ତ ଏହି ବିଶ୍ୱବିଦ୍ୟାଳୟର ରକ୍ଷଣାବେକ୍ଷଣ ପାଇଁ ବହୁ ପ୍ରୟାସ କରିଥିଲେ । କିନ୍ତୁ ଦୁଃଖର ବିଷୟ, ଯବନ ଆକ୍ରମଣ ଏହାକୁ ଧୂଳିସାତ୍ କରି ଏହାର ମହାନ୍ ପରମ୍ପରା, ଐତିହ୍ୟ ଓ ଅନୁଷ୍ଠାନକୁ ସମ୍ପୂର୍ଣ୍ଣରୂପେ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା । ନାଳନ୍ଦା ବିଶ୍ୱବିଦ୍ୟାଳୟର ଧ୍ୱଂସାବଶେଷ ଦେଖି ମୋର ମନ ବଡ଼ ମ୍ରିୟମାଣ ହୋଇପଡ଼ିଲା । ଜ୍ଞାନର ପ୍ରସାର ଓ ପ୍ରଚାର ପାଇଁ କି ବିରାଟ ପ୍ରୟାସ ନଷ୍ଟ ହୋଇଗଲା ଦୁର୍ବୃତ୍ତମାନଙ୍କ ଆକ୍ରମଣରେ । ତଥାପି ସେଇ ପରିକଳ୍ପନା ମୋ ମନରେ ଗଭୀର ରେଖାପାତ କରିଥିଲା ଭାରତର ଐଶ୍ୱର୍ଯ୍ୟମୟ ଐତିହ୍ୟର । ହୁଏନ୍‌ସାଂ ଓ ଫାହିୟାନ ଏହାର ଭୂୟସୀ ପ୍ରଶଂସା କରିଥିଲେ ସେମାନଙ୍କର ଭାରତବିବରଣୀରେ । ଇତିହାସର ପୃଷ୍ଠାରେ ପଢ଼ିବା ଆଉ ପ୍ରତ୍ୟକ୍ଷ ଦେଖିବାରେ ଆକାଶ ପାତାଳ ପ୍ରଭେଦ କଥା ସେଦିନ ଅନୁଭବ କଲି । ଏହି ଐତିହ୍ୟମୟ ଧ୍ୱଂସାବଶେଷକୁ ଆବିଷ୍କାର କରିଥିଲେ ଜଣେ ଇଂରେଜ ପ୍ରଶାସକ । ସେ ପ୍ରତ୍ନତାତ୍ତ୍ୱିକ ମନ ନେଇ ଏହି ଅଞ୍ଚଳରେ ବୁଲିବା ସମୟରେ କେତୋଟି ସ୍ୱର୍ଣ୍ଣମୁଦ୍ରା ପାଇ ଜାଣିଲେ ଏଠାରେ କିଛି ଧ୍ୱଂସାବଶେଷ ରହିଛି । ଭାରତ ସରକାରଙ୍କୁ ଲେଖି ଖନନ କରାଇବା ପରେ ଭୂଗର୍ଭରୁ ଏହି ମହାନ ଐତିହ୍ୟ ଲୋକଲୋଚନକୁ ଆସିଲା ।

Digitized by srujanika@gmail.com

ସେହି ଇଂରେଜ ପ୍ରଶାସକଙ୍କର ସ୍ୱଚ୍ଛ ଦୃଷ୍ଟି ଫଳରେ ଉଦ୍‌ଘାଟିତ ହେଲା ଭାରତୀୟ ଶିକ୍ଷାର ଗୋଟିଏ ଉଜ୍ଜ୍ୱଳ ଅଧ୍ୟାୟ ; ଗୋଟିଏ ମହାନ୍ ଜାତିର ଗୌରବମୟ ପ୍ରଚେଷ୍ଟା ସମଗ୍ର ପୃଥିବୀକୁ ଜ୍ଞାନ ବିତରଣ ପାଇଁ । ବୈଦେଶିକ ଆକ୍ରମଣ ଫଳରେ ଏପରି ଅନେକ ବୈଶିଷ୍ଟ୍ୟ ଭାରତ ହରାଇଦେଇଛି । ହୃତ ଲୁଣ୍ଠିତ ଜନ୍ମଭୂମି ଆମର । ଏହିପରି ଭାବି ଭାବି ଫେରିଲି ପାଟନା ସହରକୁ ।

ଇତିହାସର ପଦକ୍ଷେପ ବିହାରର ବହୁ ସ୍ଥାନରେ ଲକ୍ଷଣୀୟ । ଆଉ କେଉଁଠାକୁ ଗଲେ ଇତିହାସର ପୁରୁଣା ପୃଷ୍ଠା ଓଲଟେଇ ହେବ ଏକଥା ଭାବୁଛି ଏପରି ସମୟରେ ଦିଲ୍ଲୀରୁ ଆଗମନ ହେଲା ଜଣେ ସହକର୍ମୀ, ରାମସ୍ୱାମୀଙ୍କର । ଭାବିଲି ତାଙ୍କୁ ସାଙ୍ଗରେ ନେଇ ଗଲେ ମୋର ଯାତ୍ରା ସାର୍ଥକ ହେବ । ସେ ସବୁ ବିଷୟରେ ଉତ୍ସାହୀ, ରସଗ୍ରାହୀ, ଉଦାର ଓ ଉନ୍ନତ ମାନସିକତା ପ୍ରବଣ । ପରେ ସେ "ପଦ୍ମଶ୍ରୀ" ପଦବୀରେ ମଧ୍ୟ ଭୂଷିତ ହୋଇଥିଲେ । ତାଙ୍କର ସାହଚର୍ଯ୍ୟ ଅତି ଆନନ୍ଦଦାୟକ ଥିଲା । ଆମର କାମ ସରିବା ପରେ ଆମେମାନେ ଶାଶାରାମ ଆଡ଼କୁ ବାହାରି ପଡ଼ିଲୁ । ପ୍ରକୃତରେ ଶାଶାରାମ ନୁହେଁ ଏହି ସ୍ଥାନର ଅସଲ ନାମ "ଶହସ୍ ରାମ୍" ସମ୍ରାଟ ଶେରଶାହଙ୍କ ଜନ୍ମସ୍ଥାନ । ସେଠାରେ ଶେରଶାହଙ୍କ ସମାଧି ବିଦ୍ୟମାନ । ଆମେ ସେଠାରେ ପହଞ୍ଚି ତାଙ୍କର ସମାଧି ଦେଖିବାକୁ ଗଲୁ । ଗୋଟିଏ ଖୁବ୍ ବଡ଼ ଜଳାଶୟ ତାଙ୍କ ସମାଧିକୁ ବେଷ୍ଟନ କରି ରହିଛି । ପ୍ରାଚୀନ ସ୍ଥାପତ୍ୟକଳାର ରମ୍ୟ ପ୍ରଦର୍ଶନୀ । ତେବେ ମୋଗଲଯୁଗର ସମାଧି ତୁଳନାରେ ଚମକ୍‌ପ୍ରଦ ନୁହେଁ । ପ୍ରବେଶ ଦ୍ୱାରରେ ଗୋଟିଏ ଛୋଟିଆ ସମାଧି ମଧ୍ୟ ଅଛି ଶେରଶାହଙ୍କର ନିଜସ୍ୱ ବନ୍ଧାଙ୍କର (Servant) । ତା'ପରେ କିଛି ଦୂର ଗଲେ ଶେରଶାହଙ୍କ ସମାଧି । ମୋତେ ରାମସ୍ୱାମୀ ପଚାରିଲେ ପ୍ରବେଶ ଦ୍ୱାରରେ ପରିଚାରକର ସମାଧି ନିର୍ମାଣର ତାତ୍ପର୍ଯ୍ୟ କଣ ହୋଇପାରେ ? ମୁଁ ଉତ୍ତର ଦେଲି ଯେ ଶେରଶାହ ଅତି ବିଚକ୍ଷଣ ସମ୍ରାଟ ଥିଲେ । ସେ ରାଜସ୍ୱ ଆଦାୟ ଓ ଭୂମି ସଂସ୍କାରର ପ୍ରଭୂତ ଉନ୍ନତି କରିଥିଲେ । ତାଙ୍କର ମନ୍ତ୍ରୀ ତୋଡରମଲ ଭୂସଂସ୍କାରର ପଥପ୍ରଦର୍ଶକ ଥିଲେ । ତାଙ୍କର କୀର୍ତ୍ତି ଓଡ଼ିଶାରେ ମଧ୍ୟ ସୁବିଦିତ । ସେ ପଚାରିଲେ ତାହା ସହିତ ପରିଚାରକର ସମାଧିର ସମ୍ବନ୍ଧ କଣ ? ମୁଁ ଉତ୍ତର ଦେଲି—"ଅତି ଅପୂର୍ବ ଦୂରଦୃଷ୍ଟି ଥିଲା । ପ୍ରଥମେ ନିଜର ଅଧସ୍ତନ କର୍ମଚାରୀମାନଙ୍କର ସମାଧି

ଖନନ କର । ତାପରେ ଆପେ ଆପେ ନିଜର ସମାଧି ମଧ୍ୟ ହୋଇଯିବ । କର୍ମଚାରୀମାନଙ୍କର ଧ୍ୱଂସ ସାଧନ କଲେ, ସରକାରର ଧ୍ୱଂସ ମଧ୍ୟ ଅନିବାର୍ଯ୍ୟ । ଏପରି ଦୂରଦୃଷ୍ଟି କେତେ ଜଣଙ୍କର ଅଛି ? ଆମ ସରକାର ଏହି ନୀତିର ଅନୁକରଣ କରିବା ଉଚିତ ।'' ହୋ ହୋ ହୋଇ ହସିଲେ ଅନେକ କ୍ଷଣ ଧରି । କହିଲେ--''ଏପରି ଦିବ୍ୟଦୃଷ୍ଟି ତମର ଅଛି ବୋଲି ତ ଜାଣି ନ ଥିଲି ।''

ସେଠାରୁ ଗଲୁ ଡେହରି-ଅନ୍-ସୋନ ଆଡ଼କୁ ; ଯାଇ ପହଞ୍ଚିଲୁ ଡାଲମିଆ ନଗରରେ । ଶେଠ ରାମକୃଷ୍ଣ ଡାଲମିଆଙ୍କର ପ୍ରତିଷ୍ଠିତ ନଗରୀ ତାଙ୍କ ନାମରେ ନାମିତ । ସେଠାରେ ପୁଞ୍ଜିଭୂତ କାରଖାନାରାଜି,ଚିନିକଳ, ସିମେଣ୍ଟ, କାଗଜ, ବନସ୍ପତି, ରସାୟନ ପଦାର୍ଥ ଇତ୍ୟାଦିର । ହଜାର ହଜାର ଲୋକ କାମ କରି ନିଜର ପରିବାର ପୋଷଣ କରିଥାଆନ୍ତି । ଏହି ଶିଳ୍ପନଗରୀର ପ୍ରତିଷ୍ଠା ପଛରେ ଏକ ମନୋଜ୍ଞ କାହାଣୀ ଅଛି । ତାହା ଆବିଷ୍କାର କରିଥିଲେ ବରଦାଚାରୀ କମିଶନ ; ତାହା ତାଙ୍କର ରିପୋର୍ଟରେ ଲିପିବଦ୍ଧ କରିଯାଇଛନ୍ତି ।

ରାମକୃଷ୍ଣ ଡାଲମିଆ ଜଣେ ଅତି ସାମାନ୍ୟ ହିସାବ ଲେଖକ ଥିଲେ ଗୟାରେ । ସେତେବେଳେ ମାସକୁ ତାଙ୍କୁ ଦରମା ମିଳୁଥିଲା ଅଠର ଟଙ୍କା । ତାଙ୍କର ଜଣେ ଆତ୍ମୀୟ ବମ୍ବେର ବଡ଼ ବ୍ୟବସାୟୀ । ତାଙ୍କୁ ଚିଠିଲେଖି ଜଣାଇଲେ ଯେ ରାମକୃଷ୍ଣ ଯଦି ବମ୍ବେ ଆସନ୍ତି ତେବେ ସେ ତାଙ୍କୁ ନିଜ କାରବାରରେ ନିଯୋଗ କରି ଅନେକ ବେଶୀ ଦରମା ଦେବେ । ଗୟା ଭଳି ଦୁରନ୍ତରେ ପଡ଼ି ରହିଲେ ତାଙ୍କର ଭବିଷ୍ୟତ ଅନ୍ଧକାର । ରାମକୃଷ୍ଣ ଏପରି ସୁବିଧା ହାତଛଡ଼ା ନ କରି ବମ୍ବେ ଗଲେ । ତାଙ୍କୁ କାରବାରରେ ନିଯୁକ୍ତ କରାଗଲା । ବ୍ୟବସାୟୀଙ୍କୁ ବିଶେଷ କାର୍ଯ୍ୟରେ ବମ୍ବେର ବାହାରକୁ ଯିବାକୁ ପଡ଼ିଲା । ସେ ରାମକୃଷ୍ଣଙ୍କୁ କହିଲେ **Singapur Copper** ର ହଜାରେ ଶେଆର କିଣିବାକୁ । ମାତ୍ର ଭୁଲରେ ରାମକୃଷ୍ଣ ଦଶ ହଜାର ଶେଆର କିଣିପକାଇଲେ । ବ୍ୟବସାୟୀ ଫେରିଆସି ଦେଖନ୍ତି ତ ରାମକୃଷ୍ଣ ମାରାତ୍ମକ ଭୁଲ କରି ବସିଛନ୍ତି । ଯଦି ଶେଆର ଦର ପଡ଼ିଯାଏ ତେବେ ସେ ବିଶେଷ କ୍ଷତିଗ୍ରସ୍ତ ହେବେ । ଭାଗ୍ୟକୁ ତା'ପରଦିନ ପ୍ରଥମ ମହାସମର ଆରମ୍ଭ ହେଲା ପୃଥିବୀରେ । **Singapur**

Digitized by srujanika@gmail.com

Copperର ଦାମ ଶହେଗୁଣ ପର୍ଯ୍ୟନ୍ତ ବଢ଼ିଗଲା । ବ୍ୟବସାୟୀ ଆଶାନ୍ୱିତ ହୋଇ ରହିଲେ । ଦେଖିଲେ ଯେ ଦାମ୍ ବଢ଼ି ଚାଲିଛି, ବେଶ୍ କିଛି ଦିନ ପରେ ସବୁ ଶେଆର ବିକ୍ରୀ କରି ଲକ୍ଷ ଲକ୍ଷ ଟଙ୍କା ଲାଭ କଲେ । ରାମ-କୃଷ୍ଣଙ୍କୁ ମଧ୍ୟ ଲାଭାଂଶ ଦେଲେ । କହିଲେ, "ତୁ ଲକ୍ଷ୍ମୀଙ୍କର ବରପୁତ୍ର । ଟଙ୍କା ନେଇ ବ୍ୟବସାୟ କର । ତୋର ଉନ୍ନତି ଅବଶ୍ୟମ୍ଭାବୀ ।" ରାମକୃଷ୍ଣ ଲାଭର ଅଂଶ ନେଇ ଫେରି ଆସିଲେ ଗୟାକୁ । ଭାବିଲେ ପାଖ ଅଞ୍ଚଳରେ କୌଣସି ଶିଳ୍ପ ସ୍ଥାପନ କରିବାକୁ । ବିହାରରେ ଆଖୁଚାଷ ଭଲ ହୁଏ । ତେଣୁ ପ୍ରଥମ ଆରମ୍ଭ କଲେ ଚିନିକଳ । "ଦେହରି ଅନ୍‌ସୋନ" ସହର ପାଖରେ ତାଙ୍କର ଶିଳ୍ପପତ୍ତନ କଲେ ଯାହାର ନାମ ପରେ 'ଡାଲମିଆ ନଗର' ହେଲା । ଦେଖିଲେ ପାଖରେ Rohtas ରେ ଚୂନପଥର ପ୍ରଚୁର ପରିମାଣରେ ଗଚ୍ଛିତ ଅଛି । ସେଥିରୁ ସିମେଣ୍ଟ ତିଆରି ହୋଇପାରେ । ମାତ୍ର ସେଠାରୁ ପଥର ଆସିବ କିପରି ? କୌଣସି ଯୋଗାଯୋଗ ବ୍ୟବସ୍ଥା ତ ନାହିଁ । ତା'ପରେ ତିଆରି କଲେ Dehri—Rohtas Light Railway.

ସିମେଣ୍ଟ ତିଆରିରେ ସଫଳ ହେଲା ରୋହ୍‌ଟାସ ସିମେଣ୍ଟ କାରଖାନା । ସେତେବେଳକୁ ଚିନିକଳ ମଧ୍ୟ ଖୁବ୍ ଭଲ ଚାଲିଥାଏ । ସେ ଦେଖିଲେ ଆଖୁ ପେଡ଼ିବା ପରେ ଯେଉଁ ଛେଦା ବାହାରୁଛି ଚିନିକଳରୁ, ତାର ଉପଯୋଗ କାଗଜକଳରେ ପ୍ରଚୁର ପରିମାଣରେ ହୋଇପାରିବ । ତାପରେ ବସାଇଲେ କାଗଜକଳ "Rohtas Paper" । ସବୁ ପରିପୂରକ ଶିଳ୍ପଗୁଡ଼ିକ ଅତ୍ୟନ୍ତ ଲାଭଜନକ ଭାବରେ ଅଗ୍ରଗତି କଲା । ତା'ପରେ ଅନ୍ୟ ଅନେକ ଶିଳ୍ପର ଜନ୍ମ ହେଲା ଡାଲମିଆ ନଗରରେ । ପ୍ରଚୁର ଅର୍ଥ ଲାଭ କରି ସେ ବିରାଟ ଶିଳ୍ପପତି ହିସାବରେ ପ୍ରତିଷ୍ଠା ଲାଭ କଲେ ସମଗ୍ର ଭାରତ-ବର୍ଷରେ । ଜଣେ ଅଳ୍ପଶିକ୍ଷିତ ଲୋକ ପକ୍ଷରେ ଏପରି ଅଭ୍ୟୁତ୍ଥାନ ଏକ ବିସ୍ମୟକର ଘଟଣା । ଆମେ ବୁଲି ବୁଲି ସବୁ ଶିଳ୍ପ ଦେଖିଲୁ । ଏହି ସୁବୃହତ୍ ଶିଳ୍ପ ପ୍ରୟାସର ଆନ୍ତରିକ ପ୍ରଶଂସା ନ କରି ରହିପାରିଲୁ ନାହିଁ । ଶେଠ ରାମକୃଷ୍ଣ କେବଳ ନିଜେ ଯେ ଲାଭବାନ ହେଉଛନ୍ତି ତାହା ନୁହେଁ, ବହୁ ଲୋକ ଏହି ଶିଳ୍ପଗୁଡ଼ିକରେ ନିଯୁକ୍ତ ହୋଇ ପରିବାର ବର୍ଗଙ୍କର ଭରଣ ପୋଷଣ କରୁଛନ୍ତି । ଏହା କିଛି କମ କଥା ନୁହେଁ । ଆମେ ରୋହ୍‌ଟାସ ଗଡ଼ ମଧ୍ୟ ଦେଖିବାକୁ ଗଲୁ । ସେଠାରେ

Digitized by srujanika@gmail.com

ଶୁଣିଲୁ ଯେ ରୋହ୍ଟାସ "ରୋହିତାଶ୍ୱ" ଶବ୍ଦର ଅପଭ୍ରଂଶ ମାତ୍ର । ରୋହିତାଶ୍ୱ ରାଜା ହରିଶ୍ଚନ୍ଦ୍ରଙ୍କ ପୁତ୍ର ଥିଲେ । ତାଙ୍କର ନିର୍ମିତ ଗଡ଼ର ନାମ "ରୋହ୍ଟାସ ଗଡ଼" । କିଛି କିଛି ଭଗ୍ନାବଶେଷ ଦୃଷ୍ଟିଗୋଚର ହେଲା । ଆମର ଯାତ୍ରା ସଫଳ ହେଲା । ରାମସ୍ୱାମୀ କହିଲେ ଏଥର ପାଟନା ଫେରିଯିବା । ତା'ପରଦିନ ଫେରି ଆସିଲୁ ।

ସେତେବେଳେ ପାଟନାକୁ ଆସିଥାନ୍ତି ଆଉ ଜଣେ ସହକର୍ମୀ ଶ୍ରୀ ଆୟାର । ଡକ୍ଟର ଅମରେଶ ବାଗ୍‌ଚି (ଯେ ବର୍ତ୍ତମାନ Institute of Public Finance ର Director) ସେତେବେଳେ ପାଟନାରେ ଅବସ୍ଥାପିତ ହୋଇଥାଆନ୍ତି । ସେ ଆମ ସମସ୍ତଙ୍କୁ ତାଙ୍କ ଘରେ ଭୋଜି ଦେଲେ । ଦୁଇ ଅତିଥି ଅତି ଆନନ୍ଦରେ ଯୋଗଦେଲେ । ଖିଆପିଆ ସରିଲା ବେଳକୁ ଶ୍ରୀ ବାଗ୍‌ଚି ଅନେକଗୁଡ଼ିଏ ରସଗୋଲା ଆଣି ଥୋଇଲେ । ଶ୍ରୀ ଆୟାର୍ ଆପତ୍ତି କଲେ ଯେ ଆଉ କିଛି ଖାଇବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ । ମୁଁ କହିଲି ଯେ ଆପଣ ତାହାହେଲେ ନେହରୁଙ୍କ ପ୍ରତି ମଧ୍ୟ ଅଶ୍ରଦ୍ଧା ଦେଖାଉଛନ୍ତି । ରାମସ୍ୱାମୀ କହିଲେ—"ଶୁଣ ! ଶୁଣ ! ନେହରୁ ଓ ରସଗୋଲା ବିଷୟରେ କଣ ବକ୍ତବ୍ୟ ଅଛି ?" ମୁଁ କହିଲି—"ଖୁବ୍ ବଡ଼ ଜନତା ଯଦି ନେହରୁଙ୍କୁ ଘେରି ରହେ ତେବେ ମଧ୍ୟ ନେହରୁ ବାହାରକୁ ବାହାରିଲେ ଜନତା ତାଙ୍କୁ ରାସ୍ତା ଛାଡ଼ିଦିଏ । ସେହିପରି ରସଗୋଲାକୁ ଅନ୍ୟ ଖାଦ୍ୟ ବସ୍ତୁ ନିଶ୍ଚୟ ଅଗ୍ରସ୍ଥାନ ଦେବ, ସନ୍ଦେହ ନାହିଁ ।" ସମସ୍ତେ ଏକାସାଙ୍ଗରେ ହସିଉଠିଲେ । ରସଗୋଲାର ପୂର୍ଣ୍ଣ ସଦ୍‌ବ୍ୟବହାର ହେଲା ସେଦିନ ।

ପୁଣି ଆମ ଗପ କଥା ପଡ଼ିଲା । ରାମସ୍ୱାମୀ କହିଲେ ତୁମେ ସିନା ଡାଲମିଆଁର ଔଷଧସେବନର ପୂର୍ବାବସ୍ଥା ଦେଖିଲ । ଔଷଧ ସେବନର ପର ଅବସ୍ଥା କଥା କଣ ଅବହିତ ଅଛ ? ମୋତେ ବିଶେଷ କିଛି ଜଣା ନ ଥିଲା । ସେ କହିଲେ ବିଭବଶାଳୀ ହେବା ପରେ ରାମକୃଷ୍ଣ ତାଙ୍କର ସାମ୍ରାଜ୍ୟର ପ୍ରସାର ବମ୍ବେରେ ମଧ୍ୟ କରିଥିଲେ । ବେନେଟ୍ କୋଲମାନ କମ୍ପାନି ସେତେବେଳେ ଅତି ପ୍ରଭାବଶାଳୀ ଖବରକାଗଜ ସବୁ ଛାପୁଥାଏ । ସେ 'କାଗଜ'ର ଗୃହ୍ଟିହିଁ ପୂର୍ବ ଭାରତବର୍ଷରେ ବ୍ୟାପ୍ତ ହୋଇଥିଲା । ଟାଇମ୍‌ସ ଅଫ୍ ଇଣ୍ଡିଆ, ଧର୍ମଯୁଗ, ଇଲ୍‌ଷ୍ଟ୍ରେଟେଡ୍

Digitized by srujanika@gmail.com

ଉତ୍କଳ ପ୍ରଭୃତି ବହୁତ ପତ୍ରିକା ଛପା ହେଉଥିଲା । ସେତେବେଳେ ଏତେ ପ୍ରତିଯୋଗିତା ନ ଥିଲା । ଉତ୍ତର ଓ ପଶ୍ଚିମ ଭାରତରେ ପ୍ରାୟ ଏକଚାଟିଆ ବାଣିଜ୍ୟ ; ଅନ୍ୟ ଅଂଶରେ ମଧ୍ୟ କାହାଠାରୁ କମ୍ ନାହିଁ । ରାମକୃଷ୍ଣ ଅତି ସନ୍ତର୍ପଣରେ ସୂକ୍ଷ୍ମ କୌଶଳ କରି "ବେନେଟ୍ କୋଲମାନ"କୁ ତାଙ୍କର ହସ୍ତଗତ କଲେ । ମାତ୍ର ୭୭୦୦ ଶେୟାର୍ ନିଜର ହସ୍ତମୁଷ୍ଟିରେ ଆବଦ୍ଧ । ବାର୍ଷିକ ଆୟ ୫୪ ଲକ୍ଷ ଟଙ୍କା ପ୍ରାପ୍ତ । ଅର୍ଥକୁ ଅର୍ଥ ଟାଣେ । ଦେଖୁ ଦେଖୁ ଶୀର୍ଷସ୍ଥାନକୁ ଚାଲିଗଲେ ଶିଳ୍ପପତି ହିସାବରେ । ତାପରେ ଗର୍ବରେ ଉତ୍ଫୁଲ୍ଲ, ଧରାକୁ ସରା ଜ୍ଞାନ କଲେ । ସମସ୍ତଙ୍କୁ ବେଖାତିର । ହାତରେ ତ ଚତୁର୍ଥସ୍ତମ୍ଭ ବିଦ୍ୟମାନ (ପତ୍ରିକା-ଶକ୍ତି) । ତେଣୁ ସମସ୍ତଙ୍କୁ ହେୟ ଜ୍ଞାନ । ତାଙ୍କ ପତ୍ରିକାରେ ନାନାରକମର ମନ୍ତବ୍ୟ ପ୍ରକାଶ କରିବାକୁ ଲାଗିଲେ । ସରକାରଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କଲେ ଗୋହତ୍ୟାକୁ ନେଇ । ଗୋହତ୍ୟା ବିରୁଦ୍ଧରେ ଆନ୍ଦୋଳନକୁ ମଧ୍ୟ ଉସୁକାଇଲେ । ନାନା ଗୋଳମାଳ ହେଲା ଦେଶରେ । ଏତିକିବେଳେ ସରକାରୀ କଳର ହାକିମମାନେ ତାଙ୍କ ଉପରେ ଖପା ହୋଇଗଲେଣି । ତାଙ୍କୁ ପାନେ ଦେବାକୁହିଁ ପଡ଼ିବ । ଅଣ୍ଟାଭିଡ଼ି ଲାଗି ଗଲେ ତା'ପଛରେ । କାଗଜପତ୍ର ସବୁ ତନଖିକରି ଦେଖିଲେ । କେଉଁଠି ନା କେଉଁଠି ନିଶ୍ଚୟ ଭୁଲଭଟକା ହୋଇଥିବ । ଏପଟେ ଶିଳ୍ପପତି-ମାନଙ୍କର ଅର୍ଥ ଥିଲେ ମଧ୍ୟ ଉଚ୍ଚବର୍ତ୍ତୀପ୍ସୁ ଅନୁଷ୍ଠାନମାନଙ୍କରେ ବେଳେ-ବେଳେ କୋଟି କୋଟି ଟଙ୍କାର ଆବଶ୍ୟକତା ହଠାତ୍ ହଠାତ୍ ଉତ୍ପନ୍ନ ହୋଇଥାଏ । ସେମାନେ ଯା' ବୁଜୁଳା ତାହା ମୁଣ୍ଡରେ ଦେଇ ଗୋଟିଏ କମ୍ପାନୀର ଟଙ୍କା ଅନ୍ୟ କମ୍ପାନୀର ସଙ୍କଟକ୍ଷଣରେ ବିନିଯୋଗ କରନ୍ତି ଅନ୍ୟାୟ ଭାବରେ । ସେହିପରି ଗୋଟିଏ ଜାଲିଆତି ଧରା ପଡ଼ିଗଲା ଭାରତ ଇନସ୍ୟୁରାନ୍ସ କମ୍ପାନୀରେ । ଆଉ ଯିବେ କୁଆଡ଼େ ? ଅଠାକାଠିଆରେ ପଡ଼ିଗଲେ । କେସ୍ ଚାଲିଲା । ଅନେକ ପଇସା ଖର୍ଚ୍ଚ କରି ମଧ୍ୟ ରକ୍ଷା ପାଇ ପାରିଲେ ନାହିଁ । ତାଙ୍କର ଜେଲ ହୋଇଗଲା । ତାଙ୍କର ବିତ୍ତ-ସାମ୍ରାଜ୍ୟର ପତନ ହେଲା । ତାଙ୍କ ଝିଅ ଜୋଇଁ ରମା ଓ ଶାନ୍ତି ପ୍ରସାଦ ଜୈନ କିଛିଟା ଅଂଶ ପାଇ ନିଜ ନିଜର ସ୍ୱାର୍ଥ ରକ୍ଷା କଲେ । ବାକିସବୁ ତଳେଇ ଗଲା । ଶେଷରେ ଅତି ନୈରାଶ୍ୟ ଓ ଦୁଃଖରେ ଜେଲରେ ଥାଇ, ରାମକୃଷ୍ଣ ଡାଲମିଆ ଗୋଟିଏ ବହି

Digitized by srujanika@gmail.com

ଲେଖିଥିଲେ—"ସୁଖର ବାଟ" ବୋଲି । ବୁଝିଗଲେ ଅର୍ଥ କେବଳ ଅନର୍ଥହିଁ ଆଣେ । ଶଙ୍କରାଚାର୍ଯ୍ୟଙ୍କର ବଚନ ଶିରୋଧାର୍ଯ୍ୟ ।

ଗ୍ରାମସ୍ୱାମୀ ବିଦାୟ ନେଲାବେଳେ କହିଲେ ତୁମ୍ଭେ ନିଶ୍ଚୟ ହାଲ୍ଟୀ ଆସିବ । ମୁଁ ତୁମ୍ଭଙ୍କୁ ହାଲ୍ଟୀ ବୁଲେଇ ଦେଖେଇବି । ଏଠାର ଗସ୍ତ ବଡ଼ ଭଲ ହେଲା । ଆନନ୍ଦ ଲୋକ । କୌଣସି ଗର୍ବଭାବ ନାହିଁ । କୌଣସି ଜଡ଼ତା ନାହିଁ । ହସଖୁସିରେ କେଇଟା ଦିନ କଟିଗଲା । ସେ ଚାଲିଯିବା ପରେ ବଡ଼ ଖାଲି ଖାଲି ଲାଗିଲା । ସମୟ କାହାକୁ ଅପେକ୍ଷା କରେ ନାହିଁ । ପୁଣି କର୍ମବ୍ୟସ୍ତ ହୋଇପଡ଼ିଲି ।

ଅନ୍ୟ ସହକର୍ମୀମାନେ କହିଲେ ଚାଲ ଗୋଟିଏ ଭୋଜି ଭାତ କରିବା । ଜ୍ୟୋତିର୍ମୟବାବୁ, ନିର୍ମଳବାବୁ ଓ ଗୁରୁଦାସ ବାବୁ ଏମାନେ ସବୁ ଏକମତ ହେଲେ । ପରିବାରବର୍ଗଙ୍କୁ ନେଇ ଆମ୍ଭେମାନେ "ମନେର" ଗଲୁ । ସେଠାରେ ଗୋଟିଏ ବିରାଟ ପୁଷ୍କରିଣୀ ଅଛି । ଅତି ମନୋରମ ପରିବେଶ । ସେଠାର 'ଲଡ଼ୁ' ବିହାର ପ୍ରସିଦ୍ଧ । ଖାଇ ଖୁବ୍ ତୃପ୍ତି ହେଲା । ମନେର ବୁଲିବା ପରେ "ବିହାଟା ଚନକଳ" ଦେଖିବାକୁ ଗଲୁ । ସେଠାରେ ଅତିଥି ନିବାସରେ ରହିବାର ଖୁବ୍ ସୁବିଧା ଅଛି । ଛୁଟିଦିନ କଳ ବନ୍ଦ । ବୁଲିବାର ପ୍ରଶସ୍ତ ସ୍ଥାନ ମଧ୍ୟ ଅଛି । ପିଲାମାନେ ଘରିଆଡ଼େ ଡିଆଁ ଡେଇଁ କରିବାକୁ ଲାଗିଲେ । ଖୋଲା ମେଲା ଜାଗାରେ ବଲ୍ ନେଇ ଖେଳିଲେ । ଫ୍ଲେଟ ଘରରୁ ହିନକପାଇଁ ମୁକ୍ତି ପାଇ ସେମାନଙ୍କର ଖୁବ୍ ଆନନ୍ଦ ହେଲା । ସେଠାରେ ଭୋଜିଭାତ ମଧ୍ୟ ଅତ୍ୟନ୍ତ ଉପାଦେୟ ମନେ ହେଲା । ଗାଡ଼ି କରି ସନ୍ଧ୍ୟାବେଳକୁ ପାଟଣା ଫେରିଆସିଲୁ । ବିହାରର ଗ୍ରାମ୍ୟଶ୍ରୀ ଓ ଶ୍ୟାମଳିମା ନୟନାଭି-ରାମ । ସେଠାରେ ସବୁଜ ପ୍ରକୃତିର ଅସରନ୍ତି ସମ୍ଭାର ରହିଛି । ବିଷମୟ ସଭ୍ୟତାର ଆକ୍ରମଣରେ ଏକାବେଳେକେ ନଷ୍ଟ ହୋଇଯାଇ ନାହିଁ ।

ସନ୍ଧ୍ୟାବେଳକୁ ଆମ ଅଫିସକ୍ଲବ ପକ୍ଷରୁ ବ୍ୟାଡ଼ମିଣ୍ଟନ ଖେଳର ବ୍ୟବସ୍ଥା କରାଯାଇଥାଏ । ସବୁ କର୍ମଚାରୀ ଉଣା ଅଧିକେ ଖେଳନ୍ତି । କଲିକତାରେ ମୋର ଖେଳର ସୁଯୋଗ ନ ଥିଲା । ଏଠାରେ ବ୍ୟବସ୍ଥା

Digitized by srujanika@gmail.com

ଅଛୁ ଦେଖି ମୁଁ ଖୁବ୍ ଉତ୍ସାହିତ ହେଲି । ହରିଶ୍ଚନ୍ଦ୍ର ଝା ଭଲ ଖେଳନ୍ତି । କିନ୍ତୁ ବୟସ୍କ ଊର୍ଦ୍ଧ୍ୱତନ କର୍ମଚାରୀ ଗୁରୁଦାସବାବୁଙ୍କର ଅନେକ ଉତ୍ସାହ ଉଦ୍ଦୀପନା ଥିଲେ ମଧ୍ୟ ଶାରୀରିକ ଜଡ଼ତା ଯୋଗୁ ପଛେଇ ପଡ଼ନ୍ତି । ଆମ ସାଙ୍ଗରେ ସମକକ୍ଷ ହୋଇପାରନ୍ତି ନାହିଁ । ଅତି ଉତ୍ସାହିତ ହୋଇ ମୁଁ ଜୋର ଜୋର ବଲ୍ ମାଡ଼ ବସେଇଦିଏ । ସମସ୍ତଙ୍କ ସମକ୍ଷରେ ସେ ଅସ୍ଥିର ଓ ବିବ୍ରତ ହୋଇପଡ଼ନ୍ତି । ଖେଳ ଶେଷରେ ଦିନେ ହରିଶ୍ଚନ୍ଦ୍ର ଝା କହିଲେ—"ସାର୍, ଆପଣ କରୁଛନ୍ତି କଅଣ ? ଆପଣଙ୍କ ଗୋପନ ଚରିତ୍ରଲେଖା କଥା କଣ କେବେହେଲେ ମନକୁ ଆସୁନାହିଁ ! ଊର୍ଦ୍ଧ୍ୱତନ ଅଫିସରଙ୍କୁ ସର୍ବସମକ୍ଷରେ ହେୟ ପ୍ରତିପନ୍ନ କରୁଛନ୍ତି । ଆପଣଙ୍କ ହାତରେ ବ୍ୟାଟ୍ ଥାଇପାରେ । ମାତ୍ର ତାଙ୍କ କଲମମୂନ କ୍ଷୁରଧାର ବିଶିଷ୍ଟ । ଆପଣଙ୍କ ହୃଦୟ ଭେଦ ମଧ୍ୟ କରି ଦେଇପାରେ । ମନେ ରଖିବେ ସବୁବେଳେ ଗରିବର ଏହି କଥା ପଦକ ।" ଭାବିଲି, କାମ ସହିତ ଖେଳର ସମ୍ବନ୍ଧ କଣ ? ଖେଳାଳିମାନଙ୍କର ମନ ତ ସବୁବେଳେ ସ୍ପିରିଟ ଚିନ୍ତାକରେ । ଏ ପୁଣି କଣ ଶୁଣୁଛି ? ପରେ ଚିନ୍ତା କଲି, ଏହା ତ ଉନ୍ମୁକ୍ତ ପ୍ରାନ୍ତରର କ୍ରୀଡ଼ା ନୁହେଁ । ଏହା ଏକ କ୍ଷୁଦ୍ର ଗଣ୍ଡିରେ ଆବଦ୍ଧ ଖେଳ । ଝାଙ୍କ କଥାରେ କିଛି ସତ୍ୟତା ଥାଇ ପାରେ । ତାଛଡ଼ା ଜୋର ଜୋର ଖେଳିଲେ ତ ମୋତେ କିଛି ମେଡ଼େଲ ମିଳିବ ନାହିଁ । ଟିକିଏ ଶାରୀରିକ ପରିଶ୍ରମ ମାତ୍ର । ସେଥିରେ ଏତେ ଉତ୍ତାଟ ନ ହେଲେ ଭଲ । ଝାଙ୍କ କଥା ମାନି ମୋର ଖେଳକୁ ସୀମିତ କରିଦେଲି । ବେଳେବେଳେ ଅପର ପକ୍ଷକୁ ଟିକିଏ ସୁବିଧା ମଧ୍ୟ ଦେଲି । ଦେଖିଲି ଗୁରୁଦାସ ବାବୁ ଜିତିଲେ । ଅତ୍ୟନ୍ତ ଖୁସି ହେଲେ । ବୁଝିଲି ଝାଙ୍କର ଅଭିଜ୍ଞତା ଅଭିନନ୍ଦନୀୟ, ସନ୍ଦେହ ନାହିଁ । ପରଦିନ କାମରେ ବିଳମ୍ବ ହେଲା । ସନ୍ଧ୍ୟା ହୋଇଗଲା କାମ ଚାଲିଛି । ଦେଖିଲି ଗୁରୁଦାସବାବୁ ମୋ ଅଫିସ ଘରେ ଆସି ହାଜର । କହିଲେ—"All work and no play makes Jack a dull boy. Why should you be a dull boy ?" ଆରେ ଔଷଧ ତ ଖୁବ୍ କାମ୍ କରୁଛି । ଧନ୍ୟ ଝାଜୀଙ୍କ ପରାମର୍ଶ । ପ୍ରକୃତରେ ବହୁଦର୍ଶୀ ବୁଦ୍ଧି ପାଖରେ ନିଜର ପରାଜୟ ସ୍ୱୀକାର କରି ଆନନ୍ଦିତ ହେଲି ।

Digitized by srujanika@gmail.com

ବହାରରେ ଅବସ୍ଥାନ କାଳରେ ମୋର ଅନେକ ବୈଷୟିକ ଶିକ୍ଷାର ସୁଯୋଗ ହୋଇଥିଲା । କୌଣସି କାମ ଯଦି ନ ହୋଇଥାଏ ତାହା ସ୍ପଷ୍ଟଭାବରେ ପ୍ରକାଶ କରିବାର ଦରକାର ନାହିଁ । ଇଂରାଜୀରେ ଯାହାକୁ "present participle" କହନ୍ତି ; ସେପରି ଆଳଙ୍କାରିକ ଉତ୍ତର ଦେବା ଉଚିତ ବୋଲି ସେଠାର ଲୋକେ ମନେକରନ୍ତି । ଯଥା—"ଉପରବାଲା ପାଖକୁ ଆମର ଉତ୍ତର ଗଲାଣି କି ନାହିଁ ?" ମୁଁ ପଚାରିଲି । ମୋର ଅଫିସର ଜଣେ କର୍ମୀ ଉତ୍ତର ଦେଲେ—"ଯା ରହା ହୈ ସାହାବ ।" ଉତ୍ତର ନ ଗଲେ କଣ ହେଲା, ଯିବା ଅବସ୍ଥାରେ ଅଛି । ତେଣୁ ମୋର ଆପତ୍ତିର କାରଣ କଣ ହୋଇପାରେ ? ପୁଣି ପଚାରିଲି ହିସାବ ସମ୍ପୂର୍ଣ୍ଣ ହେଲା ? ସେଇ ଉତ୍ତର "ହୋରହା ହୈ ।" ମୁଁ ତ ଚୁପ୍ । କାମ ତ ହେଉଅଛି । କେହି ବସି ନାହାନ୍ତି । ଭଲ କଥାଟିଏ ଶିକ୍ଷା କରିଗଲି । ଜୀବନରେ କେବେହେଲେ ଶିକ୍ଷା ଶେଷ ହୁଏ ନାହିଁ । ପ୍ରତିଦିନ ସମସ୍ତେ କିଛି ନା କିଛି ଜୀବନର ଅଭିଜ୍ଞତାରୁ ଶିଖୁଛନ୍ତି । ଏହି ସତ୍ୟ ଟିକିକ ମୋର ସେଠାରେ ଅବସ୍ଥାନ କାଳରେ ହୃଦ୍‌ବୋଧ ହେଲା । ଶିକ୍ଷା ଅନନ୍ତ, ଶିକ୍ଷା ଅସୀମ ।

ସହକର୍ମୀମାନେ ସହନଶୀଳ, ସହାନୁଭୂତିପୂର୍ଣ୍ଣ, ସାହାଯ୍ୟକାଂକ୍ଷୀ ଓ ବିନୟୀ । ସେଠାରେ କାମରେ ସଂଘର୍ଷ ବା ସଂଘାତର ପରିବେଶ ନାହିଁ । ସହଯୋଗୀ ମନୋବୃତ୍ତି ସର୍ବଥା ଓ ସର୍ବଦା ଲକ୍ଷ୍ୟଣୀୟ । ସେଠାରେ କାମ କରିବାର ସ୍ପୃହା ଅନେକ ବଢ଼ିଗଲା । ଜୀବନ ଯୁଦ୍ଧର ତିକ୍ତତା ନାହିଁ, ନାହିଁ ପ୍ରବଳ ଜନସ୍ରୋତର ଉଷ୍ମତା ଓ ଗତିବେଗ ଜନିତ କ୍ଳାନ୍ତି । ଶାନ୍ତ ସୁନ୍ଦର ପରିବେଶରେ ଦିନଗୁଡ଼ିକ ବେଶ୍ ଉପଭୋଗ ହୋଇଥିଲା ମୋ ପାଇଁ ।

ରବିବାରଦିନ ସକାଳେ ଘରେ ଆସି ପହଞ୍ଚିଲେ ପାଟନାର ବିଖ୍ୟାତ ଓକିଲ ଶ୍ରୀ ସୁଶିଲ ଝା, ଲକ୍ଷ୍ମୀକାନ୍ତ ଝା ଙ୍କ ପୁତ୍ର (ବର୍ତ୍ତମାନ ପାଟନା ହାଇକୋର୍ଟର ପ୍ରଧାନ ବିଚାରପତି) । କହିଲେ, ଆଜି Elphinstone Cinema Hall ରେ ଗୋଟିଏ ଇଂରାଜୀ ଛବି ଆସିଛି "Longest Day" । ଦେଖିବାକୁ ଯିବେ କି ? ହରିଶ୍ଚନ୍ଦ୍ର ଝା ତାଙ୍କ ସହିତ ଆସିଛନ୍ତି । ସେ ଶୁଶୀଲଙ୍କର ସମ୍ପର୍କରେ ଭଣେଇ ହୁଅନ୍ତି ।

Digitized by srujanika@gmail.com

ସାଙ୍ଗେ ସାଙ୍ଗେ ବାହାରିଲି ଦେଖିବାକୁ । ଦ୍ଵିତୀୟ ମହାଯୁଦ୍ଧ ଉପରେ ନିର୍ମିତ ପ୍ରାମାଣିକ ଚିତ୍ର "ଲଙ୍ଗେଷ୍ଟ ଡେ" ବହୁପୁରସ୍କାର ପ୍ରାପ୍ତ । ତଥ୍ୟପୂର୍ଣ୍ଣ ଚିତ୍ରଟି ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିଲା । ମଝିରେ ମଝିରେ ଆମେମାନେ ଏପରି ସିନେମା ଦେଖିବାକୁ ଯାଉଥିଲୁ କେବଳ ଇଂରେଜୀ ଛବି ଆସିଲେ । ଶ୍ରୀ ଶୁଶୀଲ ଝା ତାଙ୍କ ନାମକୁ ସାର୍ଥକ କରିଛନ୍ତି । ଅତ୍ୟନ୍ତ ସଜ୍ଜନ ଓ ବିନମ୍ର । ଏତେ ବଡ଼ ଲୋକର ପୁଅ ହେଲେ ମଧ୍ୟ ତାଙ୍କ ବ୍ୟବହାରରେ କେବେହେଲେ ଗର୍ବଭାବ ଦେଖିନାହିଁ । ତାଙ୍କ ସଂସର୍ଗରେ ଆସି ବହୁ ଉନ୍ନତ ଭାବମୂଳକ ଆଲୋଚନାର ସୁଯୋଗ ପାଇଥିଲି । ଗଉଡ଼ଉଳକାରୁ ମଧ୍ୟ ସାହା ମିଳିଥିଲା । ସେଥିପାଇଁ ତାଙ୍କୁ ମନେ ରଖିଛି ।

ଆଉ ଜଣେ କର୍ମଗୃସ୍ଥଙ୍କୁ ମନେଅଛି । ତାଙ୍କ ନାମ ପଶୁପତି ନାଥ । ଝାଜୀ ତାଙ୍କୁ "ପଶୁବାବୁ" ବୋଲି ଡାକନ୍ତି । ମୁଁ ଆପତ୍ତି କଲି ଏପରି ନାମକରଣ ବିରୁଦ୍ଧରେ । ସେ କହିଲେ ପଶୁବାବୁଙ୍କୁ ଏହି ଡାକ ଖୁବ ପସନ୍ଦ । ସେ କେବେହେଲେ ଆପତ୍ତି କରନ୍ତି ନାହିଁ । ପଶୁପତି-ନାଥ ଖାଲି ସ୍ମିତହାସ୍ୟ କରନ୍ତି । ତାଙ୍କର ମୁଖମଣ୍ଡଳ ବୁଦ୍ଧିଦୀପ୍ତ । ଲୋକଚରିତର କଳନା ତାଙ୍କର ଗୋଟିଏ ବିଶିଷ୍ଟ ଗୁଣ । ଜ୍ୟୋତି-ର୍ବିଦ୍ୟାରେ ପ୍ରବୀଣ । ଅନେକ ସୁନ୍ଦର ଗ୍ରୁପରେ ଛଆରି କାଗଜରେ କୋଷ୍ଠୀବିଚାର କରି ତାଙ୍କର ମତ ସ୍ପଷ୍ଟଭାବରେ ବ୍ୟକ୍ତ କରି ପଠାନ୍ତି । ତାଙ୍କର ଅକ୍ଷରଗୁଡ଼ିକ ମୁକ୍ତାପରି । ପଚାରିଲି—"ଆପଣଙ୍କ ଜ୍ୟୋତିଷୀ-ବିଦ୍ୟାର ଶିକାର କେଉଁ ଧରଣର ଲୋକ ?" କହିଲେ—"ଅତି ଉନ୍ନତ ଧରଣର । ଯଥା: ବିହାରର ଚିଫ ସେକ୍ରେଟାରୀ, M.S. Rao ICS. ତାଙ୍କୁ ବାହାବା ଦେଲି । ତାହାହେଲେ ଆମ କୋଷ୍ଠୀର ବିଚାର ମଧ୍ୟ ହେଉ । କହିଲେ—"ଆପଣ କାହିଁକି ସେ ସବୁ ଭିତରେ ପଡ଼ିବେ ।" ବୁଝିଗଲି, ତାଙ୍କର ବ୍ୟବସାୟଗତ ଧନ୍ଦା ମଧ୍ୟକୁ ମୋତେ ଟାଣିବାକୁ ନାରାଜ । ତାଙ୍କର ବହୁ ଉଚ୍ଚପଦସ୍ଥ ଲୋକଙ୍କ ସହିତ ପରିଚୟ ଥିଲା । ସେ ବ୍ରୁକଶ ଗ୍ରୁଣ୍ଡ ଟାଟା କମ୍ପାନୀର ବଡ଼ ପୋଷ୍ଟ ନେଇ ଚାଲିଗଲେ । ଏକଥା ପରେ ଜାଣିପାରି ଖୁବ୍ ଖୁସି ହୋଇଥିଲି ।

ଅନେକ ଦିନ ପରେ, ହରିଶ୍ଚନ୍ଦ୍ର ଝା ଭୁବନେଶ୍ଵରରେ ଅବସ୍ଥାପିତ ହୋଇଥିଲେ । ସେଠାରୁ ବଦଳି ହୋଇ ଉତ୍ତର ବିହାର ଗଲେ ।

Digitized by srujanika@gmail.com

ସେତେବେଳେ ତାଙ୍କର ଅକାଳ ବିୟୋଗ ହେଲା । ବହୁ ଦିନ ପରେ ଏ ଖବର ପାଇ ମୁଁ ମର୍ମାହତ ହୋଇଥିଲି । ପାଟଣା ରହଣି କାଳରେ ତାଙ୍କର ସାହଚର୍ଯ୍ୟ ମୋତେ ଅନେକ ଆନନ୍ଦ ଦେଇଥିଲା । ତାଙ୍କର ସୁପରାମର୍ଶରେ ସେଠାର କର୍ମଜୀବନ ମଧ୍ୟ ନିରାପଦରେ କଟିଯାଇଥିଲା । ସବୁ ଝାମେଲା ସେ ନିଜେ ବହନ କରି ମୋତେ ମୁକ୍ତ ରଖୁଥିଲେ ।

"ଆପଣଙ୍କ ବିରୁଦ୍ଧରେ ମୋର ଅଭିଯୋଗ ଅଛି" କହିଲେ ଜଣେ ଖାସ ବିଲାତି ରେଜିଷ୍ଟାର୍ଡ଼ ଆକାଉଣ୍ଟାଣ୍ଟ । ତାଙ୍କର କାଗଜପତ୍ର ନେଇ ନିଜର ଉଡ଼ାଜାହାଜରେ ଯାମସେଦପୁରରୁ ପାଟନା ଆସିଛନ୍ତି । ତାଙ୍କୁ ଦେଖି ତ ମୁଁ ଏକାବେଳେକେ ଆଶ୍ଚର୍ଯ୍ୟ । ଜଣା ନାହିଁ ଶୁଣା ନାହିଁ, ଦେଖା ମଧ୍ୟ ନାହିଁ, ମୋ ବିରୁଦ୍ଧରେ କମ୍ପଲେନ୍ କରୁଛନ୍ତି । ପଚାରିଲି—"ଆପଣଙ୍କର ଅଭିଯୋଗର କାରଣ କଣ ?" "କାରଣ ଯାହା ସବୁବେଳେ ହୋଇଥାଏ । ହଇରାଣ କରିବା ବିରୁଦ୍ଧରେ । ଆମ୍ଭେମାନେ ଅନେକ ଦିନ ହେଲା ରିଟର୍ଣ୍ଣ ଦେଲୁଣି । ମାତ୍ର ଆପଣମାନେ କରଧାର୍ଯ୍ୟ କରୁନାହାନ୍ତି କାହିଁକି ? ମୁଁ ହେକେଟ୍ ଇଞ୍ଜିନିଅରିଂ କଥା କହୁଛି ।" ବୁଝିଲି Hecket Engineering Corporation ଗୋଟିଏ ଅତି ବିଖ୍ୟାତ ଅନୁଷ୍ଠାନ । ଏହା ଟାଟା କମ୍ପାନି ଯେଉଁ ମିଶ୍ରଧାତୁ ପଦାକୁ ପକାଇଦିଏ ସେଥିରୁ ଲୁହା ବାହାର କରିବା ପରେ, ସେଗୁଡ଼ିକ ନେଇ ନୂତନ ପଦ୍ଧତିରେ ଶୋଧନ କରି ସେଥିରୁ ପୁଣି ଲୁହା ବାହାର କରନ୍ତି । ଏହା ଗୋଟିଏ ଅତି ଦୁରୂହ ପଦ୍ଧତି । ପୃଥିବୀର ମାତ୍ର ଦୁଇଟି ଦେଶକୁ ଜଣା—ଆମେରିକା ଓ ରୁଷିଆ । ଆମେରିକାର କମ୍ପାନିର ନାମ Horsco Corporation । ତାହାରି ଦେଶୀୟ ସଂସ୍କରଣ ହେଉଛି Hecket । ସେମାନେ ୮୮% ଲଭ୍ୟାଂଶ ଦେଖାଇଛନ୍ତି । ମାତ୍ର ମୋର ପୂର୍ବସୂରୀମାନେ କାମଟି ଛାଡ଼ିଦେଇ ଯାଇଛନ୍ତି ଉତ୍ତରସୂରୀଙ୍କ ପାଇଁ । କାରଣ ସେମାନେ ଅନୁଭବ କରିଛନ୍ତି ଯେ ବୀରତ୍ୱ ଅପେକ୍ଷା ଶୁଭବୁଦ୍ଧି ଶ୍ରେୟସ୍କର । ଆଗର ରିଟର୍ଣ୍ଣଗୁଡ଼ିକରେ କ୍ଷୟକ୍ଷତିର ଆକାର ବିଶାଳ । କ୍ଷତିକୁ କେହି କେବେହେଁ ବିଶ୍ୱାସ କରିବ କାହିଁକି । ବିଶ୍ୱାସ କଲେ ପଛରେ ଅଡୁଟ୍ ଲାଗିବ । ଗୃହକର ନେଇ ଟଣା ଓଟରା । ଯଃ ପଳାୟତି ସଃ ଜୀବତି । ମୁଁ ଆଗରୁ ବିଷୟଟି ଅନୁଧ୍ୟାନ କରି ରଖିଥିଲି । ତେଣୁ କହିଲି—"ଆଗେ ଆଗେ ଆପଣଙ୍କର କ୍ଷତି ହୋଇଥିଲା । ବର୍ତ୍ତମାନ

Digitized by srujanika@gmail.com

ତ ବିପୁଳ ଲାଭ ? ଟିକସ ଦେଉନାହାନ୍ତି କାହିଁକି ? ଆପତ୍ତି କେଉଁଠି ?" ସେ କହିଲେ—"ଛଅବର୍ଷର କରଧାର୍ଯ୍ୟ ନ ହେଲେ ଗୋଟିଏ ପଇସା ପାଇବାର ହକଦାର ନୁହନ୍ତି ଆପଣ ।" ଆଇନସିଦ୍ଧ ଉକ୍ତି ଯଥାର୍ଥତାପୂର୍ଣ୍ଣ । ମାନିଲି । କହିଲି—"ଠିକ ଅଛି । ଆପଣ ଯେଉଁ କ୍ଷତି ଦେଖାଇଛନ୍ତି ତାର ପୂର୍ଣ୍ଣ ଯାଞ୍ଚ କରିବାପାଇଁ ମୋତେ ଯାମସେଦପୁର ଯିବାକୁ ପଡ଼ିବ । ଆପଣଙ୍କର ଫାକ୍ଟ୍ରି ଦେଖିବାକୁ ହେବ । ଖାଲି ଖାତାପତ୍ର ଦେଖିଲେ ଚଳିବ ନାହିଁ । କାରଣ ଏହା ଏକ ନୂଆଧରଣର ବ୍ୟବସାୟ । ଭଲକରି ନ ଦେଖି ଆପଣଙ୍କର କଥା ମୁଁ ବିଶ୍ୱାସ କରିବି କିପରି ?" ଯୁକ୍ତିଗତ ଭାବରେ ସେ ରାଜି ହେଲେ । ସବୁ ଦେଖାଇବେ । ମୁଁ କହିଲି ସବୁ ଠିକ ଥିଲେ ଆପଣ ସାଙ୍ଗେ ସାଙ୍ଗେ ଅର୍ଡ଼ର ପାଇଯିବେ । ମାତ୍ର ଟିକସ ଭରଣା କରିବାକୁ ହେବ ଅଗ୍ରିମ ଭାବରେ ମୀତି ଅନୁସାରେ । ସେ ମଧ୍ୟ ସେଥିରେ ହଁ ଭରିଲେ । ଇଆଡ଼େ ସେ ବର୍ଷ ବିହାର ଓଡ଼ିଶାର ବଜେଟ ଅଟକଳରୁ ନ୍ୟୂନ ଭାବରେ ଆଦାୟ ଚାଲିଥାଏ । ଭାବିଲି ଯଦି ୪୭ ଲକ୍ଷ ଟଙ୍କା ମିଳେ ଏହି କମ୍ପାନିରୁ ତାହାହେଲେ ଭରଣା ହୋଇଯିବ ନିଶ୍ଚୟ । ଯାମସେଦପୁର ଯାଇ ତାଙ୍କର କମ୍ପାନିର କାଗଜପତ୍ର ଯାଞ୍ଚ କଲି । ସେମାନେ ଅତି ସିଧା ଲୋକ । ଏତେ ଲାଭ କୌଣସି ଭାରତୀୟ କମ୍ପାନି ଦେଖାଇ ନ ଥାନ୍ତି । ତାଙ୍କର ରିଟର୍ଣ୍ଣ ଗ୍ରହଣ କରି ନେଲି । ସେ ସାଙ୍ଗେ ସାଙ୍ଗେ ଅଗ୍ରିମ ଟିକସ ଭରିଦେଲେ ୪୭ ଲକ୍ଷ ଟଙ୍କା । ଆମ ବିଭାଗ ଆନନ୍ଦରେ ଅଧୀର ।

ଦେଖିଲି ସେମାନଙ୍କର ସିଧାସଳଖ ବ୍ୟବହାର । କଥାର ଖିଲାଫ କରନ୍ତି ନାହିଁ । ବିଶ୍ୱାସର ଜବାବ ବିଶ୍ୱାସରେ ଦିଅନ୍ତି । କଥାର ମୂଲ୍ୟ ଆଜକାଲି କେତେଜଣଙ୍କର ଅଛି ! ଆମେ ଯେପରି ଛଅବର୍ଷକାଳ ସେମାନଙ୍କୁ ହଇରାଣ କରିଥିଲୁ ସେମାନେ ମଧ୍ୟ ତାର ପ୍ରତିଶୋଧ ନେଇପାରିଥାଆନ୍ତେ, ମାତ୍ର ବ୍ୟବସାୟରେ ସଚ୍ଚୋଟତା ସେମାନଙ୍କର ଉନ୍ନତିର ମୂଳଧନ । ଆଜି ଆମ ଦେଶର ଅବସ୍ଥା ତ ସମସ୍ତେ ଆଖିରେ ଦେଖୁଛନ୍ତି । କଳାଟଙ୍କା ଦେଶରେ କେତେ ଅଛି— କେହି କହନ୍ତି ୫୦୦୦ କୋଟି, କେହି କହନ୍ତି ପ୍ରତିବର୍ଷ ଚାଳିଶହଜାର କୋଟି କରି ଟଙ୍କା କଳା ହେଉଛି । ସେଥିପ୍ରତି ବ୍ୟବସାୟୀମାନଙ୍କର ଭ୍ରୂକ୍ଷେପ ନାହିଁ । ଦେଶ ଯାହାକୁମନେ ଯାଉ, ଆମେ ସୁଖରେ ରହିଲେ

Digitized by srujanika@gmail.com

ହେଲ । ବୃଷ୍ଟି ନାହାନ୍ତି ଡଙ୍ଗା ବୁଡ଼ିଲେ ସମସ୍ତେ ପାଣିରେ ପଡ଼ିବେ, କଳାଧଳାସହ ବୁଡ଼ିବେ । କାହାରି ପଥ ରହିବ ନାହିଁ ।

ରାମସ୍ୱାମୀ ଯାଇ ମୋତେ ଦିଲ୍ଲୀକୁ ଟାଣିଲେ । ଦିନେ ଫୋନ୍ ଆସିଲା ତାଙ୍କର, "ଶୁଣିଛ, ତୁମର ବିହାରରେ କାର୍ଯ୍ୟକାଳ ପୂରିଲା ଏଥର । ଆମ ବିଭାଗରୁ ତୁମର ବଦଳି ହେଉଛି କମ୍ପାନୀ ଆଇନ ବିଭାଗକୁ । ତମକୁ ଶୀଘ୍ର ଦିଲ୍ଲୀ ଆସିବାକୁ ପଡ଼ିବ ।" ମୁଁ କହିଲି —"ଏସବୁ ଆପଣଙ୍କ କାରସାଦି ।" କରି କରିଜଥାଏ ମୁହିଁ । ମୋ ବିନୁ ଅନ୍ୟ ଗତି ନାହିଁ । "ଭଲ ହେଲା । ଆପଣଙ୍କ ସହିତ ନିତି ଦେଖା ଶୁଣା ହେବ । ଏହା ତ ଭାଗ୍ୟର କଥା ।"

ପାଟନାକୁ ସତ ଆଦେଶ ଆସିଲା । ପୁରାତନ ମଗଧର ସବୁ ସଂପର୍କ ତ୍ୟାଗ କରି ଯିବାକୁ ହେଲା ସୁଦୂର ଦିଲ୍ଲୀକୁ । ପାଞ୍ଚବର୍ଷରୁ ଅଧିକ ଅନେକ ଲୋକଙ୍କ ସହିତ ସୁଦୃଢ଼ ବନ୍ଧନ ହୋଇଯାଇଥିଲା । ସେମାନଙ୍କୁ ସବୁ ଛାଡ଼ି ନୂତନର ଆକର୍ଷଣରେ ଚାଲିଯିବାକୁ ପଡ଼ିଲା । ମନେପଡ଼ିଲା ବିଶ୍ୱକବି ରବୀନ୍ଦ୍ରନାଥଙ୍କ କବିତା—ଯେତେବେଳେ ପୁରୁଣା ଆବାସ ଛାଡ଼ିଯାଏ ସେତେବେଳେ ମନେ ମନେ ଭାବି ଅସ୍ଥିର ହୁଏ, କେଜାଣି କଅଣ ହେବ । କିନ୍ତୁ ଭୁଲିଯାଏ ଚିରନ୍ତନ ସତ୍ୟ—ଯେ ନୂତନମାନଙ୍କ ଭିତରେ ତୁମ୍ଭେ ହିଁ ପୁରାତନ ।

ପ୍ରକୃତରେ ଅତୁଳମିଶ୍ରଙ୍କ ଉକ୍ତି ଯଥାର୍ଥତାର । ଆମର ଚିନ୍ତା ଭାବନା ନିରର୍ଥକ । କାଳର ସ୍ରୋତରେ ଆମେ କେବଳ କୁଟାକାଠି ଭଳି ଭାସି ବୁଲିଛୁ । କେଉଁଠି ଟିକିଏ ଲାଗି ରହୁଛୁ ଅଳ୍ପକ୍ଷଣ ପାଇଁ । ପୁଣି ସେହି ଦୁର୍ବାର ସ୍ରୋତ ଅନ୍ୟସ୍ଥଳକୁ ଭସାଇ ନେଇଯାଉଛି । ଭାସି ବୁଲିବା ହିଁ ଜୀବନ । ଗତି ହିଁ ଜୀବନ । ଗତିହୀନତା ହିଁ ମୃତ୍ୟୁର ପରିଚାୟକ ।

ପାଟନା ସହିତ ଯୋଗସୂତ୍ର ଶେଷରେ ଛିନ୍ନ ହେଲା । ଉଡ଼ାଜାହାଜ ଉଠିଲା । ଦିନେ ସକାଳେ ଯାଇ ପହଞ୍ଚିଲି ଭାରତର ରାଜଧାନୀରେ । ସେଠାରେ ମୋର ପରମ ସ୍ନେହାସ୍ପଦ ବନ୍ଧୁ ରାଜରତ୍ନମ୍ ମୋର ରହିବା ପାଇଁ ଗୋଟିଏ ଘର ବ୍ୟବସ୍ଥା କରି ରଖିଥିଲେ । କୌଣସି କିଛି ଅସୁବିଧା ହେଲା ନାହିଁ ।

Digitized by srujanika@gmail.com

(୪)

ରାଜଧାନୀର ରାଜାରାଜୁଡ଼ା

ଶ୍ରୀ ଗୋପାଳସ୍ୱରୂପ ପାଠକ ନୂଆ ଆଇନମନ୍ତ୍ରୀ ହୋଇଛନ୍ତି । ସେ ବିଭାଗର ପଦାଧିକାରୀମାନଙ୍କ ସହିତ ପରିଚିତ ହେବାର ଇଚ୍ଛା ତାଙ୍କର । ଅଫିସ ଯିବାମାତ୍ରେ ସମସ୍ତଙ୍କୁ ଡାକରା ଆସିଲା । ମନ୍ତ୍ରୀଙ୍କ ରୁମ୍‌ରେ ଆଜି ଦେଖାସାକ୍ଷାତ ଅଛି । ଆମ ସେକ୍ରେଟାରୀ ଶ୍ରୀ ଆର୍‌· ଚନ୍ଦ୍ର ପ୍ରଥମେ ଚାଲିଛନ୍ତି । ତାଙ୍କ ପଛରେ ଧାଡ଼ିକରି ଯୁଗ୍ମ, ଉପ, ଅନୁ ଓ ଅନ୍ୟସବୁ ଅବ୍ୟଯୃମାନେ ମଧ୍ୟ । ବାରନ୍ଦା ଦେଇ ମନ୍ତ୍ରୀଙ୍କ ରୁମ୍‌କୁ ସବୁ ଅଫିସର ଚାଲିଛନ୍ତି । ଏକ ଅପୂର୍ବ ଦୃଶ୍ୟ । ସେପଟେ ବାରନ୍ଦାରୁ ଆସୁଛନ୍ତି ଆଇନ ସଚିବ ତାଙ୍କର ଅବ୍ୟଯୃମାନଙ୍କୁ ନେଇ ସେହି ଏକ ପ୍ରକାର ରୀତିରେ । ଦୁଇଧାଡ଼ି ଯାଇ ମିଶିଲା ଆଇନମନ୍ତ୍ରୀଙ୍କ କାମରାରେ । ସୁବୃହତ୍ କକ୍ଷ । ଝରକା ସବୁ ଖୋଲା । ରାଜପଥ ସେଠାରୁ ସୁଦୃଶ୍ୟମାନ । ଆଇନମନ୍ତ୍ରୀ ଆମକୁ ଅଭିନନ୍ଦନ ଦେଇ ବସାଇଲେ । ସମସ୍ତଙ୍କୁ କପେ କପେ କରି ଉତ୍କୃଷ୍ଟ ଗନ୍ଧଯୁକ୍ତ କଫି ପିଆଇଲେ । ମନ୍ତ୍ରୀଙ୍କ ବ୍ୟବହାରରେ ପଦାଧିକାରୀମାନେ କୃତକୃତ୍ୟ । ବିଶେଷକରି ଆଇନ ସଚିବ—ଶିରୋମଣି । ଦେଖିଲି କାନ୍ଥର ଉପରଭାଗରେ ଝୁଲିଆଛି ତୈଳଚିତ୍ର ଆଗର ଆଇନମନ୍ତ୍ରୀମାନଙ୍କର ଏବଂ ଆହୁରି ଆଗର ବ୍ରିଟିଶ ଯୁଗର ଭାଇସରାୟଙ୍କର **Executive Council** ର ଆଇନ ସଭ୍ୟ-ମାନଙ୍କର । ତୈଳଚିତ୍ରଗୁଡ଼ିକ ସୁରକ୍ଷିତ । ପରିବେଶଟି ଅତି ହୃଦୟଗ୍ରାହୀ ବୋଲି ମନେହେଲା । ହଠାତ୍ ଶୁଣିଲି ଆଇନ ସଚିବଙ୍କ ସ୍ୱର । ସେ ଉଠି ମନ୍ତ୍ରୀଙ୍କର ଅଭିବାଦନର ଉତ୍ତର ଦେବାରେ ଲାଗିଛନ୍ତି । ଆଗରୁ କଣ୍ଠସ୍ଥ, ମୁଖସ୍ଥ, ଜିଭସ୍ଥ ମଧ୍ୟ ସେଇ ପୂର୍ବର ମନ୍ତ୍ରୀ ଓ ଆଇନସଭ୍ୟ-ମାନଙ୍କର ନାମ । ଗୋଟିଏ ପରେ ଗୋଟିଏ ଉଚ୍ଚାରଣ କରିଯାଉଛନ୍ତି । ଆମେ ଉପରକୁ ଚାହିଁ ମିଳାଇ ନେଉଛୁଁ । ଏକାବେଳକେ ନିର୍ଭୁଲ । ଆରେ ସେ କଣ ଆଗରୁ ପ୍ରସ୍ତୁତ ହୋଇ ଆସିଛନ୍ତି ନା କଣ ? ତାଙ୍କର ସ୍ମୃତିଶକ୍ତି ତ ପ୍ରଖର । ଏକଥା ଭାବୁ ଭାବୁ ନୂତନ ମନ୍ତ୍ରୀଙ୍କର ସୂକ୍ତି କର୍ଣ୍ଣଗୋଚର ହେଲା । ଏହି ଆଇନ ମନ୍ତ୍ରୀମାନଙ୍କର ନିହାରିକାରେ ଆମ ମନ୍ତ୍ରୀ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହୋଇ ଯୋଗ ଦେଲେ । ତାଙ୍କର ବହୁ ଆଗରୁ ପ୍ରସ୍ତୁତପର୍ବ ଦେଖି ଆମେ ସବୁ ଅପ୍ରସ୍ତୁତ । ଆମ ପାଇଁ ତ

Digitized by srujanika@gmail.com

ଆଉ କିଛି ପ୍ରଶ୍ନ କଲେ ନାହିଁ । ସବୁ ତ ନିଜେ ଗାଇଗଲେ । ବୁଝିଲି ଏପରି ଲୋକର ଊର୍ଦ୍ଧ୍ୱ ଆରୋହଣ ଅବଶ୍ୟମ୍ଭାବୀ । ଆମ ସଚିବ ମହୋଦୟ ବଡ଼ ମୁହଁଚୋରା । ବେଶୀକିଛି କେବେହେଲେ କହନ୍ତି ନାହିଁ । ନିଜ କାମ ନିଜେ କରିଯାଆନ୍ତି । ତାଙ୍କର ଐତିହ୍ୟ ଉଚ୍ଚ । ସେ ବିଖ୍ୟାତ ଐତିହାସିକ ରମେଶ ଚନ୍ଦ୍ରଙ୍କ ବଂଶର ସନ୍ତାନ । କିନ୍ତୁ ସେ ନିଜ ବିଷୟରେ ମୁହଁ ଖୋଲିବେ ନାହିଁ । ଚୁପଚାପ ବସିରହିଲେ । ଆଇନ ସଚିବଙ୍କ ଦୀର୍ଘ ଭାଷଣ ଶେଷ ହେଲା । ଅନ୍ୟ କାହାକୁ କୌଣସି ବିଷୟ କହିବାପାଇଁ ଛାଡ଼ି ନାହାନ୍ତି ।

ମନ୍ତ୍ରୀମହୋଦୟ ଆମ୍ଭମାନଙ୍କୁ ଧନ୍ୟବାଦ ଦେଇ ବିଦାୟ ଦେଲେ । ପୁଣି ଯଥାରୀତି ଆମ୍ଭେମାନେ କର୍ମସ୍ଥଳକୁ ଫେରିଲୁ ଏକ ନୂତନ ଅଭିଜ୍ଞତା ନେଇ । ସେଦିନ ବୁଝିଲି ସେ ଏଠାରେ କୁହାଳିଆମାନଙ୍କର କଦର ବେଶୀ । ଯେଉଁମାନେ ଚୁପଚାପ କାମ କରନ୍ତି ସେମାନଙ୍କୁ କେହି ପଚାରନ୍ତି ନାହିଁ । ମନେପଡ଼ିଲା ଗୋଟିଏ ପୁରୁଣା ଘଟଣା । ଆମ ବିଭାଗରୁ ଦଶଜଣଙ୍କୁ ବାଛିଥିଲେ ସେକାଳରେ ବିଲାତ ପଠାହୋଇଥିଲା ଟ୍ରେନିଂ ପାଇଁ । ଆଗେ ଯିବାକୁ କ୍ୱଚିତ୍ ଏପରି ସୁଯୋଗ ମିଳୁଥିଲା । ଆଜି କାଲି ତ ଶହ ଶହ ପଦାଧିକାରୀ ବିଦେଶକୁ ଯିବାରେ ଲାଗିଛନ୍ତି । ଆମ ବିଭାଗର ଜଣେ ଦକ୍ଷ ଅଧିକାରୀ ଅତୁଳବାବୁଙ୍କୁ ସେଥିରେ ନିଆଗଲା ନାହିଁ । ସେ ବଡ଼ ନିରାଶ ହେଲେ । ଅଣ୍ଟାଭିଡ଼ି ପ୍ରସ୍ତୁତ ହେଲେ ଚେଆରମାନଙ୍କୁ ପଚାରିବାକୁ । ଦିଲ୍ଲୀ ଗଲେ । ତାଙ୍କସହିତ ଦେଖାକଲେ । ପଚାରିଲେ—"ସାର୍, ଏଇ ବାଛିବାଛିର ଭିତ୍ତି କଣ ?" ଚେୟାରମାନ ପଚାରିଲେ—"ତମ ବିଭାଗରେ କେତେ ଅଫିସର ଅଛନ୍ତି ?" "ଆଜ୍ଞା ହଜାରେ ।" "ସେଥିରୁ ଅତି ବିଚକ୍ଷଣ କ୍ଷମତାସମ୍ପନ୍ନ କେତେ ଜଣ ଅଛନ୍ତି ବୋଲି ତୁମର ଧାରଣା ?" ପଚାରିଲେ ଚେୟାରମାନ । ଉତ୍ତର ଦେଲେ—"ଶହେ ହେବ ।" ପୁଣି ପ୍ରଶ୍ନ—"କେତେଜଣ ବିଲାତ ଗଲେ ?" ଉତ୍ତର—"ଦଶଜଣ" । "ତାହାହେଲେ ଏଇ ଶହେ ଜଣଙ୍କ ମଧ୍ୟରୁ ଦଶଜଣଙ୍କର ବାଛିବାର ବିଚାର ପଦ୍ଧତି କଣ ହୋଇପାରେ ? ଯେଉଁମାନେ ମୋ ସଂସ୍ପର୍ଶରେ ଆସିଛନ୍ତି ବା ମୋତେ ଭଲ ଭାବରେ ଜାଣନ୍ତି ସେମାନଙ୍କୁ ବାଛିଦେଲି । ତୁମେ କହିପାର ସ୍ୱଜନପ୍ରୀତି (nepotism) ବୋଲି । ଆଉ କିଛି କହିବାର ଅଛି ?"

Digitized by srujanika@gmail.com

ଅଭୁଲବାବୁ ଉତ୍ତର ଦେଲେ "ନାହିଁ ଆଜ୍ଞା ।" କାନମୁଣ୍ଡା ଆଉଁସି ଫେରିଲେ କର୍ମସ୍ଥଳକୁ । ତାଙ୍କଠାରୁ ନିଜେ ଶୁଣିଥିଲି । ଏଥର ଆଖିରେ ଦେଖିଲି ଯେ ବାକ୍ୟ ବାହୁଲ୍ୟ ପାଇଁ ପୂର୍ବ ପ୍ରସ୍ତୁତି ମଧ୍ୟ ଦରକାର । କେବଳ ପ୍ରତ୍ୟୁତ୍ପନ୍ନମତି ହେଲେ ଚଳିବ ନାହିଁ ।

ବ୍ରିଟିଶ ଯୁଗରେ ମଧ୍ୟ ବ୍ଲଟିଂକାଗଜର ପ୍ରଭାବ ବେଶ୍ ଥିଲା । ଆମ ପୁରୁଖାମାନଙ୍କଠାରୁ ଶୁଣିଛୁ : "ଆମ ସମୟରେ ୮୦ଭାଗ ପରିଶ୍ରମ (Labour) ଆଉ ୨୦ଭାଗ ଚାଲାକି (tact) ଥିଲା । ପରେ ପରେ ଅପମିଶ୍ରଣ ବଢ଼ିଲା । ଆମର ଅବସର ନେବା ସମୟରେ ହେଲା ୨୦ ଭାଗ ପରିଶ୍ରମ ଆଉ ୮୦ ଭାଗ ଚାଲାକି (tact) ।" ଆମେ ଏହାକୁ ଥଟ୍ଟା ଭାବି ଉଡ଼ାଇ ଦେଉଥିଲୁ । କିନ୍ତୁ ଦିଲ୍ଲୀକୁ ଆସି ଦେଖିଲି ଯେ ଚାଲାକିର ଭାଗ ଅତ୍ୟଧିକ ଅପମିଶ୍ରଣ ଯୋଗୁ ପୁଣି ବଢ଼ିଗଲାଣି । ଏହା ବଡ଼ ଦୃଷ୍ଟି-କଟୁ ।

ଆଉ ଗୋଟିଏ ଜିନିଷ କର୍ଣ୍ଣକଟୁ ହେଲା । ଯେଉଁଆଡ଼େ ଯିବେ ଶୁଣିବେ ଗୋଟିଏ ଶବ୍ଦ—"ଦପ୍ତର" । ମୋଟର ସାଇକେଲ ରିକ୍ସା ଆପଣଙ୍କୁ ପଚାରିବ "କ୍ୟା ଦପ୍ତର ଯାଇୟେଗା" ? ସହକର୍ମୀମାନେ କହିବେ "ଦପ୍ତରମେ ଆଜାଇୟେ । ମୁଲାକାତ୍ ହୋଗା ।" "ଦପ୍ତର" ମାନେ ଦିଲ୍ଲୀ ସେକ୍ରେଟାରିଏଟ୍ । ଆଉ କେଉଁଠି କଣ ଦପ୍ତର ନାହିଁ ! ଖାଲି ସେଇଠି ବସିଛି ! ଅଦ୍ଭୁତ କଥା ତ ! "ଦପ୍ତର" ଗୋଟିଏ ଅପୂର୍ବ ସଙ୍ଗଠନ । ହଜାର ହଜାର କିରାଣି ଏହି ଦପ୍ତରର ଗତି ନିୟନ୍ତ୍ରଣ କରୁଛନ୍ତି । ଚାରୋଟି ଦେୱାଲ ମଧ୍ୟରେ ବସି ବୃହତ୍ ଭାରତବର୍ଷର ଭବିଷ୍ୟତ୍ ନିର୍ଦ୍ଧାରଣ କରୁଛନ୍ତି । ନୀତି ନିୟମ ତାଙ୍କ କଲମରୁ ବିଶେଷ ଭାବରେ ବାହାରୁଛି । ପଦାଧିକାରୀମାନେ ବାହାରୁ ଆସୁଛନ୍ତି ବିଭିନ୍ନ ବିଭାଗରୁ, ପୁଣି କିଛି ଦିନ ପରେ ବାହାରକୁ ଚାଲି-ଯାଉଛନ୍ତି । ସେମାନେ "କୁଛ ଦିନକା ମେହମାନ ।" ଦପ୍ତର କିନ୍ତୁ ପରିଚାଳିତ ହେଉଛି କେନ୍ଦ୍ରୀୟ ସେକ୍ରେଟାରିଏଟ୍ ସେବାଦ୍ୱାରା ବିଶେଷ ଭାବରେ । ତା ବୋଲି କଣ ମନ୍ତ୍ରୀ ନାହାନ୍ତି ନା ସେମାନେ ନୀତି ନିର୍ଦ୍ଧାରଣ କରୁନାହାନ୍ତି ? ସେମାନେ ତ ସର୍ବମୟ କର୍ତ୍ତା । କିନ୍ତୁ ସେମାନେ କରିବେ ବା କଣ ? ତାଙ୍କର ତ ସ୍ମୃତିଶକ୍ତି ସୀମିତ ।

Digitized by srujanika@gmail.com

କେତେ ଆଉଙ୍କୁ ମନ ଦେବେ । ତାପରେ ଦେଶରେ ଘଡ଼ିକେ ଘୋଡ଼ା ଛୁଟୁଛି । ଆଜି ଏ ସମସ୍ୟା ତ କାଲି ସେ ସମସ୍ୟା । ସବୁବେଳେ ମୁଣ୍ଡରେ ବସ୍ତା କାମୁଡ଼ୁଛି । ଫାଇଲ କଥା କେତେ ବୁଝିବେ । ବୁଝୁ ବୁଝୁ ନିର୍ବାଚନ ଆସିଗଲା । ଆସନ ଦୋହଲିଲା । କାମକୁ କିଏ ପଚାରେ । ନିଜ ଧନ୍ଦା ଦେଖ ବାବା । "ଘୋଡ଼େମେଁ ଯାଏ ଦେଶକା କାମ୍ । ପହଲେ ବଚାଓ ଅପନା ନାମ ।"

ଜଣେ ଅଫିସର ମୋତେ କହିଥିଲେ ଗୋଟିଏ ଘଟଣା । ରଫି ଅହମ୍ମଦ୍ କିଦବାଇ ତାଙ୍କର ମନ୍ତ୍ରୀ । ଅତ୍ୟନ୍ତ ଦକ୍ଷ ଓ ଧୀଶକ୍ତି-ସମ୍ପନ୍ନ ବ୍ୟକ୍ତି । ତାଙ୍କ ରୁମ୍‌କୁ ସେମାନେ ଦେଖିଲେ ଜଣେ ରୁକ୍ଷ ଶୁଷ୍କ ଲୋକ ତାଙ୍କ ପାଖରେ ବସିଛି । ଅତି କଦର୍ଯ୍ୟ କଦାକାର ତାର ଚେହେରା ଓ ଅଙ୍ଗଭଙ୍ଗୀ । ଯାହାକୁ ଲୋଫର କହନ୍ତି । ସେ ଆଶ୍ଚର୍ଯ୍ୟ ହୋଇଗଲେ । ସେହି ଲୋକଟାକୁ ଖୁବ୍ ଭଲ ଭଲ ଖାଦ୍ୟ ଅଣାଇ ରଫି ଅହମ୍ମଦ ଖାଇବାକୁ ଦେଇଛନ୍ତି । ଅଫିସର୍ ଜଣକ ବଡ଼ ଅପ୍ରସ୍ତୁତ ହେଲେ । ମନ୍ତ୍ରୀ କହିଲେ ଘଣ୍ଟାଏ ପରେ ଆସନ୍ତୁ । ସେ ପରେ ଗଲେ । ମନ୍ତ୍ରୀ କହିଲେ ଆପଣ ଆମକୁ କଣ ଦିଅନ୍ତି ? ଅଫିସର ନିରୁତ୍ତର ରହିଲେ । ମନ୍ତ୍ରୀ କହିଲେ—"ଆପଣ ଫାଇଲରେ ନୋଟ୍ ଲେଖି ଦିଅନ୍ତି ! କିନ୍ତୁ ଏ ଯେଉଁ ଲୋକ ଆସିଥିଲା ସେ ମୋର ଭୋଟ ଯୋଗାଡ଼ କରି ଦିଏ । ସେଥିପାଇଁ ତାର ଆପ୍ୟାୟନର ବିହିତ ବ୍ୟବସ୍ଥା ।" ଏକାବେଳକେ ସତ କଥା । ଭୋଟ ନ ପାଇଲେ ଆଉ ମନ୍ତ୍ରୀତ୍ୱ ରହିବ କିପରି ?

ଦପ୍ତରକୁ ଯାଇ ମୋର ଅନେକ ଜ୍ଞାନ ହେଲା । ସହକର୍ମୀ ସବୁ ବହୁ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତି । ଜୀବନସାରା ଦପ୍ତରରେ କାମ କରି ଅନେକ କଥା ଜାଣନ୍ତି । ସେମାନଙ୍କର କାହାଣୀର ଆଉ ଶେଷ ନାହିଁ । ସେଥିରୁ କେଇଟା ମୋ ମନରେ ଲାଗିରହିଛି ଏପର୍ଯ୍ୟନ୍ତ ।

ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ଠିକ୍ କହିଥିଲେ । ସେକ୍ରେଟାରିଏଟ୍ ଚପରାଶୀ ଓ ମାନ୍ଦ୍ରାଣୀରେ ଭର୍ତ୍ତି । ବାରନ୍ଦାରେ କେବଳ ଚପରାଶୀମାନେ ଭିଡ଼ ଲଗାଇଛନ୍ତି । ତାଙ୍କ ପାଇଁ ପଙ୍ଖା ଯୋଗାଇ ଦିଆଯାଇଛି । ତାଙ୍କର ସଂଖ୍ୟାଗରିଷ୍ଠତା ଯୋଗୁ ତାଙ୍କର ୟୁନିଅନ ଖୁବ୍ କ୍ଷମତା-

Digitized by srujanika@gmail.com

ସମ୍ପନ୍ନ । ତାଙ୍କର ଗୁହାରି ଅନେକ । ସରକାର ସବୁ ମନଦେଇ ଶୁଣନ୍ତି । ସେମାନଙ୍କୁ ଯେପରି କେହି ଘର କାମରେ ନ ଲଗାନ୍ତି ସେଥିପାଇଁ ୟୁନିଅନର ସତର୍କ ଦୃଷ୍ଟି । ଖିଲାଫ ହେଲେ ଅଫିସରର ଗୁହାରି ନେଇ ଟଣାଟଣି । ସମସ୍ତେ ସେ ବିଷୟରେ ସଜାଗ । ଅବଶ୍ୟ ସ୍ୱାଧୀନ ଭାରତ ବର୍ଷରେ ଏହାହିଁ କାମ୍ୟ । ଏଥିରେ କାହାରି ଅନ୍ୟ ମତ ନାହିଁ ।

ରାଜଗୋପାଳାଚାରୀଙ୍କ କଥାରୁ ମନେପଡ଼ିଲା ଗୋଟିଏ ମନୋଜ୍ଞ କାହାଣୀ । ସେ ମାନ୍ଦ୍ରାଜ୍‌ର ମୁଖ୍ୟମନ୍ତ୍ରୀ ଥିଲାବେଳେ ତାଙ୍କର ଜଣେ ଆଇ. ସି. ଏସ୍. ଅଫିସର ଥିଲେ ଚିଫସେକ୍ରେଟାରୀ ମାନ୍ଦ୍ରାଜରେ । ରାଜ-ଗୋପାଳାଚାରୀଙ୍କର ସମୟାନୁବର୍ତ୍ତିତା ଅତି ଉଚ୍ଚକୋଟିର ; ଅନୁକରଣ-ଯୋଗ୍ୟ । ମାତ୍ର ତାଙ୍କର ମୁଖ୍ୟସଚିବଙ୍କର ଅଭ୍ୟାସ ଠିକ ବିପରୀତ, ସେ ଡେରିକରି ଅଫିସ ଆସନ୍ତି । ମୁଖ୍ୟମନ୍ତ୍ରୀ ଥରେ ଦିଥର ଦେଖିଲେ ଯେ ମୁଖ୍ୟସଚିବ ଠିକସମୟରେ ଆସୁନାହାନ୍ତି । ମନେ ମନେ ବିରକ୍ତ ହେଲେ । ତୃତୀୟ ଥର ଡେରି ଦେଖି ତାଙ୍କୁ ପଚାରିଲେ କାରଣ କଣ ? ସେ ଉତ୍ତର ଦେଲେ ଶାରୀରିକ ସୁସ୍ଥତା ବଜାୟ ନ ରଖିଲେ କାମରେ ବାଧା ହୁଏ । ସେଇଥିପାଇଁ ସେ ସକାଳେ ଟେନିସ ଖେଳନ୍ତି ପ୍ରତିଦିନ ଦୁଇଘଣ୍ଟା କରି । ସେଥିରେ ସେ ଖୁବ୍ କର୍ମକ୍ଷମ, ସୁସ୍ଥ ଓ ସବଳ ହୋଇ ରହିଛନ୍ତି । ଯେତେ କର୍ମଭାର ହେଉନା କାହିଁକି ତାଙ୍କର ବହନ କରିବାକୁ ଅସୁବିଧା ହୁଏ ନାହିଁ । ସାଙ୍ଗେ ସାଙ୍ଗେ ରାଜଗୋପାଳାଚାରୀ କହିଲେ—"ଠିକ ଆପଣଙ୍କ ଭଳି ଜଣେ ସବଳ ଓ ସୁସ୍ଥ ଲୋକଙ୍କୁ ନେହେରୁ ଖୋଜୁଥିଲେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପ୍ରଶାସକ ପଦରେ ଅଧିଷ୍ଠିତ କରିବା ପାଇଁ । ମୁଁ ତାଙ୍କୁ ଆପଣଙ୍କ ଦକ୍ଷତା ବିଷୟରେ ଜଣାଇଦେବି ।" ମୁଖ୍ୟସଚିବ ବୁଝିଗଲେ । ଅତି କାକୁତି ମିନତି କରି କହିଲେ—"ସାର୍, କାଲିଠାରୁ ଆଉ କେବେହେଁ ବିଳମ୍ବରେ ଆସିବି ନାହିଁ ।"

ଆଉ ଗୋଟିଏ କାହାଣୀ ନେହେରୁଙ୍କ ଅମଳର । ତାଙ୍କର ସେକ୍ରେଟାରୀ ରଘୁନାଥନ୍ ଥିଲେ ବୈଦେଶିକ ବିଭାଗର ଅଧିକର୍ତ୍ତା । ଖୁବ୍ ନା ଡାକ । ହେଲେ କଣ ହେବ ଅତ୍ୟନ୍ତ ଅଳସ ପ୍ରକୃତିର । ନେହେରୁ ସମସ୍ୟାସଙ୍କୁଳ ବିଷୟବସ୍ତୁଗୁଡ଼ିକୁ ତାଙ୍କପାଖକୁ ପଠାଇ ଦିଅନ୍ତି ଶୀଘ୍ର

Digitized by srujanika@gmail.com

ତନଖି କରି ଦେଖି ତା ଉପରେ ମନ୍ତବ୍ୟ ଦେବା ନିମନ୍ତେ ; ଆଉ ସମସ୍ୟାର ସମାଧାନ ଦିଗରେ ପ୍ରୟାସ କରିବା ପାଇଁ । ସମସ୍ୟା ତ ଗୋଟିଏ ନୁହେଁ, କୋଟିଏ । କେତେ ବା କଥା ସେ ସଚିବ ବୁଝିବେ ଆଉ କରିବେ । ସେ ଗୋଟିଏ ସୁଚିନ୍ତିତ ପନ୍ଥା ଆବିଷ୍କାର କରିଥାଆନ୍ତି । ଅତି ଜଟିଳ ଫାଇଲଗୁଡ଼ିକ, ଭଲ ଭାବରେ ପରୀକ୍ଷା ପରେ କରିବେ ବୋଲି, ନିଜ ଆଲମାରିରେ ରଖିଦିଅନ୍ତି । ଆଉ ସାଧାରଣ ସମସ୍ୟା-ଜଡ଼ିତ ବିଷୟବସ୍ତୁଗୁଡ଼ିକ ଉପରେ ନୋଟ୍ ଲେଖି ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠେଇ ଦିଅନ୍ତି । ସମସ୍ୟା ବସି ରହେ ନାହିଁ ; ସମୟର ପଦକ୍ଷେପ ସହିତ କୌଣସି ନା କୌଣସି ଦିଗକୁ ଗଡ଼ିଚାଲେ । ତାର ତୀବ୍ରତାର ହ୍ରାସ ହୁଏ ବା ତାର ରୂପରେଖ ବଦଳିଯାଏ ; ନୂଆ ମୋଡ଼ ମଧ୍ୟ ନେଇନିଏ । ସେତେବେଳେ ରଘୁନାଥନ୍ ପୁରୁଣା ଫାଇଲଟିକୁ ବାହାର କରି ପ୍ରଧାନମନ୍ତ୍ରୀଙ୍କୁ ଜଣାଇ ଦିଅନ୍ତି ଯେ ସେ ସମସ୍ୟାର ଉଗ୍ରତା ବର୍ତ୍ତମାନ ସୀମିତ ବା ତାହା ନୂଆ ମୋଡ଼ ନେଇଛି । ତାକୁ ସାନି ବିଚାର କରିବାକୁ ହେବ । ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ବ୍ୟସ୍ତ । ସେ ବର୍ତ୍ତମାନର ଅବସ୍ଥା କଥା ଫାଇଲରୁ ପଢ଼ି ଆଉ ବେଶୀ ପ୍ରଶ୍ନ କରନ୍ତି ନାହିଁ । ସଚିବ ସନ୍ତୁଷ୍ଟ । ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ସେ କୌଣସି ତ୍ରୁଟି ରଖିନାହାନ୍ତି । ସମସ୍ୟା ଆପେ ଆପେ ତାର ସମାଧାନ ଖୋଜିନେଇଛି, ଏବଂ ତାଙ୍କର ଉଚ୍ଚପଦ ବହାଲ ଅଛି । ଅବସର ନେବା ପରେ ସେ ଦିନେ ଆମ ବିଭାଗକୁ ଆସିଲେ । ପ୍ରବେଶଦ୍ୱାରରେ ଜଗୁଆଳି କହିଲା ଅଫିସର ଖାତାରେ ଦସ୍ତଖତ କରିବାକୁ ହେବ ଓ କାହାକୁ ଦେଖା-କରିବେ ତାଙ୍କ କଥା ଲେଖିବାକୁ ପଡ଼ିବ । ସେ କହିଲେ ସେ ସେକ୍ରେଟାରି ଜେନେରାଲ ଥିଲେ । ଜଗୁଆଳି ବିନୀତ ଭାବରେ କହିଲା—"ସାର୍, ମୋର କର୍ତ୍ତବ୍ୟ, ଖାତାଟି ଠିକଭାବରେ ପୂରଣ କରିବା । ସେଥିପାଇଁ ଆପଣଙ୍କର ସହଯୋଗ ଦରକାର ।" ସେ କହିଲେ—"ଆପଣଙ୍କ ସେକ୍ରେଟାରି ମୋ ଅଧୀନରେ କ୍ଳର୍କ କରିଥିଲେ ଜାଣିଛନ୍ତି ତ ? ମୁଁ ବର୍ତ୍ତମାନ ଯାଇ ତାଙ୍କୁ ଜଣାଉଛି ।" ଜଗୁଆଳି ମୋତେ ଫୋନ କଲେ—"କଣ କରିବ ?" ମୁଁ କହିଲି "ତୁମ୍ଭଙ୍କୁ ନିୟମ କାନୁନ ମାନିବାକୁ ହେବ । କାରଣ ନିୟମ ଧରେଇ ବିଭାଗର । ଆମର ନୁହେଁ । ତେଣୁ ଏଥିରୁ ବିଚ୍ୟୁତ ହେବାର ଆମର କ୍ଷମତା ନାହିଁ ।" ଜଗୁଆଳି

Digitized by srujanika@gmail.com

ତାଙ୍କୁ ସେଇଆ କହିଲି । ସେ ରାଗିଯାଇ ଉଠିଗଲେ । ସଚିବଙ୍କ ଘର ଭିତରକୁ ପଶିଗଲେ, ଚମ୍ ଚମ୍ ହୋଇ । ଅଭିଯୋଗ କଲେ । ମୋତେ ଡକାଗଲା । ମୁଁ କହିଲି—"ଆମେ ନିରୁପାୟ । ଘରେଇ ବିଭାଗକୁ ନିୟମ ପରିବର୍ତ୍ତନ ନିମନ୍ତେ ଲେଖାଯାଉ ।" ସେତେବେଳେ L. P. Singh ହୋମ୍ ସେକ୍ରେଟାରି । ପରେ ତାଙ୍କ ପାଖକୁ ଆମ ସଚିବ ଲେଖିଲେ । ସେ ପଦେ କଥାରେ ଜବାବ ଦେଲେ—"ଏଇ ନିୟମ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନାହିଁ ।" ସେଦିନ ମୁଁ ବୁଝିଲି ଯେ ଆମ ଦେଶର ସମ୍ଭ୍ରାନ୍ତ ଓ ଉଚ୍ଚପଦସ୍ଥ ବ୍ୟକ୍ତିମାନେ ମଧ୍ୟ ଗଣତନ୍ତ୍ରର ସମ୍ମାନ ଦେବାକୁ ଅନିଚ୍ଛୁକ । ଆମେ ସମସ୍ତେ ଅଳକ ବ୍ୟକ୍ତିଗତ ମର୍ଯ୍ୟାଦାକୁ ଦେଶର ମୂଲ୍ୟବୋଧ ଅପେକ୍ଷା ଉଚ୍ଚତର ସ୍ଥାନ ଦେଇଥାଉ । ଆଉ କେବଳ ମୌଖିକ ଆବରଣ ଦେଉ ଜାତିର ମର୍ଯ୍ୟାଦାବୋଧକୁ । ଆମ୍ଭେମାନେ ଅତ୍ୟନ୍ତ ଅନ୍ତଃସାରଶୂନ୍ୟ ଆଚରଣରେ ଅଭ୍ୟସ୍ତ । ଅନ୍ୟକୁ ଉପଦେଶ ଦେବାରେ ବ୍ୟସ୍ତ ନିଜର ବ୍ୟବହାରରେ, ଆଚରଣରେ ସେହି ଉପଦେଶର ଛାୟା ମଧ୍ୟ ନାହିଁ । ଫଳରେ ଦେଶର କାୟା ଦିନକୁ ଦିନ କଳୁଷିତ ହୋଇଉଠୁଛି ଦେଶପ୍ରତି କାହାରି ମମତା ନାହିଁ, ସମ୍ଭ୍ରମ ନାହିଁ, ଦୃଷ୍ଟି ନାହିଁ । ସବୁ ଉଦ୍ୟମ ସ୍ୱାର୍ଥ ସାଧନରେ, ବ୍ୟକ୍ତିବିଶେଷର ଉନ୍ନତି ନିମନ୍ତେ । ସମଷ୍ଟିର ଉନ୍ନତି ବିଷୟରେ ସମସ୍ତେ ଉଦାସୀନ । ତାର ଅନିବାର୍ଯ୍ୟ ଫଳ ଅଧୋଗତି ।

ଆମ ବିଭାଗରେ ଗୋଟିଏ "ଉପଦେଷ୍ଟା କମିଶନ" ଥାଏ ରାଜସ୍ଥାନର ମୁଖ୍ୟ ବିଚାରପତି ଶ୍ରୀ କେ. କେ. ଶର୍ମା ଅବସର ନେଲା ପରେ ସେ କମିଶନ୍‌ର ମୁଖ୍ୟ ହୋଇ ଆସିଥାଆନ୍ତି । ସେଥିରେ ଅନେକ ବିଜ୍ଞ ଗଣ୍ୟମାନ୍ୟ ବ୍ୟକ୍ତି ସଭ୍ୟ ଥାଆନ୍ତି । ଯଥା: I. L. O. ର ସଭ୍ୟ କାଳୀ ମୁଖାର୍ଜି । ବମ୍ବେର ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଶ୍ରୀ ସି. ସି. ଚୋକ୍‌ସି, ବାଙ୍ଗାଲୋରର ପଣ୍ଡିତ ଜାକାରିଆ ପ୍ରମୁଖ । ସେମାନେ ବିଚାର କରନ୍ତି ବଡ଼ ବଡ଼ କମ୍ପାନୀର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପ୍ରଶାସକ, ନିର୍ଦ୍ଦେଶକମାନଙ୍କର ନିଯୋଜନର ସର୍ତ୍ତାବଳି, ସେମାନଙ୍କର ଦରମା, ଭତ୍ତା ବା କମିଶନ ବିଷୟକ ସବୁ ଆବେଦନ । କମ୍ପାନୀର ପତନରେ ଯେତେ ଚିନ୍ତିତ ନ ହୁଅନ୍ତି, ଏମାନେ ନିଜର ଅର୍ଥାଗମ ବିଷୟଟିକୁ ଯେତେ ବେଶୀ ମନୋ-

Digitized by srujanika@gmail.com

ଯୋଗ ଦିଅନ୍ତି । ସେଥିପାଇଁ ଖୁବ୍ ବଡ଼ ବଡ଼ ଓକିଲଙ୍କୁ ଆମ୍ଭେମାନେ ଦେଖିଛୁ ତାଙ୍କ କେଶ୍ ଲଢ଼ିବାପାଇଁ—ଯଥା ବମ୍ବେର ପାଲଖିବାଲା, ଦାଦାଚନ୍ଦ୍ରଜୀ, ଦିଲ୍ଲୀର କ୍ଷମତାଲବ୍‌ଧ କର୍ମଗୁରୁ ଏଚ. ଏମ୍. ପଟେଲ, ସି. ସି. ଦେଶାଇ, ରାଘବନ ପିଲ୍ଲାଇ ପ୍ରମୁଖଙ୍କୁ । ସେମାନେ ନିଜ ନିଜର ପ୍ରଭାବ ବିସ୍ତାର କରି ଛଳେ ବଳେ କୌଶଳରେ ବେଶୀ ଅର୍ଥ ଦାନ ନିମନ୍ତେ ଆମ କମିଶନଙ୍କୁ ବୁଝାଇବାର ଚେଷ୍ଟା କରନ୍ତି । ମୁଁ କମିଶନ୍‌ର ସେକ୍ରେଟାରି ଥିଲି କହିବାଦନ ପାଇଁ । ମୋତେ ସେମାନଙ୍କର ପ୍ରଚେଷ୍ଟା ବଡ଼ କୌତୁକ ପ୍ରଦାନ କରିଥିଲା । ଶ୍ରୀ ଶର୍ମା ବଡ଼ ଦୟାଳୁ ଥିଲେ । ସେ ସେମାନଙ୍କର ଆବେଦନ ମଞ୍ଜୁର କରିବାପାଇଁ ଇଚ୍ଛୁକ । ମାତ୍ର ଆମ ବିଭାଗର କେତେକ କଡ଼ା ମିତ ନିୟମ ଥିଲା । ସେଗୁଡ଼ିକ ଲଙ୍ଘନ କଲେ ବହୁତ ଅବଗୁରି ହୋଇ ବିଶୃଙ୍ଖଳା ଜାତ ହେବାର ଆଶଙ୍କାରୁ ମୁଁ କହୁଥିଲି ଯେ କମିଶନ୍‌ର ମତ ଯଦି ବିଭାଗ ନ ମାନେ ତେବେ କମିଶନର ଅସମ୍ମାନ ହେବ । ଆପଣମାନେ କେତେଗୁଡ଼ିଏ ମିତ ଅତୀତରେ ସ୍ଥିର କରିଛନ୍ତି । ସେଗୁଡ଼ିକ ଜଳାଞ୍ଜଳି ଦେଇ ପାରନ୍ତି ନାହିଁ । ତାଛଡ଼ା ଏସବୁ ବଡ଼ କେଶ୍‌ରେ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବିଚାରପାଇଁ ଯିବ । ସେଥିରେ ଆମର ବିରୁଦ୍ଧ ସମାଲୋଚନା ହେବାର ଅବକାଶ ଅଛି । ତେଣୁ ଗୋଟିଏ ପ୍ରଚଳିତ ଧାରାକୁ ଅନୁସରଣ କରିବା ଆବଶ୍ୟକ । ସେମାନେ ମୋ କଥା ଶୁଣନ୍ତି । କିନ୍ତୁ ସବୁବେଳେ ଗ୍ରହଣ କରନ୍ତି ନାହିଁ । ମାତ୍ର ବହୁଭୂତ ହେଲେ ଆମ ବିଭାଗ ତାଙ୍କ ମତକୁ ଉପେକ୍ଷା କରନ୍ତି । ବଡ଼ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୁଏ ।

ଯାହା ହେଉନା କାହିଁକି ମୋତେ ବଡ଼ ମଜା ଲାଗେ । ବଡ଼ବଡ଼ଆମାନେ କାତର ଭାବରେ ପ୍ରଭୂତ ବିଭବଶାଳୀ ଲୋକଙ୍କୁ ଅଧିକ କମିଶନ ହାର ଦେବାପାଇଁ କାକୁତି ମିନତି କରୁଛନ୍ତି ଦେଖି । ପଇସାର ଖେଳ ବଡ଼ ନଗ୍ନ । ଯେ ବେଶୀ ପାଉଛି ସେ ଆହୁରି ବେଶୀ ପାଇବା ପାଇଁ ବ୍ୟାକୁଳ । ଆଉ ଯେ କିଛି ପାଉନାହିଁ ସେ ଭୋକ ଉପାସରେ ରହୁଛି । କହୁଛି ମୋର ଭାଗ୍ୟ ତ ଖରାପ । କଣ କରିବ ? ତାର ଓକିଲ ନାହିଁ, ତାର ସମର୍ଥକ ନାହିଁ, ତାର କିଛି ନାହିଁ । ସେ ସମାଜର କିଛି ନୁହେଁ । ଗୋଟିଏ ଆବର୍ଜନା ମାତ୍ର ।

Digitized by srujanika@gmail.com

ସରକାର ବାହାଦୁରଙ୍କ ଅସୀମ କୃପା । ଯେଉଁ ଦିନ କମିଶନର ଶୁଣାଣି ହୁଏ ସେ ଦିନ ଜଳଖିଆର ଖର୍ଚ୍ଚ ସରକାର ଦିଅନ୍ତି । କାଳୀ ମୁଖର୍ଜୀ ପଚାରନ୍ତି ଆଜିର ମେନୁ କଣ ? ମୁଁ କହେ ଆଜ୍ଞା ବ୍ରେକ୍‌ଫାଷ୍ଟ୍ ନଅଣ୍ଡ । ଅତି ଅଳ୍ପ ଆୟୋଜନ । ସମସ୍ତେ ହସନ୍ତି । ମୁଁ ପଚାରିଲି —“ଆପଣ ତ ଆନ୍ତର୍ଜାତୀୟ ଶ୍ରମ ସଂସ୍ଥାର ସଭ୍ୟ । ସେଠାରେ କିପରି ମେନୁ ହୁଏ ।” ସେ କହିଲେ—“ସେଠାରେ ସମ୍ଭାର ବିପୁଳ । ଖାଦ୍ୟ-ପେୟର ବ୍ୟବସ୍ଥା ବହୁଳ । କିଛି ଅଭାବ ନାହିଁ । ତେବେ ଥରେ ମୁଁ ବଡ଼ ବିପଦରେ ପଡ଼ି ଯାଇଥିଲି । ଚ୍ୟାଙ୍ଗ କାଇସେକ ଆମର ସଭ୍ୟ-ବୃନ୍ଦଙ୍କୁ ତାଇଓ୍ୱାନରେ ନିମନ୍ତ୍ରଣକୁ ଡାକିଲେ । ଆମେ ସବୁ ଗଲୁ । ସେଠାର ରୀତି ହେଲା ଯେ ଖାଇବା ବେଳେ ଜଣ ଜଣ କରି ଯାଇ ମାଇକ୍ ପାଖରେ ଭାଷଣ ଦେବେ । ସେ ଦିନ ଚ୍ୟାଙ୍ଗ କାଇସେକ୍ ବିଶେଷ ବ୍ୟବସ୍ଥା କରିଥାଆନ୍ତି । ସେଠାର ଉପାଦେୟ ଖାଦ୍ୟର ନମୁନା ଦେଉଛି । ଗୋଟିଏ ଶ୍ରେଷ୍ଠ ମାଙ୍କଡ଼କୁ ମାରି ତାର ଶରୀର ଓ ମୁଣ୍ଡକୁ ଜଳନ୍ତା ଚୁଲିରେ ଆପଣଙ୍କ ପାଖକୁ ନେଇଆସିବେ । ସେଠାରେ ଟିକିଏ ସାମାନ୍ୟ ମସଲାରେ ରାନ୍ଧି ଆପଣଙ୍କ ପ୍ଲେଟ୍‌ରେ ଥୋଇଦେବେ—ଆଖି ଆଗରେ ପ୍ରସ୍ତୁତ ହୋଇଛି ବୋଲି ଆପଣ ଯେପରି ଗଦ ଗଦ ହୋଇ ଖାଆନ୍ତି । ମୋ ପକ୍ଷରେ ମଧ୍ୟ ସେଇଆ ହେଲା । ମୁଁ ଭୟଙ୍କର ଆତଙ୍କିତ ହୋଇ ଉଠିଲି । ଏହି ମାଙ୍କଡ଼ ଛୁଆକୁ ଖାଇବାକୁ ହେବ ନା କଣ ? ଏ ତ ବଡ଼ ଅଦ୍ଭୁତ ରୀତି । ଏଥିରୁ ଉଦ୍ଧାର ପାଇବାର ଉପାୟ କଣ ? ବଡ଼ ବିବ୍ରତ ହୋଇ ଭାବୁଥାଏ । ହଠାତ୍ ବୁଦ୍ଧି ମୁଣ୍ଡକୁ ଆସିଲା । ଚ୍ୟାଙ୍ଗକୁ କହିଲି—“ଏତେ ସୁନ୍ଦର ଖାଦ୍ୟ ଉପଭୋଗ୍ୟ ହେବ, ଆପଣଙ୍କ ମୂଲ୍ୟବାନ ଭାଷଣ ଶୁଣୁ ଶୁଣୁ ।” କଥାଟା ତାଙ୍କ ମନକୁ ପାଇଗଲା । ସେ ଉତ୍ସାହିତ ହୋଇ ଲମ୍ବା ଭାଷଣ ଆରମ୍ଭ କରିଦେଲେ । ବଡ଼ ଅନୁପ୍ରାଣିତ ତାଙ୍କର ଭାଷା । ଟିକିଏ ପରେ ପ୍ଲେଟଟିକୁ ଯାଇ ଥୋଇଦେଇ ଆସି ନିଶ୍ୱାସ ମାରିଲି ସ୍ୱସ୍ତିର । ରକ୍ଷା ହୋଇଗଲି । ସେ ଥିଲେ ମୁଁ କି ହଇରାଣ ନ ହୋଇଥାଆନ୍ତି ?”

“ନା ନା, ଏଠାରେ ଆପଣଙ୍କୁ ମାଙ୍କଡ଼ ଦେବାର କ୍ଷମତା ଆମର ନାହିଁ । କେବଳ ସାମାନ୍ୟ ଚା ଓ ତା ସହିତ ଟା ।” ଉତ୍ତର ଦେଲି । ସମସ୍ତେ ଏକସାଙ୍ଗରେ ହସି ଉଠିଲେ । ଏହିପରି ନାନା ଗଳ୍ପ, ଥଟ୍ଟା

Digitized by srujanika@gmail.com

ରହୁଲେ ମଧ୍ୟାହ୍ନ ଅବସରରେ । ବେଶ୍ ଉପଭୋଗ୍ୟ ହୁଏ ଜ୍ଞାନୀଗୁଣୀଙ୍କ ସାହଚର୍ଯ୍ୟ । ସମୟଟା କପରି କଟିଯାଏ ଜାଣିପାରେ ନାହିଁ ।

ଆମ ସେକ୍ରେଟାରିଙ୍କୁ ବିଦେଶ ପଠାଗଲା "Stock Exchange" ବିଷୟରେ ବିଶେଷ ଜ୍ଞାନ ଆହରଣ କରିବା ପାଇଁ । ସେହି ଢାଞ୍ଚାରେ ନବଗଠିତ ହେବ ଆମର ସଂସ୍ଥାଗୁଡ଼ିକ । ଅନେକ ଦିନ ଇଂଲଣ୍ଡ ଓ ଆମେରିକାରେ ରହି ଗବେଷଣା କରି ଫେରିଲେ । ଜ୍ଞାନ ଆହରଣ କଣ କଲେ ମୋତେ ଜଣା ନାହିଁ । କିନ୍ତୁ ଗୋଟିଏ ପୃଥୁଳ ଆକାରରେ ଗସ୍ତ ଖର୍ଚ୍ଚର ଖସଡ଼ା ମୋ ନିକଟକୁ ପଠାଇ ଦେଲେ । ତାହା ଯାଞ୍ଚ ପାଇଁ ସେକ୍ସନକୁ ଗଲା । ଅନେକ ଧରଣର କାମ । ଛମାସ ପର୍ଯ୍ୟନ୍ତ ତାର ଫେରିବାର ନାଁ ପର୍ଯ୍ୟନ୍ତ ନାହିଁ । ହଠାତ୍ ଦିନେ ମନେପଡ଼ିଲା । ପଦାଧିକାରୀଙ୍କୁ ପଚାରିଲି—"ଡେରି କାହିଁକି ?" "ଆଜ୍ଞା ସେ ଯେତେ ପାଇବେ ବୋଲି ଲେଖିଛନ୍ତି ସେଥିପାଇଁ ହକଦାର ନୁହନ୍ତି ।" ସେ ଉତ୍ତର ଦେଲେ । "ଆମ ସେକ୍ରେଟାରୀ କେବେହେଲେ ଭୁଲ ବିଲ୍ ଦେବେ ନାହିଁ । ସେ ଏ ବିଷୟରେ ବଡ଼ କଡ଼ା । ଆପଣ ଭଲକରି ଯାଞ୍ଚ କରନ୍ତୁ ।" ମୁଁ କହିଲି । ସେ ଉତ୍ତର ଦେଲେ "ନାହିଁ ସାର୍ । ମୁଁ ଭଲକରି ଦେଖିଛି । ସେ ମାତ୍ର ଗୋଟିଏ ରୁମ ହୋଟେଲରେ ପାଇବା ପାଇଁ ହକଦାର । ମାତ୍ର ସୁଟ୍ ଭଡ଼ା ନେଇଛନ୍ତି ସବୁ ଜାଗାରେ । ତେଣୁ ଖର୍ଚ୍ଚ ବେଶୀ ହୋଇଯାଇଛି । ଆମକୁ ଆମେରିକା ଓ ଇଂଲଣ୍ଡର ରାଜଦୂତମାନଙ୍କର ଅଫିସ୍‌ର ଚିଠିପାଇଁ ଅପେକ୍ଷା କରିବାକୁ ପଡ଼ିବ । ସେତେବେଳେ ପ୍ରକୃତ ଦେୟ ପରିଷ୍କାର ହୋଇଯିବ ।" ସବୁ ବୁଝି ଅପେକ୍ଷା କରିବାକୁ କହିଲି । ଆଉ ଦୁଇ ମାସ ଗଡ଼ିଗଲା । କୌଣସି ଚିଠି ଆସିଲା ନାହିଁ । ସେକ୍ରେଟାରୀ ମନେ ମନେ କ୍ଷୁବ୍ଧ ହେଉଛନ୍ତି । ମୋତେ ଜଣା ନାହିଁ । ଦିନେ ତଲବ ହେଲା । ତାଙ୍କ ପିଏ କହିଲା—"ଆଜି ଭାରି ରାଗିଛନ୍ତି ଆପଣଙ୍କ ଉପରେ । ପାନେ ମିଳିବ ଆପଣଙ୍କୁ ।" ଯାଇ ପହଞ୍ଚିବାରୁ ମାତ୍ର ପଦେ କଥା କହିଲେ—"ଟିଏବିଲ୍ ଦେବାରେ ଅସୁବିଧା କଣ ?" ଏତିକି । ସେ କେବେହେଲେ ରାଗ ପ୍ରକାଶ କରନ୍ତି ନାହିଁ । ମୁଁ ସବୁ ବୁଝେଇ କହିଲି । ସେ ଉତ୍ତର ଦେଲେ ଯେ ସେ ଯାହା ଖର୍ଚ୍ଚ କରିଛନ୍ତି ତାହା ତାଙ୍କର ପ୍ରାପ୍ୟ । ତେଣୁ ସେଇ ଭାବରେ ବିଲ୍ ତିଆରି କରାଯାଉ । ମୁଁ କହିଲି—"ଆପଣ ସର୍ବମସ୍ତ କର୍ତ୍ତା ଏ

Digitized by srujanika@gmail.com

ବିଭାଗର । ଯାହା ଇଚ୍ଛା ତାହା ନେଇପାରିବେ । କିନ୍ତୁ ନିଶ୍ଚୟ ଅଭିଯୋଗ କରିବ । ସେତେବେଳେ ଆପଣ ବିପଦରେ ପଡ଼ିବେ । ମୋର କର୍ତ୍ତବ୍ୟ ଆପଣଙ୍କୁ ଚେତାଇ ଦେବା ।" ସେ କହିଲେ—"ନା, ତୁମେ ବିଲ୍ ପଠେଇ ଦିଅ । ମୁଁ ଦେଖୁଛି ।" ତା'ପରଦିନ ବିଲ ତାଙ୍କ ଟେବୁଲ ଉପରେ ରଖାଗଲା । ଆମେ ଅପେକ୍ଷା କରୁଛୁ । ସବୁ ଫାଇଲ ଫେରି ଆସୁଛି । ବିଲ୍‌ଟି ଆସୁନାହିଁ । ମାସେ ଯିବା ପରେ ମୁଁ P. A.କୁ କହିଲି—"କଣ ହେଲା ବିଲ୍‌ର । ଦେଖନ୍ତୁ ହଜିଗଲା ନାହିଁ ତ ? ଅନ୍ୟ ଫାଇଲ ସାଙ୍ଗରେ ମିଶିଗଲା କି ?" ସେ ଦେଖିଲେ ଯେମିତି ରହିଛି ଟେବୁଲ ଉପରେ । ଆଉ ମାସେ ପରେ ଦୂତାବାସ ଅଫିସଗୁଡ଼ିକରୁ ହିସାବ ଆସିଗଲା । ଆମେ ଯାହା କହିଥିଲୁ ତାହା ଠିକ୍ । ସେଗୁଡ଼ିକ ନେଇ ଦେଖାଇ ଦେଇ ଆସିଲି । ସନ୍ତୁଷ୍ଟ ହେଲେ । କହିଲେ—"ପରେ ଭାବି ଦେଖିଲି ତୁମ କଥାହିଁ ଠିକ୍ । ଆଉ ବିଲଟିରେ ଦସ୍ତଖତ କଲି ନାହିଁ ।"

ମୋ ଉପରେ ତାଙ୍କର ଭରସା ଅନେକ ବଢ଼ିଗଲା । ଦିନେ ତାଙ୍କ ପାଖକୁ ଜଣେ ଅତି ବିଶିଷ୍ଟ ବ୍ୟକ୍ତି ଆସିଲେ । ସେ କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ ଥିଲେ ଅନେକ ଦିନ । ଆମକୁ ମଧ୍ୟ ସେ ଚାକିରି ଦେବାରେ ସୁପାରିଶ କରିଥିଲେ । ଆମ୍ଭେମାନେ ସବୁ ତାଙ୍କ ପାଖରେ କୃତଜ୍ଞ । ଅବସର ନେବା ପରେ କୌଣସି କାମ ନେବା ତାଙ୍କ ପକ୍ଷରେ ନିଷିଦ୍ଧ । କିନ୍ତୁ ସେ ବିଶେଷ କାମରେ ଆସିଛନ୍ତି । ଆମ ସଚିବଙ୍କୁ ଗୋଟିଏ ଅତି ସୁନ୍ଦର ବିଦେଶୀ ଲାଇଟର୍ ଉପହାର ଦେଲେ । ବାରବର୍ଷ ଆମ ସଚିବ ତାଙ୍କ ଅଧୀନରେ ଇଂରେଜ ଓ ପରବର୍ତ୍ତୀ ଅମଳରେ ଚାକିରି କରିଥିଲେ । ତେଣୁ ତାଙ୍କୁ ଭାରି ଶ୍ରଦ୍ଧା କରନ୍ତି । ବହୁ କଥାବାର୍ତ୍ତା ପରେ ଢୋଲ ଭିତରୁ ମୂଷା ବାହାରିଲା । ସୁମ୍ୟାନ୍ ଇଞ୍ଜିନିୟରିଙ୍ଗ କମ୍ପାନି ଗୋଟିଏ ଅତି ଗୋଳମାଳିଆ ସଂସ୍ଥା । ତା ବିରୁଦ୍ଧରେ ଅନେକ ଅଭିଯୋଗ ଆମର ହସ୍ତଗତ ହୋଇଥାଏ । ଗୋଷ୍ଠୀକନ୍ଦଳ ସେତେବେଳେ କମ୍ପାନିରେ ଉଚ୍ଚ ଅବସ୍ଥାରେ ପହଞ୍ଚିଥାଏ । ଆମର ଅନୁସନ୍ଧାନ ଆରମ୍ଭ ହୋଇଯାଇଥାଏ । ସେଠାରେ କାର୍ଯ୍ୟଭାରରେ ଥିବା ନିର୍ଦ୍ଦେଶକମାନଙ୍କ ବିରୁଦ୍ଧରେ ଦଣ୍ଡ ଦେବାପାଇଁ ଆମ୍ଭେମାନେ ସଜବାଜ ହେଉଥାଉଁ । ଏତିକବେଳେ ପ୍ରଭୁଙ୍କର ଆବିର୍ଭାବ । ସେ ସଚିବଙ୍କୁ ବହୁତ ବୁଝାଇ

Digitized by srujanika@gmail.com

ସୁଝାଇ କହିଲେ । ଅନୁନୟ ବିନୟ କରି ସୁପାରିଶ କଲେ ଯେ ଫାଇଲଟି ନଷ୍ଟ ହୋଇଯିବ ଯଦି କିଛି କଡ଼ା ପଦକ୍ଷେପ ନିଆଯାଏ । ଚେତାଇ ଦେଲେ ଯେ ସେ ଟେକନିକାଲ କାହାପାଇଁ କିଛି କହନ୍ତି ନାହିଁ । ମାତ୍ର ଏ ବିଷୟରେ ତାଙ୍କର ନିଜର ଉପଲବ୍ଧି ଥିବାରୁ ସତ କଥା ଜଣାଇବାକୁ ଆସିଛନ୍ତି । ବେଶ କିଛିକ୍ଷଣ ବସି ବିଦାୟ ନେଲେ ।

ଯାନ୍ତେ ଯାନ୍ତେ ମୋତେ ତଲବ ହେଲା । ସଚିବ ମହୋଦୟ ଅଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସବୁ ମୋତେ କହିଲେ । ଶେଷରେ କହିଲେ ତାଙ୍କ ଅଧୀନରେ ବାରବର୍ଷ କାମ କରିବା ଫଳରେ ଲାଇଟର୍‌ଟି ମେରାଇ ପାରିଲି ନାହିଁ । ଏହା କଣ ସରକାରୀ କର୍ମଚାରୀ ହିସାବରେ ଗ୍ରହଣଯୋଗ୍ୟ ? ଏହା କଣ ନୀତିବିରୁଦ୍ଧ ? ମୁଁ ତତ୍‌କ୍ଷଣାତ୍ ଉତ୍ତର ଦେଲି—"ତୁଚ୍ଛାତିତୁଚ୍ଛ ଜିନିଷ ଗ୍ରହଣଯୋଗ୍ୟ ବୋଲି ନିୟମରେ ଲେଖାହୋଇଛି । ଯେପରି ଫୁଲଟିଏ, ଫଳ ଗୁଚ୍ଛିଟିଏ । ଏବେ ତା'ର ମୂଲ୍ୟାୟନ ମଧ୍ୟ ହୋଇଛି ପାଞ୍ଚଟଙ୍କା ବୋଲି । (ପରେ ଅବଶ୍ୟ ଏହାର ମୂଲ୍ୟ ବଢ଼ାଇ ଦିଆଯାଇଛି ।) ଆପଣଙ୍କୁ ଯେ ଯାହା ଦେଇଛନ୍ତି ତାର ଦାମ ଅନ୍ତତଃ ଶହେଟଙ୍କା ହେବ । ଏହା ଆପଣଙ୍କୁ ସରକାରୀ ତୋଷା-ଖାନାରେ ରଖିବାକୁ ପଡ଼ିବ । ଆମର ବରିଷ୍ଠ ସରକାରୀ ଅଫିସର, ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଯେତେବେଳେ ବିଦେଶକୁ ଯାଆନ୍ତି, ସେମାନଙ୍କୁ ଅନେକ ରକମର ଉପଢୌକନ ମିଳେ । ସେଗୁଡ଼ିକ ସବୁ ତୋଷାଖାନାର ସଂଗ୍ରହାଳୟରେ ଯତ୍ନର ସହିତ ରଖାଯାଏ । ଲାଇଟର୍‌ଟିକୁ ମଧ୍ୟ ସେଠାକୁ ପଠାଇ ଦିଅନ୍ତୁ ।" ସେ ସମ୍ମତ ହେଲେ । ଗୋଟିଏ କାଗଜରେ ସମ୍ପୂର୍ଣ୍ଣ ବିବରଣ ଲେଖି ସିଧାସଳଖ ମୋ ପାଖକୁ ପଠାଇ ଦେଲେ । ମୁଁ ଲୋକ ପଠାଇ ତୋଷାଖାନାରେ ଜମା ଦେଇ ରସିଦ ତାଙ୍କ ପାଖକୁ ପଠାଇ ଦେଲି । ସେ ଖୁବ୍ ନିଶ୍ଚିନ୍ତ ହେଲେ । କହିବା ଅବାନ୍ତର ଯେ ପ୍ରଭୁଙ୍କର କାମଟି ହୋଇପାରିଲା ନାହିଁ । ଏହି ପରିପ୍ରେକ୍ଷୀରେ ତାଙ୍କର ଗସ୍ତ ଭଣ୍ଡୁର ହୋଇଗଲା ।

କିଛି ଦିନ ପରେ ଆମ ସଚିବଙ୍କ ବଦଳି ହୋଇଗଲା ଅନ୍ୟ ବିଭାଗର ସଚିବ ଭାବରେ । ସେ ଖୁସୀ ହେଲେ । ସେଠାରେ ଅଧିକ ସମ୍ମାନ ମିଳିବ ବୋଲି । ମାତ୍ର ଆମ୍ଭେମାନେ ଦୁଃଖିତ ହେଲୁ; କାରଣ

Digitized by srujanika@gmail.com

ତାଙ୍କପରି ଉଦାର ମନୋଭାବାପନ୍ନ ଲୋକ ବିରଳ । କେବେହେଲେ କୌଣସି ସାହାଯ୍ୟ ଗ୍ରହନ୍ତି ନାହିଁ । ନିଜେ ଗାଡ଼ି ଚଳେଇ ଆସନ୍ତି । ପିଅନ-ଡ୍ରାଇଭର ରଖନ୍ତି ନାହିଁ । ଲୁଗାପଟାରେ କୌଣସି ବାହୁଲ୍ୟ ମଧ୍ୟ ନ ଥାଏ । ଫେରିଲାବେଳେ ତାଙ୍କ ଝିଅ କଲେଜରୁ ଆସି ଗାଡ଼ି ଚଳେଇ ନେଇଯାଏ । ବାପାଙ୍କର ଖୁବ୍ ଯତ୍ନ କରେ । ଏକମାତ୍ର ଝିଅ ।

ତାଙ୍କୁ ଆମେସବୁ ବିଦାୟ ସମ୍ବର୍ଦ୍ଧନା ଦେବୁ । ମୁଁ ଯାଇ ତାଙ୍କ ଘରେ ପହଞ୍ଚିଲି, ନିମନ୍ତ୍ରଣ କରିବା ପାଇଁ । ଗୃଣକ୍ୟପୁରରେ ନିଜ ଘରେ ବସବାସ କରନ୍ତି । ସରକାରୀ କ୍ୱାର୍ଟରରେ ନୁହେଁ । ମୋତେ ଓଡ଼ିଶା କଥା ଅନେକ ପଚାରିଲେ । ମୁଁ କହିଲି ଯେ ଆପଣଙ୍କୁ କେବେ ରାଗିବାର ଦେଖିନାହିଁ । ମାତ୍ର ଆମେ ତ ସବୁବେଳେ ନିଜ ରାଗକୁ ଚାପି ରଖି ପାରୁ-ନାହୁଁ । ଆପଣ କିପରି ନିଜ ମନ ଉପରେ ଶୃଙ୍ଖଳାବୋଧ ଆରୋପ କରନ୍ତି ? ବୁଝେଇ କହିଲେ—"ଦେଖ, ରାଗ କଲେ ମୋର ରକ୍ତଚାପ ବୃଦ୍ଧି ହୁଏ । ତାଛଡ଼ା ଯଦି ତମ ଉପରେ ରାଗ ଦେଖାଏ ତେବେ ତମ ମନରେ ଅଶାନ୍ତି ହୁଏ, ତୁମେ ପାଞ୍ଚସାତ ଦିନ ପର୍ଯ୍ୟନ୍ତ ଅସ୍ଥିର ହୋଇଯାଅ । ଫଳରେ କାମଦାମରେ ମଧ୍ୟ ବାଧା ସୃଷ୍ଟି ହୁଏ । ତୁମର ଘରେ ତୁମେ ଚଞ୍ଚଳମନ ଯୋଗୁ ଅଶାନ୍ତି ସୃଷ୍ଟି କର । ଶେଷରେ ଯେଉଁ କାମ ପାଇଁ ଏତେ ଗୋଳମାଳ ସେଇଟା ମଧ୍ୟ ଅଟକିଯାଏ । ତୁମେ ଯାଇ ତଳ ଅଫିସର ଉପରେ ରାଗ ଦେଖାଇବ । ଏପରି ଆବର୍ତ୍ତ ବଢ଼ିଚାଲେ । କର୍ମକ୍ଷମତା ସମସ୍ତଙ୍କର କମିଯାଏ ।" ଆକାଟ୍ୟ ଯୁକ୍ତି । ଏତେ ଭାବଚିନ୍ତା କେହି କାମ କରେ ନା କଣ ? କିନ୍ତୁ ସେ କରନ୍ତି । ମୋର ମନେ ପଡ଼ିଲା ଆଗର କଥା । ତାଙ୍କୁ ମନ୍ତ୍ରୀ ମହୋଦୟ "Monopoly Enquiry Commission"ର ସଭ୍ୟ କରି ଦେଇଥିଲେ । ସେ ନାଲିବତୀ ଜଳେଇ ତାଙ୍କର ସ୍ୱମତ ଭିନ୍ନ ଭାବରେ ପ୍ରକାଶ କରିଥିଲେ ପନ୍ଦର ଦିନ ଧରି । ଲେଖୁଛନ୍ତି ତ ଲେଖୁଛନ୍ତି । ସରକାରୀ କାମ ସ୍ଥଗିତ ରହିଲା । ସେ ଅତି ଚିନ୍ତାଶୀଳ ବ୍ୟକ୍ତି ଥିଲେ । ଆୟୋଗର ଅନ୍ୟ ସଭ୍ୟଙ୍କ ସହିତ ଏକମତ ନ ହୋଇ ନିଜର ଭିନ୍ନ ମତ ଅଲଗା ଭାବରେ ପ୍ରକାଶ କରିଥିଲେ । ତାହା ସ୍ୱାଗତଯୋଗ୍ୟ ହୋଇଥିଲା । ତାଙ୍କର ନିଜସ୍ୱ ଭାବଧାରା ସୁଚିନ୍ତିତ ଥାଏ ।

Digitized by srujanika@gmail.com

ଦିନେ ଜଣେ ଆମ ବଙ୍ଗଳର ସହକର୍ମୀ ଦିଲ୍ଲୀରେ ଯାଇ ପହଞ୍ଚିଲେ । ତାଙ୍କ ନାମ B. G. Gupta । ସେ କହିଲେ ସଚିବ ମହୋଦୟଙ୍କ ଲେଖା ଗୋଟିଏ ଫାଇଲ ମୋତେ ଦେଖାଅ । ମୋ ଟେବୁଲରେ ଅତି ଶ୍ରେଷ୍ଠ ଫାଇଲଟିଏ ପଡ଼ିଥିଲା, ଦେଖାଇଲି । ଜଣେ ପ୍ରଥମ ଶ୍ରେଣୀର କର୍ମଚାରୀ ନିଯୁକ୍ତି ହୋଇଛନ୍ତି । ତାଙ୍କର ଶିକ୍ଷା, ଅଭିଜ୍ଞତା ଇତ୍ୟାଦିର ବର୍ଣ୍ଣନା ଦେଇ ତାଙ୍କୁ କେନ୍ଦ୍ରୀୟ ଲୋକସେବା ଆୟୋଗ କପରେ ସୁପାରିଶ୍ କରିଥିଲେ ଇତ୍ୟାଦି ଜଣାଇ ଗୋଟିଏ ଛୋଟିଆ ଅତି ସାଧାରଣ ନୋଟ୍ ଦେଇଥିଲି । ସେ 'ଧନ୍ୟବାଦ' ଏତିକ ଲେଖି ଫେରାଇ ଦେଇଛନ୍ତି । ଗୁପ୍ତାଜୀ ତାହା ଦେଖି ମୁଗ୍ଧ । ଆରେ, ତମେ ତ କଷ୍ଟ କରନାହିଁ । ତଥାପି ତୁମକୁ ଧନ୍ୟବାଦ । ଆଉ ଆମେ ଯେତେ କଲେ ବି ଖାଲି କୋଉବାଡ଼—ତୁମେ କଷ୍ଟ କଲ ନାହିଁ, ତୁମେ ଅଯୋଗ୍ୟ, ତୁମେ ଅପଦାର୍ଥ । ଆହୁରି ଅନେକ ଅନେକ କଥା ଶୁଣିବାକୁ ପଡ଼ୁଛି ।

ମୁଁ କହିଲି, ଗୁପ୍ତାଜୀ, ମୋର ଗୋଟିଏ ସୂଚନା ଅଛି ତୁମର ସମସ୍ୟା ସମାଧାନ କରିବାର । ପଚାରିଲେ କପରି ? ମୁଁ କହିଲି—"ଏଥର ଉପରବାଲା ତୁମକୁ ଯଦି ଗଧ କହନ୍ତି ତେବେ ଉତ୍ତର ଦେବ—Sir, my father also was one । ସେଥିରେ ସେ ତୁମର ପ୍ରକୃତ ବାପ ଚାଲିଯିବେ ।" ଗୁପ୍ତାଜୀ ଖୁବ୍ ହସିଲେ । କହିଲେ "ଯେ ଆ'ପନେ ଠିକ୍ କହା ।" ମୋଠାରୁ ବିଦାୟ ନେଇ କଲିକତା ଫେରିଗଲେ ।

ଆମେ ସଚିବଙ୍କୁ ବିଦାୟ ଦେଲୁ । ତାଙ୍କ ସ୍ଥାନରେ ଶ୍ରୀ ଶିଶିର କୁମାର ତାଙ୍କର ସ୍ଥଳାଭିଷିକ୍ତ ହେଲେ । ନୂଆ ସଚିବଙ୍କ ଢଙ୍ଗଢାଙ୍ଗ ଏକାବେଳକେ ଅଲଗା । ଅତି ନିର୍ଭୀକ, ସ୍ପଷ୍ଟବାଦୀ ଓ ସିଧାଲୋକ । ତାଙ୍କ ପାଖରେ ଲୁଚାଛପା ବୋଲି କୌଣସି ଜିନିଷ ନାହିଁ । ସେ ମୁସୌରୀ ଟ୍ରେନିଂ କଲେଜରେ ଅଧ୍ୟକ୍ଷ ଥିଲେ । ସେଠାରେ ଆଇ. ଏ. ଏସ. ଓ ଅନ୍ୟ ସେବାର ପଦାଧିକାରୀମାନଙ୍କୁ ଶିକ୍ଷା ଦିଆଯାଏ । ସେଠାରେ ଶିକ୍ଷାର୍ଥୀମାନଙ୍କ ସହିତ ଖୁବ୍ ମିଳାମିଶା କରୁଥିଲେ । ତାଙ୍କର ଲୁକର ପ୍ରତି ମୋହ ନ ଥାଏ । ଏକେରକମ ହୁଙ୍କାପିଠା ଧରଣର, କିନ୍ତୁ ଅତ୍ୟନ୍ତ ବିଚକ୍ଷଣ । ଦୁଇଦିନରେ ତାଙ୍କର ଗମ୍ଭୀରତାର ପରିଚୟ ମିଳିଲା । ପୂର୍ବ ସଚିବଙ୍କ ବିରୁଦ୍ଧରେ କେହି ଜଣେ ଗୁପ୍ତ ଚିଠି ଲେଖିଛି । ପୂର୍ବ ସଚିବ ଅତି ଅପାରଗ,

Digitized by srujanika@gmail.com

ଗୋଳମାଳିଆ ମଧ୍ୟ । ତାଙ୍କ ଯୋଗୁ ବିଭାଗର ଅବନତି ହେଉଛି, ତାଙ୍କୁ ଏଠାରୁ ତଡ଼ାଇ ଦିଆଯାଉ ଇତ୍ୟାଦି ଇତ୍ୟାଦି । ଚିଠି ପାଇବା ମାତ୍ରେ ଯୁଗ୍ମ ସଚିବଙ୍କୁ ଡାକିଲେ । କହିଲେ ଆପଣ କୁଆଡ଼େ ବଡ଼ ଖରାପ ଲୋକ ବୋଲି ଏହି ପତ୍ରପ୍ରେରକ ଜଣାଉଛନ୍ତି । ନିଶ୍ଚୟ ବାହାରର ଲୋକ ନୁହେଁ । ଏହି ଅଫିସ ଭିତରେ ଲୁଚି ରହିଛି, ତାକୁ ଖୋଜିବାହାର କରିବାକୁ ହେବ । ତାର ଉପଯୁକ୍ତ ଶାସ୍ତି ହେବା ଦରକାର । ଆଦେଶ ଦେଲେ ସେ ଚିଠି ଉପରେ ତାଙ୍କର ନାଁ ଓ ଠିକଣା ଲେଖାଅଛି ସବୁ ଷ୍ଟେନୋ ଆଉ ଟାଇପିଷ୍ଟମାନଙ୍କୁ ଟାଇପ କରିବାକୁ । ସବୁ ଟାଇପରାଇଟର ଏକସଙ୍ଗେ ଗର୍ଜି ଉଠିଲେ । ଏକ ଅଦ୍ଭୁତ କାଣ୍ଡ କାରଖାନା । ପ୍ରଥମେ ଆମେ ସବୁ କିଛି ବୁଝିପାରିଲୁ ନାହିଁ । ଆସ୍ତେ ଆସ୍ତେ ସବୁ ଜଣାପଡ଼ିଲା । ଚୋର ଧରା ପଡ଼ିଲା । ତାଙ୍କର ପି.ଏ. । ତାର ଟାଇପରାଇଟରରେ ଟାଇପ କରିଛି । ସମ୍ପୂର୍ଣ୍ଣଭାବେ ଠିକଣାଟି ମିଳିଗଲା । ଆମେ ସବୁ ଘଟଣା ଦେଖି ଆମର ଚକ୍ଷୁସ୍ଥିର । ଏତେ ଅଳ୍ପସମୟ ମଧ୍ୟରେ ସେ କପରି ଅସଲ ଲୋକକୁ ଧରିପାରିଲେ ଏହା ଦେଖି ଆମେ ବିସ୍ମିତ ହେଲୁ । ତାଙ୍କ ଉପରେ ଆମର ଶ୍ରଦ୍ଧା ବଢ଼ିଗଲା ।

କମ୍ପାନି ଆଇନ ସଂଶୋଧନ ବିଲ ପାର୍ଲାମେଣ୍ଟରେ ଚାଲିଥାଏ ସେତେବେଳେ । ମେମ୍ବରମାନଙ୍କର ଟିପ୍ପଣୀ ମଧ୍ୟ ହେଉଥାଏ । ମନ୍ତ୍ରୀଙ୍କୁ ସାହାଯ୍ୟ କରିବା ସଚିବଙ୍କର କର୍ତ୍ତବ୍ୟ, କିନ୍ତୁ ସେ ସେଥିରେ ଦକ୍ଷିଣାଭିମୁଖ ଯାଇଥାଆନ୍ତି । ସେଦିନ ମୋର ଡିଉଟି ଥାଏ ଅଫିସର ଗ୍ୟାଲେରିରେ । ହଠାତ୍ ମନ୍ତ୍ରୀ ମହୋଦୟ କହିଲେ ସଚିବ କାହାନ୍ତି ? ମୁଁ କହିଲି ସେ ଟ୍ରେନରେ ଯାଇଛନ୍ତି । ସେ କହିଲେ ଏତେବେଳେ ତାଙ୍କର ରହିବା କଥା । ତାଙ୍କୁ ଜଣାଇବେ ।

ସଚିବ ଟୁରରୁ ଫେରିଲେ । ମୁଁ ଯଥାରୀତି ଜଣାଇଲି । କହିଲେ, ମୁଁ ଅନେକ ମନ୍ତ୍ରୀ ଦେଖିଛି । ଏହା ପରେ ମଧ୍ୟ ମୋ ଇଚ୍ଛା ଅନୁସାରେ ବାହାରକୁ ଯିବି । ତାଙ୍କୁ ଜଣାଇଦେବେ । ମୁଁ ବଡ଼ ଦ୍ୱିଧାରେ ପଡ଼ିଲି । ମାତ୍ର ଆଉ କେବେହେଁ ମନ୍ତ୍ରୀଙ୍କ ସହିତ ଏ ବିଷୟରେ କଥା ହେବାର ଦରକାର ପଡ଼ିନାହିଁ । ବୁଝିଲି ଆମ ସଚିବ ଖୁବ୍ ବେପରୁଆ ଲୋକ— କାହାକୁ ଖାତିର କରନ୍ତି ନାହିଁ । ଦୂରେଇ ରହିଲି ।

Digitized by srujanika@gmail.com

ଏପରି ସମୟରେ Public Accounts Committee ବସିଲା । ସେଥିରେ ମୁଖ୍ୟ ବିଷୟଟି ଥିଲା Mundhraଙ୍କ କମ୍ପାନି ନେଇ । ତାଙ୍କର କ୍ରିୟାକର୍ମ ଭାରତରେ ସେତେବେଳେ ସମସ୍ତେ ଜାଣିସାଇଥାନ୍ତି । ଏକା ନମ୍ବରର ଅନେକ ଗୁଡ଼ାଏ ଶେଆର ବଜାରରେ ଛାଡ଼ି ଟଙ୍କା ଉଠେଇ ଭୟଙ୍କର ବିଶୃଙ୍ଖଳା ସୃଷ୍ଟି କରିଥାଆନ୍ତି । ସରକାର Richardson & Cruddas କମ୍ପାନିକୁ ନବେ ଲକ୍ଷ ଟଙ୍କା ଧାର ଦେଇ ସୁଧୁରି ଯିବାକୁ ସାହାଯ୍ୟ କରୁଥାଆନ୍ତି । State Bank ଋଣ ଦେଇଥାଏ ଆମ ବିଭାଗ ପରାମର୍ଶରେ । କମିଟି ଭାରି ଟାଣୁଆ । ସବୁ ବିଭାଗକୁ ହଇରାଣ କରିବାରେ ସିଦ୍ଧହସ୍ତ । ପ୍ରାୟ ୨୧ ଜଣ ସଭ୍ୟ । ସେଥିରେ ମୋରାରକା ଅଧ୍ୟକ୍ଷ । ତାଙ୍କର ସବୁ ବିଷୟରେ ଉଦ୍ଧା ଅଧିକ ଭଲ ଜ୍ଞାନ ଥାଏ । ତେଣୁ ତାଙ୍କୁ ଫାଙ୍କିଦେବା କାଠିକର ପାଠ । ଆମ ସଚିବଙ୍କ ସହିତ ଆମେ କେତେଜଣ ଯାଇଥାଉ । ଅନେକଟା ମୋ ଅକ୍ତିଆରରେ ପଡ଼େ । କହିଲି, "ସାର୍ ଟିକଏ ଫାଇଲଟା ଦେଖିଯାଇଥିଲେ ଭଲ ହୋଇଥାଆନ୍ତା ।" ଉତ୍ତର ଦେଲେ— "ସେ ସବୁ ମୋର ଦରକାର ହୁଏ ନାହିଁ ।" ହଉ ହେଲା । ସେ ହଲପଟାରେ ପଡ଼ିବେ ମୋର କାହିଁକି ମୁଣ୍ଡବ୍ୟଥା । ଆମେ ପହଞ୍ଚିଲା ବେଳକୁ ବ୍ୟାଙ୍କ ଲୋକେ ପ୍ରଶ୍ନ ବାଣରେ ଝାଳନାଳ ହୋଇ ଗଲେଣି । କମିଟି ପଚାରୁଛନ୍ତି—"ଏପରି ବଦ୍‌ନାମି ସଂସ୍ଥାକୁ ପୁଣି ଏତେ ଟଙ୍କା ସରକାର ଋଣ ଦେବାର କାରଣ କଣ ? ଜନସାଧାରଣଙ୍କ ସ୍ୱାର୍ଥ ଏଭଳି ଭାବରେ ନଷ୍ଟ କରିବାର କ୍ଷମତା କିଏ ଆପଣମାନଙ୍କୁ ଦେଲା ? ଆପଣ-ମାନେ କଣ ଭାବନ୍ତି ଯାହା ଇଚ୍ଛା ତାହା କରିସିବେ ? ଆଉ କେହି ନାହିଁ ଉପରେ ଦେଖିବାକୁ ?" State Bankର ଅଧିକର୍ତ୍ତା ଆମ୍ଭମାନଙ୍କୁ ଦେଖିବାକୁ ପାଇ ହାହା ହେବାକୁ କମିଟିକୁ ଜଣାଇଲେ କମ୍ପାନୀ ବିଭାଗର ପରାମର୍ଶରେ ଆମେ ଟଙ୍କା ଦେଇଛୁ । ତା'ପରେ ଆମ ବିଭାଗ ଉପରେ ପ୍ରଶ୍ନବାଣ ବର୍ଷିତ ହେଲା ଅନୁରୂପ ଭାବରେ । ଆମ ସଚିବ କହିଲେ— "ଆପଣମାନେ ଟିକଏ ଧୈର୍ଯ୍ୟ ଧରି ଶୁଣିଲେ ଅଳ୍ପ ସମୟରେ ସମସ୍ୟାଟି ବୁଝିଯିବେ । କାରଣ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ହିଁ ଟଙ୍କା ଦିଆ-ଯାଇଛି । ଶେଆର୍ କେଉଁମାନଙ୍କର ? ସାଧାରଣଙ୍କର । କ୍ଷତି କାହାର ହୋଇଛି ? ସାଧାରଣଙ୍କର । ସେମାନଙ୍କର ଲାଭ ହେବ କପରି ? କମ୍ପାନି ଲାଭବାନ ହେଲେ । ସେମାନେ ଡିଭିଡେଣ୍ଡ ପାଇଲେ । ତେଣୁ ଟଙ୍କାର

Digitized by srujanika@gmail.com

ଦରକାର । ବ୍ୟବସାୟ ବଢ଼ିଛି । ଲାଭ ହେବାକୁ ଆରମ୍ଭ କଲାଣି । ଅବସ୍ଥା ସୁଧୁରିଲାଣି ।

ଆସ୍ତେ ଆସ୍ତେ ଲଭାଂଶ ବଢ଼ିଲାଣି । ଆଉ ନବେ ଲକ୍ଷ ଟଙ୍କା ଦେଲେ ଜନସ୍ୱାର୍ଥ ବାସ୍ତବ ଭାବେ ସୁରକ୍ଷିତ ହୋଇଯିବ । ଲୋକେ ଲାଭାଂଶରୁ କିଛି ପାଇ ଅବସ୍ଥା ସୁଦୃଢ଼ କରିବେ । ଆପଣମାନେ କଣ ଚାହାନ୍ତି କମ୍ପାନୀଟା ପୂରା ବନ୍ଦ ହୋଇ ଜନସ୍ୱାର୍ଥ ତଳେଇ ଯାଉ ଚିରଦିନ ପାଇଁ ? ମୁଁ କିନ୍ତୁ ଭାବେ ଯେ କୌଣସି ଦୂରଦୃଷ୍ଟିସମ୍ପନ୍ନ ଲୋକ ଏହି ରାସ୍ତା ହିଁ ବାଛି ନେଇଥାଆନ୍ତା । ଆମ ବିଭାଗ କିଛି ଗୋଟାଏ ନୂଆ କଥା କରି ପକାଇ ନାହିଁ । ଭବିଷ୍ୟତରେ ମୁଁ ଏହି ଉପଦେଶ ହିଁ ବ୍ୟାଙ୍କକୁ ଦେବି ।''

କମିଟି ମେମ୍ବର ସବୁ ଚୁପ୍ ପଡ଼ିଗଲେ । ଅଡିଟ୍ ବାହାର ଅନ୍ୟ ପୃଷ୍ଠା ଲେଉଟା ହେଲା । ଆମେ ସବୁ ସଚିବଙ୍କ ସହିତ ଫେରିଲୁ । ସେଦିନ ତାଙ୍କର ଉପସ୍ଥିତ ବୁଦ୍ଧିର ବିରଳ ଜ୍ୟୋତି ଦେଖିଥିଲି । ସେ ଅଭିଜ୍ଞତା ମୁଁ କେବେହେଲେ ଭୁଲିପାରିବି ନାହିଁ । ଆମେ ସମସ୍ତେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଲୁ । ସେ କିନ୍ତୁ ଆଗଭଳି ବେପରୁଆ । ''ଆରେ ତୁମ୍ଭେମାନେ ପାର୍ଲ୍ୟାମେଣ୍ଟ ସଭ୍ୟମାନଙ୍କୁ ଏତେ ଡର କାହିଁକି ? ସତକଥା କହିବାରେ ସତ୍‌ସାହସ ଥିବା ଦରକାର ।''

କମ୍ପାନି-ଆଇନ ବିଭାଗଟା ଗୋଟିଏ Wagon ଭଳି । ପ୍ରଥମେ ଥିଲା ବିତ୍ତ ମନ୍ତ୍ରଣାଳୟ ସହିତ । ସେତେବେଳେ ମନ୍ତ୍ରୀ ଥିଲେ ଟି.କୃଷ୍ଣମାଚାରୀ । ତା'ପରେ ଗଲା ଆଇନ ମନ୍ତ୍ରଣାଳୟକୁ । ପୁଣି ପରିବର୍ତ୍ତନ ହେଲା. ଏଥର ଯୋଡ଼ା ହେଲା ଶିଳ୍ପ ଓ ଉଦ୍ୟୋଗ ବିଭାଗ ସହିତ । ଆମର ମନ୍ତ୍ରୀ ହେଲେ ଫକରୁଦ୍ଦିନ ଅଲି ଅହମଦ । ସେ ପରେ ଭାରତର ରାଷ୍ଟ୍ରପତି ହୋଇଥିଲେ । ତାଙ୍କର ସମ୍ପର୍କ ଆମ ସଚିବଙ୍କ ସହିତ ବଡ଼ ଘନିଷ୍ଠ । ସେମାନେ ଦୁଇଜଣ ଆସାମର ଲୋକ । ଯେତେବେଳେ ଅହମଦ୍ ସାହାବ ଆସାମର ମନ୍ତ୍ରୀ ଥିଲେ, ସେତେବେଳେ ଆମ ସଚିବ ଥିଲେ ଆସାମର ଚିଫ୍ ସେକ୍ରେଟାରୀ । ଦୁହେଁ ଏକାଠି ଟେନିସ୍ ଖେଳୁଥିଲେ । ପୂର୍ବ ପରିଚିତ ଆମ ବିଭାଗକୁ ସମ୍ମାନ ଆଣିଦେଲା ।

Digitized by srujanika@gmail.com

ପାଲ୍ଟି ବଦଳିଲା । ଆଗେ ମନ୍ତ୍ରୀ ଆମକୁ ତାଙ୍କ ରୁମ୍‌କୁ ଡାକଥିଲେ । ଏଥର ଅହମଦ୍ ସାହାବ ଆମ ଅଫିସ ଦେଖିବାକୁ ଆସିଲେ । ତାଙ୍କୁ ଆମେ ସବୁ ଯାଇ ପାଛୋଟି ଆଣିଲୁ । ସଚିବ କିନ୍ତୁ ତାଙ୍କ ରୁମ୍ ଛାଡ଼ି ଗଲେ ନାହିଁ, କି ମନ୍ତ୍ରୀ ଆସିବା ପରେ ତାଙ୍କ ଚେଆର ମନ୍ତ୍ରୀଙ୍କୁ ଦେଲେ ନାହିଁ । ମନ୍ତ୍ରୀ ପାଖ ଚେୟାରରେ ବସିଲେ । ଆମକୁ ବଡ଼ କୌତୁକ ବୋଧ ହେଉଥାଏ । ଯୁ ପର୍ବ ସରିଲା । ମନ୍ତ୍ରୀ ପଦେଅଧେ କିଛି ବିଦାୟ ନେଲେ । ଅତି ସାଧାରଣ ସୌଜନ୍ୟ ଛଡ଼ା କିଛି ବେଶୀ ତତ୍ପରତା ଦୃଶ୍ୟ ହେଲା ନାହିଁ । ଭାବିଲି ଆମ ସଚିବ କୌଣସି ବିଷୟରେ ଆଧିକ୍ୟ ପ୍ରଦର୍ଶନ କରିବାକୁ ପସନ୍ଦ କରନ୍ତି ନାହିଁ । ଏପରିକି ବନ୍ଧୁତ୍ୱ ଥିଲେ ମଧ୍ୟ । ସେତେ ବଡ଼ ହେଉନ୍ତୁ ନା କାହିଁକି ସରକାରୀ ଚାକରଆମାନଙ୍କର ଉପର ବାଲା ପ୍ରତି ଟିକିଏ ବିଶେଷ ଭକ୍ତି ଥାଏ । କିନ୍ତୁ ସେ ବିଷୟରେ ଆମ ସଚିବ ଏକାବେଳକେ ନିର୍ବିକାର । ତାଙ୍କର ଅସଲରେ ଚାକିରି ପ୍ରତି ସ୍ପୃହା ନ ଥିଲା ।

ପ୍ରଶାସନିକ ସୁଧାର ଆୟୋଗର ଅଧ୍ୟକ୍ଷ ହେଲେ ଶ୍ରୀ ମୋରାରଜୀ ଦେଶାଇ । ଏହି ଆୟୋଗ ଅତି ସୁଚିନ୍ତିତ ପ୍ରଶ୍ନାବଳି ରଚନା କରିଥିଲେ । ସେଗୁଡ଼ିକ ବିଭିନ୍ନ ସଙ୍ଗଠନ, ବିଭାଗ ଓ ସଂସ୍ଥାକୁ ପଠାଇଥିଲେ ଉତ୍ତର ପାଇବା ନିମନ୍ତେ । ଏହା ଛଡ଼ା ଅନେକ ଶୁଭଚିନ୍ତକମାନଙ୍କୁ ମଧ୍ୟ ଡାକଥିଲେ ବିଚାର ବିମର୍ଷ କରିବାପାଇଁ । କିପରି ଦେଶର ପ୍ରଶାସନରେ ସାର୍ବିକ ଉନ୍ନତି ହୋଇ ଜନଗଣଙ୍କର ବିବିଧ ଉପକାର ସାଧିତ ହେବ ସେଥିପାଇଁ ସୁଦୃଢ଼ ପ୍ରଚେଷ୍ଟା କରିଥିଲେ ଏହି ଆୟୋଗ ।

ଆମ ବିଭାଗକୁ ମଧ୍ୟ ଏହି ପ୍ରଶ୍ନାବଳୀ ପଠାଯାଇଥିଲା । ସଚିବ ମହୋଦୟ, ଏତେ ଦକ୍ଷ, ବରିଷ୍ଠ ପଦାଧିକାରୀମାନଙ୍କ ମଧ୍ୟରୁ ମୋଭଳି କ୍ଷୁଦ୍ର ପ୍ରାଣୀକୁ କାହିଁକି ଏହି ପ୍ରଶ୍ନାବଳୀର ଉତ୍ତର ଦେବାପାଇଁ ବାଛିଲେ ତାହାର କାରଣ ଆଜି ପର୍ଯ୍ୟନ୍ତ ମୋତେ ଜଣା ନାହିଁ । କିନ୍ତୁ ଏହି ସୁଯୋଗଟି ପାଇ ମୁଁ ଅତିଶୟ ପ୍ରୀତ ହେଲି । **Administrative Reform** ବିଷୟଟି ମୋର ମନକୁ ସଦାସର୍ବଦା ଭରି ରଖିଥିଲା । କାରଣ ମୁଁ ଦେଖିଥିଲି ଯେ ଆମର ଶାସନର ଉଦ୍ଦେଶ୍ୟ ଏକାବେଳକେ ପଥଭ୍ରଷ୍ଟ । କଣ କଲେ ଏହା ଈପ୍ସିତ ଫଳ ପ୍ରଦାନ କରିବ ତାହା

Digitized by srujanika@gmail.com

ମୋର ଅହରହ ଚିନ୍ତା ଥିଲା । ଅବଶ୍ୟ ସେ ଚିନ୍ତା କେବଳ ସକ୍ଷିପ୍ତ ମାତ୍ର । କୌଣସି ଲକ୍ଷ୍ୟ ଭେଦ କରିବା ପାଇଁ ସେଥିରେ କ୍ଷୁରଧାର ନ ଥିଲା । ତାହାକୁ ଅଳସ ଚିନ୍ତା ବା କଳ୍ପନାବିଳାସ ମଧ୍ୟ କୁହାଯାଇ-ପାରେ । କିନ୍ତୁ ଏଥର ହାତରେ ପାଇଲି ୧୨୦ଟି ପ୍ରଶ୍ନାବଳୀ । ସ୍ୱତନ୍ତ୍ରଭାବେ ଭାବିବାକୁ ଲାଗିଲି କିପରି ଏହାର ଉପଯୁକ୍ତ ଉତ୍ତର ଦେବାକୁ ହେବ । ପ୍ରଶ୍ନଗୁଡ଼ିକ ଘରକୁ ଆଣି ଉତ୍ତର ଲେଖୁଥାଏ ହାତରେ । ଭାରି ଭଲ ଲାଗେ ନିଜର ସ୍ୱାଧୀନ ଚିନ୍ତା ବ୍ୟକ୍ତ କରିବାକୁ ; ବିଶେଷରେ ଚଳନ୍ତି ପଦ୍ଧତିର ଦୋଷତ୍ରୁଟି ଦେଖାଇବାକୁ ଓ ନୂତନ ପଦ୍ଧତିର ସୂଚନା ଦେବାକୁ । ପ୍ରଶ୍ନଗୁଡ଼ିକ ସବୁ ମୋର ଏବେ ମନେ ନାହିଁ । କେବଳ କେତେଟା ମନେ ଅଛି । ସେଥିରୁ ଗୋଟିଏ ପ୍ରଶ୍ନ ଥିଲା vigilance ଉପରେ ।

"Does accountability cast a longer shadow than it should ?" ଅର୍ଥ—ଦାୟିତ୍ୱର ଗ୍ଲାସ୍ଥା ଅନ୍ତର୍ବର୍ତ୍ତିତ ହୋଇ ଔଚିତ୍ୟର ସୀମା ଛଡ଼େଇ ଯାଉଛି କି ? ବୁଝେଇ କହିଲେ—"କୌଣସି କାମ କଲେ ତାର ଫଳ ବିଷୟରେ ଦାୟିତ୍ୱ ସବୁ ଅଫିସରଙ୍କର ଥାଏ । ଯଦି କୌଣସି ଭୁଲଭଟକା ହୁଏ ତାକୁ ରଙ୍ଗ ଚଢ଼େଇ ବଡ଼ କରି ଦୋଷୀ ଅଫିସରକୁ ଅଯଥା ହଇରାଣ କରିବାର ପ୍ରବୃତ୍ତି ପ୍ରଶାସନରେ ଅଛି କି ?" ଅତି ଉତ୍ତମ ପ୍ରଶ୍ନ । ପ୍ରଶ୍ନର ଉତ୍ତର, ମୁଁ ଗୋଟିଏ ଘଟଣା ଛଳରେ ଦେଇଥିଲି । ଆଗରୁ କହିଛି, ଆମ ବିଭାଗରୁ ବିଦେଶୀ ଶିକ୍ଷାପାଇଁ ଦିଇଜଣ ବିଲାତକୁ ଯାଇଥିଲେ । ସେଥିରୁ ଜଣେ ଥିଲେ ଆମ ବିଭାଗ (Company Law)ର ଯୁଗ୍ମ ସଚିବ । ସେ ନିଜ ଅଭିଜ୍ଞତାରୁ ମୋତେ ସବୁକଥା କହିଥିଲେ । ସେମାନେ Londonରେ ଅବସ୍ଥାପିତ ହୋଇଥିଲେ । ସେମାନଙ୍କୁ Estate Duty ବିଷୟରେ ଶିକ୍ଷା ଦିଆ-ଯାଉଥାଏ । ସେମାନେ ବ୍ରିଟିଶ ଅଫିସରମାନଙ୍କର ଫାଇଲ ସବୁ ଦେଖନ୍ତି, ପଢ଼ନ୍ତି, ଶିଖନ୍ତି । ଆମ ଦେଶର ଲୋକ ବସ୍ତୁତଃ ଛିଦ୍ରାନ୍ୱେଷୀ । ଅନ୍ୟର ଗଲତି ଦେଖିବା, ତାକୁ ବଢ଼େଇ କହିବା ଓ କୁତ୍ସାରଟନା କରିବା ସେମାନଙ୍କର ସ୍ୱଭାବିକ ସଦ୍‌ଗୁଣ । ଢେଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ । ଲଣ୍ଡନରେ ମଧ୍ୟ ସେମାନେ ବ୍ରିଟିଶ ଅଫିସରମାନଙ୍କ

Digitized by srujanika@gmail.com

କାମରେ ଦୋଷ ନ ଦେଖିପାରି ବଡ଼ ନିରାଶ ଚିତ୍ତରେ ଥାଆନ୍ତି । ହଠାତ୍ ଦିନେ ଜଣେ ପାଇଗଲି । ଜଣେ ବ୍ରିଟିଶ ଅଫିସର କରଦାତାଙ୍କ ସମ୍ପତ୍ତିର ହିସାବରେ ଭୁଲ କରିଛନ୍ତି । ଧରନ୍ତୁ ଏକଲକ୍ଷ ପାଉଣ୍ଡ୍ ଷ୍ଟର୍ଲିଂ । ଆମ ଅଫିସରଙ୍କ ଗୁପ୍ତ କମେଣ୍ଟ ମୋଟ । ଯାଇ କମିଶନର ଅଫ ଇନଲାଣ୍ଡ ରେଭିନ୍ୟୁଙ୍କୁ ଭେଟିଲେ । ସେ କହିଲେ ମୁଁ ବର୍ତ୍ତମାନ ବ୍ୟସ୍ତ ଅଛି । ଅମୁକ ସମୟରେ ଆସ । ଏମାନେ ଭାରି ବ୍ୟସ୍ତ କାରଣ ଶୀଘ୍ର ଜଣାଇବେ । ଶେଷରେ ଦେଖା ହେଲା । ଭୁଲଟି କମିଶନରଙ୍କର ଦୃଷ୍ଟିଗୋଚର କରାଇଲେ । ସେ କହିଲେ ଆଚ୍ଛା, ଆପଣମାନେ ଯାଆନ୍ତୁ ମୁଁ ଦେଖୁଛି । ଏମାନେ ମହା ଖୁସୀ । ଅଫିସରଙ୍କୁ ଦଣ୍ଡ ଦିଆଯିବ । ପୁଣି ମାସ ଦିନ ପରେ କମିଶନରଙ୍କୁ ଭେଟ କଲେ । ପଚାରିଲେ—"ଆଜ୍ଞା ଅଫିସରଙ୍କୁ କଣ ଦଣ୍ଡ ଦିଆଗଲା ?" ସେ ଆଶ୍ଚର୍ଯ୍ୟ ହୋଇ କହିଲେ —"ଦଣ୍ଡ ପୁଣି କଣ ? ସେଥିରେ ମିଶାଣରେ ଗୋଟିଏ ଭୁଲ ଥିଲା । ତାହା ସୁଧାରି ନିଆଗଲା । ଭୁଲଟି ଅଫିସରଙ୍କର ଦୃଷ୍ଟିଗୋଚର କରା-ହୋଇଛି । ସେତିକି ।" ସାଙ୍ଗେ ସାଙ୍ଗେ ରାଗିଯାଇ କହିଲେ—"ଆପଣ-ମାନେ ଏତେ ନିକୃଷ୍ଟମନା କାହିଁକି ? ସବୁବେଳେ ଦଣ୍ଡ ଦଣ୍ଡ ହେଉ-ଛନ୍ତି । ମୋ ସହିତ ଆଉ ଦେଖା କରିବାକୁ ଆସିବେ ନାହିଁ କେବେ-ହେଲେ ।" କାନମୁଣ୍ଡା ଆଉଁସି ଆମର ବିଚକ୍ଷଣ ବଛେଇ ପଦାଧିକାରୀ-ମାନେ ଘରକୁ ଫେରିଲେ ।

ଉତ୍ତରରେ ଲେଖିଲି ଏହି ଘଟଣାରୁ ପ୍ରମାଣିତ ହେବ ଯେ, ଆମ ଦେଶରେ କାୟା ଅପେକ୍ଷା ଛାୟା ଅତୀବ ଦୀର୍ଘତର ହୋଇଥାଏ । ଛାୟାକୁ ଯେପରି ତାର ସ୍ୱସ୍ଥାନକୁ ଫେରାଇ ନିଆଯାଏ ସେଥିପ୍ରତି ତୀବ୍ର ଦୃଷ୍ଟି ଦେବା ଉଚିତ । ଅଯଥା ସନ୍ଦେହର ମୂଳୋତ୍ପାଟନ କରାଯିବା ଉଚିତ । ଭୁଲ ହେଲେ ମଧ୍ୟ, ସିଦ୍ଧାନ୍ତ ନେବାପାଇଁ ଅଫିସରମାନଙ୍କୁ ଅନୁପ୍ରେରଣା ଦିଆଯିବା ଉଚିତ ।

ଆଉ ଗୋଟିଏ ପ୍ରଶ୍ନ କଥା ମୋର ମନେ ଅଛି, "ପ୍ରଧାନମନ୍ତ୍ରୀଙ୍କୁ କୌଣସି ବିଭାଗର ଦାୟିତ୍ୱ ଦିଆଯିବା ଉଚିତ କି ନୁହେଁ ?" ଏହାର ଉତ୍ତରରେ ମୁଁ ଲେଖିଲି ଯେ ସେ ବିଭାଗୀୟ ଦାୟିତ୍ୱରେ ଆବଦ୍ଧ ହୋଇ ପଡ଼ୁଛନ୍ତି । ତାଙ୍କୁ ମଧ୍ୟ ସେହି ବିଭାଗ-ଧାରଣା ବିଭାଜିତ କରି ରଖୁଛି ।

Digitized by srujanika@gmail.com

ସମ୍ପୂର୍ଣ୍ଣ ସିଂହାବଲୋକନ କରିବାକୁ ସେ କ୍ରମେ କ୍ରମେ ଅସମର୍ଥ ହୋଇ ପଡ଼ୁଅଛନ୍ତି । ତାଙ୍କର ଦୃଷ୍ଟି ସୀମାବଦ୍ଧ ହୋଇପଡ଼ୁଛି । ତା'ଛଡ଼ା ସରକାରୀ କାଗଜରେ ସେ ପୋତିହୋଇ ପଡ଼ୁଛନ୍ତି । ଜଣେ ଆମେରିକାର ଉଚ୍ଚବିଶେଷଜ୍ଞ କହିଥିଲେ—"Paper is strangulating Delhi." ତାଙ୍କ ପାଖକୁ ଯେଉଁ ଖବରାଖବର ବା ରିପୋର୍ଟ ଆସେ ତାହା କେତେକାଂଶରେ ଅସତ୍ୟ ; ମଝିରେ ମଝିରେ କପୋଳକଳ୍ପିତ ମଧ୍ୟ । ରିପୋର୍ଟ ବିଷୟରେ ମୁଁ ପୁରୀରେ ଅତି ମନୋଜ୍ଞ କାହାଣୀ ଶୁଣିଥିଲି । ତାହାକୁ ଏଠାରେ ଲିପିବଦ୍ଧ କରି ଆନ୍ୟୁଗକୁ ଜଣାଇଦେଲି ।

ବ୍ରିଟିଶଯୁଗରେ ଜଣେ ଅତିଦକ୍ଷ, ଦୁର୍ଦ୍ଧର୍ଷ ପ୍ରଶାସକ ଥିଲେ Mr. Deb ବୋଲି । ଆମ ପିଲାଦିନେ ସେ ପୁରୀର କଲେକ୍ଟର ଥିଲେ । ସେତେବେଳେ ଇଂରେଜ ଅମଳରେ ଥରେ ଗୋରୁଗାଈ ଗଣନା (Cattle Census) ହୋଇଥିଲା । ତାଙ୍କପାଖକୁ ସବୁ ଥାନାରୁ ରିପୋର୍ଟ ଆସିଥାଏ । ସେ ପ୍ରତ୍ୟେକଟି ରିପୋର୍ଟକୁ ଭଲକରି ପଢ଼ି ଦେଖୁଥାଆନ୍ତି । ହଠାତ୍ ତାଙ୍କ ଆଖିରେ ପଡ଼ିଲା ଜଣେ ଥାନା ଅଫିସର ଗୋରୁଗାଈଙ୍କ ସଂଖ୍ୟା ସହିତ ୨/୩ ଅଂଶ ଯୋଗ କରିଛନ୍ତି । ସେ ସାଙ୍ଗେ ସାଙ୍ଗେ ତାଙ୍କୁ ଡକାଇ ପଠାଇଲେ । ପଚାରିଲେ ୨/୩ ଅଂଶର ଅର୍ଥ କଣ ? ଗୋରୁ କଣ ଖଣ୍ଡିଆ ? ଥାନାବାବୁ ଉତ୍ତର ଦେଲେ—"ନାହିଁ ଆଜ୍ଞା, ସେତେବେଳେ ଗୋରୁଟି ଗର୍ଭବତୀ ଥିଲା । ଅନୁମାନ କରି ୨/୩ ଅଂଶ ଲେଖିଲି । ମୁଁ ମିଛକଥା ଲେଖିନାହିଁ ।" କଲେକ୍ଟର ସାହେବ ତ ସ୍ତମ୍ଭିତ । ପରେ ଗୋଟିଏ ଖ୍ରେଷ୍ଟିଆ ବହିରେ ଲେଖିଥିଲେ ଯେ ତିନିରକମର ମିଥ୍ୟା ଅଛି । ପ୍ରଥମ ହେଲା—White lie—ଧଳାମିଥ୍ୟା । ନ ଜାଣି ନ ଶୁଣି ଯାହା ମନକୁ ଆସିଲା କହିଦିଅ । Black lie—ସ୍ଥିରବୁଦ୍ଧିରେ ସୁପରିକଳ୍ପିତ ଭାବରେ ଯେଉଁ ମିଥ୍ୟା କୁହାଯାଏ । ତୃତୀୟ ହେଲା—Damnned Lie—ଅର୍ଥାତ୍ statistics—ପରିସଂଖ୍ୟାନ । ପିଲାଦିନେ ଏହି କଥା ଶୁଣି ମନେ ରଖିଥିଲି । ଉତ୍ତରରେ ଲେଖିଲି ଯେ ଯେଉଁ ସଂଖ୍ୟାତତ୍ତ୍ୱ ଉପରେ ଭାରତର ବିଭିନ୍ନ plan ହେଉଛି ତାର ସତ୍ୟତାର କେବେହେଲେ ଯାଞ୍ଚ ହେଉନାହିଁ । ତେଣୁ ସବୁ planର ଫଳ ବିଷମୟ । ଗୋଟିଏ ଦିଗକୁ ଧାଇଁଲା ବେଳକୁ ଅନ୍ୟ ଦିଗଟି ମେଲା । ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ ତାଙ୍କର ମନ୍ତ୍ରର ସୁଫଳ

Digitized by srujanika@gmail.com

ଫଳାଫଳ କ ନାହିଁ ନିଜେ ଯାଇ ଗ୍ରାମାଞ୍ଚଳରେ ତାର ପ୍ରଭାବ ସ୍ୱଚକ୍ଷୁରେ ଲକ୍ଷ୍ୟ କରିବା, କୌଣସି ରିପୋର୍ଟର ଦରକାର ନାହିଁ । ନିଜେ ଦେଖିଲେ ସବୁ ସତ୍ୟ ପ୍ରତିଭାତ ହେବ । ସେଥିପାଇଁ ତାଙ୍କର ପ୍ରଭୁତ ସମୟ ଦରକାର ! ଯାହା ତାଙ୍କର ନାହିଁ । ତାହା ତାଙ୍କୁ ତିଆରି କରିବାକୁ ହିଁ ପଡ଼ିବ । ଏ ଦିଗରେ ସଚେତନତା ସର୍ବାଦୌ ଆବଶ୍ୟକ । ତାଙ୍କର ଇଚ୍ଛା ଥିଲେ ତ ? Will କାହିଁ ? ଧୃତି କାହିଁ ?

ଏହାପରି ଅନେକ ଉତ୍ତର ହାତରେ ଲେଖି ଠିକ କଲି । ପରେ ସବୁ ଟାଇପ କରାଇ ପଠାଇଦେଲି Reforms Commissionକୁ । ଗୋଟିଏ କପି ଆମ ସଚିବଙ୍କ ପାଖକୁ ନିଜେ ନେଇ ଗଲି । ତାଙ୍କ ଟେବୁଲ ଉପରେ ଥୋଇ ତାଙ୍କୁ ଅନୁରୋଧ କଲି ପଢ଼ିବାକୁ । କହିଲି— "ମୁଁ ଅନେକ ପରିଶ୍ରମ କରି ତିଆରି କରିଛି । ଆପଣ ନିଶ୍ଚୟ ପଢ଼ିବେ ।" ସେ କହିଲେ—"ବସ ବସ । ତମ ସଙ୍ଗରେ କଥା ଅଛି । ତୁମେ ତ ପରିଶ୍ରମ କରିଛ ମୁଁ ଜାଣେ । ମାତ୍ର ପ୍ରଥମ କଥାଟି ତ ବିଚାରକୁ ଆଣି ନାହିଁ ।" ମୁଁ ପଚାରିଲି "କପରି ?" ସେ କହିଲେ—"ତମେ କଣ ଭାବୁଛ ସଂସ୍କାରରେ ଶାସନ ଉନ୍ନତ କରିବ ? ବ୍ୟବସ୍ଥା ବନ୍ଦୋବସ୍ତ ବଦଳି ଯିବ ? ମୋର ତ ସେ କଥା ମନେ ହୁଏ ନାହିଁ । ମୋର I. C. S. ଚାକିରିରେ ୩୫ ବର୍ଷ ପରେ ହୃଦ୍‌ବୋଧ ହୋଇଛି ଯେ ସଂସ୍କାରର କୌଣସି ଭୂମିକା ନାହିଁ । ଆମର ଗୋଟିଏ ବୋମା ଦରକାର । ବୋମା ମାରି ଏହି ଗଳିତନଖଦନ୍ତ ଅନୁଷ୍ଠାନକୁ ସମ୍ପୂର୍ଣ୍ଣଭାବେ ଉଡ଼ାଇ ଦିଅ । ଆଉ ଗୋଟିଏ ନୂଆ ସଙ୍ଗଠନ ଗଢ଼ । ତେବେ ଯାଇ ପ୍ରକୃତ ସୁଧାର ହୋଇପାରିବ । ଏହା ମୋର ଦୃଢ଼ ଧାରଣା ।"

ସୁଧାର ଆୟୋଗରୁ ବହୁ ପ୍ରଶଂସା ଲାଭ କଲି । ଚିଠିରେ ମୋର ସୁଖ୍ୟାତି କରି ଲେଖିଲେ ସେଠାର ସଚିବ N. K. Mukherji, I. C. S. । ତା'ପରେ ମୁଁ କଟକ ବଦଳି ହୋଇ ଚାଲିଯାଇଥିଲି । ମୋତେ ଯୁଗ୍ମ ସଚିବ ଲେଖିଲେ, ତୁମକୁ ସୁଧାର କମିଶନ ଖୋଜୁଛନ୍ତି ତାଙ୍କ ସଙ୍ଗଠନରେ ଯୋଗଦେବାପାଇଁ । ଉତ୍ତରରେ ଲେଖିଲି ଯେ ମୋ ପକ୍ଷରେ ସମ୍ଭବ ନୁହେଁ । ସେତେବେଳକୁ ଆମ ସଚିବଙ୍କ ଉକ୍ତିର ଯଥାର୍ଥତା ମୋର ହୃଦ୍‌ବୋଧ ହୋଇସାରିଥାଏ ।

Digitized by srujanika@gmail.com

ଶ୍ରୀ ଶିଶିର କୁମାର ସବୁବର୍ଣ୍ଣ ନବବର୍ଷର ଶୁଭେଚ୍ଛା ପଠାଉଥିଲେ । ତାଙ୍କ ତୁଳନାରେ ମୁଁ ବା କଣ ଏମିତି ଲୋକ । ମାତ୍ର ତାଙ୍କର ମୋ'ପ୍ରତି ସ୍ନେହ ଜନ୍ମି ଯାଇଥିଲା । କପଟ ଜାଣେ ନାହିଁ । ତାଙ୍କର ଭଳି ମୁଁ ମୋର ସହକର୍ମୀମାନଙ୍କୁ ଦେଖାଉଥାଏ । ପରେ ସେ ଅବସର ନେଇ ପଣ୍ଡିଚେରୀ ଯାଇ ଅରବିନ୍ଦଙ୍କ ଆଶ୍ରମରେ ରହିଲେ । ନିଜମନରେ ଆତ୍ମସ୍ଥ ହୋଇ ରହନ୍ତି । ଧ୍ୟାନ କରନ୍ତି । ପରେ ଶୁଣିଲି ଯେ ସେଠାରେ ସେ ଦେହରକ୍ଷା କରିଛନ୍ତି । ମନେହେଲା ଶେଷ ଜୀବନରେ ସେ ସତ୍ୟର ସନ୍ଧାନ ବୋଧହୁଏ ପାଇଥିଲେ ।

ଆଉ, ମୁଁ ପ୍ରଶାସନିକ ସୁଧାର ବିଷୟରେ ଅନେକ ଭାବି ଦେଖିଛି । ପରେ ମୋର ହୃଦୟଙ୍ଗମ ହୋଇଛି ଯେ ଅନ୍ତରରୁ ସ୍ୱତଃସ୍ଫୂର୍ତ୍ତ ହୋଇ କର୍ମପ୍ରବଣତା (motivation) ନ ବାହାରିଲେ ବାହାରରୁ ତାକୁ ଯେତେ ପରିମାଣରେ ଆର୍ଥିକ, ବାଚନିକ, ପୁରସ୍କାରମୂଳକ ଉତ୍ସାହ ଦିଆଗଲେ ମଧ୍ୟ ତାହାର ଫଳ କେବଳ ସାମୟିକ ହେବ । କର୍ମକୁ ପୂଜା ପର୍ଯ୍ୟାୟରେ ଉନ୍ନତ କରିବାର ପ୍ରକ୍ରିୟା କେବଳ ସ୍ୱାର୍ଥାନ୍ଧ-ମାନବର ସ୍ୱାର୍ଥତ୍ୟାଗର ଶିକ୍ଷାରେ ପର୍ଯ୍ୟବସିତ । ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ଏପରି ଭାବରେ ଅନୁପ୍ରାଣିତ କରିବାକୁ ହେବ ଯେପରି ସେ ଅର୍ଜ୍ଜୁନଙ୍କ ପରି (ଗୀତା ଶୁଣିବା ପରେ ସେ ଯାହା କହିଥିଲେ) କହିବେ ଆମର ସନ୍ଦେହ ଦୂର ହୋଇଅଛି । ଅତଏବ ଯାହା କହୁଛନ୍ତି ତାହାହିଁ ପାଳନଯୋଗ୍ୟ ।

ପଚାଶନମ୍ବର ଅଶୋକ ରୋଡ଼, ଦିଲ୍ଲୀ, ଉତ୍କଳବାସୀଙ୍କର ତୀର୍ଥଭୂମି । ସେଠାରେ ଥାଆନ୍ତି ଶ୍ରଦ୍ଧେୟ ଭାଇନା, ଶ୍ରୀ ବିରୁଧେନ୍ଦ୍ର ମିଶ୍ର । ଶିଳ୍ପ ଓ ଉଦ୍ୟୋଗ ବିଭାଗର ରାଷ୍ଟ୍ରମନ୍ତ୍ରୀ । ତାଙ୍କର ଉଜ୍ଜ୍ୱଳ କାନ୍ତି, ସ୍ମିତହାସ୍ୟ, ସ୍ନେହଭରା ଆଖି ସମସ୍ତଙ୍କୁ ପାଖକୁ ଡାକନ୍ତିଏ । କେତେ ଆସୁଛନ୍ତି, ରହୁଛନ୍ତି, ଖାଉଛନ୍ତି, ଯାଉଛନ୍ତି ତାହାର କେହି ହିସାବ ରଖେ ନାହିଁ । ତାଙ୍କର ଦୁଆର ସମସ୍ତଙ୍କ ପାଇଁ ଖୋଲା । ସମସ୍ତଙ୍କୁ ଉଦାର ଅଭ୍ୟର୍ଥନା ହସ ହସ ମୁହଁରେ । ରାଷ୍ଟ୍ରମନ୍ତ୍ରୀ ପଦକୁ ଉନ୍ନୀତ ହୋଇଥାନ୍ତି । କେତେ ଅଭିନନ୍ଦନର ଟେଲିଗ୍ରାମ ଆସୁଥାଏ । ଗୋଟିଏ

Digitized by srujanika@gmail.com

ଟେଲିଗ୍ରାମ ଦେଖିଲି—ଭାଷା—"Hop, step, jump" ପଠାଇଛନ୍ତି ସ୍ୱନାମଧନ୍ୟ ଶ୍ରୀରାମଚନ୍ଦ୍ର ଦାଶ ତାଙ୍କର ବନ୍ଧୁ ଓ ସହପାଠୀ । ସେତେବେଳେ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ଖୋଜା ଚାଲିଥାଏ । ସେ ପ୍ରଥମଥର ପାଇଁ ଉପମନ୍ତ୍ରୀ ହେବେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ । ତାଙ୍କୁ ଫୋନରେ ଯୋଗାଯୋଗ କରାଯାଉଥାଏ । ଶେଷରେ ସେ ଆସି ପହଞ୍ଚିଲେ । ଶପଥ ନେବାକୁ ଗଲେ । ଆମ ଭାଇନା ତାଙ୍କର ଯୋଗ-ଦେବା ପାଇଁ ବିଶେଷ ଭାବରେ ଆଗ୍ରହୀ । ସମସ୍ତଙ୍କ ପାଇଁ ତାଙ୍କର ଦରଦ ।

ଘରେ ସରସ୍ୱତୀ ପୂଜା ହୁଏ । ଓଡ଼ିଆମାନେ ଆସି ଯୋଗ ଦିଅନ୍ତି । ଅନେକ ବିଷୟରେ ତର୍କ ବିତର୍କ ମଧ୍ୟ ହୁଏ । ଏଥିରେ ଜଣେ ବ୍ୟକ୍ତି ସବୁବେଳେ ଭାଗ ନିଅନ୍ତି । ସେ ହେଉଛନ୍ତି, ଯତୀନ ଦାସ । ଓଡ଼ିଆ ଖବରର ପାଠକ ଆକାଶ ବାଣୀରେ । ପୂର୍ବରୁ ଅନେକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଥାଆନ୍ତି । ସେ ଭାଇନାଙ୍କ ସହପାଠୀ । ତାଙ୍କ ସହିତ ବହୁତ ଥଟ୍ଟା ତାମସା ଚାଲେ । ମୋତେ ଥରେ କହିଲେ—"ବୁଝିଲ, ଅନେକ ଲୋକଙ୍କର ଉନ୍ନତି ହୋଇଛି । ମାତ୍ର ଯତୀନ ଭଲଆ କାହାର ହୋଇ ନାହିଁ । ସେ ସତୁରି ଟଙ୍କାର ଚାକିରିରୁ ଏକାବେଳେକେ ସାତଶହ ଟଙ୍କାକୁ ଉଠିଗଲା ।" ଯତୀନବାବୁ ଖୁବ୍ ହସନ୍ତି । ଭାରି ମଜା ହୁଏ ।

ଆମ ଅଫିସଟି ତାଙ୍କ ଘର ପାଖରେ । ଦିନେ ଯାଇ ପଚାରିଲି—"ଭାଇନା ଆଜି କଣ ଜାତୀୟ ପତାକା ହାଫମାଷ୍ଟ ହୋଇଛି । ମାତ୍ର ଛୁଟି ହେଲାନାହିଁ । କଥା କଣ ?" "ଆରେ ସେ କଥା ତ ଆମ କ୍ୟାବିନେଟ୍‌ରେ ପଡ଼ିନାହିଁ । ଜାଣିବ କିପରି ?" "ତେବେ ଆଜି ଆପଣ ମନ୍ତ୍ରୀ ହୋଇନନ୍ତି କାହିଁକି ?"—ମୁଁ ପଚାରିଲି । "ଓହୋ ମନ୍ତ୍ରୀତ୍ୱ କଥା କହୁଛ, କେଉଁଦିନ ଉଡ଼ିଯିବ କିଏ ଜାଣେ । ଯଦି ମୋର ଜିନିଷପତ୍ର ନେଇ ସମୟରେ ନ ବାହାରି ପାରିଲି ତେବେ ରହିଗଲି, ରହିଗଲି । ଆଉ ଫେରସ୍ତ ପାଇ ପାରିବି ନାହିଁ ।" ଉତ୍ତର ଦେଲେ ଭାଇନା । ଏଇ କଥାଟି ତାଙ୍କର ମୁହଁରେ ସବୁବେଳେ । ମନ୍ତ୍ରୀତ୍ୱ ପ୍ରତି ଅଯଥା ସ୍ପୃହା ନାହିଁ । ହେଲେ ଖୁସି । ନ ହେଲେ ବୋକଚି ଉଠେଇ

Digitized by srujanika@gmail.com

କଟକ ଗଲ । ଶ୍ରଦ୍ଧେୟା ଉମା ଦେବୀ ସ୍ନେହର ପ୍ରତିମୂର୍ତ୍ତି । ଯେତେବେଳେ ଗଲେ ଭଲକରି ଖାଇବାକୁ ନ ଦେଇ ଛାଡ଼ିବେ ନାହିଁ । ବିଶେଷ କରି ମୋ ସ୍ତ୍ରୀ ତାଙ୍କର ଛାତ୍ରୀ ଥିଲେ ଶୈଳବାଳା ମହିଳା କଲେଜରେ । ଆଉ ଗୋଟିଏ ଯୋଗ ଥିଲା ମୋର । ଶ୍ରୀ ଭୁବନାନନ୍ଦ ମିଶ୍ର ତାଙ୍କ ଜ୍ୟେଷ୍ଠ ଭାଇ, ମୋର ପିଲାଦିନର ସାଙ୍ଗ । ସେ ଭାଇନାଙ୍କ ସହିତ ରହୁଥାଏ ଦିଲ୍ଲୀରେ ଅବସ୍ଥାପିତ ହୋଇ, ପୁଲିସ ବିଭାଗର ବଡ଼ ଅଫିସର । ଆଇ. ପି. ଏସ୍. । ତାହା ସାଙ୍ଗରେ ମଧ୍ୟ ଦୁଃଖସୁଖ ହୁଏ । ଦୁର୍ଭାଗ୍ୟର ବିଷୟ, ଅଳ୍ପ କେତେ ବର୍ଷ ପରେ କଟକରେ ତାର ଅକାଳ ବିୟୋଗ ହୋଇଯାଇଥିଲା । ମୋତେ ବଡ଼ ବାଧିଥିଲା ।

ଦିଲ୍ଲୀ ରହଣିବେଳେ ଭାଇନାଙ୍କ ବାସଭବନରେ ନାନା ଲୋକଙ୍କର ଯାତାୟାତ ଲାଗିଥାଏ । ମୋ ସହପାଠୀ ଧୀନକୃଷ୍ଣ ବି ଦିନେ ଯାଇ ହାଜର । ପୁରୁଣା ସାଙ୍ଗମାନଙ୍କୁ ଦେଖିଲେ ମନଟା ବଡ଼ ପ୍ରଶାନ୍ତ ହୋଇଯାଏ । ସେ କଣ ଗୋଟାଏ ଉଦ୍ୟୋଗପାଇଁ ଉଦ୍ୟୋଗୀ ହୋଇ ପହଞ୍ଚିଥିଲା । ନିଜ ଗୋଡ଼ରେ ଠିଆ ହୋଇ କଟକରେ ଜଣେ ନାମି ଶିଳ୍ପପତି ହୋଇ ବସିଛି । ଅନେକ ଓଡ଼ିଆ ଏକାଠି ହୁଅନ୍ତି ୨୫ନମ୍ବର ଅଶୋକା ରୋଡ଼ରେ । ସମୟଟା ବଡ଼ ଭଲଭାବରେ କଟିଯାଏ ନାନା ବିଷୟରେ ଗପ, ତର୍କ, ଥଟ୍ଟା, ତାମସା କରି । ଭାଇନା ସମସ୍ତଙ୍କୁ ନିଜ ଭାଇପରି ଦେଖନ୍ତି । ସେଠାରେ କୌଣସି ଭେଦଭାବ ନ ଥାଏ । ତାଙ୍କର ଉପସ୍ଥିତି ଯୋଗୁ ଦିଲ୍ଲୀ ବାସ ବଡ଼ ଉପଭୋଗ୍ୟ ହୋଇଥିଲା ।

ଅବଶ୍ୟ ବେଶୀ ସମୟ କଟେ 'ଦପ୍ତର'ରେ ସହକର୍ମୀମାନଙ୍କ ସହିତ । ସେମାନେ ନାନା ଜାତୀୟ କାହାଣୀ ଶୁଣାନ୍ତି । ଦିନେ ଅଭିଯୋଗ କଲି ଯେ ଆଗକାଳର ଚିଠି, ସର୍କୁଲାର, ସବୁ ସହଜ ସରଳ ଭାଷାରେ ଲିଖିତ ହେଉଥିଲା । ବର୍ତ୍ତମାନ ଏତେ ବଡ଼ ବଡ଼ ଆକାରରେ ଓ କ୍ଲିଷ୍ଟଭାବରେ ଲିଖିତ ହେଉଛି କାହିଁକି ? ସେମାନେ କହିଲେ, ଆରେ ତୁମେ ଶୁଣିନାହିଁ ଗୋଟିଏ ପ୍ରଚଳିତ ସାହେବୀ ଥଟ୍ଟା । ଜଣେ ସାହେବ ଆଇ. ସି. ଏସ୍. ହୋଇ ଏ ଦେଶକୁ ଆସିଲେ ଇଂଲଣ୍ଡରୁ, ଆଉ ଜଣେ ଆଇ. ପି. ପୁଲିସ ସାହେବ ହୋଇ । ପୁରୁଣା ବନ୍ଧୁ । ପ୍ରତିଦିନ ଟେନିସ୍ ଖେଳନ୍ତି । ଦେଖାଗଲା ଆଇ. ସି. ଏସ୍. ଜଣଙ୍କ ପ୍ରାୟ ଡେରି କରି

Digitized by srujanika@gmail.com

ଆସୁଛନ୍ତି । ପୁଲିସ ସାହେବ ପଚାରିଲେ—"ତୁମର ଡେରି ହେଉଛି କାହିଁକି ?" କଲେକ୍ଟର ଉତ୍ତର ଦେଲେ—"କଣ କହିବି ? ମୋର ବାବୁମାନେ ଇଂରାଜୀ ଭାଷାକୁ ହତ୍ୟାକରି ପକାଉଛନ୍ତି ତାଙ୍କର ଡ୍ରାଫ୍‌ଟ୍‌ରେ । ସଂଶୋଧନ କରି କରି ହାଇରାଣ ।" ପୁଲିସ ସାହେବ କହିଲେ—"ଚିଠିରେ ଆମର କଣ ଯାଏ ଆସେ ? ଜଣେ ମୂର୍ଖବାବୁ ଲେଖୁଛି । ଆଉ ଜଣେ ମୂର୍ଖବାବୁ ବୁଝୁଛି । ଆମର ଖାଲି ଦସ୍ତଖତଟା ଲୋଡ଼ା ।" କଥାରେ କିଛି ସତ୍ୟତା ଅଛି ବୋଲି ମତେ ମନେ ଜଣା-ପଡ଼ିଲା । ଗୋଟିଏ ମନ୍ତ୍ରୀଙ୍କଠୁ ଖୁବ୍ କ୍ଲିଷ୍ଟଭାଷାରେ ବଡ଼ ଚିଠିଟିଏ ଆସି-ଥାଏ । କେତେକାଂଶ ବୁଝିପାରିଲି ନାହିଁ । ଆମ ସେକ୍‌ସନ ଅଫିସରଙ୍କୁ ଡାକିଲି । ସେ ଅତି ପ୍ରାଞ୍ଜଳ ଭାଷାରେ ବୁଝାଇଦେଲେ । ଆରେ ସତେ ତ, ଏତେ ସହଜ ବିଷୟଟା ମୋ ମୁଣ୍ଡରେ ପଶୁ ନ ଥିଲା । ପୁଲିସ ସାହେବଙ୍କ କଥା ଅତି ମହତ୍ତ୍ୱପୂର୍ଣ୍ଣ ମନେହେଲା ।

ସେମାନଙ୍କ ପାଖରୁ ନେହରୁ ଅମଳର ଅନେକ ଗପ ମଧ୍ୟ ଶୁଣିଲି । ବିଶ୍ୱନାଥନ୍ ବୋଲି ଜଣେ ବିଦେଶ ବିଭାଗରେ ଚାକିରି କରୁଥିଲେ । ନିଉୟର୍କରେ ପୂର୍ବେ ଅବସ୍ଥାପିତ ଥିଲେ । ପରେ ଆମ ବିଭାଗକୁ ଆସିଥାଆନ୍ତି । ସେ କହୁଥିଲେ ଯେ ସାର୍ ଗିରିଜାଶଙ୍କର ବାଜପେୟୀ ବୈଦେଶିକ ସଚିବ । ନେହରୁଙ୍କର ନିର୍ଦ୍ଦେଶ ଆସେ ନାନା ବିଷୟରେ । ତାଙ୍କ ମତିର ପୁଙ୍ଖାନୁପୁଙ୍ଖ ବିଚାର କରି ଭଲମନ୍ଦ ଦିଗ ଉଦ୍‌ଘାଟନ କରି ଅତି ସୁଚିନ୍ତିତ ମତ ଦିଅନ୍ତି ସାର୍ ଗିରିଜା । ସେଥିରେ ଅନେକ ସ୍ଥାନରେ ନେହରୁଙ୍କ ମତ ବିରୁଦ୍ଧରେ ମଧ୍ୟ ଟିପ୍‌ପଣୀ ଥାଏ ତାଙ୍କର । ପୁଣି ନେହରୁ ଅନ୍ୟ ରକମର ନିର୍ଦ୍ଦେଶ ଦିଅନ୍ତି ସବୁ ଦିଗ ପୁନର୍ବିଚାର କରି । ତାହା ସାର୍ ଗିରିଜା ଶିରୋଧାର୍ଯ୍ୟ କରି ପାଳନ କରନ୍ତି । ବିନାଯୁକ୍ତିରେ, ଅନ୍ଧଭାବରେ ନେହରୁଙ୍କ ନିର୍ଦ୍ଦେଶ ସେ କେବେହେଲେ ମାନନ୍ତି ନାହିଁ । କହିଲେ, ଆଜିକାଲି ମନ୍ତ୍ରୀଙ୍କ କଥା ପଦକେ ସଚିବଙ୍କୁ ଭେଟେଣା । ଭଲ ହେଉ ମନ୍ଦ ହେଉ ପାଳନ କରିବାକୁ ଆଗଭର । ନ ହେଲେ ଯଦି ପୋଷ୍ଟ ଚାଲିଯାଏ । ଫଳରେ ମତି-ନିର୍ଦ୍ଧାରଣର ମହତ୍ତ୍ୱ ନାହିଁ । ଦେଶ ଯେଉଁଆଡ଼କୁ ଯାଉଛି ଯାଉ । ଆମ ଦରମା ଗଣ୍ଡାକ ମିଳିଲେ ହେଲା ।

Digitized by srujanika@gmail.com

ମୋର ମନେପଡ଼ୁଛି ତ୍ୟାଗ୍‌ଙ୍କ ଲେଖା ଭାରତୀୟ ବିଦ୍ୟା ଭବନଦ୍ୱାରା ପ୍ରକାଶିତ । ସେତେବେଳେ ରାଜେନ୍ଦ୍ର ପ୍ରସାଦ ଖାଦ୍ୟମନ୍ତ୍ରୀ, ଶ୍ରୀ ତ୍ୟାଗଜ ତାଙ୍କର ସଚିବ । ମନ୍ତ୍ରୀଙ୍କୁ ସଚିବ ବୁଝାଇଲେ ଯେ "କଣ୍ଟ୍ରୋଲ୍" ଉଠିଗଲେ ସବୁ ଜିନିଷର ଦାମ ବଢ଼ିଯିବ । ବିଶେଷ କରି ଗୃହୀଜ ଦର ଯଦି ସ୍ଥିର ରଖା ନ ଯାଏ ତେବେ ଲୋକେ ଅସମ୍ଭାଳ ହୋଇପଡ଼ିବେ । ସବୁ ଖାଉଟି ହଇରାଣ ହେବେ । କୌଣସି ପ୍ରକାରରେ କୌଣସି ଆକାରରେ 'କଣ୍ଟ୍ରୋଲ୍' ରଖାଯାଉ । ରାଜେନ୍ଦ୍ର ପ୍ରସାଦ କହିଲେ ମୁଁ ବୁଝିଲେ କଣ ହେବ ? ଏହା ମୂଳ ନୀତିଗତ ପ୍ରଶ୍ନ । ଏଥିରେ ପ୍ରଧାନମନ୍ତ୍ରୀଙ୍କର ପୂର୍ଣ୍ଣ କ୍ଷମତା ବିଚାର କରିବାର । ଆପଣଙ୍କର ସୁଚିନ୍ତିତ ମତ ପ୍ରଧାନମନ୍ତ୍ରୀଙ୍କୁ ଜଣାନ୍ତୁ । ମୁଁ ତାଙ୍କୁ ଆପଣଙ୍କର ପ୍ରସ୍ତାବ ବିଷୟରେ କହି ସମୟ କରାଇଦେବି । ପ୍ରଧାନମନ୍ତ୍ରୀ ନେହରୁ ତାଙ୍କୁ ସମୟ ଦେଲେ । ତ୍ୟାଗ୍‌ଜ ପ୍ରସ୍ତୁତ ହୋଇଗଲେ । ସବୁ କଥା ବୁଝାଇଲେ । ନେହରୁ ମନଦେଇ ଶୁଣିଲେ । କହିଲେ—"ଆପଣଙ୍କ ଯୁକ୍ତି ଅନେକାଂଶରେ ଅକାଟ୍ୟ । କିନ୍ତୁ ଗାନ୍ଧିଜୀ କହୁଛନ୍ତି ଯେ ଲୋକେ "କଣ୍ଟ୍ରୋଲ୍" ଉପରେ ଭାରି ବିରକ୍ତ । ସେମାନେ ବଡ଼ ବ୍ୟସ୍ତ ହୋଇପଡ଼ିଲେଣି । ଖୋଲାବଜାରରେ ସେମାନଙ୍କୁ ସବୁ ଜିନିଷ ମିଳିବା ଉଚିତ । ତା ନ ହେଲେ ସ୍ୱାଧୀନତାର କୌଣସି ଅର୍ଥ ନାହିଁ । ବ୍ୟକ୍ତିଗତ ଭାବରେ ମୁଁ ଭାବୁଛି ଯେ ଗାନ୍ଧୀଙ୍କ କଥାରେ ପଡ଼ି ମୋର ଭୁଲ କରିବା ଶତଗୁଣ ଶ୍ରେୟସ୍କର, ଆପଣଙ୍କ ସହିତ ଏକମତ ହୋଇ ଠିକ କରିବାଠାରୁ । I would better be wrong with Gandhiji than be right with you."

କଣ୍ଟ୍ରୋଲ ଉଠିଗଲା । କ୍ରମେ କ୍ରମେ ସବୁ ଜିନିଷର ଦାମ ବଢ଼ିବାକୁ ଲାଗିଲା । ତ୍ୟାଗ୍‌ଜଙ୍କ କଥା କେତେକାଂଶରେ ଫଳିଲା । ମାତ୍ର ଦେଶର ଅବସ୍ଥା ଯାହା ହେଉନା କାହିଁକି ତ୍ୟାଗ୍‌ଜଙ୍କର ସେଥିରେ ଏତେ ମୁଣ୍ଡବ୍ୟଥା କାହିଁକି ? କାହିଁକି ସେ ଦେଶବିଷୟରେ ଭାବିବାକୁ ଯାଉଥିଲେ ? କାରଣ ତାଙ୍କ ଭିତରେ ଦେଶପ୍ରେମ ସଦାଜାଗ୍ରତ ଥିଲା । ନେତାମାନଙ୍କଠାରୁ କୌଣସି ଗୁଣରେ କମ୍ ନ ଥିଲା । ଏହି ଜାଗ୍ରତିକୁ ଆସ୍ତେ ଆସ୍ତେ ଭାଙ୍ଗି ଦିଆଗଲା । କର୍ମଚାରୀକୁଳର ଚରିତ୍ରର ମୁଖ୍ୟକୁ ଉତ୍ସାହ ଦିଆଗଲା ନାହିଁ । ତା ଫଳରେ ସେମାନେ ଶାସନକଳର ନଟ୍ ବୋଲ୍ଟ ପାଲଟି ଗଲେ ।

Digitized by srujanika@gmail.com

ମୋର ଜଣେ ସହକର୍ମୀ ମୋତେ ଗୋଟିଏ ଅତି ଉତ୍କୃଷ୍ଟ ପୁସ୍ତକ ପଢ଼ିବାକୁ ଦେଲେ । ମହର୍ଷି ରମଣଙ୍କର ଆଶ୍ରମର ଦିନପଞ୍ଜି । ଲେଖିଛନ୍ତି ଆଶ୍ରମର ସଚିବ । ପ୍ରତିଦିନର କାହାଣୀ । ଯେଉଁମାନେ ଆସନ୍ତି ମହର୍ଷିଙ୍କ ପାଖକୁ ତାଙ୍କର ଭେଟ, ମହର୍ଷିଙ୍କର ସେମାନଙ୍କ ପ୍ରତି ବାଣୀ, ଆଉ ସବୁ ଘଟଣା ଅତି ବିଶଦଭାବରେ ସେଥିରେ ଲେଖା ହୋଇଛି ।

ଗୋଟିଏ ଦିନର ପଞ୍ଜି । ମହର୍ଷି ରମଣଙ୍କ ପାଖକୁ ଯାଇଛନ୍ତି ଶେଠ ଯମୁନାଲାଲ ବଜାଜ ଓ ଶ୍ରୀ ରାଜେନ୍ଦ୍ର ପ୍ରସାଦ । ସେତେବେଳେ ସ୍ୱାଧୀନତା ସଂଗ୍ରାମ ଚାଲିଥାଏ । ମାତ୍ର ବ୍ରିଟିଶ ସିଂହ ତାହାର ଆସନରେ ସୁଦୃଢ଼ । ତାକୁ ସିଂହାସନରୁ ତଡ଼ିବାର ଆଶା ମନେ ହେଉଥାଏ ସୁଦୂର-ପରାହତ । ଯୋଦ୍ଧାମାନେ ଲଢ଼ି ଲଢ଼ି କ୍ଳାନ୍ତ ହୋଇ ପଡ଼ୁଥାଆନ୍ତି । ରାଜେନ୍ଦ୍ରପ୍ରସାଦଙ୍କୁ ଶ୍ୱାସ-ରୋଗ ପ୍ରବଳ ଭାବରେ ଆକ୍ରାନ୍ତ କରିଥାଏ । ସେ ବଡ଼ ଦୁର୍ବଳ ହୋଇପଡ଼ିଥାଆନ୍ତି । ଏତିକବେଳେ ଯମୁନାଲାଲ ଭାବିଲେ ମହର୍ଷିଙ୍କଠାରୁ ଯଦି ଆଶୀର୍ବାଦ ପାଆନ୍ତେ ତେବେ ସଫଳ ହୋଇପାରନ୍ତେ । ମହର୍ଷିଙ୍କ ସହିତ ଦେଖା ହେଲା । ଯମୁନାଲାଲ ସିଧା-ସଳଖ କହିଲେ ଯେ ସେ ପରମାର୍ଥ ଲାଭ ପାଇଁ ଆସିନାହାନ୍ତି । ତାଙ୍କର ପ୍ରଶ୍ନ—"ଏହି ସ୍ୱାଧୀନତା ସଂଗ୍ରାମ କଣ ସଫଳ ହୋଇଯିବ ? ବ୍ରିଟିଶ ସରକାରର ପତନ ଶୀଘ୍ର ହେବ ବୋଲି ମନେ ହେଉନାହିଁ ! ମହର୍ଷି ! ଆପଣ ଆମକୁ ସତକଥା କହନ୍ତୁ । ଆମର ଆଶା ପୂରଣ ହେବ କି ନାହିଁ ?"

ମହର୍ଷି ଉତ୍ତର ଦେଲେ ଶ୍ରୀରାମ ଯାହା କରିବେ ତାହା ଗାନ୍ଧୀଙ୍କ ମୁଖରେ ଦେଇଛନ୍ତି । ଆପଣମାନେ ଗାନ୍ଧୀଙ୍କୁ ଅନୁସରଣ କରନ୍ତୁ ; ତାଙ୍କୁ ମାନି ଚଳନ୍ତୁ । ସ୍ୱାଧୀନତା ବହୁତ ନିକଟକୁ ଆସିଗଲାଣି । ଏଥିରେ ସନ୍ଦେହ ନାହିଁ । ରାଜେନ୍ଦ୍ରପ୍ରସାଦ ଓ ବଜାଜ ଦୁଇଜଣ ଖୁବ୍ ଆଶ୍ୱସ୍ତ ହେଲେ । ତାପରେ ବଜାଜ ଆଉ ଗୋଟିଏ ପ୍ରଶ୍ନ ପଚାରିଲେ । ରାଜେନ୍ଦ୍ର ବାବୁ ଜଣେ ପ୍ରଥମଧାଡ଼ିର ଯୋଦ୍ଧା, ମାତ୍ର ସେ ସବୁବେଳେ ଅସୁସ୍ଥ ରହୁଛନ୍ତି । ଆମେ କଣ ତାଙ୍କୁ ହରାଇବୁ ?

ମହର୍ଷି ରାଜେନ୍ଦ୍ରପ୍ରସାଦଙ୍କ ଆଡ଼କୁ ଚାହିଁ କେବଳ ହସିଲେ । ଆଉ କୌଣସି ଉତ୍ତର ଦେଲେ ନାହିଁ । ବଜାଜ ବୁଝିଗଲେ କୌଣସି

Digitized by srujanika@gmail.com

ଭୟ ନାହିଁ ବୋଲି । କିନ୍ତୁ ମହର୍ଷି ତାଙ୍କର ଅନ୍ତର୍ଦୃଷ୍ଟିରେ ଭାରତର ପ୍ରଥମ ରାଷ୍ଟ୍ରପତିଙ୍କୁ ହିଁ ଦେଖିଥିଲେ । କିନ୍ତୁ କହିଲେ ନାହିଁ । ଯାହା ହେଉ ବଜାଜ ବହୁତ ଖୁସି ହୋଇ ମହର୍ଷିଙ୍କୁ ପ୍ରଣାମ କରି ଫେରି ଗଲେ । ପ୍ରକୃତରେ ଏହି ଘଟଣାର ଆଠ ନଅବର୍ଷ ପରେ ଭାରତର ସ୍ୱାଧୀନତା ଆସିଥିଲା । ମହର୍ଷିଙ୍କର ଦିବ୍ୟଦୃଷ୍ଟି ବଜାଜଙ୍କର ଆଖି ଖୋଲି ଦେଇଥିଲା ।

ମହର୍ଷିଙ୍କ ବିଷୟରେ କାହାଣୀର ଅନ୍ତ ନାହିଁ । ପୃଥିବୀ ବିଖ୍ୟାତ ଲେଖକ **Somerset Maughum**ଙ୍କ ଅଭିଜ୍ଞତା ମଧ୍ୟ ଅଭିନନ୍ଦନୀୟ । ସେ ବିଲାତରୁ ଭାରତକୁ ଆସିଥିଲେ ମହାତ୍ମା ଦର୍ଶନ ପାଇଁ । ତାଙ୍କୁ ଭାରତ ବୁଲେଇ ଦେଖାଇବା ପାଇଁ ବ୍ରିଟିଶ ସରକାର ରାଜାରାଜୁଡ଼ା-ମାନଙ୍କୁ ଅନୁରୋଧ କରିଥିଲେ । ଜଙ୍ଗଲରେ ପଶୁଶିକାର ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ହୋଇଥିଲା । କିନ୍ତୁ ମମ୍ କହିଲେ ମୁଁ ପଶୁ ଦେଖିବାକୁ ଆସିନାହିଁ । ପ୍ରକୃତ ଭାରତୀୟ ମହାନ୍ ଆତ୍ମା ଦର୍ଶନ ପାଇଁ ଇଚ୍ଛୁକ ।

ରାଜାମାନେ କହିଲେ ଋଷିମୁନି ହିମାଳୟର ଗୁହାରେ ବାସ କରୁଥିବେ । ଲୋକାଳୟରେ ସେମାନେ ରହନ୍ତି ନାହିଁ । ଅନ୍ତତଃ ସେମାନଙ୍କୁ ଜଣା ନାହିଁ । ମମ୍ ନିରାଶ ହେଲେ । ବହୁତ ତଦନ୍ତ ଉତାରି କଲେ । ଜଣେ କହିଲା ଜଣେ ଋଷି ଅଛନ୍ତି ଅରୁଣାଚଳମ୍‌ରେ । ତାଙ୍କର ନାମ ରମଣ ମହର୍ଷି । ତାଙ୍କୁ ଦର୍ଶନ କରିବାକୁ ଯାଇପାରନ୍ତି । ମମ୍ ବମ୍ବେରୁ ମାଡ୍ରାଜ ଗଲେ । ସେଠାରୁ ଅରୁଣାଚଳମ୍ ଗଲେ । ରାସ୍ତାରେ ତାଙ୍କର ଶରୀର ଖୁବ ଖରାପ ହେଲା । ସେ ପେଟ ଯନ୍ତ୍ରଣାରେ ଅସ୍ଥିର ହେଲେ । ଅରୁଣାଚଳମ୍‌ରେ ପହଞ୍ଚିଲା ବେଳକୁ ପ୍ରାୟ ଅଜ୍ଞାନ ହେବା-ଭଳି । ମହର୍ଷି ସେତେବେଳେ ଭଜନ କୀର୍ତ୍ତନରେ ବ୍ୟସ୍ତ ଥିଲେ । ଲୋକେ ଧରାଧରି କରି ମମ୍‌ଙ୍କୁ ପାଖଘରେ ଶୁଆଇଦେଲେ । ପ୍ରାୟ ଅଧଘଣ୍ଟାଏ ପରେ ମହର୍ଷି ସେହି ଘରକୁ ଆସିଲେ । ଏହା ଭିତରେ ମମ୍ ଟିକିଏ ଭଲ ଅନୁଭବ କରୁଥାଆନ୍ତି । ମାତ୍ର କଥା କହିବାର ଶକ୍ତି ନ ଥାଏ । ମହର୍ଷି ତାଙ୍କ ଆଡ଼କୁ ଚାହିଁ ରହିଲେ । ମମ୍ ମଧ୍ୟ ଚାହିଁ ରହିଲେ । ସେମାନଙ୍କ ମଧ୍ୟରେ କଣ ଯୋଗାଯୋଗ ହେଲା ଅନ୍ୟମାନେ ବୁଝିପାରିଲେ ନାହିଁ । ମମ୍ ତାଙ୍କ ଅଭିଜ୍ଞତା କଥା ପରେ ଲେଖିଥିଲେ । ତାଙ୍କର ଯାହା ପଚାରିବା କଥା ମହର୍ଷିଙ୍କୁ ପଚାରିଥିଲେ । ଭାଷା କୌଣସି ବାଧା ସୃଷ୍ଟି

Digitized by srujanika@gmail.com

କରି ନ ଥିଲା । ମହର୍ଷି ତାଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ଦୃଷ୍ଟି ମାଧ୍ୟମରେ ହିଁ ଦେଇଥିଲେ । ତାଙ୍କର ସନ୍ଦେହ ନିରସନ ହୋଇଥିଲା ।

ସେ ଗୋଟିଏ ପତ୍ରିକାକୁ ପ୍ୟାରିସ୍‌ରେ ଜଣାଇଥିଲେ ଯେ ସେ ଅନେକ ଦେଶର ଦର୍ଶନଶାସ୍ତ୍ର ପଢ଼ିଛନ୍ତି । କିନ୍ତୁ ହିନ୍ଦୁ ଦର୍ଶନ ଶାସ୍ତ୍ରରେ ଥିବା "ବିଶ୍ୱାସବାଦ" ଠାରୁ ବଳି ଆଉ କିଛି ସନ୍ତୋଷଜନକ ତଥ୍ୟ ଅନ୍ୟ କୌଣସି ଦେଶର ଦର୍ଶନରେ ନାହିଁ ।

ମୋର ସହକର୍ମୀଙ୍କ ସହିତ ଏସବୁ ବିଷୟରେ ଘନ ଘନ ଆଲୋଚନା ହେବାକୁ ଲାଗିଲା । ତାଙ୍କଠାରୁ ବେଦ ବିଷୟକ ବହି ମଧ୍ୟ ଆଣି ପଢ଼ିଲି । ଆମ ଭିତରେ ଜ୍ଞାନୀଗୁଣୀ ଲୋକ ଥିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲି । ସେକ୍ରେଟାରିଏଟ୍‌ର ଗଡ୍‌ଡ଼ାଳିକା ପ୍ରବାହରୁ ସେ ମୋତେ ମୁକ୍ତି ଦେଇଥିଲେ ।

କିନ୍ତୁ "ଦପ୍ତର" ମୋତେ ଛାଡ଼ିଲା ନାହିଁ । ତା ସହିତ ମୋର ସହକର୍ମୀମାନେ ମଧ୍ୟ । ମୋର ବନ୍ଧୁବର ଟି.ଏସ୍. କାନନ ମୋତେ ଅନେକ ସ୍ଥାନ ବୁଲେଇ ଦେଖାନ୍ତି । ତାଙ୍କର ଅଭିଜ୍ଞତା ଅତି ଗଭୀର । ସେ ବହୁ ଉଚ୍ଚସ୍ତରର ଲୋକମାନଙ୍କ ସହିତ ଘନିଷ୍ଠ । ଅନେକ ମଜାର କଥା ଶୁଣାନ୍ତି । ଦିନେ କହିଲେ ଗୋଟିଏ ଘଟଣା ଶୁଣିଛ ? ନେହରୁଙ୍କ ବିଷୟରେ । ବିହାରର ଗୋଟିଏ ପିଲା ବିଶ୍ୱବିଦ୍ୟାଳୟର ଉଜ୍ଜ୍ୱଳ ରତ୍ନ ଥିଲା । ମାତ୍ର ଆଇ. ଏ. ଏସ୍. ପରୀକ୍ଷାରେ କୌଣସି କାରଣରୁ ଉତ୍ତୀର୍ଣ୍ଣ ହୋଇପାରିଲା ନାହିଁ । ତାକୁ ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀକୃଷ୍ଣ ସିହ୍ନା ଭଲ ଜାଣିଥିଲେ । ସେ ଯାଇ ତାଙ୍କୁ ଧରିଲା କାମଖଣ୍ଡେ ପାଇଁ । ତାର ଫଳ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ସହାନୁଭୂତ ହେଲା । ସେ ନେହରୁଙ୍କୁ ତା ଚାକିରି ପାଇଁ ସୁପାରିଶ କରି ଗୋଟିଏ ଚିଠି ଲେଖିଦେଲେ । ବହୁତ ଆଶା ନେଇ ସେ ପିଲାଟି ଦିଲ୍ଲୀ ଗଲା । ଚିଠିଟି ନେହରୁଙ୍କ ଅଫିସରେ ଦେଲା । ସେଠାରୁ ନିର୍ଦ୍ଦେଶ ପାଇଲା ଯେ ତୁମ୍ଭେ ଗୋଟାଏ ବେଳ ପର୍ଯ୍ୟନ୍ତ ଅପେକ୍ଷା କର । ନେହରୁ ଯେତେବେଳେ ଖାଇବାକୁ ଯିବେ ସେତେବେଳେ ତୁମ ସହିତ କଥା ହେବେ । ଆଶାନ୍ୱିତ ହୋଇ ବସିରହିଲା । କେତେ ବାଟରୁ ଆସିଛି କ୍ଲାନ୍ତ, ଶ୍ରାନ୍ତ ଗାଧୁଆ ପାଧୁଆ ନାହିଁ ମୁହଁ ଶୁଖିଯାଇଛି । ଅପେକ୍ଷା କରି ବସିରହିଲା । ଶେଷରେ

Digitized by srujanika@gmail.com

ନେହରୁ ଆସିଲେ । କହିଲେ ସେ ପିଲାଟିକୁ ମୋ ଗାଡ଼ିରେ ବସିବାକୁ କହ । ଗାଡ଼ିରେ ଡ୍ରାଇଭର ପାଖରେ ପିଲାଟି ବସିଛି । ନେହରୁ କଣ ଫାଇଲ ଦେଖୁଛନ୍ତି । ତା ମୁହଁକୁ ନ ଅନେଇ ପ୍ରଶ୍ନ ପଚାରୁଛନ୍ତି । "ତୁମର ତ ପଢ଼ାଶୁଣା ଭଲ । କିନ୍ତୁ ପ୍ରତିଯୋଗିତାରେ କାହିଁକି ପାରିଲ ନାହିଁ ?" ସେ କହିଲା—"ସାର୍, ମୁଁ ବହୁତ ଚେଷ୍ଟା କରିଥିଲି । ମାତ୍ର ମୋର ଭାଗ୍ୟ ଖରାପ । ନ ହେଲେ ନ ହେବାର କୌଣସି କାରଣ ନ ଥିଲା ।" ନେହରୁ କହିଲେ—"ଆଚ୍ଛା ।" ଏତିକିବେଳେ ତା ଆଡ଼କୁ ପ୍ରଥମ ଚାହିଁଲେ । ଦେଖିଲେ ମୁହଁରେ ଦାଢ଼ି ଭର୍ତ୍ତି । ଖୁବ ମଇଳା ଦେଖାଯାଉଅଛି । ଲୁଗାପଟା ମଧ୍ୟ ଅପରିଷ୍କାର । ନେହରୁଙ୍କର ଏସବୁ ଖୁବ ଅପସନ୍ଦ । ନିଜେ ଅତ୍ୟନ୍ତ ପରିଷ୍କାର ରହନ୍ତି । ଅନ୍ୟଙ୍କୁ ମଧ୍ୟ ସେହିପରି ରହିବାକୁ ଆଶା କରନ୍ତି । ହଠାତ୍ ରାଗିଗଲେ । କହିଲେ—"ତୁମର ସାଫ ସୁତୁରା ରହିବାର ସମୟ ନାହିଁ ତ କାମ ପାଇଁ କିପରି ସମୟ ଦେବ ? ତୁମେ ଗୋଟିଏ ଅଳସୁଆ ଲୋକ ।" ଡ୍ରାଇଭରକୁ କହିଲେ ଗାଡ଼ି ବନ୍ଦକରିବାକୁ ; ଆଉ ପିଲାଟିକୁ ଓହ୍ଲେଇ ଯିବାକୁ କହିଲେ । ପିଲାଟି ଅତ୍ୟନ୍ତ ନିରାଶ ହୋଇ ଓହ୍ଲେଇଗଲା । ଏଠାରେ ମଧ୍ୟ ଭାଗ୍ୟ ତା ପ୍ରତି ବିରୂପ ହେଲା ।

ସେ ଆଉ ଗୋଟିଏ ଘଟଣା କହିଥିଲେ । ସତ କି ମିଛ ଜାଣେନାହିଁ କିନ୍ତୁ ଖୁବ ଚମକପ୍ରଦ । ପୁରୁଷୋତ୍ତମ ଦାସ ଟଣ୍ଡନଙ୍କ ବିଷୟରେ । ଟଣ୍ଡନଙ୍କ ପୁଅ ଆଲ୍ଲାହାବାଦରେ ପଢ଼ୁଥିଲେ । ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଲେ । ପରୀକ୍ଷାରେ ଭଲଭାବରେ ଉତ୍ତୀର୍ଣ୍ଣ ହେଲେ । ତାଙ୍କର ଫଳ ଯୋଗୁ ସେ ଆଇ. ଏ. ଏସ୍. ପାଇବା ପାଇଁ ଉପଯୁକ୍ତ ବୋଲି ବଚ୍ଛା ହେଲେ । ତାଙ୍କ ବାପା ପୁଅର ଫଳ ଦେଖି ଆନନ୍ଦିତ ହେଲେ ନାହିଁ । ସେ ପୁଅକୁ ଭଲ ଭାବରେ ଜାଣନ୍ତି । ତାର ଯୋଗ୍ୟତା ସମ୍ବନ୍ଧରେ ବାପାଙ୍କର ଘୋର ସନ୍ଦେହ । ଟଣ୍ଡନ ପୁରୁଣା-କାଳିଆ ଲୋକ । ତାଙ୍କର ଭାବଧାରା ଅତ୍ୟନ୍ତ ସୁସ୍ପଷ୍ଟ ଓ ତାର ପ୍ରକାଶ ତୀବ୍ର । ପୁଅ ବିଷୟରେ ତାଙ୍କର ଧାରଣା ବଦ୍ଧମୂଳ ଯେ ସେ ପ୍ରଶାସକ ହେବାର ଅତ୍ୟନ୍ତ ଅଯୋଗ୍ୟ । ତାଙ୍କର ଧାରଣା କଥା ବ୍ୟକ୍ତ କରି ନେହରୁଙ୍କୁ ଲେଖିଲେ ଯେ ଆମ ଦେଶର ପରୀକ୍ଷାପଦ୍ଧତି ଉନ୍ନତ ନୁହେଁ । ତା ନ ହେଲେ ତାଙ୍କର "ନାଲାୟକ ଲଡ଼କା" ପ୍ରଶାସକ ହିସାବରେ

Digitized by srujanika@gmail.com

କେବେହେଲେ ବସ୍ତି ହୋଇ ପାର ନ ଥାନ୍ତା । ନେହରୁଙ୍କୁ ଲେଖିଲେ ଏ ବିଷୟରେ ଟିକିଏ ଧ୍ୟାନ ଦେଇ ଯାଞ୍ଚ କରିବାକୁ । ଚିଠି ପାଇ ନେହରୁ ଅବାକ୍ । ପରୀକ୍ଷା ତ ଲୋକସେବା ଆୟୋଗ କରିଥାଏ ଅତିଯତ୍ନରେ ଦକ୍ଷତା ବଛେଇ ପାଇଁ । ସେଥିରେ ଗୋଳମାଳ ହେବାର ଆଶଙ୍କା କମ୍ । ତଥାପି ରିପୋର୍ଟ ମଗାଇଲେ । ଆୟୋଗର ଅଧ୍ୟକ୍ଷ ଜବାବ ଦେଲେ ଯେ ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ନିଷ୍ପକ୍ଷ ଓ ଗୁପ୍ତଭାବରେ ପରିଚାଳିତ । ଏଥିରେ କୌଣସି ବ୍ୟକ୍ତିପ୍ରତି ବିଶେଷ ଦାକ୍ଷିଣ୍ୟ ପ୍ରଦର୍ଶିତ ହୋଇ ନାହିଁ । ଟଣ୍ଡନଙ୍କ ପୁଅ ନିଜ ଗୁଣରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ପାଇବାର ଯୋଗ୍ୟତା ଅର୍ଜନ କରିଛନ୍ତି । ନେହରୁ ରିପୋର୍ଟ କଥା ଲେଖି ଟଣ୍ଡନଙ୍କୁ ଜଣାଇଦେଲେ । କିନ୍ତୁ ଟଣ୍ଡନ ନଚ୍ଛୋଡ଼ବନ୍ଧା, ଲେଖିଲେ—"ମୋ ପୁଅକୁ ମୋ'ଠାରୁ କେହି ବେଶୀ ଭଲ ଭାବେ ଚିହ୍ନିନାହିଁ । ସେପରି ଲୋକ ଯଦି ଆମ ଦେଶର ଶାସକ ହୁଅନ୍ତି ତେବେ ଦେଶର ଘୋର ଦୁର୍ଭାଗ୍ୟ ଉପୁଜିବ । ଏପରି ଦୁର୍ଭାଗ୍ୟରୁ ଦେଶକୁ ରକ୍ଷା କରନ୍ତୁ ।" ନେହରୁ ବିରକ୍ତ ହୋଇ ତାଙ୍କ ପୁଅର ନାମ ବଛେଇ ତାଲିକାରୁ ବାଦ ଦେବାକୁ କହିଲେ । ବିଚରା ବିନାକାରଣରେ ଅଯୋଗ୍ୟ ବୋଲି ପରିଗଣିତ ହେଲା ।

ଭାବିଲେ ଆଜକାଲିକାର ସମୟରେ ନାନା ଛଳରେ ବଳରେ କୌଶଳରେ ପୁଅକୁ ଚାକିରି ଦେବା ପାଇଁ ବାପାମାନେ କିଭଳି ବ୍ୟସ୍ତ ତାହା ବହୁଘଟଣାରୁ ପରିସ୍ଫୁଟ । ଏବେ ଲୋକସେବା ଆୟୋଗର ପ୍ରାରମ୍ଭିକ ପରୀକ୍ଷାର ପ୍ରଶ୍ନପତ୍ର ବଜାରରେ ବିକ୍ରୀ ହେଲା । ଶେଷରେ ସେ ପରୀକ୍ଷା ବାତିଲ କରି ସାନ ପରୀକ୍ଷା କରାଯାଉଅଛି । ପୂର୍ବସୂରୀ ଆଉ ଉତ୍ତରସୂରୀଙ୍କ ମୂଲ୍ୟବୋଧରେ ଆକାଶ ପାତାଳ ବ୍ୟବଧାନ ରଚିତ ହୋଇଛି ନିଜର ସ୍ୱାର୍ଥାନ୍ଧତା, ଆଉ ଲୋଲୁପତା ଯୋଗୁ । ଖାଲି ବାକ୍ୟ-ବିଳାସ, ବାଗାଡ଼ମ୍ବର, ଲଳିତଭାଷଣରେ ଆଜିର ନେତୃବୃନ୍ଦ ବିଶ୍ୱାସୀ । ଉନ୍ନତମାନ ରକ୍ଷାରେ ସେମାନଙ୍କର ଟିକେ ହେଲେ ପ୍ରୟାସ ନାହିଁ । ତେଣୁ ସମାଜ ଅଧିକରୁ ଅଧିକ ଅଧଃପତନ ଆଡ଼କୁ ମୁହେଁଇଛି । ସେଥିପ୍ରତି କାହାର ଧ୍ୟାନ ବା ମୁଣ୍ଡବ୍ୟଥା ନାହିଁ ।

ଆମ ବିଭାଗରେ ଭଲେଣି ପଡ଼ିଛି । ବିଭିନ୍ନ ଶିଳ୍ପପତିମାନେ ଗୋଟିଏ ଗୋଟିଏ ନ୍ୟାସ (Trust) କରି ନିଜେ ସବୁ ନ୍ୟାସୀ ହୋଇ

Digitized by srujanika@gmail.com

ଟ୍ରଷ୍ଟର ମାଧ୍ୟମରେ ଅର୍ଥର ବିନିଯୋଗ କରୁଛନ୍ତି । ବର୍ତ୍ତମାନର ଶିଳ୍ପପତି-ମାନେ କଳିଯୁଗର ସନ୍ନ୍ୟାସୀ । ସେମାନଙ୍କର ନିଜର ଘର ନାହିଁ, ଗାଡ଼ି ନାହିଁ, ଶୈଳାବାସ ନାହିଁ । ନୌକରଗୁଡ଼ିକର ନାହିଁ । ସେମାନେ କଙ୍ଗାଳ ଲୋକ । ତାଙ୍କର ସମ୍ପତ୍ତିକର (wealthtax) ଦେବାକୁ ପଡ଼େ ନାହିଁ । କିନ୍ତୁ ସେମାନେ ବଡ଼ ଟ୍ରଷ୍ଟର ନ୍ୟାସୀ । ଟ୍ରଷ୍ଟର ଅଚଳାଚଳ ସମ୍ପତ୍ତି । ଯେଉଁ ସ୍ଥାନକୁ ଯିବେ ସେଠାରେ ଟ୍ରଷ୍ଟର ଅତିଥିନିବାସ, ଗାଡ଼ି, ନୌକଲସ୍କର, ପ୍ରାଚୁର୍ଯ୍ୟର ସୀମା ନାହିଁ । ନ୍ୟାସୀ ଆସିଲେ ଆମୋଦ ଆହ୍ଲାଦର ବନ୍ୟା ବହିଯାଏ । "ଦୀୟତାମ୍ ଭୁଜ୍ୟତାମ୍" ରବ ପଡ଼ିଯାଏ । ଟ୍ରଷ୍ଟର କ୍ଷମତାରେ ବଳୀୟାନ ନ୍ୟାସୀ—ସନ୍ନ୍ୟାସୀମାନଙ୍କର କୌଣସି ଅଭାବ ରହେ ନାହିଁ । ଏହା ଗୋଟିଏ ସାମାଜିକ-ଅବକ୍ଷୟର ବର୍ଣ୍ଣାଢ୍ୟ ପ୍ରଦର୍ଶନ । ଏହି ନ୍ୟାସକୁ ଶୃଙ୍ଖଳାବଦ୍ଧ କରିବାକୁ ହିଁ ପଡ଼ିବ । ଏଥିପାଇଁ "Public Trustee" ନିଯୁକ୍ତ କରାଯାଉ । ତାହାହେଲେ ଶିଳ୍ପପତିମାନଙ୍କର ଟାଣପଣ ଭାଙ୍ଗିବ । ବିନିଯୋଗ ସୁଧୁରିବ । ସୁସ୍ଥପରମ୍ପରା ସୃଷ୍ଟି କରିବେ ପବ୍ଲିକ ଟ୍ରଷ୍ଟି । ଅତି ଉତ୍ତମ ଭାବଧାରା । କମ୍ପାନି ଆଇନର ସଂଶୋଧନ ହେଲା । ଏବଠାରୁ ପବ୍ଲିକ ଟ୍ରଷ୍ଟି ତାଙ୍କର ଭୋଟକ୍ଷମତା ପ୍ରୟୋଗ କରିବେ ସବୁ ସଂସ୍ଥାରେ । ପଙ୍କିଳ ଅର୍ଥସ୍ରୋତର ଗତିରୋଧ କରିବେ । ଟ୍ରଷ୍ଟର ଉଦ୍ଦେଶ୍ୟର ସାର୍ଥକ ସାଧନରେ ବ୍ରତୀ ହେବେ । ଏ ବିଷୟରେ ଅନେକ ଚିନ୍ତା କରାଯାଇ ପବ୍ଲିକ ଟ୍ରଷ୍ଟି ନିଯୁକ୍ତି ପାଇଁ ଜଣଙ୍କ ନାମ ସୁପାରିଶ କରାଗଲା । ନବଯୋଜନାର ପରିପୂର୍ତ୍ତି ପାଇଁ ଆମ ମନ୍ତ୍ରୀ ବିଷୟଟି ପ୍ରଧାନ ମନ୍ତ୍ରୀଙ୍କର ଗୋଚରକୁ ଆଣିଲେ । ସେ ସମୟରେ ପ୍ରଧାନ ମନ୍ତ୍ରୀ ଥିଲେ ଲାଲବାହାଦୁର ଶାସ୍ତ୍ରୀ । ତାଙ୍କ ଉପଦେଷ୍ଟା ଥିଲେ ଲକ୍ଷ୍ମୀକାନ୍ତ ଝା । ଅତି ବିଚକ୍ଷଣ ପ୍ରଶାସକ, ଅର୍ଥନୀତିଜ୍ଞ ଓ ପଣ୍ଡିତ ଲୋକ L. K. Jha । ସେ ଫାଇଲଟି ପଢ଼ିଦେଖିଲେ ଯେ ଏତେ କ୍ଷମତାସମ୍ପନ୍ନ ପବ୍ଲିକ ଟ୍ରଷ୍ଟି କି ଯୋଗ୍ୟତାର, କିପରି ଅଭିଜ୍ଞତାର, କିପରି ଶ୍ରେଣୀର ଲୋକମାନଙ୍କ ମଧ୍ୟରୁ ବଛାଯିବେ ସେ ବିଷୟରେ କିଛିହେଲେ ଚିନ୍ତାମାତ୍ର କରାଯାଇ ନାହିଁ ଆମ ବିଭାଗରେ, ଖାଲି ଆଇନ ସଂଶୋଧନ ହୋଇଛି । ମାତ୍ର ଟ୍ରଷ୍ଟି ନିଯୁକ୍ତି ବିଷୟରେ କୌଣସି ନିୟମ (Rule) ତିଆରି ହୋଇନାହିଁ । ସେ ଦେଖିଲେ ପବ୍ଲିକ ଟ୍ରଷ୍ଟି ନିଯୁକ୍ତି ଗୋଟିଏ ଶୂନ୍ୟସ୍ଥାନ ପୂରଣ କରିବାର କ୍ଷୁଦ୍ରପ୍ରୟାସ ମାତ୍ର ।

Digitized by srujanika@gmail.com

ସ୍ଥାନ ପୂରଣର କୌଣସି ମାନ-ନିୟମ ନିର୍ଦ୍ଧାରିତ ହୋଇନାହିଁ । ଏପରିକି କୌଣସି ସୁଚିନ୍ତିତ ଚିନ୍ତାର ଉଲ୍ଲେଖ ମାତ୍ର ନାହିଁ । କିନ୍ତୁ ଉପଦେଷ୍ଟାର କ୍ଷମତା ନାହିଁ ଆଇନ ପ୍ରଣୟନ କରିବାର । କେବଳ ମାତ୍ର Routine ସୂଚନା ଦେଇପାରନ୍ତି ସେ । ଅନେକ ଭାବଚିନ୍ତା ନାନା ଦିଗରୁ, ନାନା କାନୁନର ସାହାଯ୍ୟ ନେଇ ଗୋଟିଏ ଅତ୍ୟନ୍ତ ଶିକ୍ଷଣୀୟ, ସାରଗର୍ଭକ, ସୂକ୍ଷ୍ମ ପରିକଳ୍ପନାର ରୂପରେଖ ଆଙ୍କିଦେଲେ ତାଙ୍କର ଉପଦେଶାତ୍ମକ ଲେଖାଟିରେ (Note) । ଲାଲବାହାଦୁର ଶାସ୍ତ୍ରୀ ସେଇ ଲେଖାଟିକୁ ପଠେଇ ଦେଲେ ଆମ ମନ୍ତ୍ରୀଙ୍କ ପାଖକୁ । ସେ ଲେଖାଟି ପଢ଼ି ମୁଁ ଏକାବେଳକେ ମୁଗ୍ଧ ହୋଇଗଲି । ମନ୍ତ୍ରଣାଳୟର ବହୁ ଫାଇଲ ମୁଁ ଦେଖିଛି । କିନ୍ତୁ ଏପରି ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଗମ୍ଭୀରତା ମୋର କେବେହେଲେ ଦୃଷ୍ଟିଗୋଚର ହୋଇନାହିଁ । ଅନେକ ଦିଗ୍‌ଦର୍ଶନ ମିଳିଲା । ବହୁ ଶିକ୍ଷା ସଂଗ୍ରହ କଲି ବିଦୁରଧାରାର । ସାଧାରଣତଃ ସମସ୍ତେ ଗଡ୍ଡଳିକାରେ ଭାସିଯାଆନ୍ତି । ଫଳରେ ଯେଉଁ ଆଇନ ପ୍ରଣୀତ ହୁଏ ତାହା ବହୁବାର ସଂଶୋଧିତ ହୁଏ ଅସୁବିଧା ପଡ଼ିଲେ । ଏହାର ଏକମାତ୍ର କାରଣ ଦୂରଦୃଷ୍ଟିର ଅଭାବ ।]

ଏହି ପରିପ୍ରେକ୍ଷୀରେ ଟମାସ୍ ବେବିଙ୍ଗଟନ ମାକଲେଙ୍କ କଥା ମନେ ପଡ଼ିଲା । କି ଅଭାବନୀୟ ଦୂରଦୃଷ୍ଟିର ଅଧିକାରୀ ଥିଲେ ସେ । ତାଙ୍କର ଯୁଗାନ୍ତକାରୀ କ୍ଷମତା ଥିଲା ଆଇନ ପ୍ରଣୟନରେ । କଲମ ଧରି ଲେଖିଯାଇ-ଥିଲେ ଭାରତୀୟ ଦଣ୍ଡବିଧି ଆଇନ, ସାକ୍ଷ୍ୟ ଆଇନ ପ୍ରଭୃତି । ବହୁବର୍ଷ ଧରି ସେଗୁଡ଼ିକ କାଳଜୟୀ ପ୍ରଣୟନର ସ୍ୱାକ୍ଷର ରଖିଯାଇଛନ୍ତି । କିନ୍ତୁ ଆମେ ସମୁପଯୁକ୍ତ ଶିକ୍ଷା ଗ୍ରହଣ କରିପାରିନାହୁଁ । କାନୁନର ଜଟିଳ ଲତାପତ୍ରରେ ଆବଦ୍ଧ ହୋଇ ତାକୁ ଜଟିଳତର କରିବାର ପ୍ରୟାସରେ ଅଭିନିବିଷ୍ଟ ରହିଛୁ । କିନ୍ତୁ ସବୁବେଳେ ମୁହଁରେ କହୁଛୁ ଏହି ସବୁ ଆଇନ ସରଳୀକରଣ ଉଦ୍ଦେଶ୍ୟରେ ପୁନର୍ନିର୍ମିତ ହେଉଅଛି । ନିଜକୁ ନିଜେ ଛନ୍ଦିଦେଉଛୁ ଆଇନକାନୁନର ଆବର୍ତ୍ତରେ । ସମସ୍ତେ ବୁଝୁଛନ୍ତି । କିନ୍ତୁ ପୁଣି ସେହି ଆବର୍ତ୍ତରେ (Sargasso Sea) ପଡୁଛନ୍ତି । ଏଥିରୁ କଣ ଆମ ଦେଶ କେବେହେଲେ ମୁକ୍ତି ପାଇବ ନାହିଁ !

Digitized by srujanika@gmail.com

ପାରୁଛୁ, ଏମିତି ସମୟରେ କାନନ ଆସି କହିଲେ ଚାଲ ଆଜି ବିଶ୍ୱନାଥନଙ୍କ ଘରେ ନିମନ୍ତ୍ରଣ ଅଛି । ସେଠାରେ ଖାଇ ଘରକୁ ଫେରିବାକୁ ଡେରି ହେବ । ଘରେ ଖବର ଦେଇ, ତାଙ୍କ ସହିତ ଚାଲିଲି । ବିଶ୍ୱନାଥନ୍ ଆମଠାରୁ ବୟସରେ ବଡ଼ । ତାଙ୍କର ଅଭିଜ୍ଞତା ଅଧିକ । ପୁରୁଣାକାଳର କେତେ ଗପ କଲେ । କହିଲେ ଜାଣ, ଗୋଟିଏ କୌତୁକପୂର୍ଣ୍ଣ ଘଟଣା ? କିଏ ଯାଇ ନେହରୁଙ୍କୁ କହିଲା ଯେ 'ଦପ୍ତର'ର ଲୋକେ ମୋଟେ କାମ କରନ୍ତି ନାହିଁ । ଚଳେ 'କ୍ୟାଣ୍ଟିନ'ରେ ବସି ଚା'ଜଳଖିଆ ଖାଆନ୍ତି । କଲମ ବନ୍ଦେଇ ଘରକୁ ଚାଲ । ତେଣୁ କାମ ସବୁ 'ଅଧୁରା' ପଡ଼ିଛି । ନେହରୁ ତ ରାଗୀ ଲୋକ । ଚମ୍ ଚମ୍ ହୋଇଗଲେ । ଏପରି କଥା, ମୋ ସଙ୍ଗରେ ଚାଲ । ମୁଁ ବର୍ତ୍ତମାନ ଦେଖିବାକୁ ଚାହେଁ । ଯାଇ କ୍ୟାଣ୍ଟିନରେ ପହଞ୍ଚିଲେ । ସତକୁ ସତ ଦେଖିଲେ ମହାକୋଳାହଳ । କର୍ମଚାରୀମାନେ ଖାଇବାରେ ମସ୍‌ଗୁଲ । ଦେଖି ତାଙ୍କ ପିତ୍ତ ଜଳିଗଲା । ତାଙ୍କ ସହକାରୀଙ୍କୁ କହିଲେ—"ସମସ୍ତଙ୍କର ନାଁ ଟିପିନିଅ । ଏମାନଙ୍କ ବିରୁଦ୍ଧରେ ଏହିକ୍ଷଣି କାର୍ଯ୍ୟାନୁଷ୍ଠାନ କର । ଏମାନଙ୍କୁ ସମୁଚିତ ଦଣ୍ଡ ଦେବାକୁ ପଡ଼ିବ ।"

ତାପରେ ମାସେ ଦୁଇମାସ କ୍ୟାଣ୍ଟିନରେ ମାଛି ଉଡ଼ୁଛି । ଉପରରେ କେହି ଆସିଲେ ନାହିଁ । କାଁଭାଁ ଜଣେ ଦୁଇଜଣ ଆସନ୍ତି । ଏପରି କେତେ ଦିନ ଗଲା । ପୁଣି ଯାହାକୁ ସେଇଆ । ଯେତେବେଳେ କର୍ମଚାରୀମାନେ ଦେଖିଲେ ଯେ ଆଉ ଯାଞ୍ଚ ହେଉନାହିଁ ପୁଣି ଆଗଭଳି ମଉଜ ଚାଲିଲା । ବିଶ୍ୱନାଥନ୍ କହିଲେ ଆମର ଭିତରୁ ତ କର୍ମପ୍ରବଣତାର ସ୍ରୋତ ବାହାରୁ ନାହିଁ । ଖାଲି ଉପରୁ ଲୋକେ କେତେ ସମୀକ୍ଷା କରିବେ । କଣ ଜଣେ ଜଣେ କର୍ମଚାରୀ ଉପରେ ଜଣେ ନିରୀକ୍ଷକ ରହିବେ ! ମତେ ଯେତେ ମାଡ଼ିବୁ ମାଠେ, ମୁଁ ସେହି ଦରପୋଡ଼ା କାଠ । ଏ ସଙ୍ଗଠନର ଆଉ ଉନ୍ନତି ହେଲା ଭଳି ଲାଗୁନାହିଁ ।

ଆମ ସହିତ ପରଶୁରମନ ଥିଲେ । ସେ କହିଲେ—"ଆରେ, ଅସଲ କାମ କରିବାକୁ ଆମର ସମୟ କାହିଁ ! ଆମର ଲୋକଙ୍କର ଦରମା, ଯାତ୍ରା-ଖର୍ଚ୍ଚା, ଛୁଟି, ପେନ୍‌ସନ୍, ଭବିଷ୍ୟନିଧି, ଔଷଧ ଖର୍ଚ୍ଚା-ବିଲ, ଆପତ୍ତି ଅଭିଯୋଗ, ସେମାନଙ୍କର ବିଭେଦ ସୁଧାର ଇତ୍ୟାଦି

Digitized by srujanika@gmail.com

ବୁଝ୍ଇ ବୁଝ୍ଇ ସମୟ ଗଲା । ତା ଉପରେ କେତେକଙ୍କର ବରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଅଛୁ । ଆମ ନଗରର ଅଧେ ଲୋକ ଅନ୍ୟ ଅଧଙ୍କ ବଷୟରେ ବ୍ୟସ୍ତ । ଆଉ ସାଧାରଣଙ୍କ ଗୁହାର ବୁଝିବାର ସମୟ କାହିଁ ? ଦେଶର କଥା କିଏ ବୁଝୁଛୁ ? **Half of us are busy with the other half.**" ଆମେ ସମସ୍ତେ ହୋ ହୋ ହୋଇ ହସି ଉଠିଲୁ ।

କାନନ କହିଲେ ଭଲ ମନ୍ଦ ନେଇ ସବୁ ସଙ୍ଗଠନ ଚାଲିଛୁ । ଆମ ଦପ୍ତର ବ ସେଇଆ । ଭାଇ ସେ ବଷୟରେ ଆଉ ଦୁଃଖ କର ଲାଭ କଣ ? ତମେ ତ ନ୍ୟୁୟର୍କରେ ଥିଲ । ସେଠି କଣ ଏମିତି ଦେଖିଛ ? ବଶ୍ୱନାଥନ୍ କହିଲେ, "ସେଠାରେ କର୍ମପ୍ରବଣତା ଜୀବନର ଅଙ୍ଗ-ବଶେଷ । 'ସୁପରଭାଇଜର' କେହି ନାହିଁ । ସମସ୍ତେ ନିଜ ନିଜ କାମଟି ଠିକ୍ କର ଘରକୁ ଯାଆନ୍ତି । ସମୟରେ ଆସିବେ, ସମୟରେ ଯିବେ । ବାଜେ ଓଜର ସେମାନଙ୍କର ନାହିଁ । ତେଣୁ ସେ ଦେଶର ଏତେ ଉନ୍ନତି ହେଉଛୁ ।" ଏମିତି ନାନା କଥାରେ ରାତି ହୋଇଗଲା । ରାତିଭୋଜନ ସାର ଘରକୁ ଫେରିଲୁ ।

ପୂଜାଛୁଟିରେ କଟକରୁ ଅନେକ ଅତିଥି ଆସିଲେ । ସେମାନଙ୍କୁ ନେଇ ଆଗ୍ରା, ଫତେପୁର ସିକ୍ରି ବୁଲି ଆସିଲି । ସେଲିମ୍ ଚିସ୍ତିଙ୍କ ଆସ୍ଥାନରେ ଭକ୍ତିସଙ୍ଗୀତ ମୋତେ ବଡ଼ ଆନନ୍ଦ ଦେଇଥିଲା । ଦେଖିବା ଭଳି ଦୁଆର, ବୁଲନ୍ଦ ଦରବାଜା । ଗଢ଼ର କି ବଶାଳ ପରକଳ୍ପନା ଥିଲା ସମ୍ରାଟ ଆକବରଙ୍କର । ଯେତେ ଦେଖିଲେ ଆହୁର ଦେଖିବାକୁ ଇଚ୍ଛା ହୁଏ । ଆଉ ଆଗ୍ରାର ତାଜମହଲ କଥା ତ ସମସ୍ତେ ଜାଣନ୍ତି । ପୃଥିବୀର ଆଶ୍ଚର୍ଯ୍ୟ ବସ୍ତୁ ମଧ୍ୟରୁ ଗୋଟିଏ । ମର୍ମର ପଥରରେ କବର କଳ୍ପନା । ମମତାଜ-ମହଲଙ୍କ ସ୍ମୃତିକୁ ପୃଥିବୀରେ ଅମର କର ରଖିଦେଇଗଲେ ଶାଜାହାନ୍ । ରବୀନ୍ଦ୍ରନାଥ ସେ ବଷୟରେ ଲେଖିଛନ୍ତି—

"ଜାଣିଛ ସେ କଥା ତୁମେ ଭାରତ ଈଶ୍ୱର ସାଜାହାନ
କାଳସ୍ରୋତେ ଭାସିଯାଏ ଜୀବନ ଯୌବନ ଧନ ମାନ···
ମାତ୍ର ଥାଉ ଏକବନ୍ଦୁ ନୟନର ଜଳ
କାଳର କପୋଳ ତଳେ ଶୁଭ୍ର ସମୁଜ୍ଜ୍ୱଳ
ଏ ତାଜମହଲ··········

Digitized by srujanika@gmail.com

ଭୁଲି କରି ରାଜ୍ୟ ଭଙ୍ଗାଗଢ଼ା
ଭୁଲି କରି ଜୀବନ ମୃତ୍ୟୁର ଉଠାପଡ଼ା
ଯୁଗେ ଯୁଗାନ୍ତରେ
କହୁଅଛି ଏକସ୍ୱରେ
ଚିର ବିରହୀର ହିଆ
ଭୁଲି ନାହିଁ, ଭୁଲି ନାହିଁ, ଭୁଲି ନାହିଁ ପ୍ରିୟା ।"

ତାପରେ ଗଲୁ ମଥୁରା ଓ ବୃନ୍ଦାବନ । ଅନେକ ଦିନର ଆଶା ପୂର୍ଣ୍ଣ ହେଲା । ବୃନ୍ଦାବନର କଥା କେତେ ସାଧକ, ସନ୍ଥ, ସାଧୁମାନଙ୍କର ଜୀବନୀରେ ଲିପିବଦ୍ଧ ଅଛି । ପଢ଼ିଥିଲି । ମାତ୍ର ପ୍ରତ୍ୟକ୍ଷ ଦେଖାରେ ଯେଉଁ ଆନନ୍ଦ ତାହା ଅବର୍ଣ୍ଣନୀୟ । ପ୍ରତ୍ୟେକଟି ଧୂଳିକଣା ପବିତ୍ର ଏହି ପୁଣ୍ୟ ଧାମର । ଶ୍ରୀକୃଷ୍ଣଙ୍କର ଲୀଳାପ୍ଳୁତ ଏହି ଧାମ । ସାଧୁ ସନ୍ନ୍ୟାସୀରେ ଭରପୂର ।

ରାତ୍ରରେ ଗୋଟିଏ ଧର୍ମଶାଳାରେ ରହିଲୁ । ପରଦିନ ସକାଳେ ଦେଖିଲୁ ସେଠାକୁ ବହୁ ବାବାଜି ଆସିଛନ୍ତି । ସେମାନେ ଧାଡ଼ିହୋଇ ବସିଛନ୍ତି । ଧର୍ମଶାଳା ପରିଚାଳକ ସେମାନଙ୍କୁ ତିନିଖଣ୍ଡ କରି ରୁଟି ଓ ଦୁଇହତା ଡାଲି ପରିବେଷଣ କରୁଛନ୍ତି । ସେମାନେ ଭିକ୍ଷା ମାଗି ନାହାନ୍ତି । ଯାହା ପାଇଲେ ସେଥିରେ ସନ୍ତୁଷ୍ଟ ହୋଇ ଉଠି ଚାଲିଯାଉଛନ୍ତି । ଏହିପରି ସଦାବ୍ରତ, ବୃନ୍ଦାବନରେ ଅନେକ ଦେଖିବାକୁ ପାଇଲୁ । ଦାତବ୍ୟ ସଙ୍ଗଠନମାନଙ୍କ ପକ୍ଷରୁ ଏପରି ବହୁ ବ୍ୟବସ୍ଥା ରହିଛି ବୃନ୍ଦାବନରେ । ବିଭିନ୍ନ କୁଞ୍ଜଗୁଡ଼ିକ ଲକ୍ଷଣୀୟ । ସାଧୁମାନଙ୍କର ପଦ-ଧୂଳିରେ ପବିତ୍ରୀକୃତ । ସେଥିରେ ଲାଲବାବୁଙ୍କ ସ୍ଥାପିତ ମଠରେ ସୁନା ତାଳଗଛ ମଧ୍ୟ ଦେଖିଲୁ । ସବୁ ସାଧୁସଂଘମାନଙ୍କର ବିଭିନ୍ନ ଆଶ୍ରୟସ୍ଥଳ ବୃନ୍ଦାବନରେ ବିଦ୍ୟମାନ । ଯେତେ ଦେଖିଲେ ସେତେ ନୂଆ ଦେଖା-ଯାଉଥାଏ । ବାଙ୍କେବିହାରୀଜୀଙ୍କ ମନ୍ଦିର ପ୍ରାଙ୍ଗଣରେ ଭିଡ଼ ଲାଗିରହିଛି । ସବୁ ମନ୍ଦିର ପରିକ୍ରମା କରି ଫେରିଲୁ । ମନରେ ପ୍ରଶାନ୍ତିର ପ୍ରଭାବ ମର୍ମସ୍ଥଳ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଅନେକ ଦିନର ଆକାଙ୍‌କ୍ଷା ପରିପୂର୍ଣ୍ଣ ହେଲା । ରାଜଧାନୀକୁ ଫେରି ଆସିଲୁ ।

Digitized by srujanika@gmail.com

ଖବର ପାଇଲି ମା'ଙ୍କ ଶରୀର ଅସୁସ୍ଥ, ବିଶେଷ ଚିକିତ୍ସା ଦରକାର । ମନ ଉଚ୍ଛନ୍ନ ହେଲା । ଅନେକ ଦିନ ଓଡ଼ିଶାକୁ ଯାଇନାହିଁ । ତା'ଛଡ଼ା ଚାକିରି କାଳରେ ଓଡ଼ିଶାରେ ଅବସ୍ଥାପିତ ହୋଇନଥିଲି କେବେହେଁ । ତେଣୁ ମନ ଟାଣିଲା । ମା'ଙ୍କର ସ୍ନେହ ମୋତେ ତାଙ୍କ ପାଖକୁ ଟାଣି ନେଇଗଲା । ମୋର ଆବେଦନ ମଞ୍ଜୁର ହେଲା । ଏଥର ଘରକୁ ଫେରିବାର ପ୍ରସ୍ତୁତି ।

ରାଜଗୋପାଳାଚାରୀଙ୍କ କଥିତ ଉକ୍ତି ଯଥାର୍ଥ ପ୍ରମାଣିତ ହେଲା । ମାଡ୍ରାସିମାନେ ମୋତେ ବହୁ ସଙ୍ଗ ଦେଇଥିଲେ । କାନନ୍, ବିଶ୍ୱନାଥନ୍, ପରଶୁରମନ୍, ବଲରମଣି ପ୍ରଭୃତି ବହୁ ବନ୍ଧୁବର୍ଗ ମୋତେ ବିଦାୟ ସମ୍ବର୍ଦ୍ଧନା ଦେଲେ । ବିଭାଗୀୟ ସଚିବ ମଧ୍ୟ ଆମ କନ୍‌ଫରେନ୍‌ସ ରୁମ୍‌ରେ farewell ଦେଲେ । କିନ୍ତୁ ସବୁଠାରୁ ବିସ୍ମୟକର ସମ୍ବର୍ଦ୍ଧନା ମୋତେ ଅପେକ୍ଷା କରୁଥିଲା । ଚପରାଶୀମାନେ ଏକଜୁଟ ହୋଇ ହାଜର । ଆମ୍ଭେମାନେ ଲାଇବ୍ରେରୀରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦେବୁ । ମୁଁ ପଚାରିଲି— "ଭାଇ, କାହିଁକି ତୁମ୍ଭେମାନେ ଅଯଥା ଖର୍ଚ୍ଚାନ୍ତ ହେବ ? ତୁମ୍ଭେମାନେ କହିଲ ତାହାହିଁ ମୋର ଲକ୍ଷେଟଙ୍କା । ସମ୍ବର୍ଦ୍ଧନାର ଦରକାର କଣ ?" ସେମାନେ ଉତ୍ତର ଦେଲେ—"ଏହା ଆମ ସମସ୍ତଙ୍କର ଆନ୍ତରିକ ଇଚ୍ଛା । ଆପଣ ଜାଣନ୍ତି ନାହିଁ ଆପଣ ଆମର କେତେ ଉପକାର କରିଛନ୍ତି । ଆମର କେତେ ପିଲାଙ୍କୁ ଚାକିରିରେ ରଖେଇ ଦେଇଛନ୍ତି । ଆମ ଗୁହାରି ଆଗେ ବୁଝନ୍ତି । ଆଜି ଆମେ ଦେଖିଛୁ ଯେ ଆପଣ ଅନ୍ୟ ସେବାର ଲୋକ ହେଲେ ମଧ୍ୟ ଆମ ଭବିଷ୍ୟତ କଥା ଭାବି ଅନେକ ଖାଲି ଜାଗାରେ ସଚିବଙ୍କୁ କହି ଜଣାଶୁଣା ଲୋକଙ୍କୁ ରଖେଇ ଦେଇଛନ୍ତି । ତେଣୁ ଆମେ କୃତଜ୍ଞ ।" ମୁଁ କହିଲି—"ଯାହା କରିଛି ନିୟମ ଅନୁସାରେ ଗତାନୁଗତିକ ଧାରାରେ । ଅନନ୍ୟ ଉପାୟରେ ନୁହେଁ । ତେଣୁ କୌଣସି ବିଶେଷ ସମ୍ମାନ ମୋର ପ୍ରାପ୍ୟ ନୁହେଁ ।" କିନ୍ତୁ ସେମାନେ ଶୁଣିଲେ ନାହିଁ । ଅଡ଼ି ବସିଲେ । ତାଙ୍କର ସ୍ନେହମିଶ୍ରିତ ଅଭ୍ୟର୍ଥନା ମୋତେ କେତେ ଯେ ଆନନ୍ଦ ଦେଲା ତାହା ବର୍ଣ୍ଣନା କରିବା ମୋପକ୍ଷରେ ଦୁଃସାଧ୍ୟ । ସେମାନଙ୍କର ଶୁଭେଚ୍ଛାକୁ ପାଥେୟ କରି ରାଜଧାନୀରୁ ଗୋଡ଼ କାଢ଼ିଲି । ଆଜି ପର୍ଯ୍ୟନ୍ତ ଭୁଲିନାହିଁ । ମହତ୍ତ୍ୱ ସେମାନଙ୍କର ।

Digitized by srujanika@gmail.com

(୫)

ଦୁର୍ଗ ବାରବାଟି

"ଉତ୍କଳ-ଗୌରବ ସତେ ତୁହି କ ସେ
ଦୁର୍ଗ ବାରବାଟି ?
ବୀରରକ୍ତେ ଗଢ଼ା ତୋର ମାଟି ?
ଖେଳୁଥିଲେ ତୋର କୋଳେ ବହୁ ଶୂରବୀରେ ?
ତୁହି କେବେ ସାଜିଥିଲୁ ସୁବର୍ଣ୍ଣ ବସ୍ତ୍ରରେ ?

× × ×

ଏବେ, ଚିରବନ୍ୟା ଦୁର୍ଭିକ୍ଷର ଦୀର୍ଘଶ୍ୱାସ ମିଶି ବହିଆସେ ।
ସେ ତପ୍ତ ନିଶ୍ୱାସେ,
ଆଶାର କୁସୁମଟିକ ଝରିପଡ଼େ ଧୀରେ
ଉତ୍କଳ ମନ୍ଦିରେ ।

× × ×

ଫେରିଆ ଫେରିଆ ଆଜ ଉତ୍କଳର ସେ ଗୌରବ ଶଶି,
ମ୍ଳାନମୁଖେ ଅଛ କାହିଁ ବସି ?"

ନବମ ଶ୍ରେଣୀର ଛାତ୍ର ଥିବାବେଳେ କବିତାଟି ଲେଖିଥିଲି ଆମ ସ୍କୁଲ ପତ୍ରିକା "ମହୋଦଧି" ପାଇଁ । ଛପା ହୋଇଥିଲା । ମାତ୍ର ପୂରା କବିତାଟି ମନେ ପଡ଼ୁନାହିଁ । କେବଳ କେଇଟି ଧାଡ଼ି ମନେ ପଡ଼ୁଛି ତାହାହିଁ ଲେଖିଲି । ସେଦିନ କିଏ ଜାଣିଥିଲା ଯେ ସେହି ଗୌରବମୟ କିଲ୍ଲାପାଖରେ ମୋତେ ରହିବାକୁ ପଡ଼ିବ ନଅବର୍ଷ । ପ୍ରକୃତରେ ବାରବାଟି ଦୁର୍ଗ ମୋତେ ଟାଣି ଆଣିଲା ଦଶ ନମ୍ବର କାଣ୍ଟନମେଣ୍ଟ ବଙ୍ଗଳାକୁ । ନିଜ ଲୋକମାନଙ୍କୁ ଦେଖି ମନରେ ଆନନ୍ଦର ଜୁଆର ଆସିଲା । ଅନେକ ଦିନ ସେମାନଙ୍କ ସହିତ ଦେଖା ସାକ୍ଷାତ୍ ନ ଥିଲା । ଆମ ବଙ୍ଗଳାଟା ହୋଇ ଉଠିଲା ଏକ ମହା-ମିଳନ କ୍ଷେତ୍ର ।

Digitized by srujanika@gmail.com

କଟକରେ ବାରବାଟି ଷ୍ଟେଡ଼ିଅମ୍ । ସେଠାରେ ଅନୁଷ୍ଠିତ ହେଉଥିଲା ସନ୍ତୋଷଟ୍ରଫିର ଫୁଟବଲ ଖେଳ । ପ୍ରତ୍ୟେକ ପ୍ରଦେଶର ଟିମ୍ ନିଜ ନିଜ ପ୍ରଦେଶର ସମ୍ମାନ-ରକ୍ଷା ନିମନ୍ତେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିଲେ । ବଡ଼ ଉପଭୋଗ୍ୟ ହୋଇଥିଲା ସେ ଖେଳ । ପ୍ରତିଦିନ ଅଫିସ ଫେରନ୍ତା ମୁଁ ପଶିଯାଉଥିଲି ଷ୍ଟେଡ଼ିଅମ୍ ଭିତରକୁ । ସେଠାରେ ଦର୍ଶକମାନଙ୍କର ଉତ୍ସାହ କହିଲେ ନ ସରେ । ଫୁଟବଲ ଓଡ଼ିଶାର ଲୋକଙ୍କର ଅତିପ୍ରିୟ ଖେଳ । ତାହା ଦେଖିବାକୁ ଏଠା ଲୋକଙ୍କର ଅଦମ୍ୟ ଉତ୍ସାହ । ଅନେକ ଲୋକ ରୁଣ୍ଡ ହୋଇଥାଆନ୍ତି । ବହୁ ବିଶିଷ୍ଟ ପୁରୁଣା ଖେଳାଳିମାନଙ୍କୁ ତଳେ ବସି ଖେଳ ଦେଖିବାର ଦୃଶ୍ୟ ମୋର ଦୃଷ୍ଟିଗୋଚର ହୋଇଥିଲା । ଷ୍ଟେଡ଼ିଅମର ବାତାବରଣ ଖୁବ୍ ସରଗରମ ହୋଇଥାଏ । ଦର୍ଶକମାନେ ସେହି ବାତାବରଣ ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ ହୋଇ ଯାଇଥାଆନ୍ତି । ଅନ୍ୟ ଆଡ଼କୁ ଖିଆଲ ନ ଥାଏ । କିଛି ଦିନ ଯିବା ପରେ ମୁଁ ଏକାନ୍ତ ଭାବେ ଜଡ଼ିତ ହୋଇ ପଡ଼ିଲି । ନିଶା ଲାଗିଗଲା । ଅଫିସରୁ ସାଢ଼େ ଚାରିଟାରେ ପଳାୟନ ।

ବନ୍ଧୁବାନ୍ଧବ ଜଣାଶୁଣା କେତେ ଜଣ ଖେଳ ପରେ ମୋ ଘରକୁ ଆସନ୍ତି ଟିକିଏ ଚା ପିଇବା ପାଇଁ । ମେଳା ଲାଗିଯାଏ । ଖେଳ ଶେଷ ହୋଇ ଯାଇଥିଲେ ମଧ୍ୟ ତା ବିଷୟରେ ବାଦାନୁବାଦ ଚାଲେ । କିଏ କହେ ଆଜିର ଟିମ୍ ଦୁଇଟା ସରସ । ଅନ୍ୟ କେତେ କହନ୍ତି ନୀରସ । ଖେଳାଳିମାନଙ୍କର କୃତିତ୍ୱ ନେଇ ମଧ୍ୟ ବିତର୍କ ଚାଲେ । ଅନେକ ସମୟ ପର୍ଯ୍ୟନ୍ତ ବାଦାନୁବାଦ ହୁଏ । ଖେଳର ଜୀବନ୍ତ ଜ୍ୟୋତିର ଟିକିଏ ପ୍ରତିଫଳନ ମାତ୍ର । ତର୍କବିତର୍କ ଅତ୍ୟନ୍ତ ଉପଭୋଗ୍ୟ ଓ ସରସ । ମୁଁ ଭାବେ, ଖେଳ ଏତେ ପରିମାଣରେ ଜୀବନ୍ତ ଯେ ତା'ର ଶିଖା ଦର୍ଶକ ମନରେ ମଧ୍ୟ ପରିବ୍ୟାପ୍ତ । ଯେଉଁମାନେ ପଡ଼ିଆରେ ଖେଳୁଛନ୍ତି ସେମାନଙ୍କର ଉନ୍ମାଦନା ନିଶ୍ଚୟ ଶିଖର ଚୂଡ଼ାରେ ପର୍ଯ୍ୟବସିତ ହୋଇଥିବ । ସବୁଠାରୁ ଉପଭୋଗ୍ୟ ହୁଏ ବନ୍ଧୁମାନଙ୍କର ସାନ୍ନିଧ୍ୟ । ଏତେ ଲୋକ ଏକାଠି ହୋଇ କାହିଁକି ମୋ ଘରକୁ ଆସନ୍ତେ ! ଏହା କେବଳ ଷ୍ଟେଡ଼ିଅମଠାରେ ପ୍ରତିଯୋଗିତାମୂଳକ ଖେଳର ପାର୍ଶ୍ୱ-ପ୍ରଭାବ ବା ପ୍ରତିଦାନ । ଯାହାହେଉ କଟକବାସର ପ୍ରଥମ ସୋପାନ ବଡ଼ ମୋହମୟ ଲାଗିଲା । ଅନ୍ୟ କେଉଁଠାରେ ଏତେ ଜଣାଶୁଣା ଲୋକଙ୍କର ସାନ୍ନିଧ୍ୟ ତ ପାଇନଥିଲି ।

Digitized by srujanika@gmail.com

ତାହାଛଡ଼ା ଘରର ପରିବେଶଟି ଥିଲା ଅତ୍ୟନ୍ତ ମନୋହର । ଅତି ଉଚ୍ଚ ହିମାଳୟର ଆଶୀର୍ବାଦଲବ୍ଧ ଦେବଦାରୁ ବୃକ୍ଷ ଆକାଶଚୁମ୍ବୀ ହୋଇ ବିଦ୍ୟମାନ । ତାପରେ ସବୁଜ ଘାସର ତୃଣଭୂମି ପ୍ରବେଶଦ୍ୱାର-ଠାରୁ ଘର ପର୍ଯ୍ୟନ୍ତ ବିସ୍ତୃତ । ଘରର ପୃଷ୍ଠଦେଶରେ ମଧ୍ୟ ସୁଦୃଶ୍ୟ ବୃକ୍ଷରାଜି ଅନେକ ଫୁଲ ଫଳରେ ଭରା । ଗୃହଆଡ଼ର ପରିସରଟି ସୁବୃହତ୍ । ତାଛଡ଼ା କର୍ମଚାରୀମାନଙ୍କ ପାଇଁ ମଧ୍ୟ ଛଅନୋଟି କୋଠରୀ । ତାହା ସାମନାରେ ଫଳବଗିଚା । ସେମାନଙ୍କର ପରିଶ୍ରମରେ ଫଳୁଥାଏ ନାନା ରକମର ସବ୍‌ଜି । ପାଣିର ଅଭାବ ନାହିଁ । ଘରର ବଳକାପାଣି ସୁଅ ହୋଇ ବହିଯାଏ ଖେତଭିତରକୁ । ତାକୁ କେନାଲ ଭଳି ସିଆରି କରି ନାନା ଖେତକୁ ମଡ଼େଇ ଦିଆ ହୁଏ । ଅନେକ ରକମର ଫସଲ ହୁଏ—ବାଇଗଣ, ଭେଣ୍ଡି, କଖାରୁ, ଆଳୁ ପ୍ରଭୃତି । କୋଳଗଛରେ ଏତେ କୋଳ ହୁଏ ଯେ ଗଛ ମାଟି ପର୍ଯ୍ୟନ୍ତ ନୋଇଁପଡ଼େ । ସବୁ ପ୍ରତିବେଶୀଙ୍କୁ ବାଣ୍ଟି ବାଣ୍ଟି ଶେଷ ହୁଏ ନାହିଁ । ପ୍ରକୃତିର ବିଶେଷ ଦୟାଳୁ ରୂପ ଦେଖିଥିଲି ଆମର ଫଳ ବଗିଚାରେ । ସେଠାର ମାଟି ଏତେ ଉର୍ବର ଯେ କମ୍ ପରିଶ୍ରମରେ ଅତ୍ୟଧିକ ଫସଲ ହୁଏ । ମହାନଦୀର ଉପକଣ୍ଠରେ ଏହି ବଗିଚା ଅବସ୍ଥିତ । ତେଣୁ ଉର୍ବରା ଶକ୍ତି ଅତ୍ୟଧିକ । ଦୂରରେ ମହାନଦୀର ଦୃଶ୍ୟ ବି ଅତି ମନୋରମ । ଏପରି ରମଣୀୟ ସ୍ଥାନ ପ୍ରକୃତରେ ବିରଳ । ସହରର କୋଳାହଳରୁ ଦୂରରେ ଶାନ୍ତ ସ୍ନିଗ୍ଧ ପରିବେଶରେ ରହିବାରେ ଏକ ବିଶେଷ ଆନନ୍ଦ ଅଛି ।

ସବୁଠାରୁ ଆକର୍ଷଣୀୟ ଥିଲା ମୋର ମାଆଙ୍କର ସାନ୍ନିଧ୍ୟ । ସେ ଆସି ଆମ ସହିତ ରହିଲେ । କିଛି ଦିନ ଚିକିତ୍ସା ପରେ ତାଙ୍କର ରୋଗର ଉପଶମ ହେଲା କିୟଦଂଶ । ନୂତନ ପରିବେଶ ମଧ୍ୟ ତାଙ୍କ ମନରେ ପ୍ରଭାବ ବିସ୍ତାର କଲା । ତାଙ୍କର ଶରୀର ଓ ମନ ତାଜା ହୋଇ ଉଠିଲା । ସ୍ଥାନ ପରିବର୍ତ୍ତନର ମହିମା ଅପରିକଳ୍ପନୀୟ । ତା'ଫଳରେ ସେ ସୁସ୍ଥ ଅନୁଭବ କଲେ ।

ମୋର ମା ନୀଆଳିମାଧବର ଝିଅ ହେଲେହେଁ ତାଙ୍କୁ ନୀଳାଦ୍ରି-ମାଧବ ଡାକ ଦେଲେ । ସେ ଜୀବନସାରା ପୂଜାରେ ଆବଦ୍ଧ ହୋଇ ରହିଲେ । ଜୀବନରେ କୌଣସି ବିଚଳତା ଅନୁଭବ କରି ନାହାନ୍ତି, କେବଳ ଗୋଟିଏ ଘଟଣା ଛଡ଼ା । ସେ ଘଟଣାଟିକୁ ସେ କେବେହେଲେ

Digitized by srujanika@gmail.com

ଭୁଲି ପାରୁନାହାନ୍ତି । ତାହା ହେଲା ଗାନ୍ଧିଜୀଙ୍କ ପୁରୀ ଆଗମନ । ମା ଘର ଗୃହ ଦେବତାଙ୍କୁ ଛଡ଼ା ଆଉ କେଉଁଠିକୁ ଯିବାର ଦେଖାଯାଉନଥିଲା । ମାତ୍ର ଦିନେ ଶୁଣିଆସିଲେ ଖବର ରଟିଗଲା ଯେ ଗାନ୍ଧୀ ପୁରୀ ଆସୁଛନ୍ତି । ଯେପରି ଗୋଟିଏ ବିଦ୍ୟୁତ୍ ଲହରୀ ଖେଳିଗଲା । ସ୍ତ୍ରୀ ପୁରୁଷ ସମସ୍ତଙ୍କ ମୁହଁରେ ଗୋଟିଏ କଥା—ଗାନ୍ଧି ମହାତ୍ମା ଆସୁଛନ୍ତି । ଆବାଳବୃଦ୍ଧବନିତା ଉତ୍ଫୁଲ୍ଲ ହୋଇ ଉଠିଲେ, ତାଙ୍କୁ ଟିକିଏ ଦେଖିବେ ବୋଲି । ତାଙ୍କର ନାମ ସେତେବେଳେ ଭାରତବର୍ଷର କୋଣେକୋଣେ ବ୍ୟାପ୍ତ ହୋଇ ଯାଇଛି । ତାଙ୍କୁ କିଏ ନ ଜାଣେ ? ତେବେ ତାଙ୍କୁ ଦେଖିବାର ଭାଗ୍ୟ ଅଳ୍ପ କେତେ ଜଣଙ୍କର ମାତ୍ର ହୋଇଥିଲା । ଆମ ସ୍କୁଲହତାରେ ବିରାଟ ଜନସଭା ହେଲା । ପୁରୀର ଧନୀ ସାହି ଓ କନ୍ଦରୁ ପୁରୁଷ ସ୍ତ୍ରୀ, ପିଲା ପିଚିକା ଭାଙ୍ଗିଲେ । ଆମ ସାହିର ସ୍ତ୍ରୀମାନଙ୍କ ସହିତ ମୋର ମା ଆମ ଖେଳ-ପଡ଼ିଆରେ ହାଜର । ଗାନ୍ଧିଙ୍କ କଥାରେ ସେମାନେ ମୁଗ୍ଧ । ମୁଁ ତାଙ୍କୁ ପଚାରିଲି—"ଗାନ୍ଧୀ କଣ କହିଲେ ସଭାରେ ?" ମା ଉତ୍ତର ଦେଲେ—"ଚରଖା କାଟନ୍ତୁ । ଅପନା କପଡ଼ା ପହିନ୍‌ଗେ ଇତ୍ୟାଦି ।" ମା'ଙ୍କୁ ହିନ୍ଦିଭାଷା ଜଣା ନ ଥିଲା । କିନ୍ତୁ ସେ ଗାନ୍ଧିଙ୍କର ଉଦ୍‌ବୋଧନର ସାରାଂଶ ଉପଲବ୍ଧି କରିପାରିଥିଲେ । ମୋର ସେତେବେଳକୁ ଏତେ କମ୍ ବୟସ ଯେ ତାଙ୍କର ଆଗମନର ସ୍ମୃତି ନାହିଁ । କିନ୍ତୁ ମା'ଙ୍କଠାରୁ ସଭାର ବିବରଣି ଶୁଣି ଭାରି ଭଲ ଲାଗିଥିଲା ।

ମୋର ଜଣେ ବିଶିଷ୍ଟ ବନ୍ଧୁ ଗାନ୍ଧିଙ୍କର ଓଡ଼ିଶା ଆଗମନର କାହାଣୀ ପ୍ରାଞ୍ଜଳଭାବରେ ବ୍ୟକ୍ତ କରିଥିଲେ । ଶ୍ରୀ ହରିହର ରଥ ସତ୍ୟବାଦୀରେ ଥାଆନ୍ତି । ତାଙ୍କର ପିତା ଶ୍ରୀ ଜଗନ୍ନାଥ ରଥ ପ୍ରଥମଧାଡ଼ିର ନେତା ଥିଲେ କଂଗ୍ରେସର । ଗାନ୍ଧିଙ୍କୁ ସେବା କରିବାର ଦାୟିତ୍ୱ ପଡ଼ିଲା ହରିବାବୁଙ୍କ ଉପରେ । ଗାନ୍ଧୀ ଅତି ସାମାନ୍ୟ ଖାଆନ୍ତି । ଖାଇବା ପରେ ବିଶ୍ରାମ କରନ୍ତି । ତାଙ୍କୁ ପଙ୍ଖାରେ ହରିବାବୁ ବିଞ୍ଚିବାକୁ ଲାଗିଲେ । ମହାତ୍ମା ଗାନ୍ଧୀ ଆହାର କରିବା ପରେ ପରେ ଶୋଇ ପଡ଼ିଲେ । ହରିବାବୁ ବିଞ୍ଚୁଥାଆନ୍ତି । ଠିକ୍ ଘଣ୍ଟାକ ପରେ ଧଡ଼ପଡ଼ ହୋଇ ଉଠିପଡ଼ିଲେ । ତାଙ୍କର ସଭାକୁ ଯିବାର କଥା । ହରିବାବୁଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ଯେ ଯେମିତି ଆଲାର୍ମ କିଏ ଘଡ଼ିରେ ଦେଇଛି । ଗାନ୍ଧିଙ୍କ ମନରେ ନିଜସ୍ୱ ଆଲାର୍ମ ଘଣ୍ଟି ଅଛି । ସଭାକୁ ଗଲେ । ହରିବାବୁ ସେବକ ହିସାବରେ ତାଙ୍କ

Digitized by srujanika@gmail.com

ସାଙ୍ଗରେ ଥାଆନ୍ତି । ଭାଷଣ ଶୁଣିବା ପାଇଁ ନାହିଁନଥିବା ଲୋକ ରୁଣ୍ଡ ହୋଇ ଥାଆନ୍ତି । ଭାଷଣ ଆରମ୍ଭ କଲେ ଗାନ୍ଧିଜୀ । କିଛି ସମୟ ପରେ ଲୋକେ ତାଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ଉଠିଲେ । ସ୍ତ୍ରୀଲୋକମାନେ ସେମାନଙ୍କର ଗହଣା ଖୋଲି ଗାନ୍ଧିଙ୍କ ଆଡ଼କୁ ଫିଙ୍ଗିଲେ । ଗହଣା ସବୁ ଜମା ହେଉଥାଏ । ହରିବାବୁଙ୍କୁ ଭେଲିକି ବୋଲି ମନେହେଲା । ଏପରି ଘଟଣା ପ୍ରକୃତରେ ଅବିଶ୍ୱାସ୍ୟ । ଗାନ୍ଧିଜୀ ଗହଣା ସବୁ ଗୋଟାଇ ନେଲେ ଶିରୋଧାର୍ଯ୍ୟ କରି ।

ତାଙ୍କ କଥା ଶୁଣି ମନେ ପଡ଼ିଲା ଭାରତର ସେନାଧ୍ୟକ୍ଷ ଜେନେରାଲ ଥିମାୟାଙ୍କର ଜୀବନୀ । ତାଙ୍କର ଅଭିଜ୍ଞତା ଆହୁରି ଚିତ୍ତାକର୍ଷକ । ସେ ବିଲାତର ସ୍ୟାଣ୍ଡହର୍ଷ୍ଟରୁ ଶିକ୍ଷା ପାଇ, ସେନାଦଳରେ ଯୋଗ ଦେଇ-ଥାଆନ୍ତି । ଆହ୍ଲାବାଦରେ ଅବସ୍ଥାପିତ ସେତେବେଳେ । ସାମରିକ ଅଫିସରମାନେ ଯେଉଁଠାରେ ରହିବେ, ସେଠାର ଗଣ୍ୟମାନ୍ୟ ନାଗରିକମାନଙ୍କ ଘରେ ନିଜର ପରିଚୟ ପତ୍ର (କାର୍ଡ) ଦେଇ ଆସିବେ । ସେମାନଙ୍କ ସହିତ ପରିଚିତ ହେବାପାଇଁ ନାଗରିକମାନେ ନିମନ୍ତ୍ରଣ କରିବେ । ଏହାହିଁ ପ୍ରଥା । ମାତ୍ର ଆହ୍ଲାବାଦର ଗଣ୍ୟମାନ୍ୟ ଲୋକେ ତାଙ୍କୁ ଡାକିଲେ ନାହିଁ । ସେ ବଡ଼ ନିରାଶ ହୋଇଥାନ୍ତି । ଦିନେ ସିନେମାରେ ତାଙ୍କ ବନ୍ଧୁଙ୍କ ସହିତ ଦେଖାହେଲା । ଏ ବିଷୟରେ କଥା ହେଲା । ଥିମାୟା କହିଲେ ଯେ ଆହ୍ଲାବାଦର ଲୋକଙ୍କର ଭଦ୍ରତା ନାହିଁ । ଜଣେ ଅତି ସୁପୁରୁଷ ପାଖରେ ଛିଡ଼ା ହୋଇ ଶୁଣୁଥିଲେ । ହଠାତ୍ ତାଙ୍କର କାର୍ଡ ଦେଇ ଥିମାୟାଙ୍କୁ ପରଦିନ ଦେଖା କରିବାକୁ କହିଲେ । ସିନେମାର ଘଣ୍ଟି ବାଜିବାରୁ ସମସ୍ତେ ହଲ୍ ଭିତରକୁ ପଶିଗଲେ । କାର୍ଡରୁ ଜାଣିଲେ ସେ ବ୍ୟକ୍ତି ହେଉଛନ୍ତି ପ୍ରସିଦ୍ଧ ବାରିଷ୍ଟର ମୋତିଲାଲ ନେହରୁ । ଆନନ୍ଦିତ ହେଲେ । ପରଦିନ ଦେଖା କଲେ । ବିଜୟଲକ୍ଷ୍ମୀଙ୍କ ସହିତ ମଧ୍ୟ ପରିଚୟ ହେଲା । ଜହରଲାଲ ସେତେବେଳେ ଗାନ୍ଧିଙ୍କ ପାଖରେ ରହୁଥାଆନ୍ତି ।

ଏତିକିବେଳେ ସହରଆଡ଼େ ଚହଳ ପଡ଼ିଗଲା ଯେ ଗାନ୍ଧୀ ଆହ୍ଲାବାଦ ଆସୁଛନ୍ତି । ଲୋକଙ୍କ ଭିତରେ ଭୀଷଣ ଉତ୍ତେଜନା ଦେଖାଗଲା । ଥିମାୟା ବୁଝିପାରିଲେ ନାହିଁ ଗାନ୍ଧିଙ୍କ ଆଗମନରେ ଏତେ ଉତ୍ତେଜନା କାହିଁକି । ସେ ଅବସ୍ଥା ପର୍ଯ୍ୟବେକ୍ଷଣ କରୁଥାନ୍ତି । ବ୍ୟାରିକରେ ରାତିରେ ଶୋଇଛନ୍ତି ।

Digitized by srujanika@gmail.com

ହିଦ ଆସୁନଥାଏ । ପାଖରୁମରେ ଦୁଇଜଣ ଇଂରେଜ ଅଫିସର ଥାଆନ୍ତି – ସେମାନଙ୍କର କଥାବାର୍ତ୍ତା କାନରେ ପଡ଼ିଗଲା । ଜଣେ କହୁଛି –– "ସେଇ ଗ୍ୟାଣ୍ଡିଟା କାଲି ଆସୁଛି ଏଠାରେ ସଭା କରିବାକୁ । ମାତ୍ର ତାର ସଭା ଆମେ କରେଇ ଦେବୁନାହିଁ ।" ଅନ୍ୟଜଣକ କହିଲା—"କିପରି" । "ସନ୍ଧ୍ୟା-ବେଳେ ସଭା ଡାକିଛି । ସେତେବେଳେ ସବୁ ଲାଇଟ୍ ନିଭିଯିବ । ଅନ୍ଧାରରେ ତ ଆଉ ସଭା ହୋଇପାରିବ ନାହିଁ ।" ଥିମାୟା ଶୁଣିବାକୁ ପାଇ ରାତାରାତି ଯାଇ ମୋତିଲାଲଙ୍କୁ ଖବର ଦେଲେ । ତା'ପରଦିନ ଦେଖିଲେ ହଜାର ହଜାର ଲୋକ ଗ୍ରାମାଞ୍ଚଳରୁ ସ୍ରୋତପରି ଆହ୍ଲାବାଦକୁ ଆସୁଛନ୍ତି । ସେମାନଙ୍କ ହାତରେ ଗୋଟିଏ ଲେଖାଏଁ ବାଡ଼ି ଓ ଗୋଟିଏ ଲଣ୍ଠନ । ସଭାସ୍ଥଳ ଲୋକାରଣ୍ୟ, ତିଳ ଧରିବାର ସ୍ଥାନ ନ ଥାଏ । ଗାନ୍ଧିଜୀ ଆସିଲେ । ଫରେ ଫରେ ସବୁ ଲାଇଟ୍ ନିଭିଗଲା । ଲୋକେ ସେମାନଙ୍କର ଲଣ୍ଠନ ଜଳାଇଲେ । ସଭାକାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେଲା, ବିଶେଷ କିଛି ବାଧା ହେଲା ନାହିଁ । ଇଂରେଜମାନେ ଆଶ୍ଚର୍ଯ୍ୟ ମଣିଲେ । ଇଏ ଅର୍ଦ୍ଧନଗ୍ନ ଫକୀରଟା କିଏ ଆମ ମନକଥା ଜାଣିପାରିଲା ? ତାର ତ କ୍ଷମତା କମ୍ ନୁହେଁ !

ଗାନ୍ଧିଜୀଙ୍କ ଆକର୍ଷଣ ଚୁମ୍ବକ ପରି । ଭାରତୀୟ ମାତ୍ରକେ ସେଥିରେ ଟାଣି ହୋଇଯାଆନ୍ତି ସବୁ କାମଧନ୍ଦା ପଛରେ ପକେଇ ଦେଇ । ଭାବିଲି ମହର୍ଷି ରମଣଙ୍କ କଥା । ସତେ ତାଙ୍କର କର୍ମଧାରା ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ । ତେଣୁ ସେ ଜାତିର ଜନକ ହୋଇ ପାରିଥିଲେ ।

ଇତିହାସରେ ପଢ଼ିଥିଲି ପରସ୍ପର-ସାହାଯ୍ୟ-କୃତ ସନ୍ଧି କଥା । ବହି କଥା ବହିରେ । ମନ କଥା ମନରେ । ଏ ଦୁଇଟି ଜିନିଷର ଯୋଗା-ଯୋଗ ଅଛି ଜଣା ନ ଥିଲା । ହଠାତ୍ ହୃଦୟଙ୍ଗମ ହେଲା । ମାଙ୍କର ଚିନି ଖାଇବା ନିଷିଦ୍ଧ । ତାଙ୍କର ଖାଦ୍ୟ କେତୋଟି ପଦାର୍ଥରେ ସୀମିତ ମଧ୍ୟ । ମାତ୍ର କ୍ରମେ କ୍ରମେ ରୋଗ ବଢ଼ୁଛି । ଏହା ଭିତରେ କିଛି ଗୁପ୍ତ କର୍ମ ଅନ୍ତର୍ନିହିତ ବୋଲି ସନ୍ଦେହ ହେଲା । ସତର୍କ ଦୃଷ୍ଟି ସାହାଯ୍ୟ କଲା । ପରସ୍ପର-ସାହାଯ୍ୟ-କୃତ ସନ୍ଧି ଶାଶୁ ଆଉ ବୋହୂଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ବନ୍ଧନ ସୃଷ୍ଟି କରିଛି । ଇତରଜନ ମନେ କରି, ବୋହୂ ଶାଶୁଙ୍କୁ ମିଷ୍ଟାନ୍ନ ବିତରଣ କରନ୍ତି ମୋର ଅନୁପସ୍ଥିତିରେ । ଆଉ ପ୍ରତିଦାନରେ ଶାଶୁ ବୋହୂଙ୍କ ପ୍ରଶଂସାରେ ପଞ୍ଚମୁଖ. 'ମୋର ଅନେକ

Digitized by srujanika@gmail.com

ଦେଖା ଶୁଣା କରୁଛୁ ଆମ ବୋହୁ ।' ଯଦି ଦେଖାଶୁଣା କଲେ ତ ସ୍ୱାସ୍ଥ୍ୟର ଅବନତି କମା ? ରଗାରଗି କରିବାରୁ ଉତ୍ତର ଦେଲେ ମା—"ତୁ ମୋଠାରୁ ଜନ୍ମ ନା ମୁଁ ତୋଠାରୁ ? ତୁ ନିଜକୁ କଣ ମନେ କରିଛୁ କି ? ମୋ ପାଖରେ ଆଉ ସେଗୁଡ଼ା କହନା !" ପରେ ପରେ ଢୋଲ ଭିତରୁ ମୂଷା ବାହାରିଲା । ସ୍ତ୍ରୀ କହିଲେ—"ତାଙ୍କର ତ ଡିନକାଳ ଗଲାଣି । ଯଦିବା ଦିଟା ଗୋଟାଏ ମିଠା ଖାଇଥାଆନ୍ତି ତ ଦୋଷ କଣ ? ଶେଷ ଜୀବନରେ ଶାନ୍ତିରେ ତାଙ୍କୁ ରହିବାକୁ ଦିଅ ।" ସବୁକଥା ଦିନଭଳି ପରିଷ୍କାର ହୋଇଗଲା । କହିଲି—"ବାଃ ବାଃ ତୁମର ଜୀବପ୍ରୀତି ଅଭି-ନନ୍ଦମୀୟ, ସନ୍ଦେହ ନାହିଁ । ମାତ୍ର ଅପାତ୍ରରେ ପ୍ରଦର୍ଶିତ ।" ବହିରେ ପଢ଼ିଥିଲି Goldsmith ସାହେବ ନିଜକୁ ଡାକ୍ତର ବୋଲି ପରିଚୟ ଦେଉଥିଲେ । ଅନ୍ୟଙ୍କୁ ଔଷଧ ମଧ୍ୟ ଖାଇବାକୁ କହୁଥିଲେ । କେହି ତାଙ୍କ କଥା ବିଶ୍ୱାସ କରୁନଥିଲେ । ଦିନେ ବୃକ୍ ବୋଲି ଜଣେ ସାଙ୍ଗ ତାଙ୍କୁ କହିଲେ—"ଆପଣ ଶତ୍ରୁମାନଙ୍କ ପାଇଁ ଔଷଧ ଦିଅନ୍ତୁ, ବନ୍ଧୁବାନ୍ଧବ ପାଇଁ ନୁହେଁ ।" Goldsmith ସାଇବ ଖାରି ଖାଗିଗଲେ । ପରେ ତାଙ୍କର ନିଜର ଦେହ ଖରାପ ହେଲା । ନିଜେ ନିଜେ ଔଷଧ ଖାଇଲେ । Macaulay ଲେଖିଛନ୍ତି ତାଙ୍କର ଜୀବନୀରେ—"The remedy aggravated the malady. And he died." ଔଷଧ ରୋଗକୁ ବଢ଼େଇ ଦେଲା । ସେଥିରେ ସେ ମୃତ୍ୟୁବରଣ କଲେ । ଆମ ଘରେ ବୋଧହୁଏ ସେହିପରି ଘଟିବାକୁ ଯାଉଛି । ଯାଇ, ମୋର ଶୁଭଚିନ୍ତକ ବନ୍ଧୁବର ଡକ୍ଟର ହରିହର ଦାଶଙ୍କ ଶରଣ ନେଲି । ସେ ଆସି ମାଙ୍କୁ କହିଲେ ଯେ ଯଦି ନିୟମ ଜଗି ନ ଚଳନ୍ତି, ତେବେ ଇନ୍‌ଜେକସନ୍ ନେବାକୁ ପଡ଼ିବ । ମାଙ୍କର ଇନ୍‌ଜେକସନ୍‌କୁ ହାଲେ ଡର । ଡାକ୍ତରଙ୍କୁ ପ୍ରତିଶ୍ରୁତି ଦେଲେ ତାଙ୍କ କଥା ନିଶ୍ଚୟ ମାନିବେ ବୋଲି । ସାମୟିକ ଭାବରେ ବିପଦ କଟିଲା । ମାତ୍ର ମୋ ଉପରେ ଅଭିମାନ ରହିଲା ମାଆଙ୍କର ।

ପିଲାଦିନରୁ ତାଙ୍କର ଗୋଟିଏ ପ୍ରିୟ ଗୀତ ଶୁଣି ଆସିଛି । ସବୁବେଳେ ସେଇଟା ବ୍ୟବହାର ହୁଏ ବାପାଙ୍କ ଉଦାସୀନତା ବିରୁଦ୍ଧରେ । ଉତ୍ତରାଧିକାର ସୂତ୍ରେ ସେଇଟା ମୋପ୍ରତି ପରୋକ୍ଷରେ ବ୍ୟବହାର କରାଗଲା—

"କଏ ଷୋହଳ କଏ ସତର ; କଏ କାଦା କଏ ପଥର ।"

ଦିନେ ମୋର ପ୍ରତିବେଶୀ ଅଗ୍ରଜପ୍ରତିମ ଶ୍ରୀ ବିଭୂତିଭୂଷଣ ତ୍ରିପାଠୀ କହିଲେ ଆମେ ଦୁଇଜଣ ପାଖାପାଖି ଥିଲେ ମଧ୍ୟ ଦେଖାଶୁଣା ହେଉ-ନାହିଁ । ଆସନ୍ତୁ ଗପିବା । ସାଙ୍ଗେ ସାଙ୍ଗେ ତାଙ୍କ ପାଖକୁ ଗଲି । ସେ ତ ସୁନାମଧନ୍ୟ ଲେଖକ । ତାଙ୍କର କଥାବାର୍ତ୍ତା ବୁଦ୍ଧିଦୀପ୍ତ ଓ ଦୃଷ୍ଟି ଖୁବ୍ ସଜାଗ, କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ଜୀବନ କ୍ଷେତ୍ରରେ ମଧ୍ୟ । ତାଙ୍କ ସହିତ କଥାଭାଷା କରିବା ପରେ ନୂଆ ଦିଗନ୍ତ ଖୋଲିଗଲା ପରି ମନେ ହେଲା । ପ୍ରତିଦିନ ନାନା ବିଷୟରେ ଭାବର ଆଦାନ ପ୍ରଦାନ ହୁଏ । ଏକାଠି ବୁଲିଯାଉ । ତାଙ୍କର ଅନେକ ପଢ଼ାଶୁଣା । ତେଣୁ ମୋର ଶିକ୍ଷା କରିବାର ସୁଯୋଗ ହେଲା । ଦିନେ ତାଙ୍କ ଘରେ ସଙ୍ଗୀତ ଶୁଣିଲି । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଭିକାରି ଚରଣ ବଳଙ୍କୁ ନେଇ ପହଞ୍ଚିଲେ । ଓଡ଼ିଶୀ ସଙ୍ଗୀତ ଶୁଣି ବଡ଼ ଆନନ୍ଦ ଲାଗିଲା । ତା ସହିତ କେତେକ ତାତ୍ତ୍ୱିକ ଆଲୋଚନା ମଧ୍ୟ ହେଲା । ତାଙ୍କର ମନର ଦିଗ୍‌ବଳୟ ଓ ଜ୍ଞାନର ପରିସର ବହୁଧା ବିସ୍ତୃତ । ତାଙ୍କର ସାନ୍ନିଧ୍ୟ ଲାଭ କରି ବହୁ ବିଷୟ ଜାଣିପାରିଲି । ତାଙ୍କର ସ୍ନେହ ଅପରିସୀମ । ଏପର୍ଯ୍ୟନ୍ତ ମୋ ଉପରେ ଅବାରିତ ଭାବେ ବର୍ଷିତ ହେଉଅଛି ।

ଦିନ ପରେ ଦିନ ଗଡ଼ିଚାଲିଲା । ସକାଳେ ବାରନ୍ଦାରେ ବସିଛି ଦଳେ ଲୋକ ଫୁଲ ତୋଳିବାକୁ ଆସିଲେ । ମୋର ଅନୁମତି ନେଇ ତୋଳିବାକୁ ଲାଗିଲେ । ତୋଳା ସରିବାରୁ ପଚାରିଲି—"କାହାପାଇଁ ନେଉଛନ୍ତି ।" ସେମାନେ କହିଲେ—"ସତ୍ୟସାଇ ବାବାଙ୍କର ଆଜି ଭଜନ ହେବ । ସେଥିପାଇଁ ।" ସେମାନଙ୍କୁ ବସାଇଲି । ମୁଁ ସତ୍ୟସାଇଙ୍କ କଥା ଶୁଣିଥାଏ । ମାତ୍ର ଭଲ ଭାବରେ ଜାଣି ନ ଥାଏ । ଜାଣିବାକୁ ମୋର ଇଚ୍ଛା । ତାଙ୍କ ବିଷୟରେ ବିଶଦ ଭାବରେ ବୁଝାଇବାକୁ କହିଲି । ସେମାନେ ବାବାଙ୍କର ଅହେତୁକ କୃପାର ବହୁ ଦୃଷ୍ଟାନ୍ତ ଦେଲେ । ଭକ୍ତମାନଙ୍କର ନାନା ଦୁଃଖ ଦୁର୍ଦ୍ଦଶାରେ ସେ କିପରି ସାହା ହୋଇଛନ୍ତି ସେ ସବୁ ଜଣାଇଲେ । ଆଉ କହିଲେ ଯେ ମାସକୁ ଥରେ ଆସି ଆମ ଘରେ ଭଜନ କରିବେ । ମୁଁ ଖୁବ୍ ଉତ୍ସାହିତ ହେଲି । ସତ୍ୟସାଇଙ୍କ ପୂଜାରେ ଭଜନର ପ୍ରାଧାନ୍ୟ ବେଶୀ, ଭୋଗରାଗର ନୁହେଁ । ଭକ୍ତି ଉପରେ

Digitized by srujanika@gmail.com

ନିର୍ଭର ତାଙ୍କର କର୍ମଶାଳା । ସାଇବାବାଙ୍କର ରେକର୍ଡ ମଧ୍ୟ କିଣି ଶୁଣିବାକୁ ଲାଗିଲି । ସାଇବାବା ନିଜେ ଗାଇଛନ୍ତି ଅତି ଶ୍ରୁତିମଧୁର ଭଜନ । ଶୁଣି କୃତକୃତ୍ୟ ହେଲି । ଭଜନରେ ସବୁ ଭକ୍ତ ସାମିଲ ହୁଅନ୍ତି । ଜଣେ ଗାଏ, ଅନ୍ୟମାନେ ଦୋହା ଧରନ୍ତି । କ୍ରମେ କ୍ରମେ ଆମ ଘରେ ଶ୍ରୋତା-ମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ତାପରେ ଦେଖିଲି ଯେ ତାଙ୍କ ଚିତ୍ରରେ, ଏବଂ ଅନ୍ୟ ଦେବଦେବୀମାନଙ୍କ ଚିତ୍ରରେ ବିଭୂତି ଜମା ହେଲା । ବିଭୂତି ଆସୁଛି କେଉଁଠାରୁ ? ବଡ଼ ବିସ୍ମୟ କଥା । କେବଳ ଦିନେଅଧେ ନୁହେଁ, ବିଭୂତି ଚିତ୍ରରେ ଜମା ହୋଇ ରହୁଛି ମାସ ମାସ ଧରି । ଅଲୌକିକ ଘଟଣା । ଏଥିରେ ଭକ୍ତମାନଙ୍କର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା । ସମସ୍ତେ ନିଜ ଆଖିରେ ଏପରି ବିଭୂତି ଜମିବା ଦେଖି ଚମତ୍କୃତ ହେଲେ । ଭଜନ ଦିନ ସେମାନଙ୍କର ନିଷ୍ଠା ବହୁପରିମାଣରେ ବଢ଼ିବାକୁ ଲାଗିଲା । ଦିନକୁଦିନ ଭକ୍ତିପୂର୍ଣ୍ଣ ବାୟୁମଣ୍ଡଳ ପରିପୁଷ୍ଟ ହୋଇ ଉଠିଲା ଆମ ଘରେ । ବାବାଙ୍କର ଅହେତୁକ କୃପାରେ ନିଜକୁ ଧନ୍ୟ ମନେ କଲି ।

ତାଙ୍କ ଉପରେ ଲେଖା ବହିସବୁ ପଢ଼ିଲି । କ୍ରମେ କ୍ରମେ ତାଙ୍କ ଉପରେ ଭକ୍ତି ଖୁବ୍ ବଢ଼ିବାକୁ ଲାଗିଲା । ଭଜନକୀର୍ତ୍ତନ ଅନ୍ୟ ଯେଉଁଠାରେ ହୁଏ ସେଠାରେ ମଧ୍ୟ ଯୋଗଦିଏ । ପ୍ରତିଦିନ ତାଙ୍କର ପୂଜା କରିବାକୁ ଲାଗିଲି । ତାଙ୍କର ବିଭୂତିର ଆବିର୍ଭାବରେ ଆହୁରି ଅନୁପ୍ରାଣିତ ହେଲି । ବୁଝିଲି ଯେ ତାଙ୍କର କୃପାବିନା ଏପରି ଅଲୌକିକ ଆଶୀର୍ବାଦ ସମ୍ଭବ ନୁହେଁ । ଯେତେଦିନ ଗଲା ସେତେ ମୋର କୌତୁହଳ ବଢ଼ିଲା । କେମିତି ତାଙ୍କୁ ଟିକିଏ ହେଲେ ଦେଖନ୍ତି । ନାନାବର୍ଣ୍ଣନା ଶୁଣିଥାଏ । ଚକ୍ଷୁ କର୍ଣ୍ଣ—ବିବାଦର ମୀମାଂସା ହେବ ନିଜେ ଦେଖିଲେ । ଏହାପରି ସବୁବେଳେ ଭାବେ । ମାତ୍ର କୌଣସି ସୁଯୋଗ ହୁଏ ନାହିଁ । ଏମିତି ଭାବୁ ଭାବୁ ଦିନେ ଝିଅର ବିଭାଘର ପ୍ରସ୍ତାବ ଆସିଲା । କଥାବାର୍ତ୍ତା ଚାଲିଲା । ପ୍ରସ୍ତାବ ଅନେକ ଦୂର ଆଗେଇଚାଲିଲା । ମାତ୍ର ଦିନ ସ୍ଥିର ହେବା ନେଇ ଦ୍ୱିମତ ହେଲା । ଏଥିରେ ଚିନ୍ତିତ ହୋଇ ମୋର ସ୍ତ୍ରୀ ଶ୍ରୀତିରୁପତି ଭେଙ୍କଟେଶ୍ୱରଙ୍କୁ ସୁନା ଗହଣା ମାନସିକ କଲେ । ଯେପରି ସୁରୁଖୁରୁରେ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ । ତାଙ୍କ କୃପାରୁ ନଭେମ୍ବର ମାସରେ ଶୁଭକର୍ମ ସମ୍ପନ୍ନ ହେଲା । କିନ୍ତୁ ଆମେ ଆମର ମାନସିକ କଥା ଏକାବେଳକେ ଭୁଲିଗଲୁ ।

Digitized by srujanika@gmail.com

ମୁଁ ମୋର କର୍ମନେଇ ବନେଶ ଭାବରେ ବ୍ୟାପୃତ ରହିଲି । ସେତେବେଳେ ଶୁଣାଗଲା ନିଜ ସହ୍ୟାଇବାବା ଓଡ଼ିଶା ଆସୁଛନ୍ତି । ଚହଳ ପଡ଼ିଗଲା । ନାନା ରକମର ପରିକଳ୍ପନା ଚାଲିଲା । ଭକ୍ତବୃନ୍ଦ ବଡ଼ ଉତ୍ସାହିତ ହୋଇ ତାଙ୍କର ଗସ୍ତ ବନ୍ଦୋବସ୍ତରେ ବ୍ୟବସ୍ଥା କରିବାରେ ବ୍ୟସ୍ତ ହୋଇ ପଡ଼ିଲେ। ମୁଁ ସେତେବେଳେ ବାଲେଶ୍ୱର ଟୁରରେ ଯାଇଥାଏ । ଭାବିଲି ଇତିମଧ୍ୟରେ ଯଦି ବାବା ଆସି ଫେରିଯାଆନ୍ତି ତେବେ ମୋ ପକ୍ଷରେ ତାହା ଅତ୍ୟନ୍ତ ନୈରାଶ୍ୟଜନକ ହେବ । ସବୁବେଳେ ଏହିପରି ଭାବୁଥାଏ । ରାତିରେ ତାଙ୍କୁ ସ୍ୱପ୍ନ ଦେଖିଲି । ବାବା କହୁଛନ୍ତି, ଏମାସ ବାର ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବି । ଯଦି ମୁଁ ନ ଆସେ, ତେବେ ତୁ ବାଙ୍ଗାଲୋର ଯାଇ ମୋ ସହିତ ଦେଖାକରିବୁ । ମୁଁ ଯାହାଙ୍କ ମାନଙ୍କ ଫେରି ଆସିଲି କଟକକୁ । ତାଙ୍କର ହାକିମର ବାଣ ବାବାଙ୍କର ଜଣେ ବଡ଼ ଭକ୍ତ । ସେ କହିଲେ ବାବାଙ୍କର ଓଡ଼ିଶା ଆଗମନ କଥା ପ୍ରାୟ ସ୍ଥିର ହୋଇ ସାରିଲାଣି । ଆପଣଙ୍କର ବାଙ୍ଗାଲୋର ଯିବାର ଦରକାର ହେବ ନାହିଁ ।

ଏତିକିବେଳେ ଶ୍ରୀ ତରୁପତି ମୋ ସ୍ତ୍ରୀଙ୍କୁ ସ୍ୱପ୍ନ ଦେଲେ । କହିଲେ ତୋର ମାନସିକ ପୂରଣ କଲୁନାହିଁ ; ମାତ୍ର ତୋର ୨୦ବର୍ଷ ତ ସରିଲାଣି । ସକାଳେ ଏକଥା ଶୁଣି ମୋ ମନରେ ବଡ଼ ମନସ୍ତାପ ହେଲା । ଆମ୍ଭେମାନେ କେଡ଼େ ସ୍ୱାର୍ଥପର । କାମ ସରିଲେ ନିଜର ପ୍ରତିଜ୍ଞା ଭୁଲିଯାଉଛୁ । ଯାହାଙ୍କ ଯାହାଙ୍କ ତରୁପତିକୁ ଟିକଟ କଟା ହେଲା । ସେଠାକୁ ଗଲୁ । ରାସ୍ତାରେ ଭାଇଜାଗାପଟ୍ଟମ୍‌ରେ ମୋର ବନ୍ଧୁଙ୍କ ଘର । ସେଠାରେ ଓହ୍ଲାଇ ଟ୍ରେନ୍ ବଦଳାଇ ଯାଇ ପହଞ୍ଚିଲୁ ତରୁପତିରେ । ସେଠାରୁ ଆଗରୁ ପାହାଡ଼ ଉପର ବଙ୍ଗଳା ମୋର ସହକର୍ମୀ ଭାଇଜାଗାପଟ୍ଟମ୍‌ରୁ ରିଜର୍ଭ କରି ଦେଇ ଥାଆନ୍ତି । ଜଣେ ଆମ ବିଭାଗର ଲୋକ ମୋତେ ସବୁ ବୁଲାଇ ଦେଖାଇବା ପାଇଁ ସ୍ଥିର ହୋଇଥାଏ । ପାହାଡ଼ ଉପରର ଶୋଭା ବଡ଼ ଚିତ୍ତାକର୍ଷକ । ରହିବାର ବ୍ୟବସ୍ଥା ଅତି ସୁଖକର ।

ତରୁପତିଙ୍କର ଯେଉଁସବୁ ଚିତ୍ର ସାଧାରଣତଃ ଦେଖିବାକୁ ମିଳେ ସେଥିରେ ଆଭରଣ ଓ ଅଳଙ୍କାରର ପ୍ରାଧାନ୍ୟ ବେଶୀ । ମୋର ଆନ୍ତରିକ ଇଚ୍ଛା ଥିଲା ତାଙ୍କୁ ନିରାଭରଣ ରୂପରେ ଦେଖିବା ନିମନ୍ତେ । ତାଙ୍କର ପ୍ରକୃତ ମୂର୍ତ୍ତିର ସ୍ୱରୂପ କଣ ତାହା ଜାଣିବାର ଇଚ୍ଛା ତାଙ୍କୁ ମୁଁ ଟ୍ରେନ୍‌ରେ

Digitized by srujanika@gmail.com

ଗଲାବେଳେ ଜଣାଇଥିଲୁ । ସକାଳେ ଗାଇଡ୍ ଆସି କହିଲା ସ୍ନାନ କରି ପ୍ରସ୍ତୁତ ହେବାପାଇଁ । ଆମେ ପାଟବସ୍ତ୍ର ପିନ୍ଧି ତିଆରି । ସେ ଆସି ଆମକୁ ନେଇଗଲା ପ୍ରଭୁଙ୍କ ପାଖକୁ । ସେତେବେଳେ ପ୍ରଭୁଙ୍କୁ ସ୍ନାନ କରାଇ ଗୋଟିଏ ମାତ୍ର ଧୋତି ପିନ୍ଧାଇ ଦିଆଯାଇଥାଏ । ଦେଖିଲି ମୁଗୁନି ପଥରର ମାନଅଭ୍ର ବିଶିଷ୍ଟ ବିଷ୍ଣୁମୂର୍ତ୍ତି । ନୟନମନ ସାର୍ଥକ ହେଲା ତାଙ୍କର ନିରାଭରଣ ରୂପ ଦେଖି । ତାଙ୍କର ପ୍ରଶାନ୍ତଭାବ ମୋ ମନକୁ ଉଜ୍ଜ୍ୱଳ କରି ରଖିଲା । ଆମକୁ ତାଙ୍କ ସାମନାରେ ଘେର ବାହାରେ ଠିଆ କରାଇ ଦେଇଥିଲା ଗାଇଡ୍ । ତେଣୁ ଆମକୁ ଭିଡ଼ ଭିତରେ ରହି ଠେଲାପେଲା କରିବାକୁ ପଡ଼ିଲା ନାହିଁ । ବେଶ୍ କିଛିକ୍ଷଣ ଠିଆ ହୋଇ ରହିଲୁ । ସକାଳର ପଖାଳ ଅନ୍ନଭୋଗ ସେ ଆମକୁ ଆଣି ଦେଲା । ପ୍ରାସାଦ ଭକ୍ଷଣ କରି ଆମେ ଆନନ୍ଦିତ । ତାଛଡ଼ା ଲଡ଼୍ଡୁ ଇତ୍ୟାଦି ନେଇ ଚାରିଆଡ଼ ବୁଲି ଦେଖିଲୁ । ମାନସିକ ଅର୍ପଣ-କାର୍ଯ୍ୟ ସମାଧା ହେଲା । ମନ୍ଦିର ଚୂଡ଼ା ସବୁ ସ୍ୱର୍ଣ୍ଣମଣ୍ଡିତ ହୋଇଥିବାରୁ ସୂର୍ଯ୍ୟାଭରେ ଜାଜ୍ଜ୍ୱଲ୍ୟମାନ । ଲକ୍ଷ୍ମୀପତି ଭେଙ୍କଟେଶ୍ୱରଙ୍କର ଅଚଳାଚଳ ସମ୍ପତ୍ତି । ସୁବର୍ଣ୍ଣଦୀପ୍ତ ମନ୍ଦିରର ଶୋଭା ଅବର୍ଣ୍ଣନୀୟ । ପ୍ରତିଦିନର ଆଦାୟ ଲକ୍ଷ ଲକ୍ଷ ଟଙ୍କା । ତାଙ୍କ ନାମରେ ବିଶ୍ୱବିଦ୍ୟାଳୟ, ପରିବହନ ଇତ୍ୟାଦି ବହୁ ସଂସ୍ଥା ପରିଚାଳିତ ହୁଏ । ଯାତ୍ରୀମାନଙ୍କର ମାନସିକ ଅର୍ପଣର କଳନା ନାହିଁ । ଶ୍ରୀପତିଙ୍କର ଭଣ୍ଡାର ସବୁବେଳେ ପରିପୂର୍ଣ୍ଣ । ପାହାଡ଼ ଉପରେ ନିର୍ମିତ ବହୁ ଆବାସ ସଯତ୍ନ ରକ୍ଷିତ ଓ ସୁପରିଚାଳିତ । ଅପୂର୍ବ ତାଙ୍କର ସେବାକାର୍ଯ୍ୟ । ଶୃଙ୍ଖଳା ସର୍ବତ୍ର ବିଦ୍ୟମାନ । ଦର୍ଶନପ୍ରାର୍ଥୀଙ୍କ ଲହରୀ ଉଦ୍‌ବେଳ । ତିରୁପତିଙ୍କର ଆକର୍ଷଣ ଦୁର୍ବାର । ତାଙ୍କ ମନ୍ଦିର ଯେତେ ଦେଖିଲି ସେତେ ନୂଆ ଲାଗିଲା । ତାପରେ ମନରେ ଆସିଲା ଏକ ଅପୂର୍ବ ପ୍ରଶାନ୍ତି । ଦର୍ଶନ ପରେ ଭାବିଲି ଏଥର ବାଙ୍ଗାଲୋର ଯାତ୍ରା କଲେ ଭଲ ହୁଅନ୍ତା । ଏଠା କାମ ତ ସରିଲା । ସେଠାରେ ଯଦି ଶ୍ରୀ ସତ୍ୟସାଇବାବାଙ୍କ ଦର୍ଶନ ମିଳେ । ଅବଶ୍ୟ ସେ ଓଡ଼ିଶା ଗଲେ କି ନାହିଁ ଜଣା ନ ଥାଏ । ସେ ନ ଥିଲେ ଓଡ଼ିଶା ଫେରିଯିବା, ଏପରି ମନସ୍ଥ କରି ପାହାଡ଼ର ପାଦଦେଶକୁ ଓହ୍ଲାଇ ଆସିଲୁ ବସ୍‌ରେ । ବାଙ୍ଗାଲୋର ଯାଉଥିବା ବସ୍ ଧରିଲୁ । ଆମର ଦୁର୍ଭାଗ୍ୟ ଯୋଗୁ କିଛି ବାଟ ଯାଇ ବସ୍ ଖରାପ ହୋଇଗଲା । ଅନେକ ଚେଷ୍ଟା କରି ତାକୁ ଚାଳକ ଠିକ୍ କଲେ । ବାଙ୍ଗାଲୋର ପହଞ୍ଚିବା ବେଳକୁ ବେଶ୍ ରାତି ହୋଇଗଲା ।

Digitized by srujanika@gmail.com

ଆମର ତ ଆଗରୁ ହୋଟେଲରେ ରିଜର୍ଭେଶନ୍ ନ ଥାଏ । କିଛି ଜଣା ବି ନ ଥାଏ ସେ ସହର ବିଷୟରେ । ପାଖ ଯାତ୍ରୀଙ୍କୁ ପଚାରିଲୁ । ସେ ଗୋଟିଏ ହୋଟେଲର ସନ୍ଧାନ ଦେଲେ । କହିଲେ ପଚିଶଟି ଦ୍ୱାର ଖୋଲା ଥିବ । ସେଠାକୁ ଯାଇ ଅନୁରୋଧ କଲେ ବ୍ୟବସ୍ଥା ହୋଇପାରେ । ତେବେ ରାତିରେ ଆହାର ପାଇବେ ନାହିଁ । ସେଇଆ ହେଲା । ତିରୁପତିଙ୍କ ଲଡ଼ୁ ଖାଇ ଶୋଇଲୁ । ସକାଳେ ଉଠି ଖବର ନେଲୁ । ସେଠା ଲୋକ କହିଲେ ସତ୍ୟସାଇବାବା ଦିଲ୍ଲୀ ଯାଇଛନ୍ତି । ଅତ୍ୟନ୍ତ ନିରାଶ ହେଲୁ । ଭାବିଲୁ ଟେଲିଫୋନରେ ଠିକ୍ ତଥ୍ୟ ବୁଝାଯିବ । Whitefiledରେ ତାଙ୍କର ଆଶ୍ରମ । ସେଠାକୁ ଫୋନ କରି ବୁଝିଲୁ ଯେ ବାବା କାଲି ରାତି ୧୧ଟା ବେଳେ ଦିଲ୍ଲୀରୁ ଫେରିଛନ୍ତି । ଶୁଣି ଜାଣିଲୁ ଯେ ତାଙ୍କର ଆମପ୍ରତି ଅହେତୁକ କୃପା ଅଛି । ସାଙ୍ଗେ ସାଙ୍ଗେ ହ୍ୱାଇଟ୍‌ଫିଲ୍ଡ ଚାଲିଲୁ । ପହଞ୍ଚି ଦେଖିଲୁ ଯେ ଖୁବ୍ ଅଳ୍ପ ସଂଖ୍ୟକ ଲୋକ ତାଙ୍କ ଅପେକ୍ଷାରେ ଅଛନ୍ତି । ଭଜନ ଚାଲିଛି । କିଛିକ୍ଷଣ ଅପେକ୍ଷା କରିବା ପରେ ବାବା ଆସି ପହଞ୍ଚିଲେ । ଭଜନରେ ଯୋଗ ଦେଲେ । ଖୁବ୍ ପାଖରେ ତାଙ୍କୁ ଦେଖି-ପାରିଲି । ମୋର ଚକ୍ଷୁକର୍ଣ୍ଣର ବିବାଦର ମୀମାଂସା ହେଲା । ତାଙ୍କର ଅପୂର୍ବ କାନ୍ତି ମୋ ମନରେ ଶାନ୍ତି ଭରିଦେଲା । ପ୍ରାୟ ଦେଢ଼ଘଣ୍ଟା ଭଜନ ଚାଲିଲା । ସେ ଆମ ସାମନାରେ ବସି ରହିଲେ । ଆମର ବାଙ୍ଗାଲୋର ଯାତ୍ରା ସାର୍ଥକ ହେଲା । ତା'ପରେ ସେ ଉଠି ଚାଲିଗଲେ । ଆମେ ହୋଟେଲକୁ ଫେରି ଆସିଲୁ । ସେ ଯେଉଁ ସ୍ୱପ୍ନ ଦେଇଥିଲେ ତାହାହିଁ ଠିକ୍ ହେଲା । ସେ ଓଡ଼ିଶା ଗଲେ ନାହିଁ । ଆମେ ଭାଗ୍ୟବଶତଃ ଖୁବ୍ ଭଲ ଦର୍ଶନ ପାଇଲୁ । କୌଣସି ଭିଡ଼ ନ ଥିଲା । ଭଜନ ମଧ୍ୟ ମନୋମୁଗ୍ଧକର ହୋଇଥିଲା । ବୁଝିଲି ତାଙ୍କର ଅପାର ଦୟା । କଟକ ଫେରିଲୁ ହାଲୁକା ମନ ନେଇ ।

ପୁରୀରୁ ଶ୍ରୀ ଦେବପ୍ରସାଦ ଦାଶ (ଓକିଲ) ପହଞ୍ଚିଲେ ସାଙ୍ଗରେ ଦେଶରାଜାଙ୍କୁ ନେଇ । ସିଂହାରି ଶ୍ୟାମସୁନ୍ଦର କର, ବିଖ୍ୟାତ ଓଡ଼ିଶୀ ସଙ୍ଗୀତ ଗାୟକ । ସେ ପୁରୀରେ ଦେଶରାଜା ନାମରେ ଖ୍ୟାତ । ତାଙ୍କୁ ପିଲାଦିନୁ ଦେଖିଆସିଛି । ତାଙ୍କର ସଙ୍ଗୀତ ମଧ୍ୟ ଶୁଣିଛି ବହୁବାର । ତାଙ୍କର ଏଠାରେ କି କାମ ? ପଚାରିଲି ଦେବବାବୁଙ୍କୁ । ସେ କହିଲେ—"ଏଥର ଆସିଛନ୍ତି ସାକ୍ଷୀ ହୋଇ ।" ତାଙ୍କ କାମ ସରିଲା । ତାପରେ ଚାଲିଲା

Digitized by srujanika@gmail.com

ଧ୍ରୁପଦ ସଙ୍ଗୀତ ବିଷୟରେ ଆଲୋଚନା । ସେ ତ ସଙ୍ଗୀତର ସାଗର । ଉପଯୁକ୍ତ ଶ୍ରୋତା ପାଇ କହି ଚାଲିଲେ । ଶେଷରେ ମୁଁ କହିଲି— "କେବଳ ଆଲୋଚନା ନୁହେଁ । ଆପଣ ଘରକୁ ଆସନ୍ତୁ । ଆପଣଙ୍କ କଣ୍ଠ ଅନେକ ଦିନୁ ଶୁଣିନି । ସେ ସୌଭାଗ୍ୟ ଆମକୁ ଦିଅନ୍ତୁ ।" କହିଲେ— "ଏଥର ଅନେକ କାମ ଅଛି । ଏହା ପରେ ଦିନେ ଆସି ଆପଣଙ୍କ ଘରେ ସଙ୍ଗୀତ ଶୁଣାଇ ଦେଇ ଯିବି ।" ଦେବବାବୁଙ୍କୁ ମଧ୍ୟ ଅନୁରୋଧ କଲି ତାଙ୍କୁ ନେଇ ଆସିବାକୁ ।

କିନ୍ତୁ ତାଙ୍କର ଆଉ ଫେରିବାର ନ ଥିଲା । ତାଙ୍କ କଣ୍ଠର ଗୀତ ଶୁଣିବାର ଅବକାଶ ମୋର ହୋଇପାରିଲା ନାହିଁ । ମନରେ ବଡ଼ ଦୁଃଖ ରହିଗଲା । ଓଡ଼ିଶାରେ ସେ ଥିଲେ ଜଣେ ବିରଳ ସଙ୍ଗୀତଜ୍ଞ । ତାଙ୍କର ପଖଜବାଦନ ଥିଲା ଅତି ଶ୍ରୁତିମଧୁର । ସେ ଜଣେ ପ୍ରଥମ ଶ୍ରେଣୀର ପଖଜବାଦକ ମଧ୍ୟ ଥିଲେ । ଲୋକେ ତାଙ୍କୁ ବାଦକ ହିସାବରେ ଖୁବ୍ କମ୍ ଜାଣିଥିଲେ । ବହୁ ମଉଜମଜଲିସ୍‌ରେ ତାଙ୍କୁ ଦେଖାଯାଉଥିଲା ।

ଥରେ ପୁରୀ କଲେକ୍ଟରବାଲା ତାଙ୍କୁ ସାଙ୍ଗରେ ନେଇ ମଉଜ କରିବାକୁ ଗଲେ ରାମଚଣ୍ଡୀ । ସାଙ୍ଗରେ ଦୋଳଗୋବିନ୍ଦ ମହାନ୍ତି ଡେପୁଟି କଲେକ୍ଟର ମଧ୍ୟ ଥାଆନ୍ତି । ଅନେକ ଦିନ ଆଗ କଥା । କିଛି ଦୂର ଯିବାପରେ ଦେଖିଲେ ଗୋଟିଏ ଗାଁର ରାସ୍ତା ଉପରେ ଯାତ୍ରା ଚାଲିଛି । ରାସ୍ତା ବନ୍ଦ । ଉପାୟ କଣ ? ଯାତ୍ରାକୁ ନ ଭାଙ୍ଗିଲେ ତ ଗାଡ଼ି ଯାଇପାରିବ ନାହିଁ । ଦୋଳଗୋବିନ୍ଦ ବାବୁଙ୍କ ମୁଣ୍ଡକୁ ବୁଦ୍ଧି ଆସିଲା । କହିଲେ, ଓଡ଼ିଶୀ ସଙ୍ଗୀତ ଆରମ୍ଭ କରନ୍ତୁ । ମୋ ଭାଇ ଭଗବତୀ ଚରଣ ସଙ୍ଗତିଆ ହୋଇ ଯାଇଥାଆନ୍ତି ତାଙ୍କ ସାଙ୍ଗରେ । ଗୀତ ଜୋରସୋରରେ ଆରମ୍ଭ ହେଲା । ମଉଜିଆ ଲୋକଙ୍କୁ ଦୋଳଗୋବିନ୍ଦ ବାବୁ କହିଲେ ଗାଁବାଲାମାନଙ୍କୁ କହ ପୁରୀରୁ ପ୍ରସିଦ୍ଧଗାୟକ ଦେଶରଜା ଓଡ଼ିଶୀ ଗାଉଛନ୍ତି । ସେମାନେ ଆମନ୍ତ୍ରିତ ଶୁଣିବା ପାଇଁ । କିଛି ଲୋକ ଦେଶରଜାଙ୍କ ନାଁ ଶୁଣି ଆସିଲେ । ତାଙ୍କର ଉଦାତ୍ତ କଣ୍ଠ ଶୁଣାଗଲା । ଲୋକେ ଆସ୍ତେ ଆସ୍ତେ ବହୁସଂଖ୍ୟାରେ ଜମିଲେ । ଶୁଣିବାର ଏପରି ସୁଯୋଗ ଗ୍ରାମରେ ପାଇବେ ବା କେଉଁଠୁ । ଶେଷରେ ଯାତ୍ରା ଭାଙ୍ଗିଗଲା । ସବୁ ଲୋକ ବସ୍‌କୁ ଘେରି ବସିଲେ । ଅନେକଗୁଡ଼ିଏ ଓଡ଼ିଶୀ ଗାଇବା ପରେ ସିଂହାରୀ ବିଶ୍ରାମ ନେଲେ । ଗାଁବାଲା ତମ୍ବୁ ଖୋଲ-

Digitized by srujanika@gmail.com

ଦେଇ ରାସ୍ତା କରିଦେଲେ । ବସ୍ ତାର ଗନ୍ତବ୍ୟ ସ୍ଥଳକୁ ଚାଲିଲା । ଦେଶରଜାଙ୍କର ଖ୍ୟାତି ସର୍ବତ୍ର ପ୍ରସାରିତ ହେଲା ।

ଦେଶରଜା ପଇସା ପାଇଁ ବ୍ୟାକୁଳ ହେଉ ନ ଥିଲେ । ସଙ୍ଗୀତର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଆନ୍ତରିକ ଉଦ୍ୟମ ଥିଲା । ଯେତେ ଟଙ୍କା ପାଇଥିଲେ ଅନୁଦାନ, ଆୟ ଓ ପୁରସ୍କାର ରୂପେ, ସବୁ ଟଙ୍କାକୁ ଠୁଳ କରି "ପୁରୀ ସଙ୍ଗୀତ ସଂସଦ" ପ୍ରତିଷ୍ଠା କରି ଦେଇଗଲେ । ନିଜର ଯେତେ ଯନ୍ତ୍ର ଥିଲା ତାହା ମଧ୍ୟ ଦାନ କରି ଦେଇଗଲେ । ସଙ୍ଗୀତର ପ୍ରକୃତ ଭକ୍ତ ଭାବରେ ନିଜ ଜୀବନର ସବୁ କିଛି ସେଇ ଅନୁଷ୍ଠାନରେ ଜୀବିତ ହୋଇ ରହିଛି । ଦେଶରଜାଙ୍କ ନାମ ସମସ୍ତଙ୍କ ହୃଦୟରେ ଲିଖିତ ହୋଇ ଅଛି । ପୁରୀବାସୀ ତାଙ୍କୁ ଅତି ଶ୍ରଦ୍ଧାର ସହିତ ମନେ ରଖିଛନ୍ତି ।

କଟକରେ ସଙ୍ଗୀତର ଅନୁରାଗୀମାନଙ୍କର ଉଦ୍ୟମରେ ଆମ୍ଭେମାନେ ଗୋଟିଏ ବିଶେଷ ମିଳନ-ସନ୍ଧ୍ୟାର ଆୟୋଜନ କଲୁ, ଧ୍ରୁପଦୀୟା ଶ୍ୟାମସୁନ୍ଦର ଧୀର, ଗାଇଆ ନିତାଇ ସିହ୍ନା ଇତ୍ୟାଦିଙ୍କୁ ନେଇ । ସେଥିରେ ଅନେକ ଶ୍ରୋତା ଯୋଗ ଦେଇଥିଲେ । ଆମ ଅଫିସ ପ୍ରାଙ୍ଗଣରେ ସନ୍ଧ୍ୟାଟି ବଡ଼ ମନୋଜ୍ଞ ହୋଇଥିଲା । ସଙ୍ଗୀତଜ୍ଞମାନେ ମଧ୍ୟ ଯୋଗ ଦେଇ ଆନନ୍ଦ ପ୍ରକାଶ କରିଥିଲେ । ଶ୍ୟାମସୁନ୍ଦର ଧୀର କହିଲେ ଆଜକାଲି କେହି ଧ୍ରୁପଦ ଧାମାର ଭଳି ଉଚ୍ଚାଙ୍ଗ ସଙ୍ଗୀତରେ ମନ ଦେଉନାହାନ୍ତି । ଫଳରେ ତାହା ପ୍ରାୟ ଲୋପ ପାଇବାକୁ ଯାଉଛି । ସଙ୍ଗୀତଜ୍ଞମାନେ ନିଜେ ନିଜେ ବସି ଅଭ୍ୟାସ ରଖିଛନ୍ତି । ସେମାନଙ୍କୁ କେହି ଆଉ ଡାକୁ ନାହାନ୍ତି । ଏକଥା ଅନେକାଂଶରେ ସତ୍ୟ । କାରଣ ଯୁଗର ପରିବର୍ତ୍ତନ ସହିତ ଶ୍ରୋତାମାନଙ୍କର ରୁଚିଧାରା ପରିବର୍ତ୍ତନ ହୋଇଛି । ଆଧୁନିକ ସଙ୍ଗୀତର ଆଦର ସେଥିପାଇଁ ଏଯୁଗରେ ବେଶୀ । ତଥାପି ବିଶେଷ ଶ୍ରୋତା ଅଛନ୍ତି ଯେଉଁମାନେ ଉଚ୍ଚାଙ୍ଗ ସଙ୍ଗୀତର ଭକ୍ତ ।

ସେହିପରି ଭକ୍ତମାନଙ୍କର ଏକ ମଣ୍ଡଳ ମଝିରେ ମଝିରେ ଆମ ଘରେ ବସନ୍ତି । ଉଚ୍ଚାଙ୍ଗ ସଙ୍ଗୀତର ଭକ୍ତମାନଙ୍କୁ ନେଇ ଗୋଟିଏ ସାଧାରଣ ସନ୍ଧ୍ୟା-ମିଳନର ବ୍ୟବସ୍ଥା ହୁଏ । ସେଥିରେ କଟକର ସଙ୍ଗୀତ କଲେଜର ଶିକ୍ଷକ ଆହିନାରାୟଣୀଜୀ ଅଂଶ ଗ୍ରହଣ କରନ୍ତି । ସେଠାର ପୂର୍ବତନ ସ୍ନାତକ

Digitized by srujanika@gmail.com

ଅଶିଷ ଗସ୍ତ ମଧ୍ୟ ଯୋଗ ଦିଅନ୍ତି । ଏହି ମଣ୍ଡଳ ଗ୍ରୋଷ୍ଠ ଓ ଆକାରରେ ସୀମିତ ହେଲେ ମଧ୍ୟ ସଙ୍ଗୀତ ଉପଭୋଗ୍ୟ ହୁଏ ।

ଦର୍ଶନ ଅଧ୍ୟାପକ ଦେବେନ୍ଦ୍ର ନାରାୟଣ ଦତ୍ତଙ୍କ ଘରେ ଆଗେ ନିୟମିତ ଭାବରେ ବୈଠକ ବସୁଥିଲା । ସେ ତବଲାରେ ପ୍ରବୀଣ ବାଦକ । ଓଡ଼ିଶାର କୃତିସନ୍ତାନମାନଙ୍କ ମଧ୍ୟରୁ ଜଣେ । ବହୁ ପୁରସ୍କାର ପ୍ରାପ୍ତ । ଅନେକ ସଙ୍ଗୀତ ସଙ୍ଗଠନ ସହ ଯୁକ୍ତ । ମୋର ମନେଅଛି ୧୯୫୦ ଜାନୁଆରି ମାସରେ ତାଙ୍କ ଘରେ ଜ୍ଞାନବାବୁ କଲିକତାରୁ ଆସି କିଛିଦିନ ରହିଲେ । ମୁଁ ସେତେବେଳେ ତାଙ୍କ ଘରେ ଥିଲି । କଲିକତାରୁ ବଡ଼ ବଡ଼ ସଙ୍ଗୀତ ଶିଳ୍ପୀ ସବୁ ଆସିଥାନ୍ତି । ଯଥା: ଏ. କାନନ, ଧୀରେନ୍ଦ୍ର ଚନ୍ଦ୍ର ମିତ୍ର ପ୍ରଭୃତି । ନାରୀ ସେବା ସଦନରେ ସଙ୍ଗୀତ ସମାରୋହ ହୋଇଥିଲା । ଦେବେନ୍‌ବାବୁଙ୍କ ଘରେ ଘଣ୍ଟା ପରେ ଘଣ୍ଟା ସଙ୍ଗୀତ-ସ୍ରୋତ ବହିଯାଉ-ଥାଏ । ସେ ଗୋଟିଏ ଅପୂର୍ବ ଦୃଶ୍ୟ । ସକାଳୁ ଉଠି ଚା ପିଇ, ଜ୍ଞାନବାବୁଙ୍କର 'mood' ଆସିଗଲା । ନିତାଇ ସିହ୍ନା ଇତ୍ୟାଦି ଥାଆନ୍ତି । ସେ ବସି ରାଗ ବସନ୍ତ ଆରମ୍ଭ କରିଦେଲେ—"ଘ୍ରେ କରୀକେ ଦରବାର, ଆଜ୍ ସବ୍ ମିଲ୍ ଗାଓ ବସନ୍ତ ।" ସୁରର ମୂର୍ଚ୍ଛନା ଚାଲିଲା ଦୁଇଘଣ୍ଟା ଧରି । ତାପରେ ଅନ୍ୟାନ୍ୟ ସଙ୍ଗୀତ ହେଲା । ପ୍ରାୟ ଗୋଟାକ ବେଳେ ଶେଷ ହେଲା । ତବଲାରେ ଦେବେନବାବୁ ଅନବଦ୍ୟ ସଙ୍ଗତ କରିଥିଲେ । ସେ ଜ୍ଞାନବାବୁଙ୍କଠାରୁ ଶିଖିଥିଲେ ତବଲା । ଗୁରୁଶିଷ୍ୟଙ୍କ 'ପ୍ରୋଗ୍ରାମ୍' ମୋ ମନରେ ଏବେ ମଧ୍ୟ ସଜୀବ ହୋଇ ରହିଛି ।

ଦିନେ ବମ୍ବେରରୁ ଜଣେ ସାଧୁ ପହଞ୍ଚିଲେ । ସେଠାରେ ସେ ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷାୟତନ ଖୋଲିଛନ୍ତି । ସେଥିପାଇଁ ଅର୍ଥ ସଂଗ୍ରହ କରିବାକୁ ଆସିଛନ୍ତି । ସେ ଜଣେ ଅତି ଉଚ୍ଚଶିକ୍ଷିତ ଯୁବକ । ତାଙ୍କ ବାପା ମଧ୍ୟପ୍ରଦେଶରେ ଜିଲ୍ଲାପାଳ ଥିଲେ । ଭାଇ ଆମେରିକାରେ ଥାଆନ୍ତି । ସେ ଇଲେକ୍‌ଟ୍ରନିକ୍‌ସ ବିଦ୍ୟା ଶିକ୍ଷା କରିବା ପରେ ସଂସାର ତ୍ୟାଗ କରି ରାମକୃଷ୍ଣ ମିଶନରେ ଯୋଗଦାନ କରିଥିଲେ । ମାତ୍ର ବସ୍ତରରେ ଆଶ୍ରମ କରି ଆଦିବାସୀ ଉନ୍ନୟନ କାମରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଛନ୍ତି, ମିଶନରୁ ବିଚ୍ଛିନ୍ନ ହୋଇ । ସେ ଶ୍ରୀରାମକୃଷ୍ଣଙ୍କର ନାମଗାନ କରିବେ ବୋଲି ସମ୍ମତ ହେଲେ ।

Digitized by srujanika@gmail.com

ସନ୍ଧ୍ୟାବେଳେ ଅନେକ ଶ୍ରୋତା ମୋ ଘରେ ଜୁଣ୍ଡ ହେଲେ ଶୁଣିବା ପାଇଁ । ସେ କହିଲେ, ଦୁଆର ଝରକା ସବୁ ଖୋଲା ରହିବ । ତା ନ ହେଲେ ମୋର ସ୍ୱର ବାଧାପ୍ରାପ୍ତ ହେବ । ମୁଁ ଶୁଣି ଆଶ୍ଚର୍ଯ୍ୟ ହେଲି । ଅନେକ ବଡ଼ ବଡ଼ ସଙ୍ଗୀତଜ୍ଞଙ୍କୁ ମୁଁ ଶୁଣିଛି । ଏପରି କଥାତ ଶୁଣିନାହିଁ । ମୋତେ ମନେ ମନେ ହସ ଲାଗିଲା । କେତେକ ଝରକା ଓ ସବୁ ଦୁଆର ଖୋଲା ହେଲା । ସେ ସଙ୍ଗୀତ ଆରମ୍ଭ କଲେ । ଶ୍ରୀରାମକୃଷ୍ଣଙ୍କର ବାଲ୍ୟ-ଲୀଳାରୁ ଆରମ୍ଭ କଲେ । ଗୋଟିଏ ଅନବଦ୍ୟ ସଙ୍ଗୀତ—ଆଲେଖ୍ୟ । କିନ୍ତୁ ତାଙ୍କର ସୁଲଳିତ କଣ୍ଠର ଉଦାତ୍ତ ସ୍ୱର ଘର ଭିତରେ ଗୋଟିଏ ବିଶେଷ ବାତାବରଣ ସୃଷ୍ଟି କଲା, ସତକୁ ମତ ସେହି ସ୍ୱର ବନ୍ଦଝରକା ପାଖରୁ ଫେରି ଆସିବା ଭଳି ମନେ ହେଲା, ଆଘାତ ପ୍ରାପ୍ତ ହୋଇ । ସେ ସ୍ୱରର ଗାମ୍ଭୀର୍ଯ୍ୟ, ଗଭୀରତା ଓ ବ୍ୟାପ୍ତି ଅପରିକଳ୍ପନୀୟ, ଅବର୍ଣ୍ଣନୀୟ ମଧ୍ୟ । ମୁଁ ଅନୁଭବ କଲି ଯେ ସଙ୍ଗୀତର ପ୍ରବାହ ବାଧାପ୍ରାପ୍ତ ହେଉଛି । ଉଠିଯାଇ ଝରକାଟିକୁ ଖୋଲିଦେଲି । ତା'ପରେ ସଙ୍ଗୀତର ପ୍ରବାହ ମୁକ୍ତ ଗଗନ ଆଡ଼କୁ ପ୍ରବାହିତ ହେଲା । ଆମ୍ଭମାନଙ୍କର ଅଭିଜ୍ଞତା ଅଭିନବ ଧରଣର ବୋଲି ମନେହେଲା । ଶ୍ରୋତୃମଣ୍ଡଳୀ ସମ୍ପୂର୍ଣ୍ଣଭାବେ ମୁଗ୍ଧ ହୋଇ ସେଦିନ ଶୁଣିଲେ ଶ୍ରୀରାମକୃଷ୍ଣଙ୍କ ଜୀବନୀ ଏକ ମୋହମୟ ପରିବେଶରେ—ଏକ ସ୍ୱର୍ଗୀୟ କଣ୍ଠର ଅପାର-ଆନନ୍ଦମୟ ମୂର୍ଚ୍ଛନାରେ । ସେଦିନର କଥା ମୁଁ କେବେହେଲେ ଭୁଲିପାରିବି ନାହିଁ । ଆମେ ସମସ୍ତେ ମିଳିମିଶି କିଛି ସାମାନ୍ୟ ସାହାଯ୍ୟ କରିଥିଲୁ ତାଙ୍କର ଶିକ୍ଷାପ୍ରଚାର ପାଇଁ । ଅନ୍ୟମାନଙ୍କ-ଠାରୁ ମଧ୍ୟ କିଛି ଆଦାୟ କରି ତାଙ୍କ ହାତରେ ଅର୍ପଣ କଲୁ ଗୋଟିଏ ମହନୀୟ ପ୍ରଚେଷ୍ଟାରେ ଆମର ବିନମ୍ର ମୁଷ୍ଟିମେୟ ଭିକ୍ଷା ।

ମୋର ମା ଭଜନକୀର୍ତ୍ତନରେ ବିଶେଷ ଆଗ୍ରହୀ । ସେ ଅତି ଆନନ୍ଦରେ ସେଥିରେ ଯୋଗ ଦେଇଥିଲେ । ତାଙ୍କୁ ଆମର ବଙ୍ଗଳାଟି ଖୁବ୍ ଭଲ ଲାଗୁଥାଏ । ସେଠାକୁ ଅନେକ ଶୁଆ ସାରି ଆସନ୍ତି । ବଡ଼ ବଡ଼ ଗଛରେ ବସି ଶବ୍ଦ କରନ୍ତି । ନାନା ଢଙ୍ଗର, ନାନା ଧରଣର । ଅନେକ ରକମର ପକ୍ଷୀ ମଧ୍ୟ ଆସନ୍ତି । ସେ ବାରନ୍ଦାରେ ବସି ସେମାନଙ୍କୁ ଦେଖୁଥାଆନ୍ତି । ବାରବାଟି ଷ୍ଟେଡିଅମ୍‌ରେ ଖେଳ ଲାଗି ରହିଥାଏ । ସବୁଭିଙ୍ଗେଇସୁ ଖେଳ ମଧ୍ୟ ହୁଏ । ବିଦେଶୀ ଟିମ୍ ଆସିଲେ କ୍ରିକେଟ୍ ମଧ୍ୟ ହୁଏ । ରାସ୍ତାରେ

Digitized by srujanika@gmail.com

ଗହଳି ଲାଗି ରହୁଥାଏ । ଗାଡ଼ି ଘୋଡ଼ାର ସୁମାର ନାହିଁ । ବସି ବସି ଗହଳି ଦେଖିବାକୁ ତାଙ୍କୁ ଭଲ ଲାଗେ । ଆଉ ଏକୁଟିଆ ଲାଗେ ନାହିଁ ।

ଆଉ ବାଲିଯାତ୍ରା ଭିଡ଼ ସାତଦିନ ପର୍ଯ୍ୟନ୍ତ ସ୍କୁଲ ଥରେ ଥରେ । ମେଳାରେ ଅନେକ ଜିନିସ ବିକ୍ରି ହୁଏ । ସେ ସବୁ ଦେଖି ତାଙ୍କ ମନ ଉଲ୍ଲସିତ, ଘର ପାଖରେ ଏତେ ନାଟ ଲାଗିଛି । ତାଙ୍କ ମନ ଉଚ୍ଛନ୍ନ । କିପରି ଯାଇ ଦେଖିବେ । ଜଣେ ଲୋକଙ୍କୁ ସାଙ୍ଗରେ ନେଇ ଦିନବେଳା ଗଡ଼ଗଡ଼ିଆ ମହାଦେବ ଦର୍ଶନ କରି, ମେଳା ଦେଖି, ଭୋଗ ବାଣ୍ଟନ୍ତି ପିଲାଙ୍କୁ । ମନୋରମ ପରିବେଶ ତାଙ୍କ ମନରେ ବିଶେଷ ପ୍ରଭାବ ସେ ପକାଇଥାଏ । ଆଉ କଟକ ଛାଡ଼ି ଯିବାକୁ ନାରାଜ ।

ଦିନେ ଷ୍ଟ୍ରୋଟଭାଇ ଆସି ପୁରୀ ନେଇଗଲା ପରିବର୍ତ୍ତନ ପାଇଁ । ସେଠାରେ ମନମରା ହୋଇ ରହିଲେ । ତାଙ୍କର କଟକରେ ମନ ଲାଗି ରହିଛି । କଟକ ଲୋକେ ପୁରୀ ଦେଖିବାକୁ ଯାଇ । ମୋ ମାଆ ପୁରୀ ଲୋକ ହୋଇ କଟକ ପ୍ରତି ବଡ଼ ଶ୍ରଦ୍ଧା । ଏପରି ଅବସ୍ଥାରେ ଦିନେ ଗୋଡ଼ ଖସି ପଡ଼ିଗଲେ । ପଟପଟ ହାଡ଼ ଭାଙ୍ଗିଗଲା । ଡାକ୍ତରଖାନାକୁ ଗଲେ । ମୁଁ ବିଶେଷଜ୍ଞଙ୍କୁ ସାଙ୍ଗରେ ନେଇ ଗଲି ମାତ୍ର ତାଙ୍କ ଅବସ୍ଥା ଖୁବ୍ ଖରାପ ଦେଖିଲି । ମାତ୍ର ଦୁଇମାସ ବଡ଼ ଡାକ୍ତରଖାନାରେ ପଡ଼ି ପଡ଼ି ଶେଷ ନିଶ୍ୱାସ ତ୍ୟାଗ କଲେ । ମୋତେ ଗଭୀର ରାତିରେ ଖବର ଆସିଲା, ପୁରୀ ଦଉଡ଼ିଲି । ପହଞ୍ଚୁ ପହଞ୍ଚୁ ସକାଳ ହୋଇଗଲା । ସେତେବେଳକୁ ସ୍ୱର୍ଗଦ୍ୱାରରେ । ଶେଷରେ ସ୍ନେହମୟୀ ମା ମୋତେ ତ୍ୟାଗ କରି ଚାଲିଗଲେ । କେତେ ଦୁଃଖରେ କେତେ କଷ୍ଟରେ ଆମକୁ ସବୁ ମଣିଷ କରିଥିଲେ । ସବୁ ବେଳେ ଜଗନ୍ନାଥ ଆଉ ଦକ୍ଷିଣକାଳୀଙ୍କୁ ଡାକୁ ଥାଆନ୍ତି—ପିଲାଙ୍କୁ ଭଲରେ ରଖ । ସେହି ଶୁଦ୍ଧେଚ୍ଛାର ବଳରୁ ଆମ ଘରଆଡ଼ୁ ଅନ୍ତର୍ହିତ ହୋଇଗଲା ଚିରଦିନ ପାଇଁ । ଆମେ ତିନିଭାଇ ଛେଉଣ୍ଡ ହୋଇଗଲୁ । ଶ୍ମଶାନରେ ବହୁତ କାନ୍ଦିଲି । ମାତ୍ର ମାଙ୍କର ଋଣ କଣ ଆଖିପାଣିରେ ପରିଶୋଧ ହୁଏ ? ଭାବିଲି କଟକରୁ ନ ଆସିଥିଲେ ହୁଏତ ଆଉ କେତେ ଦିନ ଥାଆନ୍ତେ । ମାତ୍ର କାଳ ପ୍ରଭାବରୁ କେହି କେବେ ହେଁ ମୁକ୍ତ ନୁହେଁ । ପରାଶରମୁନି ତାଙ୍କର ଜ୍ୟୋତିଷଗ୍ରନ୍ଥ "ବୃହତ୍‌ପରାଶର ସଂହିତା"ରେ ଲେଖିଛନ୍ତି, ଯେତିକି ନିଶ୍ୱାସ ସଂକ୍ଷିପ୍ତ ଆକାରରେ ମନୁଷ୍ୟ

Digitized by srujanika@gmail.com

ଭିତରେ ପ୍ରବେଶ କରିଛି, ସେଦିନଠି ପରେ ଆଉ ଗୋଟିଏ ବି ନିଶ୍ୱାସ ପଡ଼ିବ ନାହିଁ । ଆତ୍ମା ବୃଳମିବା ଶରୀର ପଡ଼ିରହିବ ପରିତ୍ୟକ୍ତ ହୋଇ ।

ମୋର ମାଆ ମୋତେ ବିଲ୍ଲୀରୁ ଟାଣି ଆଣିଥିଲେ ତାଙ୍କ ଶେଷ ଜୀବନରେ ମୋତେ ସଙ୍ଗ, ସାହଚର୍ଯ୍ୟ ଓ ସେବାର ସୁଯୋଗ ଦେବା ନିମନ୍ତେ । ସେ ଉଦ୍ଦେଶ୍ୟ ତ ପୂରଣ ହୋଇଗଲା । ସେ ମୋତେ ଛାଡ଼ି ଚାଲିଗଲେ । ମୋର କଟକବାସର ସମୟ ବୋଧହୁଏ ସରି ଆସିଲା । ଏଥର ଡେରା ଡଣ୍ଡା ଉଠାଇବାକୁ ପଡ଼ିବ । ପୁଣି କେଉଁ ନୂତନ ସ୍ଥାନକୁ ଯିବାକୁ ହେବ କିଏ ଜାଣେ ? ମନ ଉତ୍କଣ୍ଠିତ ହୋଇ ରହିଲା । ମାଙ୍କର ବିୟୋଗରେ ମନ ସବୁବେଳେ ବିଷଣ୍ଣ ।

'ବାରବାଟି ଲଜ' କଥା ଆଗରୁ କହିଛି । ଶ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଘରେ ମାସକୁ ଗୋଟିଏ ସଭା ହୁଏ । ସେଠାରେ ଓଡ଼ିଶାର ଅତି ବିଶିଷ୍ଟ, ସାହିତ୍ୟିକ, ଦାର୍ଶନିକ, ପ୍ରଶାସକ, ଚିକିତ୍ସକ ଠାରୁ ଆରମ୍ଭ କରି ମୋପରି ନଗଣ୍ୟ ଲୋକ ମଧ୍ୟ ଯୋଗ ଦିଅନ୍ତି । ଡକ୍ଟର ମାୟାଧର ମାନସିଂ, ଡାକ୍ତର ମହେନ୍ଦ୍ର ମିଶ୍ର, ଜୀବରାମ ମିଶ୍ର ପ୍ରଭୃତି ବହୁ ବିଶିଷ୍ଟ ଲୋକଙ୍କର ସଂସର୍ଗରେ ଆସିବାର ସୌଭାଗ୍ୟ ମୋର ହୋଇଥିଲା । ଆନିବେଶାନ୍ତଙ୍କ Theosophical ସୋସାଇଟିର ଗୋଟିଏ କେନ୍ଦ୍ର ବାରବାଟି ଲଜ । ବହୁ ଉଚ୍ଚକୋଟିର ଲୋକଙ୍କୁ ଡକାଯାଏ କୌଣସି ବିଶେଷ ବିଷୟରେ ଭାଷଣ ଦେବାପାଇଁ । ଭାଷଣ ସାଧାରଣତଃ ଘଣ୍ଟାଏ ହୁଏ । ତା'ପରେ ହୁଏ ସେ ବିଷୟରେ ଆଲୋଚନା ।

ସେଦିନ ଥିଲା ଜୀବନର ରହସ୍ୟ ଉପରେ । ମାଙ୍କର ମୃତ୍ୟୁ ପରେ ସେ ବିଷୟରେ ଜାଣିବା ପାଇଁ ମୋର ଅନୁସନ୍ଧିତ୍ସା ପ୍ରବଳ ହୋଇଥିଲା । ଜଣେ ଗେରୁଆ ପରିହିତ ସାଧୁ ଭାଷଣ ଦେଲେ । କେଇଟା କଥା ମନେ ପଡ଼ୁଛି । କହିଲେ, ଈଶ୍ୱରଙ୍କର ପ୍ରାଣୀ ତିଆରିର କଣ ଉଦ୍ଦେଶ୍ୟ ? ଧରନ୍ତୁ ଝିଙ୍ଗୋପୋକ ଲକ୍ଷ ଲକ୍ଷ ହୋଇ ଆକାଶରୁ ପୃଥିବୀ ପର୍ଯ୍ୟନ୍ତ ବ୍ୟାପ୍ତ ହେଲେ । ଗୋଟିଏ ଝଡ଼ରେ ସେଗୁଡ଼ିକ ପୂରା ବିନଷ୍ଟ ହେଲେ । ଏଥିରେ ଈଶ୍ୱରଙ୍କର କଣ ଲାଭ ହେଲା ? ଅନେକଙ୍କୁ ସୃଷ୍ଟି କଲେ; ପୁଣି ମାରିଦେଲେ । ସେହିପରି ମନୁଷ୍ୟ ଜୀବନ ଦେଖାଯାଉ । ଭୂମିକମ୍ପ ହେଲା ବିସ୍ତାରିତ ଭୂଖଣ୍ଡରେ । ହଜାର ହଜାର ଲୋକ ଏକ ସାଙ୍ଗରେ ମରିଗଲେ । ସେଥିରେ ଭଲ ବି

Digitized by srujanika@gmail.com

ମଲେ , ମନ୍ଦ ବି ମଲେ । ସେଥିରେ କଣ ଲାଭ ହେଲା ଭଗବାନଙ୍କର ? ପ୍ରଳୟଙ୍କର ବନ୍ୟାରେ ମଧ୍ୟ ସେଇଆ । ଲୋକଧ୍ୱଂସ । ଏହିପରି ପ୍ରାଣୀ ଜଗତରେ ଧ୍ୱଂସ କରି ସୃଷ୍ଟିର କଣ ଉପକାର ହେଉଛି । ଆଉ ଯୁଦ୍ଧ କଥା ତ କହିବାର ନୁହେଁ । ବୋମା ପକେଇ ହିରୋସିମା ଓ ନାଗାସାକିରେ ଲକ୍ଷ ଲକ୍ଷ ଲୋକଙ୍କୁ ନିମିଷକେ ମାରିପକାଇଲେ । ଏସବୁ ଭିତରେ କଣ ରହସ୍ୟ ଥାଇପାରେ ବିଶ୍ୱନିୟନ୍ତାଙ୍କର । ମରଣରେ ସେ ଯଦି ଆନନ୍ଦ ପାଆନ୍ତି ତାହାହେଲେ ସୃଷ୍ଟି କରିବାର ଦରକାର କଣ ? ନା ଏପରି ସୃଷ୍ଟି ଓ ଧ୍ୱଂସ ତାଙ୍କର ଗୋଟିଏ ଖେଳମାତ୍ର । ଯଦି ଈଶ୍ୱରଙ୍କର ଏହା ଖେଳ ହୋଇଥାଏ ତାହାହେଲେ ଏହା ଏକ ମାରାତ୍ମକ ଖେଳ, ସନ୍ଦେହ ନାହିଁ । ଏପରି ଈଶ୍ୱରଙ୍କୁ ଆମର ଭକ୍ତି ବା ଶ୍ରଦ୍ଧା କରିବାର କୌଣସି ଯୁକ୍ତି ଥାଇ ନ ପାରେ ।

ତାଙ୍କର ବିଶ୍ଲେଷଣ ଆମ ମନକୁ ଛୁଇଁଲା । ସତକଥା । ଜୀବନ୍-ମୃତ୍ୟୁ ତେବେ କଣ ଭଗବାନଙ୍କର ଗୋଟିଏ ବିପଜ୍ଜନକ ଖେଳମାତ୍ର ? ତାହାହେଲେ ଈଶ୍ୱରଙ୍କ ପ୍ରତି ଏତେ ଆକର୍ଷଣ କାହିଁକି ? ଏ ସବୁ ସତ୍ତ୍ୱେ ବହୁ ମାନବ ତାଙ୍କ ପ୍ରତି ନିତିଦିନ ପ୍ରାର୍ଥନା ଜଣାଇ ନିଜକୁ ଧନ୍ୟ ମନେ କରୁଛନ୍ତି କାହିଁକି ? ମନୁଷ୍ୟ ମନରେ ଚିରନ୍ତନ ସନ୍ଦେହ ! ତାର ନିରସନ କଣ ସାଧୁ, ସନ୍ଥ, ମହାତ୍ମା, ଗୁରୁ, ଋଷି, ମୁନିମାନେ କରିପାରିଛନ୍ତି ? ସେହି ପୁରୁଣା କଥା ବାରମ୍ବାର ମନରେ ଉଦୟ ହେଉଥାଏ ।

ଭଗବାନ ତୁମେ ଯୁଗେ ଯୁଗେ ଦୂତ ପଠାଇଛ ବାରେ ବାରେ
ଦୟାହୀନ ସଂସାରେ ।

ସେମାନେ କହିଲେ କ୍ଷମାକର ତୁମେ ସମସ୍ତଙ୍କୁ ଭଲ ପାଅ,
ଅନ୍ତରର ବିଷ ସବୁ ନାଶ କରିଯାଅ ।

ବରଣୀୟ ଆଉ ସ୍ମରଣୀୟ ଦୂତ, ତଥାପି ବାହାର ଦୁଆରେ
ଆଜ ଦୁର୍ଦ୍ଦିନେ ଫେରାଇଲି ତାଙ୍କୁ ବ୍ୟର୍ଥ ନମସ୍କାରରେ ।

କପଟ ରାତି ଛାୟାରେ ଦେଖିଛି ମୁହିଁ ଯେ ଗୋପନ ହିଂସାକୁ
ହାଣିବାରେ ନିଃସହାୟକୁ ।

Digitized by srujanika@gmail.com

ମୁଁ ଶୁଣି ଦେଖିଛୁ ପ୍ରତିକାରହୀନ ଶକ୍ତିର ଅପରାଧରେ,
ବିଚାରର ଜାଣି ନିର୍ବେଦନାଭୂତେ କାନ୍ଦେରେ ।

ଯେଉଁମାନେ ତୁମ ଆଲୁଅ ଲିଭାଇ ବାୟୁକୁ କରନ୍ତି ବିଷ
ତୁମେ କଣ ତାଙ୍କୁ କ୍ଷମା କରିଅଛ ଭଲପାଇ ଅବଶେଷ ।"

ପ୍ରବକ୍ତା ସନ୍ନ୍ୟାସୀ କହିଲେ ଏକ ଶାଖାରୁ ଯେପରି ବୃକ୍ଷକୁ ବୁଝିବା ସମ୍ଭବପର ନୁହେଁ, ସେହିପରି କେତୋଟି ଅବକ୍ଷୟମୂଳକ ଚିତ୍ରରୁ ସମଗ୍ର ସୃଷ୍ଟିର ରହସ୍ୟ ବୁଝିବା ଅସମ୍ଭବ । ଜୀବନ, ମରଣରେ ପରି-ସମାପ୍ତି ପ୍ରାପ୍ତ ହୁଏ ନାହିଁ । ଜୀବନ ପ୍ରବହମାନ ଶକ୍ତିର ଏକ ପ୍ରକାଶ ମାତ୍ର । ଏହି ଶକ୍ତି(energy) ଅସୀମ, ଅଖଣ୍ଡ, ସର୍ବବ୍ୟାପ୍ତ, ସର୍ବକ୍ଷମତା-ସମ୍ପନ୍ନ, ଅବାଧ୍ୟ, ଅଶୋଷ୍ୟ ଓ ସନାତନ । ଏହାର ପ୍ରବହମାନ ସ୍ରୋତରେ ବହୁ ନିହାରିକା ପୁଞ୍ଜ ଉଦ୍ଭୂତ ଓ ବିଲୟପ୍ରାପ୍ତ ହେଉଛନ୍ତି । ସୃଷ୍ଟି ଓ ବିନଷ୍ଟି ଗୋଟିଏ ସ୍ରୋତର ଦୁଇଟି ବିଭାବମାତ୍ର । ଯଦି ଏହା କେବଳ ସ୍ଥିର ଓ ଅଚଞ୍ଚଳ ହୁଅନ୍ତା ତେବେ ଏହା ଶକ୍ତି ହୋଇ ରହନ୍ତା ନାହିଁ । ଏହା ସସୀମରେ ପରିଣତ ହୋଇ ଏହାର କ୍ଷମତାରୁ ବିଚ୍ୟୁତ ହୋଇ ଯାଆନ୍ତା । ପ୍ରକୃତ ପକ୍ଷରେ ଭଙ୍ଗାଗଢ଼ା ଅନ୍ତର୍ନିହିତ ଶକ୍ତିର ଚିରନ୍ତନ ପ୍ରକାଶ । ଆମ୍ଭେମାନେ କେବଳ 'ଭଙ୍ଗା'ର ଦୃଶ୍ୟରେ ବିବ୍ରତ ହେଉଥାଉଁ । ଭଙ୍ଗାରୁ ଯେ ଅନେକ ପଦାର୍ଥ ଗଢ଼ା ହେଉଅଛି ସେ କଥା ସୀମିତ ଦୃଷ୍ଟି ଯୋଗୁ ଭୁଲିଯାଉ । 'ଖଣ୍ଡର' ପ୍ରକ୍ରିୟାରେ 'ଅଖଣ୍ଡ'ର ବିଚାର କରୁ । ତେଣୁ 'ପୂର୍ଣ୍ଣ'ର କଳ୍ପନା ଆମ ମନରେ ପ୍ରବେଶ କରିବାରେ ବାଧାପ୍ରାପ୍ତ ହୁଏ ।

ଏ ବିଷୟରେ ବହୁ ଚିନ୍ତା ମୁଁ ଆଗରୁ କରିଥିଲି, ତେଣୁ ଦେଖିଲି ଯେ ସନ୍ନ୍ୟାସୀଙ୍କ ପ୍ରବଚନ ପାଶ୍ଚାତ୍ୟ ଦାର୍ଶନିକ ହେଗେଲ୍‌ଙ୍କ ମତ ସହିତ ମିଳୁଛି । ବୁଝିଲି, ସେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ତତ୍ତ୍ୱକୁ ସମ୍ମିଳିତ ଭାବେ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କର ବକ୍ତବ୍ୟ ଆମ୍ଭମାନଙ୍କର ହୃଦୟ ସ୍ପର୍ଶ କରିଥିଲା ସେଦିନ ।

ବ୍ରହ୍ମବିଦ୍ୟା ସମିତିର ଅଧିବେଶନଗୁଡ଼ିକ ମାନସିକ ଦୃଷ୍ଟିରୁ ବଡ଼ ଶିକ୍ଷଣୀୟ ହୋଇ ଉଠୁଥିଲା । ସେଠାରେ ଯୋଗଦାନ କରି ଅନେକ ବିଷୟ ଜାଣିବାର ଅବକାଶ ହୋଇଥିଲା । ଥରେ ଧର୍ମ ମହାସଭା ହେଲା

Digitized by srujanika@gmail.com

କଟକରେ । ସବୁ ଧର୍ମର ପ୍ରବକ୍ତା ସେଠାରେ ଯୋଗ ଦେଇଥିଲେ । ସ୍ୱାମୀ ଚିଦାନନ୍ଦ ମହାରାଜ ଦିବ୍ୟଜୀବନ ସଂଘ ପକ୍ଷରୁ ଆସିଥିଲେ । "ବାରବାଟୀ ଲଜ୍"କୁ କେତେଜଣ ସନ୍ନ୍ୟାସୀ ଆସି ଆମ୍ଭମାନଙ୍କୁ ଆଶୀର୍ବାଦ କରିଥିଲେ । ସେମାନଙ୍କର ସାହଚର୍ଯ୍ୟରେ ଆମେ ସବୁ ଉପକୃତ ହୋଇଥିଲୁ । ସେଠାର ସ୍ମୃତି ମୋ ମନରେ ଅଲିଭା ହୋଇ ରହିଛି ।

ମୋ ମାଙ୍କର ପ୍ରୟାଣ ପରେ ସବୁବେଳେ ମନେ ହେଉଥାଏ କଟକ ରହଣୀ ବୋଧହୁଏ ଶେଷ ପର୍ଯ୍ୟାୟରେ ଉପସ୍ଥିତ । ଆସ୍ତେ ଆସ୍ତେ ସବୁ କପରି ଫିକା ମନେହେଲା । ମନ ସବୁବେଳେ ପରିବର୍ତ୍ତନ ଖୋଜେ । କୌଣସି ଗୋଟିଏ ସ୍ଥାନରେ ଆବଦ୍ଧ ହୋଇ ରହିବାକୁ ଇଚ୍ଛା କରେ ନାହିଁ ।

ଶେଷରେ ସ୍ଥାନ ପରିବର୍ତ୍ତନର ଯୋଗ ଆସିଲା, ସୁଦୂର ଗୁଜରାଟ ରାଜ୍ୟକୁ । ଆନନ୍ଦରେ ଏହି ସ୍ଥାନାନ୍ତରକୁ ଗ୍ରହଣ କଲି । ପ୍ରୟାଣର ପ୍ରସ୍ତୁତିରେ ଲାଗିଗଲି ।

Digitized by srujanika@gmail.com

(୭)

ଗୁର୍ଜ୍ଜର-ମର୍ମର

ଭକ୍ତକବି ମଧୁସୂଦନଙ୍କର "ଧ୍ୱନି" କବିତାରେ ପଢ଼ିଥିଲି—

"ଶୁଣୁଅଛି ସର୍ବେ ଦିବସ ରଜନୀ ଜଗତର କୋଳାହଳ
ଶୁଣୁଅଛି ଅବିରଳ ।
ଜଳଦର ମନ୍ଦ୍ର, ଜଳଧିର ଘୋଷ, ନିର୍ଝରଣୀ ସ୍ରୋତସ୍ୱନ
କାନନ-ମର୍ମର ପ୍ରଭଞ୍ଜନ ଗରଜନ ।"

ଗୁଜରାଟ ରାଜ୍ୟରେ ପ୍ରବେଶ କରି ଗୁର୍ଜ୍ଜର ଦେଶର ମର୍ମର ଶୁଣିବାକୁ ପାଇଲି । ପ୍ରବେଶ ମାତ୍ରକେ ବିଭିନ୍ନ ଉଦ୍ୟୋଗରାଜିର ମର୍ମର ଧ୍ୱନି ମୋତେ ଏକ ଅଭିନବ ଅଭିଜ୍ଞତା ଆଣିଦେଲା । କଟକରୁ ଯାତ୍ରା କରିଥିଲି ଅନସ୍ଥପୃତାର ଚକ୍ରାକୁ ଅନୁସରଣ କରି । ପାଞ୍ଚଟି ଘାରଷ୍ଟାପୁ ପ୍ରଦେଶ ଅତିକ୍ରମ କରି ଯାତ୍ରା ଶେଷ ହେଲା ସୁରଟରେ । ଟ୍ରେନ ମଧ୍ୟ ବଦଳ କରିବାକୁ ହେଲା ଭୂସାବଳରେ । ରାସ୍ତାରେ ଭୀଷଣ ଗରମ ଯୋଗୁ ଅନେକ କଷ୍ଟ ପାଇଲି । ସୁରଟରେ ପହଞ୍ଚିଲା ବେଳକୁ ଅତ୍ୟନ୍ତ ଶ୍ରାନ୍ତ ଓ କ୍ଳାନ୍ତ । ଶରୀର ଅବସନ୍ନ । ମନ ଚିନ୍ତାକ୍ଳିଷ୍ଟ । ଏଠାର ବାତାବରଣ ବିଷୟରେ କୌଣସି ଧାରଣା ନାହିଁ । ଟ୍ରେନରୁ ଶେଷରେ ଓହ୍ଲାଇ ଦେଖିଲି କେହି ଆସିନାହାନ୍ତି । ମୁଁ ନୂଆ ଲୋକ, ମନ ଦବିଗଲା । ଟେଲିଗ୍ରାମ୍ ତ ପଠାଇଥିଲି । ବୋଧହୁଏ କେହି ପାଇନାହାନ୍ତି । ମୋ ପହଞ୍ଚିବା ଖବର ଜଣା ନାହିଁ । ତେଣୁ କେହି ନ ଆସିବା ସ୍ୱାଭାବିକ ।

ଏପରି ଏଣେତେଣେ ସବୁ ଭାବୁଛି ଦେଖିଲି ଦଳେ ଲୋକ ଆସି ମୋ ନାଁ ପଚାରୁଛନ୍ତି । ବୁଝିଲି ଏମାନେ ମୋତେ ଖୋଜୁଥିଲେ । ମୋର ନାଁ ଶୁଣି ଖୁସି ହୋଇ କହିଲେ ଆମ୍ଭେମାନେ ଅନ୍ୟ ଆଡ଼େ ଖୋଜିବାରେ ବିଳମ୍ବ ହେଲା । କିଛି ମନେ କରିବେ ନାହିଁ । ସର୍କିଟ ହାଉସରେ ରହି-ବାର ବ୍ୟବସ୍ଥା କରିଛନ୍ତି । ସାଙ୍ଗରେ ଗାଡ଼ି ଆଣିଥିଲେ । ମାଲପତ୍ର ସବୁ ନେଇ ଆମେ ଚାଲିଲୁ ସହର ଭିତରକୁ ।

Digitized by srujanika@gmail.com

କିଛି ଦୂର ଯାଇଛୁ କି ନାହିଁ ଗୋଟିଏ ଘର୍ଘର ଶବ୍ଦ ଶୁଣାଗଲା । ରାସ୍ତାରେ ଗାଡ଼ି ଯେତେ ଆଗେଇଛୁ ସେତେ ଶୁଣାଯାଉଛି । ଆଶ୍ଚର୍ଯ୍ୟ ହୋଇ ପଚାରିଲି ଏ ଶବ୍ଦର ଉତ୍ପତ୍ତି କେଉଁଠାରୁ ? କିଛି ତ ଦେଖିବାକୁ ମିଳୁନାହିଁ । ଉତ୍ତରରେ ମୋର ସହକର୍ମୀମାନେ ଜଣାଇଲେ ଏ ଶବ୍ଦର ଉତ୍ପତ୍ତିସ୍ଥଳ ହେଲା ତନ୍ତ (Powerloom) । ଏଠାରେ ବେପାରକାଷ ବାଣିଜ୍ୟ ହେଲା ତନ୍ତର । ଏହା ଗୋଟିଏ କୁଟୀର ଶିଳ୍ପ । ଘରେ ଘରେ ତନ୍ତ ଚାଲେ । ଅଧିକାଂଶ ଲୋକଙ୍କ ଘରେ ଚାରିଟାରୁ ଆଠଟା ତନ୍ତ ଅଛି । ସମସ୍ତେ ଅବସର ସମୟରେ ତନ୍ତ ବୁଣନ୍ତି । ନିଜର ଅନ୍ୟ କିଛି ବ୍ୟବସାୟ ଥାଉ ବା ନ ଥାଉ, ଘରେ ତନ୍ତ ବୁଣି ଲୁଗା ତିଆରି କରି ମିଲ୍‌ମାନଙ୍କୁ ବିକି କରି ଉଦ୍‌ବୃତ୍ତ ପଇସା ରୋଜଗାର କରନ୍ତି । ସେଥିରେ ସେମାନଙ୍କର ସ୍ୱଚ୍ଛଳତା ବୃଦ୍ଧି ପାଇଥାଏ । ସମ୍ବଳର ଉନ୍ନତି ହୁଏ । ଆର୍ଥିକ ଆତ୍ମନିର୍ଭରତା ବଢ଼େ ।

“ଅପନା ହାଥ ଜଗନ୍ନାଥ” । ଆମେ ସିନା କେବଳ ଜଗନ୍ନାଥଙ୍କୁ ଗୁହାରି ଜଣାଉଛୁ । ମାତ୍ର ଏଠା ଲୋକେ ନିଜ ହାତକୁ ଜଗନ୍ନାଥରେ ପରିଣତ କରି ସାରିଲେଣି । ବଡ଼ ସୁଖର କଥା । ଏପରି ତ ଆଉ କେଉଁଠି ଦେଖିନାହିଁ । ସବୁବେଳେ ତ ଆମର ଗୋଟିଏ ବାଣୀ । ସରକାର କିଛି କଲେ ନାହିଁ । ସରକାର ଆମକୁ ସବୁ ଦୁର୍ଦ୍ଦଶାରେ ରଖିଛନ୍ତି । କିନ୍ତୁ ‘ସରକାର’ ଆମ୍ଭମାନଙ୍କର, ଆମରି ଲୋକଙ୍କଦ୍ୱାରା ତିଆରି ହୋଇଛି ; ଆମର ସହଯୋଗିତା ଛଡ଼ା କୋଟି କୋଟି ଲୋକଙ୍କର ହିତସାଧନ ନିମନ୍ତେ ଅସମର୍ଥ, ତାହା ଆମେ ସବୁବେଳେ ଭୁଲିଯାଉ । ନିଜର ଉନ୍ନତି ନିଜ ହାତରେ ଅଛି - ଏକଥା କାହାରି ଚେତନ ମନରେ କାମ କରୁନାହିଁ । ଆମର ଚିନ୍ତା ସବୁବେଳେ ପରନିର୍ଭରଶୀଳ; ଆତ୍ମନିର୍ଭରଶୀଳ ନୁହେଁ । ଏଠାର ସ୍ୱନିର୍ଭରତାର କଥା ଶୁଣି ମୋତେ ଖୁବ୍ ଭଲ ଲାଗିଲା । ଭାବିଲି ଆମ ଦେଶରୁ ଶୁଭ ଚିନ୍ତା ପୂରାପୂରି ଭାବରେ ନଷ୍ଟ ହୋଇଯାଇ ନାହିଁ । ଏଠା ଲୋକେ ନିଜର ଉନ୍ନତି କରି ପୂରା ଦେଶର ଚାହିଦା ମଧ୍ୟ ମେଣ୍ଟାଉଛନ୍ତି । “ଆନନ୍ଦ”ର ଦୁଗ୍ଧ ସାରା ଭାରତକୁ ଯୋଗାଣ ହେଉଛି କିପରି ? ଆନନ୍ଦ ଗୋଟିଏ ଛୋଟିଆ ଜାଗା । ସେଠାରେ କେତେ ବା ଗୋରୁ ରଖାଯାଇ ପାରିବ । ମାତ୍ର ବିଶେଷ ପ୍ରଚେଷ୍ଟାରେ, ଅଭିନବ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ସେଠାର ଉଦ୍ୟୋଗ “ଶ୍ୱେତବିପ୍ଳବ” ଆଣି

Digitized by srujanika@gmail.com

ପାରିଛି । ମନୁଷ୍ୟର ଶୁଭ ପ୍ରୟାସରେ କିଛି ଅସାଧ୍ୟ ନୁହେଁ । ଏହି ଗୁଜରାଟର ଲୋକେ ଦୁଗ୍‌ଧର ଅପରିମିତ ଭଣ୍ଡାର ତିଆରି କରି ଅନ୍ୟ ସବୁ ପ୍ରଦେଶକୁ ପଠାଉଛନ୍ତି । ଦରକାର ବେଳେ ଆମେ 'ଅମୁଲ୍' ଦୁଗ୍‌ଧ ବ୍ୟବହାର କରି ବଡ଼ ବଡ଼ ଭୋଜି ଉଠାଇ ଦେଉଥାଉଁ । ମାତ୍ର ଏବେ ହେଲେ ଭାବୁନାହଁ ଯେ ଯଦି ଗୁଜରାଟ ଏ କାର୍ଯ୍ୟ ସମ୍ପନ୍ନ କରିପାରିଲା, ତାହା ହେଲେ ଆମ୍ଭେମାନେ କାହିଁକି ପାରିବା ନାହିଁ ?

ଏତିକି ଭାବି ନିଶ୍ଚିନ୍ତ ହେଲି ଯେ ଯାହା ହେଉ ଆମ ଜନ୍ମଭୂମି ଭାରତର ଗୋଟିଏ ଅଂଶ ଏପରି କର୍ମ କ୍ଷମତାର ଅଧିକାରୀ ହୋଇଅଛି । ସେ ରାଜ୍ୟରେ ଆସି ପହଞ୍ଚିବା ପରେ ମୋ ମନରେ ଏକ ଉନ୍ମାଦନା ଦେଖାଦେଲା । ବୁଝିଲି ଏଠା ଲୋକେ କେବଳ ପରିଶ୍ରମୀ ନୁହନ୍ତି, ପ୍ରାଣବନ୍ତ ମଧ୍ୟ । ସେମାନଙ୍କ ମଧ୍ୟରେ ହତାଶା, ନୈରାଶ୍ୟ ବା ମଳିନତାର ପ୍ରାଧାନ୍ୟ ଦେଖିବାକୁ ମିଳିଲା ନାହିଁ । ଆଉ ଗୋଟିଏ ଲକ୍ଷଣୀୟ ପ୍ରକୃତି ସେମାନଙ୍କ ମଧ୍ୟରେ ଆବିଷ୍କାର କଲି, ସେମାନଙ୍କର ଅହରହ କର୍ମ-ବ୍ୟସ୍ତତା । ସେମାନେ ଆଳସ୍ୟର ବଶୀଭୂତ ହୋଇ ଭାଙ୍ଗ ଖାଇ ଢୋଲ ପିଟୁନାହାନ୍ତି । ବ୍ୟବସାୟ ବାଣିଜ୍ୟ ହେଉ, ଚାକିରି ନୌକରି ହେଉ, ଅନ୍ୟ ଯେ କୌଣସି କାମ ହେଉ, ସେମାନେ ନିଜକୁ ସେଥିରେ ନିୟୋଜିତ କରୁଛନ୍ତି । କର୍ମହୀନତା ଯୋଗୁ ଅଯଥା ରାସ୍ତାରେ ରୁଣ୍ଡ ହେବା ବା ଅଳ୍ପ କିଛି କାରଣରୁ ଗୋଳମାଳ ସୃଷ୍ଟି କରିବାର ପ୍ରବୃତ୍ତି ସେମାନଙ୍କ ମଧ୍ୟରେ ଦେଖିଲି ନାହିଁ । ଲୋକଚରିତ୍ରର ଗୋଟିଏ ଭିନ୍ନ ରୂପ ମୋ ସମକ୍ଷରେ ପ୍ରତୀୟମାନ ହେଲା । ସେଥିରେ ବିଶେଷ ଉତ୍ସାହିତ ବୋଧକଲି ।

କଟକରୁ ବଡ଼ ହେଲେ ମଧ୍ୟ ଅତି ପୁରୁଣା ସାଧାରଣ ସହର ସୁରାଟ । ଜନଗହଳପୂର୍ଣ୍ଣ ଅଞ୍ଚଳ, ବହୁ ବିସ୍ତୃତ । ରାସ୍ତାଘାଟର ବୈଶିଷ୍ଟ୍ୟ ମଧ୍ୟ କିଛି ନାହିଁ । ଐତିହାସିକ ସହର ସୁରାଟ । ଛତ୍ରପତି ଶିବାଜୀ ଏହି ସହରକୁ ବହୁବାର ଆକ୍ରମଣ କରିଥିଲେ । ଏଠାରେ ବିଦେଶୀମାନେ ମଧ୍ୟ ବସତି ସ୍ଥାପନ କରିଥିଲେ । ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଓଲନ୍ଦାଜମାନଙ୍କର ଅଧୀନରେ ଥିଲା । ଏହାର ନାମ ଡୁ୍ୟମସ୍ (Dumus) । ତାପ୍ତି ନଦୀ-କୂଳରେ ଅବସ୍ଥିତ ଏହି ସହର ପୂର୍ବକାଳରେ ବ୍ୟବସାୟ ବାଣିଜ୍ୟ ନିମନ୍ତେ ଖ୍ୟାତି ଅର୍ଜନ କରିଥିଲା । ଏଠାରେ ବହୁ ମୁସଲମାନ ବସତି

Digitized by srujanika@gmail.com

ସ୍ଥାପନ କରିଛନ୍ତି । ସେମାନଙ୍କର ସଂଖ୍ୟା ଏକତୃତୀୟାଂଶ ହେବ ସହରର ଜନସଂଖ୍ୟାର । ଏତେ ବେଶୀ ସଂଖ୍ୟା ହେଲେ ମଧ୍ୟ ଏଠାରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ପ୍ରୀତି ଅତି ଉନ୍ନତ ଧରଣର । ଦଙ୍ଗା, ଗଣ୍ଡଗୋଳ ଇତ୍ୟାଦି କେବେହେଁ ଶୁଣାଯାଇନାହିଁ । ଏ ସହରର ଗୋଟିଏ ନିଜସ୍ୱ ସଂସ୍କୃତି ଓ ସଭ୍ୟତା ଅଛି । ଲୋକଙ୍କର ଉଦାର ମନୋଭାବ, ମଉଜମଜଲିସ୍ କରିବାର ପ୍ରବୃତ୍ତି, ଭୋଜନପ୍ରିୟତାର ଲକ୍ଷଣ ଜୀବନକୁ ଉପଭୋଗ କରିବାର ପ୍ରାଧାନ୍ୟ କଥା ସ୍ମରଣ କରାଇଦିଏ । ସେଠା ଲୋକଙ୍କୁ "ମୁଗ୍ଧି" କୁହାଯାଏ । ସେମାନଙ୍କର ଗୋଟିଏ ଢଗ ଅଛି—

"ସୁରଟନି ଭୋଜନ, କାଶୀନି ମରଣ୍"—ଏହାର ଅର୍ଥ ହେଲା ସୁରଟରେ ଭୋଜନ ପରମ ଲୋଭନୀୟ, କାଶୀରେ ମରଣ ମହନୀୟ ହେଲା ମରି । ସେଠାର ଅଧିକାଂଶ ଲୋକ ନିରାମିଷାଶୀ । ଭୋଜ୍ୟତେଲର ବ୍ୟବହାର ଏତେ ବହୁଳ ଯେ ସେମାନଙ୍କର ରନ୍ଧା ତରକାରି ହଜମ କରିବା କଷ୍ଟକର । ସେମାନେ ପ୍ରଚୁର ପରିମାଣରେ ଖାଇବାସୋଡ଼ା ଖାଇ ପାକସ୍ଥଳ ପ୍ରକ୍ରିୟାକୁ ସାହାଯ୍ୟ କରିଥାଆନ୍ତି । ତାଙ୍କର ଅତିପ୍ରିୟ ତରକାରି "ଉନ୍ଧିଆ"ରେ ପାଚିଲା କଦଳୀ ପଡ଼େ । ସେମାନଙ୍କର ଖାଦ୍ୟାବଳୀ ପୂର୍ବାଞ୍ଚଳର ରାଜ୍ୟ ସମୂହଠାରୁ ଏକାବେଳକେ ପୃଥକ୍ ।

କିନ୍ତୁ ଆମିଷ ଖାଦ୍ୟର ଆକର୍ଷଣ ଦୁର୍ବାର । ସେଠାର ମୁସଲମାନ-ମାନଙ୍କର ତିଆରି ବିଭିନ୍ନ ରକମର ମାଂସ, ମୁର୍ଗି, ଅଣ୍ଡାର ତରକାରି ଅତ୍ୟନ୍ତ ସୁସ୍ୱାଦୁ ଓ ଉପାଦେୟ । ସେଠାରେ ବହୁସଂଖ୍ୟାରେ ପାର୍ଶୀ ବସବାସ କରନ୍ତି । ସେମାନେ ସାଧାରଣତଃ ବ୍ୟବସାୟୀ । ସେମାନଙ୍କର ରନ୍ଧନ ପ୍ରକ୍ରିୟା ଓ ବ୍ୟଞ୍ଜନ ମନହରଣକାରୀ । ନୂଆରକମର ଭୋଜ୍ୟପେୟ ଇତ୍ୟାଦି ଖାଇ, ସେଠାରେ ମନ ବସିଯାଏ । ସେଠାର "ଆଲଫାନ୍‌ସ" ଆମ୍ବର ରସ ଅପୂର୍ବ । ସବୁଠାରୁ ଲକ୍ଷଣୀୟ ହେଲା ଅପମିଶ୍ରଣର ଅନୁପସ୍ଥିତି । ସବୁ ଜିନିଷ ତାଜା ଓ ସୁସ୍ୱାଦୁ । ତେଣୁ ଖାଦ୍ୟ ବସ୍ତୁ ପରମ ପ୍ରୀତିଦାୟକ ହୁଏ । ବିଶେଷ ଆକର୍ଷଣୀୟ ବସ୍ତୁ ହେଲା "ଆଇସକ୍ରିମ ।" ସେଠାର ଦୁଧ ଅତି ଉତ୍କୃଷ୍ଟ ହୋଇଥିବାରୁ ଏହାର ସ୍ୱାଦ ଅପୂର୍ବ ହୁଏ । ଦୁଗ୍ଧ ଜାତ ପଦାର୍ଥରେ ଉତ୍ତମାନର ମିଷ୍ଟାନ୍ନ ପ୍ରସ୍ତୁତ ହୁଏ । ଅତି ପୁଷ୍ଟିକାରକ ମିଷ୍ଟାନ୍ନ "ଘାରି" ବାଦାମ ପିସ୍ତାବଟା ଘିଅ ସନ୍ନିବିଷ୍ଟ

ଘିଅର ଆବେଷ୍ଟନରେ ମୋଡ଼ା ହୋଇଥାଏ । ତାକୁ ପରିପାକ କରିବା କଷ୍ଟକର ।

ଅଫିସ ଘରେ ଯାଇ ବସିଛି, ସୁଗନ୍ଧର ଲହରି ଖେଳିଗଲା । ମନେହେଲା କେହି ଜଣେ ବିଶିଷ୍ଟ ବ୍ୟକ୍ତି ଆସୁଛନ୍ତି । ଲମ୍ବାବାରନ୍ଦା ଦେଇ ଆସିବାକୁ ଆଗନ୍ତୁକଙ୍କୁ ଟିକିଏ ସମୟ ଲାଗିଲା । ଆସି ଦୁଆର ମୁହଁରେ ପହଞ୍ଚି ମୋର ଅନୁମତି ନେଇ ଘରେ ପ୍ରବେଶ କଲେ । ଘରଟି ସୁଗନ୍ଧରେ ମହକି ଉଠିଲା । ବ୍ୟକ୍ତିତ୍ୱର ଛାପ ତାଙ୍କ ଦେହେରେ ସୁସ୍ପଷ୍ଟ । ରେଶମୀ ଜାମା, ଚପକନ । ଚକଚକ କରୁଛି । ଦାଢ଼ିରେ ମେହେନ୍ଦି ଲଗେଇଛନ୍ତି । ଦେଖି ଖୁସୀ ହେଲି । ବସିବାକୁ କହିଲି । ସେ ବସିଲେ । ମୁଁ ତାଙ୍କୁ କହିଲି—“ଆପ୍ ଆଇୟେ ବହାର ଆୟି ।” ଖୁବ୍ ହସିଲେ । କହିଲେ ଆପଣଙ୍କୁ ଦେଖା କରିବାକୁ ଆସିଲି । ଶୁଣିଲି ଆପଣ ନୂଆ ଆସିଛନ୍ତି । ନିଶ୍ଚୟ ଅସୁବିଧା ହେଉଥିବ । ବିଶେଷ କରି ରନ୍ଧନ ଗ୍ୟାସର । ମୁଁ କହିଲି ଯେ କଟକରୁ ସେ ସବୁ ବ୍ୟବସ୍ଥା କରି ଆସିଥିଲି । ଗ୍ୟାସର ଅସୁବିଧା ହେବନାହିଁ । ସେ କହିଲେ—“କୌଣସି ଅସୁବିଧା ପଡ଼ିଲେ ମୋତେ ଭୁଲିବେ ନାହିଁ । ମୋ ନାଁ ଓ ଠିକଣା ଏହି କାର୍ଡରେ ରହିଲା ।” ସାମାନ୍ୟ କଥାଭାଷା ପରେ ସେ ବିଦାୟ ନେଲେ । ତାଙ୍କ ନାଁ ଆବ୍‌ବାସ ଭାଇ । ମନେ କଲି ନିଶ୍ଚୟ କିଛି କାମ ଥିବ । ତାଙ୍କର ଉଦ୍ଦେଶ୍ୟ କ୍ରମଶଃ ପ୍ରକାଶ୍ୟ । ଟିକିଏ ବୋଧହୁଏ ମୁଖବନ୍ଧ କରିଗଲେ । ତାପରେ ଅନେକ ଦିନ କଟିଗଲା । ତାଙ୍କର ଆଉ ଦେଖା ମିଳିଲା ନାହିଁ । ବୁଝିଲି ଯେ ଆଜିକାଲି ମଧ୍ୟ ପରୋପକାରୀ ଲୋକ ଅଛନ୍ତି ଆବ୍‌ବାସ୍‌ଭାଇଙ୍କ ପରି । ସମସ୍ତେ ସ୍ୱାର୍ଥପ୍ରଣୋଦିତ ହୋଇ ଆସନ୍ତି ନାହିଁ । ନୂଆ ଜାଗାରେ ଅଭିନବ ଅଭିଜ୍ଞତା ଖୁବ୍ ଭଲ ଲାଗିଲା । ମନେ ହେଲା ଜୀବନର ସୌନ୍ଦର୍ଯ୍ୟର ଝଲକ ବୋଧହୁଏ ଏଠାରେ ଅଳ୍ପ ବହୁତ ଦୃଶ୍ୟ ହେବ । କାରଣ ସ୍ୱାର୍ଥପରତାର ଚୂଡ଼ାନ୍ତ ନମୁନା ଦେଖି ଦେଖି ଜୀବନର ଅନ୍ଧକାରମୟ ଦିଗଟା ମନକୁ ଭାରାକ୍ରାନ୍ତ କରି ରଖିଥିଲା । ଏପରି ଦୃଷ୍ଟାନ୍ତ ଦେଖି ମଣିଷ ଉପରେ ଭରସା କ୍ରମେ କ୍ରମେ ଫେରି ଆସିଲା ।

ଦି'ଚାରି ଦିନ ପରେ ଆଉ ଜଣେ ବିଶିଷ୍ଟ ଆଗନ୍ତୁକ । କାର୍ଡ଼ ପଠାଇ ଦେଇଥିଲେ । ଦେଖିଲି I. C. G.ର କର୍ଣ୍ଣଧାର । ବିରାଟ ବ୍ୟବସାୟୀ ।

Digitized by srujanika@gmail.com

ତାଙ୍କୁ ଡାକଲି । ସେ ଆସି ବସିଲେ । ତାଙ୍କୁ ଦେଖି ମନଟା ଅପ୍ରସନ୍ନ ହୋଇଗଲା । ମୁଣ୍ଡରେ ବାଳ କଦମଫୁଲ ପରି କଟା ହୋଇଛି । କଥା ଗୁଲୁଗୁଲୁ କରି କହୁଛନ୍ତି । ଉଚ୍ଚାରଣ ମଧ୍ୟ ସ୍ପଷ୍ଟ ନୁହେଁ । ଭାବିଲି ଏପରି ଲୋକ କମ୍ପାନି ଚଳାଉଛନ୍ତି କପରି ? ନିଶ୍ଚୟ କୌଣସି ବଡ଼ଲୋକର ଅପଦାର୍ଥ ପୁଅ । କେବଳ ଉତ୍ତରାଧିକାର-ବଳରେ ଉଚ୍ଚପଦ ଅଧିକାର କରି ପାରିଛନ୍ତି । ସେ ଯାହାହେଉ, ତାଙ୍କର ଆସିବାର ଉଦ୍ଦେଶ୍ୟ କଣ ପଚାରିଲି । ସେ କହିଲେ ଯେ ସରକାରଙ୍କ ପାଖରୁ ତାଙ୍କର ବହୁପରିମାଣର ଅର୍ଥ ପ୍ରାପ୍ୟ ଅଛି । କିନ୍ତୁ ଅନେକ ଥର ଦଉଡ଼ ଦଉଡ଼ ହଇରାଣ ହୋଇ-ଗଲେଣି । ତାଙ୍କ ପ୍ରାପ୍ୟ ତାଙ୍କୁ ମିଳୁନାହିଁ । ମୁଁ ନୂଆ ଆସିଛି ଶୁଣି ଯାନ ଆବେଦନ ପତ୍ର ଲେଖି ଆଣିଛନ୍ତି । ଅତି ବିନମ୍ରଭାବରେ ସହିତ ନିଜର ପ୍ରାର୍ଥନା ଦୋହରାଇଲେ । ମୁଁ ପଚାରିଲି—"ଅଟକୁଛି କେଉଁଠାରେ ?" ସେ କହିଲେ—"ଆପଣଙ୍କ ଅଫିସରେ ।"

ବଡ଼ ବାବୁଙ୍କୁ ଡାକି କହିଲି—"ୟାଙ୍କର ପାଉଣା ଦେବାରେ ଅସୁବିଧା କଣ ?" ସେ କହିଲେ—"ପାଉଣା ଟଙ୍କାର ପରିମାଣ ଅନେକ । ନିୟମ ଅନୁସାରେ ଆପଣଙ୍କର ଯାଞ୍ଚ କରି ଚେକ୍‌ରେ ଦସ୍ତଖତ୍ କରିବାର କଥା ।" ମୁଁ ପଚାରିଲି—"କଣ ତାହା ସବୁ ଯାଞ୍ଚ ହୋଇ ଚେକ୍ ତିଆରି ହୋଇଛି ?" ସେ କହିଲେ—"ଆଜ୍ଞା ହଁ ।" ଫାଇଲଟି ଆଣିବାକୁ କହିଲି । ଦେଖିଲି ସବୁ ଜିନିଷ ପ୍ରସ୍ତୁତ । କେବଳ ମୋର ଦସ୍ତଖତଟି ବାକି ଅଛି । ବିଷୟଟି ମୋତେ ବିନା ଭଲଆ ପରିଷ୍କାର ଦେଖାଗଲା । ଶୂନ୍ୟସ୍ଥାନଟି ପୂରଣ କରିଦେଲି । ଚେକ୍‌ଟି ଆଗନ୍ତୁକଙ୍କ ହାତକୁ ବଢ଼ାଇ ଦେଲି । ଏପରି ପରିସ୍ଥିତି ପାଇଁ ପ୍ରକାଶ ଭାଇ ଗାନ୍ଧୀ ପ୍ରସ୍ତୁତ ନ ଥିଲେ । ସେ ଭାବିଥିଲେ ଯେ ବିଷୟଟି ଶୀଘ୍ର ବିଗୁଡ଼ିବ ହେବ ବୋଲି । ଚେକ୍ ପାଇ ସେ ସ୍ତମ୍ଭିତ ହୋଇଗଲେ । ତାଙ୍କର କୃତଜ୍ଞତା ପ୍ରକାଶ କଲେ ବହୁବାର ।

ମୋର ପ୍ରାଥମିକ ସନ୍ଦେହ ନିରସନ କରିବା ପାଇଁ ତାଙ୍କୁ ପଚାରିଲି ଯେ ବ୍ୟବସାୟ ଯୋଗୁ ତାଙ୍କୁ ତ ବହୁବାର ବିଦେଶକୁ ଯିବାକୁ ପଡ଼ୁଥିବ । ସେ ଉତ୍ତର ଦେଲେ ଯେ ପ୍ରାୟ ପ୍ରତ୍ୟେକ ତିନିମାସରେ ଥରେ ଯିବାକୁ ହୁଏ । ମୁଁ ପଚାରିଲି—"ବ୍ୟବସାୟର ପରିଚାଳନା ତ ବଡ଼ କଷ୍ଟସାଧ୍ୟ । ଆପଣ କଣ କୌଣସି ବିଶେଷ ଶିକ୍ଷା ଲାଭ କରିଛନ୍ତି ?" ସେ ଉତ୍ତର

Digitized by srujanika@gmail.com

ଦେଲେ—"ଆଜ୍ଞା ହଁ । ମୁଁ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଆକାଉଣ୍ଟସ୍ ଆଉ ବ୍ୟବସାୟ ପରିଚାଳନା ବିଦ୍ୟାରେ ଡିଗ୍ରି ଲାଭ କରିଛି । ସେଠାରେ ସାତବର୍ଷ ଥିଲି । ମୋତେ ମୋର ଜେଜେ ବାପା ପଢ଼ିବା ନିମନ୍ତେ ସେଠାକୁ ପଠାଇଥିଲେ ।" ଏଥର ମୋର ଆଶ୍ଚର୍ଯ୍ୟ ହେବାର ସମୟ ଆସିଲା । ଆରେ ଇଏ ସାଧାରଣ ଲୋକଟାର ଇଲମ୍ ତ କମ୍ ନୁହେଁ । ଇଏ ତ ଗୋଟିଏ "ଛୁପାରୁସ୍ତମ୍" । ମୁଁ ପଚାରିଲି ଆପଣଙ୍କ ପରିବାରର ମହାତ୍ମା ଗାନ୍ଧିଙ୍କ ସହିତ କୌଣସି ଦୂରସ୍ଥ ସମ୍ବନ୍ଧ ଅଛି କି ନାହିଁ । ସେ ମନାକଲେ । କହିଲେ, ସେମାନେ ଚାରି ଭାଇ । ତାଙ୍କର ମା ଜୀବିତା । ସେ ହିଁ ଉକ୍ତ ଏକାନ୍ନବର୍ତ୍ତୀ ପରିବାରର ସର୍ବମୟ କର୍ତ୍ତ୍ରୀ । ତାଙ୍କ ଘରେ କର୍ମଚାରୀ, ଦାସ ଦାସୀ ମିଶି ଦେଢ଼ଶ ଲୋକ ପ୍ରତିଦିନ ଖାଆନ୍ତି । ଲୋକ ନ ଥିଲେ ବେଳେବେଳେ ତାଙ୍କର ସ୍ତ୍ରୀ ଓ ଭାଇଙ୍କର ସ୍ତ୍ରୀ ସବୁ ମିଳିମିଶି ରାନ୍ଧନ୍ତି । ତାଙ୍କର ମା ବଡ଼ ପୁରୁଣା କାଳିଆ ଲୋକ । ତାଙ୍କର ଶାସନ ବଡ଼ କଡ଼ା ଧରଣର । ବୋହୂମାନେ ସବୁବେଳେ ତାଙ୍କ କଥାରେ ଚଳନ୍ତି । ଭାଇମାନେ ମିଳିମିଶି ବ୍ୟବସାୟର ବିଭିନ୍ନ ବିଭାଗ ଦେଖନ୍ତି । ପ୍ରକାଶ ଭାଇ ବିକ୍ରି ବଟା ଓ ହିସାବର ଦାୟିତ୍ୱରେ ଅଛନ୍ତି । ତାଙ୍କର ସରଳତା, ଗର୍ବହୀନତା, ସିଧାସଳଖ ଉତ୍ତର ମୋତେ ସେଦିନ ମୁଗ୍ଧ କରିଦେଇଥିଲା । ଏପରି ପ୍ରସିଦ୍ଧ କମ୍ପାନୀର କର୍ଣ୍ଣଧାର ହୋଇଥିଲେ ଆମ ଆଡ଼ର ଲୋକଙ୍କର ଚାଲିଚଳନ ରୋବଦାଆ ଇଂରାଜି କଥା ଶୁଣି ଆମର ମୁଣ୍ଡ ଘୂରି ଯାଇଥାଆନ୍ତା । ଷ୍ଟ୍ରେଟ ଷ୍ଟ୍ରେଟ କମ୍ପାନୀର ଡାଇରେକ୍ଟର-ମାନଙ୍କର ଟାଣପଣ ଦେଖି ମୋତେ ମନେ ମନେ ହସ ଲାଗୁଥିଲା କଲିକତାରେ । ଭାବିଲି ସେମାନେ ହାର୍ଭାର୍ଡରେ ପଢ଼ିଥିଲେ ଆଉ ମହି ରଖନ୍ତେ ନାହିଁ ।

"ସୁରାଟ ଆର୍ଟ ସିଲ୍କ ମାନୁଫାକ୍ଚରର୍ସ ସଙ୍ଘ" ଗୋଟିଏ ଅତି ବିଶିଷ୍ଟ ସମବାୟ ସଂସ୍ଥା । ଏଥିରେ ଆଗର ସଭ୍ୟ ସଂଖ୍ୟା ଥିଲା ବାରଶହ । ପ୍ରତ୍ୟେକ ସଭ୍ୟ କୋଡ଼ିଏ ହଜାର ଟଙ୍କା ଦେଇଥିଲେ ସଭ୍ୟପଦ ପାଇଁ । ଏହି ମୂଳଧନରୁ ସମବାୟ ସଂସ୍ଥା ତିଆରି କରିଛି ଏକ ମହାନ୍ ସମ୍ପଦ, ଗୋଟିଏ ବିରାଟକାୟ ଅଟ୍ଟାଳିକା । ସେଥିରେ ପ୍ରତ୍ୟେକ ସଭ୍ୟଙ୍କୁ ଗୋଟିଏ ଲେଖାଏ ଦୋକାନ ଦିଆଯାଇଛି । ବଡ଼ଭିତରେ ମାଲ ରଖିବାର ସ୍ଥାନ ମଧ୍ୟ ଦିଆଯାଇଛି । ଉପରର ଷ୍ଟୋରରୁ ସିଡ଼ି ଲଗାଇ ଦିଆଯାଇଛି

Digitized by srujanika@gmail.com

ଦୋକାନକୁ ମାଲ ଓହ୍ଲାଇ ଦେବା ନିମନ୍ତେ । ବିକ୍ରି ପାଇଁ ଷ୍ଟୋରରୁ ମାଲ ଟ୍ରକକୁ ନିଆଯିବା ପାଇଁ ସବୁବେଳେ ପ୍ରସ୍ତୁତ । କିନ୍ତୁ ମାଲ କିପରି ଭିତରେ ଷ୍ଟୋରକୁ ଆସୁଛି ତାହା ବାହାରୁ ଦୃଶ୍ୟ ନୁହେଁ । ଯେମିତି ସବୁ ମାର୍କେଟରେ ମାଲବୁହା ଟ୍ରକମାନେ ରାସ୍ତା ଅବରୋଧ କରି ଠିଆ ହୋଇ ମାଲ ଖଲାସ କରନ୍ତି ଏଠାରେ ସେପରି ଦୃଶ୍ୟ ଦେଖିବାକୁ ମିଳେ ନାହିଁ । ମାଲ ଲିଫ୍ଟ ସାହାଯ୍ୟରେ ଟେଲଗାଡ଼ିରେ ଷ୍ଟୋରଗୁଡ଼ିକରେ ପହଞ୍ଚିଯାଏ । ଏହି ଅଟ୍ଟାଳିକାର ପଛପଟେ ବହୁ ଦୂରରେ ଗୋଟିଏ ଚୌରାହା ଭଳି ସ୍ଥାନରେ ଟ୍ରକ୍‌ରୁ ମାଲ ସବୁ ଲୁହାର ଚକବିଶିଷ୍ଟ ଅତ୍ୟାଧୁନିକ ଟେଲରେ ଓହ୍ଲାଇ ଦିଆଯାଏ । ଏହି ଟେଲଗୁଡ଼ିକ ଲିଫ୍ଟରେ ଉଠି ବାରନ୍ଦା ଦେଇ ଷ୍ଟୋରଗୁଡ଼ିକରେ ପହଞ୍ଚି ଯାଆନ୍ତି ସୁପରିକଳ୍ପିତ ହୋଇ । ପଛପଟେ କୌଣସି ଗୋଳମାଳ ନାହିଁ । ଏହି ପଦ୍ଧତିଟି ଅତି ସନ୍ତର୍ପଣରେ ପାଳିତ ହେଉଛି ଲୋକଲୋଚନ ଆଗୋଚରରେ । ନୂତନ ଆଗନ୍ତୁକ ହିସାବରେ, ମୋର ସହକର୍ମୀମାନେ ଗୋଟିଏ ଦର୍ଶନୀୟ ସ୍ଥାନ ବୋଲି ମୋତେ ସେଠାକୁ ନେଇଯାଇଥିଲେ । ମୁଁ ବ୍ୟବସ୍ଥା ବନ୍ଦୋବସ୍ତ ଦେଖି ଅତି ଆନନ୍ଦିତ ହେଲି । କାରଣ କଲିକତାରେ ଥିଲାବେଳେ ବଡ଼ ବଜାରର ରାସ୍ତା ଅବରୋଧ ମୋତେ ହାଓଡ଼ା ଷ୍ଟେସନରେ ପହଞ୍ଚିବାରେ କେତେଥର ଯେ ଅସ୍ଥିର ପରିସ୍ଥିତିର ସାମନା କରିବାକୁ ବାଧ୍ୟ କରିଛି ତାହା ଗଣି ହେବ ନାହିଁ । ସବୁଥର ମୁଁ ଭାବିଛି—"ଆଚ୍ଛା, ଏହି ପରିସ୍ଥିତିର କଣ ବିକଳ୍ପ ନାହିଁ ? ନାହିଁ କୌଣସି ସମାଧାନ ଏ ସମସ୍ୟାର ?"

ଏପରି ସୁପରିକଳ୍ପିତ, ସୁପରିଚାଳିତ ମାର୍କେଟ କମ୍ପ୍ଲେକ୍ସର ଉଦ୍ଭାବକ କିଏ ? ତାଙ୍କ ସହିତ ମୋର ଦେଖାହେବା ଏକାନ୍ତ ଆବଶ୍ୟକ । ସହକର୍ମୀମାନଙ୍କୁ ପଚାରିଲି । ସେମାନେ କହିଲେ—"ରାମଭାଇ ବିଟକାନବାଲା । ତାଙ୍କ ସହିତ ଆପଣଙ୍କୁ ଆମେ ପରିଚୟ କରାଇ-ଦେବୁ ।" ଶେଷରେ ଦିନେ ଦେଖାହେଲା । ସେ ମୋତେ ନେଇଗଲେ ତାଙ୍କ ମାନସପୁତ୍ର ଏହି ବିସ୍ମୟକର ଅଟ୍ଟାଳିକାର ପ୍ରଦର୍ଶନ ନିମନ୍ତେ ।

ପ୍ରଥମେ ତାଙ୍କର ଜୀବନୀ ଶୁଣିଲି । ସେ ତନ୍ତିଘର ପିଲା । ସେମାନେ ଛଅଭାଇ । ବାପା ମା ଘରେ ତନ୍ତ ଚଳାନ୍ତି । ସୂତା ବିକ୍ରି

Digitized by srujanika@gmail.com

କରି ସେମାନଙ୍କର ପେଟ ଚଳେ । ପିଲାମାନେ ବାପା ମାଙ୍କୁ ସାହାଯ୍ୟ କରନ୍ତି । ପିଲାମାନଙ୍କ ମଧ୍ୟରେ ରାମଭାଇଙ୍କର ଥିଲା ପ୍ରଖର ବୁଦ୍ଧି । ସେ ଶ୍ରେଣୀରେ ପ୍ରଥମ ହୁଅନ୍ତି । ଭଲଭାବେ ପାଶ୍ କଲା ପରେ ଭାବିଲେ କଣ କରିବେ । ବ୍ରିଟିଶ୍ ଅମଳ, ଜଣେ ସାହେବ ତାଙ୍କର ବୁଦ୍ଧିମତ୍ତାର ପରିଚୟ ପାଇ ତାଙ୍କୁ **Manchester** ରେ **Textile Engineering** ପଢ଼ିବାକୁ ପଠାଇଦେଲେ ସରକାରୀ ବୃତ୍ତିର ବ୍ୟବସ୍ଥା କରି । ତାଙ୍କୁ ସୁଯୋଗ ମିଳିଗଲା ମନମୁତାବକ ବିଦ୍ୟା ହାସଲ କରିବା ନିମନ୍ତେ । କୃତିତ୍ୱର ସହ ଇଞ୍ଜିନିଅରିଂ ପାଶ୍‌କରି ସୁରାଟ ଫେରିଲେ । ଅନେକ କମ୍ପାନୀରୁ ଭଲ ଚାକିରିର ପ୍ରସ୍ତାବ ଆସିଲା । ମାତ୍ର ତାଙ୍କର ଇଚ୍ଛା ସୁରାଟ ପାଇଁ କିଛି କରିବେ ବୋଲି । ସୁରାଟ କୃତ୍ରିମ ରେଶମ ପାଇଁ ପୃଥିବୀ ପ୍ରସିଦ୍ଧ । ବହୁ ଦୂରାନ୍ତରୁ କ୍ରେତାମାନେ ଆସନ୍ତି । ବିଦେଶୀମାନଙ୍କର ରହିବାପାଇଁ ଭଲ ହୋଟେଲ ନ ଥାଏ । ଲୁଗା ଦେଖାଇବା ପାଇଁ କୌଣସି ବିଧିବଦ୍ଧ ମାର୍କେଟ ସ୍ଥାନ ନ ଥାଏ । ଖାଁ ଭାଁ ଇଆଡ଼େ ସିଆଡ଼େ ନମୁନା ଦେଖି ହଇରାଣ ହୋଇ କ୍ରେତାମାନେ ଚାଲିଯାଆନ୍ତି । ଏହି ଅସୁବିଧା କଥା ରାମଭାଇଙ୍କୁ ଜଣା ଥିଲା । ତେଣୁ ଗୋଟିଏ ପରିକଳ୍ପନାର କଥା ବହୁଦିନରୁ ତାଙ୍କ ମୁଣ୍ଡରେ ଖେଳୁଥିଲା । ସେ ସମବାୟ ମାଧ୍ୟମରେ ମୂଳଧନ ଠୁଳ କରି ଗୋଟିଏ ତେରତାଲା ବିଶିଷ୍ଟ ଅଟ୍ଟାଳିକାର ପ୍ରକଳ୍ପ କଲେ । ତିନ-ଚାରିତାଲା ହୋଟେଲ ଓ ରେଷ୍ଟୁରାଁ ପାଇଁ ବ୍ୟବସ୍ଥା କରାଗଲା । ତଳ-ତାଲାଗୁଡ଼ିକ ଦୋକାନ ପାଇଁ ରଖା ଗଲା । ବାରତାଲାରେ ନବ୍ୟ ବିଳାସ-ପୂର୍ଣ୍ଣ ପ୍ରେକ୍ଷାଗୃହ ନିର୍ମିତ ହେଲା । ସେଠାରେ ସାଂସ୍କୃତିକ ଓ ଅନ୍ୟ ରକମର ଅନୁଷ୍ଠାନ ସୁଚାରୁରୂପେ ପରିଚାଳିତ ହୋଇପାରିଲା । ସର୍ବୋପରି ତେରତାଲାରେ ତିଆରି ହେଲା ଭାରତର ପ୍ରଥମ ଘୂର୍ଣ୍ଣାୟମାନ 'ରେଷ୍ଟୁରାଁ' । ତାର ପନ୍ଦରବର୍ଷ ପରେ ବମ୍ବେରେ ଏପରି **revolving restaurant** ହୋଇଥିଲା । ମତେ ସାଙ୍ଗରେ ନେଇ ସମ୍ପୂର୍ଣ୍ଣ ପରିକଳ୍ପନାଟି ତନ୍ନ ତନ୍ନ କରି ବୁଝାଇଲେ ରାମଭାଇ । ତାଙ୍କର ବହୁ ଶ୍ରମସାଧିତ ପ୍ରକଳ୍ପ—ଏକ ଶିଳ୍ପୀର ସ୍ୱପ୍ନ-ବିଶେଷ ।

ତାପରେ ଦେଖାଇଲେ ପଶ୍ଚାତ୍‌ପଟର ପରିକଳ୍ପନା । ମାଲ ପରିବହନ ଓ ପରିବେଷଣର ସୁଚିନ୍ତିତ ଉପାୟ । ଅତ୍ୟାଧୁନିକ ପ୍ରକ୍ରିୟାରେ

Digitized by srujanika@gmail.com

ତିଆରି । ପୂରା ପରିକଳ୍ପନାଟି ମୋତେ ମୁଗ୍ଧ କରିଦେଲା । ରାମଭାଇଙ୍କୁ କହିଲି—"ଆପଣ ମୋର ନମସ୍ୟ । ଆପଣଙ୍କର ନିଜ ସହରପାଇଁ ତିଆରି କରିଦେଇ ଗଲେ ଗୋଟିଏ ଆଶ୍ଚର୍ଯ୍ୟଜନକ ଆଧାରଭୂତ ବାଣିଜ୍ୟକ ପ୍ରତିଷ୍ଠାନ—ଜୀବନ୍ତ ସ୍ୱପ୍ନ ।" ରାମଭାଇ ଆନନ୍ଦରେ ଆପ୍ଳୁତ ମୋ କଥା ଶୁଣି । ଇଞ୍ଜିନିଅର ଅନେକ ଅଛନ୍ତି । କିନ୍ତୁ ଏପରି ସ୍ୱପ୍ନିଳସୃଷ୍ଟି ଭାରତବର୍ଷରେ ବିରଳ । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ସମସ୍ୟା-ସଙ୍କୁଳ ଭାରତର ସବୁ ମହାନଗରୀ । ମାତ୍ର ଏ ବିଷୟରେ ଚେତନା ଅଛି କି ନାହିଁ ମୋତେ ଜଣାନାହିଁ । ଆଜି ସେ ବିଷୟରେ ପରିକଳ୍ପନା—"ଦିଲ୍ଲୀ ଦୂରଅସ୍ତ୍" । (ବହୁ ବହୁ ଦୂରରେ) ।

ଆଜି ଗୋଟିଏ ବିଷୟ ଯୋଗୁ ସୁରାଟ ପୃଥିବୀ ପ୍ରସିଦ୍ଧ—Diamond Cutting—ବା ହୀରା କାଟିବା ପାଇଁ । ବିଦେଶରୁ ଆସେ ହୀରାକାଚ ବଡ଼ ବଡ଼ ଖଣ୍ଡ ରୂପେ । ଦେଖିଲେ ମନେହେବ ଅତି ସାଧାରଣ ଘଷାକାଚର ପଥ । ସେଗୁଡ଼ିକ ମାର୍ଜିତ କରି ଗୋଟିଏ ଶ୍ରେଷ୍ଠ ମେଶିନରେ କାଟି ତାର କୋଣଗୁଡ଼ିକ ପରିସ୍ଫୁଟ କରିବାକୁ ହୁଏ । ଯେତେ ବେଶୀ କୋଣ ବାହାରିବ, ହୀରା ସେତେ ବେଶୀ ଦ୍ୟୁତି ପ୍ରକାଶ କରିବ । ଫଳରେ ବହୁମୂଲ୍ୟବାନ ରତ୍ନରେ ପରିଗଣିତ ହେବ । ବିଶେଷ ପଦ୍ଧତିରେ ଘଷିବାର କୌଶଳ କେବଳ କଟାଳିମାନଙ୍କୁ (Diamond Cutters) ଜଣା । ସେମାନେ ଆସନ୍ତି ସୌରାଷ୍ଟ୍ରରୁ । ସେମାନଙ୍କୁ ହୀରା-ଘଷୁ କୁହାଯାଏ । ସୌରାଷ୍ଟ୍ରର କାରିଗରମାନେ ଏହି ବିଦ୍ୟାରେ ଅସାମାନ୍ୟ ନୈପୁଣ୍ୟ ପ୍ରଦର୍ଶନ କରନ୍ତି । ସେମାନଙ୍କର କାରୁକାର୍ଯ୍ୟର ସୂକ୍ଷ୍ମତା ହୀରାକୁ ଅତି ଉନ୍ନତମାନରେ ପହଞ୍ଚାଇ ଦିଏ । ବ୍ୟବସାୟୀମାନେ ହୀରା ବିଦେଶକୁ ରପ୍ତାନି କରି ଧନବାନ୍ ହୁଅନ୍ତି । କିନ୍ତୁ କାରିଗରମାନେ ଉପଯୁକ୍ତ ପାରିଶ୍ରମିକ ପାଆନ୍ତି ନାହିଁ । ସେମାନେ ଅର୍ଥ ସଞ୍ଚୟ ନିମନ୍ତେ ଅତି ଛୋଟିଆ ଘରେ ବହୁସଂଖ୍ୟାରେ ରହନ୍ତି । କଷ୍ଟରେ ଦିନ କଟାନ୍ତି । ସଞ୍ଚିତ ଧନ ସୁଦୂର ସୌରାଷ୍ଟ୍ରର ଗ୍ରାମମାନଙ୍କୁ ପଠାନ୍ତି । ବେଲ୍‌ଜିଅମରୁ ଘଷା କାଚଭଳି ହୀରା ଖଣ୍ଡ ପ୍ରଚୁର ଆସେ । ସେଗୁଡ଼ିକ ପରିମାର୍ଜିତ ଓ ସୁଶୋଭିତ ହୋଇ Antwerp ଫେରିଯାଏ । ସେ ଦେଶର ରାଷ୍ଟ୍ରଦୂତଙ୍କୁ ସୁରାଟରେ କେତେଥର ଦେଖିବାର ମୋର ସୌଭାଗ୍ୟ ହୋଇଥିଲା । ଖବର ନେଇ ବୁଝିଲି ଯେ ତାଙ୍କ ଦେଶ ସୁରାଟ ସାହାଯ୍ୟରେ ପ୍ରଚୁର

Digitized by srujanika@gmail.com

ଅର୍ଥ ଉପାର୍ଜନ କରିଥାଏ । ସେହିପରି ଫ୍ରାନ୍ସ, ଆମେରିକା ଓ ଅନ୍ୟ ଦେଶ ମଧ୍ୟ ଲାଭବାନ ହୁଅନ୍ତି । ତାହା ତୁଳନାରେ ଭାରତର ଆୟ କମ୍ ହୁଏ । ମାତ୍ର ବୈଦେଶିକ ମୁଦ୍ରା ଭାରତକୁ ମିଳିଥାଏ ଏହି ହୀରାକଟେଇ ଫଳରେ । କେଉଁ କେଉଁ ବର୍ଷ ଏହି ବ୍ୟବସାୟରେ ଆଶାତୀତ ଲାଭ ମଧ୍ୟ ହୋଇଯାଏ । ହୀରାକଟାଳି-ଅନୁଷ୍ଠାନ କେତୋଟି ପରିଦର୍ଶନ କରି ଦେଖିଲି ଯେ ଏହି ବ୍ୟବସାୟର ଉନ୍ନତିସାଧନକଳ୍ପେ କୌଣସି ବିଶେଷ ପଦକ୍ଷେପ ନିଆଯାଇନାହିଁ । ଏହା ଏବେ ମଧ୍ୟ ଅନ୍ଧକାର କୋଠରୀରେ ଅଧିକାଂଶତଃ ଆବଦ୍ଧ ହୋଇ ରହିଅଛି । ରାମଭାଇଙ୍କ ପରି କେହି ଶୁଭଚିନ୍ତକ ଏହି ଶିଳ୍ପର ଉଜ୍ଜ୍ୱଳ ସମ୍ଭାବନାମୟ ଭବିଷ୍ୟତ ପ୍ରତି ଦୃଷ୍ଟି ନିକ୍ଷେପ କରିନାହାନ୍ତି । ତାହା ହୋଇଥିଲେ ଭାରତ ବହୁଳାଂଶରେ ବୈଦେଶିକ ମୁଦ୍ରା ଅର୍ଜନରେ ସକ୍ଷମ ହୋଇପାରି ଥାଆନ୍ତା ଏକଚାଟିଆ ବାଣିଜ୍ୟ କରି ।

ହଠାତ୍ ଦିନେ ସରକାର ସିଦ୍ଧାନ୍ତ ନେଲେ ହଜାରଟଙ୍କିଆ ନୋଟ ଅଚଳ କରାଗଲେ । ଯେଉଁମାନଙ୍କର ଏପରି ନୋଟ ଅଛି ସେମାନେ ରିଜର୍ଭ ବ୍ୟାଙ୍କରେ ଜମା ଦେଇ ପୂର୍ଣ୍ଣ ବିବରଣୀ ଦିଅନ୍ତୁ । ପରେ ସେ ଟଙ୍କା ସେମାନେ ଫେରି ପାଇବେ । ସୁରଟରେ ଚହଳ ପଡ଼ିଗଲା । କୋଟି କୋଟି ଟଙ୍କାର ନୋଟ ଅଚଳ ହୋଇଗଲା । ରିଜର୍ଭ ବ୍ୟାଙ୍କରେ ଲମ୍ବା ଧାଡ଼ି ଲାଗିଲା । କେତେ ହୀରାକଟା ବ୍ୟବସାୟୀ ଭୟରେ ଏହି ନୋଟକୁ ନଷ୍ଟ କରିପକାଇଲେ ନିଜର ମୂର୍ଖତା ହେତୁ । ସେମାନେ ଭାବିଲେ ତାଙ୍କର କଳାଟଙ୍କା ସରକାର ଧରିପକେଇବେ ବୋଲି । ସେଦିନ ଭାରତର ବିତ୍ତମନ୍ତ୍ରୀ ସୁରଟ ଆସିଥାଆନ୍ତି । ଶ୍ରୀ ଏଚ୍. ଏମ୍ ପଟେଲ ଗୁଜରାଟର ଲୋକ । ବ୍ୟବସାୟୀମାନେ ତାଙ୍କୁ ଘେରାଉ କରି ବହୁ ଅପ୍ରୀତିକର ମନ୍ତବ୍ୟମାନ କରୁଥାଆନ୍ତି । ସେ ଯେତେ ବୁଝେଇ-ଥାଆନ୍ତି ସେମାନେ ସେତେ ବେଶୀ ଗର୍ଜନ କରୁଥାଆନ୍ତି । ମୁଁ ମଧ୍ୟ ସେଠାରେ ଥାଏ । ଏପରି ଦୃଶ୍ୟ କୌତୁହଳବଶତଃ ଦେଖୁଥାଏ । ସନ୍ତୋଷଜନକ ହେଲା ନାହିଁ ଗୋଳମାଳ । ଶେଷରେ ବିରକ୍ତ ହୋଇ ବିତ୍ତମନ୍ତ୍ରୀ ଦିଲ୍ଲୀ ଫେରିଗଲେ । ଆମ ଉପରେ ଚପେଇ ଦେଇଗଲେ ବିରାଟ ଦାୟିତ୍ୱ । ଯେତେ ବିବରଣୀ ରିଜର୍ଭ ବ୍ୟାଙ୍କରେ ଦାଖଲ ହେଲା ତାର କପି ଆମକୁ ପଠାଗଲା । ତାହାର ଯାଞ୍ଚ କରି କରି ଅଚଳ ଟଙ୍କାର

Digitized by srujanika@gmail.com

ହିସାବ ସରକାରଙ୍କୁ ଦାଖଲ କରିବାକୁ ହେବ । ସାରା ଭାରତବର୍ଷରେ ସବୁଠାରୁ ବେଶୀ ଟଙ୍କା ସୁରଟ ସହରରୁ ମିଳିଥିଲା । ତାହା ପ୍ରାୟ ଏକୋଇଶି କୋଟି ଟଙ୍କା ହେବ । ତାର ପୂର୍ଣ୍ଣ ହିସାବ କରି ବିବରଣୀର କପି କରିବାକୁ ଆମକୁ ପ୍ରାୟ ମାସେ ଲାଗିଗଲା । କିନ୍ତୁ ଏହି ହିସାବରୁ ଆମ୍ଭେମାନେ ବହୁ ବ୍ୟବସାୟୀମାନଙ୍କର ବିଭିନ୍ନ ଉଦ୍ୟୋଗରୁ ପ୍ରାପ୍ତ ଲାଭର ଆଂଶିକ ତଥ୍ୟ ପାଇପାରିଥିଲୁ । ସରକାର ତାଙ୍କର ଉଦ୍‌ଘୋଷିତ ମତ ରକ୍ଷା କରିଥିଲେ । ଉପଯୁକ୍ତ ବିବରଣୀଯୁକ୍ତ ହଜାର ଟଙ୍କାର ନୋଟ ବଦଳରେ ପ୍ରଚଳିତ ମୁଦ୍ରା ଫେରାଇ ଦେଇଥିଲେ । ସେଦିନ ବୁଝିଲି ଯେ ଯବନିକାର ଅନ୍ତରାଳରେ କେଉଁଭାବରେ ବ୍ୟବସାୟୀମାନେ କଳାଟଙ୍କାର ବିନିଯୋଗ କରିଥାଆନ୍ତି । ହଜାର ଟଙ୍କିଆ ନୋଟ ଆମର ଆଖି ଖୋଲି ଦେଇଥିଲା ।

ସୁରଟରେ ଦିନଗୁଡ଼ିକ ସୁରୁଖୁରୁରେ ଗଡ଼ି ଚାଲିଥିଲା । ଆମେ ମାମୁଁ ମାଈଁ ଦୁଇ ପ୍ରାଣୀ । ଅଳ୍ପ ଆହାରରେ ଦିନ କଟାଇ ଦେଉଥିଲୁ । କିନ୍ତୁ ହଠାତ୍ ମୋ ସ୍ତ୍ରୀ ଅତ୍ୟନ୍ତ ଅସୁସ୍ଥ ହୋଇପଡ଼ିଲେ । ତାଙ୍କର ଚାଲିବାର ଶକ୍ତି ରହିଲା ନାହିଁ । ତାଙ୍କୁ ଦୁଆର ଦେଇ ତାଲା ପକାଇ ଅଫିସକୁ ଯାଏ, ପାଖରେ ପାଣି ମୁନ୍ଦାଏ ରଖିଦେଇ । ଅଫିସରୁ ଫେରି ଦୁଆର ଖୋଲେ । ବଜାରରୁ ସାମାନ୍ୟ କିଛି ପଦାର୍ଥ ଖାଇବା ପାଇଁ କିଣି ଆଣେ । ଡାକ୍ତର ଅରବିନ୍ଦଭାଇ ଦେଶାଇଙ୍କୁ ଖବର ଦେଲି । ଭାରି ସଚ୍ଚୋଟ ଲୋକ । ଚିକିତ୍ସକ ହିସାବରେ ଧନ୍ୱନ୍ତରି । ପୂରା ସହରରେ ନାଁ ଡାକ । ତାଙ୍କର ବିଶ୍ରାମ ନାହିଁ । ଅବିରାମ ରୋଗୀ ଦେଖି ବୁଲନ୍ତି । ରାତି ଦୁଇଟାରେ ଶୋଇବାକୁ ଯାଆନ୍ତି । କର୍ମନିଷ୍ଠା ପ୍ରଖର । ସେ ଆସି ଦେଖି-ଗଲେ । ଔଷଧ ମଧ୍ୟ ଦେଲେ । କହିଲେ ଅନ୍ତତଃ ପନ୍ଦରଦିନ ଶୋଇ ରହିବାକୁ ପଡ଼ିବ, ତେବେ ଭଲ ହୋଇଯିବ । ପଚାରିଲେ—"ଆପଣ-ମାନେ ଖାଉଛନ୍ତି କ'ଣ ?" ମୁଁ କହିଲି—"ଯାହା ହେଲେ ବଜାରରୁ ଆଣି ଖାଉଛୁ ।" ସେ ବଡ଼ ବିବ୍ରତ ହେଲେ । କହିଲେ —"ଆପଣ ଅନ୍ୟ ରାଜ୍ୟରୁ ଗୁଜରାଟ ଆସିଛନ୍ତି । ଏଠାରେ ସେବାରେ ନିଯୁକ୍ତ । ଏଠାରେ ଆପଣ ଯଦି ଅଭୁକ୍ତ ଅବସ୍ଥାରେ ରହନ୍ତି ତାହା ଆମ ରାଜ୍ୟବାସୀଙ୍କ ପ୍ରତି ଏକ ଅପମାନ । ଆମର ହୀନତାର ପରିଚୟ । ମୁଁ କେବେହେଲେ ଏକଥା ବରଦାସ୍ତ କରିପାରିବି ନାହିଁ । ଆପଣଙ୍କ ସ୍ତ୍ରୀଙ୍କୁ ଦେଖାଶୁଣା ଓ ଖାଇବା

Digitized by srujanika@gmail.com

ପିଇବାର ଭାର ମୋ ସ୍ତ୍ରୀଙ୍କ ଉପରେ ନ୍ୟସ୍ତ କଲି ।" ତାଙ୍କ ସ୍ତ୍ରୀ ମଧ୍ୟ ଜଣେ ଡାକ୍ତରଣୀ । ବଡ଼ ବ୍ୟସ୍ତ ଲୋକ । କିନ୍ତୁ ପ୍ରତିଦିନ ରାତିବେଳା ନିଜେ ଆସି ଆମର ଖାଦ୍ୟ ଦେଇଯାଆନ୍ତି । ମୋତେ ବଡ଼ ଲାଜ ଲାଗେ । କିନ୍ତୁ Dr. Mrs Desai ଏକାବେଳକେ ସ୍ଥିର ସଂକଳ୍ପବଦ୍ଧ । ମୋର ଆପତ୍ତି ଓଜର ନ ଶୁଣି ମୋର ସ୍ତ୍ରୀ ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କର ସେବା ଅବ୍ୟାହତ ରଖିଥିଲେ । ତାଙ୍କର ସ୍ନେହ ମମତା ମୁଁ କେବେହେଲେ ଜୀବନରେ ଭୁଲିପାରିବି ନାହିଁ । ଆମେ ଯେତେଦିନ ସୁରାଟରେ ରହିଲୁ ଆମ ସହିତ ଅତି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧ ରକ୍ଷା କରିଥିଲେ । ସେମାନଙ୍କର ଦାତବ୍ୟ ସଙ୍ଗଠନକୁ ମୋତେ ଡାକୁଥିଲେ । ସଭାକୁ ମଧ୍ୟ । ତାଙ୍କର ଅନେକ ଛବି ମୋ ପାଖରେ ଏ ପର୍ଯ୍ୟନ୍ତ ସଂରକ୍ଷିତ ଅଛି । ଅରବିନ୍ଦ ଭାଇଙ୍କ ପରି ଉଦାରମନା, ଦାନଶୀଳ ଓ ସେବାବ୍ରତୀ ଚିକିତ୍ସକ ମୁଁ କେଉଁଠାରେ ଦେଖି-ନାହିଁ ।

ଶୁଣିଥିଲି ଶ୍ରୀକୃଷ୍ଣ ଦ୍ୱାରକାର ଅଧିପତି ଥିଲେ । ଆଗରୁ ଲେଖିଛି ଯାହା ଶବର କଥା । ଗୁଜରାଟରେ ଅବସ୍ଥାପିତ ହୋଇ ଦ୍ୱାରକା ଯିବାର ଇଚ୍ଛା ପ୍ରବଳରୁ ପ୍ରବଳତର ହେଲା । ଅହମଦାବାଦରେ ମୋର ଝିଅ ଜୋଇଁ ଥାଆନ୍ତି । ସେମାନଙ୍କର ମଧ୍ୟ ଖୁବ୍ ଇଚ୍ଛା ସୌରାଷ୍ଟ୍ର ଭ୍ରମଣରେ ଯିବାକୁ । ମୋର ଗାଡ଼ି ନେଇ ଅହମଦାବାଦ ଗଲି । ସେଠାରୁ ସେମାନଙ୍କୁ ନେଇ ଦ୍ୱାରକାଧୀଶଙ୍କୁ ମନେ ମନେ ପ୍ରଣାମ କରି ଯାତ୍ରା ଆରମ୍ଭ କଲି । ଜୋଇଁ ଆମକୁ ଗାଡ଼ି ଚଳେଇ ନେଇଗଲେ । ମାନଚିତ୍ର ଧରି ଗୋଟିଏ ଗୋଟିଏ ସହର ଅତିକ୍ରମ କଲୁ । ଯାମନଗରରେ ଯାଇ ପହଞ୍ଚିଲୁ ଦିନ ବାରଟା ବେଳେ । ସେଠାରେ ମୋର ବନ୍ଧୁ ସରୋଜକୁମାର ଥାଆନ୍ତି । ସେ ଆମକୁ ସବୁ ରାସ୍ତାଘାଟର ନିର୍ଦ୍ଦେଶ ଦେଲେ । ଆଜି ବିଭିନ୍ନ ସ୍ଥାନରେ ରହିବା ନିମନ୍ତେ ବିଶ୍ରାମ ଆବାସର ବ୍ୟବସ୍ଥା ମଧ୍ୟ କରିଦେଲେ । ତାଙ୍କ ଘରେ ରାତିବାସ କରି ସକାଳେ ବାହାରିଲୁ ଦ୍ୱାରକା ଆଡ଼କୁ । ପ୍ରାୟ ଦିନ ବାରଟା ବେଳେ ସେଠାରେ ଯାଇ ପହଞ୍ଚି ବିଶ୍ରାମାଗାରରେ ଅବସ୍ଥାନ କଲୁ । ସେଠାରୁ ଦ୍ୱାରକାଧୀଶଙ୍କ ମନ୍ଦିର ଦେଖିବାକୁ ଗଲୁ । ଆଗରୁ ମନ୍ଦିରର କିଛି କିଛି ବର୍ଣ୍ଣନା ଦେଇଛି । ମନ୍ଦିରଟି ଆମ ଜଗନ୍ନାଥ ଦେବଙ୍କ ଦେଉଳ ତୁଳନାରେ ଶ୍ରେଷ୍ଠ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ଯେ ମୂଳରୁ ପ୍ରାୟ କୋଡ଼ିଏ ହାତ ପର୍ଯ୍ୟନ୍ତ କାରୁକାର୍ଯ୍ୟ ମିଶରର ଶୈଳୀରେ ତିଆରି ।

Digitized by srujanika@gmail.com

ସେଠାରେ ମୂର୍ତ୍ତି ମଧ୍ୟ ଖୋଦିତ ହୋଇଛି । ଗାଇଡ଼ କହିଲା ଯେ ଶ୍ରୀକୃଷ୍ଣଙ୍କ ନାତି ବଜ୍ରନାଭ ତାଙ୍କ ମାମୁଁ ଘରକୁ ଯାଇଥିବାବେଳେ ସମୁଦ୍ର ଦ୍ୱାରକାକୁ ଗ୍ରାସ କରିଥିଲା । ସେ ଫେରିଆସି ଦେଖିଲେ ତ ମନ୍ଦିର ଓ ତାଙ୍କର ବଂଶର ସମସ୍ତ ସମୁଦ୍ର ଗର୍ଭରେ ଲୀନ ହୋଇଛନ୍ତି । ସେ ମିଶରୀୟ କାରିଗର-ମାନଙ୍କଦ୍ୱାରା ଏହି ମନ୍ଦିରର ମୂଳପତ୍ତନ କରାଇଥିଲେ ।

ହୋଇଥିବ ଅବା । କାରଣ ସେ ଯୁଗର ଦ୍ୱାରକା ତ ଆଜି ନାହିଁ । ବର୍ତ୍ତମାନ ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ ଶ୍ରୀ ରାଓ ଖନନ କାର୍ଯ୍ୟ କରାଇ ସମୁଦ୍ରରୁ କିଛି କିଛି ଉଦ୍ଧାର କରୁଛନ୍ତି । ସେଥିରୁ ଦେଖାଯାଉଛି ଯେ ଗୋଟିଏ ପ୍ରାଚୀର ବେଢ଼ା ଅବଶିଷ୍ଟ ଅଛି । ପଥରଗୁଡ଼ିକ ପ୍ରାୟ ଅଶିଫୁଟ ଲମ୍ବା । କେତେକ ମନ୍ଦିରର ଭଗ୍ନାବଶେଷ ମଧ୍ୟ ମିଳିଛି । ସେଗୁଡ଼ିକର ପୁନରୁଦ୍ଧାର ହେଲେ ପ୍ରକୃତ ତଥ୍ୟ ଜଣାଯିବ । ଯାହାକୁ 'ଭେଟ୍ ଦ୍ୱାରକା' କହନ୍ତି ତାହାହିଁ ପୁରୁଣା ଦ୍ୱାରକାର ଅବଶିଷ୍ଟାଂଶ । ଆମ୍ଭେମାନେ ସେଠାକୁ ଯାଇ ମନ୍ଦିର ଦର୍ଶନ କରି ଆସିଲୁ । ମୋର ମନେହେଲା ଦ୍ୱାରକାଧୀଶଙ୍କ ମନ୍ଦିରରେ କୌଣସି ପ୍ରାଣ ନ ଥିବା ଭଳି । ପୁରୀ ମନ୍ଦିର ଯେପରି ସବୁବେଳେ ଯାତ୍ରୀ ଆଗମନରେ ପ୍ରାଣବନ୍ତ ହୋଇ ରହେ, ଆର୍ତ୍ତମାନଙ୍କର ଡାକରେ ଉଚ୍ଛୁଳ ପଡ଼େ—"ଆହେ ମହାବାହୁ" ଧ୍ୱନିରେ ପ୍ରତିଧ୍ୱନିତ ହୁଏ, ଏଠାରେ କିନ୍ତୁ ସେସବୁ ଅଭିଜ୍ଞତା ହେଲା ନାହିଁ । ଶଙ୍କରାଚାର୍ଯ୍ୟଙ୍କର ପ୍ରତିଷ୍ଠିତ ଦେବତା ପୂଜା ପାଉଛନ୍ତି । ଶାନ୍ତ, ସୁନ୍ଦର ବାତାବରଣ । ଜନଗହଳି ଏକାବେଳକେ ନାହିଁ ।

ତା' ପରଦିନ ଯାତ୍ରା କଲୁ ପୋରବନ୍ଦର । ସକାଳେ ବାହାରି ପ୍ରାୟ ବାରଟା ବେଳକୁ ସେଠାରେ ପହଞ୍ଚିଲୁ । ଗୋଟିଏ ଅତିଥି ନିବାସରେ ରହିବାର ବ୍ୟବସ୍ଥା ହୋଇଥିଲା । ଠିକ୍ ସମୁଦ୍ର ଉପରେ । ଟିକିଏ ଦୂରରେ ସମୁଦ୍ରର ବେଳାଭୂମି । ଲହରୀମାଳା ଆସି ବେଳାରେ ଡେଇଁପଡ଼ି ଆସ୍ତେ ଆସ୍ତେ ମିଳାଇ ଯାଉଥାଏ । ଆରବସାଗରର ରୂପ ବଙ୍ଗୋପସାଗର ଅପେକ୍ଷା ଭିନ୍ନ । ପାଣି ଧୂସର ବର୍ଣ୍ଣ । କିନ୍ତୁ ଅତି ଆକର୍ଷଣୀୟ । ଅତିଥି ନିବାସରେ ପହଞ୍ଚିବା ପରେ ବିଶ୍ରାମ ନେଲୁ ।

ଗାନ୍ଧିଜୀଙ୍କ ଜନ୍ମସ୍ଥାନ ପୋରବନ୍ଦର । ଅତି ଛୋଟିଆ ସହରଟିଏ । ଦେଖିବାକୁ ଭଲ ଲାଗିଲା । ଗାନ୍ଧିଜୀଙ୍କ ଘର ଦେଖିବାକୁ ଗଲୁ । ସେ କାଳର

Digitized by srujanika@gmail.com

ଘର ହେଲେ ମଧ୍ୟ ଐତିହ୍ୟମଣ୍ଡିତ । ତାଙ୍କର ପିତା ଦେବାନ ଥିଲେ । ଛୋଟ ଛୋଟ ସିଡ଼ି ଦେଇ ଉପରକୁ ଉଠିଲୁ । ଗୋଟିଏ ଛୋଟିଆ ଘର ସୁରକ୍ଷିତ ଅଛି । ସେଠାରେ ଗାନ୍ଧିଜୀ ପଢୁଥିଲେ । ଘରଗୁଡ଼ିକ ପୁରୁଣା । ତାଙ୍କ ଘର ପାଖରେ ସଂଗ୍ରହାଳୟରେ ଗାନ୍ଧିଜୀଙ୍କର ସବୁ ସ୍ମୃତି ଚିହ୍ନ ସୁରକ୍ଷିତ ଅଛି । ବ୍ୟବସ୍ଥା ଅଭିନବ ଧରଣର ।

ଏହିସବୁ ଦେଖି ମନେ ପଡ଼ିଲା ମହାମାନବ ମହାତ୍ମା ଗାନ୍ଧିଙ୍କ କଥା । ଏହି କ୍ଷୁଦ୍ର ସହରରେ ଜାତ ହୋଇ ସେ ପୃଥିବୀ ପ୍ରସିଦ୍ଧ ଜନନାୟକ ହୋଇଥିଲେ । ତାଙ୍କର ତ୍ୟାଗପୂତ ଆଦର୍ଶମୟ ଜୀବନ ବିଶ୍ୱବନ୍ଦ୍ୟ ହୋଇ ରହିଅଛି । ପୋରବନ୍ଦର ତ୍ୟାଗ କରି ସେ ଅହମଦାବାଦରେ ବହୁଦିନ ଥିଲେ ନିଜର ଆଶ୍ରମ କରି । ସେ ଆଶ୍ରମ ସାବରମତୀ ନଦୀ କୂଳରେ । ତାଙ୍କର ଆଶ୍ରମ ବର୍ତ୍ତମାନ ତୀର୍ଥଭୂମିରେ ପରିଣତ । ବହୁ ଦର୍ଶନପ୍ରାର୍ଥୀ ସେଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସ୍ମୃତି ସେଠାରେ ଅଲିଭା । ତାପରେ ସେ ଓ୍ୱାର୍ଧାରେ ମଧ୍ୟ ବହୁଦିନ ଥିଲେ । ସେଠାର ଆଶ୍ରମ ସବୁବେଳେ ସ୍ୱାଧୀନତା ସଂଗ୍ରାମୀମାନଙ୍କଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିଲା । ତାଙ୍କର ଜନ୍ମସ୍ଥାନ ଦେଖି ବହୁଦିନର କୌତୂହଳ ନିରସନ ହେଲା ।

ଶ୍ରୀକୃଷ୍ଣଙ୍କର ସହପାଠୀ ଓ ସୁହୃଦ୍ ସୁଦାମା । ସେ ଥିଲେ ପୋରବନ୍ଦରର ଲୋକ । ତାଙ୍କର ନାମରେ ଗୋଟିଏ ବୃହତ୍ ମନ୍ଦିର ସେଠାରେ ନିର୍ମିତ ହୋଇଅଛି । ଭାରତରେ ସୁଦାମାଙ୍କ ପାଇଁ ଏକମାତ୍ର ମନ୍ଦିର । ତାଙ୍କ ବିଷୟରେ ଆଗରୁ ଲେଖିଛି । ବନ୍ଧୁତ୍ୱର ମର୍ଯ୍ୟାଦାବୋଧକୁ ଶ୍ରୀକୃଷ୍ଣ କାଳ ବକ୍ଷରେ ଅମର କରି ରଖିଦେଇ ଯାଇଛନ୍ତି । କାଳ ସ୍ରୋତରେ ସୁଦାମା ଓ ଶ୍ରୀକୃଷ୍ଣ ଉଭୟେ ହଜି ଯାଇଛନ୍ତି । ମାତ୍ର ଅମର ହୋଇ ରହିଛି ସେମାନଙ୍କର ଆଦର୍ଶ-ବନ୍ଧୁତ୍ୱ । ଗମ୍ଭୀର ଭାବରେ ଚିନ୍ତା କଲେ ମନେହୁଏ ଜୀବନର ଯେଉଁ କେତୋଟି କ୍ଷଣ ଅତି ଉପଭୋଗ୍ୟ ଓ ଆନନ୍ଦଦାୟକ, ତା' ମଧ୍ୟରେ ଅତି ବିଶିଷ୍ଟ ହେଲେ ବନ୍ଧୁଙ୍କ ଗହଣରେ କଟିଯାଇଥିବା କେତୋଟି ମୁହୂର୍ତ୍ତ । ଅନାବିଳ ସେହି ଆନନ୍ଦ, ସ୍ୱାର୍ଥର ଛୁଆଁ ନାହିଁ ସେଥିରେ । ଏପରି ଅପୂର୍ବ ଏକ ମାନବିକ ସମ୍ବନ୍ଧକୁ କାଳଜୟୀ କରିଦେଲେ ଶ୍ରୀକୃଷ୍ଣ-ସୁଦାମା । ହଠାତ୍ ମନେହେଲା ଗାନ୍ଧିଜୀ କଣ ନବଯୁଗର ସୁଦାମା ? ହୋଇଥିବେ ଅବା । ସମଗ୍ର ଭାରତବାସୀଙ୍କୁ ସେ ନିଜର ବନ୍ଧୁ ରୂପେ ମଣୁଥିଲେ । ଗାନ୍ଧିଜୀଙ୍କ ଚିନ୍ତାରେ ମନଟା ଭରି ରହିଲା ସେଦିନ ।

Digitized by srujanika@gmail.com

ପରଦିନ ପ୍ରତ୍ୟୁଷରେ ପୋରବନ୍ଦରରୁ ଛାଡ଼ିଲୁ ସୋମନାଥ ଉଦ୍ଦେଶ୍ୟରେ । ସମୁଦ୍ର କୂଳେ କୂଳେ ରାସ୍ତା ପ୍ରାୟ ଶହେ ମାଇଲ । ଉଚ୍ଚ ବାନ୍ଧ ଉପର ଦେଇ ଚାଲିଲୁ ପ୍ରଚଣ୍ଡ ଗତିରେ ସମୁଦ୍ରତଟ ସରଣୀରେ (Marine drive) । ରାସ୍ତା ଫାଙ୍କା । ମଝିରେ ମଝିରେ କେତୋଟି ଗୋରୁଗାଡ଼ି ଓ କେତେଜଣ ପଥିକ । ଡାହାଣପଟେ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ବିସ୍ତୃତ ଆରବ ସାଗର । ବାମ ପଟରେ ନାରିକେଳ ବୃକ୍ଷରାଜି । କ୍ଷୁଦ୍ର କୁଟୀରପୂର୍ଣ୍ଣ ଗ୍ରାମ । ଅତ୍ୟନ୍ତ ମନୋରମ ଓ ସୁଦୃଶ୍ୟ । ପ୍ରକୃତିର ଏହି ରୂପର ପଟାନ୍ତର ନାହିଁ । ମାଇଲ ପରେ ମାଇଲ ଚାଲିଛୁ ସେହି ଶୋଭା ଉପଭୋଗ କରି । ମନେପଡ଼ିଲା ମହାକବି କାଳିଦାସଙ୍କ 'ରଘୁବଂଶ' କାବ୍ୟ—

"ଦୂରାଦୟଶ୍ଚକ୍ର ନିଭସ୍ୟ ତନ୍ୱୀ ତମାଳତାଳୀ ବନରାଜିନୀଳା ।
ଆଭାତି ବେଳା ଲବଣାମ୍ବୁରାଶେଃ ଧାରାନିବଦ୍ଧେୈବ କଳଙ୍କରେଖା ।"

ଥରେ ରାସ୍ତାରେ ଅଟକି ପଡ଼ିଗଲୁ । ପୁଣି ସେହି ଯାତ୍ରା ଭେରାବଲ ଆଡ଼କୁ । ମାରାଇନ୍ ଡ୍ରାଇଭ ସରିଲା । ରାସ୍ତା ମୋଡ଼ ନେଲା । କିଛିଦୂର ଗଲା ପରେ ମନ୍ଦିର ପଡ଼ିଲା । ଆରାଧ୍ୟ ଦେବତା "ଜଗଦ୍ଧାତ୍ରୀ", ବ୍ୟାଘ୍ର ଉପରେ ଆରୂଢ଼ । ଅନେକେ କହନ୍ତି ସେ ଶ୍ରୀକୃଷ୍ଣଙ୍କର କୁଳଦେବତା ବୋଲି । ତାଙ୍କର ଆରତି ହେଉଥିଲା । ତାଙ୍କର ପୂଜା ଦେଇ ପୁଣି ଅଗ୍ରସର ହେଲୁ ସୋମନାଥ ଆଡ଼କୁ । ବେଶ୍ କିଛିଦୂର ଗଲା ପରେ "ଭେରାବଲ" ଆସିଲା । ଏହି ସହରର ସମୁଦ୍ର ତଟରେ ଅବସ୍ଥିତ ସୋମନାଥ ମନ୍ଦିର । ସେଠାରେ ପହଞ୍ଚିଲା ବେଳକୁ ବାରଟା ବାଜିଥାଏ । ଟିକିଏ ଅପେକ୍ଷା କରିବା ପରେ ଜ୍ୟୋତିର୍ଲିଙ୍ଗଙ୍କର ଆରତି ଆରମ୍ଭ ହେଲା । ଶିଙ୍ଘା ବାଜିଲା, ବଡ଼ ବଡ଼ ଢୋଲ ସବୁ ବାଜୁଥାଏ । ବାଦ୍ୟ-ଯନ୍ତ୍ରର ଶବ୍ଦରେ ମନ୍ଦିର ମୁଖରିତ ହୋଇ ଉଠିଲା । ସୋମନାଥଙ୍କ ଲିଙ୍ଗ ଅନେକ ଉଚ୍ଚ । ଆରତି ପର୍ବ ସୁପରିଚାଳିତ । ସେଠାରେ ବାତାବରଣ କ୍ରମଶଃ ହୃଦୟସ୍ପର୍ଶୀ ହୋଇଉଠିଲା । ଢୋଲ, କରତାଳ, ଶିଙ୍ଘାନାଦ ମୋର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ଯାଇ ମୋତେ ପ୍ରାୟ ଅଚେତନ କରିଦେଲା । ଭକ୍ତିରେ ଆପ୍ଲୁତ ହୋଇ ଆଖିରୁ ଅଶ୍ରୁ ବହିଲା । ବହୁଛି ତ ବହୁଛି । ମୋର ପ୍ରାୟ ଜ୍ଞାନ ରହିଲା ନାହିଁ । ପ୍ରାୟ ଘଣ୍ଟାଏ ପୂଜା ଆରତି

Digitized by srujanika@gmail.com

ଚାଲିଲା । ମୁଁ ମନ୍ତ୍ରମୁଗ୍ଧ ହୋଇ ଚାହିଁ ରହିଥାଏ ପରମ ମହିମାମୟ ସୋମନାଥଙ୍କୁ ।

ଆଗରୁ ବହୁ ମନ୍ଦିରରେ ପୂଜା ଅର୍ଚ୍ଚନା ଦେଖିଛି । ମାତ୍ର ମୋ କ୍ଷୁଦ୍ର ଜୀବନରେ ଏପରି ଅଶ୍ରୁବମୟ ଅଭିଜ୍ଞତା ଏହି ପ୍ରଥମଥର ପାଇଁ ଅନୁଭବ କଲି । ବୁଝିଲି ନିଶ୍ଚୟ କିଛି ସ୍ଥାନ ମାହାତ୍ମ୍ୟ ଅଛି । ଆମେ ମନ୍ଦିର ବେଢ଼ା ବୁଲି ଦେଖିଲୁ । ବେଢ଼ାପ୍ରାଚୀର ଆରବସାଗରର ନୀଳର ଲହରୀରେ ଧୌତ । ସେଠାରେ ଗୋଟିଏ "ତୀର ଚିହ୍ନ" ଦିଆ ଯାଇ ଦର୍ଶାଇ ଦିଆଯାଇଛି ଯେ ତୀର ସିଧା ଗଲେ ଦକ୍ଷିଣମେରୁ ପର୍ଯ୍ୟନ୍ତ କୌଣସି ସ୍ଥଳଭୂମି ସ୍ପର୍ଶ ନ କରି । ପଚାରିଲି ସୋମନାଥର ଆଉ କିଛି ମାହାତ୍ମ୍ୟ ଅଛି କି ? ଗାଇଡ୍ କହିଲା—ଏହି ସମୁଦ୍ର ତଟରେ ଶ୍ରୀବଳରାମ ଦେହତ୍ୟାଗ କରିଥିଲେ । ମହାଭାରତ ବର୍ଣ୍ଣିତ କଥା । ତାଙ୍କର ଶରୀରରୁ ଏକ ସାପ ନିର୍ଗତ ହୋଇ ବହୁଦୂରକୁ ଚାଲିଯାଇଥିଲା । ଠିକ୍ ସେତିକ-ବେଳେ ଯାଦବ ବଂଶ ଧ୍ୱଂସ ପରେ ଶ୍ରୀକୃଷ୍ଣ ସେଠାରେ ବୁଲି ବୁଲି ଆସି ପହଞ୍ଚିଥିଲେ । ତାପରେ ସାଙ୍ଗେ ସାଙ୍ଗେ ଦେହତ୍ୟାଗ କରିଥିଲେ । ବୁଝିଲି ଅବତାରଙ୍କର ଶେଷ ନିଶ୍ୱାସରେ ପବିତ୍ରୀକୃତ ଏହି ପୁଣ୍ୟଧାମ, ସୋମନାଥ । ସ୍ଥାନମହିମାର ସାମାନ୍ୟତମ ଅଂଶ ଅବଗତ ହେଲି ।

ଭିକବଲର ଗୋଟିଏ ଅତିଥିନିବାସରେ ଯାଇ ଆମେ ସବୁ ବିଶ୍ରାମ ନେଲୁ । କ୍ଳାନ୍ତି ଦୂର ହେଲା । ଅପରାହ୍ନବେଳା ଗଲୁ "ଗିର୍ ଫରେଷ୍ଟ"—ସିଂହ ଉଦ୍ୟାନକୁ । ସେଠାରେ ବହୁ ସିଂହଙ୍କୁ ସୁରକ୍ଷା ବଳୟରେ ରକ୍ଷା କରାଯାଇଛି । ଲୋକେ ଯାଇ ଦୂରରୁ ଦେଖନ୍ତି । ଆମେ ଯାଇ ପହଞ୍ଚି ଶୁଣିଲୁ ଯେ ସେଠାରେ ତା ପୂର୍ବଦିନ ରାତିରେ ବହୁ ବର୍ଷା ହୋଇ "ସଫାରି"ର ରାସ୍ତା ଖରାପ ହୋଇଛି । ତେଣୁ ଦର୍ଶକମାନଙ୍କ ପାଇଁ ଗାଡ଼ି ଭିତରକୁ ଯାଉନାହିଁ । ବହୁ ସମୟ ଅପେକ୍ଷା କରି ନିରାଶ ହୋଇ ଭିକବଲ ଫେରି ଆସିଲୁ ରାତିରେ ।

ପ୍ରତ୍ୟୂଷ ହେଲା । ଏଥର ପ୍ରତ୍ୟାବର୍ତ୍ତନ ଆରମ୍ଭ । ଅତିଥି ନିବାସ ବେଢ଼ାରେ ଶ୍ରୀ ଲକ୍ଷ୍ମୀନାରାୟଣଙ୍କର ମନ୍ଦିର । ସେଠାରେ ମୁଣ୍ଡିଆ ମାରି ଗଲେ ଯାତ୍ରା ଶୁଭ ହେବ । ଗାଡ଼ି ନେଇ ରାସ୍ତାକଡ଼ରେ ରଖିବାବେଳେ ଚକ ମାଟିରେ ପୋତି ହୋଇଗଲା । ଆମେ ଦର୍ଶନ କରି ବାହାରକୁ

Digitized by srujanika@gmail.com

ଆସି ଦେଖିଲୁ ଯେ, ଯେତେ ଚେଷ୍ଟା କଲେ ଚକ ଆହୁରି ଭିତରକୁ ପଶିଯାଉଛି । ଭୀଷଣ ମୁସ୍କିଲ । ସେଠାରେ କାହାଠାରୁ ସାହାଯ୍ୟ ପାଇବୁ ଅବା ! ଲକ୍ଷ୍ମୀନାରାୟଣଙ୍କୁ ପ୍ରାର୍ଥନା କଲୁ । ପ୍ରଭୁ ଆମକୁ ପଙ୍କରୁ ଉଦ୍ଧାର କର । କିଛିକ୍ଷଣ କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହେଲୁ ପରେ ଗୋଟିଏ ଟୁରିଷ୍ଟବସ୍ ପହଞ୍ଚିଲା । ସେଥିରେ ଚାଳିଶ ପଚାଶ ଜଣ ଛାତ୍ର ସୋମନାଥ ଭ୍ରମଣରେ ଆସିଛନ୍ତି । ସେମାନେ ଆମର ଦୁର୍ଦ୍ଦଶା ଦେଖି ସାହାଯ୍ୟ କଲେ । ସମସ୍ତେ ମିଶିଯାଇ ଗାଡ଼ିଟିକୁ ଠେକି ଆଣି ରାସ୍ତାରେ ଥୋଇଦେଲେ । ଆମେ ତ ଏକାବେଳକେ ଅବାକ୍ । ନାରାୟଣଙ୍କ ଗରୁଡ଼ମାନେ ଆମକୁ ସତକୁ ସତ ପଙ୍କରୁ ଉଦ୍ଧାର କଲେ ସେଦିନ । ନିର୍ବିଘ୍ନରେ ସେଠାରୁ ଫେରି ଆସି ପହଞ୍ଚିଲୁ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଭୁଟ୍ଟୋଙ୍କର ଜନ୍ମସ୍ଥାନ ଜୁନାଗଡ଼ରେ । ସେଠାରେ ଗୋଟିଏ ବିଶ୍ରାମାଗାରରେ ଅବସ୍ଥାନ କରି ପରଦିନ ଫେରିଲୁ ଅହମଦାବାଦ । ପ୍ରାୟ ସନ୍ଧ୍ୟା ହୋଇଗଲା । ଜୋଇଁଙ୍କ ଘରେ ଆରାମରେ ରାତିଟା କଟାଇଲୁ ଭ୍ରମଣର ବିଭିନ୍ନ ବିଷୟ ଆଲୋଚନା କରି । ସାତଦିନର ଭ୍ରମଣ ସଫଳ ହେଲା, ନିର୍ବିଘ୍ନରେ । ପରଦିନ ସୁରାଟ ଫେରିଆସିଲୁ । ଅହମଦାବାଦରୁ ସୁରାଟ ୨୬୫ କିଲୋମିଟର । ରାସ୍ତା ଅତି ପ୍ରଶସ୍ତ । ଯିବା ଓ ଫେରିବା ରାସ୍ତା ଅଲଗା । ମଝିରେ ବାଡ଼ ଉପରେ ଗଛ ସବୁ ଲଗା ହୋଇଛି । ତୀବ୍ର ଗତିରେ ଗାଡ଼ିମାନେ ଦଉଡ଼ୁଛନ୍ତି । ରାସ୍ତାର ଅବସ୍ଥା ମଧ୍ୟ ଖୁବ୍ ଭଲ । ସେଠା ସରକାରଙ୍କ ରାସ୍ତାଘାଟ ପ୍ରତି ତୀବ୍ର ଦୃଷ୍ଟି ରହିଛି । ଆମର ଯାତ୍ରା ସମ୍ପୂର୍ଣ୍ଣଭାବେ ଆନନ୍ଦପ୍ରଦ ହୋଇଥିଲା ।

ଜଗଦ୍ଧାତ୍ରୀଙ୍କ ଦର୍ଶନ ପରେ ସୁରାଟରେ ଅମ୍ବାଜୀଙ୍କ ଦର୍ଶନ କରିବାକୁ ଗଲୁ । ସେଠାର ମହନ୍ତ ଆମକୁ ବଡ଼ ସ୍ନେହ କରନ୍ତି । ପୁରୀବାସୀଙ୍କ ପ୍ରତି ସବିଷ ସ୍ନେହ ଓ ସଦିଚ୍ଛାର ବାତାବରଣ ଅପେକ୍ଷା କରିଥାଏ । ମହନ୍ତ ମହାରାଜ ଆମକୁ ଅମ୍ବାଜୀଙ୍କର ପ୍ରସାଦ ଦେଲେ । ଭୋଗ ଅତି ଉତ୍କୃଷ୍ଟ । ମଝିରେ ମଝିରେ ଆମ ଘରକୁ ମଧ୍ୟ ପଠାଇ ଥାଆନ୍ତି । ତାଙ୍କର ଆଶୀର୍ବାଦରେ ଆମେ ନିଜକୁ ଧନ୍ୟ ମନେକରୁ ।

ସୁରାଟର ପ୍ରସିଦ୍ଧ କ୍ଲବ ଜିମ୍‌ଖାନା । ସରକାରୀ ଅଫିସରମାନଙ୍କଦ୍ୱାରା ଚାଳିତ । କେତେକ ବିଶିଷ୍ଟ ଲୋକ ମଧ୍ୟ ସଭ୍ୟ ଅଛନ୍ତି । ସେଠାରେ

Digitized by srujanika@gmail.com

ବ୍ୟାଡ଼ମିଣ୍ଟନ ଇତ୍ୟାଦି ଅନେକ ଖେଳର ବ୍ୟବସ୍ଥା ଅଛି । ଯୋଗ ଦେଇ ମୋତେ ଭଲ ଲାଗିଲା । ଖେଳରେ ସମସ୍ତଙ୍କର ଶରଧା । ତାଛଡ଼ା ତାସ ଖେଳ ମଧ୍ୟ ହୁଏ । ସେଠାରେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହିତ ପରିଚୟ ହେଲା—ସେରିଆ ଭାଇ ମୋଦି । ଜଣେ ବୃଦ୍ଧ ପାରସୀ । ଅତି ଭଦ୍ର, ବନସ୍ପୀ, ସ୍ନେହୀ ପ୍ରକୃତିର ଲୋକ । ପରିଚୟ ହେବାମାତ୍ରେ ମୋର ପରମ ବନ୍ଧୁ ହୋଇଗଲେ । ତାଙ୍କ ଘରେ ସେ ଏକୁଟିଆ ଥାଆନ୍ତି । ତାଙ୍କ ପୁଅ ଋଷି ମୋଦି ବମ୍ବେରେ ରହନ୍ତି । ପୁରୁଣା କାଳର ଅନେକ ଗଳ୍ପ ତାଙ୍କଠାରୁ ଶୁଣିବାକୁ ମିଳେ । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚେମ୍ସ ଫୋର୍ଡଙ୍କର କନ୍ୟା ସୁରଟ ଆସିଥିଲେ । ତାଙ୍କ ଘରେ କିଛିଦିନ ରହି-ଥିଲେ । ସେ ସବୁ ପୁରୁଣା ଫଟୋ ତାଙ୍କ ପେଡ଼ିରୁ ବାହାର କରି ମୋତେ ଦେଖାଇଲେ । ମିସ୍ ଚେମ୍ସଫୋର୍ଡଙ୍କ ଗପ ଆଉ ଶେଷ ହେଉ ନ ଥାଏ । ବୁଝିଲି ତାଙ୍କ ହୃଦୟରେ ଇଂରେଜ ଲଳନା ଗୋଟିଏ ଗର୍ଭଗୃହ ସୃଷ୍ଟି କରି ସେଠାରେ ଚିରଦିନ ପାଇଁ ବସବାସ କରୁଛନ୍ତି । ସେରିଆଭାଇ ବୟନ୍ଦ୍ରିକ, କିନ୍ତୁ ଅତ୍ୟନ୍ତ ବନ୍ଧୁବତ୍ସଳ । ଥରେ ମୋର ଜର ହେଲା । କିଛିଦିନ କ୍ଲବକୁ ଗଲିନାହିଁ । ସେ ଆସି ମୋ ଘରେ ହାଜର । ବଡ଼ ଚିନ୍ତିତ । କାହିଁକି ଜର ହେଲା । ଡାକ୍ତର ଡାକ । ଅନେକ ପଚରାଉଚରା କଲେ । ବିଦେଶରେ ଥାଇ ମଧ୍ୟ ଏତେ ନିଜର ଲୋକ ଅଛନ୍ତି ଖବର ନେବାପାଇଁ ଜାଣି ନ ଥିଲି । ସେରିଆଭାଇ ସମସ୍ତଙ୍କ ସହିତ ଅତ୍ୟନ୍ତ ସୌହାର୍ଦ୍ଦ୍ୟ ରକ୍ଷା କରି ଚଳନ୍ତି ।

ଦିନେ ସେରିଆଭାଇ କହିଲେ ତାପ୍ତି ନଦୀ ଆରପଟ ପଡ଼ିଆରେ "ପୌଙ୍କ ପାର୍ଟି" ହେଉଛି । ଚାଲନ୍ତୁ ଯିବା । ସୁରଟ ନିକଟରେ ତାପ୍ତି-ନଦୀ । ସେଠାରେ ଜମି ଖୁବ୍ ଉର୍ବର । ସେଇ ଉର୍ବର ଭୂମିରେ ମଟର ଛୁଇଁ ଭଳି ଏକପ୍ରକାର ଚଣା ହୁଏ, ତାହାକୁ ଗଜା ସମୟରେ ଖାଇବାକୁ ଉତ୍କୃଷ୍ଟ ଲାଗେ । ସେ କଞ୍ଚା ଚଣାକୁ ଚୁଲିରେ ଗରମ କରି ସାମାନ୍ୟ ଲୁଣ ଓ ମସଲା ଦେଇ ଲୋକେ ଖାଇବାପାଇଁ ବମ୍ବେ ସହରରୁ ଆସନ୍ତି । ସେଠାରେ ଗୋଟିଏ ଗୋଟିଏ ବଙ୍ଗଳା ଅଛି । ବଣ ଭୋଜି ଭଳି ପୌଙ୍କ ପାର୍ଟିରେ ମଧ୍ୟ ବହୁ ଲୋକ ଯୋଗ ଦେଇ ଥାଆନ୍ତି । ଏହା ଏକ ଅତି ଲୋକପ୍ରିୟ ମଉଜ ସୁର୍ତ୍ତିମାନଙ୍କର । ସେଠା ଲୋକଙ୍କ ସହିତ ଦୂରଦୁରାନ୍ତରୁ

Digitized by srujanika@gmail.com

ଲୋକ ଆସି ଯୋଗ ଦିଅନ୍ତି । ସେରଆଭାଇଙ୍କ ସହିତ ଗଲି । ଅନେକ ପାରସୀ, ସୁଖି, ବମ୍ବେବାଲା ସେଠାରେ ଜମି ଥାଆନ୍ତି । ଗୀତବାଦ୍ୟ ହେଉଥାଏ । ଛୁଟିଦିନ ବୋଲି ଖୁବ୍ ଭିଡ଼ ମଧ୍ୟ ହୁଏ । ସେଠା ଲୋକ-ମାନଙ୍କର ମଉଜିଆ ପ୍ରକୃତି; ସେମାନଙ୍କର ଆନନ୍ଦଦାୟକ ସାନ୍ନିଧ୍ୟ ବଡ଼ ଭଲଲାଗିଲା ସେଦିନ । ଖୋଲା ପଡ଼ିଆରେ ମଉଜ କରିବା ଦିନ ଆମର ପିଲାଦିନକୁ ଗଲାଣି । ସେଠାରେ ଦେଖିଲି ବୁଢ଼ାବୁଢ଼ୀମାନଙ୍କର ପିଲାସ୍ୱଭାବ ଯାଇନି । ଭାବିଲି ମଜା ମନ୍ଦ ନୁହେଁ । ଶୁଣିଲି ପୂର୍ଣ୍ଣିମା ରାତିରେ ଏଠାରେ ମଜା ବେଶୀ ଜମେ । ତେବେ ସନ୍ଧ୍ୟା ହେବା ଆଗରୁ ମୁଁ ଫେରିଆସିଲି ସେରଆଭାଇ ମୋଦିଙ୍କୁ ଧନ୍ୟବାଦ ଦେଇ ।

ମୋ ଘର ନିକଟରେ ପାରସୀମାନଙ୍କର କ୍ଲବ । ଦିନେ ସେରଆ ଭାଇ ମୋତେ ସେଠାକୁ ନେଇଗଲେ । ସେଠାରେ ତାସ୍ ଖେଳର ପ୍ରାଧାନ୍ୟ ବେଶୀ । ଅନ୍ୟ ଖେଳର ବ୍ୟବସ୍ଥା ନାହିଁ । କେବଳ ପାରସୀମାନେ ଏକାଠି ହୋଇ ସେମାନଙ୍କର ପରିବାର ବର୍ଗଙ୍କ ସହିତ ଆମୋଦ ଆହ୍ଲାଦ କରିଥାଆନ୍ତି । ସେ କ୍ଲବ ଅନ୍ୟମାନଙ୍କ ପାଇଁ ଉନ୍ମୁକ୍ତ ନୁହେଁ, ଦିନେ ଅଧେ ଗଲେ ଅବଶ୍ୟ ଆପତ୍ତି ନାହିଁ । ମୋତେ ଦେଖି ପାର୍ସିମାନେ ତାସ ଖେଳିବାକୁ ଡାକିଲେ । ସେଠାରେ 'ଷ୍ଟେକ୍' ଅତି ଉଚ୍ଚଦରର । ମୋତେ ଖେଳ ଭଲ ଆସେ ନାହିଁ । ମନାକଲି । ପାରସୀ ଜାତିର ଲୋକେ ଗୋଟିଏ ଶ୍ରେଷ୍ଠ ଗଣ୍ଡୀରେ ଆବଦ୍ଧ । ସେମାନେ ଗୁଜରାଟି ଭାଷା କହନ୍ତି । ଅତି ଭଦ୍ର ଓ ଧନପତି । ବ୍ୟବସାୟ, ବାଣିଜ୍ୟରେ ଭୁଙ୍ଗରେ ଅଛନ୍ତି । ଯଥା: ଜାମସେଦଜୀ ଟାଟା । ଆଇନ ବ୍ୟବସାୟରେ ପାଲଖିବାଲା, ନରିମ୍ୟାନ ବାଲା, ଇତ୍ୟାଦିଙ୍କ ନାମ ସମସ୍ତେ ଜାଣନ୍ତି । ସେମାନଙ୍କର ବୁଦ୍ଧି ଅତି ପ୍ରଖର । ଭାରତୀୟମାନଙ୍କ ସହିତ ମିଳିମିଶି ଚଳନ୍ତି । ଏପରିକି ଆମ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଅଧିନାୟକ ହୋଇଛନ୍ତି—ଯଥା: ଦାଦାଭାଇ ନାଓ୍ୱୋଜି ପ୍ରଭୃତି ।

ମୋତେ ତ ଗୁଜରାଟି ଭାଷା ଆସେ ନାହିଁ । ଅତି ସାମାନ୍ୟ ଶିଖିଥିଲି । ପଚାରିଲି—"କେମ୍ ଛୋ ?" (କେମିତି ଅଛ) । ସେମାନେ କହିଲେ—"ମଜାମା" (ମଜାରେ ଅଛୁ) । ଏହି ମଜାକଥାଟା ଶୁଣିବାରେ ମୋତେ ବଡ଼ ମଜା ଲାଗେ । ଅନ୍ୟ ଜାଗାରେ ଲୋକେ କହନ୍ତି ଭଲରେ ଅଛନ୍ତି । କିନ୍ତୁ ଗୁଜରାଟି ଲୋକେ ମଜାରେ ଥାଆନ୍ତି ।

Digitized by srujanika@gmail.com

ପ୍ରଧାନ ମନ୍ତ୍ରୀ ସୁରାଟ ଆସିବେ । ଗୁରୁଆଡ଼େ ଚହଳ ପଡ଼ିଗଲା । ମୋରାରଜୀ ଭାଇ ଦେଶାଇଙ୍କ ଜନ୍ମ ସ୍ଥାନ ଓ କର୍ମସ୍ଥାନ ସୁରାଟ । ଜୀବନ-ସାରା ସୁରାଟରୁ ଜିତିଛନ୍ତି ପାର୍ଲ୍ୟାମେଣ୍ଟ ଆସନ । ତାଙ୍କର ନିରବଚ୍ଛିନ୍ନ ଯୋଗାଯୋଗ ସୁରାଟ ସହିତ । ଯେତେବେଳେ ଆସନ୍ତି ଡ୍ୟୁମସ୍‌ରେ (Dumus) ରହନ୍ତି । ସମୁଦ୍ର କୂଳରେ ଗୋଟିଏ ଦୋତାଲା ପକାଘର ତାଙ୍କ ପାଇଁ ସୁରକ୍ଷିତ ଥାଏ । ତଳେ ରହନ୍ତି ସି. କେ. ଜି. ପିଠାବାଲା । ମୋରାରଜୀ ଭାଇଙ୍କର ସବୁ ଦେଖାଶୁଣା କରନ୍ତି । ତାଙ୍କର ପୁଅର ଘନିଷ୍ଠ ବନ୍ଧୁ ଓ ଅଂଶୀଦାର ପିଠାବାଲା । ଅତି ସଜ୍ଜନ । ସେ ଆସି ମୋତେ ଖବର ଦେଲେ ଯେ ମୋରାରଜୀ ଆସିବେ ଆଜ । କାଲି ସକାଳେ ସମସ୍ତଙ୍କ ସହିତ ଦେଖାକରିବେ । ଆପଣଙ୍କୁ ମଧ୍ୟ ଯିବାକୁ ପଡ଼ିବ । ମୁଁ ତ ଆକାଶରୁ ପଡ଼ିଲି । ମୋଭଳି ନଗଣ୍ୟ ଲୋକ ସେଠାକୁ ଯିବ କିଆଁ ? ସେଠାରେ ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କ ସହ ପୂରା କ୍ୟାବିନେଟ, ଗୁଜରାଟର ଉପରିମହଲର ଲୋକ, ତୁଙ୍ଗନେତା, ଉଚ୍ଚ ଅଫିସର ମଣ୍ଡଳ—ସମସ୍ତେ ପ୍ରଧାନ ମନ୍ତ୍ରୀଙ୍କର ଦର୍ଶନପ୍ରାର୍ଥୀ । ସେଠାରେ ମୋର ଉପସ୍ଥିତି "ହଂସ ମଧ୍ୟେ ବକୋ ଯଥା" ଭଳି । ମନାକଲି । ସେ କହିଲେ, ମୋରାରଜୀ ଭାଇ ସବୁ ଖବର ରଖନ୍ତି ଠିକଣଠି । ସେ ଜାଣନ୍ତି ଆପଣ ଏଠାରେ ଅବସ୍ଥାପିତ । ଅନୁପସ୍ଥିତ ହେଲେ ରାଗିବେ । ତାଙ୍କ ସହିତ ଦେଖା କରାଇବାର ବ୍ୟବସ୍ଥା ବନ୍ଦୋବସ୍ତ ସବୁ ମୋର ଦାୟିତ୍ୱ । ଆପଣ ସକାଳ ସାଢ଼େ ପାଞ୍ଚଟାରେ ଡ୍ୟୁମସ୍ ପହଞ୍ଚିବେ । ଦେଖିଲି ସୁରାଟ ଖେଳରୁ କାଳ ହେଲା । ଉପାୟ କଣ ? ପାଞ୍ଚଟାରେ ଉଠି ଡ୍ୟୁମସ୍ ଗଲି । ଆମ ଘରୁ ନଅମାଇଲ ରାସ୍ତା । ଅନ୍ଧକାର ହୋଇଥାଏ । ସେଠାରେ ସକାଳ ହୁଏ ସାଢ଼େଛଅଟା ପରେ ଯାଇ ; କାରଣ ଡ୍ୟୁମସ୍ ଭାରତର ପଶ୍ଚିମ ସମୁଦ୍ରତଟରେ ଅବସ୍ଥିତ । ଯାଇ ଦେଖିଲି ଜନାରଣ୍ୟ । ସବୁ ବଡ଼ବଡ଼ିଆ ମୋ ଆଗରୁ ଯାଇ ପହଞ୍ଚିଛନ୍ତି । ଲମ୍ବା ଲାଇନ୍ । ବିଭିନ୍ନ ସଂସ୍ଥାର ଲୋକେ ଫୁଲ୍‌ମାଳ ନେଇ ହାଜର । ପିଠାବାଲା ଓ ତାଙ୍କ ପରିବାରବର୍ଗ ସେଇ ଅନ୍ଧକାରରେ ଉଠି, ଗୋଟିଏ ଗୋଟିଏ କପ୍ କଫି ଆଗନ୍ତୁକମାନଙ୍କୁ ଦେଉଥାଆନ୍ତି । ତାଙ୍କର ବଡ଼ ମଣିଷର ଅଭାବ । ଅଳ୍ପ ସମୟ ମଧ୍ୟରେ ସଭା ବ୍ୟବସ୍ଥା କରିବାକୁ ପଡ଼ିଲା । ନିଜେ କପ୍ ନେଇ ଦେଉଛନ୍ତି ଅତିଥିମାନଙ୍କୁ । ଦେଖି କଷ୍ଟ ହେଲା । ପ୍ରଧାନ ମନ୍ତ୍ରୀ ଅତିଥି ହେଲେ କି ହଇରାଣ !

ପ୍ରାୟ ଅଧଘଣ୍ଟାଏ ଅପେକ୍ଷା କରିବା ପରେ ମୋରାରଜୀଙ୍କ ଦୁଆର ଖୋଲିଲା ହୋଟାଲରେ । ସେ ପ୍ରତ୍ୟୁଷରେ ବ୍ୟାୟାମ କରନ୍ତି । ଶରୀର ପୁଷ୍ଟ ଓ ସମର୍ଥ । କେତେ ଶକ୍ତିମାନ ଓ ଉଜ୍ଜ୍ୱଳ ତାହା ଦେଖିଲା ପରେ ବିଶ୍ୱାସ ହେଲା । ମୋତେ ପିଠାବାଲା ନିଜ ସହିତ ଅତି ସନ୍ତର୍ପଣରେ ନେଇ ଦେଖାକରାଇ ଦେଲେ । ମୁଁ ନମସ୍କାର କଲି । ସେ ଖୁସୀ ହେଲେ । ବାହାରକୁ ବାହାରି ପଡ଼ିଲେ । ବାରଣ୍ଡାରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ବସିଥିଲେ । ତାଙ୍କୁ ଦେଖି ଠିଆ ହୋଇ ପଡ଼ିଲେ । ନମସ୍କାର କଲେ । ଜଣେ ମନ୍ତ୍ରୀ କହିଲେ—"ପିଠାବାଲା ଅତ୍ୟନ୍ତ ଭାଗ୍ୟବାନ । ଆପଣଙ୍କ ଭଳି ଅତିଥି ତାଙ୍କ ଭାଗ୍ୟରେ ଜୁଟିଛନ୍ତି ।" ତତ୍‌କ୍ଷଣାତ୍ ମୋରାରଜୀ ଜବାବ ଦେଲେ —"ମୁଁ ତାହା ମନେ କରୁନାହିଁ । କାରଣ ଆପଣମାନଙ୍କର ସମସ୍ତଙ୍କ ଆତିଥେୟତା ମଧ୍ୟ ତାଙ୍କୁ ବହନ କରିବାକୁ ପଡ଼ୁଛି ।" ମନ୍ତ୍ରୀଙ୍କ ମୁହଁ ଶୁଖିଗଲା । ମୁଁ ଦେଖିଲି ମୋରାରଜୀ ସମ୍ପୂର୍ଣ୍ଣ ସତ କଥା କହୁଛନ୍ତି । ତାଙ୍କର କଠୋର ସତକଥା କହିବାର ଶକ୍ତି ଅଛି ବୋଲି ଶୁଣିଥିଲି ଆଗରୁ । ଆଜି କାନରେ ଶୁଣିଲି । ସ୍ତବ୍ଧ ହୋଇ ରହିଲି । ମୋରାରଜୀ ଗୋଡ଼ ପକାଇ ଆଗକୁ ଚାଲିଛନ୍ତି ଯେପରି ଗୋଟିଏ ସିଧା ସଳଖ ବାଡ଼ । କି ସବଳ ଶରୀର, କି ସାମର୍ଥ୍ୟ ଏହି ବୃଦ୍ଧ ବୟସରେ ! ଲମ୍ବା ଲମ୍ବା ପଦକ୍ଷେପ । ଆଖିକୁ ବିଶ୍ୱାସ କରି ହେଲା ନାହିଁ । ତଳକୁ ଆସି ସମସ୍ତଙ୍କ ସହିତ ଦେଖାକଲେ । ସେଠାରେ ସୁରକ୍ଷା ବଳୟର ପ୍ରକୋପ ଲକ୍ଷ କଲିନାହିଁ । କିନ୍ତୁ ଚାରିଆଡ଼େ ସୁରକ୍ଷାବାହିନୀ ଜାଗ୍ରତଆରି ଥିଲେ । ମୋରାରଜୀ ଅତି ସହଜ ଭାବରେ ସମସ୍ତଙ୍କର ଅଭ୍ୟର୍ଥନା ଗ୍ରହଣ କଲେ । ତାପରେ ସମସ୍ତେ ଫେରି ଆସିଲୁ । ପ୍ରଧାନ ମନ୍ତ୍ରୀଙ୍କ ସହ ମୋର ସେହି ପ୍ରଥମ ଓ ଶେଷ ଦେଖା ।

ମହାଯାତ୍ରାର ପ୍ରସ୍ତୁତି ସମସ୍ତଙ୍କୁ ହେଲେ ନା ହେଲେ କରିବାକୁ ହେବ । ଏକଥା ଜୀବନରେ କେହି ଭୁଲି ପାରିବେ ନାହିଁ । କିନ୍ତୁ ମହାପ୍ରସ୍ଥାନ-ପଥର ଆହ୍ୱାନ ଆସିଲା । ଭାବିଲି ବଦ୍ରିନାଥ ଦର୍ଶନରେ ଗଲେ ଭଲ ହୁଅନ୍ତା । ସୁରଟ ବାଟେ "ଏୟାର କଣ୍ଡିସନ୍‌ଡ଼ ଏକସ୍‌ପ୍ରେସ" ଦିଲ୍ଲୀ ଯାଏ । ସେଠାରୁ ଋଷିକେଶ ଯିବାର ସୁବିଧା । ହେଲେ ସସ୍ତ୍ରୀକ ଟ୍ରେନ୍‌ରେ ଚଢ଼ିଲି ବହୁଦିନର ଈପ୍‌ସିତ ମନୋବାଞ୍ଛା ନେଇ । କେତେ ଲୋକଙ୍କର ଭ୍ରମଣ କାହାଣୀ ପଢ଼ି ପଢ଼ି ବଡ଼ ଉତ୍ସୁକ ହୋଇଥାଏ

Digitized by srujanika@gmail.com

ବଦ୍ରିନାରାୟଣ ଦର୍ଶନ କରିବା ପାଇଁ । ତାଛଡ଼ା ହିମାଳୟର ଆକର୍ଷଣ ସବୁଠାରୁ ବେଶୀ । ଦେବତାତ୍ମା ହିମାଳୟ । ସତରେ କଣ ସେଠାରେ ଦେବତା ଥାଆନ୍ତି ? ଅବଶ୍ୟ ଅନେକ ମୁନି, ଋଷି ଥିବେ । "କୁମାର ସମ୍ଭବ" କାବ୍ୟରେ ମହାକବି କାଳିଦାସ ଲେଖିଥିଲେ—

"ଅସ୍ତ୍ୟୁତ୍ତରସ୍ୟାମ୍ ଦିଶି ଦେବତାତ୍ମା ହିମାଳୟୋ ନାମ ନଗାଧିରାଜ
ପୂର୍ବାପରୌତୋୟନିଧିଂ ବଗାହ୍ୟ ସ୍ଥିତଃ ପୃଥିବ୍ୟାଇବ ମାନଦଣ୍ଡ ।"

ଏସବୁ କଥା ଭାବି ଭାବି ଦିଲ୍ଲୀରେ ପହଞ୍ଚିଲି । ସେଠାରୁ ହରିଦ୍ୱାର ଗଲି । ସେଠାରେ ଆମର କେତେକ ସହକର୍ମୀଙ୍କ ସହିତ ଦେଖା ହେଲା । ସେମାନେ କହିଲେ ଋଷିକେଶରୁ ବସ୍‌ରେ ଯିବାପାଇଁ । ଆମେ ସେଠାକୁ ଯାଇ ବସ୍‌ରେ ଟିକେଟ କରି ବସିଲୁ । ବେଶ ଡେରି ହେଲା ଛାଡ଼ିବାକୁ । ତହିଁ ଅନେକ ପେଟ୍ରୋଲ ସଂଗ୍ରହ କଲା । ତାପରେ ଛାଡ଼ିଲା । କ୍ରମେ କ୍ରମେ ଘନ ଜଙ୍ଗଲ ଭିତର ଦେଇ ରାସ୍ତା ପଡ଼ିଲା । ପାହାଡ଼ ଉପରକୁ ବସ୍ ଚଢ଼ିଲା । ଆମେ ସମତଳବାସୀ ପାହାଡ଼ିଆ ଅଞ୍ଚଳର ଶୋଭା ଦେଖିବାରେ ଅଭ୍ୟସ୍ତ ନୋହୁଁ । ଗଗନସ୍ପର୍ଶୀ ଦେବଦାରୁ ଗଛର ଶୋଭା ବଡ଼ ଆନନ୍ଦ-ଦାୟକ । ପ୍ରକୃତିର କି ଅପାର କରୁଣା ଏହି ଅଞ୍ଚଳ ଉପରେ । ବନସ୍ପତି, ନିର୍ଝରିଣୀ, କଳକଳନାଦିନୀ ମନ୍ଦାକିନୀ, ନାନା ପକ୍ଷୀମାନଙ୍କର ସୁମଧୁର ଧ୍ୱନି ଯେପରି ଆମର ଚାରିଆଡ଼େ ଏକ ସ୍ୱପ୍ନରାଜ ସୃଷ୍ଟି କଲା ।

ଦେଖିଲି ହିମାଳୟର କି ବିଶାଳ ବ୍ୟାପ୍ତି ଓ ତୁଙ୍ଗ ଶିଖର ରାଜି । ତୁଷାରମୌଳି ହିମାଳୟର ପଟାନ୍ତର ନାହିଁ । ସ୍ୱ ମହିମାରେ ହିମାଳୟ ଭାସ୍ୱର ହୋଇ ବିରାଜମାନ ; କାଳଜୟୀ ହୋଇ ଚିରନ୍ତନ ଆଭାରେ ବିକଶିତ । ଯେତେ ଯେତେ ଉପରକୁ ଉଠିଲୁ ସେତିକି ଆଶ୍ଚର୍ଯ୍ୟମୟ ଅଭିଜ୍ଞତା ଆମକୁ ଅପେକ୍ଷା କରୁଥିଲା । ପାରିପାର୍ଶ୍ୱିକ ପ୍ରଶାନ୍ତି ବହୁ ଦୂର ପର୍ଯ୍ୟନ୍ତ ବିଚ୍ଛୁରିତ । ଘନ ବନସ୍ପତିର ଗୋଟିଏ ବିଶିଷ୍ଟ ସୁଗନ୍ଧ ଆମ ଘ୍ରାଣକୁ ଭରି ରଖିଥିଲା । ହିମାଳୟର ବିଶାଳ ଶୃଙ୍ଗରାଜିକୁ ଦେଖି ପିଲା-ଦିନେ ହିନ୍ଦୀ ବହିର ଗୋଟିଏ କବିତା ମନେ ପଡ଼ିଲା—

"ଖଡ଼ା ହିମାଳୟ ବତାରହା ହୈ—ଡରୋନ ଆଁଧି ପାନୀମେଁ
ସବ୍ କଠିନାଇ ତୁଫାନ ମେ ।"

Digitized by srujanika@gmail.com

ଦୁଇଟି ପବିତ୍ର ନଦୀର ସଙ୍ଗମସ୍ଥଳ ଦେବପ୍ରୟାଗ—ଅଳକାନନ୍ଦା ଓ ମନ୍ଦାକିନୀ । ସେହି ସ୍ରୋତସ୍ୱିନୀଙ୍କର ମିଳନସ୍ଥଳ ମଧ୍ୟ ପବିତ୍ର ସ୍ଥାନ । ସେଠାରେ ଅନେକ ଯାତ୍ରୀ ଓହ୍ଲାଇଗଲେ । ନଦୀର ପବିତ୍ର ଜଳ ସ୍ପର୍ଶ କଲେ । ସେଠାରୁ ପୁଣି ବସ୍ ଗଲା ଉପରକୁ । ପିପଲକୋଠିରେ ସନ୍ଧ୍ୟା ହେଲା । ସେଠାରେ ଆମ୍ଭେମାନେ ଗୋଟିଏ ଗୋଟିଏ ଚଟିଘରେ ବିଶ୍ରାମ ନେଲୁ । ଚା ଓ ଜଳଖିଆ ମିଳିଲା । ରାତିରେ ରୁଟି ଓ ତରକାରି ମଧ୍ୟ । ହଠାତ୍ ଦେଖିଲି ଯେ ମୋ ସ୍ତ୍ରୀଙ୍କୁ ଥଣ୍ଡା ଲାଗି ଶରୀର କମ୍ପମାନ । ଆଗରୁ ସାବଧାନ ହୋଇ ଶୀତବସ୍ତ୍ର ପିନ୍ଧି ନ ଥିବାରୁ ଏପରି ବିପଦ ହେଲା । ସାଙ୍ଗରେ ଥିବା କମ୍ବଳ ଘୋଡ଼ାଇ ଦେବାରୁ କମ୍ପରୁ ଅବ୍ୟାହତି ପାଇଲେ । ରାତି ପାହିବା ଆଗରୁ କଣ୍ଡକ୍ଟର ଆମକୁ ଡାକିଲା । ତଳେ ଝଡ଼ ଆସିଗଲାଣି । ଯଦି ଏହିକ୍ଷଣି ବସ୍ ନ ଛାଡ଼େ ତାହାହେଲେ ଆଉ ଉପରକୁ ଉଠିବାକୁ ଅନୁମତି ମିଳିବ ନାହିଁ । ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ । ସବୁ ଯାତ୍ରୀ ରାଜି ହେଲେ । ଅଳ୍ପ ସମୟ ପରେ ବସ୍ ଛାଡ଼ିଲା । ଅନ୍ଧକାର ମଧ୍ୟରେ ଅଗ୍ରସର ହେଲା । ଅନେକ ଦୂର ଗଲା ପରେ "ହନୁମାନ ଚଟି" ପଡ଼ିଲା । ଏଠାରୁ ରାସ୍ତା ସଂକୀର୍ଣ୍ଣ । କେବଳ ଗୋଟିଏ ବସ୍ ଉପରକୁ ଯିବ ! (One way) । ଏହା ପରେ ପାହାଡ଼ ଉପରକୁ ଉଠିବାର ଗୋଲାଇ-ଗୁଡ଼ିକ ଅତି ସଂକୀର୍ଣ୍ଣ । ଟିକିଏ ଖସିଲେ ସମସ୍ତଙ୍କର ମହାଯାତ୍ରାର ଇତି । ଖୁବ୍ ସନ୍ତର୍ପଣରେ ଡ୍ରାଇଭର ଆଗେଇ ଯାଉଛି । ପଚିଶଟି ଚଟି ପରେ ବଦ୍ରିନାଥ ଧାମ । ପ୍ରଥମ ଗିଅରରେ ଘର୍ଘର ନାଦ କରି ବସ୍ ଉପରକୁ ଉଠୁଛି । ଆମ୍ଭେମାନେ ରୁଦ୍ଧଶ୍ୱାସରେ ଅପେକ୍ଷା କରୁଛୁ କେତେବେଳେ ଧାମରେ ପହଞ୍ଚିବୁ ବୋଲି । ଶେଷରେ ବସ ମାଳ-ଭୂମିରେ ପହଞ୍ଚିଲା । ଆମେ ନିଶ୍ଚିନ୍ତ ହେଲୁ ଆମର ଗନ୍ତବ୍ୟ ସ୍ଥାନ ଆସିଗଲା ବୋଲି । କିନ୍ତୁ ଏକ ମହାର୍ଘ ଅଭିଜ୍ଞତା ଆମକୁ ଅପେକ୍ଷା କରୁଥିଲା । ତଳଭୂମିରେ ଝଡ଼ର ତାଣ୍ଡବକୁ ପଛରେ ପକାଇ ଆମେ ପ୍ରାୟ ଦଶ ହଜାର ଫୁଟ ଭୂତଳରୁ ଉପରେ । ଏଠାରେ ବରଫର ଗୁଣ୍ଡ ହାଲୁକା ଫୁଲର ପାଖୁଡ଼ା ପରି ଆମ ଉପରେ ପଡ଼ୁଛି ।

ସେଇ ସୁଉଚ୍ଚ ସମଗ୍ର ଉପତ୍ୟକା ବରଫ ବୃଷ୍ଟିରେ ମହନୀୟ ରୂପ ଧାରଣ କଲା । ସବୁଆଡ଼େ ଖାଲି ବରଫର ଫୁଲ । ପ୍ରକୃତି ତାର ଅବଗୁଣ୍ଠନ ଖୋଲି ଅବାରିତ ଚିତ୍ତରେ ନିମ୍ନଭୂମି ଉପରେ ଝରେଇ

Digitized by srujanika@gmail.com

ଦେଖୁଛନ୍ତି ଅକୁଣ୍ଠିତ ଭାବରେ । ସେ ନନ୍ଦନୀୟ ଦୃଶ୍ୟର ବର୍ଣ୍ଣନା କରିବାର କ୍ଷମତା ମୋର ନାହିଁ । କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ବି ସମତଳରେ ସେ ଶୋଭା ଦର୍ଶନୀୟ ହେବ ନାହିଁ । ଇଂରାଜୀରେ କହନ୍ତି—"**Million Dollar Sight**" । ତାହା ହିଁ ଆମେ ଦେଖିଲୁ । ସବୁ ଯାତ୍ରୀ ବସ୍‌ରୁ ଓହ୍ଲାଇ ନାଚିବାକୁ ଆରମ୍ଭ କଲେ । ଆମର ଲୁଗାପଟା ସବୁ ଧଳା ହୋଇଗଲା ବରଫ ସ୍ପର୍ଶରେ ଆସି । ଆମର କିନ୍ତୁ ଖିଆଲ ନ ଥାଏ । ବେଶ୍ କିଛିକ୍ଷଣ ପ୍ରକୃତିର ପ୍ରଭାବରେ ରହିବା ପରେ ଆମ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କଲୁ । ଏତେ ଉଚ୍ଚରେ ଏତେ ସୁନ୍ଦର ଅତିଥିଶାଳା ତିଆରି ହୋଇ ରହିଛି ବୋଲି ମୋର ବିଶ୍ୱାସ ନ ଥିଲା । ପ୍ରତ୍ୟେକଟି ସୁଇଟ୍ କାଚ ପରିବୃତ୍ତ । ତଳେ ଭୋଜନାଳୟରେ ନାନା ରକମର ନିରାମିଷ ଖାଦ୍ୟ ଦ୍ରବ୍ୟ । ମାତ୍ର ସେଠାରେ କ୍ଷୁଧା ନ ଥାଏ । ଅତ୍ୟୁଚ୍ଚ ମଣ୍ଡଳରେ ଖାଇବାର ଇଚ୍ଛା କମିଯାଏ । ବିଶ୍ରାମାଗାରର ଘରଗୁଡ଼ିକ ସୁସଜ୍ଜିତ । ଶୀତରୁ ରକ୍ଷା ପାଇବା ପାଇଁ ଅନେକ ରେଜେଇ ରଖା ହୋଇଥାଏ । ହିମାଳୟ ଉପରେ ଏପରି ବନ୍ଦୋବସ୍ତ ମନେ ମନେ ପ୍ରଶଂସା ନ କରି ରହିପାରିଲି ନାହିଁ । ସ୍ନାନ ପାଇଁ ଗରମ ପାଣି ମିଳିଲା । ତା'ପରେ ତଳକୁ ଗଲୁ ଦର୍ଶନ କରନ୍ତେ । ବଦ୍ରିନାଥଙ୍କ ମନ୍ଦିର ନଦୀର ଅପର ପାର୍ଶ୍ୱରେ ଅବସ୍ଥିତ । ତା' ଉପରେ ସେତୁ ଅଛି । ଆମେ ସେତୁ ପାର ହୋଇ ମନ୍ଦିରର ସିଡ଼ି ଦେଇ ଉଠି ଦେବଦର୍ଶନ କଲୁ । ଦେବତାଙ୍କର ମସ୍ତକଟି କେବଳ ଦର୍ଶନୀୟ ହେଲା । ମନ୍ଦିର ଅତି ପୁରାତନ । ଚାରିପଟ ବେଢ଼ାରେ ନାନା ରକମର ଦୋକାନ ବଜାର ସେ ଅଞ୍ଚଳର ବିଶିଷ୍ଟ ଦ୍ରବ୍ୟରେ ଭରା । ବୁଲି ବୁଲି ଦେଖିଲୁ । ଫେରିଲା ବେଳକୁ ମୋ ସ୍ତ୍ରୀଙ୍କର ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେଲା । ସେଠାର ପବନରେ ଅକ୍‌ସିଜେନ ପରିମାଣ କମ୍ । ତେଣୁ ଏପରି କଷ୍ଟ ହେବା ସ୍ୱାଭାବିକ । ତଳକୁ ଓହ୍ଲାଇବା ପରେ ଦେଖିଲି ଜଣେ ସରକାରୀ ଡାକ୍ତର ବସିଛନ୍ତି । ସାଙ୍ଗେ ସାଙ୍ଗେ କୋରାମିନ୍ ଇଂଜେକ୍‌ସନ ଦେଲେ । ଏପରି କେଶ୍ ଘନ ଘନ ତାଙ୍କ ପାଖକୁ ଆସୁଛି । ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଲାଘବ ହେଲା । ମାତ୍ର ବେଶୀ ଚଲାବୁଲା କରିବାକୁ ମନା କଲେ ଡାକ୍ତର । ସେ ଯାଇ ଆରାମରେ ଶୋଇ ରହିଲେ ।

ମୁଁ ପୁଣି ମନ୍ଦିରକୁ ଗଲି ପୂଜା ଦେବାପାଇଁ । ମନ୍ଦିର ତଳେ ଉଷ୍ଣ ପ୍ରସ୍ରବଣ ପାଣିରେ ଆଉଥରେ ସ୍ନାନ କଲି । ବଡ଼ ପବନ ଲାଗିଲା । ବଦ୍ରି-

Digitized by srujanika@gmail.com

ନାରାୟଣଙ୍କୁ ଦର୍ଶନ କରି ପୂଜା ଦେଇ ଫେରୁ ଫେରୁ ବେଶ୍ ଡେରି ହେଲା । ଅନେକ ଥର ଯାତାୟାତ କରିବା ପରେ ମୋତେ ଟିକଏ ଦୁର୍ବଳ ଲାଗିଲା ସନ୍ଧ୍ୟାବେଳକୁ । ନିଶ୍ୱାସ ସାଧାରଣ ଭାବରେ ଯାତାୟାତ କଲା ନାହିଁ । ବୁଝିଲି ଶ୍ୱାସ କଷ୍ଟର କାରଣ ଅକ୍ସିଜେନ୍‌ର ଅଭାବ । ବିଶ୍ରାମ ନେଲି । ଔଷଧ ଖାଇବାର ଦରକାର ହେଲା ନାହିଁ ।

ପରଦିନ ପ୍ରତ୍ୟୁଷରେ ନିଦ ଭାଙ୍ଗିଲା । ବାହାରକୁ ଚାହିଁ ଦେଖିଲି । ଆଖିକୁ ବିଶ୍ୱାସ ହେଲା ନାହିଁ । ହିମାଳୟର ଅତ୍ୟୁଚ୍ଚ ଶୃଙ୍ଗରାଜି ସୁନାର ମୁକୁଟ ପିନ୍ଧି ବସିଛନ୍ତି । ଚାରିଆଡ଼େ ସୁନାର ଲହରୀ ଖେଳିଯାଉଛି ତୁଷାର ମୌଳି ହିମାଳୟ ଉପରେ । ପ୍ରତ୍ୟୁଷ ସୂର୍ଯ୍ୟଙ୍କର ସ୍ୱର୍ଣ୍ଣମୟୀ କିରଣମାଳା ହିମାଳୟକୁ ଦେଇଛି ଏକ ଅବର୍ଣ୍ଣନୀୟ, ମହିମାମୟ ପ୍ରାକୃତିକ ଶୋଭା । ଗୋଟିଏ କାଞ୍ଚନଜଙ୍ଘାର ଶିଖର ଦର୍ଶନ ନିମନ୍ତେ ଦାର୍ଜିଲିଂରେ ଲୋକଙ୍କୁ କେତେ ରାତିରୁ ଉଠି ବସି ରହିବାକୁ ପଡ଼େ ଏହି ଦୃଶ୍ୟ ପାଇଁ । ଯଦି ମେଘମାଳା ଅନ୍ତରାୟ ସୃଷ୍ଟି କରେ ତେବେ ସବୁ ଉଦ୍ୟମ ବିଫଳ । ମାତ୍ର ଏଠାରେ ଉଦ୍ୟମହୀନତାରେ ଅଯାଚିତ ଭାବରେ ପ୍ରକୃତି ତାର ନାନ୍ଦନିକ ଦୃଶ୍ୟାବଳୀ ଲୋକଲୋଚନ ଆଗରେ ପ୍ରକାଶିତ କରି ବିରାଜମାନ ହୋଇଅଛି । ଆଗନ୍ତୁକମାନଙ୍କୁ ଚେତାଇ ଦେଉଛି ଯେ ତାହାର ଭଣ୍ଡାରରେ ମହାର୍ଘରୁ ମହାର୍ଘତର ଦୃଶ୍ୟ ଗଚ୍ଛିତ ଅଛି । କେବଳ ଆମର ଉପଯୁକ୍ତ ସ୍ଥାନମାନଙ୍କରେ ଉପସ୍ଥିତି ଲୋଡ଼ା । ଯେତେ ଦେଖୁଥାଏ ସେତେ ବେଶୀ ଦେଖିବାକୁ ଇଚ୍ଛା ହେଉଥାଏ । ଏହା କ'ଣ ସ୍ୱପ୍ନ ନା ସତ୍ୟ ! ବାସ୍ତବ ନା ଅବାସ୍ତବ ! ଏଭଳି ଅଭିଜ୍ଞତା ହେବାର ଆଶା ନ ଥିଲା । ତେଣୁ ଆନନ୍ଦ ଦ୍ୱିଗୁଣିତ ହେଲା ଅପ୍ରତ୍ୟାଶିତ ବସ୍ତୁର ଦର୍ଶନରେ । ବଦ୍ରିନାଥ ନ ଆସିଥିଲେ ଏ ଦୁର୍ଲଭ ଚିତ୍ର ନୟନ ପଥର ଅଗୋଚରରେ ରହି ଯାଇ-ଥାଆନ୍ତା । ମନେକଲି, ବଦ୍ରିନାରାୟଣଙ୍କର ଆଶୀର୍ବାଦରେ ଆମର ସବୁ ଆଶା ପୂରଣ ହେଲା ।

ଅବତରଣର ଡାକ ଆସିଲା । କଣ୍ଡକ୍ଟର ଆସି ଚେତାଇଲା । ଏଥର ବସ୍ ଛାଡ଼ିବ । ଧଡ଼ପଡ଼ କରି ଉଠି ସଜବାଜ ହେଲି । କିଛିକ୍ଷଣ ପରେ ତଳକୁ ଆମେ ଓହ୍ଲେଇ ଆସିଲୁ । ଚାଳକ ପ୍ରସ୍ତୁତ, ବସ୍ ଚାଲିଲା । ଏ ମୋହନୀୟ ଓ ମହିମାମୟ ସ୍ଥାନ ଛାଡ଼ିଯିବାକୁ ଇଚ୍ଛା ମୋଟେ ନ ଥିଲା ।

Digitized by srujanika@gmail.com

ମନେ ପଡ଼ିଲା ଉତ୍କଳମଣିଙ୍କର କବିତା । ତାଙ୍କୁ ମନେ ରଖି ପରିସ୍ଥିତିର ଚିତ୍ରଣ କଲି—

ରହି ରହି କ୍ଷଣେ ବାଷ୍ପୀୟ ଶକଟ
ଦେଖିବ କର୍ଦ୍ଧିର ଗୃହରୁ ଚିତ୍ରପଟ ।
ଚିତ୍ର ମନେଣ ଯେଣୁ ନାହିଁ ଅନୁଭବ
ବାସ୍ତବ ବିଶ୍ୱେ, କି ଏ ଛବି ସମ୍ଭବ ?
ସୁବର୍ଣ୍ଣ ଲହରୀ ଶୃଙ୍ଗେ ଖେଳିଯାଏ
ଲିଟଇ ସ୍ୱପନ ଦେଖିଲି ପଡ଼ିଯେ ।"

ସ୍ୱପ୍ନଠାରୁ ବାସ୍ତବର କ୍ଷମତା ଅତ୍ୟଧିକ । ବାସ୍ତବକୁ ଫେରିବାକୁ ବାଧ୍ୟ ହେଲି । ପୁଣି ସେହି ଅରଣ୍ୟବନାନି, ପୁଣି ସେହି ଗିରି ନିର୍ଝରିଣୀ, ପୁଣି ସେହି ନଦୀ ମନ୍ଦାକିନୀ ଓ ଅଳକାନନ୍ଦା । ପ୍ରକୃତିର ଚିର ଶୋଭାର ଧାମ୍ଭାର ବନବିଜ । କୌଣସି କୌଣସି ସ୍ଥାନରେ ଗିରି ନିର୍ଝର ତଳକୁ ଓହ୍ଲାଇ ଯାଉଛି । ଇଂରେଜିରେ ଲେଖା—"Beauty Spot" । କେତେ ମୋଡ଼, କେତେ ବାଙ୍କ, କେତେ ବୃକ୍ଷ, କେତେ ଲତା, କେତେ ପକ୍ଷୀ, କେତେ ଡାକ ଶୁଣି ଶୁଣି ଦେଖି ଦେଖି ବିଭୋର ହୋଇ ରହିଲି ।

ସବୁ ସ୍ୱପ୍ନର ଶେଷ ହୁଏ ନିଦ ଭାଙ୍ଗିଲେ । ମୋର ବିଭୋର ଭାବ କଟିଗଲା । ଲୋକେ ଓହ୍ଲାଉଛନ୍ତି ଖାଇବା ପିଇବାର ବ୍ୟବସ୍ଥା କରିବାକୁ ହେବ । ଏ ମଧ୍ୟ ପ୍ରକୃତିର ଡାକ । ରାସ୍ତାରେ ଓହ୍ଲାଇ ଗୁହା ଓ ଜଳଖିଆ ଖାଇ ପୁଣି ଯାତ୍ରା ଆରମ୍ଭ କଲୁ । ଶେଷରେ ଅବତରଣ କଲୁ ହୃଷିକେଶରେ । ଯାତ୍ରାର ପରିସମାପ୍ତି ଘଟିଲା । ଆନନ୍ଦ ବଦଳରେ ବିରହ ବ୍ୟଥା ପ୍ରାଣରେ ବାଜିଲା । ଦେବତାତ୍ମାଙ୍କୁ ଛାଡ଼ିଯାଉଛି । ଆଉ କଣ ତାଙ୍କର ଦେଖା ମିଳିବ । ଅନେକେ କହନ୍ତି ଥରେ ହିମାଳୟ ଯାଇଥିଲେ, ହିମାଳୟ ବହୁବାର ଡାକେ ତା ପାଖକୁ । ମାତ୍ର ମୋର ବିଶ୍ୱାସ ହେଲା ନାହିଁ । ମନେ ହେଲା ଏ ବିଚ୍ଛେଦ ଚିରନ୍ତନ । ନିଜକୁ ପ୍ରବୋଧ ଦେଇ ଚାଲିଲି ହରିଦ୍ୱାରକୁ । ସେଠାରେ ପବିତ୍ର ଗଙ୍ଗା ଆମପାଇଁ ଅପେକ୍ଷା କରୁଛନ୍ତି । ନିକଟରେ ଗୋଟିଏ ହୋଟେଲରେ ସ୍ଥାନ ପାଇଲୁ । ବ୍ୟବସ୍ଥା ଅତି ଆରାମଦାୟକ । ସେଠାରେ ପାଞ୍ଚଦିନ ଅବସ୍ଥାନ କଲୁ । ପ୍ରତିଦିନ "ହରି କି ପାଓରି"କୁ ଯାଇ ଗଙ୍ଗାକୂଳରେ ବସୁ । ସେଠାରେ ଯେଉଁ ଶାନ୍ତିର ଉପଲବ୍ଧି ହୁଏ ତାହା ବିରଳ ।

Digitized by srujanika@gmail.com

ବନେ ବସିଛୁ, ଶ୍ରୀ ଶ୍ରୀ ଆନନ୍ଦମୟୀ ମା ଆସିଲେ ଗଙ୍ଗାଙ୍କୁ ଆରତି କରିବା ନିମନ୍ତେ । ଗଙ୍ଗାଙ୍କର ସନ୍ଧ୍ୟା ଆରତି ଅତି ମନୋମୁଗ୍ଧକର । ଅନେକ କ୍ଷଣ ପର୍ଯ୍ୟନ୍ତ ଆନନ୍ଦମୟୀ ଆରତି କଲେ ସହସ୍ର ପ୍ରଦୀପମାଳା ଦେଇ । ତାପରେ ଭକ୍ତବୃନ୍ଦ ପତ୍ର-ଦାନାରେ ପ୍ରଦୀପମାଳା ରଖି ଗଙ୍ଗା ଜଳରେ ଭସାଇ ଦେଲେ । ସହସ୍ର ସହସ୍ର ପ୍ରଦୀପ ଗଙ୍ଗାବକ୍ଷରେ ଆଲୋକମାଳା ସୃଷ୍ଟି କରି ବହୁଦୂରକୁ ପ୍ରବହମାନ ହେଲା । ଗଙ୍ଗାବକ୍ଷ ଯେମିତି ଅଗ୍ନିଫୁଲଙ୍ଗରେ ଜ୍ୟୋତିମାନ ହୋଇ ରହିଅଛି । ସନ୍ଧ୍ୟାରେ ଗଙ୍ଗାବକ୍ଷର ଏକ ଅପୂର୍ବ ଦୃଶ୍ୟ । ତାହାର ଉଜ୍ଜ୍ୱଳ ସ୍ମୃତି ବର୍ତ୍ତମାନ ସୁଦ୍ଧା ମୋ ମନରେ ଜାଗରୂକ ହୋଇ ରହିଅଛି ।

ସେହି ଶାନ୍ତିପୂର୍ଣ୍ଣ, ପ୍ରଶାନ୍ତମୟ ଧାମ ହରିଙ୍କ ଦୁଆର ଆମକୁ ଶେଷରେ ଛାଡ଼ିବାକୁ ପଡ଼ିଲା । ଏଥର ଫେରିଯିବା ସୁନିଶ୍ଚିତ । ଅନ୍ୟସବୁ ମନ୍ଦିର, ଦେବାଳୟ, ପୁଣ୍ୟସ୍ଥାନ ଦର୍ଶନ କରି ହରିଦ୍ୱାର ଛାଡ଼ିଲୁ । ତା ପୂର୍ବରୁ ଆହରଣ କରିନେଲୁ ଅନେକ ସମ୍ପଦ—ପ୍ରକୃତିର ଅନବଦ୍ୟ ଦୃଶ୍ୟାବଳି, ଯାତ୍ରାର ଆନନ୍ଦ, ମୋହମୟ ହିମାଳୟର ସାନ୍ନିଧ୍ୟ, ଦେବ ଦର୍ଶନ । କେବଳ ଦୁଃଖ ରହିଗଲା କୌଣସି ମୁନି ଋଷିଙ୍କର ଦେଖା ମିଳିଲା ନାହିଁ ବୋଲି । ସେମାନେ ଲୋକାଳୟ ଛାଡ଼ି ଅନେକ ଦୂରରେ ଗୁହାରେ ଅବସ୍ଥାନ କରୁଛନ୍ତି । ଭାଗ୍ୟରେ ଥିଲେ ସେମାନଙ୍କର ଦେଖା ମିଳେ । ଆମର ସେପରି ଭାଗ୍ୟ କାହିଁ ? ଯେତିକ ଧନ ସଞ୍ଚୟ କଲୁ ତାହା ଉତ୍ତର ଜୀବନର ସ୍ମୃତିଚାରଣ ପକ୍ଷରେ ଯଥେଷ୍ଟ; ପାଥେୟ ହିସାବରେ ମହାମୂଲ୍ୟବାନ ବସ୍ତୁ ।

ପୁଣି ସେହି ପୁରୁଣା ସହରକୁ ଫେରିଲୁ । ଏଥର କିନ୍ତୁ ମନ ବେଶ ତାଜା ଓ ପ୍ରଫୁଲ୍ଲ । ଭାବିଲି ଏବେ ମୀରାବାଈଙ୍କ ପ୍ରତିଷ୍ଠିତ ଶ୍ରୀକୃଷ୍ଣଙ୍କ ମନ୍ଦିର "ଡାକୋର" ବୁଲି ଆସିଲେ ଭଲ ହୁଅନ୍ତା । ସେତେବେଳକୁ ପୁଅ ମଧ୍ୟ ବମ୍ବେରୁ ଆସିଥାଏ । ସେ ରାଜି ହେଲା ସେଠାକୁ ଯିବାକୁ । ଛୁଟିଦିନ ଦେଖି ବାହାରିଲୁ । ରାସ୍ତା "ଆନନ୍ଦ" ସହରକୁ ବାମପଟେ ରଖି ଦକ୍ଷିଣକୁ ମୋଡ଼ ନେଲା । ସେ ଜିଲ୍ଲାର ନାମ "ଖେଡ଼ା" । ଏହା ଭାରତବର୍ଷର ସବୁଠାରୁ ଧନୀ ଜିଲ୍ଲା । ଏଠାରେ ଧୂଆଁପତ୍ର ଚାଷ ହୁଏ । ବ୍ରିଟିଶ ଶାସନ ଅମଳରୁ ସରକାରଙ୍କର ଆୟତ୍ତାଧୀନ ଧୂଆଁପତ୍ର

Digitized by srujanika@gmail.com

ଉତ୍ପାଦନ । ସେଥିପାଇଁ କୃଷୀମାନଙ୍କୁ ଅଗ୍ରିମ ଦେଇ ସରକାର ଏହାର ଚାଷ କରାଇଥାଆନ୍ତି । ଉତ୍ପାଦନ ପରେ ନାନା ଉପାୟରେ ପରିଶୋଧନ କରି ଏହା ଭାରତର ବିଭିନ୍ନ ଅଞ୍ଚଳକୁ ପଠାଯାଏ । ଖେଦା ଜିଲ୍ଲାରେ ଅନେକ ପରିଶୋଧନ କାରଖାନା ମଧ୍ୟ ଦେଖିଲୁ । ବିସ୍ତୀର୍ଣ୍ଣ କ୍ଷେତଗୁଡ଼ିକରେ କେବଳ ଧୂଆଁପତ୍ର ଆଉ ଧୂଆଁପତ୍ର । ଆଉ ମଝିରେ ମଝିରେ କାରଖାନାର ଦୃଶ୍ୟ ଆମକୁ ବିଚିତ୍ର ମନେହେଲା ।

କିଛି ଦୂର ଆଗେଇବା ପରେ ସୁନ୍ଦର ସୁନ୍ଦର ଗ୍ରାମ ଆମର ଦୃଷ୍ଟିଗୋଚର ହେଲା । ସେଠାରେ ଦେଖିଲୁ ବଡ଼ ବଡ଼ ପକାଘର । ବହୁ ତାଲା ବିଶିଷ୍ଟ କେତେକ ପକା ମଧ୍ୟ ଅଛି । ଆଉ ବଡ଼ ବଡ଼ ବିଦେଶୀ ଗାଡ଼ି ଗ୍ରାମମାନଙ୍କରେ ଠିଆହୋଇଥିବାର ଦେଖିଲୁ । ଏପରି ଦୃଶ୍ୟ ବିରଳ ପୂର୍ବାଞ୍ଚଳର ରାଜ୍ୟମାନଙ୍କରେ । ପଚାରିଲି—ଏସବୁ କାହାର ଘର ଓ ଗାଡ଼ି ! ମୋର ସହକର୍ମୀ ଜଣେ ସାଙ୍ଗରେ ଯାଇଥିଲେ ଆମକୁ ଡାକୋର ଦେଖାଇବା ପାଇଁ । ସେ କହିଲେ ଯେ ଅନେକ ଗୁଜରାଟି ପୂର୍ବ ଆଫ୍ରିକାରେ ବ୍ୟବସାୟ ବାଣିଜ୍ୟରେ ଶହ ଶହ ବର୍ଷ ଧରି ଲିପ୍ତ ଥିଲେ । ସେଠାରେ ନାନା ରାଜନୈତିକ ଉତ୍ଥାନ ପତନ ଯୋଗୁ ନିଜର ସୁରକ୍ଷାର ଅନିଶ୍ଚୟତା ଦେଖି ନିଜ ଗ୍ରାମକୁ ଫେରି ଆସିଛନ୍ତି । ସେମାନଙ୍କର ପ୍ରଚୁର ଅର୍ଥ, ଧନସମ୍ପତ୍ତି ଓ ଗାଡ଼ି ଅଛି । ସେମାନଙ୍କ ଯୋଗୁ ଖେଦା ଜିଲ୍ଲା ଅନେକ ସମୃଦ୍ଧ ହୋଇଅଛି । ଏହାଛଡ଼ା ସମବାୟ ମାଧ୍ୟମରେ ନାନା ବ୍ୟବସାୟ ବାଣିଜ୍ୟ, କୃଷି ମଧ୍ୟ ବିଶେଷ ଉନ୍ନତି କରିଛି । ଲୋକେ ଖୁବ୍ ପରିଶ୍ରମୀ । ଆର୍ଥିକ ସାହାଯ୍ୟ ପାଇ ସେମାନଙ୍କର ପ୍ରଚେଷ୍ଟା ଦ୍ୱିଗୁଣିତ ହୋଇଅଛି । ସେଥିପାଇଁ ଏଠାର ଗ୍ରାମାଞ୍ଚଳର ରୂପରେଖ ଅନ୍ୟ ଅଞ୍ଚଳ ଅପେକ୍ଷା ଅଗ୍ରଗାମି, ସୁନ୍ଦର ଓ ଉତ୍କୃଷ୍ଟ । କେତେକ ଗ୍ରାମ ସହର ଅପେକ୍ଷା ସୁନ୍ଦର । ସେ ରାସ୍ତାକଡ଼ରେ ଥିବା କେଇଟି ଗ୍ରାମପ୍ରତି ଆମର ଦୃଷ୍ଟି ଆକର୍ଷଣ କଲେ । ସେ ସବୁ ଦେଖି ଆମ ମନରେ ଆସ୍ଥା ହେଲା ଯେ ସ୍ୱନିର୍ଭରଶୀଳ ହେବାର କ୍ଷମତା ଗ୍ରାମବାସୀମାନଙ୍କର ବୃଦ୍ଧି ପାଉଛି ।

ଡାକୋରରେ ପହଞ୍ଚିଲୁ । ମନ୍ଦିର ଗାତ୍ରରେ ବିରାଟ ତାଲିକା—ଛପନ ଭୋଗର । ପୁରୀ ଦେଉଳର ଛପନ ଭୋଗ କଥା ମନେ ପଡ଼ିଲା ।

Digitized by srujanika@gmail.com

ଆମ ଦେଉଳରେ ବ୍ୟବସ୍ଥା ଅଛି ସନ୍ଦେହ ନାହିଁ । କିନ୍ତୁ ଏଠାରେ ଚାଲିଚାଲଣ ସମସ୍ତ ମଧ୍ୟ ବନ୍ଧା ହୋଇଛି । ସବୁ ନିୟମମାଫିକ କାମ, ବାନ୍ଧାଧରା ମାତ୍ର, ସମସ୍ତ ନିର୍ଘଣ୍ଟରେ ପରିଶୃଙ୍ଖଳିତ ବ୍ୟବସ୍ଥା । ଦେଖି ଆମେ ଖୁବ୍ ଆନନ୍ଦିତ ହେଲୁ । ଗୁଜରାଟର ବାଧିପର୍ବ ସୁପରିଚିତ । ଅନେକ ସ୍ଥାନରେ ନିୟମାନୁବର୍ତ୍ତିତା ଦେଖି ଆମେ ଖୁସୀ ହୋଇଛୁ । କିନ୍ତୁ ବା ଅନୁଚିତ, ମାତ୍ର ପୁରୀ ମନ୍ଦିରର ଭୋଗର ସମସ୍ତ କେବଳ ଜଗନ୍ନାଥଙ୍କୁ ହିଁ ଜଣା । ସେଠାରେ ଘଡ଼ିକୁ ଘୋଡ଼ା ଛୁଟୁଛି । ଆଜ ଏ ଜିନିଷ ମାଗ ହେଲା ତ କାଲି ସେବାୟତ ଆସି ନାହାନ୍ତି । ନ ହେଲେ ବିଶେଷ ଦାବି ନେଇ ସୁଆର ନିଯୋଗ ଅଡ଼ି ବସିଛନ୍ତି । ଦାବୀ ପୂରଣ ନ ହେଲେ ଦେଉଳ ମାତ୍ର ବନ୍ଦ । ସେମାନେ ଜଗନ୍ନାଥଙ୍କର ଭୋଗ ଡେରି କରିବାରେ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ମାତ୍ର ଏଠାରେ ସେବା-ପୂଜାର ପ୍ରାଧାନ୍ୟ ପ୍ରାଥମିକ । ଅନ୍ୟ ସବୁ ଗୌଣ ।

ମନ୍ଦିର ବେଢ଼ାରେ ପୁଷ୍କରିଣୀ ଅଛି । ବେଢ଼ାଟି ସଯତ୍ନରକ୍ଷିତ, ସୁନ୍ଦର ଓ ମନୋରମ । ସବୁଆଡ଼ ପରିଷ୍କାର ପରିଚ୍ଛନ୍ନ । ପରିଚାଳକଙ୍କୁ ଧନ୍ୟବାଦ ଦେଲୁ ମନେ ମନେ । ଭକ୍ତମାନଙ୍କ ପାଇଁ ବିଶ୍ରାମାଗାରର ବ୍ୟବସ୍ଥା ମଧ୍ୟ ଅଛି । ଭୋଗଘରର ତାଲିକା ମଧ୍ୟ ଦିଆହୋଇଛି । ସବୁ ବିଷୟ ବିଜ୍ଞାପିତ । ଅନ୍ୟକୁ ପଚାରି ବୁଝିବାର ଆବଶ୍ୟକତା ନାହିଁ । ଦର୍ଶନ ଲାଭ କରି ମନରେ ଅପୂର୍ବ ଶାନ୍ତି ଆସିଲା । ମୀରାବାଈଙ୍କର ଭକ୍ତି କିମ୍ବଦନ୍ତୀ—ଧନ୍ୟ । କାଳେ କାଳେ ଶ୍ରୀକୃଷ୍ଣଙ୍କର ଭଜନରେ ତାଙ୍କର ରଚିତ ସ୍ୱତଃସ୍ଫୂର୍ତ୍ତ ରଚନା ସାରାଭାରତରେ ଧ୍ୱନିତ । ତାଙ୍କର ପ୍ରତିଷ୍ଠିତ ମନ୍ଦିରର ପବିତ୍ରତା କାଳଜୟୀ । ମନେ ମନେ ତାଙ୍କୁ ପ୍ରଣାମ କଲୁ ଶତ ସହସ୍ରବାର । ଭକ୍ତିର ପରାକାଷ୍ଠା ଦେଖାଇ ଯାଇଛନ୍ତି ମୀରାବାଈ ।

ସନ୍ଧ୍ୟାବେଳକୁ ଫେରି ଆସିଲୁ ସୁରଟ । ଗୋଟିଏ ତୀର୍ଥ ଦର୍ଶନ ନିର୍ବିଘ୍ନରେ ସମ୍ପନ୍ନ ହେଲା । ଭାବିଲି ଗୁଜରାଟ ନ ଆସିଥିଲେ ଅନେକ-ଗୁଡ଼ିଏ ମହାର୍ଘ ଅଭିଜ୍ଞତା ମୋ ଜୀବନରେ ଅପ୍ରାପ୍ୟ ରହିଯାଇ ଥାଆନ୍ତା । କେବଳ କର୍ମଜୀବନର ମହାନ ପଦକ୍ଷେପ ଛଡ଼ା, ଗୁଜରାଟିମାନଙ୍କର ଧର୍ମଜୀବନର ପ୍ରାଧାନ୍ୟ ମଧ୍ୟ କିଛି କମ୍ ନୁହେଁ । ସେମାନେ ନାଥଦ୍ୱାର ମଧ୍ୟ ଯାଆନ୍ତି ଶ୍ରୀକୃଷ୍ଣଙ୍କର ଦର୍ଶନ ଲାଭ ନିମନ୍ତେ । ମୋର ସେ ଇଚ୍ଛା ଅପୂର୍ଣ୍ଣ

Digitized by srujanika@gmail.com

ରହିଗଲା । ସୁରଟରୁ ବହୁ ଲୋକ ଶିରଡ଼ି ଯାଆନ୍ତି ସାଇବାବାଙ୍କ ଦର୍ଶନ ନିମନ୍ତେ । ଶିରଡ଼ି ସାଇବାବାଙ୍କ ମନ୍ଦିର ଅଛି ସୁରଟରେ । ସେଠାରେ ଅନେକ ଥର ପୂଜା ଦେବାକୁ ଯାଇଛି । ମାତ୍ର ଶିରଡ଼ି ଯିବାର ଅବକାଶ ମୋର ହୋଇନାହିଁ । କେତେଥର ଭାବିଛି ଯିବ ବୋଲି । ମାତ୍ର ସେଥି-ପାଇଁ ସମୟ କରିପାରି ନାହିଁ । ମନରେ ଦୁଃଖ ରହିଯାଇଛି ଆଜି ପର୍ଯ୍ୟନ୍ତ ।

ଯାହା ପାଇଛି ତାହା କିଛି କମ୍ ନୁହେଁ । ଯାହା ନ ପାଇଛି ତାପାଇଁ ଦୁଃଖ କରିବାର କିଛି ନାହିଁ । ପ୍ରବୋଧ ଦିଏ ନିଜ ମନକୁ ।

ଦେଖି ଦେଖି ଦୁଇବର୍ଷ କଟିଗଲା । ଏଥର ନିଶ୍ଚୟ ବିଦାୟ ଶଙ୍ଖ ବାଜିବ । ଅଳସ ଚିନ୍ତା ମନକୁ ଘେରି ରହିଥାଏ । କର୍ମଚେତନା ଅସ୍ତେ ଅସ୍ତେ କମି ଆସୁଥାଏ । ଏତିକିବେଳକୁ ସ୍ଥାନ ପରିବର୍ତ୍ତନର ସୂଚନା ଆସିଲା । ସେଠା ଲୋକେ ଅତ୍ୟନ୍ତ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ । ମୋର ବଦଳି ଶୁଣି ବଡ଼ ଦୁଃଖିତ ହେଲେ । ମୋତେ କ୍ଷୁବ୍ଧ ହୃଦୟରେ ବିଦାୟ ଦେଲେ । ଫୁଲମାନଙ୍କରେ ଘର ଭର୍ତ୍ତି ହୋଇଗଲା । ମୋର ପ୍ରତି-ବେଶୀମାନେ କହିଲେ ଦୋକାନରେ ଆଉ ଫୁଲ ନ ଥିବ । କିନ୍ତୁ ଆଉ ଦଳେ ଷ୍ଟେସନରେ ଉପସ୍ଥିତ ହେଲେ । ଆମ କାମରାର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଫୁଲମାଳ ବାନ୍ଧିଦେଲେ । ଅନ୍ୟ ଯାତ୍ରୀମାନଙ୍କ ସାମନାରେ ମୋତେ ବଡ଼ ଲଜ୍ଜା ଲାଗୁଥାଏ । କିନ୍ତୁ ସେମାନେ ଶୁଣିବେ କାହିଁକି ? ଅନେକ ଫଟ ଉଠାଇଲେ । ମୁଁ ବିହ୍ୱଳ ହୋଇଗଲି ସେମାନଙ୍କର ବିଦାୟ-ସମ୍ବର୍ଦ୍ଧନାର ବାହୁଲ୍ୟରେ । ମାତ୍ର ସେମାନଙ୍କର ଆନ୍ତରିକତାର ଅନ୍ତ ନାହିଁ । ଅଶ୍ରୁସଜଳ ଆଖିରେ ମୋତେ ବିଦାୟ ଦେବାକୁ ପଡ଼ିଲା । ଏତେ ନିଜର ଲୋକ ଏତେ ଦୂରରେ ମୋ ପାଇଁ ଅପେକ୍ଷା କରୁଥିଲେ । ସୁରଟ ନ ଆସିଥିଲେ ମୋର ପ୍ରକୃତ ବନ୍ଧୁବର୍ଗମାନଙ୍କୁ ଚିହ୍ନିପାରି ନ ଥାନ୍ତି । ଜୀବନର ଗୋଟିଏ ଗୌରବମୟ ଅଧ୍ୟାୟ ଶୂନ୍ୟ ହୋଇ ରହିଯାଇ ଥାଆନ୍ତା । ଅନେକ ଦିନ ପର୍ଯ୍ୟନ୍ତ ସେମାନଙ୍କର ଚିଠିପତ୍ର ଆସୁଥିଲା । ବିମଲାଇ ଦଡ଼କାନିବାଲା ତାଙ୍କ ଝିଅ ବାହାଘରରେ ମୋତେ ସୁରଟ ନିମନ୍ତ୍ରଣ କରିଥିଲେ । ଦୁଇ ତିନିବର୍ଷ ପର୍ଯ୍ୟନ୍ତ ମୋ ସହିତ ସେମାନଙ୍କର ଯୋଗାଯୋଗ ଅକ୍ଷୁଣ୍ଣ ରହିଥିଲା । ମୁଁ ତ କାହାର କିଛି ଉପକାରରେ ଲାଗିନାହିଁ । ତାଛଡ଼ା ମାତ୍ର ଦୁଇବର୍ଷ ସମୟ ମଧ୍ୟରେ କଣ

Digitized by srujanika@gmail.com

ବା କରି ପାରିଥିଲି । ସେମାନଙ୍କର ହୃଦୟ ସମୁଦ୍ର ପରି । ଯାହାକୁ ହିନ୍ଦିରେ କହନ୍ତି—"ଦରିଆ ଦିଲ୍" । ସେହି ସମୁଦ୍ର-ହୃଦୟ ବନ୍ଧୁମାନଙ୍କୁ ସ୍ମରଣ କରି ଉତ୍ତର ଜୀବନରେ ଶାନ୍ତି ଲାଭ କରେ । ଆଜି ଯଦି ମୁଁ ସେମାନଙ୍କ ପାଖକୁ ଯାଏ, ସେମାନେ ତାଙ୍କର ଉଷ୍ମ ବନ୍ଧୁତ୍ୱ ମୋତେ ଢାଳିଦେବେ ତାଙ୍କର ସ୍ନେହଭଣ୍ଡାର ଉଜାଡ଼ି କରି । କାରଣ ସେମାନେ ଉଦ୍ଦେଶ୍ୟର କ୍ରୀତଦାସ ନୁହନ୍ତି । ତାଙ୍କ କଥା ବେଶୀ ମନେପଡ଼େ ଚତୁଃପାର୍ଶ୍ୱରେ ଉଗ୍ର ଉଦ୍ଦେଶ୍ୟପ୍ରଣୋଦିତ ଲୋକଙ୍କର ଅହରହ ଆକ୍ରମଣ ଦେଖି । ଦୁନିଆଦାରିରେ, ଓ ନିଜର କର୍ମସାଧନାରେ, ମନୁଷ୍ୟ ଅନ୍ୟ ପାଖରେ ପ୍ରାର୍ଥୀ ହୋଇଥାଏ । ପରସ୍ପରକୁ ସାହାଯ୍ୟ କରି ମନୁଷ୍ୟ-ଜୀବନର ଚିରନ୍ତନ ମୂଲ୍ୟଭିତ୍ତିକ ସେତୁ ଗଢ଼ି ଉଠେ, ସନ୍ଦେହ ନାହିଁ । କିନ୍ତୁ ପରବର୍ତ୍ତୀ ମାନସିକତା ସେହି ସେତୁ ଭାଙ୍ଗି ଦେବାର ଦେଖିଲେ ମନ ଭାଙ୍ଗିଯାଏ । ମନେହୁଏ—"ବଇଦ, ପଇଡ଼, ମଦଘଡ଼ା କାମ ସରିଲେ ଗଡ଼ଗଡ଼ା ।" ମଦଘଡ଼ା ସହିତ ସମସ୍ତଙ୍କୁ ଏକ କରିଦିଏ ସ୍ୱାର୍ଥାନ୍ଧ ମାନବର ଉଦ୍ଦେଶ୍ୟପ୍ରଣୋଦିତ କୁକର୍ମ । ତାହା ସହିତ ଭାଙ୍ଗି ପଡ଼େ କଷ୍ଟକୃତ ସେତୁ-ବନ୍ଧ ମନୁଷ୍ୟର ମନୁଷ୍ୟ ପ୍ରତି ସହାନୁଭୂତିର, ସ୍ନେହ-ପ୍ରୀତି-ମମତାର । ହଜିଯାଏ ସଭ୍ୟତାର ଅର୍ଥପୂର୍ଣ୍ଣ ମୂଲ୍ୟବୋଧ ମଧ୍ୟ ।

Digitized by srujanika@gmail.com

(୭)

ପୁନର୍ଦର୍ଶନାୟତ

ଅଚଳନ୍ତି ଟଙ୍କା ଯେପରି ଫେରିଆସେ, ମୁଁ ସେହିପରି ଫେରି ଆସିଲି ମହାନଗରୀ କଲିକତାକୁ ପ୍ରାୟ ଅଠର ବରଷ ପରେ । ମୋର ପୂର୍ବ ସାଥୀମାନେ ହଜିଯାଇଛନ୍ତି । କାନାଇବାବୁ ଗ୍ଭଲିଯାଇଛନ୍ତି ପରପାରକୁ; ଆଉ ସେ ଫେରିବେ ନାହିଁ । କୁମାରେଶ ବାବୁ ହଜିଯାଇଛନ୍ତି ଜନଗହଳରେ । ତାଙ୍କର ପତ୍ତା ମୋତେ ମିଳିଲା ନାହିଁ । ନାଦ ଦିନକୁ ଦିନ ଖୁବ୍ ଜୋର୍‌ସୋରରେ ବଢ଼ିଗ୍ଭଲିଛି ସହରରେ । ନାଦର ଆଧିକ୍ୟରେ ବ୍ରହ୍ମ ବିଲୀନ ହୋଇ ଯାଇଅଛନ୍ତି ବୋଧହୁଏ । କାରଣ ମୋର ମନର ତାରୁଣ୍ୟ ମୋତେ ତ୍ୟାଗ କରିଛି । ବୟସର ଭାରରେ ନତ ହୋଇପଡ଼ୁଛି ସୂକ୍ଷ୍ମ ପ୍ରବୃତ୍ତିରାଜି । ମନେ ମନେ ଭାବିଲି ଏ କ'ଣ ସେହି ନଗରୀ ଯେଉଁଠାରେ ମୁଁ ପାଠ ପଢ଼ିଥିଲି ବିଶ୍ୱବିଦ୍ୟାଳୟରେ; ଦେଖିଥିଲି ଅଧ୍ୟାପକ ରୂପେ ଉଜ୍ଜ୍ୱଳ ଜ୍ୟୋତିଷ୍କ ସତ୍ୟେନ ବୋଷ, ମେଘନାଦ ସାହା, ଅମିୟ ଚକ୍ରବର୍ତ୍ତୀ, ବିନୟ ସରକାର ପ୍ରଭୃତିଙ୍କୁ । ମନେ ପଡ଼ିଲା ଆମ କଲେଜ ପୁନଅନ ବାର୍ଷିକ ସମାବେଶ କଥା । "ଚିତ୍ରା" ସିନେମା ହଲରେ ହୋଇଥିଲା ସକାଳ ଆଠଟାରୁ ବାରଟା ପର୍ଯ୍ୟନ୍ତ ୧୯୪୯ରେ । ଏକକ ଶିଳ୍ପୀ ହେମନ୍ତ କୁମାର । ମୁଁ ଜଣେ ନବାଗତ । ଏଠାର କଣ୍ଠଶିଳ୍ପୀଙ୍କ କଥା ମତେ ସେତେବେଳେ ଅଜଣା । ପ୍ରଥମ ଶୁଣିଲି ହେମନ୍ତବାବୁଙ୍କ କଣ୍ଠ । ତରୁଣ ଶିଳ୍ପୀଙ୍କର ଦରଦଭରା କଣ୍ଠ ମୋତେ ଗୋଟିଏ ଅଦ୍ଭୁତ ଚମକ ଦେଲା । ସେତେବେଳେ ତାଙ୍କର କଣ୍ଠ ଭୃଙ୍ଗରେ । ତାରୁଣ୍ୟରେ ଭରା ଶିଳ୍ପୀଙ୍କ ସଙ୍ଗୀତ ମୋତେ ଅନ୍ୟ ରାଜ୍ୟକୁ ନେଇଗଲା । ପାସୋରି ଯାଇଥିଲି ମୋର ଅସ୍ତିତ୍ୱ । ସୁର ରାଜ୍ୟରେ ବିଚରଣ କରିଥିଲା ମୋର ମନ ଘଣ୍ଟା ଘଣ୍ଟା ଧରି । ତାର ଅଲିଭା ସ୍ମୃତି ବର୍ତ୍ତମାନ ସୁଦ୍ଧା ମୋ ମନରେ ଝଲକ ଦିଏ ।

Digitized by srujanika@gmail.com

ସେ ସମୟର ସହପାଠିମାନେ ଥିଲେ ସର୍ବଶ୍ରୀ ହରପ୍ରସନ୍ନ ମିଶ୍ର, ନରେଶ ନାୟକ, ବିଜୟ ପାଣିଗ୍ରାହୀ, ବିଜୟ ଭୂୟାଁ, ଚିନ୍ତାମଣି, ହର-ପ୍ରସାଦ ପ୍ରମୁଖ । କିଏ କୁଆଡ଼େ ବୃତ୍ତି ବ୍ୟବସାୟରେ ନିଜକୁ ନିୟୋଜିତ କରି ଚାଲିଯାଇଛନ୍ତି ସେ ଖବର ମୋତେ ଜଣା ନାହିଁ । ଜୀବନର ସ୍ରୋତ ବହି ଚାଲେ । ସମୟ ଓ ଜୁଆର କାହାକୁ ଅପେକ୍ଷା କରେ ନାହିଁ ।

ମତେ ମଧ୍ୟ ବେଶୀ ଅପେକ୍ଷା କରିବାକୁ ହେଲା ନାହିଁ । ମାତ୍ର ମାସକ ଭିତରେ ଘର ମିଳିଗଲା ଜାତୀୟ ଗ୍ରନ୍ଥାଗାର ବେଢ଼ାରେ **Belvedere**ରେ । ସେଠାରେ ଦେଖିଲି ପ୍ରକୃତି ତାର ସମ୍ଭାରର ପ୍ରଦର୍ଶନୀ କରି ବସିଛି । ଚାରିଆଡ଼େ ବୃକ୍ଷରାଜି । ଘନ ସବୁଜ ଘାସରେ ଭରା ସମତଳ ଭୂମି । ଫୁଲ ଗଛରେ ଭରା ଉଦ୍ୟାନ । ପକ୍ଷୀ ରବରେ ପରିପୂର୍ଣ୍ଣ ପ୍ରତ୍ୟୁଷ । ସକାଳର ଉନ୍ମୁକ୍ତ ପବନ ଆହରଣ କରିବା ପାଇଁ ଉତ୍ସୁକ ବହୁ ଆଗନ୍ତୁକ ; ପରିବେଶ ମୋହମୟ । ଏହା ଛଡ଼ା ଦେଖିଲି ଇତିହାସର ଉପଳଖଣ୍ଡ ବହୁଧା ବିଛୁରିତ ମଧ୍ୟ । ଗ୍ରନ୍ଥାଗାର ପ୍ରତିଷ୍ଠିତ ହୋଇଛି ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ଓ୍ୱାରେନ୍ ହେଷ୍ଟିଂସ୍‌ଙ୍କ ପୁରୁଣା ବାସ ଭବନରେ । ଏକଦା ବହୁ ଐତିହ୍ୟମଣ୍ଡିତ ବିଶାଳ ଅଟ୍ଟାଳିକା । ଭାବିବାକୁ ଲାଗିଲି—ଏଠାରେ କେତେ ଗରିମାମୟ ଐତିହାସିକ ସିଦ୍ଧାନ୍ତ ନିଆଯାଇ ନ ଥିବ ବ୍ରିଟିଶ ଯୁଗରେ । ବିଶାଳ ବଲ୍ ରୁମରେ କେତେ ଇଂରେଜ ଲଳନା ବିଳାସିତ ନାଚ ନାଚି ନ ଥିବେ । ଆଉ ସୁରାପାନ କଥା ନ କହିଲେ ଭଲ । ସୁରାର ଶ୍ରେଷ୍ଠ ନମୁନାଟିଏ ବହିଯାଇଥିବ ଅବା ।

ଇତିହାସକୁ ସ୍ମରଣ କରି କହିଲି, ଇତିହାସ ! ତୁମର ପୃଷ୍ଠା ଓଲଟାଅ । ମୁଁ ଟିକିଏ ତୁମର ପୁରୁଣା ଅଭିନେତାମାନଙ୍କର ଅଭିନୟ ଦେଖି ନୟନମନ ସାର୍ଥକ କରେ । ହଠାତ୍ ମନେପଡ଼ିଲା ଏହି **Belvedere**ରେ ଭାରତର ପ୍ରଥମ [redacted] ବିଚାରପତି ସାର୍ ଫିଲିପ୍ ଫ୍ରାନ୍ସିସ୍‌ଙ୍କ ସହିତ ଓ୍ୱାରେନ୍ ହେଷ୍ଟିଂସଙ୍କର ଗୁଳି ବିନିମୟ ହୋଇଥିଲା । ସେ କାଳର **duel** । ଫ୍ରାନ୍ସିସ୍‌ଙ୍କ ସ୍ତ୍ରୀ ହେଷ୍ଟିଂସଙ୍କର ବିପୁଳ ଧନ, ମାନ, ଐଶ୍ୱର୍ଯ୍ୟ ଦେଖି ବିହ୍ୱଳ ହୋଇ ପଡ଼ିଥିଲେ । ତାଙ୍କ ପ୍ରତି ଟଳି ପଡ଼ିଥିଲେ ମିସେସ୍ ଫ୍ରାନ୍ସିସ୍ । ଏହାର ପରିଣାମ ସ୍ୱରୂପ ହୋଇଥିଲା ଡୁଏଲ । ତେବେ କେହି କାହାକୁ କ୍ଷତବିକ୍ଷତ କରିପାରି ନ ଥିଲେ । ଏହି ଘଟଣାଦ୍ୱାରା ବେଲଭିଡିଅର୍‌ର ଖ୍ୟାତି ସମସ୍ତଙ୍କ ପାଖରେ ପହଞ୍ଚି ପାଇଥିଲା ।

Digitized by srujanika@gmail.com

ଆଉ ଅଛି, ଗୋଟିଏ ଅତି ପ୍ରାଚୀନ ବରଗଛ । ସେ ଏହିସବୁ ଘଟଣାର ସାକ୍ଷୀ । କେତେ ଶହ ବର୍ଷର ବୃକ୍ଷ ତାର ହିସାବ କିଏ ଦେବ ! ଅବଶ୍ୟ ଅନେକ ଐତିହାସିକ ତାର ବୟସ କଳନା କରିବାର ପ୍ରୟାସ କରିଅଛନ୍ତି । ବୁଲିବା ରାସ୍ତାରେ ଦେଖିବାକୁ ମିଳେ କେତେକ ମୂର୍ତ୍ତି (Statue) ରାଜପୁରୁଷମାନଙ୍କର ଇଂରେଜ ଯୁଗର । ସେମାନଙ୍କ ଜୀବନୀ ପଛରେ ମଧ୍ୟ କେତେ କାହାଣୀ ଥିବ । ମୁଁ ଭାବିବାକୁ ଚେଷ୍ଟା କରେ— ଇତିହାସ ତାର ଦ୍ରୁତ ପଦକ୍ଷେପରେ ଆଗେଇ ଯାଇଛି । ଓ୍ୱାରେନହେଷ୍ଟିଂସ ବିସ୍ମୃତିର ଗର୍ଭରେ ଲୀନ ହୋଇଯାଇଛନ୍ତି । ବ୍ରିଟିଶ ସାମ୍ରାଜ୍ୟର ଅବସାନ ଘଟିଛି । କିନ୍ତୁ ଏହିସବୁ ଉପଳଖଣ୍ଡ ଛାଡ଼ିଯାଇଛି ମୂକସାକ୍ଷୀ ରୂପେ ଉଦ୍ବୋଧନ ପାଇଁ । ଚେତାଇଦେଉଛି ସବୁବେଳେ—

"କେହି ରହିନାହାନ୍ତି ରହିବେ ନାହିଁଟି ଭବ ରଙ୍ଗଭୂମି ତଳେ,
ସବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ।"

—କବିବର ରାଧାନାଥ ।

ପ୍ରଭାତ ଭ୍ରମଣରୁ ବାହୁଡ଼ିଲି ଏପରି ଭାବି ଭାବି । ଶରୀର ଓ ମନ ବଡ଼ ତାଜା ଲାଗିଲା । ଭାବିଲି କଲିକତାରୁ ସବୁକିଛି ଆନନ୍ଦ ଅନ୍ତର୍ହିତ ହୋଇ ନାହିଁ । ସହରଟା ଜନତାର ଚାପରେ ବେଦମ୍ ହୋଇପଡ଼ୁଛି । ଯାନବାହନର ଘୋର ଘର୍ଘର ନିନାଦରେ ବହିର୍ଗତ ବାଷ୍ପରେ ବାୟୁମଣ୍ଡଳ ଦୂଷିତ । ଲୋକଙ୍କର ନାଭିଶ୍ୱାସ ଉଠୁଛି କ୍ଷଣେ କ୍ଷଣେ । ନଗରୀଟା ଅଶାନ୍ତ ଓ ଉପେକ୍ଷିତ, ସନ୍ଦେହ ନାହିଁ । ମାତ୍ର ଏଠାରେ ମରୁଦ୍ୟାନ ମଧ୍ୟ ଅଛି । ମନେହେଲା ଆମ ଇଲାକାଟା ସେହି ମରୁଦ୍ୟାନ ବିଶେଷ । ଏଠାରେ ଉଦ୍ୟାନର ଅଭାବ ନାହିଁ । ପୁଷ୍ପର ସୌରଭ ଆମ ପ୍ରାତଃଭ୍ରମଣକୁ ପ୍ରେରଣା ଦିଏ । କେବଳ ଭ୍ରମଣ ନୁହେଁ ଜୀବନର ମୂଲ୍ୟବାନ ଖୋରାକ ମଧ୍ୟ ଯୋଗାଇଥାଏ ।

ଏଠାରେ ଅଛି କେନ୍ଦ୍ରୀୟ ସେବା କ୍ଲବ୍ । ସେଠାରେ ଖେଳର ଉପକରଣ ପ୍ରଚୁର । ଟେନିସ, ବ୍ୟାଡ଼ମିଣ୍ଟନ୍, ସ୍କ୍ୱାଶ୍, ସନ୍ତରଣ ଇତ୍ୟାଦିର ବହୁଳ ବ୍ୟବସ୍ଥା ବିଦ୍ୟମାନ । କ୍ଲବ୍‌ରେ 'ରୋଟାରି' କ୍ଲବ୍‌ର ସଭା ହୁଏ । ଜ୍ଞାନ ବିଜ୍ଞାନର ଚର୍ଚ୍ଚା ହୁଏ । ବିଦେଶ ଓ ସ୍ୱଦେଶର ଜ୍ଞାନୀ ଗୁଣୀମାନେ ସାରଗର୍ଭକ ବକ୍ତବ୍ୟ ପ୍ରକାଶ କରନ୍ତି କ୍ଲବ୍‌ର ସଭାଗୃହରେ । Isconର

Digitized by srujanika@gmail.com

ସାଧୁମାନେ ତାଙ୍କର ଭଗବତ୍ ଭାବନା ଜ୍ଞାପନ କରନ୍ତି ସିନେମା ସାହାଯ୍ୟରେ । କେତେ ଶିକ୍ଷାବ୍ରତ୍ ତାଙ୍କର ସନ୍ଦର୍ଭ ପାଠ କରନ୍ତି ଏଠାରେ । ଯୋଗାସନ ଅଭ୍ୟାସ ହୁଏ ଯୋଗଶାସ୍ତ୍ରୀଙ୍କ ନିର୍ଦ୍ଦେଶରେ । ଏଥିରେ ସଭ୍ୟ ସଭ୍ୟା ଉଭୟେ ଯୋଗଦାନ କରି ଉଦ୍‌ବୁଦ୍ଧ ହୁଅନ୍ତି । ମାନସିକ, ଶାରୀରିକ ଓ ପାରମାର୍ଥିକ ଉନ୍ନତିର ସୋପାନ ରଚିତ ହୁଏ ଏହି ସଭାଗୃହରେ । ବେଲଭଡ଼ଅର୍‌ବାସୀଙ୍କର ସାର୍ବିକ ଅଗ୍ରଗତି ସାଧିତ ହୁଏ ଏହି କେନ୍ଦ୍ରୀୟ ସଙ୍ଘଦ୍ୱାରା । ଏସବୁ ଦେଖିଶୁଣି ବିଶେଷ ଭାବରେ ଆକୃଷ୍ଟ ହେଲି । ସଭ୍ୟ ମଧ୍ୟ ହୋଇପଡ଼ିଲି । ପ୍ରାଥମିକ ସ୍ରୋତରେ ମିଶିଗଲି । କିଛି ଦିନ ଯିବା ପରେ ଦେଖିଲି କେତେବେଳେ ମୁଁ ଅଙ୍ଗାଙ୍ଗି-ଭାବରେ ଜଡ଼ିତ ହୋଇପଡ଼ିଛି ମୋତେ ଜଣାନାହିଁ ।

ଦୁର୍ଗାପୂଜା—ବେଲଭଡଅରବାସୀଙ୍କର ଗୋଟିଏ ଉନ୍ମାଦନା-ପୂର୍ଣ୍ଣ ମହୋତ୍ସବ । ଏଥିରେ ଜାତି, ଧର୍ମ, ବୟସ ନିର୍ବିଶେଷରେ ସବୁ ଅଧିବାସୀ ଯୋଗ ଦେଇ ଥାଆନ୍ତି । ଉତ୍ସବର ସଭାପତି ମୁସଲମାନ ମଧ୍ୟ ହୋଇଛନ୍ତି । ଏହା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ । ଏହା ଏକ ବିଶାଳ ସାମାଜିକ ସମାବେଶ । ଏହା ପ୍ରାୟ ପାଞ୍ଚଦିନ ଧରି ଚାଲେ । ପ୍ରଥମଦିନ ନାରୀ-ସଙ୍ଘ ଗୋଟିଏ "ଆନନ୍ଦ ମେଳା"ର ଆୟୋଜନ କରନ୍ତି । ସେଥିରେ ନାନାରକମର ଭୋଜ୍ୟ ସାମଗ୍ରୀ ନିଜେ ରାନ୍ଧି ମେଳାରେ ବିକ୍ରୀ କରନ୍ତି । ତା ଛଡ଼ା ନାନାଜାତୀୟ ଖେଳର ବ୍ୟବସ୍ଥା ଥାଏ । ରାଫଲ (Raffle) ହୁଏ । ସେଥିରେ ଜିତିଲେ ପୁରସ୍କାର ଦିଆଯାଏ । ତାଛଡ଼ା ଲଟେରି ଇତ୍ୟାଦିର ବ୍ୟବସ୍ଥା ଥାଏ । ଏଥିରେ ଅନେକ ବହିରାଗତ ଅତିଥି ଯୋଗଦାନ କରନ୍ତି । ମେଳା ଖୁବ୍ ଜମେ । ଲୋକେ ସେଦିନ ଘରେ ନ ଖାଇ, ମେଳାରେ ତିଆରି ଜିନିଷ ଖାଆନ୍ତି । ଖୁବ୍ ମଜା ହୁଏ । ଲାଭର ଅଂଶ 'ଦୁର୍ଗାପୂଜା' ପାଇଁ ନାରୀସଙ୍ଘ ଦାନ କରନ୍ତି । ଏହାର ଆକର୍ଷଣ ଦୁର୍ବାର । ବୁଢ଼ାପିଲା, ସ୍ତ୍ରୀପୁରୁଷ ସମସ୍ତେ ଆନନ୍ଦରେ ମାତି ଯାଆନ୍ତି । ଏହା ପଞ୍ଚମୀ ତିଥିରେ ଅନୁଷ୍ଠିତ ହୁଏ । ଷଷ୍ଠୀରୁ ପୂଜାର ପ୍ରୋଗ୍ରାମ । ପ୍ରତି ସନ୍ଧ୍ୟାରେ ଆରତି ପରେ ସାଂସ୍କୃତିକ ଅନୁଷ୍ଠାନ । ଓଡ଼ିଶୀ ନାଚ, ରବୀନ୍ଦ୍ରସଙ୍ଗୀତ, ଯାତ୍ରା, ସିନେମା, ଯୁଥ-କଏର୍‌ର ଅନୁଷ୍ଠାନ, ଲୋକଗୀତି, ବିଶିଷ୍ଟ ସଙ୍ଗୀତ ଶିଳ୍ପୀମାନଙ୍କର ଗାନ, ଯନ୍ତ୍ରସଙ୍ଗୀତର ଅନୁଷ୍ଠାନ ଇତ୍ୟାଦି ଅନେକ ରାତି ପର୍ଯ୍ୟନ୍ତ ଚାଲେ ।

Digitized by srujanika@gmail.com

ସେଠାର ଅଧିବାସୀ ଏହି ପାଞ୍ଚଦିନ ଆନନ୍ଦର ଜୁଆରରେ ବୁଡ଼ି ଯାଆନ୍ତି । ସପ୍ତମୀ ଓ ନବମୀରେ ରନ୍ଧାଭୋଗ ପରିବେଷିତ ହୁଏ । ଅଧିବାସୀଙ୍କ ଛଡ଼ା ବାହାରର ବହୁ ଲୋକ ପ୍ରସାଦ ପାଆନ୍ତି । ଦରିଦ୍ର ଭୋଜନ ମଧ୍ୟ କରାଯାଏ । ଏଥିପାଇଁ ଦୁଇତିନିମାସ ଆଗରୁ ପ୍ରସ୍ତୁତି ପର୍ବ ହୋଇଥାଏ । ଏହି ଉତ୍ସବରେ ପ୍ରାଣର ସ୍ଫୁର୍ତ୍ତି ଉଲ୍ଲେଖଯୋଗ୍ୟ । ଏହିସବୁ ଦେଖି ମୁଁ ସେଥିରେ ପୂର୍ଣ୍ଣପ୍ରାଣରେ ଯୋଗ ଦେଲି । ପ୍ରସ୍ତୁତିରେ ଅନେକ ପରିଶ୍ରମ ; କିନ୍ତୁ ତାହା ଏକ ମୋହମୟ ଅଭିଜ୍ଞତା । ସମୟ କିପରି ଗଲିଯାଏ ଜଣାଯାଏ ନାହିଁ । ସନ୍ଧ୍ୟାବେଳେ ସଭା ବିଭିନ୍ନ ଗୋଷ୍ଠୀର । କିଏ ସାଂସ୍କୃତିକ ଅନୁଷ୍ଠାନର ଦାୟିତ୍ୱରେ ତ କିଏ ଭୋଗରାଗ ଦାୟିତ୍ୱରେ । କିଏ ସାଜସଜ୍ଜା ଦାୟିତ୍ୱରେ ତ ଆଉ କିଏ ପରିବହନ ଦାୟିତ୍ୱରେ । ବିଭିନ୍ନ ଗୋଷ୍ଠୀର ଯୋଗାଯୋଗ ସଭା କ୍ଲବ୍ ଘରେ ବସେ । ନାନା କର୍ମରେ ସମୟ କଟିଯାଏ । ପ୍ରାୟ ଅଢ଼େଇଶହ ପରିବାର ଗୋଟିଏ ଗ୍ରନ୍ଥିରେ ଏକ ହୋଇ ଯାଆନ୍ତି । ମୋର ଆଠବର୍ଷ ରହଣି ଭିତରେ, ପ୍ରତ୍ୟେକ ବର୍ଷ ମୋତେ ଗୁରୁ ଦାୟିତ୍ୱ ତୁଲେଇବାକୁ ପଡ଼ୁଥିଲା । ଦୁଇତିନିବର୍ଷ ସଭାପତି ମଧ୍ୟ ଥିଲି । ରାମକୃଷ୍ଣ ମିଶନର ପ୍ରସିଦ୍ଧ ସାଧୁ ଶ୍ରୀ ଲୋକେଶ୍ୱରାନନ୍ଦଜୀ ଆସି ଷଷ୍ଠୀ ଦିନ ପୂଜାର ପ୍ରଦୀପ ଜାଳି ତାଙ୍କର ବକ୍ତୃତା ଦିଅନ୍ତି । ଶହ ଶହ ଶ୍ରୋତା ଭକ୍ତି ସହିତ ତାଙ୍କର ବକ୍ତବ୍ୟ ଶୁଣନ୍ତି । ଏହି ଉତ୍ସବରେ ଜଡ଼ିତ ହୋଇ ମୋର ସମୟ କିପରି ଭାବରେ କଟିଯାଏ ତାହା ଜାଣିପାରେ ନାହିଁ । ଏହା ଏକ ପରିପୂର୍ଣ୍ଣ ଜଗତ । ଏଥିରେ ଯେ ମିଶିବ ସେ ନିଜକୁ ଭୁଲିଯିବ ପରକୁ ଆନନ୍ଦ ଦେବାପାଇଁ । "ବହୁଜନ ସେବାୟ, ବହୁଜନ ହିତାୟ" ।

ଆଉ ଗୋଟିଏ ରମ୍ୟ ଅନୁଷ୍ଠାନ ମୋ ମନରେ ଲାଗି ରହିଛି । 'ନାରୀସଂଘ' (Ladies Club) । ପ୍ରତିବର୍ଷ 'ସ୍ୱାମୀଦିବସ' (husbands' day) ପାଳନ କରନ୍ତି । ସେମାନେ ନିଜେ ନିଜେ ରୁନ୍ଧାଦେଇ ଖାଇବାର ବ୍ୟବସ୍ଥା କରନ୍ତି । ସେଥିରେ ସ୍ୱାମୀମାନଙ୍କର ଭୂମିକା କେବଳ ଉପଭୋଗ କରିବାର । କିନ୍ତୁ ସେ ଅନୁଷ୍ଠାନ ଉପଭୋଗ କରିବାକୁ ଯାଇ କି ହୀନସ୍ତା କି ଅପମାନକର ପରିସ୍ଥିତିର ମୁକାବିଲା କରିବାକୁ ହୁଏ ସ୍ୱାମୀମାନଙ୍କୁ ତାହା କହିଲେ ନ ସରେ । ପ୍ରଥମେ ଆମ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦିଅନ୍ତି, ଗୋଟିଏ ସ୍ତ୍ରୀର ବଡ଼ ଫଟ ଦେଖାଇବା ପରେ । ହାତରେ ସିନ୍ଦୁର

Digitized by srujanika@gmail.com

ଦିଅନ୍ତି ସେ ସ୍ତ୍ରୀର ମୁଣ୍ଡରେ ଲଗେଇବା ନିମନ୍ତେ । ଅନ୍ଧପୁଟୁଳି ବାନ୍ଧିବା ପରେ ସବୁ ଅନ୍ଧକାର । କିଏ ଗୋଡ଼ରେ ହାତ ଦେଉଛି ତ, କିଏ କାନ୍ଧରେ, କିଏ ବା ବକ୍ଷରେ । ସ୍ତ୍ରୀମାନେ ସବୁ ହସି ହସି ଗଡ଼ିଯାଆନ୍ତି । ପୁଟୁଳି ଖୋଲିଲା ପରେ ଆମ୍ଭେମାନେ କେତେଦୂର ଲକ୍ଷ୍ୟ ଭ୍ରଷ୍ଟ ହୋଇଛୁ ତାହା ସିନ୍ଦୂର ଦାଗରୁ ବୁଝିପାରି ଅତ୍ୟନ୍ତ ଲଜ୍ଜିତ ହେଉ । କେହି ଠିକ୍ ଭାବରେ ସିନ୍ଦୂର ଲଗାଇଦେଲେ ତାକୁ ଗୋଟିଏ ରୁମାଲ ମାତ୍ର ପୁରସ୍କାର ଦିଅନ୍ତି । ସେମାନଙ୍କର ଅସୀମ ଦୟା !

ତାପରେ ହେଲା ସ୍ମୃତି ଶକ୍ତିର ପରୀକ୍ଷା । ଘରର ସବୁ ବ୍ୟବହାର୍ଯ୍ୟ ଜିନିଷ ଗୋଟିଏ ପୋଟଳା ଭିତରେ ଭରି ହୋଇଥାଏ । ଛୁଞ୍ଚି, ସୂତା, ଛୁରୀ, ହତା, ଗ୍ରମୁଚ, ଗୁଞ୍ଜୁଣି, କପ, ପ୍ଲେଟ, କେତେ କଣ ତାର ବିବରଣୀ ଦେବା ମୋର ସାଧ୍ୟ ନୁହେଁ । ମୋର ସ୍ମୃତି ଶକ୍ତି ଅତି ଦୁର୍ବଳ, ସେହି ପରୀକ୍ଷାରେ ସବୁବେଳେ ଫେଲ୍ । ଯିଏ ବେଶୀ ନମ୍ବର ରଖିଲା ତାକୁ ଗୋଟିଏ ଚିତ୍ର ଉପହାର ଦିଅନ୍ତି ।

ତାପରେ ଆରମ୍ଭ ହୁଏ ଅଟଳି ସଙ୍ଗୀତ ସଭା । ସ୍ୱାମୀମାନଙ୍କର ଦୁର୍ଗୁଣ ବିଷୟ ବର୍ଣ୍ଣନା କରି ଯୌଥ ସଙ୍ଗୀତ । ତାସଙ୍ଗରେ ସେମାନେ ଢୋଲ ବଜେଇ ଆମକୁ ଯେତେ ଅପଦସ୍ଥ କରିପାରନ୍ତି ତାହା କରନ୍ତି । ଆମ ଭିତରେ ଅନେକ ବଦରାଗି ଅଫିସର ସେମାନଙ୍କର ପ୍ରତିବାଦ କରନ୍ତି । ସେଥିରେ ତାଙ୍କ ନାମରେ ଗୀତବାନ୍ଧି ତାଙ୍କୁ ଆହୁରି ଚିଡ଼ାନ୍ତି । ଏପରି ପ୍ରହସନ ଘଣ୍ଟା ଘଣ୍ଟା ଧରି ଚାଲେ । ମୁଁ ଭାବେ ଭଲ ସୁବିଧା ପାଇ ପଦସ୍ଥ ଅଫିସରମାନଙ୍କୁ ନାସ୍ତାନାବୁଦ କରୁଛନ୍ତି । ହାତିକୁ ଗାତରେ ପକେଇ ହଇରାଣ କରୁଛ । ପରେ ମଜା ବୁଝିବ ।

ସ୍ତ୍ରୀମାନେ ଦୟାକରି ସ୍ୱାମୀମାନଙ୍କୁ ମଞ୍ଚ ଛାଡ଼ିଦିଅନ୍ତି ପ୍ରତ୍ୟୁତ୍ତର ଦେବା ନିମନ୍ତେ । ଆମ ଭିତରେ ଅନେକ ଅତି ବୁଦ୍ଧିମାନ । ସେମାନେ ସହସା ଗୀତବାନ୍ଧି ସେମାନଙ୍କୁ ପ୍ରତ୍ୟୁତ୍ତର ଦିଅନ୍ତି । ଆଉ କେତେକ ସ୍ୱାମୀ ଘରୁ ନାଟକୀୟ ଲେଖା ଲେଖି ଆଣି ଥାଆନ୍ତି । ତାକୁ ପଢ଼ିଲା ପରେ ଆମେ ସବୁ ପ୍ରତିଶୋଧ ନେବାର ସୁଯୋଗ ପାଉ । ପ୍ରତ୍ୟୁତ୍ତର ଚାଲେ ପେଟରେ ଭୋକର ଜ୍ୱାଳା ହେବା ପର୍ଯ୍ୟନ୍ତ । ତାପରେ ଅବଶ୍ୟ ସୁଗନ୍ଧମୟ ଖାଦ୍ୟରେ ମନ ଭରିଯାଏ । ଆହାର ପରେ ଆଳସ୍ୟ ; ତାପରେ ନିଦ୍ରା

Digitized by srujanika@gmail.com

ଆସେ । ସବୁ ଭୁଲି ଆମେ ଘରଆଡ଼କୁ ଗୋଡ଼ ବଢ଼ାଇ ଦେଉ । ରାଗ ପଡ଼ିଯାଇଥାଏ । ସ୍ତ୍ରୀଲୋକମାନଙ୍କ ବିନା କଣ ଘର ଚଳିପାରେ ? ମନରେ କ୍ଷମା ଜାତ ହୁଏ, ସେତିକିରେ ଅନୁଷ୍ଠାନର ପରିସମାପ୍ତି ।

କେନ୍ଦ୍ରୀୟ ସେବା ସଦନରେ ବହୁ ଅନୁଷ୍ଠାନ ହୁଏ । ବାର୍ଷିକ ସମାରୋହରେ କ୍ରୀଡ଼ାରେ ଯେଉଁମାନେ ବିଶିଷ୍ଟତା ପ୍ରଦର୍ଶନ କରନ୍ତି ସେମାନଙ୍କୁ ପୁରସ୍କାର ଦିଆଯାଏ । ପିଲାମାନେ ଏସବୁ ଖେଳରେ ଅଗ୍ରଣୀ ଭୂମିକା ନିଅନ୍ତି । ବଡ଼ ସହରରେ ଗରିବ ପିଲାଙ୍କର ଖେଳିବାର ସୁଯୋଗ ସୀମିତ । ଏଠାରେ ଯେଉଁ ପରିବାରବର୍ଗ ରହନ୍ତି ସେମାନଙ୍କର ପିଲାମାନେ ସୁବର୍ଣ୍ଣ ସୁଯୋଗ ପାଆନ୍ତି । ସନ୍ତରଣ ଶିକ୍ଷା, ଟେନିସ୍ ବା ବ୍ୟାଡ୍‌ମିଣ୍ଟନ ଶିକ୍ଷା, ଯୋଗାସନ ଶିକ୍ଷା ସେମାନେ ସୁବିଧାରେ ପାଇପାରନ୍ତି । ପିଲାମାନେ ସଂଖ୍ୟାରେ ଅଧିକ ହୋଇଥିବାରୁ ସାହଚର୍ଯ୍ୟ ବଢ଼େ, ସାମାଜିକ ଜୀବନର ଅଭିବୃଦ୍ଧି ହୁଏ । ଏକତ୍ର ବୋଧ ଜନ୍ମେ । ସମୂହ ଜୀବନର ସଦାବସ୍ଥାନ ସେମାନଙ୍କର ମଜ୍ଜାଗତ ହୋଇଯାଏ । ଏହାହିଁ ଯୌଥ ଜୀବନର ଆଶୀର୍ବାଦ ।

କେବେ କେବେ All Bengal Tennis Championship ଖେଳ, କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ହୁଏ । ଅନେକ ଦର୍ଶକ ଆସନ୍ତି । ପ୍ରତିଯୋଗିତା ଖୁବ୍ ଚିତ୍ତାକର୍ଷକ ହୋଇଉଠେ । ଆମର ଅବସର ସମୟର ଉତ୍ତମ ବିନିଯୋଗ ହୁଏ । କିଛି ନା କିଛି ଅନୁଷ୍ଠାନ ଲାଗି ରହିଥାଏ । ଯଥା: ଦୀପାବଳି, ହୋଲି ଉତ୍ସବ, ବାର୍ଷିକ ଉତ୍ସବ, ସାପ୍ତାହିକ ଓ ମାସିକ ପ୍ରତିଯୋଗିତା, ସନ୍ତରଣ ପ୍ରତିଯୋଗିତା ଇତ୍ୟାଦି । କ୍ଲବ୍ ଘରେ ଅନୁଷ୍ଠାନର ଅଭାବ ହୁଏ ନାହିଁ । ସାଧାରଣ ଦିବସରେ ତାସ୍‌ଖେଳ ଇତ୍ୟାଦି ତ ଅଛି । ଘର ପାଖରେ "କ୍ଲବ୍ ଘର"ର ଅବସ୍ଥିତି ଯୋଗୁ ଉପସ୍ଥିତି ବେଶୀ ହୁଏ ସଭ୍ୟମାନଙ୍କର । ଏସବୁ ଅନୁଷ୍ଠାନ ଯୋଗୁ ଆମେ ଗତାନୁଗତିକତାରୁ ମୁକ୍ତି ପାଉ । ନାନା ବିଷୟରେ ଯୋଗଦେଇ ଆମର ଶରୀର ଓ ମନ ପ୍ରଫୁଲ୍ଲ ରହେ । ମୁଁ ବ୍ୟାଡ୍‌ମିଣ୍ଟନ୍ ନିୟମିତ ଭାବରେ ଖେଳୁଥିଲି । ଥରେ ପ୍ରତିଯୋଗିତାରେ ଭାଗ୍ୟବଶତଃ ପ୍ରଥମ ହୋଇ ପୁରସ୍କାର ପାଇଥିଲି । କପ୍‌ଟି ଏପର୍ଯ୍ୟନ୍ତ ଘରେ ସାଇତି ରଖିଛି । ଯାହା ହୋଇ ନାହିଁ ବାଲ୍ୟକାଳେ, ହେଲା ଶେଷେ ଆସି ପାଚିଲା ବାଳେ ।

Digitized by srujanika@gmail.com

ମନେ ଯେତେ ମାଠିବୁ ମାଠ । ମୁଁ ସେହି ଦରପୋଡ଼ା କାଠ । ସହରକୁ ତ ଯିବାକୁ ହୁଏ । ପରିବହନ ବ୍ୟବସ୍ଥା ବଡ଼ କଷ୍ଟକର । ନିଜ ଗାଡ଼ି ନେଇ ଗଲେ ମଧ୍ୟ ସେହି ଅସୁବିଧା । ବଜାରକୁ ଯାଅ, ଅଫିସକୁ ଯାଅ, ଖାଲି ଭିଡ଼ ଆଉ ଭିଡ଼ । ଶ୍ରୀରାମକୃଷ୍ଣ କହିଥିଲେ—"ଲୋକ ନା ପୋକ ।" ଏଠି ସେଇଆ । ବାହାରକୁ ବାହାରିଲେ କେବଳ କ୍ଲାନ୍ତି ଆଉ ଅବସାଦ । ତଥାପି କର୍ମକ୍ଷେତ୍ରକୁ ଯିବାକୁ ହୁଏ । ରାସ୍ତାରେ ଶୋଭାଯାତ୍ରାର ଅନ୍ତ ନାହିଁ । ଧାଡ଼ି ଧାଡ଼ି ହୋଇ ଲୋକ ଚାଲିଛନ୍ତି । ଅଗଣିତ । ମୁହଁରେ ନାନାରକମର ଧ୍ୱନି । "ଚାନାଶାହି ନେହି ଚଲେଗି । ନେହିଁ ଚଲେଗି ।" ଧ୍ୱନି ସହିତ ଆମର ଗାଡ଼ିବନ୍ଦ ହୋଇଯାଏ । କେତେ-ବେଳେ ଜନଗ୍ରନ୍ଥିରୁ ମୁକ୍ତ ମିଳିବ କେଜାଣି । ଏସବୁ ଦେଖି ଦେଖି, କିଛିଦିନ ବାହାରକୁ ଯିବାକୁ ଇଚ୍ଛା ହେଲା । ଭାବିଲି ପରିବାରବର୍ଗ ସହ ଦକ୍ଷିଣ ଭାରତ ଭ୍ରମଣରେ ଗଲେ ଭଲ ହୁଅନ୍ତା ।

ପ୍ରଥମେ ଗଲି ମାନ୍ଦ୍ରାଜ । ସେଠାର ଶୃଙ୍ଖଳା ଖୁବ୍ ଭଲ ଲାଗିଲା । ରାସ୍ତାଘାଟ ଭାରି ପରିଷ୍କାର । ନିୟମକାନୁନ ସବୁ ଲୋକେ ମାନୁଛନ୍ତି । ସମୁଦ୍ରକୂଳ ଅତି ବିସ୍ତୃତ । ସାନ ମାରିଇନାର ବେଳା ପ୍ରଶସ୍ତ । ବାଲି ପରିଷ୍କାର । ବସିବାକୁ ଇଚ୍ଛା ହେଲା । ଅନେକ ସମୟ ବସି ସାନ୍ଧ୍ୟବାୟୁ ସେବନ କଲୁ ।

ତାପରେ ଗଲୁ କୋଚିନ ବନ୍ଦରକୁ । ମାନ୍ଦ୍ରାଜର ଟ୍ରେନ କାମରା-ଗୁଡ଼ିକ ନୂତନ ଧରଣର, ସଫା ସୁତୁରା । ବ୍ୟବସ୍ଥା ବନ୍ଦୋବସ୍ତ ଉତ୍ତମ । ପେରାମ୍ବୁର କୋଚ ଫାକ୍ଟରିରୁ ନୂତନ କୋଚ ସବୁ ଆସିଛି । ଭ୍ରମଣରେ ଶ୍ରମ କମ୍ ହୁଏ । ଯଥାସମୟରେ କୋଚିନରେ ପହଞ୍ଚିଲୁ । ବନ୍ଦରଟି ଗ୍ରେଟ ହେଲେ ମଧ୍ୟ ସୁପରିଚାଳିତ ଓ ସୁନ୍ଦର । ସମୁଦ୍ର ସେଠାରେ ଗଭୀର । ସମୁଦ୍ରର ଦୃଶ୍ୟ ଅତି ମନୋରମ । ବୁଲି ବୁଲି ଦର୍ଶନୀୟ ସ୍ଥାନ ସବୁ ଦେଖିଲୁ ।

ତାପରେ ଗଲୁ ଏରନାକୁଲମ୍ । ପୁରୁଣା ସହର । ରାସ୍ତାଘାଟ ସାଧାରଣ ଧରଣର । କେତେକ ସ୍ଥାନ ଅପରିଷ୍କାର ମଧ୍ୟ । ସେଠାରୁ ଗାଡ଼ି ଭଡ଼ା କରି ତ୍ରିବାନ୍ଦ୍ରମ ହୋଇ କେରଳର ଉପକୂଳ ବାଟେ ଚାଲିଲୁ ; କ୍ୱିଲନ୍ ଆଲେପ୍‌ଜି ଇତ୍ୟାଦି ଦେଖା ହୋଇଗଲା । ଅତି ଜନବହୁଳ

Digitized by srujanika@gmail.com

ବସନ୍ତ ସବୁ । କିନ୍ତୁ ପ୍ରାକୃତିକ ଦୃଶ୍ୟ ଅତି ମନୋରମ । ଛୋଟ ଛୋଟ ନଡ଼ିଆ ଗଛ । ନଡ଼ିଆରେ ଭରପୂର । ସ୍ନିଗ୍ଧ ଗୁଳ୍ମ ତଳେ ଗ୍ରାମ-ଗୁଡ଼ିକ ସମୁଦ୍ର ତଟବର୍ତ୍ତୀ ହୋଇ ଅନୁପମ ଶୋଭାର ଆଧାର । ଆରବ-ସାଗର ଧୌତ କେରଳର ଉପକୂଳ ଅତି ପ୍ରଶାନ୍ତ । ତାଛଡ଼ା ମଝିରେ ମଝିରେ ଭୂମି ପଛଆଡ଼େ ମଧ୍ୟ ବ୍ୟାପୃତ ହୋଇଛି ସମୁଦ୍ରର ଖାଡ଼ି (Back water) । ସମୁଦ୍ର ଯେପରି କେରଳର ଭୂମି ସହିତ ଲୁଚକାଳି ଖେଳୁଛି । ମନୋରମ ଦୃଶ୍ୟ ଦେଖି ଦେଖି ପହଞ୍ଚିଲୁ ତାମିଲନାଡୁ ରାଜ୍ୟର ନଗର କୋଏଲରେ । ପ୍ରବେଶ ମାତ୍ରେକେ ଭୂମିପୃଷ୍ଠର ରୂପ ବଦଳିଗଲା । ଧୂସର ଢଙ୍ଗେ ଜମି । କେରଳର ସ୍ନିଗ୍ଧ ତଟଭୂମି ସବୁଜବନାନି ଅନ୍ତର୍ହିତ ହେଲା । ପ୍ରଭେଦ ବଡ଼ ଦୃଷ୍ଟିକଟୁ ।

କାଲି କନ୍ୟାକୁମାରୀରେ ପହଞ୍ଚି ନୟନାଭିରାମ ଦୃଶ୍ୟ ଦେଖିଲୁ । ଭାରତ ମହାସାଗର, ବଙ୍ଗୋପସାଗର ଓ ଆରବସାଗର ମିଶିଛି କନ୍ୟା-କୁମାରୀରେ । କେବଳ ମିଶିଛି ତାହା ନୁହେଁ । ସେଇ ସାଗରମାନଙ୍କର ପାଣିର ବର୍ଣ୍ଣ ଅଲଗା । ତଳସ୍ଥିତ ବାଲିଗୋରଡ଼ାର ରଙ୍ଗ ଅଲଗା । ନାନାବର୍ଣ୍ଣର ଉପଳଖଣ୍ଡ । ସେଗୁଡ଼ିକ ସଂଗ୍ରହଯୋଗ୍ୟ । ତାଛଡ଼ା କେତେ ରକମର ଶଙ୍ଖ, ଶାମୁକା ଓ ସମୁଦ୍ରର ବିରଳ ବସ୍ତୁ ସେଠାରେ ଦେଖିବାକୁ ମିଳିଲା । ଭାବିଲି—ସାଗର ତ ଏକ—ତାର ଏପରି ବିଭିନ୍ନତା କାହିଁକି ? ସ୍ଥଳର ପ୍ରଭାବ କଣ ଜଳ ଉପରେ ପଡ଼ିଥାଏ । ନା ଭୂତଳର ପ୍ରଭାବ ଜଳ ଉପରେ ପଡ଼ିଥାଏ ! ଯାହା ହେଉ ନା କାହିଁକି ପ୍ରକୃତିର ବୈଚିତ୍ର୍ୟ ଅବର୍ଣ୍ଣନୀୟ ।

ଆଉ ସମୁଦ୍ରର ଲହରୀ କନ୍ୟାକୁମାରୀର ପ୍ରସ୍ତର ଖଣ୍ଡ ଉପରେ ପିଟି ହୋଇ ଉପରକୁ ଉଠିଯାଉଥାଏ । ତାର ଫେନନିଭ ଜଳକଣାରେ ବେଳାଭୂମି ପରିପୂର୍ଣ୍ଣ । ଭାରତ ମହାସାଗରର ବିସ୍ମୃତି ମନରେ ଏକ ଭୁମାର ଆନନ୍ଦ ଦିଏ । ଏପରି ଦୃଶ୍ୟ କେବେହେଁ ଦେଖି ନଥିଲି । କନ୍ୟା-କୁମାରୀର ଅଦ୍ଭୁତ ଅବସ୍ଥିତି ତିନିପାର୍ଶ୍ୱରେ ସାଗରର ଉପସ୍ଥିତିକୁ ମହୀୟାନ କରି ତୋଳିଛି ।

କନ୍ୟାକୁମାରୀଙ୍କ ମନ୍ଦିରକୁ ଗଲୁ । କିମ୍ବଦନ୍ତୀ ଅଛି ଯେ କନ୍ୟା-କୁମାରୀ ତାଙ୍କର ବରଙ୍କ ଅପେକ୍ଷାରେ ସାଜି ବସିଛନ୍ତି । କିନ୍ତୁ ବର ଆସି

Digitized by srujanika@gmail.com

ପହଞ୍ଚିଲେ ନାହିଁ । ତାଙ୍କର ପ୍ରତ୍ୟାଶା ଆଉ ପୂରଣ ହେଲା ନାହିଁ । ମୂର୍ତ୍ତି ଅତି ସୁନ୍ଦର । ଉଜ୍ଜ୍ୱଳ ହୀରକଖଣ୍ଡ ନାସିକା ଉପରେ ଶୁଭ୍ରଜ୍ୟୋତି ବିକୀରଣ କରୁଛି ଆବହମାନ କାଳରୁ । ଦର୍ଶନ ସାରି ଫେରିଲୁ ଅତିଥି-ଶାଳାକୁ । ଏହା ସମୁଦ୍ରତଟ ଉପରେ ଅବସ୍ଥିତ । ସେଠାରୁ ଦୂର-ଦିଗ୍‌ବଳୟ ପର୍ଯ୍ୟନ୍ତ ବିସ୍ତୃତ ମହାସାଗରର ଅହରହ ଧ୍ୱନି ଆମକୁ ବିହ୍ୱଳ କରି ରଖିଥାଏ ।

ଉପରବେଳା ବାହାରିଲୁ ବିବେକାନନ୍ଦ ଶିଳା ଦେଖିବାକୁ । ଶୁଣିଥିଲୁ ସ୍ୱାମୀ ବିବେକାନନ୍ଦ ଏକା ସେହି ଶିଳା ଉପରେ କେଇଟା ଦିନ ଅବସ୍ଥାନ କରିଥିଲେ । ତାଙ୍କୁ ପ୍ରତିଭାତ ହେଲା ଭାରତମାତାଙ୍କର ବାଣୀ, "ପୁତ୍ର ମୋର ! ସନ୍ତାନମାନଙ୍କର ଘୋର ଅଧୋଗତି ହୋଇଛି । ତୁ ସେମାନଙ୍କୁ ଉଦ୍ଧାର କର ।" ସ୍ୱାମୀଜୀ କହିଲେ ଯେ ସେ ଜଣେ ନଙ୍ଗା-ପଙ୍ଗା ସନ୍ନ୍ୟାସୀ । ତାଙ୍କଦ୍ୱାରା କଣ ହୋଇପାରିବ ଭାରତ ବର୍ଷରେ । କିନ୍ତୁ ତାଙ୍କ ମନ ମଧ୍ୟରେ ଭାରତକୁ ଜାଗରିତ କରିବାର ଇଚ୍ଛା ପ୍ରବଳ ହୋଇଥିଲା । ତା'ପରେ ସିଂହ ବିକ୍ରମରେ ସେ ଭାରତର ସଂସ୍କୃତି, ଧର୍ମ, ଚେତନାକୁ ସମଗ୍ର ବିଶ୍ୱରେ ପ୍ରଚାର କରିଥିଲେ । ସେବା ସଂସ୍ଥା ଗଢ଼ି ଭାରତର ସର୍ବାଙ୍ଗୀନ ଉନ୍ନତିର ପଥ ପ୍ରଦର୍ଶନ କରିଥିଲେ ।

ଶିଳା ଉପରେ ଧ୍ୟାନ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରର ଉପସ୍ଥିତି ଆମକୁ ଅନ୍ୟ ଏକ ରାଜ୍ୟକୁ ନେଇଗଲା । ବୁଲି ଦେଖିଲୁ ଅତି ମନୋରମ ପରିକଳ୍ପନାକୁ । ବିବେକାନନ୍ଦଙ୍କ ପ୍ରତି ଭାରତବାସୀଙ୍କର ଶ୍ରଦ୍ଧାର ବିଶେଷ ନିବେଦନ ଏହି ଶିଳା ମନ୍ଦିର । ସେହି ଅନ୍ଧକାରମୟ ଯୁଗରେ ଅନ୍ଧବିଶ୍ୱାସ, ଜଡ଼ତା, ଅବିଶ୍ୱାସ, ପରସ୍ପର କଳହରେ ଭାରତ ତାର ଉଜ୍ଜ୍ୱଳ ଅତୀତକୁ ହରାଇ ବସିଥିଲା । ଅକ୍ଲାନ୍ତ ଚେଷ୍ଟା, ପରିଶ୍ରମ, ପ୍ରଚାର ଓ ସେବା ବଳରେ ଭାରତୀୟଙ୍କ ମନରେ ଆଶାର ଆଲୋକ ଆଣିଦେଲେ ସ୍ୱାମୀ ବିବେକାନନ୍ଦ ।

ସ୍ୱାମୀଜୀ କହିଥିଲେ—"ମଣିଷ ଭିତରେ ଯେଉଁ ସ୍ୱାଭାବିକ ଶକ୍ତି ରହିଛି, ତାହାର ବିକାଶ ସାଧନ ହିଁ ଧର୍ମ । ଅନନ୍ତ ଶକ୍ତି କୁଣ୍ଡଳୀବଦ୍ଧ ହୋଇ ଏହି କ୍ଷୁଦ୍ର ଦେହ ଭିତରେ ରହିଛି । ସେହି ସଂହତ ଶକ୍ତି ଧୀରେ ଧୀରେ ବିସ୍ତୃତି ଲାଭ କରୁଛି । ବିଭିନ୍ନ ଦେହ ଧାରଣ କରି ଏହା ନିଜକୁ

Digitized by srujanika@gmail.com

ବିକଶିତ କରିବାକୁ ଚାହେଁ । ଯେଉଁସବୁ ଦେହ ଏହି ବିକାଶ ପାଇଁ ଅନୁପଯୁକ୍ତ ସେସବୁ ଦେହକୁ ତ୍ୟାଗ କରି ଉନ୍ନତତର ଦେହ ଗ୍ରହଣ କରେ । ଏହା ହିଁ ହେଲା ମଣିଷର ଇତିହାସ—ଧର୍ମ, ସଭ୍ୟତା, ପ୍ରଗତିର ଇତିହାସ । ଯାହା ଆମକୁ ବଳବାନ କରେ ତାହା ହିଁ ଶୁଭ । ତାହା ହିଁ ଶ୍ରେଷ୍ଠ । ଶୁଭ ହିଁ ଜୀବନ । ଅଶୁଭ ମୃତ୍ୟୁ ସ୍ୱରୂପ । ପ୍ରତ୍ୟେକ ମଣିଷ ଦିବ୍ୟ ସ୍ୱଭାବ ସମ୍ପନ୍ନ । ଯେତେ ଜଘନ୍ୟ ଚରିତ୍ର ହେଲେ ମଧ୍ୟ ମନୁଷ୍ୟର ଅନ୍ତର୍ନିହିତ ଦେବତ୍ୱର ବିନାଶ ନାହିଁ । ତୁମେ ଅନନ୍ତ ଆତ୍ମା; ତୁମେ ଦିବ୍ୟାତ୍ମା ।''

ସ୍ୱାମୀଜୀଙ୍କର ବଜ୍ର ନିର୍ଘୋଷରେ ସୁପ୍ତ ଭାରତ ନିଦ୍ରାରୁ ଜାଗିଉଠିଲା । "'Arise, Awake and stop not till the goal is reached''. ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ୟ ବରାନ୍ ନିବୋଧତ । ''ଉଠ, ଜାଗ'', ନିରନ୍ତର ଚେତନାର ବାଣୀ ଶୁଣାଗଲା ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ । ବିଶ୍ୱ ଧର୍ମ ମହାସଭାରୁ ଫେରି ସେ ସିଂହ ଭଳି ଭାରତର ଏ କଣରୁ ସେ କଣ ପର୍ଯ୍ୟନ୍ତ ଗର୍ଜନ କରିବାକୁ ଲାଗିଲେ । ସବୁଠାରୁ ବେଶୀ ସମ୍ବର୍ଦ୍ଧନା ପାଇଲେ ମାନ୍ଦ୍ରାଜରେ । ସିଂହଳର ଯାଫନାଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ଲୋକେ ତାଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇଉଠିଲେ । ରାମନାଥ-ପୁରମ୍‌ର ରାଜା ତାଙ୍କୁ ଶୋଭାଯାତ୍ରାରେ ନିଜ ନିବାସ ପର୍ଯ୍ୟନ୍ତ ନେଇ-ଯାଇଥିଲେ । ତାଙ୍କର ପଟ୍ଟଶିଷ୍ୟା ଭଗିନୀ ନିବେଦିତା ଭାରତର ସ୍ୱାଧୀନତା ସଂଗ୍ରାମକୁ ପ୍ରାଣ ଦେଇ ଅଗ୍ରଗାମୀ କରାଇଲେ । ଶ୍ରୀ ଅରବିନ୍ଦଙ୍କ ଅନୁପସ୍ଥିତିରେ ନିବେଦିତା ତାଙ୍କ ପତ୍ରିକା ଚଳାଉଥିଲେ । ଦିନରାତି କେବଳ ଚିନ୍ତା ଭାରତ କେମିତି ଅଗ୍ରସର ହେବ । ସ୍ୱାମୀଜୀ ତାଙ୍କର ସଂସ୍ଥାକୁ ସେବାବ୍ରତୀ କରାଇଦେଲେ । ଦୁଃସ୍ଥ, ଦରିଦ୍ର, ପୀଡ଼ିତର ସେବା ହିଁ ମାନବର ପ୍ରକୃତ ଧର୍ମ । ନବ ସନ୍ନ୍ୟାସୀମାନେ ସେବା ମନ୍ତ୍ରରେ ଦୀକ୍ଷିତ ହେଲେ । ନବ ଭାରତର ମୂଳ ପତ୍ତନ ହେଲା ।

ଏମିତି ଅନେକ କଥା ମନରେ ଆସିଲା ଶିଳା ମନ୍ଦିରକୁ ଦେଖି । ସେ ମହନୀୟ ଅଧ୍ୟାୟ ଭାରତର ଇତିହାସରେ ଅମର ହୋଇ ରହିବ । ପରବର୍ତ୍ତୀ କାଳର ମୁକ୍ତି ଯୋଦ୍ଧାମାନେ ବିବେକାନନ୍ଦଙ୍କ ବାଣୀ ଓ ଗୀତା ସାଙ୍ଗରେ ରଖୁଥିଲେ । ତାଙ୍କର ଜାତି ପ୍ରତି ଉଦ୍‌ବୋଧନ ହିଁ ମହାସଂଗ୍ରାମର ସୋପାନ ରଚନା କଲା ସ୍ୱାଧୀନତା ଲାଭ ନିମନ୍ତେ ।

Digitized by srujanika@gmail.com

କନ୍ୟାକୁମାରୀରେ ଦେଖିଲି "ବିବେକାନନ୍ଦ ସଭାଗୃହ" । ଶ୍ରୀମତୀ ରୁକ୍ମିଣୀଦେବୀ ବିଡ଼୍‌ଲାଙ୍କର କୀର୍ତ୍ତି । ଏହି ମହୀୟସୀ ଦେବୀ କେତେ ଯେ ଦାନ କରିଯାଇଛନ୍ତି ତାହାର ସୀମା ନାହିଁ । ଭିତରକୁ ଗଲି । ଦେଖିଲି ବହୁ ବିଶାଳ ତୈଳଚିତ୍ର ଭାରତର ବରପୁତ୍ରମାନଙ୍କର ସଭାଗୃହ ମଣ୍ଡନ କରି ବିରାଜମାନ । ରୁକ୍ମିଣୀ ଦେବୀଙ୍କ ବିଷୟରେ ଅନେକ କଥା ଶୁଣିଛି । ସେ କଲିକତାରେ ରହୁଥିଲେ । ଥରେ ଖୁବ୍ ଥଣ୍ଡା ପଡ଼ିଲା । ରାତିରେ ଶହ ଶହ କମ୍ବଳ ନେଇ ବିତରଣ ପାଇଁ ବାହାରିଲେ । ତାଙ୍କ ସେକ୍ରେଟାରି କହିଲେ ସକାଳେ ବିତରଣ କଲେ ହୁଅନ୍ତା ନାହିଁ । ସେ କହିଲେ ଗଭୀର ରାତିରେ ଗଲେ ବୁଝାଯିବ ପ୍ରକୃତରେ କେଉଁମାନଙ୍କର କମ୍ବଳ ଲୋଡ଼ା । ଫୁଟପାଥ୍‌ରେ ଅନେକ ଲୋକ ଶୀତରେ କମ୍ପୁଥାଆନ୍ତି । ସେମାନଙ୍କୁ କମ୍ବଳ ମିଳିଲା । ସେମାନେ ଧନ୍ୟ ଧନ୍ୟ କଲେ । ଏହିପରି ତାଙ୍କର ଅଗଣିତ ଦାନର ଦୃଷ୍ଟାନ୍ତ ଅଛି । ତାଙ୍କ ସ୍ୱାମୀ ବ୍ରିଜମୋହନ ହିନ୍ଦୁସ୍ଥାନ ମୋଟର କମ୍ପାନୀର ସର୍ବମୟ କର୍ତ୍ତା । ତାଙ୍କର ନଙ୍ଗା ସାଧୁଙ୍କ ପ୍ରତି ଘୃଣା । କିନ୍ତୁ ତାଙ୍କର ବାସଭବନର ବସିବା ଘରେ ସାଧୁମାନଙ୍କର ଆଡ୍‌ଡା ବସେ, ସେ ଅଫିସ ଚାଲିଗଲେ । ତାଙ୍କ ବଡ଼ଭାଇ ଓ ସ୍ତ୍ରୀ ରୁକ୍ମିଣୀ ଦେବୀଙ୍କର ସାଧୁମାନଙ୍କ ଉପରେ ଆସ୍ଥା ବେଶୀ । ସାଧୁମାନଙ୍କର ସେବା କରନ୍ତି ଏମାନେ । ଦିନେ ଅଫିସରୁ ଫେରି ସାଧୁମାନଙ୍କୁ ଦେଖି ବ୍ରିଜମୋହନ ଭୟଙ୍କର ରାଗିଯାଇ, ତାଙ୍କୁ ସବୁ ଘରୁ ବାହାର କରି-ଦେଲେ । ବଡ଼ଭାଇ କହିଲେ, ମୁଁ ଘରଛାଡ଼ି ଚାଲିଯିବି । ରୁକ୍ମିଣୀ ଦେବୀ କହିଲେ ମୁଁ "ଭୁଖ୍ ହରତାଳ" କରିବି । ବ୍ରିଜମୋହନ ଅଠାକାଠିଆରେ ପଡ଼ିଲେ । ଶେଷରେ ତାଙ୍କ ବସିବାଘର ନୂଆକାଗାରେ ତିଆରି କରା-ହେଲା । ପୁରୁଣା ବୈଠକଖାନା ସାଧୁମାନଙ୍କର ଆଡ୍‌ଡାସ୍ଥଳ ହୋଇ ରହିଲା । ଏହିପରି ଅନେକ କଥା ରୁକ୍ମିଣୀ ଦେବୀଙ୍କ ବିଷୟରେ ମୁଁ ଶୁଣିଥିଲି ।

ଆମେ କନ୍ୟାକୁମାରୀ ଛାଡ଼ିଲୁ । ରାମନାଥପୁରମ୍ ହୋଇ ପହଞ୍ଚିଲୁ ମଣ୍ଡପମ୍‌ରେ । ସେଠାରେ ରାତିବାସ କରି ଟ୍ରେନ୍‌ରେ ଗଲୁ ରାମେଶ୍ୱର । ମହୋଦଧି ଉପରେ ଟ୍ରେନ୍ ଚାଲିଲା ରାମେଶ୍ୱରମ୍ । ଅତି ମନୋମୁଗ୍ଧକର ଦୃଶ୍ୟ । ରାମେଶ୍ୱର ଶିବଙ୍କ ପୂଜା ଦେଇ ବିଶାଳମନ୍ଦିରର ଚତ୍ୱର ବୁଲି ଦେଖିଲୁ । କି ଅଦ୍ଭୁତ କାରୁକାର୍ଯ୍ୟ, ନିର୍ମାଣ କୌଶଳ ଓ ବିଶାଳ

Digitized by srujanika@gmail.com

ପରିକଳ୍ପନା । ମୁଗ୍ଧ ହୋଇ ଚାହିଁରହିଲୁ । ଶାନ୍ତ ସମୁଦ୍ର ମନ୍ଦିର ପାର୍ଶ୍ୱରେ ତାର ଲହରୀମାଳା ବିସ୍ତାର କରି ରହିଛି । ଅତି ପ୍ରସିଦ୍ଧ ମନ୍ଦିର ରାମେଶ୍ୱରଙ୍କର । କପାଟରେ ଲିଖିତ ସ୍ୱାମୀ ବିବେକାନନ୍ଦଙ୍କର ବାଣୀ ହସ୍ତାକ୍ଷର ସଂଯୁକ୍ତ ।

ସେଠାରୁ ଫେରିଲୁ ମଦୁରାଇ । ମୀନାକ୍ଷୀ ଦେବୀଙ୍କ ମନ୍ଦିର ପୃଥିବୀ ବିଖ୍ୟାତ । ବହୁ ମନ୍ଦିରର ଚୂଡ଼ା ଗଗନସ୍ପର୍ଶୀ ଓ ସ୍ୱର୍ଣ୍ଣମୁକୁଟଧାରୀ । ସେ ଶୋଭା ବିଶେଷଭାବରେ ଲକ୍ଷଣୀୟ ସୂର୍ଯ୍ୟ କିରଣରେ । ସୁନ୍ଦରେଶ୍ୱର ଶିବଙ୍କ ମନ୍ଦିର ମଧ୍ୟ ମୀନାକ୍ଷୀଙ୍କର ପାଖରେ ଅବସ୍ଥିତ । ଏହି ମନ୍ଦିର ବହୁ ପର୍ଯ୍ୟାୟରେ ବହୁରାଜାଙ୍କଦ୍ୱାରା ନିର୍ମିତ ହୋଇଥିଲା । ଏହାର ବିଶାଳତା ସର୍ବଜନବିଦିତ । ମଦୁରାଇରେ କିଛିଦିନ ରହିଲୁ । ତାପରେ ଫେରି ଆସିଲୁ ମାଦ୍ରାଜ ।

ଏଥର ପ୍ରତ୍ୟାବର୍ତ୍ତନର ସମୟ ଆସିଲା । ମାଦ୍ରାଜରେ କେତେକ ବନ୍ଧୁ ଓ ସହକର୍ମୀଙ୍କ ସହିତ ସାକ୍ଷାତ୍ କରି ଫେରି ଆସିଲୁ ଆମ କୁଟୀରକୁ । ଆମର ଅଳ୍ପଦିନର ଯାତ୍ରା ଅଳ୍ପକେ ସରିଗଲା ବୋଲି ମନେ ହେଲା । କିନ୍ତୁ ବିଭିନ୍ନ ସ୍ଥାନର ସ୍ମୃତି ମନକୁ ବେଶ ତାଜା କରି ରଖିଲା, ଅନେକ ଦିନ । ଦକ୍ଷିଣଭାରତର ସ୍ଥାପତ୍ୟ, ସଂସ୍କୃତି, ସଙ୍ଗୀତ, ନୃତ୍ୟ, ଗୀତ ଇତ୍ୟାଦି ବୈଚିତ୍ର୍ୟ-ମୁଖର । ସେଠାର ଜନଜୀବନରେ କଳାର ପ୍ରାଧାନ୍ୟ ଉଲ୍ଲେଖଯୋଗ୍ୟ । କେବଳ କଳାର ଆଦର ନୁହେଁ ଅନୁଶୀଳନରେ ଦକ୍ଷିଣ ଭାରତୀୟମାନେ ଅଗ୍ରଗାମି । ସେମାନଙ୍କର ପରିବାରରେ ସଙ୍ଗୀତ ଓ ନୃତ୍ୟର ଶିକ୍ଷା ବହୁଳ ପ୍ରସାରିତ । ନୃତ୍ୟଶିଳ୍ପୀମାନେ ଜଗତ୍ ବିଖ୍ୟାତ ହୋଇଛନ୍ତି ଭରତନାଟ୍ୟମ୍, କୁଚିପୁଡ଼ି ଇତ୍ୟାଦିରେ । ତ୍ୟାଗରାଜା ଦକ୍ଷିଣଭାରତୀୟ ସଙ୍ଗୀତ Compositionରେ ନିଜର ପରାକାଷ୍ଠା ଦେଖାଇ ଦେଇ ଯାଇଛନ୍ତି । ସ୍ଥାପତ୍ୟ ବିଦ୍ୟା ସେମାନଙ୍କର ମନ୍ଦିର ଗାତ୍ରରେ ବିକଶିତ ହୋଇ କାଳଜୟୀ ହୋଇଅଛି ।

ପୃଥିବୀର ପ୍ରଥମ ନାଟକ ଲିଖିତ ହୋଇଥିଲା "ଭାସ"ଙ୍କ ଦ୍ୱାରା । ସେତେବେଳେ ନାଟକର ପରିକଳ୍ପନା ଯୁଗାନ୍ତକାରୀ ଘଟଣା । "ସ୍ୱପ୍ନ-ବାସବଦତ୍ତା" ତାଙ୍କର ଅମର କୀର୍ତ୍ତି । ସାହିତ୍ୟରେ ସଂସ୍କୃତଭାଷାର ପ୍ରଭାବ

Digitized by srujanika@gmail.com

ଉଲ୍ଲେଖଯୋଗ୍ୟ । ତେଲୁଗୁ ଭାଷାରେ ଅନେକ ସଂସ୍କୃତ ଶବ୍ଦ ବ୍ୟବହୃତ ହୁଏ । ତାମିଲଭାଷାରେ ଓ ମାଲୟଲମ୍ ଭାଷାରେ ଅପେକ୍ଷାକୃତ କମ୍ ହେଲେ ମଧ୍ୟ ସଂସ୍କୃତର ପ୍ରଭାବ ସୁସ୍ପଷ୍ଟ । ଭାରତୀୟ ସଂସ୍କୃତିକୁ ଦକ୍ଷିଣ ଭାରତୀୟମାନେ କେବଳ ଯେ ରକ୍ଷା କରିଛନ୍ତି ତାହା ନୁହେଁ, ଏହାର ପ୍ରକୃଷ୍ଟ ଅଭିବୃଦ୍ଧି ମଧ୍ୟ ସାଧନ କରିଅଛନ୍ତି । ସେମାନଙ୍କର ଅବିଚଳ ନିଷ୍ଠା, ମନନ ଶକ୍ତି, ନିରଳସ ପ୍ରୟାସ ସେମାନଙ୍କୁ ସବୁକ୍ଷେତ୍ରରେ ଉନ୍ନତି ସାଧନ ନିମନ୍ତେ ସାହାଯ୍ୟ କରିଛି ।

ସେମାନଙ୍କର ଆଉ କେତେକ ଗୁଣ ମୁଁ ଲକ୍ଷ୍ୟ କରିଥିଲି ଭ୍ରମଣ ବେଳେ । ସେଠାର ଅନୁଶାସନ କଠୋର । ଶୃଙ୍ଖଳାଜ୍ଞାନ ପ୍ରବଳ । ନମନୀୟ ମନୋଭାବ ପ୍ରଶଂସନୀୟ । ସମାଜର ସର୍ବାଙ୍ଗୀନ ଉନ୍ନତି ଅନୁଶାସନ ଓ ଶୃଙ୍ଖଳା ଉପରେ ନିର୍ଭରଶୀଳ । ମାନ୍ଦ୍ରାଜରେ ଶୃଙ୍ଖଳାର ଚିତ୍ର ମୋ ମନରେ ଗଭୀର ରେଖାପାତ କରିଥିଲା । ସହରର ପରିଚ୍ଛନ୍ନତା ଆଦର୍ଶ ସ୍ଥାନୀୟ । ଏହା ସଂଘବଦ୍ଧ ଉନ୍ନତ ଆଚରଣର ପରିଚାୟକ । ସମାଜ-ଚେତନାର ଚିହ୍ନ ବିଶେଷ । ପରସ୍ପର ପ୍ରତି ସହାନୁଭୂତି ସେମାନଙ୍କର ସହାବସ୍ଥାନକୁ ବଳୀୟାନ୍ କରିଛି । ଗୋଷ୍ଠୀକନ୍ଦଳ କମ୍ । ଶାନ୍ତ ଶୃଙ୍ଖଳାର ବାୟୁମଣ୍ଡଳ ଉଲ୍ଲେଖଯୋଗ୍ୟ । ସରଳ ଜୀବନଯାପନର ପ୍ରୟାସ ପ୍ରଶଂସନୀୟ । ତୀବ୍ର ପ୍ରତିଯୋଗିତାର ମନୋଭାବ ଅପେକ୍ଷାକୃତ ବିରଳ ବୋଲି ମନେହେଲା । ବସ୍ତୁତଃ ସେମାନଙ୍କର ସମୂହଜୀବନ ସୁଖ ଶାନ୍ତିରେ ଗଢ଼ାବୋଲି ପ୍ରତୀୟମାନ ହେଲା । ଗୋଟିଏ ସର୍ବାଙ୍ଗସୁନ୍ଦର ଚିତ୍ର ମିଳିଲା ଦକ୍ଷିଣଭାରତ ଭ୍ରମଣରୁ । ମୋ ଜୀବନରେ ଏହାର ବିଶେଷ ଆବଶ୍ୟକତା ଥିଲା । କାରଣ ମୁଁ କେବଳ ଉତ୍ତର ଭାରତର ଜୀବନ ପ୍ରଣାଳୀରେ ଅଭ୍ୟସ୍ତ ଥିଲି । ଦକ୍ଷିଣ ଭାରତର ରୂପରେଖ ମୋ ମନରେ ଏକ ନବଦିଗନ୍ତ ଖୋଲିଦେଲା । ସରଳ ଜୀବନ ଯାପନ ଓ ସଂସ୍କୃତି ସାଧନ ଜୀବନକୁ କରେ ଅତ୍ୟନ୍ତ ମହିମାମୟ ; ଆଣେ ମାନସିକ ପ୍ରଶାନ୍ତି, ସ୍ଥିତିରେ ଶାନ୍ତି ଓ ପ୍ରାଣରେ ଉଦ୍‌ବେଗହୀନତା । ଏଗୁଡ଼ିକ ଆତ୍ମାର ପ୍ରଗତିପଥରେ ସହାୟକ । ଅବସର-ଜୀବନରେ ପ୍ରଣିଧାନ-ଯୋଗ୍ୟ ।

କିନ୍ତୁ ବର୍ତ୍ତମାନ ଜୀବନରେ ଅବସର କାହିଁ ? ଆଜ ଲାଇଟ ନାହିଁ ତ କାଲି ପାଣି ନାହିଁ । ପରଦିନ ବନ୍ଦ ଡାକରା । ଅନ୍ଧାରରୁ ଉଠି

Digitized by srujanika@gmail.com

ଅଫିସକୁ ଯାଅ ହାଜର ଦେବାକୁ । ସନ୍ଧ୍ୟାବେଳେ ଝୁଲ ଝୁଲ ଘରକୁ ଫେର । କୌଣସି ନା କୌଣସି ଗୋଳମାଳ ଲାଗିରହିଛି । ତାସହିତ ରହିଛି ଉତ୍‌କଣ୍ଠା ନାନା ପ୍ରକାରର । କିନ୍ତୁ ମହାନଗରୀ ଅଜଗର ବୃତ୍ତି ଅବଲମ୍ବନ କରିଅଛି । ସେ ଯେପରି ନିର୍ବିକ, ନିର୍ଲିପ୍ତ, ଅଜାତକ୍ରୋଧ, ଅଚଳ ମହାମେରୁ । ତା ଉପର ଦେଇ କେତେ ଝଡ଼ଝଞ୍ଜା ବହିଯାଇଛି ; କେତେ ଦୁର୍ଭିକ୍ଷର ପାଦଚିହ୍ନ, କେତେ ବିପ୍ଳବର ଉଗ୍ରତା, ପ୍ଲେଗଭଳି ମହାମାରିର ପ୍ରକୋପ, ଦେଶଭକ୍ତିର ଉନ୍ମତ୍ତତା, ସାମ୍ପ୍ରଦାୟିକ ଦଙ୍ଗା-ଫିସାଦ, ସାମ୍ରାଜ୍ୟର ଉତ୍‌ଥାନ ଓ ପତନ ; ତାହା ତୁଳନାରେ ବର୍ତ୍ତମାନର ସମସ୍ୟା କ୍ଷୁଦ୍ରାତିକ୍ଷୁଦ୍ର । ସେ ଦେଖୁଛି—

"ନଶ୍ୱର ନରର ଗରିମାର ଲୀଳା,
ପୁଣି ସେହି ଲୀଳା ଲାଗିଛି ଏଠାରେ
ପୁଣି ମତ୍ତ ନରେ ନଶ୍ୱର ବ୍ୟାପାରେ ।"

ଏହି ନଶ୍ୱର ଲୀଳାମଧ୍ୟରେ ଅବିନଶ୍ୱରର ଚିନ୍ତା ମଧ୍ୟ କେତେକ ପ୍ରାଣକୁ ଉଦ୍‌ବେଳିତ କରି ରଖେ । ଦିନେ ମୋର ବନ୍ଧୁ ଓ ସହକର୍ମୀ ଭବେଶ ବାବୁ କହିଲେ ଯେ ବଙ୍ଗଳା ଏକାଡେମି ଭବନରେ ଗୀତା ପ୍ରବଚନ ହେଉଛି । ପ୍ରବଚନ ଦେଉଛନ୍ତି ମହାପଣ୍ଡିତ ଓ ସୁଲଳିତ କଣ୍ଠର ଅଧିକାରୀ ଡ: ଗୋବିନ୍ଦ ଗୋପାଳ । ତାଙ୍କର ବିଦ୍‌ବତ୍ତା ଅତି ଗଭୀର । ଭବେଶବାବୁ ଓ ଜଣେ ମହାନ୍ତ ଆମ ସମୟରେ ଦର୍ଶନ-ଗ୍ରନ୍ଥ ହିସାବରେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କୁ କହିଲି ଯେ ସମୟ ସାଢ଼େଚାରିଟା । ସେତେବେଳକୁ ଅଫିସ ଛୁଟି ହୋଇ ନ ଥିବ । ଯିବି କେମିତି ?—"ଆରେ, ଅଫିସରୁ ଛୁଟି ନେଇ ଯିବେ । କାରଣ ପ୍ରବଚନ ତ ସରି ଆସିଲାଣି ।" ଠିକ୍ ସମୟରେ ଯାଇ ପହଞ୍ଚିଲି । ପ୍ରେକ୍ଷାଗୃହ ପ୍ରାୟ ପୂର୍ଣ୍ଣ । ଗୋଟିଏ ବସିବାଜାଗା ମିଳିଗଲା ; ବକ୍ତା ଆସି ପହଞ୍ଚିଲେ । ମଞ୍ଚରେ ସମାସୀନ ହୋଇ ପ୍ରାର୍ଥନା କରିବା ପରେ ପ୍ରବଚନ ଆରମ୍ଭ କଲେ । ମୁଁ ବହୁ ବହୁ ବର୍ଷ ଧରି ଗୀତା ପଢ଼ିଆସୁଅଛି । କିନ୍ତୁ ତାର ଗଭୀର ଅର୍ଥ ମୋ କ୍ଷୁଦ୍ର ମସ୍ତିଷ୍କରେ ପ୍ରବେଶ କରି ନ ଥିଲା । ଗୋବିନ୍ଦ ଗୋପାଳଙ୍କ ବ୍ୟାଖ୍ୟା ମୁଣ୍ଡର ଅନେକ ରୁଦ୍ଧ କୋଠରି ଖୋଲି ଦେଇ ସେଥିରେ ଆଲୋକର ଧାରା ପ୍ରବାହିତ କରିଦେଲା । ସମସ୍ତେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାଆନ୍ତି ତାଙ୍କ କଥାକୁ । ପ୍ରାୟ ଦୁଇଘଣ୍ଟା ପରେ ବକ୍ତବ୍ୟ

Digitized by srujanika@gmail.com

ଶେଷ ହେଲା ମାତ୍ର ଗୋଟିଏ ଅଧ୍ୟାୟର ଅଂଶବିଶେଷ । ଦେଖିଲି ସେ ଗୀତାର ବାଣୀକୁ ପ୍ରାଣେ ପ୍ରାଣେ ଉପଲବ୍ଧି କରିଅଛନ୍ତି । ଅନ୍ୟ ଶାସ୍ତ୍ର ସହିତ ତାର ସାମଞ୍ଜସ୍ୟ ସ୍ଥାପନ କରି ଗୂଢ଼ ରହସ୍ୟର ପ୍ରତିବେଦନ ପ୍ରକାଶ କରିଅଛନ୍ତି । ଉପସ୍ଥିତ ହୋଇ ନ ଥିଲେ ଗୀତା-ଜ୍ଞାନ ବାରିଧିର ଲହରିଟିଏ ମଧ୍ୟ ଦେଖିପାରି ନ ଥାନ୍ତି ।

ସେହିପରି ଗୋଲପାର୍କରେ ରାମକୃଷ୍ଣ ମିଶନର ସଂସ୍କୃତି-ଅନୁଷ୍ଠାନ (Institute of Culture) ଅଛି । ସେଠାରେ ବହୁ ଜ୍ଞାନୀ-ମାନଙ୍କର ପ୍ରବଚନ ଶୁଣିବାକୁ ପାଇଲି । ସେମାନଙ୍କର ଗହଣରେ ଆସିଲେ ମାନସିକ ମୁକ୍ତିର ସନ୍ଧାନ ମିଳେ । କ୍ଷୁଦ୍ରତାର ଗଣ୍ଡିରୁ କପୂତ୍ତ କାଳପାଇଁ ମନ ଗୋଟିଏ ବିଶାଳ ବାତାବରଣରେ ବିଚରଣ କରେ । ପ୍ରବଚନଗୁଡ଼ିକ ଯେଉଁ ଚିନ୍ତାରାଜ୍ୟରେ ଆବର୍ତ୍ତର ସୃଷ୍ଟି କରନ୍ତି ତାହାର ଲହରୀ ଅନେକ ଦିନ ପର୍ଯ୍ୟନ୍ତ ମନକୁ ଆବିଷ୍ଟ କରି ରଖେ । ସେଥିପାଇଁ ବିଦ୍ୟାର ପ୍ରକୃତ ଅର୍ଥ ହେଲା—

"ସା ବିଦ୍ୟା ଯା ବିମୁକ୍ତୟେ"—ଯାହା ମୁକ୍ତି ଦିଏ ତାହାହିଁ ବିଦ୍ୟା । ମାତ୍ର କେତେଜଣ ମୁକ୍ତିର ସନ୍ଧାନ କରୁଛନ୍ତି ? ଏହି ତେଲ ଲୁଣର ସଂସାରରେ ମୁକ୍ତି କଥା ଭାବିବାର କେତେଜଣଙ୍କର ବା ସମୟ ଅଛି । ତାଛଡ଼ା ବିଦ୍ୟା ସମସ୍ତେ ପଢ଼ନ୍ତି ଚାକିରି ପାଇଁ । ଚାକିରି ନ ହେଲେ ପଇସା ଆସିବ କେଉଁଠୁ ? ପେଟ ଚଳିବ କିପରି ? ସନ୍ନ୍ୟାସୀ ହେଲେ ମଧ୍ୟ ପେଟର ଜ୍ୱାଳା ତାଙ୍କର ଅଛି । କଥାରେ ଅଛି—

"ମାଳ ଠକ ଠକ ଭୋଜନ ଟାଣ
ଭୋକ କଲେ ଭାତ ପାଖକୁ ଆଣ ।"

ଚାକିରି ବା ବ୍ୟବସାୟର ପରିଧି କଲିକତାରେ ବ୍ୟାପୃତ ହୋଇଥିଲେ ମଧ୍ୟ ବେକାରିର ସମସ୍ୟା ପ୍ରବଳ । ଏହି ସମସ୍ୟା ଆମ ଦେଶର ଗୋଟିଏ ଅତି ଜଟିଳ ସମସ୍ୟା । ଜନସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ବେକାରି ବଢ଼ି ଚାଲିଛି । ଯୋଜନା ପରେ ଯୋଜନା ଚାଲିଛି । ମାତ୍ର କର୍ମସଂସ୍ଥାନ ସମୁଦ୍ରକୁ ଶଙ୍ଖେ ପଣା ପରି । ଥରେ ପଣ୍ଡିତ ନେହରୁଙ୍କୁ ଅନେକ ଦିନ ପୂର୍ବେ ଏପ୍ରଶ୍ନ ପଚରାଯାଇଥିଲା । ସେ ଏହି ସମସ୍ୟାର

Digitized by srujanika@gmail.com

ସମାଧାନ ନ କରିପାରି ଜର୍ଜରିତ ହୋଇ ପଡ଼ିଥିଲେ । ବିରକ୍ତ ହୋଇ ଉତ୍ତର ଦେଇଥିଲେ—"ମୈଁ ନୌକରି ତିନ୍ ହଜାର ଲୋଗୋଁକୋ ଦେ ସକତାହୁଁ । ପଚିଶ ହଜାର ଲୋଗୋଁକୋ ଦେ ସକତା ହୁଁ ; ପରନ୍ତୁ କରୋଡ଼ୋଁକୋ ନହିଁ ଦେ ସକତା ।" ମୋ ସହକର୍ମୀ କୁଳମଣି ବାବୁ ମତେ କହିଥିଲେ ଯେ ତାଙ୍କ ଅଧ୍ୟାପକ (ଆଲ୍ଲାହାବାଦର) ଈଶ୍ୱରୀପ୍ରସାଦ ଏକଥା ଶୁଣି ଉତ୍ତର ଦେଇଥିଲେ ଯେ ଆମେ ଯଦି ଆମ ସମସ୍ୟା ସମାଧାନ କରିପାରୁଥାଆନ୍ତୁ ତାହାହେଲେ ତୁମକୁ ପ୍ରଧାନ ମନ୍ତ୍ରୀ କରନ୍ତୁ କାହିଁକି ? ତୁମର କାମ ହେଲା ଆମ ସମସ୍ୟାର ସମାଧାନ କରିବା । ତାହା ଯଦି ତମେ ନ କରିପାର ତାହା ହେଲେ ରାସ୍ତା ଛାଡ଼ିଦିଅ । ଅନ୍ୟ କେହି ଚେଷ୍ଟା କରୁ । ଅଧ୍ୟାପକ କେଇଟି ପଦରେ ସାର କଥା କହିଦେଲେ ।

କିନ୍ତୁ ସବୁ ସାରବସ୍ତୁ ଆମ ଦେଶରେ ଅସାର ହୋଇ ପଡ଼ୁଛି । ଆମ ଦେଶର ଅନେକ ପଣ୍ଡିତ ଦୁନିଆକୁ ଆଲୋକ ଦେଖାଉଛନ୍ତି । ଅନେକ ବୈଜ୍ଞାନିକ ଆମେରିକାର "ନାସା"ରେ କାମ କରୁଛନ୍ତି । ଅନେକ କର୍ମକୁଶଳୀ "ଡୁବାଇ"ରେ ବହୁ ଅର୍ଥ ଉପାର୍ଜନ କରୁଛନ୍ତି । ତଥାପି ଆମ ଦେଶର ଏପରି ଦୁର୍ଗତି କାହିଁକି ? ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ଋଣ ନେଇ ଆମ ଦେଶରେ ବହୁ ପ୍ରଗତିମୂଳକ କାର୍ଯ୍ୟ କରାଯାଇଅଛି । ତଥାପି ଏତେ ହାହାକାର କାହିଁକି ? କାରଣ ସେହି ଟଙ୍କାର ପୂରାପୂରି ବିନିଯୋଗ ହୋଇ ପାରିନାହିଁ । ଅଧିକାଂଶ ଟଙ୍କା ବାଟମାରଣା ହୋଇଛି । ତାର ସାରମର୍ମ ଅନେକ ପୂର୍ବରୁ କବିବର ରାଧାନାଥ ଉପଲବ୍ଧି କରିଥିଲେ—

"ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନ ଥିଲେ ସବୁ ଅସାର ।"

ଆମର ନୂଆ ରାଷ୍ଟ୍ର ତିଆରି ହେବା ସଙ୍ଗେ ସଙ୍ଗେ, ଜାତିର ଚରିତ୍ର ଗଠନ ପାଇଁ କୌଣସି ପ୍ରଚେଷ୍ଟା ହୋଇନାହିଁ । ଅନୁଶାସନ ପ୍ରତି ରାଷ୍ଟ୍ରନେତା ଦୃଷ୍ଟି ଦେଇନାହାନ୍ତି । ଶୃଙ୍ଖଳାର ମୂଲ୍ୟବୋଧ ନାହିଁ । କର୍ତ୍ତବ୍ୟ-ପ୍ରାଧାନ୍ୟ ଆମ ଦେଶ ଶିଖିନାହିଁ । କର୍ତ୍ତବ୍ୟ ସାଧନର ମୂଳମନ୍ତ୍ର ଆମ ସମ୍ବିଧାନରେ ପ୍ରାଥମିକତା ଲାଭ କରିନାହିଁ । ପ୍ରଚଣ୍ଡ ଅବକ୍ଷୟ ହେବା ପରେ, ସେ ଦିଗରେ କ୍ଷୁଦ୍ର ଚେଷ୍ଟା ହୋଇଛି । ମାତ୍ର ସେତେ-

Digitized by srujanika@gmail.com

ବେଳକୁ ନେଇ ଗୁଡ଼ କହୁଣିକୁ ବୋହିଗଲାଣି । ପ୍ରଥମରୁ ପ୍ରୟାସ ହୋଇଛି ଲୋକଙ୍କର ଅଧିକାର (Rights) ଚେତନା ନିମନ୍ତେ । ବ୍ୟଷ୍ଟିର ଅଧିକାର ଲୋଭ ସମଷ୍ଟିର ହିତବୋଧକୁ ଭ୍ରୂକ୍ଷେପ ନ କରି ପ୍ରଚଣ୍ଡବେଗରେ ଆଗେଇ ଯାଇଛି ।

ସମସ୍ତେ ନିଜ ନିଜର ଅଧିକାର ପ୍ରସାର କରିବା ଲାଗି ବ୍ୟାକୁଳ । ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ବିରୁଦ୍ଧରେ ନିଜର ପ୍ରଭାବ ପ୍ରଦର୍ଶନ କରୁଛି । ଗୋଟିଏ ଜାତି ଅନ୍ୟ ଜାତି ବିରୁଦ୍ଧରେ ବିଷ ଉଦ୍‌ଗାର କରୁଛି । ବହୁ ସଂଖ୍ୟକ-ଗୋଷ୍ଠୀ ଅଳ୍ପ ସଂଖ୍ୟକ-ଗୋଷ୍ଠୀ ବିରୁଦ୍ଧରେ ଧାବମାନ । କିନ୍ତୁ କେହି ଦେଶର ହିତ ବିଷୟରେ ଚିନ୍ତିତ ନୁହନ୍ତି । ନିଜ କାମଟା ହେଲେ ହେଲା । ଦେଶ ନର୍କକୁ ଯାଉ । ସେଥିରେ କାହାର କିଛି ଯାଏ ଆସେ ନାହିଁ । ଏ ଭାବଧାରାର ଅପରିବୋଧ ପ୍ରାବଲ୍ୟ ସମୂହ-ଜୀବନକୁ କଣ୍ଟକିତ କରି ଦେଇଛି । ପ୍ରତ୍ୟେକେ ଏ ବିଷୟରେ ବୁଝିଲେ ମଧ୍ୟ ଜନ ଜୀବନର ଉନ୍ନତି ନିମନ୍ତେ ସର୍ବତୋଭାବେ ଚେଷ୍ଟିତ ନୁହନ୍ତି । ତଥାକଥିତ ବୁଦ୍ଧିଜୀବୀମାନେ କେଇଟା ପାର୍ଶ୍ୱପ୍ରାପ ଗୁଡ଼ ନିଜର ଗୁରୁଦାୟିତ୍ୱ ପାଳନ କରନ୍ତି । ଶୁଭକର୍ମରେ କାହାର ପ୍ରେରଣା ନାହିଁ । ଶୁଭ ବୁଦ୍ଧିରେ କାହାର ଆସ୍ଥା ନାହିଁ । ଶୁଭଚେଷ୍ଟାରେ କାହାର ଉଦ୍ୟମ ନାହିଁ । ଅର୍ଥାତ୍ ସମସ୍ତେ ବାକ୍ୟବୀର, କେହି କର୍ମବୀର ନୁହନ୍ତି ।

ଭାରତରୁ କେତେକ ଅଫିସର ଜାପାନଗସ୍ତରେ ଯାଇଥିଲେ । ସେଠାର ଅଭିବୃଦ୍ଧି ଦେଖି ଚମତ୍କୃତ ହୋଇ ପଚାରିଲେ—"ଆପଣଙ୍କ ଦେଶରେ ଯୁଦ୍ଧ ପରେ ଯେଉଁ ଧ୍ୱଂସ ହୋଇଥିଲା ତାହାର ଚିହ୍ନବର୍ଣ୍ଣ ନାହିଁ । ଅପରପକ୍ଷରେ ଉନ୍ନତିର ପରାକାଷ୍ଠା ଦେଖାଯାଉଛି । ମାତ୍ର ଆମ ଦେଶରେ ତ ଏପରି ହୋଇପାରି ନାହିଁ ।" ତାଙ୍କର ଅଫିସର ଜଣଙ୍କ ଉତ୍ତର ଦେଲେ—"ଆମେ କାମ କରୁ । ଆପଣମାନେ ଖାଲି କଥା କହନ୍ତି ।" ଏକାବେଳେକେ ସତ କଥା । କର୍ମ-ସଂସ୍କୃତି ଆମ ଦେଶରେ ଆଦୌ ପ୍ରାଧାନ୍ୟ ପାଇନାହିଁ । କର୍ମନୈତିକତା (work ethics) ଲକ୍ଷଣୀୟ ନୁହେଁ । ହେବ ବା କିପରି ? ତ୍ୟାଗଭାବ ଅପେକ୍ଷା ଭୋଗବିଳାସ ପ୍ରବଳ ଭାବରେ ଆଗେଇ ଯାଉଛି । କର୍ମ-ଆଦର୍ଶ ନେତାମାନଙ୍କ ମଧ୍ୟରେ ଦେଖାଯାଉନାହିଁ । ଭୋଗର ଆଧିକ୍ୟ ସର୍ବତ୍ର ଦୃଶ୍ୟ ହେଉଛି । କେବଳ

Digitized by srujanika@gmail.com

ତାହା ହୁହେଁ—"ମହାଜନୋ ଯେନ ଗତଃ ସ ପନ୍ଥା" । ଆମଦେଶର ଏବର ମହାଜନମାନେ ଅର୍ଥ ଠୁଳ କରିବାରେ ଦିନରାତି ବ୍ୟସ୍ତ । ସାମନ୍ତ ଓ ହୀନଜନମାନେ ସେମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନଙ୍କର କ୍ଷେତ୍ରରେ ଯେ କୌଣସି ପ୍ରକାରରେ ଅର୍ଥ କରିବାରେ ସଦା ଚେଷ୍ଟିତ । କାମ କରିବାର ଅବସର କାହିଁ ? ଉପରମହଲର ଲୋକ ତ କରୁଛନ୍ତି ସେଇଆ । ତେବେ ସେମାନେ କଲେ ଆପତ୍ତି କାହିଁକି ? ଆଗେ ଆଗେ ଯାହା ଲୁଗୁଛପାରେ ହେଉଥିଲା ତାହା ବର୍ତ୍ତମାନ ପ୍ରକାଶ୍ୟ ଦିବାଲୋକରେ ଚାଲିଛି । ପ୍ରତିବାଦ ନାହିଁ । ପ୍ରତିକାର ନାହିଁ । ଓଲଟା, ଅର୍ଥ ନ ଦେଲେ କାମ ହୁଏ ନାହିଁ—ଏହି ମତ ଲୋକେ ଶିଖିଗଲେଣି । ଦେଶ ଭୁଲବାଟରେ ଅନେକ ଦୂର ଆଗେଇ ଗଲାଣି । ଆଜି ନିର୍ବାଚନ—ତାହା କେବଳ ଅର୍ଥଭିତ୍ତିକ ଓ ମାଂସପେଶୀ-କ୍ଷମତାଭିତ୍ତିକ ହୋଇ ଉଠିଲାଣି । ଇଂରେଜୀରେ ଗୋଟିଏ କଥା ଅଛି—"Poisoning at the fountain's head." ନିର୍ଝରର ଉତ୍ପତ୍ତି ସ୍ଥଳରେ ହିଁ ବିଷପ୍ରୟୋଗ । ଏହି ବିଷ ଜନଜୀବନରେ ଏପରିଭାବରେ ପରିବ୍ୟାପ୍ତ ହୋଇ ଉଠିଲାଣି ଯେ ତାହାର ନିରାକରଣ ପ୍ରାୟ ଅସମ୍ଭବ ବୋଲି ମନେ ହେଉଛି । ମୁଁ ଭାବେ, ଏ ଜଟିଳ ସମସ୍ୟାର କଣ କୌଣସି ସମାଧାନ ନାହିଁ ? ସାରା-ଭାରତବର୍ଷ କଣ ଏପରି ପରିସ୍ଥିତିକୁ ନିରାସକ୍ତ, ନିର୍ବେଦ, ଉଦାସୀନ ଭାବରେ ମାନିନେବ ? ଚରିତ୍ରବତ୍ତାର ଉତ୍ଥାନ କ'ଣ ଭବିଷ୍ୟତର ଇତି-ହାସରେ ସ୍ଥାନ ପାଇବ ନାହିଁ ? ବହୁଦର୍ଶୀମାନେ କହନ୍ତି ଘୋର ଅମାନିଶାର ଅନ୍ଧକାର ପରେ ପ୍ରଭାତର ଆଲୋକସୂଚନା ଆସେ । ଏହାହିଁ ମନେ ହୁଏ ଆଶାର ପଦଧ୍ୱନି ବୋଲି ।

ଗୋଟିଏ ଆଲୋକ ଶିଖା ଅନ୍ୟ ଅନେକ ଶିଖାକୁ ଜଳାଇଦିଏ । ମାତ୍ର ସେଥିରେ ସେ ଶିଖାର ଆଲୋକ କମିଯାଏ ନାହିଁ । ସେହିପରି ବର୍ତ୍ତମାନ କଣ ଗୋଟିଏ ବୋଲି ଅଗ୍ରଣୀ ଆଲୋକ ଶିଖା ବାହାରିବ ନାହିଁ, ଅନ୍ୟ ଅନେକଙ୍କୁ ପ୍ରଜ୍ଜ୍ୱଳିତ କରାଇବା ? ଆମ ଦେଶରେ ନିଶ୍ଚୟ ଅନେକ ତ୍ୟାଗୀ ବୀର ଅଛନ୍ତି ଯେଉଁମାନେ ସେମାନଙ୍କର ଜୀବନ ଦେଶର ନୈତିକତାର ପୁନରୁଦ୍ଧାର ପାଇଁ ଅକ୍ଳେଶରେ ଦାନ କରିପାରନ୍ତି । ପ୍ରେରଣା ମିଳୁନାହିଁ କାହିଁକି ? କେଉଁଠି କଣ ଗୋଟାଏ ଅଭାବ ରହୁଛି ବୋଧହୁଏ । ପୁଞ୍ଜିଭୂତ ନୈରାଶ୍ୟ ନିଶ୍ଚୟ ସେହି ଶିଖାକୁ ପ୍ରଜ୍ଜ୍ୱଳିତ

Digitized by srujanika@gmail.com

କରିବ । ନୈତିକତା ପୁଣି ଜନଜୀବନରେ ତାର ହୃତ ଗୌରବ ଫେରି ପାଇବ । ଅବକ୍ଷୟର ସାମୟିକ ପ୍ରବାହ ନିଶ୍ଚୟ ବନ୍ଦ ହୋଇଯିବ । ଆମେ ବର୍ତ୍ତମାନର ଦୃଶ୍ୟରେ ଆବଦ୍ଧ ରହୁଛୁ । ଆମର ଦୃଷ୍ଟିକୁ ପାରିପାର୍ଶ୍ୱିକ ଘଟଣାବଳୀ ସୀମିତ କରି ରଖିଛି । କିନ୍ତୁ ସ୍ଥିର ମସ୍ତିଷ୍କରେ ଚିନ୍ତାକଲେ ଅକ୍ଳେଶରେ ଏହି କ୍ଷୁଦ୍ରଗଣ୍ଡି ଆମେ ଦୂରଦୃଷ୍ଟି ସାହାଯ୍ୟରେ ପାରହୋଇ ପାରିବା, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭାବି ଦେଖିଲି ଯେ ଏହି ଅବକ୍ଷୟ ବର୍ତ୍ତମାନ ଯୁଗରେ କେବଳ ଭାରତବର୍ଷରେ ନୁହେଁ, ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ପରିବ୍ୟାପ୍ତ ହୋଇଉଠୁଛି । ଖଣ୍ଡ ଖଣ୍ଡ ହୋଇପଡ଼ୁଛି ଏକତାବଦ୍ଧ ରାଷ୍ଟ୍ରରାଜି । ଛୋଟ ଛୋଟ ପ୍ରଦେଶ ନିଜର ସତ୍ତାପାଇଁ ଯୁଦ୍ଧ କରୁଛନ୍ତି । ବିଶାଳ ସୋଭିଏଟ୍ ରାଷ୍ଟ୍ର ପୃଥିବୀର ଗୋଟିଏ ବୃହତ୍ତ ଶକ୍ତି ହୋଇଥିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଓ ବିରୋଧଭାବ ଯୋଗୁ ତାର କ୍ଷୁଦ୍ର କ୍ଷୁଦ୍ର ଅଂଶଗୁଡ଼ିକ ନିଜର ସ୍ୱାଧୀନତା ନିଜେ ପ୍ରସ୍ତୁତ କଲେଣି । ଏକତାର ସ୍ଥାନ ଆସ୍ତେ ଆସ୍ତେ ଅପସରିଯାଉଛି । ବିଚ୍ଛିନ୍ନତାବାଦ ମୁଣ୍ଡ ଟେକି ଉଠୁଛି ସର୍ବତ୍ର । ବିଚ୍ଛିନ୍ନତାର ଧ୍ୱନି ଶ୍ରୀଲଙ୍କାରେ, ପଞ୍ଜାବରେ, କାଶ୍ମୀରରେ, ଆସାମରେ ଓ ଅନ୍ୟ ଅନେକସ୍ଥାନରେ । କ୍ଷୁଦ୍ରତା କଣ ଜୀବନର ମହତ୍ତ୍ୱକୁ ପରାଭବ କରି ରାଜତ୍ୱ କରିବ ? ଏହି ପ୍ରଶ୍ନ ଆଜିର ଜଗତରେ ବିଶେଷ ଭାବରେ ଉଚ୍ଚାରିତ ହେଲେ ମଧ୍ୟ ଏହା ମାନବ ଜାତିର ଉତ୍ଥାନ ପତନର ଇତିହାସ ସହିତ ଜଡ଼ିତ । ପୁରାଣର ଯୁଗରେ ମଧ୍ୟ କ୍ଷୁଦ୍ରାତିକ୍ଷୁଦ୍ର-ଭାବ-ବିଶିଷ୍ଟ ରାକ୍ଷସମାନେ ଦେବତାମାନଙ୍କୁ ବହୁବାର ଯୁଦ୍ଧରେ ବିପର୍ଯ୍ୟସ୍ତ କରି ନିଜର ପ୍ରଭୁତ୍ୱ ବିସ୍ତାର କରିଥିଲେ । ଇତିହାସରେ ମଧ୍ୟ ସେହିପରି ଲୋଲୁପ, ଧ୍ୱଂସକାରୀ ହିଂସ୍ର ନରଘାତକମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ । କିନ୍ତୁ ସେମାନେ ଗଲେ କୁଆଡ଼େ ? କାଳର ଅଜେୟ ପଦ-କ୍ଷେପରେ ସେମାନେ ବିଲୀନ । ସେମାନଙ୍କର ସାମ୍ରାଜ୍ୟ ଅବଲୁପ୍ତ । ସେମାନେ ମାନବଜାତିଦ୍ୱାରା ଉପେକ୍ଷିତ ଏକ କ୍ରୂର ସୃଷ୍ଟି ବୋଲି । ଇତିହାସର ପ୍ରବାହ ପ୍ରତି ଦୃଷ୍ଟି ଦେଲେ ଦେଖାଯାଏ ଯେ କ୍ଷୁଦ୍ରତା ଓ ମହତ୍ତ୍ୱ ମଧ୍ୟରେ ସଂଘର୍ଷ ବହୁକାଳର, ବହୁଯୁଗର । କ୍ଷୁଦ୍ରତାର ଆପାତ ବିଜୟ ହେଲେ ମଧ୍ୟ, ଅବଶେଷରେ ମହତ୍ତ୍ୱର ପ୍ରତିଷ୍ଠା ସର୍ବତ୍ର । ଏହାହିଁ

Digitized by srujanika@gmail.com

ସଭ୍ୟତାର ସୋପାନ ସୃଷ୍ଟି କରିଅଛି ମାନବଜାତିର ଅଗ୍ରଗତି ନିମନ୍ତେ । ଚେଷ୍ଟା ଐତିହାସିକ ସ୍ରୋତଉପରେ ନିର୍ଭର କରି ନିଜକୁ ସାନ୍ତ୍ୱନା ଦେଲି ।

ଏତିକବେଳେ ଖବର ଆସିଲା ଯେ ଆମର ବିତ୍ତମନ୍ତ୍ରୀ ଶ୍ରୀ ବିଶ୍ୱନାଥପ୍ରତାପ ସିଂ କଲିକତା ଆସିବେ । ଆମ ସମସ୍ତଙ୍କୁ ଉଦ୍‌ବୋଧନ ଦେବେ । କେଉଁଠୁ ଖବର ପାଇ ଶହ ଶହ ପତ୍ର-ପତ୍ରିକାର ରିପୋର୍ଟର ଆସି ହାଜର ହେଲେ । କେବେ ସଭା ହେବ କେଉଁଠି ହେବ ଇତ୍ୟାଦି ଟିପିନେଲେ । ବିତ୍ତମନ୍ତ୍ରୀ ଆସିବା ଦିନ ଏତେ ଭିଡ଼ ହେଲା ଯେ ଆମ ବିଭାଗୀୟ କର୍ମୀମାନଙ୍କୁ ଆଉ ବସିବା ସ୍ଥାନ ମିଳିଲା ନାହିଁ । ବହୁ ଲୋକ ଠିଆ ହୋଇ ରହିଲେ । ଶେଷରେ ମାନ୍ୟବର ମନ୍ତ୍ରୀ ପହଞ୍ଚିଲେ । ତାଙ୍କର ବକ୍ତବ୍ୟ ପ୍ରକାଶ କଲେ । ଲୋକେ ତାଙ୍କୁ ଖୁବ୍ ସମ୍ମାନ କରନ୍ତି । ସମସ୍ତେ ଆଗ୍ରହ ସହକାରେ ତାଙ୍କୁ ଶୁଣିଲେ । ଶେଷରେ ଉତ୍ତର ଦେବା ନିମନ୍ତେ ମୋତେ ଡକାପଡ଼ିଲା । ମୋର ବା କଣ ଜ୍ଞାନ ଅଛି ଯେ ମୁଁ ବିଶେଷ କୌଣସି ବସ୍ତୁ ଉପରେ ବକ୍ତୃତା କରିବି । ମୋର ସାଧାରଣ ଅଭିଜ୍ଞତାରୁ କେଇପଦ କଥା ମନ୍ତ୍ରୀଙ୍କୁ ନିବେଦନ କଲି ।

କହିଲି, ଆମେ ପିଲାଦିନେ ଅଙ୍କ କଷୁଥିଲୁ । ସେଥିରେ ଗୋଟିଏ ଅଙ୍କ ମୋ ମନକୁ ଖୁବ୍ ଧରିଥିଲା । ମାଙ୍କଡ଼ଟିଏ ଖମ୍ବ ଉପରେ ଚଢ଼ୁଛି । ଚାରିଫୁଟ ଉଠେ ତ ଦୁଇଫୁଟ ଖସେ । କାରଣ ଖମ୍ବଟି ଅତି ମସୃଣ । କିନ୍ତୁ ମାଙ୍କଡ଼ଟି ମଧ୍ୟ ବୁଦ୍ଧିମାନ । ଛାଡ଼ିବାର ଜନ୍ତୁ ନୁହେଁ । ଆମକୁ ଉତ୍ତର ଦେବାକୁ ହେବ ଯେ କେତେ ଘଣ୍ଟାରେ ସେ ଏତେ ଫୁଟ ଖମ୍ବ ଉପରକୁ ଉଠିଯିବ ।

ସେହିପରି କଳାଧନ କଥାରେ ଆମ ବିତ୍ତମନ୍ତ୍ରଣାଳୟର ସବୁ-ବେଳେ ମୁଣ୍ଡବିଥା । ତାର ଅଟକଳ ଅନେକ ଅର୍ଥନୀତିଜ୍ଞ, ବିଚକ୍ଷଣ ପଦାଧିକାରୀ, ମନୀଷୀ ଓ ଆୟୋଗ ବିଭିନ୍ନଭାବରେ ପ୍ରକାଶ କରିଅଛନ୍ତି । କିଏ କହୁଛି ମୋଟ ଷାଠିଏହଜାର କୋଟି ତ କିଏ କହୁଛି ବାର୍ଷିକ ୪୦ ହଜାର କୋଟି । କଳନାର ଅନ୍ତ ନାହିଁ । କଳାକୁ ଧଳା କରିବାର ପ୍ରୟାସ

Digitized by srujanika@gmail.com

ସରକାରଙ୍କର ଅବ୍ୟାହତ ରହିଛି । କିନ୍ତୁ ପ୍ରକଳ୍ପର ଫଳ ଅତି ନଗଣ୍ୟ । ଏପରିକି ହଜାରେ କୋଟିରେ ମଧ୍ୟ ପହଞ୍ଚି ପାରୁନାହିଁ ତ ଷାଠିଏ ହଜାର କୋଟିକୁ ଧରିବ କିପରି । କଳାଧନର ସ୍ରୋତ ଧଳାଧନ ସହିତ ସମାନ୍ତରାଳ ଭାବରେ ପ୍ରବାହିତ ହେଲାଣି ।

ମୁଁ କହିଲି, ଜଣେ ଜଣେ ଲୋକଙ୍କ ଘର ଖାନତଲାସ କରି ଆମକୁ ମିଳିବ ବା କେତେ ? ବେଶୀ ହେଲେ କୋଟିଏ ବା ଦୁଇକୋଟି । କିନ୍ତୁ ଯେଉଁ ସବୁ ବସ୍ତୁ ଦୁର୍ମୂଲ୍ୟ ବା ବଜାରର ବାହାରେ ଲୁଚ ଛପାରେ ବିକି ହେଉଛି ବା ଯେଉଁ ଜିନିଷର ଉତ୍କଟ ଅଭାବ ଦେଶରେ, ସେଗୁଡ଼ିକ ଯେଉଁମାନେ ସରବରାହ କରୁଛନ୍ତି, ତିଆରି କରୁଛନ୍ତି, ବଜାରରେ ବିକ୍ରି କରୁଛନ୍ତି—ଅର୍ଥାତ୍ ଯେଉଁମାନେ ଏହି ବ୍ୟବସାୟରେ ଓତପ୍ରୋତ ଭାବରେ ଜଡ଼ିତ ସେମାନଙ୍କର ଗୋଟିଏ ତାଲିକା ପ୍ରସ୍ତୁତ କରାଯାଉ, ସମଗ୍ର ଦେଶ ପାଇଁ, କେବଳ ଅଞ୍ଚଳ ପାଇଁ ନୁହେଁ । ସେଥିରେ ଯେଉଁମାନେ ଯୁକ୍ତ ଅଛନ୍ତି ତାଙ୍କର ପରିବାରର ତାଲିକା ଠିକଣା ଇତ୍ୟାଦି ପ୍ରସ୍ତୁତ କରାଯାଉ । ଏ ବିଷୟରେ ଗୋଟିଏ ଗବେଷଣାଗାର ପ୍ରତିଷ୍ଠା କରାଯାଉ । ସବୁ ଖବରା-ଖବର ସଂଗ୍ରହ କରି ସେହି ଗବେଷଣାଗାରରେ ଅତ୍ୟନ୍ତ ସନ୍ତର୍ପଣରେ ନିଭୃତରେ ସେଗୁଡ଼ିକ ପରୀକ୍ଷା କରାଯାଇ କେଉଁ କେଉଁଠାରେ ତଲାସି ଚଳାଇଲେ ଫଳପ୍ରଦ ହେବ ତାହାର କୌଶଳ ସ୍ଥିର କରାଯାଉ । ଏଥି ମଧ୍ୟରେ ସେହି ଲୋକମାନେ କେଉଁଠାରେ "ଲକର" ରଖିଛନ୍ତି, କେଉଁ ବ୍ୟାଙ୍କରେ ଟଙ୍କା ରଖିଛନ୍ତି ସେଗୁଡ଼ିକର ଖବର ମଧ୍ୟ ଠୁଳ କରାଯାଉ । ତାପରେ ସାରାଦେଶରେ ଏକା ଦିନେ ଏହି ବ୍ୟବସାୟ ସହିତ ଜଡ଼ିତ ପରିବାରମାନଙ୍କର ତଲାସି ନିଆଯାଉ । ଯଥା: ଗୋଟିଏ ବସ୍ତୁର ଦାମ୍ ବଢ଼ିଚାଲିଛି ଆପାତତଃ କୌଣସି କାରଣ ନ ଥିଲେ ମଧ୍ୟ । ଧରିନିଅ ସିମେଣ୍ଟ । ତାହାତ ଆମ ଦେଶଜ ପଦାର୍ଥରୁ ତିଆରି ହୁଏ । ତାହାର ଦାମ୍ ଲଗାମ-ଛଡ଼ା କାହିଁକି ହେବ ? ଦେଶରେ କଣ କଟକଣା ନାହିଁ ? ରାଜତ୍ବ ନାହିଁ ? ଯେ ଯାହା ଇଚ୍ଛା କରିଯିବ, ଆଉ ଆମେ ସବୁ ଜଳକାପରି ରହିଥିବୁ ? ତେଣୁ ଅନୁଶାସନ ଦରକାର । ଗୋଟିଏ ଦିନ ଚଢ଼ାଉ କର । ଅନ୍ତତଃ ହଜାର କୋଟି ଟଙ୍କା କଳାଧନ ମିଳିବ । ଏପରି କାର୍ଯ୍ୟାନୁଷ୍ଠାନ ଫଳରେ ଅବୈଧ କାରବାର ଉପରେ କଟକଣା ହେବ । ବ୍ୟବସାୟୀମାନଙ୍କର ବେପରୁଆ ମତି ଶୃଙ୍ଖଳିତ ହେବ । କେବଳ ସିମେଣ୍ଟ କାହିଁକି, ଘର

Digitized by srujanika@gmail.com

ତିଆରିର ଅନ୍ୟ ଅନେକ ଉପକରଣ ମଧ୍ୟ ସେହିପରି ଭାବରେ ବ୍ୟବହୃତ ହେଉଅଛି । ବିଶାଳ ଅଟ୍ଟାଳିକା ସବୁ ବଡ଼ ନଗରରେ ତିଆରି ହେଉଛି । କିନ୍ତୁ ତାର ମୂଳଧନର ପୂର୍ଣ୍ଣଚିତ୍ର ପ୍ରକାଶ ପାଉନାହିଁ । ସେଥିରେ ଯେ କେତେ କଳାଟଙ୍କା ଲାଗୁଛି ତାହାର କଳନା କରିହେବ ନାହିଁ । ଏହି କ୍ଷେତ୍ରରେ ମଧ୍ୟ ସେହିପରି କାର୍ଯ୍ୟାନୁଷ୍ଠାନ ବିଧେୟ । ଏଥିରୁ ହଜାର ହଜାର କୋଟି ଟଙ୍କାର ହିସାବ ବହିର୍ଭୂତ ଖବର ଜଣାଯିବ । ଏପରି ଗୋଟିକ ପରେ ଗୋଟିଏ ବ୍ୟବହାର୍ଯ୍ୟ ବସ୍ତୁର ସାର୍ବିକ ଅନୁସନ୍ଧାନ କଲେ ସମାଜରେ ଗଣ-ଚେତନା ଆସିବ । ସରକାର ପ୍ରକୃଷ୍ଟ ପନ୍ଥା ଅବଲମ୍ବନ କରି ଲଗାମ ଟାଣି ରଖୁଛନ୍ତି । ଯେ ଯାହା ଇଚ୍ଛା କରୁଛି ତାହା କରିପାରୁନାହିଁ । ସେଥିରେ ସାମାଜିକ ମୂଲ୍ୟବୋଧର ପ୍ରତିଷ୍ଠା ହେବ । ଜନସାଧାରଣ ମଧ୍ୟ ଉପକୃତ ହେବେ । ସବୁଠାରୁ ବଡ଼ କଥା ହେଲା କଳାଧନର କୁଟେଳୀମାନେ ଆଉ ବେଶୀଦିନ ଲୁଚକାଳି ଖେଳିପାରିବେ ନାହିଁ । ସେମାନେ ବାଧ୍ୟ ହୋଇ ସଦାଚରଣ କରିବେ । ଆଉ, ସବୁଠାରୁ ବଡ଼ କଥା ହେଲା ସରକାରଙ୍କର ଉଦ୍ଦେଶ୍ୟ ସାଧିତ ହେବ । କଳାଟଙ୍କା ଧଳା ହୋଇ ଆମର ବିଭିନ୍ନ ପ୍ରକଳ୍ପରେ ନିୟୋଜିତ ହୋଇ ଦେଶର ଉନ୍ନତି ସାଧନରେ ସାହାଯ୍ୟ କରିବ ।

ଦେଖିଲି, ମନ୍ତ୍ରୀ ମହୋଦୟ ଦୟାକରି ଲେଖି ନେଉଛନ୍ତି ମୋର କ୍ଷୁଦ୍ର ସୂଚନା ଗୁଡ଼ିକ । ମୁଁ ଅନୁପ୍ରାଣିତ ହୋଇ କହିବାକୁ ଲାଗିଲି ଆଉ ଗୋଟିଏ ବିଷୟରେ । ଅବଶ୍ୟ ପୁରୁଣା କଥା — ଚରିତ୍ର ଗଠନର । ଦେଶରେ ଅସାଧୁ କର୍ମଚାରୀମାନେ ସବୁ ଉଦ୍ଦେଶ୍ୟ ପଣ୍ଡ କରି ଦେଉଛନ୍ତି । ସରକାରଙ୍କର ନୀତି ପାଳିତ ହେଉନାହିଁ । ଲୋକେ ହଇରାଣ ହରକତ ହୋଇ ବିକଳରେ ଜୀବନ ଯାପନ କରୁଛନ୍ତି । ଅସାଧୁତାକୁ ଦୂର କରିବା କାଠିକର ପାଠ । କର୍ମଚାରୀ ନିଜର ଦୋଷକୁ ନ ସୁଧାରିଲେ କେବଳ ଆଇନବଳରେ ସାଧୁତା ଆରୋପଣ ପ୍ରାୟ ଅସମ୍ଭବ । କହିଲି, ଅସାଧୁ କର୍ମଚାରୀଙ୍କ ବିରୁଦ୍ଧରେ ସହସ୍ର କେଶ୍ ଚାଲିଛି ବିଭିନ୍ନ କୋର୍ଟ କଚେରିରେ । ପ୍ରମାଣ ଅଭାବରୁ ପ୍ରାୟ ସମସ୍ତେ ଖଲାସ ହୋଇ ଯାଉଛନ୍ତି, ମାତ୍ର କେତେ ଜଣଙ୍କ ଛଡ଼ା । ସରକାରଙ୍କର କେଶ୍‌ରେ ବହୁ ଖର୍ଚ୍ଚ ହେଉଛି । ଫଳ ଅତି ସାମାନ୍ୟ । ଅନ୍ୟ ଅସାଧୁ ଅଫିସରମାନେ ଏଥିରେ ବିଶେଷ ଉତ୍ସାହିତ ହେଉଛନ୍ତି । ଦିନକୁ ଦିନ ଅସାଧୁତା ବଢ଼ି ଚାଲିଛି

Digitized by srujanika@gmail.com

ସିନା, କମୁନାହିଁ । ଏହାର କିଛୁ ପ୍ରତିକାର ଅଛି । ଅନେକଗୁଡ଼ିଏ କର୍ମଚାରୀ ଅତି ସାମାନ୍ୟ ପ୍ରାପ୍ତିର ଆଶାରେ ଅନେକ ବେଶୀ ସୁବିଧା ବ୍ୟବସାୟୀମାନଙ୍କୁ ଦେଇ ଦିଅନ୍ତି । ଅସଲରେ ସେମାନେ ଖୁବ୍ ଡରୁଆ ଲୋକ । ତାଙ୍କୁ ସାବଧାନ କରିଦେଲେ, ସେମାନେ ଏପରି ଅଭ୍ୟାସରୁ ନିବୃତ୍ତ ହେବେ । ସରକାର ଯେଉଁ ବେନାମି ଚିଠି ପାଆନ୍ତି ତାକୁ ଗୁପ୍ତ କରି ନ ରଖି, ତାର ନକଲ କର୍ମଚାରୀଙ୍କୁ ଦେଇଦେବା ଦରକାର । ସେମାନେ ଜାଣନ୍ତୁ ତାଙ୍କ ବିଷୟରେ ଅନ୍ୟମାନେ କଣ ଲେଖୁଛନ୍ତି । ସେଥିରୁ ସେମାନେ ସାବଧାନ ହେବେ । ତାଙ୍କୁ ଚେତାଇ ଦିଆଯାଉ ଭବିଷ୍ୟତ ପାଇଁ । ଯଦି ତାଙ୍କର ଚରିତ୍ରରେ ଉନ୍ନତି ନ ହୁଏ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ପ୍ରାଥମିକ ସୋପାନରେ ବହୁ ଲୋକ ଅସତ୍‌ପଥରୁ ନିବୃତ୍ତ ହେବେ । ଯେଉଁମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନ ରହିବ ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉ । ପ୍ରଥମରୁ ଏ ବିଷୟରେ ପ୍ରଖର ଦୃଷ୍ଟି ଦରକାର । ତା ନ ହେଲେ ଏହି ରୋଗ ଏପରି ଭାବରେ ବ୍ୟାପ୍ତ ହେବ ଯେ (ଯାହା ଏବେ ଦେଖାଯାଉଛି) ତାହା କଣ୍ଟକଣାର ବାହାରକୁ ଚାଲିଯିବ । ସରକାରଙ୍କ ହାତ ଅତି ଲମ୍ବା । ବହୁ ଧରଣର ଉପାୟ ଅଛି ଶାସ୍ତି ବିଧାନର । ଯଥା: କୌଣସି କାର୍ଯ୍ୟ ନ ଦେବା । ମୋର ପ୍ରାରମ୍ଭିକ ଚାକିରି ଅମଳରେ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ଥିଲେ ଫଣିଭୂଷଣ ଚକ୍ରବର୍ତ୍ତୀ । ଜଣେ ବିଚାରପତିଙ୍କ ବିରୁଦ୍ଧରେ ଲାଞ୍ଚନେବାର ଅଭିଯୋଗ ପାଇଲେ । ସେ ନିଜେ ସତର୍କ ଦୃଷ୍ଟି ରଖିଲେ । ସବୁଆଡ଼ୁ ଖବର ନେଲେ । ସାମାନ୍ୟ ସତତା ଥିଲା ଅଭିଯୋଗରେ । ସେ ସେହି ବିଚାରପତିଙ୍କ ପାଖକୁ ବିଚାର ପାଇଁ ମାମଲା ପଠାଇଲେ ନାହିଁ । ବିଚାରପତି ଜଣକ ଅପମାନିତ ହୋଇ ଅବସର ଗ୍ରହଣ କଲେ । ଏପରି ଦୃଷ୍ଟାନ୍ତ ଦେଇ କହିଲି ଯେ ଅଭିଯୁକ୍ତ ଅଫିସରଙ୍କୁ ସରକାର ନିରସ୍ତ କରି ଦେଲେ ସମାଧାନ ହୋଇଯିବ ।

"ମୂଳକୁମାଇଲେ ଯିବ ସରି । ଦେବଙ୍କ ସଙ୍ଗେ କମ୍ପା କଳି ।"

ଏପରି ଦୃଷ୍ଟାନ୍ତ ଦେଖିଲେ ଅନ୍ୟ ଅଫିସରମାନେ ଖୁବ୍ ସାବଧାନ ହୋଇଯିବେ । ଦପ୍ତରରେ ନୂଆ ପବନ ବୋହିବ, ଅନ୍ୟମାନେ କ୍ରମେ କ୍ରମେ ସାଧୁତା ବରଣ କରିନେବେ । ମନ୍ତ୍ରୀଙ୍କ ମନକୁ ମୋ କଥା

ଘୋଷନ୍ତି । ପାଖରେ ରାଜସ୍ୱବୋର୍ଡ଼ର ମେମ୍ବର ବସିଥିଲେ । ତାଙ୍କୁ କଣ ସବୁ କହିଲେ । ସେ ଲେଖି ନେଲେ ।

ଆଜ ଦଶ୍ବଣ୍ଟା କଥା କହି ଗ୍ଲଲଆସିଲି । କଥାଗୁଡ଼ିକ କହି ମୋତେ ଖୁବ ହାଲୁକା ଲାଗିଲା । ମୋର ଅନ୍ତ ସାମାନ୍ୟ ସଞ୍ଚିତ ଅଭିଜ୍ଞତା ଲୋକଲୋଚନକୁ ଆଣିପାରିଛି । ଏଥର ଆନନ୍ଦରେ ବିଶ୍ରାମ ନେଇପାରିବି । କାରଣ ମୋର କାର୍ଯ୍ୟକାଳ ପ୍ରାୟ ପୂରି ଆସୁଥାଏ । ଦୀର୍ଘ ପଇଁତିରିଶ ବର୍ଷ ଧରି ଯେଉଁ ସବୁ ଚିନ୍ତା ମନରେ ଘାରି ହେଉଥିଲା ତାର କେତେ ଟିକିଏ ବା କହିବାର ଅବସର ମିଳିଲା । ସମୟ କମ୍ । ବକ୍ତବ୍ୟ ଅନେକ । ମାତ୍ର ସାରାଂଶ ହେଉଛି ବହୁମୂଲ୍ୟ । **Brevity is the soul of wit** । ଅନେକ ବିଷୟବସ୍ତୁ ଥିଲା । କେଜାଣି କାହିଁକି କହି ପାରିଲି ନାହିଁ ।

କିଛି ଦିନ ଆଗରୁ ପଢ଼ିଥାଏ ଜଣେ ସାମ୍ବାଦିକଙ୍କ ଲେଖା । ସେ Gunar Myrdal ଓ ତାଙ୍କ ସ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ । ଉଭୟେ ନୋବେଲ୍ ପୁରସ୍କାର ପ୍ରାପ୍ତ । **Myrdal** ଜଣେ ଉଚ୍ଚ କୋଟିର ଅର୍ଥ-ନୀତିଜ୍ଞ । **'Asian Drama'** ବହିଟି ତାଙ୍କର ବିଶେଷ ଅବଦାନ । ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ ସେ ନେହରୁଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ । ନେହରୁଙ୍କ ପ୍ରତି ତାଙ୍କର ଅନେକ ଶ୍ରଦ୍ଧା ଥିଲା । ଦେଖା ହେଲେ ସେ ନେହରୁଙ୍କୁ ଚେତାଇ ଦେଉଥିଲେ ଭାରତବର୍ଷରେ ଘୋର ଦୁର୍ନୀତି ବ୍ୟାପିଯାଉଛି । ସେ ବିଷୟରେ କଡ଼ା ଅନୁଶାସନ ନ କଲେ ଦେଶ ବିଶେଷ ବିପଦର ସମ୍ମୁଖୀନ ହେବ । କିନ୍ତୁ ଏ କଥାର କୌଣସି ଉତ୍ତର ନେହରୁ ଦେଉ ନ ଥିଲେ । **Myrdal** ବଡ଼ ହିନ୍ତାଶ ହେଉଥିଲେ । ସାମ୍ବାଦିକ ପ୍ରଶ୍ନ କଲେ ଯେ ଭାରତବର୍ଷର ଭବିଷ୍ୟତ ବିଷୟରେ ଏବେ ଆପଣଙ୍କର ମତ କଣ ? ସେ କହିଲେ ଦୁର୍ନୀତି ଓ ଅସାଧୁତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରି ତାକୁ ନିୟନ୍ତ୍ରଣରେ ନ ରଖିଲେ, ଦେଶର ଭବିଷ୍ୟତ ଅନ୍ଧକାର, ଏଥିରେ ସନ୍ଦେହ ନାହିଁ ।

ବିଶେଷଜ୍ଞମାନଙ୍କ ମତ ଏ ବିଷୟରେ ସୁସ୍ପଷ୍ଟ । ଏବେ ବି ସୁଧାରିବାର ବାଟ ଅଛି । କିନ୍ତୁ ସେ ବିଷୟରେ ଉଚ୍ଚସ୍ତରରେ ଗମ୍ଭୀର ଚିନ୍ତା-ଭାବନା ଓ ଆନୁଷ୍ଠାନିକ ପଦକ୍ଷେପର ଏକାନ୍ତ ଅଭାବ ଥିବାରୁ କୌଣସି ସୁଫଳ ହାସଲ ହୋଇ ପାରୁନାହିଁ । ଦେଶର ହିତାକାଙ୍‌କ୍ଷୀ

Digitized by srujanika@gmail.com

ସବୁ ଲୋକମାନେ ଏ ବିଷୟରେ ଗୋଟିଏ ଜନଜାଗରଣ କାର୍ଯ୍ୟକ୍ରମ ରଚନା କରି ଜନସାଧାରଣଙ୍କୁ ଚେତାଇ ଏକ ସୁସ୍ଥ ବାତାବରଣ ତିଆରି କରିବାର ଦୃଢ଼ ପଦକ୍ଷେପ ନେଲେ କିଛି ପରିମାଣରେ ଏ ଦିଗରେ ଅଗ୍ରଗତି ହୋଇ ପାରନ୍ତା । ଅସାଧୁ ବ୍ୟବସାୟୀ, କର୍ମଚାରୀ, ରାଜନୀତିଜ୍ଞ ଓ ଦୁଷ୍ଟ ଲୋକଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ଅହିଂସ ଆନ୍ଦୋଳନ କରାଗଲେ ଅସାଧୁତାର ପ୍ରକୋପ ସମାଜରେ ନିଶ୍ଚୟ ହ୍ରାସ ପାଆନ୍ତା । ସୁସ୍ଥ ପରମ୍ପରାର ସୋପାନ ମଧ୍ୟ ରଚିତ ହୁଅନ୍ତା । ସେଥିପାଇଁ ସକ୍ରିୟ ଗୋଷ୍ଠୀର ବିଶେଷ କର୍ମତତ୍ପରତାର ଆବଶ୍ୟକତା ରହିଛି । ସତ୍‌ଲୋକମାନଙ୍କର ଅଭାବ ନାହିଁ, ମାତ୍ର ସେମାନଙ୍କୁ ଏକତ୍ର କରି ଗୋଟିଏ ଯୋଜନାର ଅନ୍ତର୍ଭୁକ୍ତ କରି ନିର୍ଦ୍ଦିଷ୍ଟ ଦିଗରେ ପରିଚାଳିତ କରିବାର ଅନୁଷ୍ଠାନର ବା ପ୍ରକୃଷ୍ଟ ନେତାଙ୍କର ଅଭାବ ରହିଛି । ଆମେ ସମସ୍ତେ ମୁହଁରେ କହୁଛୁ, ମାତ୍ର କାର୍ଯ୍ୟରେ ପ୍ରତିବିଧାନ ନେବାରେ ବିମୁଖ ହୋଇ ରହୁଛୁ । ଫଳରେ ଅବାଧ ପ୍ରସାର ହେଉଛି ଦୁର୍ନୀତିର ଦେଶବ୍ୟାପୀ ।

ମନେହେଲା ଆଉ ଗୋଟିଏ ବିଷୟ ଏସବୁଠାରୁ ଅଧିକ ପ୍ରଣିଧାନଯୋଗ୍ୟ । ପ୍ରଗତିପଥରେ ମହାନ୍ ଦ୍ୟୋତକ ହେଉଛି—କର୍ମ-ପ୍ରେରଣା । ବହୁ ଯୁବକଙ୍କର କୌଣସି କର୍ମ ସଂସ୍ଥାନ ନାହିଁ । ସେମାନେ ବେକାର ହୋଇ ବସିଛନ୍ତି । ଆଳସ୍ୟରୁ ଆସୁରିକପ୍ରବୃତ୍ତିର ଜନ୍ମ । (**Idle brain is devil's workshop**) ବହୁ ବେକାର ଯୁବକ ଏକତ୍ର ରୁଣ୍ଡ ହେଲେ ନାନା କୁସଂକଳ୍ପ ସେମାନଙ୍କ ମନକୁ ଆସୁଛି । ସେମାନଙ୍କୁ କର୍ମରେ ନିୟୋଗ କଲେ ସେମାନେ ଦେଶର ଅସାମାନ୍ୟ ଉନ୍ନତି ସାଧନ କରିପାରନ୍ତେ । ଗୋଟିଏ ବିରାଟ ଯୁବଶକ୍ତି କର୍ମପ୍ରେରଣା ପାଇଲେ ସମାଜର ବହୁବିଧ ସମସ୍ୟାର ସମାଧାନ ହୋଇ ପାରନ୍ତା । କେବଳ ଯୋଜନା ହେଉଛି ବୋଲି କହି, ସେମାନଙ୍କୁ ସାନ୍ତ୍ୱନା ଦିଆଯାଇ ନ ପାରେ । ସ୍ୱଳ୍ପ-ସମୟଗତ ଯୋଜନା କରି ସେମାନଙ୍କୁ ନିୟୋଜିତ କରାଯିବା ଅତ୍ୟନ୍ତ ଜରୁରୀ । ଯେତେ ସମୟ ଗଲୁଯାଉଛି, ସେତିକି ଉତ୍କଟ ହୋଇ-ପଡୁଛି ବେକାରି ସମସ୍ୟା । ସମାଜ ହୋଇପଡୁଛି ଭାରାକ୍ରାନ୍ତ । ଏହାର ଆଶୁ ସମାଧାନ ଦରକାର । ବୃହତ୍ ପରିକଳ୍ପନା—ସମୟ-ସାପେକ୍ଷ; ସେଥିପାଇଁ ବହୁ ଅର୍ଥ ସଂକଳନ ଆବଶ୍ୟକ । ମାତ୍ର କ୍ଷୁଦ୍ରଶିଳ୍ପ ଓ ଆତ୍ମନିର୍ଭରଶୀଳ ଯୋଜନା ଏ ବିଷୟରେ ବାଟ ଖୋଲିଦେବ । ଅଧିକାଂଶ

Digitized by srujanika@gmail.com

ବେକାର ଯୁବକମାନଙ୍କୁ କିଛି ବୈଷୟିକ ପ୍ରଯୁକ୍ତି ଶିକ୍ଷା ଦେଇ (vocational training) ସେମାନଙ୍କୁ ଅର୍ଥ ଉପାର୍ଜନକ୍ଷମ କରାଯାଇପାରେ । ଏ ଦିଗରେ ସମୟୋପଯୋଗୀ ପଦକ୍ଷେପ ଜରୁରୀ । ଉଦାହରଣ ସ୍ୱରୂପ— ଘରମରାମତି କାମ, ମିସ୍ତ୍ରୀ କାମ, ରଙ୍ଗ କାମ, କାଠ କାମ, ଜଳନିଷ୍କାସନ କାମ, ପାଇପ କାମ, ଇଲେକ୍ଟ୍ରିକ କାମ ଇତ୍ୟାଦି ପାଇଁ ଦକ୍ଷ କର୍ମୀଙ୍କର ସମାଜରେ ବିଶେଷ ଅଭାବ ରହିଛି । ଯଦି ଗୋଟିଏ ଗୋଟିଏ ଗୋଟିଏ ଶ୍ରେଷ୍ଠ ସଂସ୍ଥା ତିଆରି କରି କର୍ମକୁଶଳୀମାନଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇ ପାରନ୍ତା ତେବେ ବେକାର ଯୁବକମାନଙ୍କର ଅର୍ଥାଗମ ସହିତ ଲୋକମାନଙ୍କର ବହୁ ଅସୁବିଧା ଦୂର ହୋଇପାରନ୍ତା । ଏ ଦିଗରେ ଦୃଢ଼ ପଦକ୍ଷେପମାନ ଅତିଶୀଘ୍ର ନିଆଯିବା ଉଚିତ । ଏପରି ଶିକ୍ଷାନୁଷ୍ଠାନମାନଙ୍କ ପାଇଁ ସରକାରଙ୍କର ଅତ୍ୟଧିକ ସମ୍ବଳ ଦରକାର ପଡ଼ିବ ନାହିଁ । ଶିକ୍ଷା ଦେବାପାଇଁ ବହୁ ଅବସରପ୍ରାପ୍ତ କୁଶଳୀ କର୍ମକ୍ଷମ ଲୋକ ମିଳିବେ । ଅଳ୍ପ ପାରିଶ୍ରମିକରେ ଏହି ଶିକ୍ଷା ସମ୍ପନ୍ନ ହୋଇ ପାରିବ । ଅଳ୍ପ ଦିନ ଭିତରେ କୁଶଳୀ କର୍ମୀବୃନ୍ଦ କାମ ପାଇଁ ପ୍ରସ୍ତୁତ ହୋଇ ପାରିବେ ।

ଥରେ ସମାଜରେ କର୍ମପ୍ରବଣତାର ବାତାବରଣ ସୃଷ୍ଟି ହୋଇ ପାରିଲେ, ଯୁବଶକ୍ତି ସଙ୍ଗଠନମୂଳକ କାମରେ ନିୟୋଜିତ ହୋଇ ଅସାଧ୍ୟ-ସାଧନ କରି ପାରନ୍ତେ । ଜାପାନ, ଜର୍ମାନୀ ଭଳି ଆମ ଦେଶରେ ମଧ୍ୟ କର୍ମପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇ ପାରନ୍ତା । ତାହା ନ ହେବା ପର୍ଯ୍ୟନ୍ତ ସମସ୍ୟାର ଆଶୁ ସମାଧାନର ଉପାୟ ନାହିଁ । ଯଦି କର୍ମର ଜୁଆର ବୁହାଇ ଦିଆଯାଇ ପାରେ ଆମ ଦେଶରେ, ତାହାହେଲେ ଆଉ କିଛି ଚିନ୍ତା କରିବାର ଦରକାର ପଡ଼ନ୍ତା ନାହିଁ । ଲୋକେ କାମରେ ଅନୁପ୍ରାଣିତ ହୋଇ ଆଳସ୍ୟ ଓ କୁଚିନ୍ତା ପରିହାର କରନ୍ତେ । କାରଣ କାମ ଏତେ ଯେ, ବାଜେ କଥା ଭାବିବାର ଅବସର ରହନ୍ତା ନାହିଁ । ସମାଜର ବିଭିନ୍ନ ସ୍ତର ସ୍ୱତଃ ସଙ୍ଗଠିତ ହୋଇ ସୁନିର୍ଦ୍ଦିଷ୍ଟ ପଥରେ ପ୍ରବହମାନ ହୁଅନ୍ତା । ପଛରେ ପଡ଼ି ରହନ୍ତା କ୍ଷୁଦ୍ରାତି-କ୍ଷୁଦ୍ର କଳହ ମନୋବୃତ୍ତି, ଭେଦଭାବ, ବିରୋଧ ଓ ସଂଘର୍ଷ । ସତେ କଣ ଏପରି କେବେ ହୋଇପାରିବ ଆମ ଦେଶରେ; ନା ଏହା କେବଳ ଏକ କଳ୍ପନା ମାତ୍ର ? ଭାବିଭାବି ସମୟ କଟିଯାଏ ।

Digitized by srujanika@gmail.com

ପନ୍ଦର ଅଗଷ୍ଟ ଆସିଲା । ରାଜ୍ୟପାଳଙ୍କ ନିମନ୍ତ୍ରଣ ପତ୍ର ପାଇଲି । ସେଠାରେ ଯୋଗଦେଇ ଦେଖିଲି ଯେ ଜ୍ଞାନବାବୁ ସସ୍ତ୍ରୀକ ଆସିଛନ୍ତି । ତାଙ୍କ ସ୍ତ୍ରୀ ଲଳିତା ଘୋଷ ଜଣେ ସୁକଣ୍ଠୀ ଗାୟିକା । ବହୁ ଦିନ ପରେ ମୋତେ ଦେଖି ଜ୍ଞାନବାବୁ ଖୁବ୍ ଖୁସୀ ହେଲେ । ପୁଅକୁ କହିଲେ ରହିା ଆଣି ମୋତେ ପରିବେଷଣ କରିବା ପାଇଁ । କହିଲେ ତାଙ୍କ ପୁଅ ମଧ୍ୟ ତବଲା ଶିଖିଛି । ତାଛଡ଼ା ବ୍ୟବସାୟ କରେ । ଅନେକ ପୁରୁଣା କଥାସବୁ ମୋର ମନେ ପଡ଼ିଲା, ତାଙ୍କୁ ଜଣେଇଲି । ତାଙ୍କର ସଙ୍ଗୀତ-ଦୁନିଆ ସହିତ ଅଙ୍ଗାଙ୍ଗୀ ସଂଯୋଗ ଏବେ ମଧ୍ୟ ଅବିଚ୍ଛିନ୍ନ ରହିଛି । ବୟସ ଅନେକ ହେଲେହେଁ ସେ ବେଶ ସପ୍ରତିଭ ଦେଖାଯାଉଥିଲେ ।

ସେଠାରେ ଅନେକ ବଡ଼ବଡ଼ଆମାନଙ୍କର ଆଗମନ । ରାଜଭବନ ଭିତରେ ଗୋଟିଏ ସ୍ୱତନ୍ତ୍ର ପ୍ରକୋଷ୍ଠରେ ବ୍ୟବସ୍ଥା ହୋଇଥିଲା । ରାଜ୍ୟପାଳ ଆସି ପ୍ରତ୍ୟେକଙ୍କ ସହିତ କରମର୍ଦ୍ଦନ କଲେ । ଇଂରେଜ ଅମଳର ଦରବାର ହଲ୍ । ରାଜ୍ୟପାଳଙ୍କ ପାଇଁ ଗୋଟିଏ ଅତିସୁନ୍ଦର ବସିବାର ସ୍ଥାନ ଆଗରୁ ତିଆରି ହୋଇ ରହିଛି । ହଲ୍‌ଟି ଐତିହ୍ୟମଣ୍ଡିତ ସନ୍ଦେହ ନାହିଁ । ମାତ୍ର ଏତେ ବେଶୀ ନିମନ୍ତ୍ରିତ ଅତିଥିମାନଙ୍କ ନିମନ୍ତେ ଅପରିସର । ରୁଦ୍ଧ ବାତା-ବରଣ । ଖୋଲାମେଲା ଉଦ୍ୟାନ-ପରିବେଶର ଆକର୍ଷଣ ଅତ୍ୟନ୍ତ ଅଧିକ ।

ମନେ ପଡ଼ିଲା ପାଟନାରେ ସେତେବେଳେ ରାଜ୍ୟପାଳ ଥାଆନ୍ତି, ଶ୍ରୀ ଭଗବନ୍ତମ୍ । ଆମ୍ଭମାନଙ୍କୁ ନିମନ୍ତ୍ରଣ ପତ୍ର ଆସିଥିଲା । ଗୁରୁଦାସ ବାବୁ ଆମ ସମସ୍ତଙ୍କୁ ସାଙ୍ଗରେ ନେଇ ସେଠାରେ ହାଜର ହେଲେ । ଅନ୍ୟ ଅଫିସରମାନଙ୍କ ସହିତ ପରିଚୟ କରାଇ ଦେଲେ । ଶ୍ରୀ ଭଗବନ୍ତମ୍ ନିଜେ ଆସି ସମସ୍ତଙ୍କ ସହିତ ମିଳମିଶି କଥାଭାଷା ହେଲେ । ଟେବୁଲରୁ ଟେବୁଲକୁ ବୁଲି ବୁଲି ଯାଉଥାଆନ୍ତି, ସେଠାର ଉଦ୍ୟାନରେ ଫୁଲର ଶୋଭା ଦେଖିଲା ଭଳି, ଅତି ସଯତ୍ନ ରକ୍ଷିତ । ମୁକ୍ତ ଆକାଶ ତଳେ ସ୍ନିଗ୍ଧ ବାୟୁ ସେବନରେ ଆମ୍ଭେମାନେ ବିଶେଷ ଭାବରେ ଆପ୍ୟାୟିତ ହୋଇଥିଲୁ ।

ରାଜ୍ୟପାଳଙ୍କ ସେକ୍ରେଟେରି ଆସି ଆମ ପାଖରେ ବସିଲେ । ଗୁରୁଦାସ ବାବୁଙ୍କ ସହିତ ଆଗରୁ ପରିଚିତ । ଗୁରୁଦାସ ବାବୁ ପଚାରିଲେ ଆପଣଙ୍କର ରନ୍ଧାଘରେ ତ ବହୁବିଧ ଭୋଜ୍ୟର ବ୍ୟବସ୍ଥା ହେଉଥିବ ନିଶ୍ଚୟ । ରାଜ୍ୟପାଳଙ୍କ ସରକାରୀ ବ୍ୟବସ୍ଥା ଲୋଭନୀୟ, ସେଥିରେ ସନ୍ଦେହ

Digitized by srujanika@gmail.com

ନାହିଁ, ସତର ଉତ୍ତର ଦେଲେ, ଦେଲେ କଣ ହେବ ? ଆମ ଭାଗ୍ୟକୁ କିଛି ଜୁଟେ ନାହିଁ । ଗଣ୍ଡାଗଣ୍ଡା ନାତିନାତୁଣୀ ସବୁବେଳେ ରନ୍ଧାଘର ଉପରେ ଚଢ଼ାଉ କରୁଛନ୍ତି । ସେମାନଙ୍କ ପାଖରୁ କିଛି ବଞ୍ଚିଲେ ନା ଅନ୍ୟମାନେ ଖାଇବେ ? ତେଣୁ ଅନେକ ସମୟରେ ଅତିଥିମାନଙ୍କ ପାଇଁ କମ୍ ପଡ଼ିଯାଏ । ଆମକୁ ରନ୍ଧାଘର ତାଲାଦେଇ ରଖିବାକୁ ହୁଏ ବେଳେବେଳେ । ରାଜ୍ୟପାଳ ଅତି ସଜ୍ଜନ । ମାତ୍ର ଆଜକାଲିକାର ପିଲା ପିଚିକାଙ୍କ କଥା ନ କହିଲେ ଭଲ ।

ଆମ ଅଫିସ ଲୋକଙ୍କର ନୃତ୍ୟ, ଗୀତ, ଖେଳରେ ଶରଧା ବେଶୀ । ଅବସର ବିନୋଦନ କ୍ଲବର ବୈଠକ ଲାଗି ରହିଛି । ଅଫିସ ହଲରେ ରବୀନ୍ଦ୍ର ଜୟନ୍ତୀ, ନଜରୁଲ ସନ୍ଧ୍ୟା, ବନ୍ଧୁମିଳନ ଇତ୍ୟାଦି ପ୍ରାୟ ଲାଗିରହି-ଥାଏ । ରବୀନ୍ଦ୍ର ଭାରତୀର ଅଧ୍ୟାପକମାନଙ୍କୁ ଡକା ହୁଏ ବକ୍ତବ୍ୟ ରଖିବା ନିମନ୍ତେ, ଆଉ ବାର୍ଷିକ ଅଧିବେଶନ ହୁଏ ବଡ଼ ବଡ଼ ପ୍ରେକ୍ଷାଗୃହରେ । ସେଥିରେ ନାଟକ, ସଙ୍ଗୀତ, ରମ୍ୟନାଟିକା ଇତ୍ୟାଦି ବହୁଳ ଭାବରେ ସ୍ଥାନ ପାଏ । ଆମେଚର ସଂଘଦ୍ୱାରା ଆୟୋଜିତ ହେଲେ ମଧ୍ୟ କେତେକ ମଞ୍ଚସ୍ଥ ନାଟକ ଅତି ଉଚ୍ଚକୋଟିର ହୋଇଥାଏ । ଆମର ଅଫିସ୍‌ର କର୍ମଗୃହୀମାନେ ବିଶେଷ ଦକ୍ଷତା ପ୍ରଦର୍ଶନ କରନ୍ତି ସେଗୁଡ଼ିକରେ । ସାଂସ୍କୃତିକ ଅନୁଷ୍ଠାନ ପ୍ରାୟ ଲାଗି ରହିଥାଏ । କଲିକତାର ରୁଦ୍ଧବାୟୁରୁ ମୁକ୍ତି ମିଳେ ଏଗୁଡ଼ିକରେ ଯୋଗ ଦେଇ । ପ୍ରାଣର ସ୍ପନ୍ଦନ ମିଳେ ଏହି ଅନୁଷ୍ଠାନଗୁଡ଼ିକରେ । ଏବେ ମଧ୍ୟ କଲିକତାରେ ପ୍ରାଣ ଅଛି, ଜୀବନ ଅଛି । ମରିବାକୁ ଯାଉନାହିଁ କଲିକତା । ଟିକିଏ ଆଶ୍ୱସ୍ତ ହୁଏ ଏହିପରି ଭାବଭାବି ।

ଶୁଣିଥିଲି ଏଠାର ନାଟକ, ଯାତ୍ରା ଖୁବ୍ ଉନ୍ନତ ଧରଣର । ତେଣୁ କଲିକତା ଛାଡ଼ିବା ଆଗରୁ କେତେକ ବିଶେଷ ଅନୁଷ୍ଠାନ ଦେଖିଲି । ଗୋଟିଏ ସ୍ମରଣୀୟ ଯାତ୍ରା "କୁରୁକ୍ଷେତ୍ରେ କୃଷ୍ଣ" ଅଭିନୀତ ହୋଇଥିଲା ଏକ ବିଶିଷ୍ଟ-ଯାତ୍ରା-ସଂସ୍ଥାଦ୍ୱାରା "କଳାମଣ୍ଡପ" ପ୍ରେକ୍ଷାଗୃହରେ ସେକ୍ସପିଅର ସରଣିରେ । ବୃହଦାକାର ଯାତ୍ରା କିଭଳି ଆମ ମନକୁ ଆବିଷ୍ଟ କରି ରଖିଥିଲା ତାହା ଜାଣିପାରିଲି ଯେତେବେଳେ ତାହା ଶେଷ ହୋଇ ଗୀତାର ଶ୍ଲୋକର ଛନ୍ଦ କର୍ଣ୍ଣଗୋଚର ହେଲା—"ଯଦାଯଦାହି ଧର୍ମସ୍ୟ

Digitized by srujanika@gmail.com

ଗ୍ଲାନିର୍ଭବତି ଭାରତ........" ସ୍ୱରଧ୍ୱନି ସମ୍ପୂର୍ଣ୍ଣଭାବେ ଆବିଷ୍ଟ ହୋଇ ରହିଯାଇଥିଲା ମୋର ମନ । ସେହିପରି ଉତ୍ତର କଲିକତାର ବିଭିନ୍ନ ପ୍ରେକ୍ଷାଗୃହରେ ନାଟକରାଜି ଦେଖି ମନ ଭରିଯାଇଥିଲା । ଟିକେଟର ଦାମ୍ ଖୁବ୍ ବେଶୀ ହେଲେହେଁ ବେଶ କିଛି ଲୋକ ନାଟକରେ ଆଗ୍ରହୀ । କେତେକ ଦର୍ଶକ ମୋ ସହିତ ଆଲୋଚନା କଲେ "ବିଶ୍ରାମ ଅବକାଶ" ବେଳେ; ମୋ ସହିତ ଜଣାଶୁଣା ନ ଥିଲେ ମଧ୍ୟ ବିଦଗ୍ଧ ଦର୍ଶକର ସେଥିରେ କିଛି ଯାଏ ଆସେ ନାହିଁ । ସେମାନେ ନାଟକରେ ଅବଗାହୀ ।

ସାଂସ୍କୃତିକ ଚେତନାକୁ ବର୍ତ୍ତମାନ ଯୁଗର ଆବିଳ ଆବର୍ତ୍ତ ନଷ୍ଟ କରି ପାରିନାହିଁ । ସୂକ୍ଷ୍ମ ପ୍ରବୃତ୍ତିଗୁଡ଼ିକ ଏବେ ମଧ୍ୟ ଜାଗ୍ରତ ଅଛି ମନୁଷ୍ୟ ମନରେ । ଅଭାବ-କ୍ଲିଷ୍ଟ-ଜୀବନ ସେହି ପ୍ରବୃତ୍ତିକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିପାରିନାହିଁ । ମନୁଷ୍ୟର ଅଜେୟ ଚିତ୍ତବୃତ୍ତି ଚିରଉନ୍ମୁକ୍ତ ଚିରନ୍ତନ ସାଂସ୍କୃତିକ ଅମ୍ବରରେ ଭାସିବୁଲୁଛି । ସବୁବେଳେ କହିବୁଲୁଛି—ମୁଁ ମୁକ୍ତ ଆତ୍ମା, ଅବିନଶ୍ୱର, ଅପରାଜେୟ, ଦୁର୍ଦମନୀୟ, ଶାଶ୍ୱତ ଓ ସନାତନ ।

ଯେଉଁମାନଙ୍କ ସଂସ୍ପର୍ଶରେ ଆସି ଜୀବନର ବିରଳ ଝଲକରେ ଆଖି ଝଲସିଯାଇଛି ମୋର ଏହି କ୍ଷୁଦ୍ର ଜୀବନରେ, ସେଥିରୁ ଅନେକେ ଇହଧାମରୁ ବିଦାୟ ନେଇ ଚାଲିଯାଇଛନ୍ତି । ସର୍ବଶ୍ରୀ ଗିରନାରବନ୍ତ ବାବା, ଭାରତୀକୃଷ୍ଣ, ରାମରନୂଜୀ ମହାରାଜ, କାନାଇ ବାବୁ, ଗିରିଜା ବାବୁ, ବନ୍ଧୁବର ପ୍ରତାପ ଦାସ, ଭୁବନାନନ୍ଦ ମିଶ୍ର, ବିନାୟକ ମିଶ୍ର ଓ ଆଉ ଅନେକେ । ସେମାନେ ଛାଡ଼ିଦେଇ ଯାଇଛନ୍ତି ଗୋଟିଏ ଅଲିଭା ଛାପ ମୋ ମନରେ । ସେମାନଙ୍କ କଥା ମନେପଡ଼ିଲେ ମନ ଅଭିଭୂତ ହୋଇଯାଏ ଏକ ଅନନ୍ୟ ଅନୁଭୂତିରେ । ମୁଁ ସ୍ମୃତିକୁ କହେ—"ସ୍ମୃତି ! ତୁମେ ଦୁଆରଟା ଟିକିଏ ମେଲି କରିଦିଅ । ସେଇ ପୁରୁଣାକାଳର ସୁଗନ୍ଧ ଟିକକ ଆଉ ଟିକିଏ ଆହରଣ କରି ମୁଁ ଧନ୍ୟ ହୁଏ । କାରଣ ଏ କାଳର ଜୀବନରେ ଅଛି କେବଳ ବ୍ୟସ୍ତତା, ପରସ୍ପର ବିରୋଧିତା, ହିଂସା, ଦ୍ୱେଷ, କଳହର ଉନ୍ମତ୍ତ ନୃତ୍ୟ । ଦେଖି ଦେଖି, ଶୁଣି ଶୁଣି,

Digitized by srujanika@gmail.com

ପଢ଼ି ପଢ଼ି, ମନ ବିଷାକ୍ତ ହୋଇ ଉଠିଲାଣି । ତୁମେହିଁ କେବଳ ବଞ୍ଚି ଆଣ ପୁରାତନ ଅଭିଜ୍ଞତାର ମୋହମୟ ପ୍ରଲେପ, ବହୁ ସୁଖକର ଦୃଶ୍ୟ, ବହୁ ଅମର ଆତ୍ମାର ଅଜେୟ ବାଣୀ । ସେସବୁର ପ୍ରଭାବରେ ମନ ପୁଣି ଉତ୍ଫୁଲ୍ଲ ହୋଇ ଉଠେ ।

ମନେହୁଏ ସବୁ କିଛି ଶେଷ ହୋଇନାହିଁ । ଜୀବନ ଧାରଣର ଉପାୟ ଏବେ ମଧ୍ୟ ଅଛି—ବଡ଼ କାଠର, ବଡ଼ ମାପର, ବଡ଼ ମନର ଅଧିକାଂଶ ଅପରାଜେୟ ପୁରୁଷମାନଙ୍କୁ ମନେ ପକେଇବାରେ ।

"ଯୋ ବୈ ଭୂମା ତତ୍ ସୁଖଂ
ନାଲ୍ପେ ସୁଖମସ୍ତି ।"

ଯାହା ବିଶାଳ, ମହତ୍, ସର୍ବବ୍ୟାପ୍ତ, ସର୍ବସନ୍ନିବିଷ୍ଟ ହୋଇ ଏହି ବିଶ୍ୱ ବ୍ରହ୍ମାଣ୍ଡକୁ ଶୃଜନା କରୁଛି, ସେଥିରେ ବୁଡ଼ିରହିଲେ, ସେ ବିଷୟରେ ଚିନ୍ତା କଲେ ଯିନା ସୁଖ ଆସିବ ମନରେ ; ହେଲେ ଅଳ୍ପତା ବା କ୍ଷୁଦ୍ରତାରେ ସୁଖ ନାହିଁ ।

Digitized by srujanika@gmail.com